ଦର୍ପଣ

ଦୀପ୍ତିରଞ୍ଜନ ପଟ୍ଟନାୟକ

Digitized by srujanika@gmail.com

ଦର୍ପଣ

ଦୀପ୍ତିରଞ୍ଜନ ପଟ୍ଟନାୟକ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦବିହାରୀ, କଟକ-୨

Digitized by srujanika@gmail.com

ଦର୍ପଣ
Darpana

ଲେଖକ : ଦୀପ୍ତିରଞ୍ଜନ ପଟ୍ଟନାୟକ
Author : Dipti Ranjan Pattanaik

ପ୍ରକାଶକ
ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ
ପ୍ରତିଷ୍ଠାତା : ସହଦେବ ପ୍ରଧାନ
Publisher
Friends' Publishers, Binodbehari
Cuttack-753 002, Odisha (India)
Founder : Sahadev Pradhan

ପ୍ରଥମ ସଂସ୍କରଣ : ୨୦୧୯
First Edition : 2019

ପ୍ରଚ୍ଛଦ : କୁନାସରୋଜ
Artist : Kunasaroj

ଅକ୍ଷରସଜ୍ଜା : ଓମ୍ ଡିଟିପି ସେଣ୍ଟର, କଟକ
Typeset : Om DTP Centre, Cuttack

ମୁଦ୍ରଣ : କହ୍ନେୟା ପ୍ରିଣ୍ଟର୍ସ, କଟକ
Printer : Kanheya Printers, Cuttack

ISBN 81-7401-933-2

Price : ₹ 125

Digitized by srujanika@gmail.com

ଉତ୍ସର୍ଗ

ପରିଣତ ବୟସରେ ମୋ ଉତ୍ସାହକୁ ବଳ ଦେଉଥିବା ନାରୁଭାଇ (ନାରୁ ମହାନ୍ତି) ମୁନାଭାଇ (ସୁଧାଂଶୁ ଶେଖର ଭୂୟାଁ) ଓ ଅଜୁଭାଇ (ଅଜୟ କୁମାର ମିଶ୍ର)ଙ୍କୁ...

ଦୀପ୍ତିରଞ୍ଜନ

Digitized by srujanika@gmail.com

Digitized by srujanika@gmail.com

ସୂଚୀପତ୍ର

- ଅଗ୍ରଲେଖ ୧
- ଦର୍ପଣ ୩
- କଳାକାର ୧୯
- ଅକୃତଜ୍ଞ ୩୧
- ଲଭ୍-ଜିହାଦ୍ ୪୪
- ଦୁର୍ଗାପୂଜା ୬୦
- ପଡ଼ୋଶୀ ୭୫
- ମନିଟର ୮୫
- ପଦ୍ମସୂତ୍ର ୧୦୧
- ଗଳ୍ପ ଲେଖିବାର କଳା ୧୧୩
- ଜଣେ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଜୀବନରେ ଗୋଟିଏ ଦିନ ୧୨୯
- ଉପନୟନ ୧୪୫
- କାଉନ୍‌ସେଲିଂ ୧୫୫
- ଶେଷ ସଂଳାପ ୧୬୭

Digitized by srujanika@gmail.com

ଦର୍ପଣ

ଦର୍ପଣ

Digitized by srujanika@gmail.com

ଅଗ୍ରଲେଖ

ବହୁବର୍ଷ ତଳେ ପଢ଼ିଥିଲି ରାମକୃଷ୍ଣ କଥାମୃତ । ଭାରି ଛୁଇଁଥିଲା ମୋତେ । ପରେପରେ ଶ୍ରୀରାମକୃଷ୍ଣ ଓ ବିବେକାନନ୍ଦଙ୍କ ସମ୍ପର୍କିତ ଗୁଡ଼ିଏ ପୁସ୍ତକ ସଂଗ୍ରହକରି ପଢ଼ିଲି । ଉଭୟଙ୍କର ଯେଉଁ ସମାନ ବିଶେଷତ୍ୱ ମୋତେ ସବୁଠାରୁ ପ୍ରଭାବିତ କରିଥିଲା, ତାହାହେଲା ଏକାଗ୍ରତା । ଏକାଗ୍ରତା ମାଧ୍ୟମରେ ଯେ ଅସାଧ୍ୟସାଧନ କରିହେବ ସେମାନଙ୍କର ଜୀବନ-ସାଧନା ତାହାର ଅନେକାନେକ ପ୍ରମାଣ ବହନକରେ । ଏବେ ମୋର ଉତ୍ସ ମନେନାହିଁ, କିନ୍ତୁ ଠାଏ ପଢ଼ିଥିଲି ରାମକୃଷ୍ଣ ଏକଦା ହନୁମାନ ସାଧନା ଆରମ୍ଭ କରିଥିଲେ । ସାଯୁଜ୍ୟ, ସାରୂପ୍ୟ ଇତ୍ୟାଦି ଆଧାତ୍ମିକ ସାଧନାର ବିଭିନ୍ନ ପାହାଚ ଅତିକ୍ରମ କରି ରାମକୃଷ୍ଣ ଏମିତି ସ୍ତରରେ ପହଞ୍ଚିଗଲେ ଯେ, ତାଙ୍କର ପଶ୍ଚାତ୍‌ଦେଶରୁ ଗୋଟିଏ ଲାଞ୍ଜ କଅଁଳିବାକୁ ଆରମ୍ଭକଲା ।

ଏଭଳି ଏକ ଆଖ୍ୟାନକୁ ବିଶ୍ୱାସ କରିଯିବାକୁ ମୋର ଆଧୁନିକ ହେତୁବାଦୀ ମନ କୁଣ୍ଠା ପ୍ରକାଶିତ କରିଥିଲା ସତ, ହେଲେ ଏହାକୁ ସମ୍ପୂର୍ଣ୍ଣ ଅର୍ଥହୀନ ଅତିଭାକ୍ତିକ ଗାଲୁଗପ ହିସାବରେ ମଧ୍ୟ ହେୟଜ୍ଞାନ କରି ପାରି ନଥିଲା । ଏହି ସନ୍ଦିଗ୍ଧ, ସମ୍ଭାବନା-ଉନ୍ମୁଖ ଅବସ୍ଥା ବୋଧହୁଏ ଜଣେ ଗାଳ୍ପିକର ସ୍ୱଧର୍ମ, ତାର ଭବିତବ୍ୟ, ଭାଗ୍ୟ । ଉଭୟ ଇନ୍ଦ୍ରିୟଲବ୍ଧ ଓ ଅତୀନ୍ଦ୍ରିୟ ସତ୍ୟର ବ୍ୟାଖ୍ୟାନକୁ ଚେତନାରେ ସହାବସ୍ଥାନ କରେଇବାକୁ ସୁଯୋଗ ଦେଇଥିବାରୁ ଏ ଘଟଣାର ବହୁବର୍ଷ ପରେ ଟେଲିଭିଜନ୍‌ରେ ଗୋଟିଏ ସିରିଏଲ୍ ମୋତେ ସମପରିମାଣରେ ଚମତ୍କୃତ କରିପାରିଥିଲା । ଏ ସିରିଏଲ୍‌ର ପ୍ରଯୋଜକ ଦାବି କରିଥିଲେ ଯେ ପ୍ରଦର୍ଶିତ ହେଉଥିବା ଘଟଣାଗୁଡ଼ିକ କୁହୁକୀୟ ମନେ ହେଉଥିଲେ ହେଁ ପ୍ରାମାଣିକ ଭାବରେ ସତ୍ୟ । ଯେଉଁଦିନ ମୁଁ ଆକସ୍ମିକ ଭାବରେ ଏ ସିରିଏଲ୍‌ର ଗୋଟିଏ ଏପିସୋଡ଼ ଦେଖୁଥିଲି ସେଦିନ ଜଣେ ନିଷ୍ଠାପର ହନୁମାନ ଭକ୍ତଙ୍କ ଜୀବନ ସମ୍ପର୍କରେ ପ୍ରାମାଣିକ ଦୃଶ୍ୟ ବର୍ଣ୍ଣନା କରାଯାଉଥିଲା । ସେଇ ଭଦ୍ରବ୍ୟକ୍ତିଙ୍କର ଥିଲେ ଚାରିଜଣ ସାବାଳକ ପୁତ୍ର । ପାଖାପାଖି ମଣିଷ ଭଳି ସେମାନଙ୍କର ଜୀବନଚର୍ଯ୍ୟା; କିନ୍ତୁ ସେମାନଙ୍କର ମୁହଁଗୁଡ଼ିକ ମାଙ୍କଡ଼ ଭଳି, ଠିକ୍ ଯେମିତି ହନୁମାନ ମୂର୍ତ୍ତି । ଅଧିକନ୍ତୁ ସେମାନଙ୍କର ଲମ୍ବାଲମ୍ବା ଲାଞ୍ଜଟିମାନ ଓହଳି ଥିଲା ପଶ୍ଚାତ୍‌ଦେଶରୁ । ସମ୍ପୂର୍ଣ୍ଣ ସ୍ୱାଭାବିକ ମଣିଷ ଜୀବନ ସେମାନେ ବଞ୍ଚି ପାରୁ ନଥିଲେ ସତ, ସେମାନଙ୍କର ତଥା ସେମାନଙ୍କ ମାତାପିତାଙ୍କର ସେଥିନେଇ କୌଣସି କ୍ଷୋଭ ନଥିଲା ।

Digitized by srujanika@gmail.com

ଏ ଦୁଇଟିଯାକ ଘଟଣା ସତ୍ୟ ବା ଅସତ୍ୟ ସେଥିନେଇ ଜଣେ ଗାଳ୍ପିକର ଚେତନା ଆନ୍ଦୋଳିତ ହେଉନଥିଲା । ବରଂ ଏଗୁଡ଼ିକ ଭିତରେ ମୁଁ ଏକ ପ୍ରତୀକାତ୍ମକ ସତ୍ୟ ଉଦ୍‌ଘାଟନ କରିପାରିଥିଲି । ଏହା ମୋତେ ଆଶାବାଦୀ କରିଥିଲା ଯେ, ଆଜିକାର ବସ୍ତୁନିଷ୍ଠ, ଉପଭୋଗସର୍ବସ୍ୱ, ବେଗବାନ୍, ଅହରହ ପରିବର୍ତ୍ତନଶୀଳ, ଯନ୍ତ୍ରାୟିତ, ତଥାକଥିତ ବିକାଶଶୀଳ ଜୀବନ ଓ ଦୁନିଆରେ ବି ଅଧ୍ୟାତ୍ମର ସ୍ପର୍ଶ ଅନୁଭବ କରିହେବ । ମୋ ଅଜାଣତରେ, ମୋର ଆକସ୍ମିକ ଅନୁଭବଗୁଡ଼ିକ, ନିରୁଦ୍ଦେଶ୍ୟ ସ୍ୱାଧ୍ୟାୟ, ଗଳ୍ପର ବୀଜ ତିଆରି କରୁଥିଲେ । ମୋର ପିଲାଦିନର ହୀରୋ ଦିଲ୍ଲୀପ ପଟ୍ଟନାୟକର ଅନ୍ୟ ପ୍ରତି ସଦା-ସମର୍ପିତ, ନିଃସ୍ୱାର୍ଥ ଜୀବନର ମାଟିରେ ମୁଁ ସେଇ ବୀଜ ବପନ କରିବାର ସୁଯୋଗ ପାଇଲି; ଦିଲ୍ଲୀପ ପଟ୍ଟନାୟକ ଏ ସଂସାରରୁ ବିଦାୟ ନେବାର ତିରିଶ ବର୍ଷପରେ । ଡାର୍‌ଉଇନଙ୍କ ବିବର୍ତ୍ତନବାଦର ବୈଜ୍ଞାନିକ ବ୍ୟାଖ୍ୟାନକୁ କଳାତ୍ମକ ଢଙ୍ଗରେ ଅସଜଡ଼ା, ଓଲଟା କରି ମୁଁ ଲେଖିଲି ଏକ କୁହୁକ-ବାସ୍ତବବାଦୀ ଗଳ୍ପ 'ବିବର୍ତ୍ତନ' ଯାହା ଝଙ୍କାର ପତ୍ରିକାରେ ପ୍ରକାଶିତ ହେଇଥିଲା । ସମୟ-ସାରଣୀର ବିଭିନ୍ନ ମୋଡ଼ରୁ, ଜୀବନର ବିଭିନ୍ନ ବିଶୃଙ୍ଖଳାରୁ ପରସ୍ପର ଅସଂଲଗ୍ନ ଚରିତ୍ରମାନଙ୍କରୁ, ଅସମ୍ପର୍କିତ ଜ୍ଞାନ-ଶୃଙ୍ଖଳାମାନଙ୍କରୁ ଉପାଦାନଗୁଡ଼ିକ ସଂଗ୍ରହକରି ତାକୁ କାର୍ଯ୍ୟ-କାରଣର କଳାତ୍ମକ ନିୟମରେ ବାନ୍ଧି ଦେଇପାରୁଥିବା ମହାନ ସର୍ଜନଶୀଳସତ୍ତା ହୁଏତ ଏହି ଗଳ୍ପ ପାଇଁ ମୋତେ ବିଭିନ୍ନ ସମୟରେ ପ୍ରସ୍ତୁତ କରୁଥିଲା । ବ୍ରହ୍ମାଣ୍ଡବ୍ୟାପୀ ସେଇ ସର୍ଜନଶୀଳସତ୍ତା ଏଇ ନିର୍ଦ୍ଦିଷ୍ଟ ଗଳ୍ପ ପାଇଁ ହୁଏତ ମୋତେ ମାଧ୍ୟମ କରିବାକୁ ଏଇ ଘଟଣାଗୁଡ଼ିକୁ ମୋର ଚେତନା ସମ୍ମୁଖରେ ଧରିରଖିଥିଲା । କେବଳ ଏଇ ଗଳ୍ପ କହିଲେ ହୁଏତ ଭୁଲ୍ ହେବ; ବରଂ ମୋର ସମୁଦାୟ ଗଳ୍ପ ଲିଖନ ପଛରେ ସୃଜନ ପ୍ରକ୍ରିୟାର ଏଇ ଆକସ୍ମିକତା ମୁଁ ଅନୁଭବ କରିଆସିଛି । କେତେବେଳେ କିଛି ଘଟଣା ତ କେତେବେଳେ ଅସାଧାରଣ ବ୍ୟକ୍ତିତ୍ୱ, ପୁଣି ଗଭୀର ଚିନ୍ତା ବା ଶକ୍ତିଶାଳୀ ଭାବ ଏଇଭଳି ଆକସ୍ମିକ ଭାବରେ ମୋର ସ୍ଥାଣୁତ୍ୱକୁ ପରାହତ କରି ଅଭିବ୍ୟକ୍ତି-ବ୍ୟାକୁଳ ହେଇଉଠିଛନ୍ତି । ସେଇ ଚିର ବିଦ୍ୟମାନ ସର୍ଜନ-ସତ୍ତା ଘଷିମାଜି ମୋତେ ଅତିକ୍ରମ କରି ସେମାନଙ୍କୁ ମୂର୍ତ୍ତ କରାଇବାରେ ସାହାଯ୍ୟ କରିଛି । ମୁଁ କେବଳ ମୂର୍ତ୍ତ ଓ ଅମୂର୍ତ୍ତ ଜଗତ ମଝିରେ ସେତୁଟିଏ ହେବାପାଇଁ ଚେଷ୍ଟା କରିଛି; ବେଳେବେଳେ ନିଜ ଦେହ, ମନ ଓ ଆତ୍ମାର ଅନ୍ୟାନ୍ୟ ପ୍ରବଳତର ଦାବିଗୁଡ଼ିକୁ ଉପେକ୍ଷାକରି । ଏହାକୁ ହିଁ ମୁଁ ନିଜର ଭାଗ୍ୟ ଓ ସ୍ୱଧର୍ମ ବୋଲି ଭାବିଆସିଛି ।

ଦୀପ୍ତିରଞ୍ଜନ

Digitized by srujanika@gmail.com

ଦର୍ପଣ

- "କି ଚମତ୍କାର ଅଭିନୟ ! ଯିଏ ପୋର୍ସିଆ ହେଇଥିଲା ! ତା' ନାଁ ବୋଧହୁଏ କ୍ଲାରା ?"

-ହଁ ।"

କାଲି ସନ୍ଧ୍ୟାର ନାଟକ ବିଷୟରେ ଆମେ ଆଲୋଚନା କରୁଥିଲୁ । ସେଣ୍ଟରର ଅନ୍ତେବାସୀମାନେ ମିଶି ମଞ୍ଚସ୍ଥ କରିଥିଲେ ସେକ୍ସପିଅରଙ୍କ ନାଟକ ଦ' ମର୍ଚାଣ୍ଟ ଅଫ୍ ଭିନିସ୍ । ମୁଁ ଆଗରୁ ଜାଣି ନ ଥିଲି ଏମିତି ଗୋଟେ ହବାକୁ ଯାଉଚି ବୋଲି । ଜାଣିଥିଲେ ବି ହୁଏତ କୌଣସି ଆଗ୍ରହ ପ୍ରକାଶ କରି ନଥାନ୍ତି । ପାଗଳ ରୋଗୀମାନେ ମିଶିକି ଡ୍ରାମା କରିବେ ଆଉ ମୁଁ ତାକୁ ଦଶପନ୍ଦର ଡଲାର ଦେଇ ଦେଖିବି ? କିନ୍ତୁ ମାର୍ଥା ମୋ' ପାଇଁ ଆଗରୁ ଟିକଟ କରିଦେଇଥିଲେ । କହିଲେ, ତମକୁ ଗୋଟେ ସରପ୍ରାଇଜ ଦେବି । ମୁଁ ଭାବିଥିଲି, ସିଏ ହୁଏତ ତାଙ୍କ ଘରକୁ ନେଇଯିବେ ଆଉ ହାତରନ୍ଧା ଇଣ୍ଡିଆନ ଡିନର ଖୁଆଇବେ । ତାଙ୍କର ଶୁକ୍ରବାର ଅଫ୍ ଡେ' ଥାଏ ତ, ତେଣୁ ଗୁରୁବାର ସନ୍ଧ୍ୟାରେ ମୋତେ କୁଆଡ଼େ ନା କୁଆଡ଼େ ବୁଲେଇ ନିଅନ୍ତି । ପାଖ ୟୁନିଭର୍ସିଟି ଲାଇବ୍ରେରୀ, ଡିପାର୍ଟମେଣ୍ଟ ଷ୍ଟୋର କି ମଲ୍ । କିନ୍ତୁ ମୁଁ ଆତୁର ହେଇ ଅପେକ୍ଷା କରିଛି କୋଉଦିନ ସିଏ ମୋତେ ଭାତ, ଡାଲି, ତରକାରୀ ନିଜ ହାତରେ ରାନ୍ଧିକି ଖୋଇବେ । ମୋ' ସହ ଘନିଷ୍ଠ ହେବାଦିନୁଁ ସିଏ ମୋତେ ଏଇ ପ୍ରତିଶ୍ରୁତି ଦେଇଆସିଛନ୍ତି । କହିଛନ୍ତି, ଜଣେ ଇଣ୍ଡିଆନ ଫାଦରଙ୍କଠଉଁ ସିଏ ଶିଖିଛନ୍ତି ଚମତ୍କାର ଇଣ୍ଡିଆନ କୁକିଂ । ଟିକେ ଫୁରୁସତ ପାଇଲେ ମୋତେ ସେ କୁକିଂର ନମୁନା ଦେଖେଇବେ । କିନ୍ତୁ ଗତକାଲି ସନ୍ଧ୍ୟାର ସରପ୍ରାଇଜ ସତରେ ସ୍ମରଣୀୟ ହେଇ ରହିବ । ହୁଏତ ମାର୍ଥାଙ୍କ ହାତରନ୍ଧା ଅପେକ୍ଷା ଅଧିକ ଆନନ୍ଦଦାୟକ ।

"ତମକୁ ଅଶେଷ ଧନ୍ୟବାଦ, ମାର୍ଥା । ତମେ ନ ଥିଲେ ଏଭଳି ଅନୁଭବ ମୁଁ ହୁଏତ କେବେ ବି ପାଇନଥାନ୍ତି ।"

"ତମେ ଜାଣ, ଯିଏ ନିର୍ଦ୍ଦେଶନା ଦେଇଥିଲେ, ସିଏ କୁଆଡ଼େ କିଛିଦିନ ଲଣ୍ଡନର ଗ୍ଲୋବ ଥିଏଟରରେ କାମ କରୁଥିଲେ । କ୍ଲାରାକୁ ଅଫର ଦେଇଛନ୍ତି ତାଙ୍କ ଭ୍ରାମ୍ୟମାଣ

Digitized by srujanika@gmail.com

ଥିଏଟର କମ୍ପାନୀରେ ଯୋଗଦେବାକୁ ।” ମୋ’କୃତଜ୍ଞତାକୁ ଅଣଶୁଣା କରି ମାର୍ଥା କହିଲେ ।

ମାର୍ଥା ସ୍ୱଭାବତଃ ଗପୁଡ଼ି । ଶୁକ୍ରବାର ଛୁଟିରେ ଥିଲେ ବି କେବଳ ମୋ ସହ ଗପିବା ପାଇଁ ସକାଳୁ ସକାଳୁ ଚାଲିଆସନ୍ତି ସେଣ୍ଟର । ଆମେ ସାଙ୍ଗ ହେଇ ଜଳଖିଆ ଖାଉ । କଫି ପିଉ । ଦୁନିଆଯାକର ଗପ ପେଡ଼ି ମେଲିଦିଅନ୍ତି ମାର୍ଥା । ତାଙ୍କର ଚାକିରି ଜୀବନ, ପରିବାର, ଷ୍ଟକ୍‌ବ୍ରିଜ ସହରର ଇତିହାସ, ସେଣ୍ଟରର ସ୍ମରଣୀୟ ଘଟଣାବଳୀ ଇତ୍ୟାଦି । ସବୁଯାକ ମୋର ଏ କାନରେ ପଶି ସେ କାନରେ ବାହାରିଯାଏ । ମୋର ଧାରଣା, ଗପୁଡ଼ି ସ୍ତ୍ରୀଲୋକମାନେ ଗୁଡ଼ାଏ ଅବାନ୍ତର କଥା କହିପକାନ୍ତି । ଭାରତ ହେଇଥିଲେ ମୁଁ ହୁଏତ ଯା’ଙ୍କୁ ଏଭଳି ପ୍ରଶ୍ରୟ ଦେଇ ନଥା’ନ୍ତି । କିନ୍ତୁ ଏଠାକାର ପରିବେଶରେ ମାର୍ଥା ହିଁ ମୋ’ ପାଇଁ ଏକମାତ୍ର ଇନ୍‌ସ୍ୟୁରାନ୍ସ, ପାଗଳାମି ବିରୋଧରେ । ଏଠାକାର ଡାକ୍ତର, ନର୍ସ, ପରିଚାରକ, ପରିଚାରିକା, ଅନ୍ତେବାସୀ, ସମସ୍ତେ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ, କାହାର କାହାରି ପାଇଁ ସମୟ ନାହିଁ । ସବୁବେଳେ ତ ମୁଁ ଆଉ ଲାଇବ୍ରେରୀରେ ବସି ପଢ଼ିପାରିବି ନାହିଁ । କାହା ସାଙ୍ଗେ ହେଲେ ସୁଖଦୁଃଖ ତ ଟିକେ ହବ । ନଇଲେ ଏ ଛୋଟ ସହରରେ ପାଗଳ ହେଇଯିବନି ମଣିଷ ?

ସହର ବୋଇଲେ ଅତୀତମୟ ଏକ ଅଭିଜାତ କ୍ଷୁଦ୍ର ଜନବସତି, ମଝିରେ ଏଇ ଧଳା କୋଠା, ଯେଉଁଠି ଏରିକ୍‌ସନ ଗବେଷଣାଗାରର କାର୍ଯ୍ୟାଳୟ, ଚାରିପଟର ଛୋଟବଡ଼ କୋଠାବାଡ଼ିରେ ବସବାସ କରୁଥିବା ମାନସିକ ରୋଗଗ୍ରସ୍ତ ଅନ୍ତେବାସୀ, ଅଠରଶ ତେୟାଳିଶ ମସିହାରୁ କାର୍ଯ୍ୟରତ ଗୋଟିଏ ବିଳାସମୟ ହୋଟେଲ, ଦୁଇଟି ବ୍ୟାଙ୍କ୍‌ର ଦୁଇଟି ଛୋଟ ଛୋଟ କାର୍ଯ୍ୟାଳୟ, ଗୋଟିଏ ପୋଷ୍ଟ ଅଫିସ, ପାହାଡ଼ ଉପରେ ବିରାଟ ଏକ ଚର୍ଚ୍ଚ ଓ ଗ୍ରୀଷ୍ମଋତୁରେ ମାଲିକମାନେ ଫେରିଆସିବାକୁ ଅପେକ୍ଷା କରିଥିବା ପଚାଶ ସରିକି ପରିତ୍ୟକ୍ତ ଘର । ସପ୍ତାହେ ଦୁଇ ସପ୍ତାହ ତ ଭାରି ଭଲ ଲାଗିବ । ପିଲାଙ୍କ ଡ୍ରଇଂ ଖାତାରେ ପ୍ରକୃତି ଚିତ୍ରଣ ଭଳି ସହରଟି । ହେଲେ, ତା’ ପରେ ନିସଙ୍ଗତାକୁ ମୁକାବିଲା କରିବା କାଠିକର ପାଠ ହେଇଯିବ । ଭାଗ୍ୟକୁ ଅଯାଚିତ ଭାବେ ମିଳିଗଲା ମାର୍ଥାଙ୍କ ବନ୍ଧୁତ୍ୱ । ବନ୍ଧୁତ୍ୱ ବୋଇଲେ ଆମେ ପ୍ରାୟ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏକାଠି ବ୍ରେକ୍‌ଫାଷ୍ଟ କରୁ । ସୁବିଧା ଥିଲେ ଗୁରୁବାର ସଞ୍ଜରେ ମାର୍ଥା ତାଙ୍କ ଷ୍ଟେସନ ୱାଗନରେ କୋଉଠି ନା କୋଉଠିକି ବୁଲେଇନିଅନ୍ତି; ଡିପାର୍ଟମେଣ୍ଟ ଷ୍ଟୋରରୁ ମୁଁ ନିଜ ବ୍ୟବହାର୍ଯ୍ୟ ସାମଗ୍ରୀ କିଣି ସାଇତି ରଖେ ପୂରା ସପ୍ତାହେ ପର୍ଯ୍ୟନ୍ତ । ଆଉ ଯେତେବେଳେ ଆମେ ସାଙ୍ଗ ହେଇ ଥାଉ, ମାର୍ଥା ଗପିଚାଲନ୍ତି ତାଙ୍କ ବିବାହ କଥା,

Digitized by srujanika@gmail.com

ସ୍ୱାମୀଙ୍କ ମୃତ୍ୟୁ କଥା, ନିଜର ଋକିରିଜୀବନ କଥା, ଚର୍ଚ୍ଚରେ ତାଙ୍କ ସହ କାମ କରିଥିବା ବିଭିନ୍ନ ଦେଶର ଲୋକମାନଙ୍କ କଥା । ମାର୍ଥାଙ୍କ ପ୍ରଗଲ୍‌ଭତା ଆମେରିକୀୟ ସାଂସ୍କୃତିକ ଚଳଣିରେ ଏକ ବ୍ୟତିକ୍ରମ । ମୁଁ ତାଙ୍କ କଥାରେ ଠାଏ ଠାଏ ନଥା ଯୋଡ଼ି ସେ ପ୍ରଗଲ୍‌ଭତାର ନିଆଁରେ ଆହୂତି ଦିଏ । କାଳେ ନିସଙ୍ଗତା ମାଡ଼ି ବସିବ, ଯଦି ମାର୍ଥା ନଥିବେ ।

"କ'ଣ ଜବାବ ଦେଲା କ୍ଲାରା ?" ମୁଁ କଥାର ଖିଅ ଯୋଡ଼ିଲି ।

"ସିଏ କ'ଣ ଏବେ ଜବାବ ଦବା ଅବସ୍ଥାରେ ଅଛି ? ସିଏ ମାନିକ୍ ଡିପ୍ରେସିଭ । ଛ'ମାସ ତଳେ ନିଜ ଭେନ୍‌ଗୁଡ଼ାକ କାଟି ପକେଇଥିଲା ରେଜରରେ । ଭାଗ୍ୟକୁ ଅନ୍ୟ ପେସେଣ୍ଟମାନେ ଖବର ଦେଇଦେଲେ । ଏବେ ସିଏ ଏକରକମ ନଜରବନ୍ଦୀ ଅବସ୍ଥାରେ ଅଛି ।"

"ହେ ଭଗବାନ ! କାଲି ନାଟକର ଅଭିନୟ ଦେଖିଲେ କେହି କହିପାରିବ, ସିଏ ଏମିତି ସୁଇସାଇଡାଲ ?"

ମୋର ବ୍ରେକ୍‌ଫାଷ୍ଟ ସରିଯାଇଥିଲା । ମାର୍ଥାଙ୍କ ଅନୁମତି ନେଇ ମୁଁ କଫି ଆଣିବାକୁ ଉଠିଗଲି । ମୁଁ ଜଳଖିଆ ଖାଇସାରିବା ପରେ ଖୁବ୍ ରିଲାକ୍ସ୍‌ଡ଼ ହେଇ କଫି ପିଏ । ଏଠି ଦେଖିଲି, ଅଧିକାଂଶ ଲୋକ ଜଳଖିଆ ଖାଉଖାଉ ଟିକେ ଟିକେ କଫି ପିଉଥା'ନ୍ତି । ଠିକ୍ ମାର୍ଥାଙ୍କ ଭଳି । ଦୁଇମାସର ରହଣି ଭିତରେ ସେ ଅଭ୍ୟାସଟିକୁ ମୁଁ ଆଦରିପାରିନି । ମୋ ପାଇଁ କଫିପିଆ ଏକ ପର୍ବ । ଠିକ୍ ଜାପାନୀମାନଙ୍କ ଟ୍ଟ' ପର୍ବ ଭଳି । ଧୀରେଧୀରେ କଫି ପିଇବି । ପୃଥିବୀଯାକର ଅଛିଣ୍ଡା ଚିନ୍ତା ସବୁକୁ ଦୋହରେଇବି । ଅତୀତ, ବର୍ତ୍ତମାନ, ଭବିଷ୍ୟତକୁ ଗୋଟିଏ ବିନ୍ଦୁରେ ଏକାକାର କରିବି । ସାରାଦିନର କାର୍ଯ୍ୟଭାର ଓ ବ୍ୟସ୍ତତା ଭିତରେ ଏଇ କଫିପିଆ ମୋ' ଜୀବନର ଏକମାତ୍ର ବ୍ୟତିକ୍ରମ ।

ଆଜି କିନ୍ତୁ ମୋର ପ୍ରିୟ କାପୁଚିନୋ କଫିରେ ସ୍ୱାଦ ନାହିଁ । କ୍ଲାରା ଯେମିତି ମୋ' ଚେତନାକୁ ଅବସନ୍ନ କରିଦେଇଛି । ଏତେ ସୁନ୍ଦରୀ ଝିଅ, ଚମତ୍କାର ତା' ଅଭିନୟ ପ୍ରତିଭା । ଏବେ ବି ଲହରେଇ ଲହରେଇ ଶୁଣାଯାଉଛି ବୀଣାଜିଣା କଣ୍ଠରେ ତା'ର ସାଇଲକ୍ ପ୍ରତି ଅଳି, 'ଦୟା ଯିଏ କରେ, ସିଏ ବି ଉଦ୍ଧାର ପାଏ ।' ଡାଏଲଗ ସହିତ ଥରିଉଠୁଛି ତା'ର କଣ୍ଠ । ଆୟତ ନୀଳ ନୟନ ଦୁଇଟି, ଭରପୂର କାରୁଣ୍ୟରେ । ପୁଣି କିଛି ସମୟ ପରେ ସେଇ ଆଖିଦୁଇଟି ଜ୍ୟୋତିଷ୍ମାନ୍ ହେଇଉଠୁଛି । ତା' ସହିତ ବଜ୍ର ନିର୍ଘୋଷ ସେଇ ସ୍ୱର 'ଟାରି ଏ ଲିଟ୍‌ଲ ଜୀଉ' ।

Digitized by srujanika@gmail.com

ମାର୍ଥା ଛଡ଼ା ଆଉ କେହି ବି କହିଥିଲେ ମୁଁ ବିଶ୍ୱାସ କରି ନ ଥା'ନ୍ତି କ୍ଲାରାର ଗହବା ସୁନେଲି କେଶ, ଦୀପ୍ତିମାନ ଆଖି, ତୀକ୍ଷ୍ଣ ନାକ, ଉନ୍ନତ ବକ୍ଷୋଜ, ସର୍ବୋପରି ମାଦକଭରା ବ୍ୟକ୍ତିତ୍ୱର ଅନ୍ତରାଳରେ ଲୁଚି ରହିଛି ସେସବୁକୁ ନିମିଷକରେ ଧ୍ୱଂସ କରିଦେବାକୁ ତତ୍ପର ଜଣେ ଭୀରୁ ଆତତାୟୀ ।

ଅବଶ୍ୟ କେବଳ କ୍ଲାରା ନୁହେଁ, ଏଠାକାର କୌଣସି ଅନ୍ତେବାସୀ ବାହାରକୁ ଆଦୌ ଆବ୍‌ନର୍ମାଲ ବୋଲି ମନେହେବେନି । ଏପରିକି କୁର୍ମ ଏଠି ପହଞ୍ଚିବା ପରଦିନ ଯୋଉ ଝିଅଟି ମୋତେ ସହର ପରିକ୍ରମାରେ ନେଇଯାଇଥିଲା, ସିଏ କୁଆଡ଼େ ଜଣେ ସ୍କିଜୋଫ୍ରେନିକ । ସେ କଥା ଜାଣିଲି ମାସେ ପରେ, ସେଣ୍ଟରର ଡାଇରେକ୍ଟର ଡକ୍ଟର ଡେନେନ୍‌ଙ୍କ କନ୍‌ସଲ୍‌ଟାନ୍‌ସି ରୁମ୍‌ର ବାହାରେ ଅକସ୍ମାତ୍ ଦେଖାହେଇଯିବାରୁ । ବାଥ୍‌ରୁମ ଯିବା ରାସ୍ତାରେ କି ଲଞ୍ଚ କରିବାକୁ ଗଲାବେଳେ ଆବ୍‌ନର୍ମାଲ୍‌ସିର ସଙ୍କେତ ମୋ' ଆଖି ଓ କାନରେ ନପଡ଼ିଛି, ନୁହେଁ । ତୀବ୍ର ଚିତ୍କାର, କାନ୍ଦଣାର ଲହରି କନ୍‌ସଲ୍‌ଟାନ୍‌ସି ରୁମ୍‌ର ବନ୍ଦ ଝରକା ସେପଟୁ ଭାସିଆସେ ବେଳେବେଳେ । କେବେକେବେ କରିଡରରେ ଗଲାବେଳେ ଦେଖିଛି, ଜଣେଅଧେ ରୁମାଲରେ ଆଖି ପୋଛୁଥିବାର ଦୃଶ୍ୟ, ଠିକ୍ ଡାକ୍ତରଙ୍କ ରୁମ୍‌ର ବାହାରେ । କିନ୍ତୁ ବାହାରେ ସବୁ ଫିଟ୍‌ଫାଟ୍ । ସମସ୍ତେ ଯେଝାଯେଝା କାମରେ ବ୍ୟସ୍ତ । କିଏ ବସି ବସି ଖରା ପୋଉଁଛି । ଚାରିପାଞ୍ଚଜଣ ମିଶି ଭଲି ଖେଳୁଛନ୍ତି । କିଏ ସେଣ୍ଟରର ରୋଷେଇ କାମରେ ସାହାଯ୍ୟ କରୁଛି । କିଏ କାଠ କାମ ଡିଜାଇନ କରୁଛି । ପେଣ୍ଟିଂ ଶିଖୁଛି । ଡ୍ରାମା-ଅର୍କେଷ୍ଟ୍ରା ଦଳରେ ରହି ଅଭ୍ୟାସ କରୁଛି । ଏରିକ୍‌ସନ ସ୍କଲାର ଇନ୍ ରେସିଡ଼େନ୍‌ସ ହିସାବରେ ପ୍ରତି ସପ୍ତାହରେ ମୋତେ ଗୋଟେ ଦିଇଟା କେସ୍ ହିଷ୍ଟ୍ରି ପଢ଼ିବାକୁ ଦିଆଯାଏ । ସେଥିରେ ବର୍ଣ୍ଣିତ ରୋଗୀର ଇତିହାସ ଓ ବର୍ତ୍ତମାନ କାର୍ଯ୍ୟକଳାପର ବୀଭତ୍ସତା ମୋତେ ଭୟାର୍ତ୍ତ କରିଦିଏ । ମୁଁ ପ୍ରତିଦିନ ଆଖି ପାଆନ୍ତାରେ ଦେଖୁଥିବା ମଣିଷମାନଙ୍କ ମୁହଁ ସହ ସେ ଇତିହାସ ସବୁକୁ ଯୋଡ଼ିବାକୁ ଚେଷ୍ଟାକରେ । ନା, ନିଶ୍ଚୟ ଏ ଯୁବକଟି ନୁହେଁ । ଏ ଯୁବତୀଟି କେବେହେଲେ ହେଇ ନଥିବ । ଏମାନେ କେହି ନୁହଁ । ଏ କେସ୍ ହିଷ୍ଟ୍ରିଗୁଡ଼ିକ କୌଣସି ଭିନ୍ନ ଗ୍ରହର ଅନ୍ତେବାସୀମାନଙ୍କର । ସେଣ୍ଟରର ନିୟମ ଅନୁଯାୟୀ କୌଣସି ବିଶେଷ ବ୍ୟକ୍ତିଙ୍କ ସମ୍ପର୍କରେ ଅନୁସନ୍ଧିତ୍ସା ବା ସମ୍ପର୍କ ସ୍ଥାପନର ଆଗ୍ରହ ଯେହେତୁ ସ୍ପୃହଣୀୟ ନୁହେଁ, ମୁଁ ସେ ଦିଗରେ ମୁଣ୍ଡ ଖେଳାଏନି । ମୁଁ ମାନସିକ ରୋଗ ବିଶାରଦ ନୁହେଁ । ତା'ଛଡ଼ା, ମୋର ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ସମ୍ପର୍କରେ ଗବେଷଣା କରିବାର ଅଛି । ଏଠାକାର ରୋଗୀମାନଙ୍କ ସମ୍ପର୍କରେ ଜାଣି ମୋର ଲାଭ କ'ଣ ? ପତର ଗୋଟେଇବା ଲୋକ ମୁଁ, ତୋଟା ମୂଲ କରିବି କାହିଁକି ?

Digitized by srujanika@gmail.com

ଆଗରୁ ଯେତେଥର ଆମେରିକା ଆସିଛି, ସବୁଥର ବଡ଼ ବଡ଼ ବିଶ୍ୱବିଦ୍ୟାଳୟର ପ୍ରାଙ୍ଗଣରେ ବା ସହରରେ ସମୟ କଟିଛି । ହଲିଉଡ଼ ତିଆରି କରିଥିବା କୁବେରପୁରୀର ନକ୍‌ସା ସାଙ୍ଗରେ ଖାପ ନ ଖାଇଲେ ବି ସବୁଥର ଯେଉଁ ଆମେରିକାକୁ ଅନୁଭବ କରିଥିଲି, ତାହା ଥିଲା କୋଳାହଳମୟ, ଜୀବନଜଞ୍ଜାଳରେ ପରିପୂର୍ଣ୍ଣ । ତେଣୁ ଅଷ୍ଟେନ ରିଗ୍‌ସ ସେଣ୍ଟରର ନିର୍ଦ୍ଦେଶକଙ୍କ ନିମନ୍ତ୍ରଣ ପାଇବା ପରେ ଭାବିଥିଲି, ଆମେରିକାର ପରିଧିରୁ କିଛି ଭିନ୍ନ ରତ୍ନ, କିଛି ଅଲଗା ଅନୁଭବ ସାଉଁଟି ଆଣିବି । ନିର୍ଦ୍ଦେଶକ ଡାଭିଡ଼୍ ଡେନେନ ମୋର କିଛି ଗବେଷଣାତ୍ମକ ପ୍ରବନ୍ଧ ପଢ଼ି ଖୁବ୍ ପ୍ରଭାବିତ ହେଇଥିଲେ । ପାରମ୍ପରିକ ଜୀବନଚର୍ଯ୍ୟା ଉପରେ ଆଧୁନିକ ପ୍ରଗତି ଓ ବିକାଶମୂଳକ ମଡେଲ୍‌ର ପ୍ରଭାବ-ସମ୍ପର୍କରେ ସେ ପ୍ରବନ୍ଧଗୁଡ଼ିକ । ବିଶେଷକରି ଆଦିମ ଜନଜାତିମାନଙ୍କ ଜୀବନଶୈଳୀକୁ ଏହି ବିକାଶର ମଡ଼େଲ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଦଉଛି । ପରିବର୍ତ୍ତନ ସେମାନଙ୍କ ଉପରେ ଲଦି ଦଉଥିବା ହିଂସାକୁ ହିଂସା ମାଧ୍ୟମରେ ପରିବର୍ତ୍ତନ କରିବାକୁ ସେମାନେ ଅଧିକାଂଶ ଜାଗାରେ ଚେଷ୍ଟା କରୁଛନ୍ତି । ଆଫଗାନିସ୍ଥାନଠୁଁ ଆରମ୍ଭ କରି ସମଗ୍ର ଏସିଆ ଓ ଆଫ୍ରିକାରେ ଏଇ ହିଂସାର ତାଣ୍ଡବଲୀଳା, ଯଦିଓ ସେ ହିଂସାକୁ ଆମେ ଭିନ୍ନ ଭିନ୍ନ ପୋଷାକ ପିନ୍ଧିଥିବାର ଦେଖୁଛେ– କୋଉଠି ମୌଳବାଦୀ ଇସଲାମର ତ କୋଉଠି ନିରୀଶ୍ୱରବାଦୀ ମାଓପନ୍ଥାର । ଏଇ ମୋ ପ୍ରବନ୍ଧଗୁଡ଼ିକର ମୋଟାମୋଟି ଥିସିସ୍ । ପ୍ରବନ୍ଧଗୁଡ଼ିକର ଯୁକ୍ତିରେ ଡକ୍ଟର ଡେନେନ ଏଭଳି ପ୍ରଭାବିତ ହେଇଥିଲେ ଯେ ମୋର ବାୟୋଡାଟା ମଗେଇ ପଠେଇଲେ । ତାଙ୍କ ସିଲେକ୍‌ସନ କମିଟି ଆପ୍ରୁଭ କଲାପରେ ମୋତେ ଅଫର ମିଳିଲା– ଏରିକ୍‌ସନ ସ୍କଲାର ଇନ୍ ରେସିଡେନ୍ସ୍ । ସେ ବୃତ୍ତି ପାଇବାରେ ମୁଁ ଥିଲି ପ୍ରଥମ ଅଣଆମେରିକୀୟ ନାଗରିକ । ପାଞ୍ଚମାସର ରହଣି । ମାଗଣା ଫ୍ଲାଟ୍ ଓ ଖାଇବା ଖର୍ଚ୍ଚ ବାଦ ମାସକୁ ପାଞ୍ଚ ହଜାର ଡଲାର ଭତ୍ତା । ରହିବା ଅବଧିରେ ଚାରିପାଞ୍ଚଟି ଲେକ୍‌ଚର ଦବାକୁ ହବ ନିଜର ଗବେଷଣାମୂଳକ ତଥ୍ୟ ସମ୍ପର୍କରେ ।

ଖୁବ୍ ଆକର୍ଷଣୀୟ ଅଫର । କେବଳ ଗୋଟିଏ ଖଟ୍‌କା ଥିଲା ମନରେ । ଯେଉଁ ସୁଦୃଶ୍ୟ ଫର୍ନିସ୍‌ଡ଼ ଫ୍ଲାଟ୍‌ଟି ସ୍କଲାର-ଇନ୍-ରେସିଡେନ୍ସଙ୍କୁ ମିଳେ, ସେଇଟି ସେଣ୍ଟର ଭିତରେ । ତା'ର ଅର୍ଥ, ମାନସିକ ରୋଗୀମାନଙ୍କ ମେଳରେ ମୋତେ ରହିବାକୁ ପଡ଼ିବ ପାଞ୍ଚମାସ । ମୁଁ ଶୁଣିଥିଲି ରିଗ୍‌ସ ସେଣ୍ଟରରେ ଥିବା ମାନସିକ ହାସ୍‌ପାତାଳରେ ରୋଗୀ ଓ ସାଧାରଣ ନାଗରିକଙ୍କ ମଧ୍ୟରେ କୌଣସି କୃତ୍ରିମ ପ୍ରଭେଦ ସୃଷ୍ଟି କରାଯାଏ ନାହିଁ । ଚିକିତ୍ସାଧୀନ ରୋଗୀମାନେ ଖୁବ୍ ସ୍ୱାଭାବିକ ଭାବରେ ଚଳପ୍ରଚଳ କରନ୍ତି, ଛୋଟ

Digitized by srujanika@gmail.com

ଷ୍କର୍‌ବ୍ରିଜ ସହର ସାରା । ସେମାନଙ୍କ ସହ ନିୟମିତ କାରବାର କରିବା ଭିତରେ ମୁଁ ନିଜର ମାନସିକ ଭାରସାମ୍ୟ ହରାଇ ବସିବିନି ତ ! ମୋର ଆଶଙ୍କାକୁ ହସି ଉଡ଼େଇଦେଲେ ବନ୍ଧୁ ଏଲେନ୍ । ସିଏ ଏକଦା ଗୋଟିଏ ଟର୍ମ ସ୍କଲାର ହିସାବରେ ବିତାଇଥିଲେ ଏଠି । ସେତିକିବେଳେ ସିଏ ନିରୋଳାରେ ଏତେ କାମ କରିପାରିଥିଲେ ଯେ ପ୍ରତିବର୍ଷ ସିଏ ଏଠାକାର ଲାଇବ୍ରେରୀକୁ ଚାଲିଆସିଛନ୍ତି । ତାଙ୍କର ଅଧିକାଂଶ ବହି ଏଇ ଲାଇବ୍ରେରୀରେ ବସି ଲେଖିଛନ୍ତି । "ତମକୁ ପେସେଣ୍ଟମାନଙ୍କ ବିଷୟରେ ଚିନ୍ତା କରିବାକୁ ପଡ଼ିବନି ।" ଏଲେନ୍ ଇ-ମେଲ୍‌ରେ ଲେଖିଥିଲେ, "ବରଂ ତମଠୁ ସେମାନେ ଗୋଟେ ଅଣ୍ଡରଟେକିଙ୍ଗ ନେଇପାରନ୍ତି, ପେସେଣ୍ଟମାନଙ୍କୁ ଡିଷ୍ଟର୍ବ ନ କରିବା ପାଇଁ ।"

ତା'ପରେ ଲମ୍ବା ଇ-ମେଲ୍‌ଟିରେ ସେଣ୍ଟର, ଷ୍କବ୍ରିଜ ସହର ଓ ବକ୍‌ସାୟାର କାଉଣ୍ଟିର ଏଭଳି ଭୂରିଭୂରି ପ୍ରଶଂସା କରିଥିଲେ ଯେ, ମୁଁ ମୋର ସମସ୍ତ ଆଶଙ୍କାକୁ ଦୂରେଇ ଦେଇଥିଲି । 'ଗଡ୍‌ସ ଓନ୍ କଣ୍ଟ୍ରି', ଲେଖିଥିଲେ ଏଲେନ୍ । ଭଗବାନ୍‌ଙ୍କ ନିଜ ଗାଁ ଏଇ ବର୍କସାୟାର କାଉଣ୍ଟି । ଆମେରିକା ମହାଦେଶର ପ୍ରାଚୀନତମ ଇଉରୋପୀୟ ଜନବସତି ଏଇ ଅଞ୍ଚଳରେ । ମାସାଚୁସେଟ୍‌ସ ରାଜ୍ୟର ଏଇ ଅଞ୍ଚଳରେ ଟାଙ୍ଗ୍‌ଲଉଡ୍, ଯାହାକୁ ଉପଲକ୍ଷ୍ୟ କରି ହଥର୍ଣ୍ଣ ତାଙ୍କର ପ୍ରସିଦ୍ଧ ଶିଶୁସାହିତ୍ୟ 'ଟାଙ୍ଗ୍‌ଲଉଡ୍ ଟେଲ୍‌ସ' ରଚନା କରିଥିଲେ । ଆଖପାଖର ଗୋଟିଏ ପେଟୁଆ ପାହାଡ଼କୁ ଦେଖି ମେଲ୍‌ଭିଲ ରଚନା କରିଥିଲେ ତାଙ୍କର ପ୍ରଖ୍ୟାତ ଉପନ୍ୟାସ 'ମୋବିଡ଼ିକ୍' । ପାହାଡ଼ଟିକୁ ନିଜେ ଦେଖିଲାପରେ ମୁଁ ବିଶ୍ୱାସ କରିପାରିଲି ସମୁଦ୍ରଠାରୁ ଏତେ ଦୂରରେ ଥିବା ଏଇ ପାହାଡ଼କୁ ଦେଖି ଜଣେ କିଭଳି ତାକୁ ତିମିମାଛ ବୋଲି ଭାବିପାରେ । ନାବିକ ହିସାବରେ ନିଜର ଦୀର୍ଘ ଅଭିଜ୍ଞତାକୁ ଧରି ମେଲ୍‌ଭିଲ ଫେରିଆସିଥିଲେ ଏଇ ଅଞ୍ଚଳକୁ । ନିଜ ଶୋଇବାଘରର ଝରକାରୁ ଦେଖାଯାଉଥିଲା ଏଇ ପାହାଡ଼ଟି । ଆମ କୋରାପୁଟ, ଦାମନଯୋଡ଼ି ଅଞ୍ଚଳର ବକ୍କାଇଟଭରା ପାହାଡ଼ଶ୍ରେଣୀ ଭଳି । ନୀଳ ଜ୍ୟୋସ୍ନାର ଆଲୁଅରେ ମନେହେଉଥିବ ଲହଡ଼ିଭରା ସମୁଦ୍ର ଭଳି, ମେଲ୍‌ଭିଲଙ୍କ ଅତୀତର ସ୍ମୃତିଗୁଡ଼ିକ ଜାଗରିତ ହେଇଯାଇଥିବ । ସ୍ମୃତି କ'ଣ ଭାଙ୍ଗିଦିଏ ଅତୀତ ଓ ବର୍ତ୍ତମାନ ଭିତରେ ଥିବା ବାଡ଼ ? ନା ଇଏ ଜହ୍ନଆଲୁଅର କରାମତି ? ଜହ୍ନର ଆଲୁଅ କ'ଣ ମେଲ୍‌ଭିଲଙ୍କୁ ଏମିତି ପାଗଳ କରିନେଲା ଯେ, ସେ ଭୁଲିଗଲେ ସମୁଦ୍ର ଓ ସ୍ଥଳଭାଗ, ତିମିମାଛ ଓ ପାହାଡ଼ ଭିତରେ ଥିବା ପାର୍ଥକ୍ୟ ?

"ତମେ ଭଗବାନ୍ ।" ପୁଣି ଲେଖିଥିଲେ ଏଲେନ୍ । "ଏରିକ୍‌ସନ ଫେଲୋସିପ୍ ଅର୍ଥରେ ତୁମେ ଯେଉଁଠିକି ଯାଉଛ, ସେଇଟା ଆମେରିକାର ଟୁରିଷ୍ଟ କ୍ୟାପିଟାଲ । ସେଠିକାର ଅର୍ଥନୀତିରେ କୌଣସି ହେଭି ଇଣ୍ଡଷ୍ଟ୍ରି ବା ତମର ଚରମ ଶତ୍ରୁ ଆଧୁନିକ

Digitized by srujanika@gmail.com

ଡେଭଲପ୍‌ମେଣ୍ଟାଲ ମଡେଲ୍‌ର ହାତ ନାହିଁ । ଟୁରିଜିମ ହିଁ ନିୟନ୍ତ୍ରଣ କରେ ମୋଟାମୋଟି ଅର୍ଥନୀତି । ଗ୍ରୀଷ୍ମଋତୁ ଆସିଗଲେ ବିବାହବେଦୀକୁ ଯାଉଥିବା ବଧୂ ଭଳି ସଜେଇ ହେଇଯାଏ ସମଗ୍ର ଅଞ୍ଚଳଟି, ଅନିନ୍ଦ୍ୟ ରୂପସଜ୍ଜାରେ । ବର୍ଷସାରାର କୋଳାହଳହୀନ ନିଃସଙ୍ଗତାକୁ ନିର୍ବାପିତ କରି ଛୁଟିଆସନ୍ତି ଦଳଦଳ ଟୁରିଷ୍ଟ । ସେମାନଙ୍କୁ ଶଙ୍ଖୋଳିବା ପାଇଁ ଅପରୂପା ପ୍ରକୃତି ଯେପରି ଫୁଲର ପସରା ମେଲି ଅପେକ୍ଷା କରି ରହିଥାଏ । ମେ' ମାସର ଅଧାରୁ ଅକ୍ଟୋବର ପର୍ଯ୍ୟନ୍ତ ପ୍ରକୃତିର ଏ ଉତ୍ସବ ସାଙ୍ଗରେ ତାଳଦେଇ ଅନୁଷ୍ଠିତ ହୁଏ ଅନେକ ଉତ୍ସବ । କଣ୍ଟ୍ରି ମ୍ୟୁଜିକର ଛୋଟବଡ଼ ସଙ୍ଗୀତଜ୍ଞଙ୍କୁ ଏକାଠି କରି ଦେଶର ସବୁଠାରୁ ବଡ଼ ମ୍ୟୁଜିକାଲ ଫେଷ୍ଟିଭାଲ ଆୟୋଜନ କରାଯାଏ । ନିଜନିଜ ସମରହାଉସକୁ ଭଡ଼ାରେ ଲଗାଇ ଏଠାକାର ବାସିନ୍ଦାମାନେ ଢେର ରୋଜଗାର କରନ୍ତି । ତମେ ଭାଗ୍ୟବାନ୍ ଯେ, ଏଇଭଳି ଏକ ସ୍ୱର୍ଗୀୟ ସମୟରେ ତମେ ଷ୍ଟକ୍‌ବ୍ରିଜ ସହରରେ ବିତାଇ ପାରିବ ପାଞ୍ଚମାସ, ଅଷ୍ଟେନ୍ ରିଗ୍ସ ସେଣ୍ଟରର ଅତିଥି ହେଇ ।"

ମୋର କଫିପିଆ ସରିଯାଇଥିଲା । ଡାଇନିଂ ହଲ୍‌ର ବିରାଟ କାଚ ଝରକାମାନ ଭିତର ଦେଇ ବାହାରକୁ ନଜର ପକେଇଲେ ଏଲେନ୍‌ଙ୍କ ଉକ୍ତିଗୁଡ଼ିକର ସତ୍ୟତା ମର୍ମେ ମର୍ମେ ଅନୁଭବ କରିହେଉଥିଲା । ଘାସରେ ଘାସରେ ଡାଣ୍ଡେଲିଅନ, ଗଛରେ ଗଛରେ ମାଗ୍ନୋଲିଆ, ଫ୍ଲାୱାରବେଡ଼ମାନଙ୍କରେ ଜେରାନିଅମ, କାଲେଣ୍ଡୁଲା, ଆଷ୍ଟର । ଛୋଟ ଛୋଟ ହ୍ରଦ ଘେରିପଟେ ବଣ୍ୟ ଡାଫୋଡ଼ିଲ । ଗଛଡ଼ାଳମାନଙ୍କରେ ସ୍କାଇଲାର୍କ, କୁକୁ, କ୍ରେନ୍ ଆଉ ନାଁ ଅଜଣା ଅନେକ ରକମର ପକ୍ଷୀ । ଭଗବାନ୍ ସତେ ଯେପରି ପକ୍ଷପାତିତା କରି ବଛାବଛା ଐଶ୍ୱର୍ଯ୍ୟ ସବୁ ଏଇଠି ଢାଳିଦେଇଛନ୍ତି । ଏଇ ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟ ଯୋଗୁଁ ମୋର ଆମେରିକା ସହ ଲଭ୍-ଆଣ୍ଡ-ହେଟ୍ ସମ୍ପର୍କ । ଯେତେଥର ଏଠାକୁ ଆସେ, କିଛି ଗୋଟାଏ ଅଭାବବୋଧ ଯୋଗୁଁ ଝୁରିହୁଏ ଭାରତକୁ । ଭାରତକୁ ଫେରିଯିବା ପରେ ପୁଣି ମନେପଡ଼େ ଆମେରିକା । ଗବେଷଣା ନିବନ୍ଧ କିମ୍ବା ଗଳ୍ପପାଠ ପାଇଁ ନିମନ୍ତ୍ରଣ ପାଇଲେ ପୁଣି ଚାଲିଆସେ ଆମେରିକା ।

"କ୍ଲାରାର ପରିସ୍ଥିତିଟା ସେଇମିତି," କହିଲେ ମାର୍ଥା । ନିରବରେ ଦୀର୍ଘସମୟ ଧରି ମୋ କଫିପିଆକୁ ଲକ୍ଷ୍ୟକରି ସିଏ ଧରିନେଇଥିଲେ, ମୁଁ କ୍ଲାରାର ଦୁର୍ଭାଗ୍ୟ କଥା ହିଁ ଭାବୁଥିଲି ।

"ବାପା ମା', ଦି'ଜଣଯାକ, ଏକଦା ଡ୍ରଗ ଆବ୍ୟୁଜ୍‌ର ଶିକାର ହୋଇଥିଲେ । ମଝିରେ ଛାଡ଼ବାଡ଼ ହେଇଯିବା ପରେ କ୍ଲାରାର ମା' କ୍ଲାରାକୁ ଧରି ଚାଲିଆସିଥିଲା ଜଣେ ଧନୀ ଲୋକର ଏକମାତ୍ର ଉତ୍ତର ଦାୟାଦ ନିକଟକୁ– ଦାରିଦ୍ର୍ୟ ଓ ଅନାହାର

Digitized by srujanika@gmail.com

କୋଳରୁ ଏକାଥରେ ବିଳାସବ୍ୟସନର ଗନ୍ତାଘରକୁ । ଧନୀକ ଜଣକ ମରିଯିବା ପରେ ସନ୍ତାନ ପାଇଁ ଛାଡ଼ିଯାଇଥିଲେ ଅମାପ ସମ୍ପତ୍ତି । କିନ୍ତୁ ଧନସମ୍ପତ୍ତିର ଆଧିକ୍ୟ ଯୋଗୁଁ କି କ'ଣ, ସନ୍ତାନ ଜଣକ ବ୍ୟଭିଚାରୀ ପାଲଟି ଯାଇଥିଲେ । ଯୌଥ ଯୌନଜୀବନ ବଞ୍ଚୁଥିଲେ ସିଏ । କ୍ଲାରାର ମା' ବାଦ୍ ତାଙ୍କର ଅନେକ ପୁରୁଷ ଯୌନସଙ୍ଗୀଦ୍ୱାରା ଯୌବନର ପ୍ରଥମ ପାହାଚରେ ଧର୍ଷିତା ହୋଇଥିଲା କ୍ଲାରା । ଜଣେ ବ୍ୟକ୍ତି ହିସାବରେ ନିଜର ଭଲମନ୍ଦ, ଇଚ୍ଛା-ଅନିଚ୍ଛା, ରୁଚି-ଅରୁଚି ଭିତରେ ପ୍ରଭେଦ ଜାଣିବା ପୂର୍ବରୁ ତା' ଦେହ ହୋଇଗଲା ଗୋଟେ ବୀଭତ୍ସ କାମନାର ଶିକାର । ସଂସାର ସମ୍ପର୍କରେ ଯେଉଁ ଜ୍ୱାଳାମୟ ସତ୍ୟ ସିଏ ତା' କୌମାର୍ଯ୍ୟରୁ ପ୍ରତ୍ୟକ୍ଷ କଲା, ତାକୁ ଧନସମ୍ପତ୍ତିର ଯାବତ୍ ବେହରିର କେତେଦିନ ଘୋଡ଼ାଇପାରନ୍ତା ? କି ସମାଧାନ ଯୋଗାଇପାରନ୍ତେ ବ୍ୟଭିଚାରୀ ସାବତ ବାପ ବା ନିଶାଗ୍ରସ୍ତ ପରାଶ୍ରୟୀ ମା' ? ତା' ଅପେକ୍ଷା ବରଂ ଏଇ ମାନସିକ ହାସପାତାଳ ଭଲ । ଅନ୍ତତଃ ତା'ରି ଭଳି ଶହେ ସରିକି ସମଧର୍ମୀଙ୍କ ସାଙ୍ଗରେ ତ ରହିପାରିବ ।"

ଏକାନିଶ୍ୱାସରେ ଏତକ କହିସାରି ମାର୍ଥା ଦୀର୍ଘଶ୍ୱାସ ନେଲେ । ତାଙ୍କର ସବୁବେଳେ ହସହସ ଦିଶୁଥିବା ମୁହଁ ଥମଥମ ଦେଖାଯାଉଥାଏ । ତାଙ୍କର ଏଭଳି ପ୍ରତିକ୍ରିୟାରେ ମୁଁ ସାମାନ୍ୟ ଆଶ୍ଚର୍ଯ୍ୟ ହେଲି । ଜଣେ ସ୍ୱେଚ୍ଛାସେବୀ ନର୍ସ ହିସାବରେ ଏଇଭଳି ଅନେକ ଚରିତ୍ରଙ୍କ ସଂସ୍ପର୍ଶରେ ଆସିଥିବେ ମାର୍ଥା ବିଗତ ବର୍ଷମାନଙ୍କରେ । ତାଙ୍କର କହିବା ଅନୁସାରେ ଚର୍ଚ୍ଚ ଚାକିରିରୁ ଅବସର ନେଲା ପରେ ସିଏ ଏଇ ହାସପାତାଳରେ ଗଲା ଚାରିବର୍ଷ ଧରି ନର୍ସ ହିସାବରେ କାମ କରୁଛନ୍ତି । ଗଲା ଦୁଇମାସରେ ମୁଁ ଯେତିକି କେସ୍ ହିଷ୍ଟ୍ରି ପଢ଼ିଲିଣି, ସେଥିରେ ଏଇଭଳି ବୀଭତ୍ସ ପରିବାର ଓ ଯୌନଜୀବନ ସମ୍ପର୍କରେ ଢେର ବର୍ଣ୍ଣନା ରହିଛି । କ୍ଲାରାର କାହାଣୀ ସେମିତି କିଛି ଅସ୍ୱାଭାବିକ ନୁହେଁ । ତେବେ ମାର୍ଥା ଏତେ ବିବ୍ରତ କାହିଁକି ? କେସ୍ ହିଷ୍ଟ୍ରିଗୁଡ଼ିକ ପଢ଼ି ମୋର ବରଂ ମନେହେଉଛି, ଏଇ ହାସପାତାଳଟି ଗୋଟିଏ ସେଫ୍‌ଟି ନେଟ୍ । ଏଠାକାର କାର୍ଯ୍ୟରତ ମନସ୍ତତ୍ତ୍ୱବିତ୍, ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ଠିକ୍ ଆମ ଭାରତୀୟ ପୁରୋହିତ ପୂଜକଙ୍କ ଭଳି । ଧନୀ ଲୋକେ ପାପ କଲାପରେ ଅର୍ଥ ବିନିମୟରେ ପୁରୋହିତ ବ୍ରାହ୍ମଣଙ୍କ ଜରିଆରେ ପ୍ରାୟଶ୍ଚିତ କଲାଭଳି ଅଭିଜାତ ଆମେରିକା ମୋଟା ବିଲ୍ ଦେଇ ଯଥେଚ୍ଛାଚାରର ଋଣ ପରିଶୋଧ କରୁଛି ଏଠି । ରିଗ୍‌ସ ସେଣ୍ଟର ସତେ ଯେମିତି ଆହ୍ୱାନ ଦଉଛି... 'ଯାହା ଯଥେଚ୍ଛାଚାର କରୁଛି, କରୁ । ତୁମ ଅବିବେକୀ କାର୍ଯ୍ୟକଳାପର ଫଳ ଭୋଗିବାକୁ ଆମେମାନେ ଅଛୁ । ତମର ପ୍ରଗତି, ତମର ବିଳାସ, ତମର ଭୋଗଲିପ୍‌ସାରେ କୋଉଠି ଯଦି କିଛି ଭାଙ୍ଗିରୁଜିଗଲା, ତମ ପ୍ରଗତିର ରଥରେ ଯିଏ ଚଢ଼ି ନପାରିଲା ବା ପଡ଼ିଯାଇ

Digitized by srujanika@gmail.com

ଆହତ ହେଲା, ଆମେ ତାକୁ ସଜାଡ଼ିଦବୁ । ପୁଣି ସେମାନଙ୍କୁ ମରାମତି କରି ସେଇ ଅନ୍ଧ ଦୌଡ଼ରେ ସାମିଲ ହବାକୁ ପଠେଇଦବୁ ।

"ବୁଝିଲ ମାର୍ଥା, ମୋର ମନେହୁଏ, ଏଇ ରିଗ୍ସ ସେଣ୍ଟରର ହାସପାତାଳଟି ଆମେରିକାର ନିସ୍ପନ୍ଦ ଅବଚେତନ, ଅଚେତନ । ସତେ ଯେମିତି ପ୍ରାଣୋଚ୍ଛଳ ଆମେରିକା ତା' ନିଜର ଅବଚେତନକୁ ଖୁବ୍ ସଚେତନ ଭାବରେ ବହିଷ୍କାର କରି ଷ୍ଟକ୍‌ବିଜ୍‌ର ଶାନ୍ତ ଅଚେତନତାରେ ଆରୋପିତ କରିଦେଇଛି । ଜଣେ ନିଉୟର୍କ ବା ଲସ୍‌ଆଞ୍ଜେଲ୍‌ସରୁ ଆସି ହଠାତ୍ ଏଠି ପହଞ୍ଚିଗଲେ ତା'ର ସେଇ ଅନୁଭବ ହବ ନାହିଁ ?"

ମାର୍ଥା ମୋ' କଥାର କି ଜବାବ ଦେବେ ବୁଝି ନପାରି ଖୁବ୍ ବିକଳ ଦେଖାଗଲେ । କ୍ଲାରା ପାଖରୁ ହଠାତ୍ ମୁଁ ଯେ ଲସ୍‌ଆଞ୍ଜେଲ୍‌ସକୁ ଚାଲିଯିବି, ସେକଥା ସିଏ ଆଶା କରି ନଥିଲେ । ତା'ଛଡ଼ା, ମୁଁ ଷ୍ଟକ୍‌ବ୍ରିଜକୁ ପ୍ରଶଂସା କରୁଛି ନା ନିନ୍ଦା, ସେ କଥା ସିଏ ମୋ' କଥାରୁ ଠଉରେଇ ପାରୁନଥିଲେ । ଜୀବନର ଅଧିକାଂଶ ସମୟ ସିଏ ଏଇ ବର୍କସାୟାର କାଉଣ୍ଟିରେ କାଟିଛନ୍ତି । ଏହାର ହାନିଲାଭର ସାମାନ୍ୟ ଆଭାସ ପାଇଲେ ସିଏ ପ୍ରତିବାଦ କରନ୍ତେ ନିଶ୍ଚେ ।

ମାର୍ଥା କିଛି ଜବାବ ଦବା ପୂର୍ବରୁ ମୋର ସେଲ୍‌ଫୋନ ବାଜିଉଠିଲା ।

"ମୋ' ସ୍ତ୍ରୀ ପାଖରୁ...." ଅପରାଧ ସ୍ୱୀକାର କଲାଭଳି କଣ୍ଠରେ କହିଲି । ସାଧାରଣତଃ ମୋତେ କେହି ସେଲ୍‌ରେ କଲ୍ କରନ୍ତିନି ଆମେରିକାରେ ଥିବା ସମୟତକ । ପ୍ରତି ଶନିବାର ଓ ରବିବାର ରାତିରେ ମୁଁ ପରିବାର ବନ୍ଧୁବାନ୍ଧବଙ୍କ ପାଖକୁ ଫୋନ କରି ସମସ୍ତଙ୍କର ଭଲମନ୍ଦ ବୁଝେ । ସେଣ୍ଟର ସେଇ ଦୁଇଦିନ ବନ୍ଦ ଥାଏ । ତେଣୁ ମୋର ନିସଙ୍ଗତା ବି କଟିଯାଏ ସେଇ ଫୋନ କରିବା ଭିତରେ । କେବଳ ପ୍ରତିମାକୁ ଦେଇଥିଲି ସେଲ ନମ୍ବର । କିଛି ଏମର୍ଜେନ୍ସି ହେଲେ ଜଣେଇବାକୁ ।

"ଆରେ ତୁମେ କଥା ହେଲନି ? ମୁଁ ତ ଘରକୁ ବାହାରିଲିଣି । ପୁଅମାନଙ୍କ ପାଇଁ ପାସ୍ତା ତିଆରିବି ଲଞ୍ଚ ପାଇଁ ।" ମୋର ଫୋନ କାଟିଦବା ଦେଖି ମାର୍ଥା ବ୍ୟସ୍ତ ହୋଇପଡ଼ିଲେ ।

"ଆପଣ ବ୍ୟସ୍ତ ହୁଅନ୍ତୁନି । ସେପଟୁ ଫୋନ ଆସିଲେ ଗୁଡ଼େ ପଇସା ପଡ଼େ । ତେଣୁ ମୋ'ସ୍ତ୍ରୀ ରିଙ୍ଗ୍ କରି ଛାଡ଼ିଦିଏ । ତା'ର କିଛି ସମୟ ପରେ ମୁଁ ଏପଟୁ ଫୋନ୍ ଲଗାଏ ।" ଭାରତୀୟ ମିସ୍‌ଡକଲ୍ ତତ୍ତ୍ୱଟିକୁ ବୁଝେଇଲି ମାର୍ଥାଙ୍କୁ ।

Digitized by srujanika@gmail.com

ମାର୍ଥା ବିଦାୟ ନେଲାବେଳକୁ ମୁଁ ମଜାରେ କହିଲି, "ମୋତେ ଯିଏ ନିମନ୍ତ୍ରଣ କରେ ମୁଁ ତାକୁ ଗୁରୁତ୍ୱର ସହ ନିଏ । ମୋତେ ନିମନ୍ତ୍ରଣ କଲା ମାନେ ମୁଁ ନିଶ୍ଚୟ ଯାଇ ପହଞ୍ଚିଯିବି ଫ୍ରି ଫୁଡ୍ ପାଇଁ । ତେଣୁ ଭାରତରେ କେହି କେବେ ମୋତେ ନିମନ୍ତ୍ରଣ କରନ୍ତି ନାହିଁ । କାରଣ ଜାଣନ୍ତି ନିମନ୍ତ୍ରଣ କଲେ ମୁଁ ନିଶ୍ଚୟ ଆସିବି । ଆପଣ ଯେତେବେଳେ ମୋତେ ଇଣ୍ଡିଆନ ଫୁଡ୍ ଖୋଇବେ ବୋଲି କହିଛନ୍ତି, ଆପଣ ଭୁଲିଯାଇ ପାରନ୍ତି; କିନ୍ତୁ ମୁଁ କେବେହେଲେ ଭୁଲିବିନି ।"

ମାର୍ଥା ମୋତେ କୁଣ୍ଢେଇ ପକେଇ ମୋ' ମୁଣ୍ଡରେ ଆଶୀର୍ବାଦଭରା ହାତ ବୁଲେଇଦେଲେ । କହିଲେ, "ଆରେ, ମୁଁ ଆଦୌ ଭୁଲିନି । ତୁ ତ ମୋର ଆଉ ଗୋଟେ ପୁଅ । ତତେ ଏଠୁ ଭାତ ଡାଲି ନ ଖୋଇ ଛାଡ଼ିବିନି । ତୁ ଯିବା ପୂର୍ବରୁ ନିଶ୍ଚୟ ଖୋଇବି ।"

ମାର୍ଥା ଯିବାପରେ ମୋ' ଆଖିକୁ ଲୁହ ଆସିଗଲା । ମୁଁ ଏତେ ଖାଦ୍ୟପ୍ରିୟ ନୁହେଁ । ଅସଲ କଥା ହେଲା, ଗଲା ଦୁଇମାସ ଧରି ମାର୍ଥା ଅନାବିଳ ସ୍ନେହରେ ମୋତେ ଏଭଳି ଋଣୀ କରିଦେଇଥିଲେ ଯେ, ମୁଁ ସାମାନ୍ୟ ଋଣମୁକ୍ତ ହେବାକୁ ଚାହୁଁଥିଲି । ପ୍ରତି ଥର ବିଦେଶ ଆସିଲେ ମୁଁ କିଛି ଭାରତୀୟ ଜିନିଷ ସାଥିରେ ଆଣିଥାଏ, ମୋର ବିଦେଶୀ ବନ୍ଧୁମାନଙ୍କୁ ଉପହାର ଦେବାପାଇଁ । ମାର୍ଥାଙ୍କ ପରିବାର ପାଇଁ ସବୁଠୁ ମୂଲ୍ୟବାନ ଉପହାର ସାମଗ୍ରୀ ସେଲୋଫୋନ ପେପରରେ ପ୍ୟାକ୍ କରି ରଖିଲିଣି ଅନେକ ଦିନ ହବ । କିନ୍ତୁ କୌଣସି ଉପଯୁକ୍ତ ସୁଯୋଗ ଜୁଟିନାହିଁ ଭେଟିଗୁଡ଼ିକ ଦେବାକୁ । ଘରୁ ପୁଣି ଆସିଲା ପ୍ରତିମାର ଫୋନ । ତରତରରେ ଫୋନ କାଟିଦେଇ କଲ୍‌ବ୍ୟାକ କଲି ।

"କ'ଣ କରୁଥିଲ କି ?" ପଚାରିଲେ ପ୍ରତିମା ।

"କେତେଥର ଫୋନ କଲିଣି ।"

"ଏଇ, କଥା ହଉଥିଲି ମାର୍ଥାଙ୍କ ସାଙ୍ଗେ । ଥରଟେ ତ କରିଛ, ଦି'ମିନିଟ ଯାଇନି । କ'ଣ ଅର୍ଜେଣ୍ଟ କାମ ପଡ଼ିଲା ?"

"ସେଠି ଗୋଟେ ଯୋଗାଡ଼ କରିସାରିଲଣି ଟି ?"

"ହେଟ୍, କ'ଣ ବାଜେକଥାଗୁଡ଼େ କହୁଛ ? ସତୁରି ବର୍ଷର ମହିଳା । ମୋ'ଠୁ ବୟସରେ ବଡ଼, ତାଙ୍କର ଦି'ଟା ପୁଅ !" ମୁଁ ସାମାନ୍ୟ ବିରକ୍ତ ହେଇ କହିଲି ।

"ମୁଁ କ'ଣ ଏଠୁ ତାଙ୍କର ବୟସ ଜାଣିପାରୁଛି ?" ପ୍ରତିମା ଏକଦମ ନଛୋଡ଼ବନ୍ଧା ।

Digitized by srujanika@gmail.com

"ହଁ, କ'ଣ୍ ପେଇଁ ଫୋନ କରୁଥିଲ ?" ମୁଁ ବିଷୟ ବଦଳେଇବାକୁ ଚେଷ୍ଟା କଲି ।

"ତମର ତ ଗୁଣ ଅଛି ସ୍ତ୍ରୀଲୋକଙ୍କ ସାଙ୍ଗରେ ନସରପସର ହବାର । ସେଠି କ'ଣ ପୁରୁଷଲୋକ କେହି ମିଳୁନାହାଁନ୍ତି ସାଙ୍ଗ ହବାକୁ ? ଏଇ ମାର୍ଥାଟିକୁ କୋଉଠୁ ଯୋଗାଡ଼ କଲ ? ଡକ୍ଟର ରାଉତଙ୍କ ଅବସ୍ଥା ଯେମିତି ନ ହୁଏ ।"

ମହାନଦୀ ବିହାରରେ ଆମେ ରହୁଥିବା ସେକ୍ଟରରେ ପଶୁଡାକ୍ତର ଡକ୍ଟର ରାଉତ । କୌଣସି ସେମିନାର ଆଟେଣ୍ଡ କରିବାକୁ ଆସିଥିଲେ ଆମେରିକା । ସେମିନାର ସରିବା ପରେ ନିଜ ଭଣଜା ଘରେ ରହିଗଲେ କିଛିଦିନ । ଭଣଜାର ପଡ଼ୋଶୀ ଜଣେ ଏକାକିନୀ ଆମେରିକୀୟ ଭଦ୍ରମହିଳା । ଭଦ୍ରତା ଖାତିରରେ ସେ ୟା'ଙ୍କୁ ଚ଼' ପିଇବା ପାଇଁ ନିମନ୍ତ୍ରଣ କରିଥିଲେ । ବୃଦ୍ଧ ରାଉତ ୟାକୁ ଯୌନ ନିମନ୍ତ୍ରଣ ମନେକରି ହାମୁଡ଼ି ପଡ଼ିଲେ । ଏଡ଼େ ଜୋରରେ କଚଡ଼ା ଖାଇଲେ ଯେ ସିଧା ଜେଲ । ବହୁ କଷ୍ଟରେ ମହିଳା ଜଣକ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିବାରୁ ସେ ଭାରତ ଫେରିପାରିଲେ ।

"ଶୁଣ, ବର୍ତ୍ତମାନ ମୋତେ ମୋର ପେପରରେ ଫାଇନାଲ ଟଚ୍ ଦେବାକୁ ପଡ଼ିବ । ଶନିବାର, ରବିବାର ଏଠି ଅଫିସ, ଲାଇବ୍ରେରୀ ସବୁ ବନ୍ଦ । ମୋର ସୋମବାର ବି ପେପର ପ୍ରେଜେଣ୍ଟ କରିବାର ଅଛି । କ'ଣ ପାଇଁ ଫୋନ କରିଥିଲ, ଜଲ୍ଦି କୁହ । ଅନ୍ୟମାନଙ୍କ ସହ କଥା ହେଲା ବେଳକୁ ସମୟ ଅଛି, ଆମ ସାଙ୍ଗେ କଥା ହେଲା ବେଳକୁ ସେମିନାର ପେପର ମନେ ପଡ଼ିଯାଉଛି ।"

ସତକୁସତ ସେଣ୍ଟରର କର୍ମଚାରୀମାନେ ଜଣକ ପରେ ଜଣେ ନିଜ ନିଜ ଅଫିସକୁ ଗଲେଣି । ମୁଁ ଡାଇନିଂ ହଲ୍ ବାହାରେ ଲବିଠାରେ ଠିଆହେଇ ପ୍ରତିମାଙ୍କ ସଙ୍ଗେ କଥା ହେଉଛି । ସବୁଦିନ ବ୍ରେକ୍‌ଫାଷ୍ଟ କରିସାରି ମୁଁ ଆଗ ନିଜ ଚ୍ୟମ୍ବରରେ ପଢ଼ାପଢ଼ି ଆରମ୍ଭ କରିଦିଏ । ତେଣୁ ସେହିଭଳି କିମ୍ଭୂତକିମାକାର ପରିସ୍ଥିତିରେ ଯୁକ୍ତିତର୍କ କରିବାକୁ ମୋର ଇଚ୍ଛା ନଥିଲା । ତେଣୁ କଣ୍ଠଟି ଯଥାସମ୍ଭବ ମୁଲାଏମ କରି କହିଲି, "ସେକଥା ନାଇଁ ଯେ, ମୁଁ ତ କାଲି ଫୋନ କରିବି ନା ! ମାନେ ଆଜି ରାତିରେ । ତମର ସେଠି ସକାଳ ହେଇଥିବ । ଲମ୍ବା ସମୟ କଥା ହେଇପାରିବି । ତା' ପୁଣି ଘରର ଲାଣ୍ଡ୍‌ଲାଇନରୁ । ଖୁବ୍ କମ୍ ପଇସା ଖର୍ଚ୍ଚ ହୁଏ ଲାଣ୍ଡ୍‌ଲାଇନରୁ କଲେ ।"

"କାଲି ସଞ୍ଜରେ ପରା ସ୍ୱିଟିର ବାହାଘର । ସେଇଥିପାଇଁ ଫୋନ କରିଥିଲି ।" କହିଲେ ପ୍ରତିମା । ସ୍ୱିଟି ପ୍ରତିମାଙ୍କ ଝିଆରି । ତାଙ୍କ ବଡ଼ଭଉଣୀର ଝିଅ । ତାକୁ

Digitized by srujanika@gmail.com

ବାହାଘରବେଳେ ସୁନାହାରଟେ ଦେବେ ବୋଲି ମୁଁ ଆମେରିକା ଆସିବା ଆଗରୁ ପଇସା ନେଇ ବରାଦ ଦେଇଥିଲେ ।

"ଗହଣା ତିଆରି କରିଥିଲ ପରା ।" ମୁଁ ପଚାରିଲି ।

"ସେକଥା ନୁହଁ ଯେ, ମାନୁଅପା ଆଉ ରବିଭାଇ ଆସିଥିଲେ ଘରକୁ । କିନ୍ତୁ କାର୍ଡ଼୍‌ଟା ତ ବୋଉଙ୍କ ନାଁ'ରେ ନା ! ତେଣୁ ତାଙ୍କୁ ଯାଇ ଘରେ ଦେଇଗଲେ ।"

"ହଁ, ଭଲ କଲେ ।"

"ତମେ ବୋଉଙ୍କୁ ଫୋନ୍‌ରେ ପଚାର । ସିଏ ଯଦି ଯିବେ, ତା'ହେଲେ ମୁଁ ଡ୍ରାଇଭର ପଠେଇ ତାଙ୍କୁ ନେଇଆସିବି ।"

"ତମେ କ'ଣ ପଚାରି ପାରୁନ ?"

"ତମ ବୋଉଙ୍କ ଗୁଣ କ'ଣ ଜାଣିନ ? ଏଇନା କେତେ ପେଖନା ବାହାର କରିବେ । ଦେହ ଭଲ ଲାଗୁନି । ଲୋକଭିଡ଼୍‌କୁ ଯିବାକୁ ଇଚ୍ଛାନାହିଁ । ମୁଁ ତ ବାହାରେ କିଛି ଖାଇବିନି । ଅଯଥାରେ କାଇଁକି ଯିବି ? ଏମିତି କେତେ କ'ଣ । ମାନୁଅପାର ଗୋଟିଏ ବୋଲି ଝିଅ । ଇଏ ନ ଗଲେ ସେମାନେ ଖରାପ ଭାବିବେନି ?"

ଟେଲିଫୋନ ପଇସା ଦେଇ ଏଭଳି ବାଜେ ଅଭିଯୋଗ ଶୁଣିବାକୁ ମୋର ଧୈର୍ଯ୍ୟ ନଥିଲା । ତେଣୁ ପ୍ରତିମାଙ୍କ ସବୁ କଥାକୁ ମାନିନେଇ ମୁଁ କହିଲି, "ଠିକ୍ ଅଛି, ମୁଁ ଆଜି ରାତିରେ ବୋଉକୁ କହିଦଉଛି, ସିଏ ତମ ସାଙ୍ଗେ କାଲି ବାହାଘର ଆଟେଣ୍ଡ କରିବ । ତମେ ଗଲାବେଳେ ତାକୁ ଘରୁ ଡାକିନବ ।"

ଭାବିଥିଲି କହିବି, ତମ ଇଜ୍ଜତ୍‌ଟା ନଇଲେ ସେଠି ପଡ଼ିଯିବ । କହିଲିନି । ନଇଲେ ପଇସା ଖର୍ଚ୍ଚ କରି ପୁଣି ଗୁଡ଼ାଏ ଅବାନ୍ତର କଥା ଶୁଣିବାକୁ ପଡ଼ିଥା'ନ୍ତା ।

ଫୋନ କାଟିସାରିବା ପରେ ଏ ବିଚିତ୍ର ପରିସ୍ଥିତି କଥା ଭାବୁଥିଲି । ଗୋଟିଏ ସହରରେ ଉଭୟେ ଅଛନ୍ତି; ଅଥଚ ଏଇ ସାମାନ୍ୟ ଗୋଟେ କାମ ପାଇଁ ମୋତେ ଆମେରିକାରେ ଥାଇ ମଧ୍ୟସ୍ଥତା କରିବାକୁ ପଡୁଛି ।

ଅସଲ କଥା ହେଲା, ଏ ବାହାଘର, ବ୍ରତଘର, ଜନ୍ମଦିନ, ଏକୋଇଶିଆ ଭିଡ଼ଭାଡ଼୍‌କୁ ସେ ଭଲପାଏନି । ଗଲା କିଛିବର୍ଷ ହେବ ସିଏ ଏକରକମ ସନ୍ନ୍ୟାସିନୀର ଜୀବନ ବଞ୍ଚୁଛି, ଏକାକିନୀ କାହା ଉପରେ ନିର୍ଭର ନକରି । ବିଶେଷକରି ଭାଇଙ୍କ ପିଲାମାନେ ବଡ଼ ହୋଇଯିବା ପରେ । ବଡ଼ଭାଇ ଭିଲାଇ ଷ୍ଟିଲ ପ୍ଲାଣ୍ଟରେ ଜେନେରାଲ ମ୍ୟାନେଜର

Digitized by srujanika@gmail.com

ପାହ୍ୟାକୁ ଗଲେଣି । ପିଲାମାନଙ୍କ ପାଇଁ ଆଦୌ ସମୟ ନଥାଏ ତାଙ୍କର । ଆଉ ଭାଉଜ ହାଉସୱାଇଫ ହେଲେ ବି ସେଠାକାର ୱିମେନ୍ସ କ୍ଲବ୍‌ର ସଭାନେତ୍ରୀ । ଗୋଟେ ବିଉଟି ପାର୍ଲରର ବି ମ୍ୟାନେଜ କରନ୍ତି । ଭାରି ଆକ୍ଟିଭ ସୋସିଆଲ ଲାଇଫ ତାଙ୍କର । ନାରୀ ଅଧିକାର ସମ୍ପର୍କରେ ସଭାସମିତି ଆୟୋଜନ କରିବା, ସେଠାକାର ସ୍ତ୍ରୀଲୋକମାନଙ୍କୁ ସଙ୍ଗଠିତ କରିବା, ୱେଲ୍‌ଫେୟାର କାର୍ଯ୍ୟକ୍ରମ ଆଦିରେ ଖୁବ୍ ବ୍ୟସ୍ତ ଥାଆନ୍ତି । ସେଠିକାର ଚଳଣିରେ ବେଶୀ ଦିନ ନିଜକୁ ଖାପଖୁଆଇ ପାରିଲାନି ବୋଉ । ପିଲାମାନଙ୍କର ସ୍କୁଲ ଯିବା ବୟସ ହେଲାରୁ ଫେରିଆସିଲା କଟକ । କିନ୍ତୁ କଟକ ଫେରିବା ପରେ ପ୍ରତିମାଙ୍କୁ ଘରେ ଚଳିବା ମୁସ୍କିଲ ହେଇପଡ଼ିଲା । ବୋଉର ବାର ଓଷାବ୍ରତ, ପୂଜାପାଠ ଆଉ ଧାର୍ମିକ ରୀତିନୀତି ଭିତରେ ପ୍ରତିମା ଅଣନିଃଶ୍ୱାସୀ ହେଇଗଲେ । ତାଙ୍କ ବାପା ତାଙ୍କୁ ଉପହାର ଦେଇଥିବା କଟକ ମହାନଦୀ ବିହାରର ପ୍ଲଟ୍‌ରେ ଅନେକଦିନୁଁ ଛୋଟ ଘର ଖଣ୍ଡେ ମୁଁ ତୋଳିଦେଇଥିଲି ଲୋନ କରି । ଭଡ଼ା ପଇସାରୁ କିସ୍ତିରେ ଶୁଝୁଥିଲା ଲୋନ । ଭଡ଼ାଟିଆଙ୍କୁ ନୋଟିସ ଦେଇ ପ୍ରତିମା ଏକରକମ ଜିଦ୍ କରି ଉଠିଆସିଲେ ନିଜ ଘରକୁ । ମୋତେ ପ୍ରଥମେ ଅଡୁଆ ଲାଗୁଥିଲା । ପରେ ଦେହସୁହା ହେଇଗଲା । ଦେଖିଲି, ଏଭଳି ଚଳିବାରେ ସମସ୍ତେ ଖୁସି ଅଛନ୍ତି; ମୁଁ କାଇଁକି ଅଯଥାରେ ଆଉଟୁପାଉଟୁ ହେବି ? କିନ୍ତୁ ଷ୍ଟକ୍‌ବ୍ରିଜ ଆସି ଏଠାକାର ନିଃସଙ୍ଗତା ଅନୁଭବ କଲାପରେ ମୁଁ ଭାବୁଛି, ସ୍ୱେଚ୍ଛାକୃତ ଏକାକୀତ୍ୱ ବରଣ କରିବା ପାଇଁ ବୋଉକୁ କି ପ୍ରକାର ଆଧାତ୍ମିକ ଶକ୍ତି ସାହାଯ୍ୟ କରିଥିବ ।

ଏମିତିରେ କୌଣସି କିଛିଷର ଗଭୀରତାକୁ ଯାଇ ଚିନ୍ତା କରିବା ବା ସାମଗ୍ରିକଭାବରେ ଚିନ୍ତାକରି କାର୍ଯ୍ୟପନ୍ଥା ସ୍ଥିର କରିବା ମୋର ପ୍ରକୃତିବିରୁଦ୍ଧ । ତା' ମଣିଷ ସମ୍ପର୍କ ହଉ ବା ବୃତ୍ତିଗତ ଜୀବନ ହଉ । ସବୁଦିଗରୁ ସବୁବେଳେ ସେଥିପାଇଁ ଗଞ୍ଜଣା ସହିବାକୁ ପଡ଼େ । ପିଲାବେଳେ ବାପାବୋଉ ଗାଳି ଦଉଥିଲେ ପାଠପଢ଼ାରେ ଉପରଠାଉରିଆ ଗୁଣଯୋଗୁଁ । ବାହାଘର ପରେ ପ୍ରତିମାଙ୍କ ଅଭିଯୋଗ ଯେ, ତାଙ୍କର ବନ୍ଧୁବାନ୍ଧବ ଓ ସଂପର୍କୀୟମାନଙ୍କ ବିଷୟରେ ମୁଁ ଉଦାସୀନ; କେବଳ ନିଜ କ୍ୟାରିଅର ଓ ଗବେଷଣାରେ ବୁଡ଼ିରହିଛି । ମୋର ଗବେଷଣା ଗାଇଡ଼ଙ୍କ ଅଭିଯୋଗ ଯେ, ମୁଁ ଭଲ ଅନ୍ତର୍ଦୃଷ୍ଟିଟେ ସନ୍ଧାନ କରିପକାଏ; କିନ୍ତୁ ତାକୁ ଉପଯୁକ୍ତ ତଥ୍ୟ ଓ ଯୁକ୍ତି ବିନା ବଦହଜମରେ ବାନ୍ତି କରିପକାଏ । ମୋ' ଗଳ୍ପଗୁଡ଼ିକ ପ୍ରକାଶ କରୁଥିବା ପତ୍ରିକାର ସମ୍ପାଦକଙ୍କ ମତରେ ଚମତ୍କାର ବିଷୟବସ୍ତୁ ସହ ଆରମ୍ଭ କରୁଥିବା କାହାଣୀଗୁଡ଼ିକୁ ମୁଁ ମଝିବାଟରେ ଏମିତି ଅରଣା କରିପକାଏ ଯେ, ସେଗୁଡ଼ିକ ଉପଯୁକ୍ତ ପରିଣତି ପାଆନ୍ତି

Digitized by srujanika@gmail.com

ନାହିଁ । ମୁଁ ଏତେ ଖାମଖିଆଲୀ ଯେ, ନିଜର ଏଇ ସ୍ୱଭାବ ସମ୍ପର୍କରେ ବାରମ୍ବାର ସଚେତନ ହେଲେ ବି ନିଜକୁ ବଦଳେଇବାକୁ ଉଦ୍ୟମ କରିପାରେନାହିଁ । ଅତଏବ ସକାଳେ ପ୍ରତିମାଙ୍କୁ ପ୍ରତିଶ୍ରୁତି ଦେଲି, ବୋଉ ସାଙ୍ଗେ କଥା ହେବି– ତାକୁ ଅନୁରୋଧ କରିବି, ସ୍ୱିଟିର ବାହାଘରରେ ସେ ମୁହଁମାରିବ । ଆମମାନଙ୍କର, ବିଶେଷକରି ପ୍ରତିମାଙ୍କର ଇଜ୍ଜତକୁ ତାଙ୍କ ବାପଘରେ ତଳେ ପକେଇବନି । ଆମ ପାରିବାରିକ ଜୀବନ ଯେ ଖୁବ୍ ମଧୁର ଆଉ ମଜଭୁତ, ଏତକ ମାନୁଅପା ଓ ରବିଭାଇଙ୍କ ପାଖରେ ପ୍ରମାଣିତ କରିବ । କିନ୍ତୁ ସଞ୍ଜବେଳକୁ ସମ୍ପୂର୍ଣ୍ଣ ଭୁଲିଗଲି ସବୁକଥା । ଦିନସାରା ବସି ସୋମବାରରେ ଦେବାକୁ ଥିବା ସେମିନାର ପେପର ବାଗେଇଲି । ଡେଭିଡ୍ ଓ ତାଙ୍କ ସ୍ତ୍ରୀ ସଞ୍ଜବେଳକୁ ସେଣ୍ଟରର କର୍ମଚାରୀ ଓ ତାଙ୍କର ଅନ୍ୟାନ୍ୟ ବନ୍ଧୁମାନଙ୍କୁ ଡାକିଥିଲେ ହାଉସଓ୍ୱାର୍ମିଂ ପାର୍ଟିକୁ– ଗୋଟିଏ ନୂଆଘର କିଣିଥିବାର ଖୁସିରେ । ପାର୍ଟିରେ ଖାମଖିଆଲୀ ଢଙ୍ଗରେ ପିଇଦେଲି ଅତ୍ୟଧିକ ଓ୍ୱାଇନ । ଫ୍ଲାଟ୍‌କୁ ଫେରି ଶୋଇଗଲି ଯେ ଉଠିଲି ତା'ପରଦିନ ଦଶଟା ବେଳକୁ । ସେତେବେଳେକୁ ସ୍ୱିଟି ବାହାଘରର ଅଧା କର୍ମ ସରିବଣି ।

ସକାଳୁ ଯେତେବେଳେ ଫୋନ କଥା ମନେପଡ଼ିଲା, ଟିକେ ଦୋଷୀଦୋଷୀ ଲାଗିଲା । ତା'ପରେ ଭାବିଲି, ଯାହା ତ ହବାର ହେଲାଣି, ପ୍ରତିମା ଯଦି ଗାଳି କରନ୍ତି, କହିଦେବି ଯେତେ ଚେଷ୍ଟାକଲେ ବି ଫୋନ ଲାଗିଲାନି । ପ୍ରତିମା ବିଶ୍ୱାସ କରିବେନି । ଅଧିକ ଗାଳିଦେବେ । ସେତେବେଳେ ଦେଖିବା । ଆଜିର ଏ ଛୁଟିଦିନର ସକାଳଟାକୁ କାହିଁକି ବରବାଦ କରିବି ? ନିତ୍ୟକର୍ମ ସାରି ଓ୍ୱାକିଂ ଜୋତା ଓ ଜ୍ୟାକେଟ ପିନ୍ଧି ବାହାରିଗଲି ଲମ୍ବା ଓ୍ୱାକ୍‌ରେ । ଶନିବାର ଦିନ ସକାଳବେଳା ପ୍ରାୟତଃ ଘରଠୁଁ ଚାରିମାଇଲ ଦୂରରେ ଥିବା ଗଲ୍‌ଫ କୋର୍ସକୁ ଚାଲିଚାଲି ପଳାଏ । ଫେରିବାବେଳକୁ ମଧ୍ୟାହ୍ନ ହେଇଯାଇଥାଏ । ଫେରିବା ରାସ୍ତାରେ ଲାୟନ କିଂ ହୋଟେଲରେ ମଧ୍ୟାହ୍ନଭୋଜନ ଅର୍ଡର ଦିଏ । ହୋଟେଲର ଖୋଲା ବାରଣ୍ଡାରେ ବିଭିନ୍ନ ଦେଶରୁ ଆସିଥିବା ଲୋକ ବସି ବିଅର କିମ୍ବା କଫି ପିଉଥା'ନ୍ତି । ବାରଣ୍ଡାର ଗୋଟିଏ ଟେବୁଲରେ ବସି ଦୀର୍ଘ ସମୟ ଧରି ବିଅର ପିଏ, ଲଞ୍ଚ ଖାଏ । ସଞ୍ଜବେଳକୁ ଘରକୁ ଫେରି ଟେଲିଭିଜନରେ ସିନେମା ଦେଖେ ।

ସେଦିନ କ'ଣ ମନ ହେଲା କେଜାଣି, ଗଲ୍‌ଫ କୋର୍ସ ଆଡ଼େ ନ ଯାଇ ଫ୍ଲାଟ୍ ପଛପଟ ରାସ୍ତାରେ ଚଢ଼ିଲି ପାଖ ମୁଣ୍ଡିଆ ଉପରକୁ । ମୁଣ୍ଡିଆ ଉପରେ ଚର୍ଚ୍ଚର ବିରାଟ କୋଠା । କୋଉ ଡିନମିନେସନ୍‌ର ଚର୍ଚ୍ଚ, ମୁଁ ଖିଆଲ କରିନି । କେବଳ ମାର୍ଥା କହୁଥିଲେ, ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସିଏ ଦୀର୍ଘଦିନ ଧରି ସେହି ଚର୍ଚ୍ଚ ଅର୍ଗାନାଇଜେସନରେ

Digitized by srujanika@gmail.com

ଜଣେ ସେବିକା ଭାବରେ ଚାକିରି କରୁଥିଲେ । ଅଳ୍ପ କିଛିଦିନ ଷ୍ଟକ୍‌ବ୍ରିଜ ବାହାରେ ତାଙ୍କୁ କାଟିବାକୁ ପଡ଼ିଛି ସତ; କିନ୍ତୁ ମୋଟାମୋଟି ଏଇଠି ଅଧିକାଂଶ ଦିନ ବିତେଇଛନ୍ତି । ଇଚ୍ଛା ଥିଲା, କେବେ ରବିବାର ଦିନ ମାର୍ଥାଙ୍କ ସାଙ୍ଗେ ଯାଇ ଚର୍ଚ୍ଚ ସର୍ଭିସରେ ଯୋଗଦେବି । ସେମିତିଆ ସୁଯୋଗ ଏଯାଏ ଜୁଟିନି ।

ସାପ ପରି ବଙ୍କେଇ ବଙ୍କେଇ ଉଠିଯାଇଛି ପାହାଡ଼ି ରାସ୍ତା । ଦି'ପଟେ ଟେରେସ୍ କରାଯାଇଥିବା ଘାସର ଗାଲିଚା । ଘାସ ସେପଟକୁ ଘଞ୍ଚ ଜଙ୍ଗଲ ଭର୍ତ୍ତି ପାହାଡ଼ । ତଳୁ ଲାଗୁଥିଲା, ଚର୍ଚ୍ଚର ପ୍ରାଙ୍ଗଣଟା ଏଇ ହାତପାଆନ୍ତାରେ । କିନ୍ତୁ ଚାଲିଚାଲି ଗଲାବେଳକୁ ମୁଁ ଧଇଁସଇଁ ହେଇଯାଉଥାଏ । ଚର୍ଚ୍ଚ ପ୍ରାଙ୍ଗଣ ବାହାରେ ଥିବା ଷ୍ଟେସନ ଓ୍ୱାଗନଟି ଚିହ୍ନା ଚିହ୍ନା ଲାଗିଲା । ସତ ତ ! ମାର୍ଥାଙ୍କର ଗାଡ଼ି । ମାର୍ଥା ତା' ହେଲେ ଆଜି ଚର୍ଚ୍ଚ ଆସିଛନ୍ତି । ଖୁସି ହେଲି ମନେମନେ । ଫେରିବାବେଳକୁ ତାଙ୍କୁ କହିଲେ ତାଙ୍କ ଗାଡ଼ିରେ ମୋତେ ଲାୟନ ସିଂ ହୋଟେଲରେ ଛାଡ଼ିଦେବେ । ତାଙ୍କର ଯଦି ସମୟ ଥାଏ, ତାଙ୍କୁ ବିଅର ପିଇବା ପାଇଁ କି ଲଞ୍ଚ ଖାଇବା ପାଇଁ ନିମନ୍ତ୍ରଣ କରାଯାଇପାରେ ।

କେତେ ସମୟ ଠିଆହୋଇ ଭାବୁଛି କେଜାଣି, ହଠାତ୍ ଦେଖିଲି, ଦୁଇଜଣ ହୃଷ୍ଟପୁଷ୍ଟ ମଧ୍ୟବୟସ୍କ ଲୋକ ମାଡ଼ିଆସିଲେ ମୋ' ଆଡ଼କୁ ।

"ଗିଭ୍ ଅସ୍ ସମ୍ ମନି । ଗିଭ୍ ଅସ୍ ସମ୍ ମନି ।" ଏକାସ୍ୱରରେ ଚିତ୍କାର କରୁଥା'ନ୍ତି ସେମାନେ । ମୁଁ ଚମକିପଡ଼ିଲି । ନିଉୟର୍କ କି ନିଉ ହେଭେନ୍‌ର ସହରତଳି ଅଞ୍ଚଳରେ ମଗିଂ ହଉଥିବାର କାହାଣୀ ମୁଁ ଶୁଣିଥିଲି । କିନ୍ତୁ ସକାଳ ଏଗାରଟା ବେଳେ ଚର୍ଚ୍ଚ ସାମ୍ନାରେ ଷ୍ଟକ୍‌ବ୍ରିଜ ଭଳି ଜାଗାରେ ଏମିତି ହିଂସ୍ର ଢଙ୍ଗରେ ମୋତେ କେହି ପଇସା ମାଗିପାରେ, ମୁଁ ଆଶଙ୍କା କରି ନଥିଲି ।

ଦୁଇଜଣ ଗୁଣ୍ଡାଙ୍କ ପଛରେ ମାର୍ଥାଙ୍କୁ ଦ୍ରୁତଗତିରେ ଆସୁଥିବାର ଦେଖି ମୋ ମନରେ ଦମ୍ଭ ଆସିଲା ।

"ନା, ନା, ସିଏ ଆମର ଅତିଥି । ମୋର ପୁଅ ସିନା । ତମର ଭାଇ । ତାଙ୍କୁ ଏମିତି କୁହାଯାଏନି ।" ମାର୍ଥାଙ୍କ ଆକଟରେ ଶାନ୍ତ ହେଇଗଲେ ଦୁଇଜଣଯାକ । ତାଙ୍କ ଗାଡ଼ିର କବାଟ ଖୋଲି ସେମାନଙ୍କୁ ଭିତରେ ବସିବା ପାଇଁ ନିର୍ଦ୍ଦେଶ ଦେଲେ । ଦୁଇ ସୁଧାର ବାଳକ ଭଳି ସେମାନେ ଗାଡ଼ିରେ ବସିଲା ପରେ ମାର୍ଥା ଗାଡ଼ିର ଦରଜାରେ ଚାବି ପକେଇଲେ । ସେମାନଙ୍କ ବ୍ୟବହାର ପାଇଁ ମୋ'ଠୁ କ୍ଷମା ମାଗିଲେ ।

Digitized by srujanika@gmail.com

"ବଟ୍ ଆଉ ଜିମ୍ । ମୋର ଦି' ପୁଅ । ମାନସିକ ରୋଗଗ୍ରସ୍ତ ତ, ବେଳେବେଳେ ହିଂସ୍ର ହେଇଯାଆନ୍ତି । ତେଣୁ ତାଙ୍କୁ ଏଇ ଶନିବାର ଦିନ ବେଶୀ ଭିଡ଼ ନ ଥିବା ସମୟରେ ଚର୍ଚ୍ଚକୁ ବୁଲେଇଆଣେ । ମୋତେ ଭାରି ମାନନ୍ତି । ମୋର ଗୋଟେ ସାନଭଉଣୀ ଅଛି । ତାକୁ ବି ଖୁବ୍ ଭଲପାଆନ୍ତି । ସିଏ ନିକଟରେ ମାସେ ଖଣ୍ଡେ ପାଇଁ ଆସିବ । ସେତିକିବେଳେ ମୁଁ ତମକୁ ଆମ ଘରକୁ ବୁଲେଇନେବି । ଏବେ ମୁଁ ଆସୁଛି । ଏମାନଙ୍କ ପାଇଁ ଲଞ୍ଚ ରାନ୍ଧିବି ।"

ମାର୍ଥା ଗାଡ଼ି ନେଇ ଚାଲିଗଲେ । ଏବେ ବୁଝିପାରିଲି, କଥାଦେଇ ସିଏ କାଇଁକି ମୋତେ ନିଜ ଘରକୁ ଡାକିପାରୁ ନଥିଲେ । ତାଙ୍କ ପରିବାର ସମ୍ପର୍କରେ ଯେତେ ଗପିଲେ ବି ନିଜ ପୁଅମାନଙ୍କ କଥା କାହିଁକି କିଛି କହୁ ନଥିଲେ । ନିଜର ଗୋପନତମ ଦୁଃଖଗୁଡ଼ିକ ବିଷୟରେ ମଣିଷ କ'ଣ ଗଳଗଳ ହୋଇ ଗପିପାରିବ ? ସେ ଦୁଃଖକୁ ଅନ୍ୟଠି ଅନୁଭବ କରିବାକୁ ହୁଏ । ଏ ବୟସରେ ବି ଅଷ୍ଟେନ୍ ରିଗ୍‌ସ ସେଣ୍ଟରରେ ସ୍ୱେଚ୍ଛାସେବୀ ନର୍ସ ଭାବରେ କାମ କରୁଥିଲେ ବୋଧହୁଏ । ମାର୍ଥାଙ୍କ ଅପସୃୟମାଣ ଗାଡ଼ିକୁ ଚାହିଁରହି ମୁଁ ଗଭୀର ଚିନ୍ତାରେ ବୁଡ଼ିଗଲି ।

କିନ୍ତୁ କେତେଦିନ ଏମିତି ଚାଲିବ ? ମାର୍ଥାଙ୍କ ମୃତ୍ୟୁ ପରେ ଏ ଦୁଇଭାଇଙ୍କ କଥା କିଏ ବୁଝିବ ? ସେମାନଙ୍କର ହାନିଲାଭ କ'ଣ ତାଙ୍କ ମାଉସୀ ବୁଝିପାରିବ ? ତେବେ ମାଉସୀ ପରେ ? ଭବିଷ୍ୟତ କଥା କିଏ କହିବ ? ଦୁଇହଜାର ବାର ନ ହେଲା, ଦୁଇହଜାର ପଚିଶରେ ପୃଥିବୀ ଧ୍ୱଂସ ପାଇଯାଇପାରେ । ଦୁଇହଜାର ତିରିଶରେ ବିରାଟ ଏକ ଗ୍ରହାଣୁ ହୁଏତ ପୃଥିବୀ ସହ ଅଚାନକ ଧକ୍କା ଖାଇ ଗୋଟେ ନୂଆ ହିମଯୁଗ ସୃଷ୍ଟି କରିଦେଇପାରେ । ମାର୍ଥା ବଞ୍ଚିଥିବା ଭିତରେ ପୁଅ ଦି' ଜଣ କ୍ଲାରା ଭଳି ନିଜର ଭେନ୍‌ଗୁଡ଼ାକ କାଟି ପକେଇ ଆତ୍ମହତ୍ୟା କରିଦେଇପାରନ୍ତି । ପ୍ରଭୁ ଯୀଶୁଙ୍କ କରୁଣା ବଳରେ ଅଚାନକ ଦି' ଜଣଯାକ ଠିକ୍ ଆମତମ ଭଳି ସାଧାରଣ ମଣିଷ ହେଇଯାଇପାରନ୍ତି । ଭବିଷ୍ୟତ ତ ଅନନ୍ତ ସମ୍ଭାବନାରେ ପରିପୂର୍ଣ୍ଣ । କିନ୍ତୁ ବର୍ତ୍ତମାନର ଏଇ ମୁହୂର୍ତ୍ତରେ ମାର୍ଥା ମୋତେ ଲାଗୁଥିଲେ ପୃଥିବୀର ସବୁଠାରୁ ଐଶ୍ୱର୍ଯ୍ୟଶାଳିନୀ ମା' ।

Digitized by srujanika@gmail.com

କଳାକାର

"ତାଙ୍କୁ ଏଭଳିଆ ସଭାକୁ ଡାକିବାକୁ କିଏ ନିଷ୍ପତ୍ତି ନେଇଥିଲା ?" ବିରକ୍ତ ହେଇ ପଚାରିଲେ ବୃନ୍ଦାବନବାବୁ ।

"ନିଜେ ପ୍ରେସିଡ଼େଣ୍ଟ", ଜବାବ ଦେଲେ ଗୌରହରି, ହେତୁବାଦୀ ସଂଗଠନର ସଂପାଦକ ।

"କାହିଁକି, ଏ ପ୍ରସ୍ତାବ ତ ଏକ୍‌ଜିକିଉଟିଭ ବଡ଼ିରେ ପାସ୍ ହେଇ ନଥିଲା ।"ବୃନ୍ଦାବନବାବୁଙ୍କ ସ୍ୱର ଧୀରେଧୀରେ ଉଚ୍ଚତର ହେଉଥିଲା ।

"ପ୍ରେସିଡ଼େଣ୍ଟ ଏଭଳିଆ ନିଷ୍ପତ୍ତି ନେଇପାରିବେ । ବାଇଲ'ରେ ଅଛି । ସଂପାଦକ ପରିସ୍ଥିତିକୁ ହାଲୁକା କରିବାକୁ ଚେଷ୍ଟା କରୁଥିଲେ ।

ଏଇ ସମୟରେ ନସରପସର ହେଇ ସଂଗଠନର ସଭାଗୃହକୁ ପଶିଆସିଲେ ରବିନାରାୟଣବାବୁ, ପ୍ରେସିଡ଼େଣ୍ଟ । ମୁହଁରେ ବିରକ୍ତିର ଭାବ ସ୍ପଷ୍ଟ । କପାଳରେ ଉକୁଟି ଉଠିଥିବା ଛୋଟଛୋଟ ଝାଳବିନ୍ଦୁକୁ ନିଜ ପକେଟରୁ ରୁମାଲ ବାହାରକରି ପୋଛି ଦଉଦଉ ମନକୁ ମନ କହି ଚାଲିଲେ, "ଯାଇଛନ୍ତି, କ'ଣ ଗୋଟାଏ ନୂଆ ପ୍ରଜାତିର ପ୍ରଜାପତି ସନ୍ଧାନରେ । ଗଲେଣି ସକାଳ ପହରୁ, କୋଉ ଜଣେ ନୂଆ ଚେଲା ସାଙ୍ଗରେ । ତାଙ୍କ ସ୍ତ୍ରୀ ସେ ପିଲାକୁ ଚିହ୍ନିନାହାଁନ୍ତି ବି ଭଲକରି । ତାଙ୍କ ସ୍ତ୍ରୀ ଯାହା କହିଲେ, ସିଏ କୁଆଡ଼େ ଏମିତି ସବୁକଥା ଭୁଲିଯାଆନ୍ତି । ସ୍ତ୍ରୀ ଫୋନ କରି ମନେପକେଇ ଦେଇଥାଆନ୍ତେ ଏଠିକି ଆସିବା କଥା; ହେଲେ ସିଏ ଆଜି ସେଲଫୋନଟା ବି ଘରେ ଛାଡ଼ିଦେଇ ଯାଇଛନ୍ତି ।"

ପ୍ରେସିଡ଼େଣ୍ଟ ଏତକ କହିସାରି ଦମ୍ ନେଲେ । ସିଏ ଚିତ୍ରକର ଅସିତବାବୁଙ୍କ ଉପରେ ବିରକ୍ତ ନା ତାଙ୍କୁ ନିମନ୍ତ୍ରଣ କରିଥିବାରୁ ନିଜ ଉପରେ ବିରକ୍ତ, ଠିକ୍ ବୁଝାପଡୁନଥିଲା । ଫ୍ୟାନ ତଳେ ଗୋଟିଏ ଚେଆର ଉପରେ ନିଜର ମେରୁଦଣ୍ଡ ସିଧାକରି ବସି ରହିଥିଲେ ସିଏ । ଦେଖିଲେ କେହି କହିବନି, ପଞ୍ଚସ୍ତରି ବର୍ଷ ଟପିଗଲାଣି । ଦେହର ପରିଧାନ, କଡ଼ା ମଣ୍ଡଦିଆ ଧଳା ଫୁଲ୍‌ପ୍ୟାଣ୍ଟ ଆଉ ହାୱାଇନ ସାର୍ଟ । ସବୁବେଳେ

Digitized by srujanika@gmail.com

ସେଇ ଧଳାରଙ୍ଗ । ତା'ଭିତରୁ ଝଲସୁଥିବ ତାଙ୍କର ତକତକ ଗୋରା ଚେହେରା । ଚଷମା ଭିତରେ ଜଳୁଥିବ ତାଙ୍କର ଜ୍ୟୋତିର୍ଦ୍ଦୀପ୍ତ ଆଖି । ଖଣ୍ଡା ଭଳି ନାକ । ମୁଣ୍ଡର କେଶ ବି ଏଯାଏ ଭଲ କରି ପାଚିନି । ତାଙ୍କୁ ଭଲକରି ଜାଣିନଥିବା ଲୋକେ ତାଙ୍କୁ ଜଣେ ସନ୍ନ୍ୟାସୀ ବୋଲି ଭାବିପାରନ୍ତେ । କିନ୍ତୁ ତାଙ୍କ ଜୀବନର ଆଭିମୁଖ୍ୟ ଏବେକାରେ ଓଲଟା । ପିଲାଦିନରୁ ଧର୍ମକର୍ମ, ବାବାଫାବା, ମନ୍ଦିରମସ୍‌ଜିଦ, ଗୁଣିଗାରେଡ଼ି ଭଳି ସହଜିଆ ଲୋକାଚରକୁ ଘୃଣା କରିଆସିଛନ୍ତି । ବୈଜ୍ଞାନିକ ସିଦ୍ଧାନ୍ତ ଓ ଯୁକ୍ତିଶୀଳ ଚେତନା ବ୍ୟବହାର କରି କେମିତି ଏକ ଆଦର୍ଶ ଜୀବନ ବଞ୍ଚିହବ, ତା'ର ପରୀକ୍ଷା ନିଜ ଜୀବନରେ କରିଛନ୍ତି । ଏ ପର୍ଯ୍ୟନ୍ତ ବି ନିୟମିତ ବ୍ୟାୟାମ କରିବା, ପରିମିତ ଆହାର କରିବା, ଦେହମନକୁ କର୍ମଠ ରଖିବା ଓ ଶୃଙ୍ଖଳିତ ଦିନଚର୍ଯ୍ୟା ମାଧ୍ୟମରେ ସିଏ ଏବେ ବି ନିରୋଗ ଓ ସୁସ୍ଥସବଳ ରହିପାରିଛନ୍ତି ।

"ସାର୍, ଆଉ କେତେ ସମୟ ଅପେକ୍ଷା କରିବା ? ସ୍ନାକ୍ସ ଆଉ କଫି ଆସୁଆସୁ ଲାଗିବ ଘଣ୍ଟେ ଦେଢ଼ଘଣ୍ଟା । ସାଂଗଠନିକ ଚର୍ଚ୍ଚା କରିବା ନା ଜଳଖିଆ ଅର୍ଡ଼ର କ୍ୟାନ୍‌ସେଲ କରିଦବା ?" ପଚାରିଲେ ଗୌରହରି ।

"ଆମେ ଏକାଠି ହେଇଛେ ଯେତେବେଳେ, ନିଜନିଜ ଭିତରେ ଆଲୋଚନା କରାଯାଉ । ତା' ଛଡ଼ା, ଆଜିର ଏ ଅଘଟଣ ପାଇଁ ସଦସ୍ୟମାନଙ୍କଠାରୁ ମୋତେ କ୍ଷମା ମାଗିବାକୁ ପଡ଼ିବ ନା ।" ରବିବାବୁ ସମସ୍ତଙ୍କୁ ଶୁଣେଇ ଶୁଣେଇ କହିଲେ ।

ତାଙ୍କ କଥା ଶୁଣି ନିଜନିଜ ଭିତରେ ଖୁସିଗପରେ ମାତିଥିବା ସଂଗଠନର ସଦସ୍ୟମାନେ ରବିବାବୁଙ୍କ ପାଖକୁ ଘୁଞ୍ଚିଆସିଲେ । ସଦସ୍ୟ କହିଲେ ଗାଏମୋଟ ପଇଁତିରିଶ ଜଣ । ପ୍ରତି ପନ୍ଦର ଦିନରେ କୌଣସି ରବିବାର ଅପରାହ୍ଣରେ ସେମାନେ ଏକାଠି ହୁଅନ୍ତି । ବାହାରୁ ଡକାହେଇ ଆସନ୍ତି ବକ୍ତା । ଜୀବନ ଉପରେ କୁସଂସ୍କାର ଓ ଅନ୍ଧବିଶ୍ୱାସର କୁପ୍ରଭାବ ଓ ବୈଜ୍ଞାନିକ ସିଦ୍ଧାନ୍ତ ଓ ଯୁକ୍ତିନିଷ୍ଠ ବିଚାରଧାରା ମାଧ୍ୟମରେ ତା'ର ନିରାକରଣ ସଂପର୍କରେ ଚର୍ଚ୍ଚା ହୁଏ । ଚର୍ଚ୍ଚାର ନିଷ୍କର୍ଷକୁ ଗଣମାଧ୍ୟମ ଜରିଆରେ ପ୍ରସାରିତ କରାଯାଏ । କିଛିକିଛି ସଦସ୍ୟ ହାଣ୍ଡବଲ୍ ତିଆରିକରି ନିଜନିଜ ପରିଚିତ ସମୁଦାୟଙ୍କ ମଧ୍ୟରେ ବାଣ୍ଟନ୍ତି । ସମାଜରେ ଅନ୍ଧବିଶ୍ୱାସଜନିତ କିଛି ବର୍ବରତା ନଜରକୁ ଆସିଲେ ସଂଗଠନର କିଛି ସଦସ୍ୟ ସେଠାକୁ ଗସ୍ତ କରି ଘଟଣା ଅନୁଧ୍ୟାନ କରନ୍ତି । ସରକାରଙ୍କୁ ସତର୍କ କରନ୍ତି । ଏଥିପାଇଁ ଯାହାକିଛି ଆର୍ଥିକ ବ୍ୟୟ ତାହା ବହନ କରନ୍ତି ନିଜେ ରବିବାବୁ ।

Digitized by srujanika@gmail.com

ବହୁଦିନ ଧରି ରବିବାବୁ ଏକୁଟିଆ । ଅନେକବର୍ଷ ତଳେ ମରିଯାଇଥିଲେ ତାଙ୍କର ସ୍ତ୍ରୀ । ଏକମାତ୍ର ପୁଅ ଆମେରିକାରେ ବସବାସ କରିବା ପରେ, ବର୍ଷକୁ ଥରେ ଦୁଇଥର କଟକ ଆସି ବାପାଙ୍କୁ ଦେଖିଦେଇଯାଏ । ବାକି ସମୟତକ ସର୍ଭାଣ୍ଟ କ୍ୱାର୍ଟର୍ସରେ ରହୁଥିବା ପରିବାରଟି ତାଙ୍କର ଦେଖାଶୁଣା କରନ୍ତି । ତା' ସ୍ୱାମୀ ରବିବାବୁଙ୍କ ଗାଡ଼ି ଚଳାଏ–ଡ୍ରାଇଭର । ବୋଲହାକ କରେ । ସ୍ତ୍ରୀ ରୋଷେଇବାସ, ଘରକାମ କରେ । ଇଞ୍ଜିନିୟର-ଇନ୍-ଚିଫ୍ ଭାବରେ ଅବସର ନେଇଥିଲେ ରବିବାବୁ ଓ ପେନ୍‌ସନ ଟଙ୍କା ଓ ସଂଚୟ ଯେତିକି, ସେତିକିରେ ଖୁବ୍ ସ୍ୱଚ୍ଛନ୍ଦ ଜୀବନଯାପନ କରନ୍ତି । ତା'ଛଡ଼ା ତାଙ୍କର ଏଇ ହେତୁବାଦୀ କାର୍ଯ୍ୟକ୍ରମର ନିଶା ପାଇଁ ପୁଅ ଆମେରିକାରୁ ପଠାଏ ପ୍ରଚୁର ପଇସା । ବାପାଙ୍କ ନିଃସଙ୍ଗ ଜୀବନରେ କିଛି ଆସକ୍ତି, କିଛି ବ୍ୟସ୍ତତା ଭରିଦେବା ପାଇଁ ତା'ର ଏଇ ଉଦ୍ୟମ । କେତେଥର ଚେଷ୍ଟାକରି ବାପାଙ୍କୁ ନେଇଛି ଆମେରିକା । ଛାଟିପିଟି ହେଇ ପଳେଇଆସିଛନ୍ତି ରବିବାବୁ ସବୁଥର, ଦି'ହପ୍ତା ମାସେ ଭିତରେ । ଆଉ ସେ ଦିଗରେ ପ୍ରଚେଷ୍ଟା ନାହିଁ । ଆଉ କିଛି ନିଶା ନାଇଁ ତ, ତେଣୁ ବାପାଙ୍କର ଏଇ ନିଶାଟି ପାଇଁ ଅକାତରେ ଖର୍ଚ୍ଚ କରେ ସିଏ, ଶ୍ରଦ୍ଧାରେ ହଉ ବା ପରିସ୍ଥିତି ଉପରେ ନିଜର କର୍ତ୍ତବ୍ୟରେ ଅବହେଳାଜନିତ ଗ୍ଲାନି ଯୋଗୁଁ ।

"ଆଜିର ଅବ୍ୟବସ୍ଥା ପାଇଁ ମୁଁ ବ୍ୟକ୍ତିକ ଭାବରେ ଦାୟୀ ଓ ଦୁଃଖିତ ମଧ୍ୟ । ଆପଣମାନଙ୍କ ମୂଲ୍ୟବାନ୍ ସମୟ ଅପଚୟ ହେଲା, ଅଥଚ ଆଜି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ହେଇପାରିଲା ନାହିଁ ।" ସଫେଇ ଦେଲେ ରବିବାବୁ ।

"ନା ନା, ଆଜ୍ଞା, ଏଥିରେ ଆପଣଙ୍କର କ'ଣ ଭୁଲ୍ ରହିଲା ? ଲୋକଟା ବାୟା ବୋଲି କ'ଣ ଆପଣ ଜାଣିକି ଡାକିଥିଲେ ?" କେହିକେହି କହିଲେ ।

"ଭଲ ହେଲା ଆଜ୍ଞା, ଗୋଟେ ଦୃଷ୍ଟିରୁ । ଆଜି ନିଜନିଜ ଭିତରେ ଆଲୋଚନା ହଉ । ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ମତାମତ ରଖାଯାଉ ।" କହିଲେ ବୃନ୍ଦାବନବାବୁ, କାର୍ଯ୍ୟକାରୀ ସମିତିର ସଦସ୍ୟ, ଯିଏ ଆଉଟିକେ ଆଗରୁ ସବୁଠୁ ବେଶି ଉତ୍ତେଜିତ ଥିଲେ, ଠିକ୍ ସମୟରେ ସଭାକାର୍ଯ୍ୟ ଆରମ୍ଭ ନ ହେଇଥିବାରୁ ।

ଅସଲରେ ରବିବାବୁଙ୍କ ପ୍ରତି ସମସ୍ତଙ୍କ ମନରେ ଥିଲା ଗଭୀର ଭକ୍ତିଭାବ । ଏକ୍‌ରେ ବୟୋଜ୍ୟେଷ୍ଠ । ତା'ପରେ ରହିଥିଲା ପଦମର୍ଯ୍ୟାଦା ପ୍ରତି ସମ୍ଭ୍ରମ । ଗୋଟେ ସାମାଜିକ କାର୍ଯ୍ୟକ୍ରମ ପାଇଁ ନିଜ ହାତରୁ ଅକାତରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଦେବା ଭଳି ବ୍ୟକ୍ତି କେତେଜଣ ଥିବେ ଏ ସହରରେ ? ତା' ଛଡ଼ା, ରବିବାବୁ

Digitized by srujanika@gmail.com

ଥିଲେ ଖୁବ୍ ଜ୍ଞାନୀ ଓ ପଣ୍ଡିତ । ଏ ବୟସରେ ବି ପଢୁଥିଲେ ଦିନକୁ ଚାରିପାଞ୍ଚଘଣ୍ଟା । ଲେଖୁଥିଲେ ପତ୍ରପତ୍ରିକାରେ । ହେତୁବାଦୀ ଚିନ୍ତାଧାରାସମ୍ବଳିତ ପୁସ୍ତକସବୁ କେତେଆଡୁ ସଂଗ୍ରହ କରି ସଦସ୍ୟମାନଙ୍କ ମଧ୍ୟରେ ବାଣ୍ଟୁଥିଲେ । ଆଲୋଚନା ମାଧ୍ୟମରେ ସେମାନଙ୍କର କିଛି ସନ୍ଦେହ ଥିଲେ ତାକୁ ବ୍ୟାଖ୍ୟା କରୁଥିଲେ ।

"ଏକ୍‌ଜିକିଉଟିଭ ମିଟିଙ୍ଗରେ ନ ପକାଇ ମୁଁ ଏ ନିଷ୍ପତ୍ତି ଏକୁଟିଆ ନେଇଥିବାରୁ ଆପଣମାନେ ଭାବୁଥିବେ, ମୁଁ କୌଣସି ଖିଆଲରେ ଅସିତବାବୁଙ୍କୁ ନିମନ୍ତ୍ରଣ କରିଥିବି । ଖିଆଲର ସମ୍ଭାବନା ଏଡ଼େଇ ହବନି ପୂରାପୂରି, ତଥାପି ଯୁକ୍ତି ଯେ ଆଦୌ ନଥିଲା, ସେକଥା କହିହବନି ।" ରୁମାଲ ବାହାର କରି ନିଜ ମୁହଁ ପୋଛିଲେ ରବିବାବୁ । ସେପ୍ଟେମ୍ବର ମାସ ହେଇସାରିଥିଲେ ବି ପ୍ରଚୁର ଗୁଳୁଗୁଳି ଯୋଗୁଁ ଫ୍ୟାନ୍‌ର ପବନକୁ ମାନୁନଥାଏ ଝାଳ । ସଭାଗୃହକୁ ଶୀତତାପନିୟନ୍ତ୍ରିତ କରିବାକୁ ବିଚାର ହେଲାଣି କେତେଥର, କିନ୍ତୁ ଭଡ଼ାଘରେ ଚାଲୁଥିବାରୁ ନିଷ୍ପତ୍ତି ନିଆଯାଇପାରୁନି । ସଂଗଠନର ସ୍ଥାୟୀ ସଭାଗୃହ ପାଇଁ ଛୋଟ ପ୍ଲଟ୍ ଖଣ୍ଡେ ଯୋଗାଡ଼ କରିବାକୁ ଚେଷ୍ଟା ହଉଛି । ସେଇଠି ଏ ସବୁର ବନ୍ଦୋବସ୍ତ ହବ ।

"ଅସିତବାବୁଙ୍କୁ ଡାକିବା ପଛରେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଯୁକ୍ତି ଥିଲା ।" ଆରମ୍ଭ କଲେ ରବିବାବୁ । ନିଜନିଜ ଆସନରେ ବସିରହି ସଦସ୍ୟମାନେ ଉତ୍ସୁକ ହେଇ ଅନେଇ ରହିଲେ ତାଙ୍କ ମୁହଁକୁ ।

"ପ୍ରଥମ କଥା ହେଲା, ବର୍ତ୍ତମାନର ପରିସ୍ଥିତି । ବିଭିନ୍ନ ଜାଗାରେ ହେତୁବାଦୀମାନଙ୍କ ଉପରେ କିଭଳି ମରଣାନ୍ତକ ଆକ୍ରମଣ କରାହେଉଛି, ସେକଥା ବିଭିନ୍ନ ଗଣମାଧ୍ୟମରୁ ଆପଣମାନେ ଜାଣୁଥିବେ । ହେତୁବାଦୀ କହିଲେ ପଞ୍ଚେ କ'ଣ ମନରେ ଭାବୁଛନ୍ତି କେଜାଣି, ହଠାତ୍ ସେମାନେ ଆକ୍ରମଣାତ୍ମକ ହେଇଯାଉଛନ୍ତି । ଭାବୁଛନ୍ତି, ତାଙ୍କ ଧର୍ମବିଶ୍ୱାସ ପ୍ରତି ଆଞ୍ଚ ଆସିଗଲା । ଅବଶ୍ୟ ଆଗକାଳେ ଠିକ୍ ଏଇମିତି ଆକ୍ରମଣ ହେଇଆସିଛି ଧର୍ମପ୍ରଚାରକମାନଙ୍କ ଉପରେ । ସବୁବେଳେ ଯୋଉମାନେ ସତ୍ୟ, ନ୍ୟାୟ, ସଂହତି କଥା କୁହନ୍ତି, ତାଙ୍କର ଜୀବନ ପ୍ରତି ବିପଦ ଦେଖାଦିଏ । ଆପଣ ଯେକୌଣସି ବିଶ୍ୱଧର୍ମର ଇତିହାସ ପଢ଼ନ୍ତୁ, ଦେଖିବେ, ନେତାମାନଙ୍କୁ କିଭଳି ଯନ୍ତ୍ରଣା ସହିବାକୁ ପଡ଼ିଥିଲା । ସେତେବେଳେ ଏ ଧର୍ମର ନୀତିନିୟମ କ୍ରାନ୍ତିକାରୀ ମନେହେଇଥିବ । ମଣିଷ ସ୍ୱଭାବତଃ ଆଳସ୍ୟପରାୟଣ । ମନ ଆଉ ଶରୀରକୁ କୌଣସି ଅକଳିଆରେ ନ ପକେଇ ଗଡ଼ଗଡ଼ାଳାରେ ବଞ୍ଚିଗଲେ ଗଲା, ଯଦିଓ ଏମିତିଆ ଜୀବନ ମଣିଷର ଜୀବନ

Digitized by srujanika@gmail.com

ସାଙ୍ଗେ ସମାନ । ମଣିଷ ପାଖରେ ଯୋଉ ଅଧିକ ସମ୍ଭାବନାମାନ ଅଛି, ତାକୁ ହାସଲ କରିବାକୁ ସେତେବେଳେ ଧର୍ମପ୍ରବର୍ତ୍ତକ ଓ ପ୍ରଚାରକମାନେ ଆହ୍ୱାନ ଦେଇଥିବେ । ଆଳସ୍ୟବିଳାସୀ ମଣିଷକୁ ତାହା ଭଲ ଲାଗି ନଥିବ । ପୁରୁଣା ବ୍ୟବସ୍ଥାରୁ ଆଉ ଦଳେ ଆଳସ୍ୟପରାୟଣ ଲୋକ ଫାଇଦା ନଉଥିବେ । ସେମାନେ ସାଧାରଣ ମଣିଷକୁ ଉତ୍ତେଜିତ କରି ଏଇ ନୂଆ ଧର୍ମ, ନୂଆ ବ୍ୟବସ୍ଥା ବିରୋଧରେ ଠିଆ କରଉଥିବେ, ଠିକ୍ ଯେମିତି ଆଜି ଆମ ଭଳି ହେତୁବାଦୀମାନଙ୍କ ଉପରେ ଅତ୍ୟାଚାର ହେଉଛି । ଘଟଣା କ'ଣ କି, ସମୟ ଓ ପରିସ୍ଥିତି ବଦଳିଯିବା ସାଙ୍ଗେସାଙ୍ଗେ ଧର୍ମର ଆହ୍ୱାନଗୁଡ଼ିକ ବଦଳିଯାଏ । ତଥାପି ଧର୍ମର ବଡ଼ପଣ୍ଡାମାନେ ପୁରୁଣା ଧର୍ମର ବ୍ୟବସ୍ଥାକୁ ଜାବୁଡ଼ି ଧରିବାକୁ ଚାହୁଁଥାନ୍ତି, କାରଣ ସେଥିରୁ ତାଙ୍କର ଫାଇଦା ହଉଥାଏ । ଏମିତି ଦେଖିଲେ, ଆମେ ଯାହା ସବୁ କରୁଛୁ ବା କହୁଛୁ, ତାହା କ'ଣ କୌଣସି ଧର୍ମର ମୂଳ ଆହ୍ୱାନଠାରୁ ଅଲଗା କି ?"

"ତା ନୁହେଁ ଆଉ କ'ଣ ?" କହିଲା ଗୌରାଙ୍ଗ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ଛାତ୍ର । ସେ ଏବେ ନୂଆକରି ହେତୁବାଦୀ ସଂଗଠନରେ ଯୋଗଦେଇଛି । ନାସ୍ତିକ ଇଂରେଜ ଦାର୍ଶନିକ ଏ.ସି.ଗ୍ରେଲିଙ୍ଗ୍‌ଙ୍କ ଭକ୍ତ । ସବୁବେଳେ ଗ୍ରେଲିଙ୍ଗ କିମ୍ବା ରିଚାର୍ଡ଼ ଡକିନ୍‌ସଙ୍କ ବହି ଧରି ବୁଲୁଥାଏ । "ଆମେ ବି ଲୋକଙ୍କୁ ସାମ୍ପ୍ରତିକ ଜୀବନର ସତ୍ୟ ଆଡ଼କୁ ଆଗେଇନେବାକୁ ଚେଷ୍ଟାକରୁଛୁ । ଯୋଉ ସମାଜରେ ଆମେ ବାସକରୁଛୁ, ସେଠି ମିଳୁଥିବା ସବୁ ଭଲ ଜିନିଷ ମଣିଷଙ୍କ ପାଖେ ପହଞ୍ଚୁ, ତାହା ଆମେ ଇଚ୍ଛା କରୁ । ଲୋକଙ୍କ ଭିତରେ ଥିବା ବିଭିନ୍ନ ଅନ୍ଧବିଶ୍ୱାସକୁ ଉସ୍‌କେଇ ଧୂର୍ତ୍ତ ଲୋକେ ଅନ୍ୟମାନଙ୍କୁ ଶୋଷଣ ନ କରନ୍ତୁ, ସେଇଥିପାଇଁ ତ ଆମର ଏ ସଂଗଠନ ।"

"କିନ୍ତୁ ଖାଲି ଆଦର୍ଶବାଦୀ ହେଲେ ଚଳିବନି ।" କହିଲେ ରବିବାବୁ, "ଆମକୁ କୁଶଳୀ ହବାକୁ ପଡ଼ିବ । କୌଶଳ ନ ଥିଲେ ଯେଉଁ ଆଦର୍ଶ ପାଇଁ ଆମେ ଏକାଠି ହେଇଛୁ, ତା'ର ଉଦ୍ଦେଶ୍ୟ ସଫଳ ହେବନାହିଁ । ଅସିତବାବୁ ଆମ ସମାଜର ଜଣେ ସମ୍ମାନାସ୍ପଦ ବ୍ୟକ୍ତିତ୍ୱ । ତାଙ୍କ ଭଳି ଲୋକ ଆମ ସଂଗଠନ ସହ ସଂପୃକ୍ତ ହେଲେ ସାଧାରଣରେ ଆମର ଖାତିର ବଢ଼ିବ । କିଛିକିଛି ଲୋକଙ୍କ ମନରେ ଆମ ପ୍ରତି ଯେଉଁ କିମ୍ଭୁତକିମାକାର ଧାରଣା ରହିଛି, ତାହା ଦୂରହେବ । ସେଇଥିପାଇଁ ମୁଁ ତାଙ୍କୁ ଏଠି ଭାଷଣ ଦବାକୁ ଡାକିଥିଲି । ତା'ଛଡ଼ା ତାଙ୍କୁ କିଛି ବଡ଼ଧରଣର ଆର୍ଥିକ ସାହାଯ୍ୟ ଦବାକୁ ଚାହୁଁଥିଲି । ଭାରି ସ୍ୱାଭିମାନୀ ମଣିଷ କି ନା ! ହୁଏତ ଦାନ ସ୍ୱୀକାର କରନ୍ତେନି । କିନ୍ତୁ ଭାଷଣର ପାରିତୋଷିକ ଭାବରେ ତାଙ୍କୁ ସଂଗଠନ ତରଫରୁ ଅଫିସିଆଲି କିଛି ଦିଆଯାଇ ପାରିଥାନ୍ତା । ଏତେବଡ଼ କଳାକାର, କିନ୍ତୁ ତାଙ୍କ ଆର୍ଥିକ ସ୍ଥିତି କିଛି ଭଲ

Digitized by srujanika@gmail.com

ନୁହେଁ । ନିଜ କଳାକୃତିର ଖୁବ୍ ଗୋଟେ ମାର୍କେଟିଂ କରିପାରିନାହାଁନ୍ତି ସେ । ମୋ ଜୀବନରେ ମୁଁ ପ୍ରାୟ ଲକ୍ଷ୍ୟକରିଛି, ଏଇ କଳାକାରମାନେ କେମିତି ଏକବାଗିଆ । ଜୀବନ ବଞ୍ଚିବାର କଳା ଏମାନଙ୍କୁ ମାଲୁମ ନଥାଏ ହୁଏତ । ମୋତେ ଲାଗେ, ଆମେ ସେମାନଙ୍କର ପୃଷ୍ଠପୋଷକତା କରିବା ଉଚିତ । ହୁଏତ ଏଇଟା ମୋର ଗୋଟେ ଖିଆଲ, ଯା ପଛରେ କିଛି ଯୁକ୍ତି ନାହିଁ ।"

"ହେତୁବାଦୀ ଦର୍ଶନ ତ ଏଇଭଳି ଲୋକମାନଙ୍କୁ ବାଟ କଢ଼େଇ ନବ । ସେମାନଙ୍କର ଅନ୍ଧମୋହଗୁଡ଼ାକ ଦୂର କରିବ । କେବଳ ଅଶିକ୍ଷିତ ଗ୍ରାମ୍ୟ ଲୋକ ଅନ୍ଧବିଶ୍ୱାସଗ୍ରସ୍ତ ନୁହଁନ୍ତି, ଆଧୁନିକ ମେଟ୍ରୋପଲିଟାନ ମଣିଷର ବି ରହିଛି ବିଭିନ୍ନ ଅନ୍ଧବିଶ୍ୱାସ । ଦେଖୁନାହାଁନ୍ତି, ସହରବଜାରରେ କେମିତି ଛତୁ ଫୁଟିଲା ଭଳିଆ ଗଢ଼ିଉଠୁଛି ବିଭିନ୍ନ ବାବାମାତାଙ୍କ ନାଁରେ ଭଜନମଣ୍ଡଳୀ", କହିଲେ ବୃନ୍ଦାବନବାବୁ ।

"ନା, ନା, ମୁଁ ଭିନ୍ନ କଥାଟେ କହୁଥିଲି ।" ଈଷତ୍ ବିରକ୍ତି ପ୍ରକାଶ କଲେ ରବିବାବୁ । "ଅସଲ କଥା ହେଲା, ମୋର ସମସ୍ତ ହେତୁବାଦୀ ଯୁକ୍ତି ପ୍ରତିଯୁକ୍ତି ବାବଜୁଦ୍ ମୁଁ କଳାକାରମାନଙ୍କୁ ଭଲକରି ବୁଝିପାରିନି । ହୁଏତ ସେମାନେ ଏକ ମହତ୍ତର ସତ୍ୟର ସନ୍ଧାନରେ ଅଛନ୍ତି ବା ସନ୍ଧାନ କରିଛନ୍ତି, ଯାହାକୁ ସେମାନେ ଜାଗତିକ ଦୁନିଆର ଭାଷାରେ କହିପାରୁନାହାଁନ୍ତି । ହୁଏତ ଆମର ଯୁକ୍ତିର ସାମ୍ପ୍ରତିକ ସ୍ତର ସେମାନେ ଦେଖଉଥିବା ସତ୍ୟକୁ ଅକୁଳାଣ ହେଉଛି । ଏଇ ଦ୍ୱନ୍ଦ୍ୱଟି ଅନେକ ଦିନରୁ ମୋ ଭିତରେ ଅଛି, ମୋ କଲେଜପଢ଼ାବେଳୁ । ସେତେବେଳେ ମୁଁ ଏଇମିତି ଜଣେ କଳାକାରର ସଂସ୍ପର୍ଶରେ ଆସିଥିଲି । ସେମିତି କିଛି ନାଁକରା କଳାକାର ନୁହଁ ମ । ଏକ ରଙ୍ଗମିସ୍ତ୍ରି ଟାଇପ୍‌ର । ଦଶହରା ସମୟରେ ମୂର୍ତ୍ତିରେ ରଙ୍ଗ ଦିଅନ୍ତି । ଏମିତିକି ଗଣେଶା ସେଇ କାମ କରେ ବୋଲି ବି ମୁଁ ଜାଣିନଥିଲି ।"

ପରୀକ୍ଷାରେ ପାଞ୍ଚଛଅ ଥର ଫେଲ ହେଇ ଏକାଦଶ ଶ୍ରେଣୀ ବେଳକୁ ଗଣେଶା ମୋ ସାଙ୍ଗରେ ପଢୁଥିଲା । ତାକୁ ସ୍କୁଲ୍‌ରୁ ବିଦା କରିଦିଅନ୍ତେଣି, କିନ୍ତୁ ଚମତ୍କାର ଫୁଟବଲ ଖେଳୁଥିଲା ସିଏ । ବର୍ଷବର୍ଷ ଧରି ସିଏ ଥିଲା ସ୍କୁଲ୍‌ର ଫୁଟବଲ ଟିମ୍‌ର କ୍ୟାପ୍‌ଟେନ । ସୁବ୍ରତ କପ୍‌ରେ ସ୍କୁଲ ପାଇଁ କେତେଥର ସୁନାମ ଆଣିସାରିଥିଲା ସିଏ । ବୟସ ଲୁଚେଇବାପାଇଁ ପ୍ରତିବର୍ଷ ଭିନ୍ନ ଭିନ୍ନ ନାଁରେ ତା' ପାଇଁ ସାର୍ଟିଫିକେଟ ତିଆରି କରାଯାଉଥିଲା । ସେଇବର୍ଷ ତା' ବାପା ମରିଗଲେ ବୋଲି କି କ'ଣ, ସିଏ ସ୍କୁଲ ଛାଡ଼ିଦେଲା ।

Digitized by srujanika@gmail.com

ତା’ ପରଠାରୁ ମୁଁ ତା’ର ଆଉ ଖବର ରଖିନଥିଲି, ଯଦିଓ ଆମ ସାଇର ପିଲା ସିଏ । ଖବର ରଖିବା ବି ସମ୍ଭବ ହେଉନଥା’ନ୍ତା । ବାପା ଆଉ ବୋଉଙ୍କ କଡ଼ା ଶାସନରେ ପାଠପଢ଼ା ଛଡ଼ା ଆଉ କେଉଁଥିରେ ମନ ଦେଇ ହଉନଥିଲା । ଖାଲି ଶୁଣୁଥିଲି, ସିଏ ମେଡ଼ିକାଲ କଲେଜରେ କିଛି ଛୋଟମୋଟ ଚାକିରି କରୁଛି । ଦି’ବର୍ଷ ପରେ ଆଇଆଇଟି ପାଇଁ ମୁଁ ଚାଲିଗଲି କାନପୁର । ଆଇଆଇଟି ପଢ଼ିବାର ତୃତୀୟ ବର୍ଷରେ ବାପାଙ୍କଠୁ ଲମ୍ବା ଚିଠିଟେ ପାଇଲି । ସେତେବେଳେ ତ ଆଉ ଫୋନ୍‌ଫାନ, ସ୍ପିଡ଼ପୋଷ୍ଟ, କୋରିଅର ଆଦି ନଥିଲା, ଲୋକେ ଲଫାଫାରେ ଲମ୍ବା ଚିଠି ଲେଖୁଥିଲେ ଓ ଡାକଘରେ ପକଉଥିଲେ । ବୋଉ ଯେମିତି ଲେଖେ । ବାପା କିନ୍ତୁ ଖଣ୍ଡେ ପୋଷ୍ଟକାର୍ଡ଼ରେ ପାଞ୍ଚଛ’ଧାଡ଼ି ଉପଦେଶାତ୍ମକ କଥା ଲେଖି ପଠେଇଦିଅନ୍ତି । ସେଥର ବାପା ପ୍ରଥମକରି ଲଫାପାରେ ଚିଠି ପଠେଇଥିଲେ ।

ଚିଠିର ସାରମର୍ମ ଥିଲା ବେଶ୍ ବିଷାଦପୂର୍ଣ୍ଣ । ଜେଜେଙ୍କ କପାଳରେ ବହୁବର୍ଷ ଧରି ଥିବା ଆବୁଟି ପ୍ରକୃତରେ ଥିଲା କ୍ୟାନ୍‌ସର । ଆମେ ମଜାରେ ତାକୁ କହୁଥିଲୁ ଜେଜେଙ୍କ ହେଡ଼ଲାଇଟ । କେତେଥର ସେ ଆବୁଟିକୁ ଆଉଁଶିବା ପାଇଁ ଆମ ଦି’ଭାଇଙ୍କ ଭିତରେ ଲଢ଼େଇ ହେଇଛି । ଜେଜେ ସେମିତି ନିର୍ଲିପ୍ତ ହୋଇ ବସିଥା’ନ୍ତି । ସେଇ ନିରୀହ ଆବୁଟି ଯେ ଜେଜେଙ୍କ ସମ୍ଭାବ୍ୟ ମୃତ୍ୟୁକୁ କୋଳରେ ଧରି ଠିକଣା ମୁହୂର୍ତ୍ତକୁ ଅପେକ୍ଷା କରିଛି, ସେକଥା କିଏ ଜାଣନ୍ତା ? ଅସମ୍ଭାଳ କଷ୍ଟ ହେବାରୁ ବାପା ତାଙ୍କୁ ଡାକ୍ତର ଦେଖେଇଥିଲେ । କ୍ୟାନ୍‌ସର ବୋଲି ଜଣାପଡ଼ିବା ପରେ ସର୍ଜିକାଲ ଅପରେସନ ପାଇଁ ନିଷ୍ପତ୍ତି ନିଆହେଇଥିଲା । ଅପରେସନ ଟେବୁଲ ଉପରେ ଡାକ୍ତର କହିଦେଲେ ମେଟାଷ୍ଟେସିସ । ପ୍ରସରିଯାଇଛି ସବୁଦିଗକୁ । କିଛି ଲାଭ ନାହିଁ କଟାକଟି କରିକି । ପୁଣି କପାଳକୁ ଯୋଡ଼ି ସିଲେଇ କରିଦେଲେ ସିଏ । କ୍ୟାନ୍‌ସର ଏଭଳି ବ୍ୟାପିଯାଇଛି ଯେ ଆଉକିଛି ଉପାୟ ନାହିଁ । ଅପେକ୍ଷା କରିବାକୁ ପଡ଼ିବ ମୃତ୍ୟୁକୁ । ଏବେକୁ ଏବେ ସିନା କ୍ୟାନ୍‌ସର ନିରାକରଣ ପାଇଁ ଇମ୍ୟୁନୋଥେରାପି ବାହାରିଲାଣି, ସେ ସମୟରେ ଭାରତୀୟ ଡାକ୍ତର ଏକପ୍ରକାର ଉପଦେଶ ଦେଇଥିଲେ ଜେଜେଙ୍କ ପାଇଁ । ଏବେ ସିଏ ବାପାବୋଉଙ୍କ ପାଖରେ ରହୁଛନ୍ତି । ସେମାନେ ଦି’ଜଣଯାକ ତ ଚାକିରିଆ, ତେଣୁ ମେଲ୍‌ନର୍ସଟେ ରଖିଛନ୍ତି । ଡାକ୍ତର-ଭାଇ ଦିଲ୍ଲୀରୁ ଆସି ମାସରେ ଥରେ ଦେଖିଯାଉଛି । ମୋର ସେମିଷ୍ଟାର ପରୀକ୍ଷା ଆଗରେ ଥିବାରୁ ସେମାନେ ଏସବୁ କଥା ମତେ ଜଣେଇନଥିଲେ । ବ୍ୟସ୍ତ ନ ହେଇ ପଢ଼ାପଢ଼ିରେ ମନ ଦବାକୁ ଉପଦେଶ ଦେବାରେ ଭୁଲିନଥିଲେ ବାପା ।

Digitized by srujanika@gmail.com

ଜେଜେଙ୍କୁ ମୁଁ ବହୁତ ଭଲପାଉଥିଲି । ଆମ ପିଲାବେଳେ ବାପାବୋଉଙ୍କ କଡ଼ା ଶାସନ ଓ ଶୃଙ୍ଖଳିତ ପାଠପଢ଼ାର ରୁଟିନ ଭିତରେ ଜେଜେ ମଝିରେ ମଝିରେ ସ୍ୱାଧୀନତାର ଆନନ୍ଦ ଚଖଉଥିଲେ ଆମକୁ । ଗାଁରୁ ଜେଜେ ଯେତେବେଳେ ଆସୁଥିଲେ, ବାପାବୋଉଙ୍କ ନିୟମ, ଆଇଆଇଟିରେ ସିଟ୍ ପାଇବାର ସ୍ୱପ୍ନ, ଜୀବନରେ କିଛିଗୋଟେ କରିକି ଦେଖେଇବାର ଅହଂକାର ଫିକା ପଡ଼ିଯାଉଥିଲା । ସକାଳୁ ଉଠି ଜେଜେଙ୍କ ହାତଧରି ସହର ପରିକ୍ରମା କରିବା, ଗୋବିନ୍ଦା ଦୋକାନରୁ ବରାପିଆଜି ଖାଇବା, ଚ଼' ପିଇବା ଆମକୁ ମୋହାଚ୍ଛନ୍ନ କରି ରଖୁଥିଲା । ଜେଜେ ଗାଁକୁ ଯିବାବେଳକୁ ଆମେ ଦିନ ଗଣୁଥିଲୁ, ପୁଣି କେବେ ଆସିବେ । ପିଲାଦିନର ଏଇ ଶୃଙ୍ଖଳାବିହୀନ ଦିନଗୁଡ଼ିକର ମଧୁର ସ୍ମୃତି ଆମକୁ, ବିଶେଷକରି ମୋତେ, ଜେଜେଙ୍କ ସହ ଏକ ଗଭୀର ଆପଣାପଣରେ ବାନ୍ଧିରଖିଥିଲା । ଏ ଚିଠି ପାଇ, ଡେରିରେ ହେଲେ ବି, ଜେଜେଙ୍କୁ ଯାଇ ଦେଖିଆସିବାକୁ ନିଷ୍ପତ୍ତି ନେଲି । ଆଗକୁ ଦୁର୍ଗାପୂଜା । ଛ'ସାତ ଦିନ ଛୁଟି ଥିଲା । ଅଳ୍ପଦିନର ବ୍ରେକ୍ ଥିଲେ ମୋତେ ଆସିବାକୁ ବାରଣ କରନ୍ତି ବାପା, ସେମିଷ୍ଟାର ପରୀକ୍ଷାପାଇଁ ପ୍ରସ୍ତୁତ କରିବାକୁ କୁହନ୍ତି । ବେଳେବେଳେ ନିଜେ ଆସି ଦେଖାକରିଯାଆନ୍ତି । ତେଣୁ ଘରକୁ ଆଗରୁ ନ ଜଣାଇ ମୁଁ ଅଚାନକ ପହଞ୍ଚିଗଲି କଟକରେ ।

ଘରେ ପହଞ୍ଚିବାବେଳକୁ ବାପାବୋଉଙ୍କ ହାଲତ୍ ଖରାପ । ଦି'ଜଣଯାକ ତ ଚାକିରିଆ, ତା'ଭିତରେ ଜେଜେଙ୍କ ଦେଖାଶୁଣା । ବେଳକୁବେଳ ଆଉରି ଖରାପ ହେଇଯାଉଛି ଅବସ୍ଥା । ତା' ଉପରେ ଦୁଇଦିନ ହେବ ଗଣେଶା ରଙ୍ଗକାମ କରୁଛି ସାଇର ଦୁର୍ଗାମୂର୍ତ୍ତି ପାଇଁ । ଅଗତ୍ୟା ବୋଉ ଛୁଟିନେଇ ଘରେ ଦାୟିତ୍ୱ ସମ୍ଭାଳୁଛି । ହେଲେ ରାତିରେ ଜେଜେଙ୍କ ବୋଲହାକ ଶୁଣିବାକୁ ପୁରୁଷଲୋକଟେ ଦରକାର । ଜେଜେ ତ ପାଞ୍ଚହାତିଆ ମର୍ଦ୍ଦ, ଖୁବ୍ ଦମ୍ଭିଲା ଚେହେରା । ରୋଗରେ ପଡ଼ି ଶୁଖିଗଲେଣି ଅନେକ; ହେଲେ ଛାଞ୍ଚଟା କୁଆଡ଼େ ଯିବ ? ଅଗତ୍ୟା ଦିନସାରା ବ୍ୟାଙ୍କ କାମ ପରେ ରାତିରେ ଜେଜେଙ୍କ ସେବାଶୁଶ୍ରୂଷା କାମଟା ବାପାଙ୍କ ଉପରେ ପଡୁଛି । ନର୍ସିଂହୋମ୍‌ରେ ରଖିଦେଲେ କାଳେ ଜେଜେଙ୍କ ମନ ଊଣା ହବ, ସେଥିପାଇଁ ଘରେ ସବୁପ୍ରକାର ବନ୍ଦୋବସ୍ତ କରାଯାଇଛି । ଅବସ୍ଥା ଦେଖି ମୁଁ ପ୍ରସ୍ତାବ ଦେଲି, ଯୋଉ ସାତଆଠଦିନ ମୁଁ ରହିବି ଜେଜେଙ୍କ ଦେଖାଶୁଣା କରିବି । ଅନ୍ତତଃ ସେତିକି ଦିନ ବାପାବୋଉଙ୍କୁ କିଛି ମାତ୍ରାରେ ବିଶ୍ରାମ ମିଳିବ ଏବଂ ଗଣେଶାର ମୂର୍ତ୍ତିକାମ ସରିଲେ ସିଏ ପୁଣି କାମ ସମ୍ଭାଳିବ ।

Digitized by srujanika@gmail.com

ପ୍ରସ୍ତାବଟା ସିନା ଦେଇଦେଲି, କିନ୍ତୁ ପ୍ରଥମ ରାତିରୁ ହିଁ ଜଣାପଡ଼ିଗଲା, କେତେ ଅଯୋଗ୍ୟ ମୁଁ ଏ କାମ ପାଇଁ । ଆସନ୍ନ ମୃତ୍ୟୁକୁ ଅପେକ୍ଷା କରି ରହିଥିବା ଜଣେ ରୋଗୀ ପାଖରେ ଜୀବନ କି କଷ୍ଟକର, ଆପଣମାନେ ଯିଏ ବ୍ୟକ୍ତିକ ଭାବରେ ଅନୁଭବ କରିନାହାଁନ୍ତି, ସେକଥା ସହଜରେ କଳ୍ପନା କରିପାରିବେନି । ଆଉ ସେ ଯଦି କ୍ୟାନ୍‌ସର ପେସେଣ୍ଟ ହୋଇଥାଏ ତେବେ ତା'ର ଯନ୍ତ୍ରଣା ଯେତିକି, ତା'ର ସେବାଶୁଶ୍ରୂଷା କରୁଥିବା ଆତ୍ମୀୟମାନଙ୍କର ଯନ୍ତ୍ରଣା ତତୋଽଧିକ । ସେଇ ଅଳ୍ପ କେଇଦିନର ଅନୁଭୂତି ମୋତେ ଦାର୍ଶନିକ କରିଦେଲା । ଆଦ୍ୟଯୌବନରେ ଯୋଉ ଚିନ୍ତାଗୁଡ଼ିକ ମୋ ମନରେ ଆସ୍ଥା ଜମେଇ ବସିଗଲା, ହୁଏତ ଆଜି ବି ତା'ର ପ୍ରଭାବରୁ ମୁଁ ମୁକ୍ତ ନୁହେଁ । ସେତିକିବେଳେ ମୁଁ ନିଷ୍ପତ୍ତି ନେଇଥିଲି, ଜୀବନରେ ଭାରି ଗୋଟେ ବଡ଼ କାମ କରିବା କିଛି ଦରକାର ନାହିଁ । ଯଦି ସାରା ଜୀବନ ନିଜେ ନିରୋଗ ରହିପାରିଲ ଆଉ ଦୁନିଆକୁ ଗୋଟାଏ ସ୍ମିତରେ ସାମ୍ନା କରିପାରିଲ, ତମ ଆଖପାଖର ଲୋକ ଆଉ ବୃହତ୍ତର ଜନସମାଜ ପାଇଁ ସେଇଟା ହବ ସବୁଠୁ ବଡ଼ ଦାନ, ଗ୍ରେଟେଷ୍ଟ ଚାରିଟି, ସବୁଠୁ ବଡ଼ ସମାଜସେବା । ସେଇଦିନଠୁ ନିଜ ସ୍ୱାସ୍ଥ୍ୟକୁ ଜଗିଆସିଛି ମୁଁ, ଯେମିତି ଅନ୍ୟ ଉପରେ ବୋଝ ହୋଇ ନପଡ଼େ ।

ଜେଜେଙ୍କ ଜୀବନ ସେତେବେଳକୁ କେବଳ ତାଙ୍କ ନିଜ ଉପରେ ନୁହେଁ, ଆମ ସମସ୍ତଙ୍କ ଉପରେ ଗୋଟେ ବୋଝ ହୋଇସାରିଥିଲା । ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ସିଏ ତାଙ୍କର ଚିତ୍କାରକୁ ନିଜ ଭିତରେ ଚାପି ରଖିବାକୁ ଚେଷ୍ଟା କରୁଥା'ନ୍ତି । ଗୋଟେ ଆହତ ହିଂସ୍ର ପଶୁ ଭଳି ଗର୍ଜନମିଶା ଗୁମୁରାଗୁମୁରା କୁହାଣ ପ୍ରସରି ଆସୁଥାଏ ତାଙ୍କ ବିଛଣା ପାଖରୁ । ବାପା କହିଥିବା ମୁତାବକ ସେତିକିବେଳେ ପାନେ ହୋମିଓପାଥି ଔଷଧ ତାଙ୍କ ପାଟିରେ ପକେଇଦେବାକୁ ମୁଁ ଯେତେବେଳେ ତାଙ୍କ ପାଖକୁ ଯାଏ, ଗୋଟେ ପଚାଶଢ଼ା ଗନ୍ଧ ହାବୁକା ମାରି ତାଙ୍କ ପୂଯ-ରକ୍ତ-ଲସାବୋଳା ଆବୁରୁ ବାହାରିଆସେ । ଠିକ୍ ମୁର୍ଦ୍ଦାରପୋଡ଼ା ଗନ୍ଧ ଭଳି । ମୁଁ ଭାବେ; ହୁଏତ ମୁଁ ବାନ୍ତି କରିଦେବି । ଭାବେ, କେମିତି ବାପା କି ବୋଉ ସେ ଆବୁକୁ ସବୁଦିନ ଡ୍ରେସିଂ କରନ୍ତି ! କେମିତି ଦିନଦିନ ରାତିରାତି ଧରି ଗଣେଶା ଜେଜେଙ୍କ ବିଛଣା ପାଖରେ ପଡ଼ିଥିବା ଅଣଓସାରିଆ ଖଟ ଉପରେ ଶୋଇପାରେ ! କାରଣ କେବଳ ତା'ର ଗନ୍ଧ ନୁହେଁ, ଜେଜେ ନା ରାତିସାରା ଶୋଇପାରନ୍ତି ନା କାହାରିକୁ ଶୁଆଇଦିଅନ୍ତି । ତାଙ୍କୁ ଭଲକରି ଏକାଥରେ ପରିସ୍ରା ହୁଏନା କି କ'ଣ, ପ୍ରତି ପନ୍ଦର ମିନିଟରେ ଡାକଦିଅନ୍ତି, ଅଧା ଶବ୍ଦ ଅଧା ହୁଙ୍କାରରେ 'ହୁଁ ପ୍ରସାୟିବି' । ବିଛଣାରୁ ଉଠେଇ ତାଙ୍କୁ ନିଜ କାନ୍ଧ ଉପରେ ଆଉଜେଇ

Digitized by srujanika@gmail.com

ବାଥ୍‌ରୁମ ନେଇ ଫେରିବା ପରେ ତମର ଆଖି ଟିକେ ଲାଗି ଆସିଥିବ, ପୁଣି ସେଇ ଚିତ୍କାର। ଏ ପ୍ରକ୍ରିୟା ପୁନରାବୃତ୍ତି ହେଇଚାଲିଥିବ ରାତିସାରା। ରାତି ପାହିଆସିବା ବେଳକୁ ଦେହ ମନ ଏମିତି ଅବଶ ହେଇସାରିଥିବ ଯେ ସକାଳର ଦିବ୍ୟସୁନ୍ଦର କିରଣ ତମକୁ ସବୁଠୁ ଘୃଣ୍ୟ ଏକ ଅନୁଭୂତି ବୋଲି ମନେହେବ।

ତିନିଦିନ ଏଭଳି ବିତିବା ପରେ ମୋର ଅନୁଭବ ହେଲା, ଯଦି ଏ ପରିସ୍ଥିତି ଲାଗିରୁହେ ତେବେ ମୋର ବି ସ୍ନାୟୁବିକାର ଆରମ୍ଭ ହେଇଯିବ। ଏବେ ସେକଥା ଭାବିଲେ ଖୁବ୍ ଦୋଷୀଦୋଷୀ ଲାଗୁଛି; କିନ୍ତୁ ସେତେବେଳେ ଯଦି କିଏ ମୋତେ ପଚାରିଥାଆନ୍ତା, ତେବେ ମୁଁ ଇଉଥାନାସିଆର ପକ୍ଷ ସମର୍ଥନ କରିଥାଆନ୍ତି ହୁଏତ। ଯଦି ଯନ୍ତ୍ରଣା ଭୋଗୁଥିବା ମଣିଷଟେ ପାଖରେ ରହିଲେ ଏତିକି କଷ୍ଟ ଜଣେ ପାଉଛି, ତେବେ ଜେଜେ କେବେହେଲେ ଏ ଜୀବନକୁ ଜାବୁଡ଼ି ଧରିବାକୁ ଆଗ୍ରହୀ ନଥିବେ। ମୋର ମନେପଡୁଥିଲା ଜୋନାଥନ ସ୍ୱିଫ୍‌ଟଙ୍କ ଉପନ୍ୟାସ ଗଲିଭର୍ସ ଟ୍ରାଭେଲ୍ସରେ ବର୍ଣ୍ଣିତ ଷ୍ଟ୍ରଲଡ୍‌ବ୍ରୁଗ୍‌ସ ସଂପ୍ରଦାୟଙ୍କ ଜୀବନ କାହାଣୀ। ବିଧିର ବିଚିତ୍ର ବିଧାନରେ ସେମାନେ ଚିରଞ୍ଜୀବୀ, କିନ୍ତୁ ସେମାନଙ୍କ ଅବସ୍ଥା ଦେଖିଲେ ଯେକେହି ଯେକୌଣସି ପ୍ରକାରର ମୃତ୍ୟୁକୁ ଆଦରି ନବାକୁ ଆଗଭର ହେଇପଡ଼ିବ। ମୋର ଯୁକ୍ତିପ୍ରବଣ ମନ ଜେଜେଙ୍କ ଜୀବନରେ ଆଉ କୌଣସି ପ୍ରକାରର ଅର୍ଥ ଖୋଜି ପାଉନଥିଲା। ତେବେ ମୃତ୍ୟୁ ତ ଆଉ କାହାରି ହାତର କଥା ନୁହେଁ। ଜେଜେ ନିଜେ ଯେତେ ଆକୁଳ ହେଇ ମୃତ୍ୟୁକୁ ଆକାଂକ୍ଷା କଲେ ବି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କ'ଣ ଆସିବ ମୃତ୍ୟୁ? ଯନ୍ତ୍ରଣାର ଶେଷବିନ୍ଦୁକୁ ଚଖେଇବା ପୂର୍ବରୁ ଜୀବନ କ'ଣ ହଟହଟା ନ କରି ଛାଡ଼ିବ? କିନ୍ତୁ ଜେଜେ କ'ଣ ନିଜେ ଜାଣିପାରୁଛନ୍ତି ତାଙ୍କ ଯୋଗୁଁ କେତେ ହଟହଟା ହଉଛନ୍ତି ପାଖଲୋକେ? ତମର ଆଖି ଲାଗିଆସିବା ବେଳକୁ ତାଙ୍କ ଯୋଉ 'ହୁଁ ପ୍ରସାଯିବି' ଡାକ ଶୁଣିଦେଲେ ମୋ ଦେହରେ ଇଲେକ୍‌ଟ୍ରିକ ସକ୍ ଭଳି ତରଙ୍ଗଟିଏ ଖେଳିଯାଏ। ପୃଥିବୀଯାକର ସବୁଯାକ କ୍ରୋଧ ଠୁଳହେଇଯାଏ କପାଳରେ। ପରେପରେ ମୁଁ ସମ୍ଭାଳିନିଏ ନିଜକୁ। ହେଃ, ମୁଁ ଏମିତି କ'ଣ ଭାବୁଛି? ଏଇ ହାତ ଧରି ଶୈଶବର କେତେ ଆନନ୍ଦ ମୁଁ ଭୋଗ ନ କରିଛି! ଆଜି ସନ୍ତାପିତ କରୁଥିବା ଏଇ ଆବୁଟି ମୋତେ କେତେ ନିରୀହ ଖୁସି ନ ଦେଇଛି! କିନ୍ତୁ ଅବଚେତନର ପୁଞ୍ଜିଭୂତ କ୍ରୋଧକୁ କେମିତି ନିୟନ୍ତ୍ରଣ କରିବି ମୁଁ?

ଶେଷରେ ନିଷ୍ପତ୍ତି ନେଲି, ଗଣେଶାକୁ ଡାକିଆଣିବା ଉଚିତ ହେବ। ମୁଁ ନିଜେ ବେମାର ପଡ଼ିଯିବା ଅପେକ୍ଷା ବରଂ ଗଣେଶା ତା' ଦାୟିତ୍ୱ ସମ୍ଭାଳୁ। ରଙ୍ଗକାମରେ ତାକୁ ଯେତିକି ପଇସା ମିଳିଥା'ନ୍ତା ତା'ର ଚାରିପାଞ୍ଚଗୁଣ ଅଧିକ ଦେଇ ତାକୁ ଫେରେଇ

Digitized by srujanika@gmail.com

ଆଣିବାକୁ ପଡ଼ିବ । ଘରେ କାହାକୁ କିଛି ନ କହି ସାଇର ପୂଜାମଣ୍ଡପ ପାଖକୁ ଗଲି । ସେଦିନ ଷଷ୍ଠୀ କି ସପ୍ତମୀ ଥାଏ, ମୋର ଠିକ୍ ମନେପଡୁନି । ମଣ୍ଡପ ପାଖରେ ବଡ଼ ଘିଅଦୀପଟେ ଜଳୁଥାଏ । ଦୀପର ଶିଖା ଉପରେ କଂସାଥାଳିଟେ ରଖାହେଇଥାଏ ଗୋଟେ ଖଟୁଲି ଉପରେ । ଆଉଗୋଟିଏ କଂସାଥାଳିରେ ଦୀପଆଲୁଅରେ ତିଆରି ହେଇଥିବା କଳାକୁ ପୋଛି ଗୋଟେ ଶଢ଼େଇରେ ଥିବା ଘିଅରେ ମିଶଉଥାଆନ୍ତି ଜଣେ । ସେ କହିଲେ, ନେତ୍ରରଂଜନ ଚାଲିଛି, ସରିବାପରେ ତାକୁ ଡାକି ଦିଆଯିବ ଧଳାକନାରେ । ନେତ୍ରଦାନ ବେଳକୁ ମନ୍ତ୍ରପଢ଼ି ଦେବୀଙ୍କ ଆଖିରୁ ପରଦା କାଢ଼ି ନିଆଯିବ । ଗଣେଶା ଉଚ୍ଚା ବଇଠି ଉପରେ ଚଢ଼ି ନେତ୍ରରଂଜନ କରୁଛି । କିଛି ଟହଲିଆ ଏପଟସେପଟ ହଉଛନ୍ତି । ମଝିରେ ମଝିରେ ସିଏ ଯେତେବେଳେ ତଳକୁ ହାତ ବଢ଼େଇ ଦଉଛି, ତା' ଶଢ଼େଇରେ ଘିଅମିଶା କଳାରଙ୍ଗ କେହିଜଣେ ଓଜାଡ଼ି ଦଉଛି । ମୟୂରପୁଚ୍ଛର କାଠିଟିକୁ ତୂଳୀ କରି ଧରି ଗଣେଶା ନିବିଷ୍ଟ ଚିତ୍ତରେ ରଙ୍ଗ ଲଗେଇ ଚାଲିଛି ଦେବୀମୂର୍ତ୍ତିର ଆଖିରେ । ମୁଁ ଲକ୍ଷ୍ୟକଲି, ଆମର କଥାବାର୍ତ୍ତା ତା' ଉପରେ କୌଣସି ପ୍ରଭାବ ପକଉନାହିଁ । ମୂର୍ତ୍ତିର ଆଖିରୁ ତା' ଆଖି ଆଦୌ ହଟୁନାହିଁ ।

ଏଭଳି ପରିସ୍ଥିତିରେ ତାକୁ ଡାକିବାକୁ ଚାହିଁଲିନି ମୁଁ । ପ୍ରାୟ ଦୁଇଘଣ୍ଟା ଅପେକ୍ଷା କରିବା ପରେ ଗଣେଶା ନିଜେ ତଳକୁ ଓହ୍ଲେଇଲା । ବୋଧହୁଏ ତା' କାମ ସରିଯାଇଥିଲା । ମୋତେ ଦେଖି ଖୁସିରେ କୁଣ୍ଢେଇ ପକେଇଲା । କହିଲା, 'କେତେବେଳୁ ଠିଆହେଲୁଣି ବେ ?'

"ଯା, ବେ, ଶଳା, ମୋ ପାଟି ଶୁଣୁଛୁ, କିଛି କହୁନୁ । କହିଲା କ'ଣ ନା କେତେବେଳୁ! ଠିଆ ହେଇହେଇ ମୋ ଗୋଡ଼ ଦରଜ ହେଲାଣି । କିନ୍ତୁ ତତେ ମାନିବାକୁ ପଡ଼ିବ । ଲଗାଏତ ଦି'ଘଣ୍ଟା ଅନେଇ ରହିଛୁ ମୂର୍ତ୍ତିର ଆଖିକୁ । ଏମିତିଆ ଏକାଗ୍ରତା ଯଦି ମୋର ଥାଆନ୍ତା, ଆଇଆଇଟି ଏଣ୍ଟ୍ରାନ୍ସରେ ମୁଁ ସାରା ଭାରତରେ ଫାଷ୍ଟ ହେଇଥାନ୍ତି ।"

"ଚାଲ୍ ଚା' ପିଇବା ।" କହିଲା ଗଣେଶା ।

ଖଣ୍ଡେବାଟରେ ଚା' ଦୋକାନ । ଆମେ ଚା' ଦୋକାନ ଆଡ଼େ ଆଗେଇଲୁ । ବାଟରେ ଗଣେଶା କହିଲା, 'ଆବେ, ମୁଁ କିଛି ନୁହଁ । ମୋ ବାପା ଜେଜେବାପା ଥିଲେ ଅସଲି ମିସ୍ତ୍ରି । ଆମେ ତ ଅଲଗା ଧନ୍ଦାରେ ମାତିଲୁ । ମୋ ଜେଜେ କହୁଥିଲା, ଆମ ବଂଶର ଲୋକେ କୋଣାର୍କ ଗଢ଼ିଥିଲେ । ଜେଜେର ପଣଗୋସେଇଁବାପ ହବ କି କଅଣ, ସିଏ କୁଆଡ଼େ ମୂର୍ତ୍ତି ଗଢ଼ିବା ବେଳେ ଦିନଦିନ ରାତିରାତି ଆଖି ଫେରଉନଥିଲା

Digitized by srujanika@gmail.com

ମୂର୍ତ୍ତିଠୁ । ବୁଢ଼ା କେବଳ ପାନ ଖଣ୍ଡେଖଣ୍ଡେ ପାଟିରେ ପକେଇ ପଥରରୁ ଉତାରୁଥିଲା ଜୀବନ । ସିଏ କାମକଲା ବେଳେ ନାତିମାନେ ପାଳିକରି ପାନବଟୁଆ ଧରି ଠିଆହଉଥିଲେ ପାଖରେ । ସିଏ ସେମିତି ଆଖି ନ ଘୁଞ୍ଚେଇ ତଳକୁ ବଢ଼େଇ ଦଉଥିଲା ହାତ, ନାତି ଧରେଇ ଦଉଥିଲା ପାନ– ପାଟିରେ ତାକୁ ପକେଇଦେଇ ପୁଣି ଆରମ୍ଭ କରିଦଉଥିଲା କାମ । ରାଜା ଶୁଣିଲେ ଏକଥା । ଦିନେ ନିଜେ ଠିଆହେଇ ଦେଖିଲେ । ହାତ ଯେମିତି ବଢ଼େଇଛି ବୁଢ଼ା, ରାଜା ବଢ଼େଇ ଦେଲେ ଖଣ୍ଡେ ପାନ । ରାଜାଙ୍କ ଚଉଷଠି ମସଲାଦିଆ ପାନ ଯେମିତି ବୁଢ଼ା ପାଟିରେ ପଡ଼ିଛି, ତା'ର ଧ୍ୟାନ ଭାଙ୍ଗିଗଲା । କିଏ ବୋଲି ଦେଖେ ତ ନିଜେ ରାଜା । ଲମ୍ଫତମ୍ଫ ହେଇ ଗୋଡ଼ତଳେ ପଡ଼ିଗଲା । ଓଲଟି ରାଜା ତାକୁ ଉଠେଇଧରି ତା' ଗୋଡ଼ତଳେ ପଡ଼ିଗଲେ । କହିଲେ, 'ମହାରଣାଏ, ତମେ ମୋଠୁ ବଡ଼ । ମୁଁ ମଲେ ମୋ ପୁଅ ରାଜା ହବା ଥୟ । ହେଲେ, ତମେ ମଲେ ତମ ପୁଅ ଯେ ତମ ଭଳି ଶିଳ୍ପୀ ହବ, ସେକଥା କେହି ଆଗରୁ କହିପାରିବନି । ସେ ବଂଶର ପିଲା ମୁଁ । ଦେଖ୍, ଆଜି ମୁଁ କୋଉଠି ! ରାଜାଙ୍କ ସିପେଇଟେ ବି ସଲାମ ଠୁକିବନି ମୋତେ ।'

"ତୋ ପଣଗୋସେଇଁବାପ କଥା ତ ମୁଁ ବୁଝିଲି, ସିଏ ଯୋଉ ମୂର୍ତ୍ତି ଗଢୁଥିଲା, ଶହଶହ ବର୍ଷ ପାଇଁ । କିନ୍ତୁ ଏ ମୂର୍ତ୍ତି ତ ହପ୍ତାଏ ବି ରହିବନି । ତୁ ଯୋଉ ମନଧ୍ୟାନ ଦେଇ ରଙ୍ଗ କରୁଥିଲୁ, ପୂଜା ସଇଲେ ତ ବିସର୍ଜନ ହେଇଯିବ ଦି' ଦିନରେ ।"

"ସେଇ ଦି'ଦିନ ବୋଲି ତ ଏତେ ନିଷ୍ଠା ।" ଜବାବ ଦେଲା ଗଣେଶା ଆଉ ଉ' ମଗେଇଲା ।

ରବିବାବୁ ଏ ଲମ୍ବା କାହାଣୀ ଶୁଣେଇସାରି କିଛି ସମୟ ନୀରବି ଗଲେ । ଠିକ୍ ସେତିକିବେଳେ ଗୌରହରି ଜଣେଇଲେ, "ଆଜ୍ଞା, ସ୍ନାକ୍ସ ଆଉ କଫି ଆସିଗଲା ।"

ରବିବାବୁ ହୁଏତ ନିଜ ଭାବନାରେ ବୁଡ଼ି ଯାଇଥିଲେ । ଗୌରହରିଙ୍କ ଆବାଜ ତାଙ୍କୁ ଶୁଣାଗଲାନି । ସେ କହିଲେ, "ଗଣେଶା କଥାର ଅର୍ଥ କଅଣ, ମୁଁ ଆଜି ପର୍ଯ୍ୟନ୍ତ ଭଲକରି ବୁଝିପାରିନି ।"

ରବିବାବୁଙ୍କ ଶେଷବାକ୍ୟଟି ସ୍ୱଗତୋକ୍ତି ଭଳି ଶୁଣାଗଲା । ଏକ୍‌ରେ ସ୍ୱାଭାବିକ ସ୍ୱର ଅପେକ୍ଷା ନିମ୍ନଗଳାରେ ସିଏ ମନକୁମନ ଏକଥା କହିଥିଲେ । ତା'ଛଡ଼ା ସଭ୍ୟମାନେ ସେତେବେଳକୁ ଖୁବ୍ ନିଷ୍ଠାର ସହ ଗରମଗରମ କଟ୍‌ଲେଟ ଆଉ କଫିରେ ମଜିଯାଇଥିଲେ ।

Digitized by srujanika@gmail.com

ଅକୃତଜ୍ଞ

ବୋଉ କହୁଥିଲା ମାମୁ କାଳେ ଖୋଜୁଛନ୍ତି ମୋତେ ।

"କାହିଁକି କେଜାଣି ଭାରି ଖୋଜୁଛି ତୋତେ । ସୁବିଧା କରି ଆସନ୍ତୁନି କେବେ ? ଥରେ ଦେଖିଯାନ୍ତୁ । ସବୁକଥା ଧରିକି ଲାଭ କ'ଣ ? କିଏ କେତେଦିନ ରହିବ ଏ ସଂସାରରେ ଯେ ?"

ଗଲା ଚାରିମାସ ହବ ବୋଉ ଯେତେବେଳେ ଫୋନ ଧରୁଛି ମୋଟାମୋଟି ଏଇ ମାମୁ-ଧାରାବିବରଣୀ ।

"କାଲି ରାତିରେ ମାମୁର ଷ୍ଟ୍ରୋକ୍ ହେଇଗଲା । ନେଇଯାଇଛନ୍ତି ଆପୋଲୋ ।"

× × × × × ×

"ଚାରିଦିନ ହେଲାଣି ଆଇସିୟୁରେ । ମୁଁ ଦି'ଥର ଯାଇ ଫେରିଲିଣି । ଦେଖିପାରୁନି । ସେଠି ଭାରି କଡ଼ାକଡ଼ି ନା ! କାହାକୁ ଛାଡୁନାହାଁନ୍ତି । ତା'ପରେ ଯୋଉଁ ଲୋକ ଭିଡ଼ ! କିଏ ଯିବ ତା' ଭିତରକୁ ? ଏଇ ରାଜନୀତିଆ ଲୋକଗୁଡ଼ା ଘେରିକି ରହିଛନ୍ତି । ବୁଟୁର (ମୋ ସାନଭାଇ) କେତେ କାମ ଜାଣୁଛୁ । ଯା'ହଉ କେତେ ଖୋସାମତ କଲାରୁ ନେଇକି ଗଲା ଯେ, ଦେଖିପାରିଲିନି ଫେରିଲି । ଭାବୁଛି ଘରକୁ ଆସୁ ଏକାଥରେ ଘରେ ଯାଇ ଦେଖିଆସିବି" ।

× × × × × ×

"ଭାବୁଛି ଦଶପନ୍ଦର ଦିନ ରହିବି ତା' ପାଖରେ । ପିଲାଟି ଦିନରୁ ତାକୁ କେତେ ଗେହ୍ଲା କରିଥିଲି, ମନଟା ଗୁଡ଼େଇ ହବନି ! ଯେତେହେଲେ ମୋ ଆଗରେ ପିଲା ନା । ବୁଢ଼ୀ ହେଲିଣି ଭଗବାନ୍ ମୋତେ ବଞ୍ଚେଇ ରଖୁଛନ୍ତି ଅଥଚ ଏ ପିଲାଗୁଡ଼ାଙ୍କୁ ଏମିତି ଦହଗଞ୍ଜ କରୁଛନ୍ତି ।"

× × × × × ×

"ଆଜି ଘରକୁ ଫେରିଲା ରେ । କୋଉଠୁ ଗୋଟେ ବ୍ଲଡ଼ ସପ୍ଲାଇ ହଉନି । ମୋର ସେ ନିଆଁନଗା ଡାକ୍ତରୀ କଥାଗୁଡ଼ା ମୁଣ୍ଡରେ ପଶେନି । ଡାକ୍ତର କହିଲେ କିଛି

Digitized by srujanika@gmail.com

ହେଇପାରିବନି ଆଉ । ଘରକୁ ନେଇଯାଅ । ଏଠି ଅଯଥାରେ ହସ୍‌ପିଟାଲରେ ପଡ଼ିରହିବ କିଆଁ ? ତଳ ମହଲା ହଲ୍ ପାଖ ବଡ଼ ଗେଷ୍ଟ ରୁମ୍‌ଟା ଆଇସିୟୁ ଭଳିଆ କରିଦେଇଛନ୍ତି । ସେଇଠି ମାମୁ ରହିବ । ଡାହାଣ ପାଖ ଅଙ୍ଗଟା ପୂରା ପଡ଼ିଯାଇଛି । ମେଲ୍ ଫିମେଲ୍ ହେଇ ଚାରିଟା ନର୍ସ ପାଳିକରି ରହିବେ ଚବିଶ ଘଣ୍ଟା । ଏଡ଼େ ମଣିଷଟା ନା! ଉଠେଇବସେଇ ଝାଡ଼ା ପରିସ୍ରା କରେଇବା କ'ଣ ସହଜ କଥା ?"

× × × × × ×

"କିଡ୍‌ନି ଆଉ କାମ କରୁନିରେ । ରକ୍ତ ଖରାପ ହେଇଯାଉଛି । ଗୋଟେ ମେସିନ୍‌ରେ ସଫା ହବ । ସେମିତିଆ ମେସିନ ଏଠି ନାହିଁ ନା କ'ଣ କାବୁଲା (ମାମୁଙ୍କ ବଡ଼ପୁଅ) ଗୋଟେ ମେସିନ ଇଂଲଣ୍ଡରୁ ମଗେଇଛି । ଦେଢ଼କୋଟି ଦାମ୍ । ଦି'ମାସ ଲାଗିଯିବ ଆସୁଆସୁ । ପାଣି ଭଳିଆ ପଇସା ଖର୍ଚ୍ଚ କରୁଛନ୍ତି ପୁଅ ଦିଇଟା ।"

× × × × × ×

"ମୁଁ ଆଉ କେତେଦିନ ରହିବି ଏଠି ? ଭାବୁଛି କାଲି ପଅରଦିନ ଆଡ଼କୁ ଘରକୁ ଫେରିଯିବି । ଯେତେଥର ବାହାରିଲିଣି ଯିବାକୁ କାବୁଲା, ବାବୁଲା ଛାଡୁନାହାଁନ୍ତି । କାବୁଲା ବାବୁଲା ତ ପଛକଥା, ଯେତେଥର ଲୁଗାପଟା ସଜାଡୁଛି ବୋହୂଗୁଡ଼ା ପରା ଆବୁଡ଼ା ପଡ଼ି ବାକ୍ସରୁ ଶାଢ଼ି ବ୍ଲାଉଜ୍ କାଢ଼ିନଉଛନ୍ତି । ଭାରି ଆଦରଯତ୍ନ । ସଞ୍ଜ ନ ହଉଣୁ ମୋତେ ଘଷାମୋଡ଼ାରେ ଲାଗିପଡୁଛନ୍ତି । ଆଲୋ, ମୁଁ କ'ଣ ବାଧିକା ପଡ଼ିଛି ଯେ, ଏତେ ଓପ୍ରୋଧ କରୁଛ ? ନିଜ ଶ୍ୱଶୁରର ସିନା ସେବା କରନ୍ତ ? କିଛି ଶୁଣୁନାହାଁନ୍ତି । ତାଙ୍କୁ ମଜା ଲାଗୁଛି ବୁଢ଼ୀ ମଣିଷ ସାଙ୍ଗେ ଲାଗିବାକୁ । କିଏ ପାନିଆ ଆଣି ମୁଣ୍ଡ କୁଣ୍ଡେଇବାକୁ ବସିପଡୁଛି, କିଏ ନେଲ୍‌କଟର ଧରି ନଖ କାଟିଦେଲାଣି । ଶ୍ୱଶୁର ତ କାହାରିକୁ ପାଖରେ ପୂରେଇଦଉନି । ସେମାନେ ସେବା କରିବେ କ'ଣ ? ନିଜ ଭାରିଯାକୁ ବି ପାଖରେ ପୂରେଇଦଉନି ଟୁଲୁ । ଘର ଲୋକଙ୍କ ଛାଇ ପଡ଼ିଲେ ଖେଙ୍କାରି ଉଠୁଛି । ଯାହା ଟିକେ ଖୋଇବାକୁ ନେଲେ ଫୋପଡ଼ାଫିଙ୍ଗା କରୁଥିଲା । ଓଷଦ ଖାଇବାକୁ ବି ବାର ପେଖନା । ମୁଁ ଖୋଇଦବାରୁ ଏବେ ଟିକେ ଖାଉଛି । ଭଲରେ କଥା କହୁଛି । ଭଲ କଥା ଆଉ କ'ଣ ? ପାଟି ମଝିରେ ମଝିରେ ଖନି ମାରିଯାଉଛି । ମନଦେଇ ନ ଶୁଣିଲେ ବୁଝିହବନି ତା' କଥା । ଆଉ ସବୁଥର ଖୋଇବା ବେଳକୁ ତୋ କଥା ପଚାରୁଛି ।"

ଗଲା ଚାରିମାସ ହବ ବିଭିନ୍ନ ସମୟରେ ଏଇ ତଥ୍ୟ ସବୁ ଦେଇ ଚାଲିଛି ବୋଉ । ମୁଁ ଭାବେ ଏ ସବୁ ତଥ୍ୟ ମୋର କ'ଣ ଦରକାର ? କିନ୍ତୁ ବୋଉ ଯାହା କହେ ମୁଁ ତା'ର

Digitized by srujanika@gmail.com

ଉତ୍ତର ଦିଏନା । ମୋର କାମ ହେଲା ପ୍ରତିଦିନ ବୋଉ ପାଖକୁ ଫୋନ କରିବା । ଏଇଟା ମୋର ଜୀବନଚର୍ଯ୍ୟାର ଗୋଟେ ଅଙ୍ଗ । ଏଠି ଦୂରରେ ଚାକିରି କରି ବୋଉର କୌଣସି କାମରେ ଲାଗିପାରିଲିନି ବୋଲି ଯୋଉ ପାପବୋଧ ଥାଏ ତା' ଭିତରୁ ସାମୟିକ ମୁକ୍ତିପାଏ ଏଇ ଫୋନ୍ କରି । ମୋର ଧାରଣା ଏ ବୟସରେ ଭଲ ଖାଦ୍ୟ, ଓଷଦ, ଘର, ପୋଷାକପତ୍ର, ଏସି, ଟିଭି, ଭିଡିଓ ଅପେକ୍ଷା ମୋ ବୋଉ ଅଧିକ ଦରକାର କରେ, ତା' କଥା କେହି ମନଦେଇ ଶୁଣୁ । ଆଜିକାଲିର ଏ କର୍ମବହୁଳ ଜୀବନରେ କାହା ପାଖରେ ସମୟ ଅଛି ଯେ ସିଏ ଅନ୍ୟର କଥା ଶୁଣିବ ? ତା ପୁଣି ବିନା ଯୁକ୍ତି ବା ପ୍ରତିବାଦରେ ? ତେଣୁ ମୁଁ ଘଣ୍ଟେ ଅଧଘଣ୍ଟେ ତା' କଥା ମନଦେଇ ଶୁଣେ । ସିଏ ଯାହା କହେ ପାରିଲେ କରେ । ଅବଶ୍ୟ ପ୍ରତିଯୁକ୍ତି କରିବାକୁ ଚାହୁଁଥିଲେ ବୋଉକୁ ଅନେକ କଥା କହିପାରିଥା'ନ୍ତି । ଉଦାହରଣ ସ୍ୱରୂପ, "କୋଉ ମାମୁ ?" "ଟୁଲୁମାମୁ ଆମର କିଏ ?" "ସିଏ କ'ଣ ତୋ ନିଜ ଭାଇ ?" (ସିଏ ପ୍ରକୃତରେ ବୋଉର ଜଣେ ଦୂର ସମ୍ପର୍କୀୟ ମାମୁଙ୍କ ପୁଅ ।) "କ'ଣ ବେମାର ପଡ଼ିଲାରୁ ଆଜି ତା'ର ଭଉଣୀ ମନେପଡ଼ିଲା ? ଭଣଜାଭାଣିଜୀ ମନେପଡ଼ିଲେ ? ବାପା ମରିଯିବା ପରେ ତ କାଇଁକି ଆମେମାନେ ମନେପଡୁ ନ ଥିଲୁ ? ଆମେ ଯେତେବେଳେ ନିସାହାରା ହେଇଯାଇଥିଲୁ ସେତେବେଳେ ତ ପୂରାପୂରି ଭୁଲିଗଲା । କଲେଜ ଜୀବନଯାକ ତ ଆସି ଅପାଅପା ଭାଇଭାଇ ହେଇ ପାଣି ପିଉ ନ ଥିଲା, ଭଉଣୀର ବିପଦବେଳେ କେମିତି କରଛଡ଼ା ଦେଇ ରହିଲା ?"

"ଆଗରୁ ବୋହୂମାନେ ପିଇସୀ ଶାଶୂକୁ ଏତେ ସରାଗ ଦେଖଉ ନ ଥିଲେ ?" "ଦି' କୋଟି ଦେଇ ଯୋଉ ମେସିନ କିଣାହଉଛି, ସିଏ କ'ଣ କାବୁଲା ବାବୁଲାଙ୍କ ଝାଳବୁହା ଧନ ? ନା ମାମୁ ମନ୍ତ୍ରୀ ଥିବାବେଳେ ଏମାନେ ଟ୍ରାନ୍ସଫର, ଲାଇସେନ୍ସ, କଣ୍ଟ୍ରାକ୍ଟ, ପରମିଟ୍ ବାବଦ ବଟି ଆଦାୟ କରିଛନ୍ତି ?"

"ମନ୍ତ୍ରିଆଣୀ ବୋଲି ମାଇଁ ଭୂଇଁରେ ଚାଲୁ ନ ଥିଲେ, ନିଜ ସ୍ୱାମୀକୁ ଓଷଦ ଖୁଆଇ ପାରୁନାହାଁନ୍ତି ? ସେ କ୍ଷମତା, ସେ ଗର୍ବ କୁଆଡ଼େ ଗଲା ?"

"କାବୁଲା ବାବୁଲା ବାହାସାହା ହବା ପରେ କାଇଁ ପିଇସୀକୁ ତ ଶଙ୍ଖୋଳି ଆସି ନ ଥିଲେ କେବେ । ଏବେ ଏତେ ସରାଗ ଆସୁଛି କୁଆଡୁ ?"

କିନ୍ତୁ ଆମର ଏ ଦୈନିନ୍ଦିନ ଜୀବନର ଚକ ଯୁକ୍ତିର ଅଖରେ ବନ୍ଧା ନୁହେଁ ନା । ତେଣୁ ଏ ସବୁ ପ୍ରଶ୍ନ କ'ଣ ବୋଉକୁ ଏ ବୟସରେ କରି ହବ ?

Digitized by srujanika@gmail.com

ସେଦିନ ବୋଉ କିନ୍ତୁ ଅଫନକ ନିଜଆଡୁ ଫୋନ କଲା । ତଥ୍ୟ ନ ଥିଲା, ଆଦେଶ । "ତୁ କେମିତି ହେଲେ ସମୟ କରିକି ଆସ । ଆଉ ବଞ୍ଚିବିନି ବୋଧେ । ମୋତେ ନେହୁରା ହେଇ କହିଲା, କିଟୁକୁ କେଇଟା କଥା କହିବାର ଅଛି । ତୁ ନ ଆସିଲେ କଥା ଖରାପ ହବ । ତୁ ଦି' ଦିନ ପାଇଁ ହଉ ପଛେ, ଆସ ।"

ଏତକ କହୁକହୁ ବୋଉ କାନ୍ଦି ପକେଇଲା । ଟୁଲୁମାମୁକୁ ଭେଟିବାକୁ ମୋର ସେମିତି କିଛି ଆଗ୍ରହ ନ ଥିଲା । କେବଳ ବ୍ୟକ୍ତିକ କାରଣ ନୁହେଁ, ତା'ର ରାଜନୀତିକ କାର୍ଯ୍ୟଧାରା ପ୍ରତି ମଧ ମୋର ଥିଲା ପ୍ରବଳ ଘୃଣା । ତଥାପି ବୋଉର ଏ ବୟସରେ କାନ୍ଦିବାଟା ସହିପାରିଲିନି । ଛୁଟିନେଇ ବାହାରିଲି ଭୁବନେଶ୍ୱର ।

ଏଆରପୋର୍ଟରୁ ଟାକ୍ସି ନେଇ ସିଧା ପହଞ୍ଚିଲି ମାମୁଘରେ । ଲୁମ୍ବିନୀ ବିହାରରେ ରାଜପ୍ରସାଦ ଭଳି ବିରାଟ ଗୋଟାଏ ଘର ତିଆରିଛନ୍ତି ଟୁଲୁମାମୁ ପୁଅମାନେ । ଅବଶ୍ୟ ଟୁଲୁମାମୁର ବାପା ଢେର ସମ୍ପତ୍ତି ଛାଡ଼ିଯାଇଥିଲେ । ପିଲାଦିନରୁ ମା'ଛେଉଣ୍ଡ ବୋଲି ଭାରି ଗେହ୍ଲା କରୁଥିଲେ । କିନ୍ତୁ ରାଜନୀତିର ଶିଡ଼ି ଚଢ଼ିବା ଭିତରେ ଟୁଲୁମାମୁ କିଛି ସମ୍ପତ୍ତି ବରବାଦ କରିଦେଇଥିଲା । କ୍ଷମତା କେନ୍ଦ୍ରରେ ପହଞ୍ଚିବା ପରେ ପୁଅମାନେ ବରବାଦ ହେଇଥିବା ସମ୍ପତ୍ତିର ଢେରଗୁଣ ଅଧିକ ଅମଳ କରିପାରିଥିଲେ । ଗତ ମନ୍ତ୍ରୀମଣ୍ଡଳର ଜଣେ ଟାଣୁଆ ମନ୍ତ୍ରୀ ଥିଲା ଟୁଲୁମାମୁ । ତା'ର ସାଙ୍ଗଠନିକ ଦକ୍ଷତା ଉପରେ ତା' ପାର୍ଟି ଏପରିକି ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ଭରଶୀଳ ଥିଲେ । କିନ୍ତୁ ଅସଲ ସଂଗଠନ ବୁଝୁଥିଲେ ଏଇ କାବୁଲା ବାବୁଲା । ସାରା ରାଜ୍ୟର ଅଧାପାଠୁଆ ବେକାର ଯୁବକମାନଙ୍କୁ ସଂଗଠିତ କରି ସେମାନେ ଗୋଟେ ଗୁଣ୍ଡାଗୋଷ୍ଠୀ ତିଆରି କରିଥିଲେ । ମହାପ୍ରସାଦ, ତୁଳସୀ ଖୋଇ, ଗଙ୍ଗାପାଣି ପିଏଇ ଏମାନେ ଏଭଳି ମଜଭୁତ ସଂଗଠନ କରି ନ ଥିବେ କେବେହେଲେ । ସେଇମାନେ ନିର୍ବାଚନ ସମୟରେ ସାମ୍ପ୍ରଦାୟିକ ହିଂସା ଭଡ଼କେଇ, ଭୋଟରଙ୍କୁ ଲାଞ୍ଚ କିମ୍ବା ଧମକଚମକ ଦେଇ ପାର୍ଟିକୁ ଜିତିବାରେ ସାହାଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ ସରକାରୀ କଣ୍ଟ୍ରାକ୍ଟ ସେଇମାନେ ପାଉଥିଲେ । ଆଉ ସେମାନଙ୍କ ମୁନାଫାର ସିଂହଭାଗ କାବୁଲା ବାବୁଲାଙ୍କ ପାଖକୁ ଆସୁଥିଲା । ଏସବୁ କାରବାରର ରାଜନୀତିକ ରକ୍ଷାକବଚ ଥିଲା ଖୋଦ୍ ଟୁଲୁମାମୁ ।

"ଟୁଲୁମାମୁ କୋଉଠି ?" ଟାକ୍ସିରୁ ଓହ୍ଲେଇ ବୋଉକୁ ପଚାରିଲି, "ତମେ ଏତେ ଦୂରରୁ ଆସିଛ, ଆଗ ଫ୍ରେସ ହେଇ ଖିଆପିଆ କର ।" ମାଇଁ କହିଲେ । "ଫ୍ଲାଇଟ ଲେଟ୍ ଥିଲା । ମୁଁ ଏଆରପୋର୍ଟ ଲାଉଞ୍ଜରେ ଲଞ୍ଚ କରିସାରି ବାହାରିଲି ।" ମୁଁ ଜବାବ

Digitized by srujanika@gmail.com

ଦେଲି । ମାଈଙ୍କ କଥାଗୁଡ଼ା ମୋତେ ମିଥ୍ୟା ଉପଚାର ଭଳି ଲାଗୁଥିଲା । ମୋ ସ୍ୱରରେ ବିରକ୍ତି ଭାବର ଆଧିକ୍ୟ ଯୋଗୁଁ କି କ'ଣ କେହି ଆଉ କଥା ବଢ଼େଇଲେନି । ବୋଉ ମୋତେ ନେଇଗଲା ଟୁଲୁମାମୁ ଶୋଇଥିବା ରୁମ୍‌କୁ ।

ମାମୁ ଆଖିବୁଜି ପଡ଼ିଥିଲା । ମୋ କବାଟ ଖୋଲିବା ଶବ୍ଦରେ ଆଖି ଖୋଲିଲା । ମୋତେ ଦେଖି ଖୁସିରେ ଉଠିପଡ଼ିବାକୁ ଚେଷ୍ଟା କରୁଥିଲା । କିନ୍ତୁ ତା'ର ଅସାଡ଼ ହେଇପଡ଼ିଥିବା ଅଙ୍ଗଗୁଡ଼ିକ ତାକୁ ସହଯୋଗ କଲେ ନାହିଁ । ସିଏ ସେମିତି ନିଶ୍ଚେଷ୍ଟ ହୋଇ ପଡ଼ିରହିଲା । ବୁନ୍ଦାଏ ଲୁହ ତା' ଆଖିରୁ ନିଗିଡ଼ି ଆସିଲା ।

"କେତେବେଳେ ଆଇଲୁ ? ଖାଇଲୁଣି ?" ଟୁଲୁମାମୁ ପଚାରିଲା ।

ସଂକ୍ଷିପ୍ତ ଉତ୍ତର ଦେଲି, "ହଁ" ।

"ଅପା, ତୁ ଟିକେ ଏଇନା ଯା । ମୁଁ କିଟୁ ସାଙ୍ଗେ ନିରୋଳାରେ କଥା ହେବି କେଇପଦ ।" ବୋଉକୁ କହିଲା ଟୁଲୁମାମୁ ।

ଟୁଲୁମାମୁର ଏତେ ବଡ଼ ହୃଷ୍ଟପୁଷ୍ଟ ଶରୀର ଏଇ ଦୁଇପଦ କଥାରେ ଅଣନିଃଶ୍ୱାସୀ ହେଇପଡୁଥାଏ । ଯୁବକ ଅବସ୍ଥାରେ ବଡ଼ି ବିଲ୍‌ଡିଙ୍ଗ୍ କରୁଥିଲା ଟୁଲୁମାମୁ । ତା' ହାତର ମାଂସପେଶୀ ଟାଇଟ୍ କରି ଆମମାନଙ୍କୁ ଝୁଲିବାକୁ କହୁଥିଲା । ପିଲାବେଳେ ତା' ହାତରେ ଝୁଲିବା, ତାକୁ ବିଧାମାରିବା ଆମର ପ୍ରିୟ ଖେଳ ଥିଲା । ସିଏ ଜିମ୍ନାସିଅମ୍‌ରୁ ଫେରିବା ପରେ ଆମେ ଦି' ଭାଇ ତା' ପିଠିରେ ସବୁ ଶକ୍ତି ଲଗେଇ ବିଧା ମାରୁଥିଲୁ । ସିଏ ନିଃଶ୍ୱାସ ଅଟକେଇ ଆମର ଶକ୍ତି ପରୀକ୍ଷା କରୁଥିଲା । ବିଧା ମାରିମାରି ଆମେ ହାଲିଆ ହେଲା ପରେ ତା' ବୁଲେଟ୍ ମୋଟର ସାଇକେଲରେ ବସେଇ ବୁଲେଇ ନଉଥିଲା ଯୋବ୍ରା ଆନିକଟ, ସେଇଠି ଚାଟ୍, ଗୁପ୍‌ଚୁପ୍ ଖାଇ ଫେରୁଥିଲୁ ଘରକୁ । ମୋର ମନେଅଛି ସେଇ ସମୟରେ ଥରେ ମୋତେ ବୁଲେଇନେଲା ତାଙ୍କ ଗାଁକୁ । ସୋରୋ ଷ୍ଟେସନରୁ ପନ୍ଦର କିଲୋମିଟର ଦୂର ତାଙ୍କ ଗାଁ । କଟକରେ ଯେତେବେଳେ ଟ୍ରେନ୍ ଚଢ଼ିଲୁ, ମୁଁ ମନେ ପକେଇ ଦେଲି, "ମାମୁ ଟିକଟ" । ଟୁଲୁମାମୁ କହିଲା, "ଦୁସ୍" । ତା'ପରେ ମୋତେ ଟେକିନେଇ ଦୁମ୍‌ଦୁମ୍ କରି ଚଢ଼ିଗଲା ଟ୍ରେନ୍‌ରେ । ସୋରୋ ଷ୍ଟେସନରେ ଓହ୍ଲେଇବାବେଳକୁ ଗେଟ୍ ପାଖରେ ଠିଆ ହେଇଥିଲା ଜଣେ ଟିଟି । ପଚାରିଲା, "ଟିକେଟ୍ ?" ମୋ ଛାତି ସେତେବେଳକୁ ଧଡ଼ଧଡ଼ ହେଲାଣି । ମାମୁ ଟିକେ ବିରକ୍ତ ହେଇ କହିଲା, "ଏ ପିଲାକୁ ରିସିଭ୍ କରିବାକୁ ଆସିଥିଲି ।" "ରିସିଭ୍ ?" ଅବିଶ୍ୱାସଭରା ସ୍ୱରରେ ଟିଟି କହିଲା, "ପ୍ଲାଟ୍‌ଫର୍ମ ଟିକଟ ତ ଥିବ ?"

Digitized by srujanika@gmail.com

"ଢୁସ୍", ମାମୁ କହିଲା "ପ୍ଲାଟ୍‌ଫର୍ମ ଟିକଟ୍ ଏ ଯୁଗରେ କିଏ କରେନା ?"

କହିଲା ଆଉ ମୋ ଡେଣାକୁ ଧରି ଦୃପ୍ତ ଭାବରେ ଚାଲିବାକୁ ଲାଗିଲା ଷ୍ଟେସନ ଗେଟ୍ ଟପିକି । ତା'ର ବିରାଟ ଅବୟବ ଓ ଅବଜ୍ଞାଭାବ ଦେଖି କଳାକୋଟ୍‌ଧାରୀ ଶଙ୍କିଗଲା ବୋଧହୁଏ ।

ମୋ ବାଲ୍ୟକାଳର ନୈତିକ ମନ ସାମାନ୍ୟ ବିଦ୍ରୋହ କରିଉଠିଥିଲା ଟୁଲୁମାମୁର ଆଚରଣରେ । ଅଜାଙ୍କର ଏତେ ସମ୍ପତ୍ତି । ପାଠ ପଢ଼ିବାବେଳୁ ବୁଲେଟ୍ ଚଢୁଛି, ଅଥଚ ସାମାନ୍ୟ ଟ୍ରେନ୍ ଟିକେଟ କଲାନାଇଁ ? କିନ୍ତୁ ଏ ବିଦ୍ରୋହକୁ ଅଚିରେ ଦମନ କରିଦେଲା ମୋର ହିରୋ-ୱର୍‌ସିପ । ଆମେ କେବଳ ତାକୁ ଖୁବ୍ ଭଲ ପାଉଥିଲୁ ସେକଥା ନୁହେଁ, ସିଏ ଥିଲା ଆମ ପିଲାଦିନର ହିରୋ । ସବୁକିଛି ଅକ୍ଳେଶରେ ସମ୍ଭବ କରେଇ ପାରୁଥିବା ବ୍ୟକ୍ତିତ୍ୱର ଛାପ ମୁଁ ଦେଖିପାରୁଥିଲି ତା'ଠି । ସେଇ ଟୁଲୁମାମୁ ଏବେ ନିଜର ନିତ୍ୟକର୍ମ ସାରିବା ପାଇଁ ଦୁଇ ଦୁଇ ଜଣ ନର୍ସ ଉପରେ ନିର୍ଭରଶୀଳ । ତା' ଅସହାୟତା ନିଜ ଆଖିରେ ଦେଖିବା ପରେ ମୋ ମନ ଭିତରେ ତା' ପ୍ରତି ଜମିଥିବା ଘୃଣା ଧୀରେଧୀରେ ତରଳିବାକୁ ଆରମ୍ଭ କରିଥିଲା ।

ହାତରେ ଇଙ୍ଗିତ କରି ନର୍ସ ଦି' ଜଣଙ୍କୁ ରୁମ୍‌ରୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଲା ଟୁଲୁମାମୁ । ଜଣେ ନର୍ସ ଆଗେଇଆସି ବେଡ ପାଖରୁ ଆଣ୍ଠୁ ତଳଯାଏ ଲମ୍ବିଥିବା ଫତେଇ ଉପରେ ମୋଟା ସବୁଜ କମ୍ବଳଟେ ଢାଙ୍କିଦେଲା । ଖଟରେ ଲାଗିଥିବା ସ୍କ୍ରୁ'ଟିକୁ ମୋଡ଼ି ଖଟର ଅଧା ଅଂଶ ଉପରକୁ ଉଠେଇଦେଲା । ଏଥର ମାମୁ ଅଣ୍ଟାଠାରୁ ମୁଣ୍ଡ ପର୍ଯ୍ୟନ୍ତ ଆଉଜିକି ବସିପାରିଲା । ତା' ପାଦ ପାଖରେ ମୋ ପାଇଁ ଚଉକିଟେ ପକେଇଦେଇ ସିଏ ବି ବାହାରିଗଲା ରୁମ୍‌ରୁ ।

ସମସ୍ତେ ଗଲାପରେ ଟୁଲୁମାମୁ ମୋତେ ଅନେଇ ହସିଲା ଗୋଟେ ରହସ୍ୟମୟ ହସ ।

"ମୁଁ ତୋ ମନକଥା ଠିକ୍ ବୁଝିପାରୁଛି କିଟୁ । ତମେ ପଣ୍ଡିତ ଲୋକମାନେ ସିନା ରାଜନୀତିଆଙ୍କୁ ହେୟଜ୍ଞାନ କର; ହେଲେ, ଆମର ଲୋକଚରିତ୍ର ବୁଝିବାର ଦକ୍ଷତା ଆଉ କାହାରି ନାହିଁ ।"

ଟୁଲୁମାମୁ ଟିକେ ଦମ୍ ନେଲା । ତା' ଗୋରା ମୁହଁଟା ଶେତା ହଳଦିଆ ପଡ଼ିଯାଇଥାଏ । ମୁହଁରେ ତିନି ଚାରିଦିନର ରୁଢ଼ । ବାର୍‌ଲାଇଟ ଆଲୁଅ ପଡ଼ି ସେଗୁଡ଼ିକ

Digitized by srujanika@gmail.com

ଚକଚକ କରୁଥାଏ । ରୁମ୍ ଫ୍ରେସ୍‌ନର ଏତେ ପରିମାଣରେ ସ୍ପ୍ରେ କରାଯାଇଥାଏ ରୁମ୍‌ରେ ଯେ ନାକ ଶୁଦ୍ଧି ହୋଇଯିବ । ଏନ୍.ସି.ସି. କ୍ୟାଡେଟ ଛିଡ଼ା ହେବାଭଳି ଅକ୍ସିଜେନ ସିଲିଣ୍ଡର ଆଉ ଅନ୍ୟାନ୍ୟ ଏମର୍ଜେନ୍‌ସି ଉପକରଣ ଧାଡ଼ିହୋଇ ରଖାଯାଇଥାଏ ।

"ତୁ ମୋ ଉପରେ ଅଭିମାନ କରିଥିବୁ ନିଶ୍ଚେ । ତୋ ଜାଗାରେ ମୁଁ ଥିଲେ ବି ସେୟା କରିଥା'ନ୍ତି । ଅନ୍ତତଃ ବାପା ମରିଯିବା ପରେ ତମେମାନେ ମୋର ସାହାଯ୍ୟ ସହାନୁଭୂତି ଆଶା କରିଥିବ । ବିଶେଷକରି ମୋର ସେବେଳର ରାଜନୀତିକ କ୍ଷମତା ଯୋଗୁଁ ।"

ମୁଁ କିଛି ଉତ୍ତର ଦେଲି ନାହିଁ । ଉତ୍ତର ଦବା ଉଚିତ ମନେ କଲିନି । ସେତେବେଳର ସଂଘର୍ଷମୟ ଦିନଗୁଡ଼ିକ ମନେପଡ଼ିବାରୁ ମୁଁ ଅନ୍ୟମନସ୍କ ହୋଇଗଲି ଟିକେ ।

ଦି'ଟା କାରଣରୁ ମଣିଷ ଅନ୍ୟଠୁ ଦୂରେଇଯାଏ । ଯାହାଠୁ ସାହାଯ୍ୟ ପାଇଥାଏ, ଯାହା ପାଖରେ ଋଣୀ ଥାଏ, ତା'ଠୁ ଜାଣିଶୁଣି ଦୂରେଇଯାଏ । ତା'ର ନାନା ଦୋଷ ଦୁର୍ବଳତା କଳ୍ପନା କରି ତାକୁ ବଦନାମ କରିବାର ଚେଷ୍ଟା କରେ, ଶତ୍ରୁତା ଆଚରଣ କରେ । କୃତଜ୍ଞତାର ବୋଝ ବୋହିବା ଭାରି କଷ୍ଟ କି ନା । ଆଉଗୋଟେ ହେଲା ଅନ୍ୟକୁ ଶିଡ଼ି କରି ଉପରକୁ ଚଢ଼ିବା । ଏଇଟା ବେଶି ଦେଖିବୁ ରାଜନୀତିଆ ମଣିଷ ପାଖରେ । ଉପରକୁ ଉଠିଗଲେ ଶିଡ଼ିକୁ ଫୋପାଡ଼ି ଦବାକୁ ହୁଏ । କାରଣ ରାଜନୀତିଆ ମଣିଷ ଜାଣେ ତାକୁ ତଳକୁ ଓହ୍ଲେଇବାର ମଉକା ମିଳିବନି । କେବଳ ଉପରୁ ଧକ୍କା ଖାଇ ତଳେ କଚାଡ଼ି ପଡ଼ିବାକୁ ହବ ତାକୁ । ତୋ ସହ ଏମିତି କଥା କିଛି ନ ଥିଲା ।

ଟୁଲୁମାମୁ ଟିକେ ଦମ୍ ନେଲା । ଫ୍ୟାନ୍‌ଟା ବନ୍ଦ କରିଦବାକୁ ଇଙ୍ଗିତ କଲା ମୋତେ । ଆସିବାବେଳେ ବାହାରେ ପ୍ରବଳ ଗୁଳୁଗୁଳି ଗରମ ହଉଥିଲା । କିନ୍ତୁ ଏ.ସି. ଆଉ ଦୁଇଟା ଫ୍ୟାନ ପୂରା ଦମ୍‌ରେ ଚାଲିଥିବାରୁ ହେମାଳ ଲାଗୁଥାଏ କୋଠରିଟି । ମୁଁ ଫ୍ୟାନ ଦି'ଟା ବନ୍ଦ କରିବା ପରେ ଟୁଲୁମାମୁ ପୁଣି ଆରମ୍ଭ କଲା ।

"ତୋର ମନେଅଛି ଢେର୍‌ଦିନ ତଳେ ମୋତେ ଭେଟିବାକୁ ଆସିଥିଲୁ ଥରେ ? ଜଣଙ୍କ ବଦଳି ପାଇଁ । ତା'ର କିଛିଦିନ ପରେ ଦିଲ୍ଲୀରେ ଚାକିରି ପାଇ ଚାଲିଗଲୁ ।"

ଘଟଣାଟା ମୋର ପୂରା ମନେଥିଲା । ଅନେକଦିନ ହବ ଟୁଲୁମାମୁ ତ ଆମଠାରୁ ଦୂରେଇ ଯାଇଥିଲା; ସେଇ ଘଟଣା ପରେ ହିଁ ମୁଁ ମୋ ତରଫରୁ ଟୁଲୁମାମୁ ସହ ସବୁପ୍ରକାର ସଂପର୍କ କାଟିଦେଇଥିଲି । ମାମୁ ସେତେବେଳକୁ ଜଣେ ପ୍ରଭାବଶାଳୀ

Digitized by srujanika@gmail.com

ମନ୍ତ୍ରୀ; କିନ୍ତୁ ଯୋଉ ଉପାୟରେ ସିଏ ନିଜର ପ୍ରଭାବ ଓ କ୍ଷମତା ଆହରଣ କରିଥିଲା, ବିବେକୀ ମଣିଷକୁ ତାହା ଅତି ଘୃଣ୍ୟ ମନେହେବ । ଆମର ମାମୁ ବୋଲି ଆମେ କୋଉଠି ତା'ର ପରିଚୟ ଦଉନା । ବୋଉ ସାମାନ୍ୟ ପ୍ରତିବାଦ କରେ, ଭଗବାନ ନିଜେ କଂସ ଭଳି ରାକ୍ଷସକୁ ମାମୁ ବୋଲି ପରିଚୟ ଦଉଥିଲେ, ତମକୁ କାଇଁକି ଲାଜ ମାଡ଼ିବ ? ତମେ ସିନା ତା'ଠୁ କୌଣସି ସାହାଯ୍ୟ ନବନି କି ହାତ ପତେଇବନି, ପରିଚୟ ଦବନି କାଇଁକି ? କିନ୍ତୁ ବୋଉ କଥା ଆମେ ଶୁଣୁ ନ ଥିଲୁ ସେତେବେଳେ । ଅତଏବ ମୋର କିଛି ନିକଟତମ ବନ୍ଧୁଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଆମର ସଂପର୍କ ବିଷୟରେ ଜାଣି ନ ଥିଲେ । ସେମିତି ଜଣେ ବନ୍ଧୁଙ୍କର ବିଧବା ମା' କ୍ୟାନ୍‌ସର ଭୋଗିବାରୁ ସିଏ ଦହଗଞ୍ଜ ହଉଥିଲେ । ଉପାନ୍ତ ଅଞ୍ଚଳରୁ ମେଡ଼ିକାଲ କଲେଜ ହସ୍‌ପିଟାଲ ଚିକିତ୍ସା ପାଇଁ ବୁଢ଼ୀଙ୍କୁ ବାରମ୍ବାର ନବା ଆଣିବା କରିବାରେ ତାଙ୍କର ସମସ୍ତ ଶକ୍ତି କ୍ଷୟ ହେଉଥିଲା । ରାଜଧାନୀ ଆଖପାଖର କୌଣସି ମହାବିଦ୍ୟାଳୟକୁ ବଦଳି ହେବା ପାଇଁ ବାରମ୍ବାର ଦରଖାସ୍ତ କରି ବିଫଳ ହବା ପରେ ସିଏ ମୋତେ ଅନୁରୋଧ କରିଥିଲେ । ମାମୁ ଅଧୀନରେ ସୌଭାଗ୍ୟକୁ ସେଇ ବିଭାଗ ଥାଏ । ତାଙ୍କ ମା'ଙ୍କ ଅବସ୍ଥା ଦେଖିବା ପରେ ମୁଁ ବଡ଼ କୁଣ୍ଠିତ ଭାବରେ ସୁପାରିସ କରିବାକୁ ରାଜି ହେଲି । ମୁଁ ଆସିଛି ଜାଣିବା ପରେ ମାମୁ ସାଙ୍ଗେ ସାଙ୍ଗେ ଡକେଇଲା । ଖୁସିହବାର ଅଭିନୟ କଲା । ରୁଣ୍ଡ ହେଇଥିବା ଚମଚା, ଦଲାଲମାନଙ୍କୁ ତା' ରୁମ୍‌ରୁ ବାହାର କରିଦେଇ ଆମ ସାଙ୍ଗରେ ନିରୋଳାରେ ଗପିଲା । କିନ୍ତୁ ମୁଁ ଯେତେବେଳେ ବନ୍ଧୁଙ୍କ ବଦଳି କଥା କହିଲି, କହିଲା, "ସମସ୍ତେ ଯଦି ରାଜଧାନୀରେ ଚାକିରି କରିବେ, ତା' ହେଲେ ଉପାନ୍ତ ଅଞ୍ଚଳରେ କିଏ ଚାକିରି କରିବ ? ଏଇ ପ୍ରକାର ମନୋବୃତ୍ତି ଯୋଗୁଁ ସେ ଅଞ୍ଚଳର ଲୋକ ଓଡ଼ିଶା ସହ ଏକାତ୍ମ ହେଇପାରୁନାହାଁନ୍ତି । ଇଏ ଜଣେ ଭଲ ଟିଚର କହୁଛୁ । ଏଇମିତି ଶିକ୍ଷକ ସେଇଠି ଅବହେଳିତ ପିଲାମାନଙ୍କୁ ପଢ଼େଇଲେ ସିନା ସାମାଜିକ ସାମ୍ୟ ଆସିବ ।"

ମାମୁର ଫମ୍ପା ରାଜନୀତିଆ କଥାଗୁଡ଼ା ମୋତେ ବିଷ ଭଳି ଲାଗିଥିଲା ସେଦିନ । କହିଲି, "ମାମୁ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟ ଅତି ଖରାପ । କ୍ୟାନ୍‌ସର ହେଇଛି ।"

"ଆରେ ରୋଗ ଉପରେ କାହାର ହାତ ଅଛି ? ମୁଁ ଫାଇଲ ମୁଭ୍ କରୁଛି । ଗୋଟେ ସ୍ପେଶାଲ ଅର୍ଡ଼ର କରିଦବା । ସରକାର ତାଙ୍କ ମା'ଙ୍କ ଟ୍ରିଟ୍‌ମେଣ୍ଟର ଦାୟିତ୍ୱ ନେବେ । ତା'ଛଡ଼ା ଆମ ସରକାର ସବୁପ୍ରକାର ହେଲ୍‌ଥ ସର୍ଭିସ ରିମୋଟ ଏରିଆକୁ ନେବାକୁ ଚେଷ୍ଟା କରୁଛି । ଆଗାମୀ ଦିନରେ ଆମେ ନିଶ୍ଚୟ ସଫଳ ହେବୁ ।"

Digitized by srujanika@gmail.com

ପ୍ରଚଣ୍ଡ ଲଜ୍ଜା ଓ ଅପମାନରେ ଆମେ ଦୁଇ ବନ୍ଧୁ ଫେରିଥିଲୁ । ଅଳ୍ପଦିନ ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ପଦବୀ ପାଇ ମୁଁ ଓଡ଼ିଶା ଛାଡ଼ିଦେଲି ।

"ତୁ ଓଡ଼ିଶା ଛାଡ଼ି ଚାଲିଯିବା ପରେ ହିଁ ସେ ଭଦ୍ରବ୍ୟକ୍ତିଙ୍କୁ ବଦଳି କରି ରାଜଧାନୀ ଆଣିଥିଲି କେତେକ ନିର୍ଦ୍ଦିଷ୍ଟ କାରଣ ଯୋଗୁଁ ।" ମାମୁ ସଫେଇ ଦେଲା ।

"ସେତେବେଳକୁ ତାଙ୍କ ମା' ମରି ସାରିଥିଲେ । ସିଏ ବଦଳି ହେବେ କ'ଣ, ଚାକିରି ଛାଡ଼ିଦେଲେ । ଆମେରିକାରେ ଚାକିରି କରୁଥିବା ତାଙ୍କ ପିଲାମାନେ ଏକାରକମ ପ୍ରେସର କରି ତାଙ୍କୁ ଚାକିରି ଛାଡ଼ିବାକୁ ବାଧ୍ୟ କଲେ । ତାଙ୍କର କିଛି ଆର୍ଥିକ କ୍ଷତି ହେଲାନି । କିନ୍ତୁ ଓଡ଼ିଶାର ଛାତ୍ରସମାଜ ଜଣେ ଅତି ଦକ୍ଷ ଶିକ୍ଷକ ଓ ଗବେଷକଙ୍କ ଦିଗ୍‌ଦର୍ଶନ ପାଇବାରୁ ବଞ୍ଚିତ ହେଲା । ଏଇ ଘଟଣା ମୋର ନିଜ ଅଭିଜ୍ଞତା । ମୁଁ ଭାବୁଛି ଏଇ ସିଷ୍ଟମ, ଏ ପ୍ରକାର ରାଜନୀତି ଏଇଭଳି ଅନେକ ଦକ୍ଷ, ସ୍ୱାଭିମାନୀ ଅଥଚ ସ୍ପର୍ଶକାତର ମଣିଷଙ୍କୁ ପେଷି ଦେଉଥିବ । ଏଠିକାର ରାଜନୀତିକ କ୍ଷମତା ଶିକ୍ଷା, ସାହିତ୍ୟ, ସଂସ୍କୃତି, ଅର୍ଥନୀତିକୁ ଏମିତି ଭାବରେ ନିୟନ୍ତ୍ରଣ କରୁଛି ଯେ, ପ୍ରକୃତ ମେଧା ଉଧେଇବାର ନାହିଁ । ରାଜନୀତିକ କ୍ଷମତା ସହ ସାଲିସ ନ କଲେ ତମେ ନା ଭଲ ଆନ୍ତରପ୍ରେନର୍ ହେଇପାରିବ ନା ଭଲ ସାହିତ୍ୟିକ ବା ଶିକ୍ଷାବିତ୍ । ଏପିରିକି ଦକ୍ଷ ଅମଲାଟିଏ ହବା ପାଇଁ ହେଲେ ରାଜନୀତିକ ଗଡ୍‌ଫାଦର ଥିବା ଲୋଡ଼ା । ଚିଫ୍ ସେକ୍ରେଟାରି ସ୍ତରର ଲୋକମାନେ ବି ରିଟାୟାରମେଣ୍ଟ ପରେ ଆଉ ଟିକିଏ କ୍ଷମତା ପାଇଁ ରାଜନୀତିକ ଦଲାଲମାନଙ୍କ ବାରଣ୍ଡାରେ ଯାଇ ବସୁଛନ୍ତି । ଯୁବପିଢ଼ି ଆଗରେ ରୋଲ ମଡ଼େଲ ନାହିଁ । ସେମାନଙ୍କ ଭିତରେ ନୈରାଶ୍ୟ ଓ ସିନିସିଜ୍‌ମ ବଢ଼ୁଛି । ଯୋଉ ସମାଜରେ ଭଲ ମୂଲ୍ୟବୋଧର ସମ୍ମାନ ନାହିଁ, କ୍ରିମିନାଲମାନେ ଅଧିକ କ୍ଷମତାଶାଳୀ, ସେଠି ପିଲାଏ ଅପରାଧ ପ୍ରତି ଆକୃଷ୍ଟ ହେବେ, ଭାବିବାର କ'ଣ ଅଛି ? ଯୋଉମାନେ ଅପରାଧ ମାଧ୍ୟମରେ କ୍ଷମତାକୁ କରାୟତ୍ତ କରିଛନ୍ତି, ସେମାନେ ଭାବିବା ଦରକାର ତାଙ୍କଠାରୁ ବଡ଼ ଅପରାଧୀ ଦିନେ ନା ଦିନେ ଏଇ ଯୁବସମାଜ ଭିତରୁ ବାହାରିବେ । ସିଏ ନକ୍ସଲୀ ବେଶରେ ହଉ କି ଆଉ କୋଉ ମୁଖା ପିନ୍ଧୁ ।"

କହିସାରିବା ପରେ ମୋତେ ଦୋଷୀ ଦୋଷୀ ଲାଗିଲା । କାରଣ ଶେଷବାକ୍ୟଗୁଡ଼ିକ ଏମିତି ଉତ୍ତେଜିତ ଭାବରେ ମୋ ପାଟିରୁ ବାହାରିଗଲା ଯେ, ମୋତେ ଲାଗିଲା ମାମୁ ଭାବିବ ମୁଁ ତାକୁ ଆଉ କାବୁଲା ବାବୁଲାଙ୍କୁ ବ୍ୟକ୍ତିକ ଆକ୍ଷେପ କରୁଛି । ରୋଗଶଯ୍ୟାରେ ପଡ଼ି ମୃତ୍ୟୁକୁ ଅପେକ୍ଷା କରୁଥିବା ଜଣେ ଦୁରାରୋଗ୍ୟ ରୋଗୀକୁ ଏଭଳି ଆକ୍ଷେପ କରିବା ମୋ ପକ୍ଷରେ ସ୍ପୃହଣୀୟ ନ ଥିଲା ବୋଧହୁଏ ।

Digitized by srujanika@gmail.com

ମାମୁ କିନ୍ତୁ ଆହତ ହେଲା ଭଳି ଲାଗୁ ନଥିଲା । ତା'ର ପାଣ୍ଡୁର ପଡ଼ିଯାଇଥିବା ମୁହଁରେ ବରଂ ମୁଁ ଏକ ନୂଆ ଜ୍ୟୋତି ଦେଖିବାକୁ ପାଇଲି । ସିଏ ଖୁବ୍ ଉତ୍ସାହରେ କହିବାକୁ ଲାଗିଲା, "ଏବେ ବୁଝୁଛୁ ତ ମୁଁ କାଇଁକି ତମମାନଙ୍କଠାରୁ ଜାଣିଶୁଣି ନିଜକୁ ଦୂରେଇ ନେଇଥିଲି ? ମୋ ରାଜନୀତିକ ଜୀବନର ଛାଇ ବି ତମ ଉପରେ ପଡୁ ମୁଁ ସେକଥା ଚାହୁଁ ନ ଥିଲି । ଭାବ୍ ତ ଦେଖି ଯଦି ତମମାନଙ୍କ ସହ ମୋର ପୁରୁଣା ଘନିଷ୍ଠତା ଥାଆନ୍ତା, ତୁ ତୋ ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା କରିଥା'ନ୍ତୁ ? ମୁଁ ଯୋଉ କ୍ଷମତାରେ ଥିଲି ତୋର ସବୁପ୍ରକାର ଅନୁରୋଧ ମାନି ନେଇଥିଲେ ତୁ ଆଜି ଏ ଉଚ୍ଚତାକୁ ଆସିପାରିଥା'ନ୍ତୁ ? ତୁ ଯେତିକି ଗବେଷଣା କରୁଛୁ, ପ୍ରଫେସର ହିସାବରେ ତୋର ପ୍ରତିଷ୍ଠା, ସାହିତ୍ୟ ପ୍ରତି ଅବଦାନ ଏସବୁ ସମ୍ଭବ ହେଇପାରିଥା'ନ୍ତା ? ତୋର ସେତେବେଳେ ଯେତିକି ପ୍ରତିଭା ଥିଲା ତୁ ଯଦି ମୋ ଛତ୍ରଛାୟା ତଳେ ଥାଆନ୍ତୁ, ତୁ ସେତିକିରେ ପାଇପାରିଥା'ନ୍ତୁ । ଯାଇତାଇ ସାହିତ୍ୟ ଲେଖି ପୁରସ୍କାର ପାଇଥା'ନ୍ତୁ । ରାଜଧାନୀରେ ଗାଦି ମାଡ଼ି ବସିଥା'ନ୍ତୁ । ତୁ ନିଜେ ଗୋଟେ କ୍ଷମତାର କେନ୍ଦ୍ର ପାଲଟି ଯାଇଥା'ନ୍ତୁ । ତୋ ପ୍ରତିଭା ବିକଶିତ ହେବାର ବାଟ ପାଇ ନ ଥା'ନ୍ତା । ଜଣେ ବନ୍ଧୁ ନୁହେଁ, ଶହ ଶହ ବନ୍ଧୁଙ୍କ ପାଇଁ ସୁପାରିସ କରିବାକୁ ମୋ ପାଖକୁ ଆସୁଥା'ନ୍ତୁ । ଘରେ ନିରୋଳାରେ ବସି ଜ୍ଞାନର ସାଧନା, ତପସ୍ୟା କରିବାକୁ ସମୟ ପାଇଥା'ନ୍ତୁ ? ତୋ ଆଖପାଖର ଲୋକ ମୋ ସହ ସଂପର୍କ ଅଛି ଜାଣିଲେ ତୋତେ ସେତିକି ସମୟ ନିରୋଳାରେ ଛାଡ଼ି ଦେଇଥା'ନ୍ତେ ? ମଦ, ମାଂସ, ଅର୍ଥ, ନାରୀ, ଉପଢ଼ୌକନ ଦେଇ କୌଣସିମତେ କାମ କରେଇ ନବାକୁ ଶହ ଶହ ଲୋକ ଆଗଭର ହେଇ ନ ଥା'ନ୍ତେ ? ତା' ଛଡ଼ା କ୍ଷମତାର ଯୋଉ ମଦ ତାକୁ ଯଦି ବିବେକ ପାକଳ ହବା ଆଗରୁ ଚାଖିଥା'ନ୍ତୁ, ତୁ ଆଜି ଭବିଷ୍ୟତ ପାଇଁ ବିହନ ହବାର କ୍ଷମତା ଅର୍ଜି ପାରି ନ ଥା'ନ୍ତୁ ।" ମୁଁ ତା' ଦୃଷ୍ଟିକୋଣରୁ ପରିସ୍ଥିତିକୁ ବୁଝିବାକୁ ଚେଷ୍ଟା କରୁଥିଲି । ସତରେ ତା' କଥାରେ ଦମ୍ ଥିଲା ଭଳି ଲାଗିଲା ।

"ତୁ ଆଜି ଏଇ କାବୁଲା ବାବୁଲାଙ୍କ ଭଳି ହେଇଥା'ନ୍ତୁ । ଏମାନଙ୍କର କିଛି ବିଦ୍ୟାବୁଦ୍ଧି ନାହିଁ । ଏ ଉପଭୋଗ-ସର୍ବସ୍ୱ ଜୀବନ ବାହାରେ ଯେ ବିରାଟ ପୃଥିବୀଟେ ଅଛି ତା' ସେମାନେ ଜାଣିନାହାଁନ୍ତି । କିନ୍ତୁ ତୋ ପାଖରେ ପ୍ରତିଭା ଥିଲା ନା ! ପ୍ରଜାପତି ଦେଖିଛୁ ? ଖୋଷା ଭିତରୁ ବାହାରିବାକୁ କେତେ କଷ୍ଟ କରେ ସିଏ ? ଥରେ ସେ ଖୋଷା ଭାଙ୍ଗି କଷ୍ଟରୁ ତାକୁ ମୁକ୍ତି ଦେଇଦେ ତ, ଦେଖିବୁ ସେ ପ୍ରଜାପତି ତା' ସ୍ୱାଭାବିକ ଜୀବନ

Digitized by srujanika@gmail.com

ବଞ୍ଚିପାରିବନି । ମରିଯିବ । ମୁଁ ଯଦି ପିଲାଦିନୁ ତୋର ପୃଷ୍ଟପୋଷକତା କରିଥା'ନ୍ତି ତେବେ ତୁ ଏ ଉଚ୍ଚତାରେ ପହଞ୍ଚି ପାରି ନ ଥା'ନ୍ତୁ ।"

"କିନ୍ତୁ ମାମୁ ତମେ ଯଦି ଏ କଥାରେ ପ୍ରକୃତରେ ବିଶ୍ୱାସ କରୁଛ ତେବେ କାବୁଲା ବାବୁଲାଙ୍କୁ ଏକ ଭିନ୍ନ ଜୀବନ ଦେଇପାରିଥା'ନ୍ତ । ଏମିତିକି ତମର ଯୋଉ କ୍ଷମତା ଥିଲା, ଚାହିଁଥିଲେ ଏ ଭ୍ରଷ୍ଟ ରାଜନୀତି, ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ର, ପରୁସ୍କାର-ସର୍ବସ୍ୱ ସାହିତ୍ୟ, ସ୍ୱାଭିମାନବିହୀନ ଜୀବନଚର୍ଯ୍ୟାକୁ ବଦଳେଇବାକୁ ଚେଷ୍ଟା କରିଥା'ନ୍ତ ।" ମୁଁ କ୍ଷୀଣ ପ୍ରତିବାଦ କଲି ।

ମାମୁ ହସିଲା ଏକ ଅକୃତ୍ରିମ ହସ ।

"ମୁଁ ତତେ ମୂଳରୁ କହିଥିଲି ନା, ରାଜନୀତିଆ ଯେମିତି ସାଂପ୍ରତିକ ଲୋକଚରିତ୍ର ବୁଝିପାରନ୍ତି, ଅନ୍ୟ କେହି ସେମିତି ପାରିବେନି ? ଏଇ ମୋ ପାରାଲିସିସ ହେଇଯାଇଥିବା ଅଙ୍ଗଗୁଡ଼ିକୁ ଦେଖୁଛୁ ? ଏ ସମୟ ଏ ସମାଜ ଗୋଟେ ପକ୍ଷାଘାତଗ୍ରସ୍ତ ସମୟ ଓ ସମାଜ । ମୋ ଭଳି ବିକଳାଙ୍ଗ ହିଁ ଏ ସମୟ ଓ ସମାଜର ନେତୃତ୍ୱ ନେଇପାରିବ । ଏକ ଟଙ୍କାରେ ଚାଉଳ, ଦୁଇ ଟଙ୍କାରେ ଡାଲି, ବାର ଟଙ୍କାରେ ମିଲ୍, ମାଗଣାରେ ସାଇକଲ, କମ୍ପ୍ୟୁଟର ଓ ଅପର୍ଯ୍ୟାପ୍ତ ସ୍ୱପ୍ନର କୁହେଳି ସୃଷ୍ଟି କରି, ସ୍ଥାନୀୟତା, ଜାତିଆଣଭାବ, ସଂକୀର୍ଣ୍ଣ ଧର୍ମଧାରଣାକୁ ଉତ୍ତେଜିତ କରି ଅଶିକ୍ଷିତ, ଶ୍ରମକାତର ସ୍ୱାଭିମାନବର୍ଜିତ ପଙ୍ଗୁ ସମୁଦାୟକୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଭୁଆଁ ବୁଲେଇ ପାରିବ । ଏ ସ୍ୱାଭିମାନ-ମେଧ ଯଜ୍ଞରେ ଦରକାର ପଡ଼ିଲେ ନିଜ ପୁଅ, ସ୍ତ୍ରୀ, ପରିବାରକୁ ଆହୂତି ଦେଇପାରିବ । ଭଲ ମୂଲ୍ୟବୋଧ ଓ ଅସଲ ରାଜନୀତି ତୁ କୌଟିଲ୍ୟ, ପ୍ଲେଟୋ, ଆରିଷ୍ଟଟ୍‌ଲ ପଢ଼ି ଜାଣୁଛୁ । ମୁଁ ବି ରାଜନୀତି ବିଜ୍ଞାନର ଛାତ୍ର । ଆଇନ ବି ପଢ଼ିଛି । ତୋ ବାପା ସିନା ଖୁବ୍ ବିଦ୍ୱାନ୍ ଥିଲେ । ତେଣୁ ମୁଁ ତାଙ୍କୁ ଭକ୍ତି ଓ ଭୟ କରୁଥିଲି । ମୁଁ କିନ୍ତୁ ଏମିତି କିଛି ଖରାପ ଛାତ୍ର ନ ଥିଲି । ମହାଭାରତ, ରାମାୟଣର ଆଦର୍ଶ ଯେମିତି ତୋ ରକ୍ତରେ ସେମିତି ମୋ ରକ୍ତରେ । ଭଲ ମୂଲ୍ୟବୋଧ ବିଷୟରେ ଜ୍ଞାନ ବଡ଼ କଥା ନୁହେଁ; ତାକୁ କାର୍ଯ୍ୟରେ ପରିଣତ କରିବା ଅସଲ ପୌରୁଷ । ସେ ପୌରୁଷ ଆମ ଜେନେରେସନରେ କାହା ପାଖରେ ନ ଥିଲା । ମୁଁ ହୁଏ କି କାବୁଲା ବାବୁଲା ହୁଅନ୍ତୁ, ଆମେ ହେଲୁ ଗଣ, ସମୁଦାୟ । ରାଜନୀତି ବିଜ୍ଞାନର ଭାଷାରେ ମାସ୍ । ଆମେ ସମୟର ଦାସ । ସମାଜକୁ ବଦଳେଇବାର ଶକ୍ତି ଆମର ନାହିଁ । ଅନ୍ୟ ପାଞ୍ଚଜଣ ଯୋଉ କଥା କରୁଛନ୍ତି, ଯୋଉ ବାଟରେ ସଫଳ ହଉଛନ୍ତି, ଆମେ ସେଇବାଟ ଧରିଲୁ । ଯେତେବାଟ ଗଲୁ, ଗଲୁ ।

Digitized by srujanika@gmail.com

ଏଇ ଅଙ୍ଗ ପଡ଼ିଗଲା । ଏବେ ବିଛଣାର ମଣିଷ । ପଛରେ ଗୋଡ଼ଉଥିବା, ହଁ ଜୀ ହଁ ଜୀ କରୁଥିବା ଲୋକ ଲୋକଲଜ୍ଜା ଭୟରେ ଗଣ୍ଡେ ପାଞ୍ଚଦିନ ଆସିବେ । ତା'ପରେ ଶୂନଶାନ । ଏଇ ସ୍ତ୍ରୀପିଲା, ପୁଅବୋହୂ ଏମାନଙ୍କର ନିଜସ୍ୱ ପରିଚୟ କ'ଣ ? ଯେତେଦିନ ମୁଁ ବଞ୍ଚିଛି ତାଙ୍କର ସେତେଦିନ ପ୍ରତିଷ୍ଠା । ମୁଁ ଚାଲିଗଲେ ତାଙ୍କୁ କିଏ ପଚାରେ ? ତେଣୁ ଯେତେଦିନ ପାରିବେ ବଞ୍ଚେଇ ରଖିବେ ।"

ଏମିତିଆ ଲମ୍ବା ଭାଷଣ ଦେଇ ବି ମାମୁ ଆଉ କ୍ଲାନ୍ତ ଦିଶୁ ନ ଥାଏ । ବରଂ ତା' ଚେହେରାରେ ଫୁଟି ଉଠୁଥାଏ ଏକ ନୂଆ ଉତ୍ସାହ । ମୁଁ ସେଥିରେ ଯେତିକି ଆଶ୍ଚର୍ଯ୍ୟ ହେଉ ନ ଥିଲି, ବେଶି ଆଶ୍ଚର୍ଯ୍ୟ ହେଉଥିଲି ମାମୁ ଚରିତ୍ରର ଏଇ ନୂଆ ଦିଗଟି ଆବିଷ୍କାର କରି । କିଛି ସମୟ ତଳର ଘୃଣା ପରିବର୍ତ୍ତେ ଏକ ପ୍ରକାରର ସମ୍ମାନବୋଧ ଜାଗିଉଠିଲା ମୋ ମନରେ । ପ୍ରଥମେ ରୁମ୍ ଭିତରକୁ ଆସିବାବେଳେ ବୋଧହୁଏ ମାମୁକୁ ନମସ୍କାର କରି ନ ଥିଲି । ଘୃଣା ଓ ବିରକ୍ତିରେ । ତା' ଅଲକ୍ଷ୍ୟରେ ମୁଁ ଏବେ ତା' ପକ୍ଷାଘାତଗ୍ରସ୍ତ ପାଦଛୁଇଁ ମୁଣ୍ଡରେ ଲଗେଇଲି ।

"କିନ୍ତୁ ଏ ସମୟ ସବୁଦିନ ରହିବ ନାହିଁ ।" ମାମୁର କଣ୍ଠଟା ଶୁଣାଗଲା ଐଶୀବାଣୀ ଭଳି ଉଦାତ୍ତ ଓ ଗମ୍ଭୀର । "ସବୁ ସମୟ ସମାନ ଯାଏନା । ମୁଁ ଠିକ୍ ଦେଖିପାରୁଛି ଏ ସମୟ ବଦଳିଯିବ ଖୁବ୍ ଶୀଘ୍ର । ତା' ସହିତ ତାଳଦେଇ ଏ ସମାଜ ଓ ମଣିଷମାନେ ବି ବଦଳି ଯିବାକୁ ବାଧ ହେବେ । ଯେଉଁମାନେ ବଦଳି ପାରିବେ ନାହିଁ ସେମାନେ ଠେସି ହେଇଯିବେ ସମାଜର ଦାଢ଼କୁ । ଯୋଉଠିକୁ ଏବେ ଶ୍ରେଷ୍ଠ ଲୋକମାନେ ଠେସି ହେଉଯାଉଛନ୍ତି ବା ଏ ରାଜ୍ୟ, ଏ ଦେଶ ଛାଡ଼ି ପଳେଇ ଯାଉଛନ୍ତି ଦୂରକୁ । ଏଇଟା ଶରଶଯ୍ୟା ନୁହେଁ କି ମୁଁ ଭୀଷ୍ମ ପିତାମହ ନୁହେଁ । କିନ୍ତୁ ତୋ ପାଖରେ ଯୁଧିଷ୍ଠିରର ପ୍ରତିଭା ଅଛି । ପିଲାଦିନୁ ଥିଲା । ତୋ ନୀତିବାନ୍ ବାପାର ପ୍ରଜ୍ଞା ଓ ତୋ ବୋଉର ସ୍ୱାଭିମାନ ଓ ଆଦର୍ଶ ସେ ପ୍ରତିଭାକୁ ଲାଳନ କରିଛି । ଜୀବନର ନାନା ଘାତ ପ୍ରତିଘାତ ଓ ଆବଶ୍ୟକ ସଂଗ୍ରାମ ବଢ଼େଇଛି ତୋର ଧୈର୍ଯ୍ୟ ଓ ସାହସ । ଯେଉଁ ଆଗାମୀ ସମୟ ଆସୁଛି, ସେଥିରେ ଯେଉଁମାନେ ନେତୃତ୍ୱ ନେବେ ସେମାନଙ୍କର ଏଇସବୁ ଗୁଣାବଳୀ ରହିବା ଦରକାର । ଶ୍ରେଷ୍ଠମାନେ ଆଗରେ ରହିବେ, ଲୋକମାନେ ସେମାନଙ୍କୁ ଅନୁସରଣ କରିବେ । ସମସ୍ତେ ମିଳିମିଶି ଏ ସମାଜକୁ ବଦଳେଇ ଦେବେ । ଉପଭୋଗ-ସର୍ବସ୍ୱ ଜୀବନକୁ ପରିହାର କରି ଏ ସଂସାରରେ ଖୁନ୍ଦି ହେଇଥିବା ଅନେକ ଦିବ୍ୟ ବିଭୂତିର ସନ୍ଧାନ କରିବେ । ସେମାନଙ୍କର ନେତୃତ୍ୱ ନବାକୁ ତମମାନଙ୍କୁ ଅଚିରେ ଡାକରା

Digitized by srujanika@gmail.com

ପଡ଼ିବ । ଜ୍ଞାନର ସାଧନା ଛାଡ଼ି ମୁଁ ତୋତେ ଭୋଟ ରାଜନୀତିରେ ପଶିବାକୁ ଅନୁରୋଧ କରୁନାହିଁ । ମୁଁ ଖାଲି ଏତିକି କହିବାକୁ ଚାହେ ଯେ, କୌଣସି ପ୍ରକାରର ନକାରାତ୍ମକତା ବା ସନିସିଜ୍‌ମକୁ ଜାବୁଡ଼ି ଧରି ସମୟର ଏ ଆହ୍ୱାନକୁ ଆଡ଼େଇ ନ ଦଉ ଯେମିତି । ତୋର ବିବେକ, ଜ୍ଞାନ, ସାହିତ୍ୟ, ସୌନ୍ଦର୍ଯ୍ୟଚେତନା ରାହା ଖୋଜୁଥିବା ମଣିଷର କାମରେ ଲାଗୁ । ଏଇଟା ଏ ଆସୁଥିବା ନୂଆ ସମୟର ଆହ୍ୱାନ । ଏତିକି ମନେରଖ୍, ଆଜିର ଏ ପରସ୍ଥିତି ପାଇଁ ଆତ୍ମସମ୍ମାନହୀନ କର୍ମଭୀରୁଗଣ ଯେତିକି ଦାୟୀ, ନିଃସ୍ପୃହ, ସ୍ପର୍ଶକାତର, ସିନିକାଲ ବୁଦ୍ଧିଜୀବୀମାନେ ମଧ ସେତିକି ବା ତା'ଠାରୁ ଅଧିକ ଦାୟୀ ।"

ମାମୁ ଆଖି ବୁଜିଲା । ଏତେ ସମୟ ଉତ୍ତେଜିତ ଭାବରେ ଗପିଥିବାରୁ କ୍ଳାନ୍ତି ନା ସ୍ୱୀକାରୋକ୍ତି ପରର ପ୍ରଶାନ୍ତି ତା' ମୁହଁରେ ଥିଲା ମୁଁ ଜାଣିପାରୁ ନ ଥିଲି । ତା' ନିରବତାରେ ବ୍ୟାଘାତ ନ ଘଟେଇ ଆଉଥରେ ତା' ପାଦଧୂଳି ନେଲି । ଆସ୍ତେ କରି କବାଟ ଖୋଲି ବାହାରି ଆସିଲି ।

Digitized by srujanika@gmail.com

ଲଭ୍-ଜିହାଦ୍

ଘରୁ ବାହାରି ରାସ୍ତାରେ ପାଦ ଦେଇଛି କି ନାହିଁ, ପହଞ୍ଚିଲା ଫୁର୍‌କାନ୍ । ସୋମବାର ଦିନ ଫୁର୍‌କାନ୍‌ର ପାଳି । ଚାରି ରିସର୍ଚ୍ଚ ସ୍କଲାରଙ୍କୁ ଅଲଗାଅଲଗା ଦିନ ଭେଟିବାକୁ କହିଥାଏ ମୁଁ । କାର୍ଯ୍ୟବ୍ୟସ୍ତତା ଭିତରେ ସେମାନଙ୍କ ଗବେଷଣା ତଦାରଖ କରିବାକୁ ଦିନ ଭିତରେ ସମୟ ହୁଏନାହିଁ । ତେଣୁ ସଞ୍ଜ ପାଞ୍ଚଟାରୁ ସାତଟା ଭିତରେ ସେମାନେ କ'ଣ ପଢ଼ିଛନ୍ତି ସପ୍ତାହେ ଭିତରେ, ଆଉ କ'ଣ ଲେଖିଛନ୍ତି ସେ ବିଷୟରେ ଆମେ ସାନ୍ଧ୍ୟଭ୍ରମଣ ଭିତରେ ଆଲୋଚନା କରୁ । ଆଉ ଫୁର୍‌କାନ୍ ନିଜ ପାଇଁ ସୋମବାର ଦିନଟା ନିଜେ ବାଛିଥିଲା । କାରଣ ସିଏ ବି ମୋ ଭଳି ସବୁ ସୋମବାର ବିଶ୍ୱନାଥ ମନ୍ଦିର ଯାଏ । ଜଣେ ମୁସଲମାନ ହେଇ ସବୁ ସୋମବାର ଶିବଦର୍ଶନ କରିବା କଥା ମୋତେ ଆଶ୍ଚର୍ଯ୍ୟ କରିଥିଲା ପ୍ରଥମେ । ଜବାବରେ ଫୁର୍‌କାନ୍ କହିଥିଲା, ତା' ମା' ଥିଲା ହିନ୍ଦୁ– ବଢ଼ିଥିଲା ଅନାଥାଶ୍ରମରେ । ତା'ର ଆଦର୍ଶବାଦୀ ବାପା ତାକୁ ବାହାହେଇ ସ୍ତ୍ରୀର ମର୍ଯ୍ୟାଦା ଦେଇଥିଲେ । ଖାଲି ସେତିକି ନୁହେଁ, ଘରିପଟର ମୁସ୍‌ଲିମ ରକ୍ଷଣଶୀଳତା ଭିତରେ ବି ତା' ମା'କୁ ସୋମବାର ଦିନ ଶିବମନ୍ଦିର ଯିବା ପାଇଁ ବାରଣ ନଥିଲା । ଏଇ କାରଣରୁ ତା' ବାପା ଏକରକମ ଏକଘରିକିଆ ହୋଇଯାଇଥିଲେ । କିନ୍ତୁ ତାଙ୍କ ପ୍ରତିପତ୍ତି ଥିଲା । ସମ୍ପତ୍ତି ଥିଲା । ଖାନ୍ଦାନି ଥିଲା । ବିଶେଷ କେହି ପ୍ରତିରୋଧ କରିବାକୁ ସାହସ କରୁନଥିଲେ । ସେମାନେ ପ୍ରତିଶୋଧ ନେଲେ, ତା' ବାପାମା' ଅଧାବୟସରେ ମରିଯିବା ପରେ । ଇଜିମାଇଲି ସମ୍ପତ୍ତିରୁ ବେଦଖଲ ହେଇ ଏଇ ଘରି ଭାଇଭଉଣୀ ଆଶ୍ରୟ ନେଇଛନ୍ତି ବନାରସରେ । ବାପାଙ୍କର କିଛି ଫିକ୍‌ସଡ ଡିପୋଜିଟ ଆଉ ତା'ର ରିସର୍ଚ୍ଚ ସ୍କଲାର୍‌ଶିପ ସେମାନଙ୍କର ଅବଲମ୍ବନ । ପୈତୃକ ସମ୍ପତ୍ତି ଉପରେ ନିଜର ହକ୍ ସାବ୍ୟସ୍ତ କରିବା ପାଇଁ, ନା ସେମାନଙ୍କର ଅଛି ଶକ୍ତି, ନା ସମୟ । ସୋମବାର ପିଲାଦିନେ ମା' ସହିତ ଶିବମନ୍ଦିର ଯିବା ଆଉ ଶୁକ୍ରବାର ଦିନ ବାପାଙ୍କ ସାଙ୍ଗେ ନମାଜ ପଢ଼ିବାକୁ ଯିବାର ଅଭ୍ୟାସ ତା'ର ରହିଯାଇଛି ଆଜିପର୍ଯ୍ୟନ୍ତ ।

'ପ୍ରଣାମ ସାର୍' କହିଲା ଫୁର୍‌କାନ୍ । ଅନ୍ୟ ଛାତ୍ରଙ୍କ ଭଳି ପାଦ ଛୁଏଁନାହିଁ ସିଏ । ଛାତ୍ରମାନେ ମୋ ପାଦ ଛୁଅଁନ୍ତୁ, ଏଇଟା ମୋତେ ଭାରି ଅସହଜ ଲାଗେ । ପାଦ

Digitized by srujanika@gmail.com

ଛୁଉଁଥିବ ଅଥଚ ପରୀକ୍ଷାରେ ମାର୍କ କମ୍ ମିଳିଲେ ପଛରେ ଗାଳି କରୁଥିବ, ଏପରି ଚିରାଚରିତ ଭକ୍ତି ମୁଁ ପ୍ରଶ୍ରୟ ଦିଏନାହିଁ । କିନ୍ତୁ ଜଣେ ଲୋକ ଯୁଗଯୁଗର ସଂସ୍କାରକୁ କ'ଣ ଅକସ୍ମାତ୍ ଲିଭେଇ ଦେଇପାରିବ ? ତେଣୁ ଫୁର୍‌କାନ୍ ଭଳି ଛାତ୍ରମାନଙ୍କୁ ବେଶି ସମ୍ମାନ ଦିଏ ମୁଁ । ଏମାନେ ଭକ୍ତିର ଅଯଥା ପ୍ରଦର୍ଶନ କରିବେନି ସତ ହେଲେ ପଛରେ ଗାଳି ଫଜିତ ବି କରିବେନି । ଯାହା ତାଙ୍କର ଅଭାବ ଅଭିଯୋଗ ସବୁ ମୁହଁ ଉପରେ, ସାମ୍ନାସାମ୍ନି ।

'ଆଉ, ଦ' ଆଇଡ଼ିଆ ଅବ୍ ଇଣ୍ଡିଆ ବହିଟା ପଢ଼ିଲ ? ଖିଲ୍‌ନାନୀର ?' ବିଶ୍ୱନାଥ ମନ୍ଦିରଆଡ଼େ ପାଦ ବଢ଼େଇବା ସାଙ୍ଗେସାଙ୍ଗେ ମୁଁ ପଚାରିଲି । ମୋ କ୍ୱାର୍ଟର୍ସକୁ ମନ୍ଦିର ଦୁଇ କିଲୋମିଟର ରାସ୍ତା । ସୋମବାର ଦିନ ଆମେ ମନ୍ଦିର ବେଢ଼ା ଘରିକଡ଼େ ଥରେ ବୁଲିଦେଇ ଡାଏରି ଫାର୍ମ ଆଡ଼କୁ ଲମ୍ବାରାସ୍ତାରେ ଚାଲିଯାଉ । ପାଠଶାଠ ଆଲୋଚନା କରି ଘଣ୍ଟେ ଦେଢ଼ଘଣ୍ଟା ପରେ ଫେରୁ ।

'ସାର୍, ଫଟୋକପି କରିଦେଇଛି ଆପଣଙ୍କ ବହିଟା । କାଲି ଫେରେଇଦେବି । କିନ୍ତୁ ପଢ଼ିପାରିନି ।'

'ଆଜିକା ଦିନରେ ଫଟୋକପିଅର ମେସିନ ହିଁ ସବୁଠୁ ବଡ଼ ସ୍କଲାର । ମେସିନ୍‌ଟି ବିଚରା ସବୁଯାକ ବହି ପଢ଼ିବାକୁ ବାଧ୍ୟ ହୁଏ, ଯେମିତି ଆମ ସମୟରେ ଆମେ ବାଧ୍ୟ ହଉଥିଲୁ । ଫଟୋକପିଅର ନଥିଲା ନା । ବହି ପଢ଼, ନୋଟ୍ କର । ଲାଇବ୍ରେରି ଯାଅ । ବର୍ତ୍ତମାନ ଫଟୋକପି କରିଦେଲେ ମଣିଷ ଆଶ୍ୱସ୍ତ ହେଉଯାଉଛି । ହଁ, ପଢ଼ିବା ତ, ସୁବିଧା ଦେଖିକି । ସେ ସୁବିଧା ଆଉ କେବେ ବି ଆସିବ ନାହିଁ । ମୋ ଜୀବନରେ ମୁଁ ଯେତେ ବହି ଫଟୋକପି କରିଛି, ତା'ର ଶତକଡ଼ା ଏକଭାଗ ବି ପଢ଼ିନାହିଁ ।' ମୋ ତୀବ୍ର ଶ୍ଳେଷରେ ଝାଉଁଳିପଡ଼ିଲା ଫୁର୍‌କାନ୍ । ମୋ' ପାଖରେ ପିଏଚ୍.ଡ଼ି. ରେଜିଷ୍ଟ୍ରେସନ କରିବା ପରେ ସିଏ ଅବଶ୍ୟ ଏଭଳି ଶ୍ଳେଷ ଓ ବିଦ୍ରୂପ ସହ ଅଭ୍ୟସ୍ତ ହେଇସାରିଥିଲା । ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଏମ୍.ଏ. କରିସାରି ସିଏ ବି.ଏଚ୍.ୟୁ ଆସିଲା ପିଏଚ୍.ଡ଼ି. କରିବାକୁ । ଏଠାକାର ଛାତ୍ରଛାତ୍ରୀ ତାକୁ ମୋର ଛେନାରୁ ଘେପାଛଡ଼ା ବୁଦ୍ଧି ବିଷୟରେ ଆଗରୁ ସତର୍କ କରିଦେଇଥିଲେ । ତଥାପି ମୋ'ରି ତତ୍ତ୍ୱାବଧାନରେ ଗବେଷଣା କରିବାକୁ ସିଏ ଥିଲା ନଛୋଡ଼ବନ୍ଧା । ତେଣୁ ଶ୍ଳେଷ ଓ ବିଦ୍ରୂପକୁ ସିଏ ମନ ଭିତରେ ବରଣ କରିନେଇଥିଲା ।

Digitized by srujanika@gmail.com

'ସାର୍, ମୁଁ କାଲି ପଅରିଦିନ ଭିତରେ ସେଇଟା ପଢ଼ିଦେବି । ପ୍ରମିସ୍ । ଗଲା ସପ୍ତାହଟା ସାରା ମୁଁ ଭୀଷଣ ଷ୍ଟ୍ରେସ୍‌ରେ ଥିଲି ତ !'

'ଷ୍ଟ୍ରେସ୍ ? ସପ୍ତାହଟା ସାରା କିଛି ପଢ଼ିନ ? ଆରେ, ପଢ଼ାଲେଖା ତ ଷ୍ଟ୍ରେସ୍‌କୁ ଦୂରେଇ ଦେଇପାରିବ । ଷ୍ଟ୍ରେସ୍ ହେଲାବୋଲି ପାଠପଢ଼ା କାହିଁକି ବନ୍ଦ କରୁଛ ?'

'ପାଠପଢ଼ା ବନ୍ଦ କରିନି ସାର୍ । ରିସର୍ଚ୍ଚ ସମ୍ପର୍କିତ କାମ ଗଲା ତିନିଚାରି ଦିନ ହେଲା କରିନି । ଖାଲି କବିତା ପଢୁଥିଲି । ୱାଲ୍ଟ ହ୍ୱିଟ୍‌ମାନ ଆଉ ଏମିଲି ଡିକିନ୍‌ସନଙ୍କର ।'

'ଡଃ ଡିକିନ୍‌ସନ, ମୋ ଫେବ୍‌ରାଇଟ । ଇନେବ୍ରିଏଟ୍ ଅବ୍ ଏଆର ଆମ୍ ଆଇ, ଡିବସ୍ ଅବ୍ ଡ୍ୟୁ' । ଫାବୁଲସ୍ । ମୋତେ ସବୁଠୁ ଭଲ ଲାଗେ ଏଇ ଧାଡ଼ିଟା । 'ଟେଲ୍ ଦ ଟ୍ରୁଥ୍, ବଟ୍ ଟେଲ୍ ଇଟ୍ ସ୍ଲାଣ୍ଟ୍ ।' କେତେ ବଡ଼ କଥା କେତେ ସଂକ୍ଷେପରେ କହି ନଦେଲା ! ସତ କୁହ, କିନ୍ତୁ ଟିକେ ତେରଛା କରି କୁହ । ଭାବି ଦେଖ ତ, ଆମର ସମଗ୍ର କଳା, ସାହିତ୍ୟ ଏକପ୍ରକାର ସତ୍ୟର ତେରଛା-କଥନ ନୁହଁ କି ?'

'ସାର୍, ଏତେ ଗହୀରେଇ ସେକଥା ଭାବିନି ମୁଁ । ମୋ' ବାପା ସବୁବେଳେ କହୁଥିଲେ, ସତ ପାଇଁ ଲଢ଼, ସତକୁ ଖୋଜ । ସେଥିପାଇଁ ମୋ' ନାଁ ଦେଇଥିଲେ ଫୁର୍‌କାନ୍, ଯାହାର ଅର୍ଥ ହେଲା ସତ୍ୟସନ୍ଧାନ ଓ ସତ୍ୟ ପାଇଁ ସଂଗ୍ରାମ । କିନ୍ତୁ ନିତ୍‌ସେ ଆଉ ପୋଷ୍ଟଷ୍ଟ୍ରକ୍‌ଚରାଲିଷ୍ଟମାନଙ୍କୁ ପଢ଼ିବାପରେ ବାପାଙ୍କ ସତ୍ୟ ଗୋଟେ ସରଳ ବିଶ୍ୱାସ ଉପରେ ଆଧାରିତ ସତ୍ୟ ଭଳି ମନେହେଉଛି । ଅଲଗାଅଲଗା ଦୃଷ୍ଟିକୋଣରୁ ସତ୍ୟ ଅଲଗାଅଲଗା ହେଇପାରେ । ପୁଣି ଆଜି ଆପଣ ତେରଛା ସତ୍ୟ ବିଷୟରେ କହିଲେଣି ।'

ଆମେ ପ୍ରାୟ ମନ୍ଦିର ପାଖାପାଖି ପହଞ୍ଚିଯାଇଥିଲୁ ସେତେବେଳେକୁ । ଅନତିଦୂରରୁ କେହି ଜଣେ ନବବଧୂ ଆମଆଡ଼କୁ ଆସୁଥିବାର ଲକ୍ଷ୍ୟ କଲି । ତାକୁ ଦେଖି ଫୁର୍‌କାନ୍ ଖୁବ୍ ବିବ୍ରତ ହେଲାପରି ଜଣାପଡୁଥିଲା । କହିଲା, 'ସାର୍, ଆଜି ଆପଣ ମନ୍ଦିର ଭିତରକୁ ଯାଆନ୍ତୁ । ମୁଁ ଯିବିନି । ମୋର ଜଣେ କ୍ଲାସ୍‌ମେଟ ସାଙ୍ଗେ ଦୁଇ ମିନିଟ୍ କଥା ଅଛି । ଆପଣ ଫେରିବା ଭିତରେ ମୋ କାମ ସରିଯାଇଥିବ ।'

'ଠିକ୍ ଅଛି, ଠିକ୍ ଅଛି । ଟେକ୍ ଇଓର୍ ଓନ୍ ଟାଇମ ।'

ମୋର ଏମିତି କିଛି ଜରୁରୀ କାମ ନାହିଁ । ଏତକ କହିଦେଇ ମୁଁ ମନ୍ଦିର ବେଢ଼ା ଭିତରକୁ ଆଗେଇଲି । ବିଶ୍ୱବିଦ୍ୟାଳୟର କେନ୍ଦ୍ରସ୍ଥଳରେ ଏଇ ବିଶ୍ୱନାଥ ମନ୍ଦିର । ବିରାଟ ହତା, ହତା ଭିତରେ କାତିକାତିକା ଗଛ, ଫୁଲବଗିଚା । ପ୍ରଶସ୍ତ ଘାସ ଗାଲିଚା । ଶୁଭ୍ର

Digitized by srujanika@gmail.com

ମାର୍ବଲ୍‌ଖଞ୍ଜା ବିରାଟ ହର୍ମ୍ୟ । ଏତେ ପରିଷ୍କାର ପରିଚ୍ଛନ୍ନ ଯେ ମନେହେବନି ଏହା ଏକ ହିନ୍ଦୁ ଧର୍ମପୀଠ । ଅସଲ ବିଶ୍ୱନାଥ ମନ୍ଦିର ଚାରିପଟ ଯେତିକି ଅପରିଚ୍ଛନ୍ନ, ଏଇ ମନ୍ଦିର ସେତିକି ପରିଷ୍କାର । ମଦନମୋହନ ମାଲବ୍ୟଙ୍କ ଅନୁରୋଧରେ ଶିଳ୍ପପତି ଜି.ଡ଼ି. ବିରଳା ଏଇଟି ନିର୍ମାଣ କରାଇଥିଲେ ।

ବେଢ଼ା ଭିତରେ ପଶିବା ଆଗରୁ ପଛକୁ ବୁଲିକି ଥରେ ଅନେଇଲି । ଯାହା ଦେଖିଲି, ବିସ୍ମିତ ହେବାର ଅନେକ କାରଣ ଥିଲା । ନବବଧୂ ଜଣକ ଫୁର୍‌କାନ୍‌ର ପାଖକୁ ଆସି ତା' ପାଦଛୁଇଁ ନମସ୍କାର କଲେ । ଫୁର୍‌କାନ୍ ତ କହୁଥିଲା, ତା'ର କ୍ଲାସ୍‌ମେଟ୍‌କୁ ଭେଟିବାର ଅଛି । ନିଜ କ୍ଲାସ୍‌ମେଟ୍‌ର ପାଦଛୁଇଁ ପ୍ରଣାମ କରିବା, ଏ କି ରୀତି ? ବୋହୂଟିର ଦେହରେ ଦାମିକିଆ ବନାରସୀ ପାଟ, ହାତରେ କଚଟିରୁ କହୁଣି ପର୍ଯ୍ୟନ୍ତ ବିଭିନ୍ନ ରଙ୍ଗର ଚୁଡ଼ି । ସୁନା ଅଳଙ୍କାର ମଣ୍ଡଳି ହେଇଛି ଦିହସାରା । ଲାଗୁଛି, କୌଣସି ସମ୍ଭ୍ରାନ୍ତ ପରିବାରରେ ନୂଆ ହେଇ ବାହାହେଇଛି ଝିଅଟି । ସନ୍ଧ୍ୟାର ପ୍ରାୟାନ୍ଧକାରରେ ଦୂରରୁ ଯେତିକି ମୁଁ ଲକ୍ଷ୍ୟ କରିପାରୁଥିଲି ଜଣାପଡୁଥିଲା ଝିଅଟିକୁ ଦେଖି ଫୁର୍‌କାନ୍ ଆଦୌ ଖୁସି ନଥିଲା । ସିଏ ପାଦ ଛୁଇଁ ପ୍ରଣାମ କରିବା ପରେ ସେ ଆହୁରି ଉତ୍ୟକ୍ତ ଜଣାପଡୁଥିଲା । କ'ଣ କହୁଥିଲା ମୋତେ ଶୁଣାଯାଉ ନଥିଲା, କିନ୍ତୁ ତା' ହାତ ଛିଞ୍ଚଡ଼ା ଆଉ ବଡ଼ି-ଲାଙ୍ଗୁଏଜ ଲାଗୁଥିଲା ଖୁବ୍ ଆକ୍ରମଣାତ୍ମକ । ଦି' ଜଣଯାକଙ୍କର ଭାବଭଙ୍ଗୀ ମୋତେ ପ୍ରହେଳିକା ଭଳି ଲାଗିଲା । ସେ ବିଷୟରେ ଆଉ ବିଶେଷ ଚିନ୍ତା ନକରି ମାଲବ୍ୟଙ୍କ ପ୍ରତିମୂର୍ତ୍ତି ଅତିକ୍ରମ କରି ସୁଦୃଶ୍ୟ ଘାସ ଗାଲିଚା ଆଡ଼କୁ ଗଲି । ଭାବିଲି, କିଛି ସମୟ ବସିଯିବି । ସେମାନଙ୍କ କଥାବାର୍ତ୍ତା ପାଇଁ ନିରୋଳା ସମୟ କିଛି ଛାଡ଼ିଦେବି ।

ମୋତେ କିନ୍ତୁ ବେଶି ସମୟ ଅପେକ୍ଷା କରିବାକୁ ପଡ଼ିଲାନି । ଦୁଇଚାରି ମିନିଟ୍ ପରେ ଫୁର୍‌କାନ୍ ହାଜର । କହିଲା, 'ଚାଲନ୍ତୁ ସାର୍, ଯିବା ।' ସେତେବେଳକୁ ମୁହଁ ତା'ର ଥମଥମ । ଯେମିତି ଟିକକରେ କାନ୍ଦି ପକେଇବ । ମୁଁ ସେଥିପାଇଁ କଥା ନ ବଢ଼େଇ ନିରବରେ ବସିବା ଜାଗାରୁ ଉଠିଲି । ଗର୍ଭଗୃହ ଭିତରକୁ ଯିବାର ଆଉ ଇଚ୍ଛା ନଥିଲା । ଦୂରରୁ ବିଶ୍ୱନାଥଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଫୁର୍‌କାନ୍ ସାଙ୍ଗରେ ବାହାରିଲି । ଭାବିଲି, କିଛି ସମୟ ନିରବରେ ଚାଲିବା ଭିତରେ ଫୁର୍‌କାନ୍ ପ୍ରକୃତିସ୍ଥ ହେଇଯିବ, ଫେରେଇ ଆଣିବ ତା' ମାନସିକ ଭାରସାମ୍ୟ, କିନ୍ତୁ ମୋର ମନେହେଲା, ତା' ଭିତରେ ନିୟନ୍ତ୍ରଣ ମାନୁନଥିବା ଏକ ଆତୁରତା ଛଟପଟ ହେଉଥିଲା । ଚୁଲି

Digitized by srujanika@gmail.com

ଉପରେ ବସିଥିବା କ୍ଷୀରହାଣ୍ଡିରୁ ଉତୁରି ଆସୁଥିବା କ୍ଷୀର ଭଳି । ସିଏ ହୁଏତ ରହୁଥିଲା ନିଜକୁ ଯୋଡ଼ିଦବ ମୋ ଆଗରେ, ସାମାନ୍ୟ ଆଗ୍ରହ, ସାମାନ୍ୟ ଅନୁସନ୍ଧିତ୍ସା ଲକ୍ଷ୍ୟ କଲେ । କିନ୍ତୁ ନିଜ ଛାତ୍ରର ବ୍ୟକ୍ତିଗତ ଜୀବନ ସଂପର୍କରେ ଅଯଥା ଆଗ୍ରହ ପ୍ରକାଶ କରିଥା'ନ୍ତି କେମିତି ?

'ସରି ସାର୍, ଗଲା ସପ୍ତାହକସାରାରେ ଷ୍ଟ୍ରେସ୍ ସଂପର୍କରେ ଆପଣଙ୍କୁ ଡିଟେଲ କହିପାରିନଥିଲି ।' ମୋର ସନ୍ଦିଗ୍ଧଭାବକୁ ତା' ନିଜ ଆଡୁ ଦୂର କରିଦେଇ ଫୁର୍‌କାନ୍ କହିଲା ।

'ଠିକ୍‌ଅଛି, ଠିକ୍‌ଅଛି । ମୁଁ ବି ତ ଜାଣିବାର ଆଗ୍ରହ ଦେଖାଇନି ନା ! ଆଇ ସୁଡ଼୍ ବି ସରି ।' ଜଣେ କଠିନ ହୃଦୟ ଅମଣିଷ ଭାବରେ ଛାତ୍ରମହଲରେ ମୋର ଦୁର୍ନାମ ଥିଲା । ପାଠ ଓ ଗବେଷଣା ଛଡ଼ା କୌଣସି ଛାତ୍ରର ବ୍ୟକ୍ତିକ ଭଲମନ୍ଦରେ ମୁଁ ଭାଗ ନିଏ ନାହିଁ । ଠିକ୍ ସେଇଭଳି ମୋର ଘରୋଇ କାମରେ ବି ତାଙ୍କୁ ଲଗାଏନି । ଶସ୍ତା ବାଜେ ଗପ, ଅନ୍ୟ ପ୍ରଫେସର୍‌ମାନଙ୍କ ନାଁରେ ଚୁଗୁଲି, ଏସବୁ ପାଇଁ ମୋ'ର ସମୟ ନଥାଏ । ମୋର ବିଶ୍ୱାସ, ପିଲାମାନେ ଏଇ ବିଷୟରେ ଆବେଗିକ ଦୃଷ୍ଟିକୋଣରୁ ଖୁବ୍ ତରଳ ଥାଆନ୍ତି– ପ୍ରେମ, ପ୍ରତାରଣା ଆଦି ଗତାନୁଗତିକ ଭାବପ୍ରବଣତାରେ ନିଜର ଶକ୍ତି ଓ ସମୟର ଅପଚୟ କରିଦିଅନ୍ତି । ଏକ୍‌ରେ ଶିକ୍ଷକ ହିସାବରେ ସେମାନଙ୍କୁ ଏଥିରେ ଉତ୍ସାହିତ କରିବା କଥା ନୁହେଁ । ଦ୍ୱିତୀୟରେ, ଥରେ ଏମାନେ ଯଦି ଆପଣଙ୍କୁ ଭରସାଯୋଗ୍ୟ ଆବେଗିକ ଆଲମ୍ବନ ହିସାବରେ ଗଣିନେଲେ, ତେବେ ପୂରା ଆଉଜିଯିବେ– ନିଜ ସମସ୍ୟାକୁ ନିଜେ ସମାଧାନ କରିପାରିବାର ପରିପକ୍ୱତା ଆସିବନି । ଆପଣଙ୍କର ଏତେ ସମୟ ଏମାନେ ନେଇଯିବେ, ଜଣାପଡ଼ିବନି । ଆଉ ସମୟ ସଂପର୍କରେ ମୁଁ ଏତେ କୃପଣ ଯେ ନିଜକୁ ନିରାପଦ ଦୂରତାରେ ରଖିଆସିଛି । କଠୋର ହୃଦୟ ସଂପର୍କରେ ଯେଉଁ ଅପଖ୍ୟାତି, ତା'ର ମୂଳ ଏଇଠି ।

'ଜ୍ୟୋତି ମୋତେ ଫୋନ୍ କରିବା ପରଠାରୁ ମୁଁ ଖୁବ୍ ବିବ୍ରତ ଥିଲି ସାର୍ ।' ଫୁର୍‌କାନ୍ କହିଲା, ନିଜ ଭାରାକ୍ରାନ୍ତ ମନକୁ ହାଲୁକା କରିବା ପାଇଁ ।

'ଜ୍ୟୋତି କିଏ ?' ଯେତିକି ଆଗ୍ରହ ପ୍ରକାଶ କରିବା ମୋ ଭଳି ଜଣେ ଅମଣିଷ ପାଇଁ ଉଚିତ ହେଇଥାନ୍ତା, ଠିକ୍ ସେତିକିରେ ପ୍ରଶ୍ନ କଲି ।

'ଜ୍ୟୋତି ପାଣ୍ଡେ, ସାର୍ । ମୋ ସାଙ୍ଗେ ପଢୁଥିଲା ଆହ୍ଲାବାଦରେ । ଏବେ ତା'ର ବାହାଘର ହେଇଯାଇଛି । ବାହାଘର ପରେ ମୋତେ ଦେଖାକରିବ ବୋଲି ଆସିଥିଲା ।

Digitized by srujanika@gmail.com

ଆଜି ଏଇଠି ବିଶ୍ୱନାଥ ମନ୍ଦିର ସାମ୍ନାରେ ସିଏ ଥିବ ବୋଲି ମୋତେ ଫୋନ୍‌ରେ ଜଣେଇଥିଲା । ତା' ଫୋନ ପାଇବା ପରଠାରୁ ମୁଁ ଖୁବ୍ ବିବ୍ରତ ଥିଲି ।'

'ଏଥିରେ ବିବ୍ରତ ହବାର କ'ଣ ଅଛି ?'

'ନା, ଏଇ ମୁଁ ଭାବୁଥିଲି... ବାହାସାହା ହେଲୁ, ସ୍ୱାମୀ ଇଞ୍ଜିନିୟର । ଭାରି ଭଲ ମଣିଷ । ଏବେ ଖୁସିମନରେ ଘରସଂସାର କରିବା କଥା । ଅଯନକ ଆସି ଜଣେ ସହପାଠୀର ମାନସିକ ଶାନ୍ତି ନଷ୍ଟ କରିବା କ'ଣ ଦରକାର ?'

ଆମେ ବି.ଏଚ୍.ୟୁ ଆଇଆଇଟି ପରିସରର କୋଠାବାଡ଼ି ଅତିକ୍ରମ କରି କୃଷିବିଜ୍ଞାନର ଚଷଜମି ଆଡ଼େ ଆଗେଇ ଚାଲିଥିଲୁ । ପତଳା କୁହୁଡ଼ି ଧୀରେଧୀରେ ସନ୍ଧ୍ୟାର ଅନ୍ଧକାରକୁ ପ୍ରହେଳିକାମୟ କରିବାକୁ ଆରମ୍ଭ କରିଥାଏ । ଫୁର୍‌କାନ୍‌ର କଥାଗୁଡ଼ା ଠିକ୍ ସେଇଭଳି ପ୍ରହେଳିକାମୟ ଲାଗୁଥାଏ ମୋତେ ।

'ଜଣେ ବାହାହେଇସାରିବା ପରେ, ନିଜର ସହପାଠୀକୁ ଦେଖାକରିବ ବୋଲି ଚାହିଲା, ସେଥିରେ ତମର ମାନସିକ ଶାନ୍ତି କେମିତି ନଷ୍ଟ ହେବ ? ତମେ କେବଳ ସହପାଠୀ ଥିଲ ନା ଆଉ କିଛି ସଂପର୍କ ଥିଲା ତମ ଭିତରେ ?' ନିଜର ସଂଯମକୁ ଅକସ୍ମାତ୍ ଅତିକ୍ରମ କରି ମୁଁ ପଚାରିଦେଲି । ଜାଣିଥିଲି, ଆଉ ନିସ୍ତାର ନାହିଁ । ମୋତେ ମୋ ଇଚ୍ଛା ବିରୋଧରେ ଏଣିକି ଫୁର୍‌କାନ୍‌ର ବ୍ୟକ୍ତିକ ଜୀବନର ବୁଢ଼ିଆଣିଜାଲ ଭିତରେ ପଶିବାକୁ ପଡ଼ିବ ।

'ନାଇଁ ସାର୍, ସେମିତି କିଛି ନୁହେଁ । ସେଇ ତ ମୋତେ ବେଶି ଆଶ୍ଚର୍ଯ୍ୟ କରୁଛି । ମୋ' କ୍ଲାସ୍‌ମେଟ୍ ଅଥଚ ଦେଖାହେଲା ମାତ୍ରେ ମୋ ପାଦଛୁଇଁ ପ୍ରଣାମ କଲା । ମୁଁ ପ୍ରତିରୋଧ କଲି, ମାନିଲାନି । କହିଲା, ହିନ୍ଦୁଧର୍ମ ବିଶ୍ୱାସରେ ପୁନର୍ଜନ୍ମ କଥା ଯଦି ସତ ହୁଏ, ତା'ହେଲେ ଆଗାମୀ ଜନ୍ମରେ ସିଏ ମୋତେ ଯେମିତି ବିବାହ କରିପାରିବ, ଏଇ ଆଶୀର୍ବାଦ ମୁଁ ତାକୁ ଦିଏ । ମୁଁ ସାର୍, ଏଭଳି ଆଶୀର୍ବାଦ କେମିତି ଦେଇପାରିବି ? ତା' ଛଡ଼ା, ମୋ' ଆଶୀର୍ବାଦର ମୂଲ୍ୟ ବା କ'ଣ ?'

'ତମେ କ'ଣ ଜବାବ ଦେଲ ?'

'ମୁଁ ଖୁବ୍ ବିରକ୍ତ ହେଲି । କହିଲି, ବାହାଘର ପରେ ଏସବୁ ଫାଲ୍‌ତୁ କଥା ଶୁଣିବାକୁ ମୋର ବେଳ ନାହିଁ, ସିଏ ତା'ର ଘରସଂସାର କରି ସୁଖରେ ରହୁ । ମୋତେ ମୋର ଜଞ୍ଜାଳରେ ଘାଣ୍ଟିହେବା ପାଇଁ ଛାଡ଼ିଦେଉ ।'

Digitized by srujanika@gmail.com

'ଜଣେ ବିବାହିତା ନାରୀ ନିଜର ଭୂତପୂର୍ବ କ୍ଲାସ୍‌ମେଟ୍‌କୁ ଏକାନ୍ତରେ ସାକ୍ଷାତ୍ କରି ଏମିତି କହିପାରିବ, ଏକଥା ମୁଁ ବିଶ୍ୱାସ କରିପାରୁନି । ତୁମେ ନିଶ୍ଚୟ କିଛି କଥା ଲୁଚଉଛ ।'

'ନାଇଁ ସାର୍ । ଆପଣ ଭାବୁଛନ୍ତି, ସେମିତି କିଛି ନ ଥିଲା ଆମ ଭିତରେ । ଭାରି ଦୁଃଖୀ ଝିଅଟେ । ଦି'ବର୍ଷ ପାଠପଢ଼ା ଭିତରେ ମୁଁ କେବଳ ଖୁବ୍ ସହାନୁଭୂତି ଦେଖେଇଛି ତାକୁ । ତା'ର ଆପଦବିପଦରେ ଠିଆହେଇଛି । ଯାହା ଯେକୌଣସି ସହୃଦୟ ବ୍ୟକ୍ତି, ମୋ ଜାଗାରେ ଥିଲେ, କରିଥା'ନ୍ତା ।'

'କ'ଣ ତା'ର ଦୁଃଖ ? ତମେ କହୁଥିଲ, ସିଏ ଭଲ ଘରେ ବାହାସାହା ହେଇଛି । ସ୍ୱାମୀ ଇଞ୍ଜିନିୟର । ଦୂରରୁ ଖୁବ୍ ସମ୍ଭ୍ରାନ୍ତ ପରିବାରର ପିଲା ବୋଲି ଜଣାପଡୁଥିଲା ।'

'ସେଇଠି ତ ସମସ୍ୟା । ପରିବାର ଖୁବ୍ ସମ୍ଭ୍ରାନ୍ତ । ବଡ଼ବାପା ଜଣେ ପାର୍ଲାମେଣ୍ଟ ମେମ୍ବର । ଘରର ଝିଅମାନେ ସବୁ ଆଇଏଏସ୍, ଆଇପିଏସ୍‌ଙ୍କୁ ବାହା ହେଇଛନ୍ତି । ହେଲେ ଖୁବ୍ ରକ୍ଷଣଶୀଳ ସେମାନେ । କଲେଜରେ ପଢ଼ିଲାବେଳେ ଗୋଟେ ଭିନ୍ନ ଜାତିର ପୁଅ ସାଙ୍ଗେ ପ୍ରେମରେ ପଡ଼ିଥିଲା । କେମିତି କେଜାଣି ପ୍ରେମଚିଠିସବୁ ପଡ଼ିଗଲା ତା' ମା'ଙ୍କ ହାତରେ । ବିହାର, ଉତ୍ତରପ୍ରଦେଶର ଗାଁଗହଳରେ ଘଟୁଥିବା ଅନରକିଲିଂ କଥା ଆପଣ ତ ନିତିପ୍ରତି ପଢୁଥିବେ ଖବରକାଗଜରେ । କଥା ସେଯାଏ ବି ଯାଇଥା'ନ୍ତା । ଜ୍ୟୋତି ଘରର ପ୍ରତିଷ୍ଠା ଆଉ ପରିବାରର କ୍ଷମତା ଭୟରେ ଜ୍ୟୋତିର ପ୍ରେମିକ ହଟିଗଲା ରାସ୍ତାରୁ । କଲେଜ ଯିବା ବନ୍ଦ କରି ଜ୍ୟୋତି ଅନେକ ଦିନ ବସିରହିଲା ଘରକଣରେ । ସାହିତ୍ୟର ଖୁବ୍ ଭଲ ଛାତ୍ରୀ ସିଏ । ହେଲେ ଘରିପଟର ବାତାବରଣରେ ଏତେ ହିଂସା ଥିଲା ଯେ ତା' ପାଠପଢ଼ା ଚଉପଟ ହେଇଗଲା । ହୁଏତ ସବୁଦିନ ପାଇଁ ଡ଼ୋର ପଡ଼ିଥାନ୍ତା ସେଥିରେ । ଭାଗ୍ୟକୁ ତା'ର ଜଣେ ଦାଦା ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଗବେଷଣା କରିବାକୁ ଫେଲୋସିପ ପାଇଲେ । ତା'ଠୁ ମାତ୍ର ଚରିପାଞ୍ଚ ବର୍ଷ ବଡ଼ ବୟସରେ । ଖୁବ୍ ମେଧାବୀ ଛାତ୍ର । ତାଙ୍କରି ଅଭିଭାବକତ୍ୱରେ ସିଏ ଆସି ପଢ଼ିଲା ଆମ ସାଙ୍ଗରେ । ଯଦିଓ ସିଏ ଛାତ୍ରୀନିବାସରେ ରହୁଥିଲା, ଦାଦାଙ୍କୁ ଘରୁ ନିର୍ଦ୍ଦେଶ ଥିଲା ଜ୍ୟୋତି ଉପରେ କଡ଼ା ନଜର ରଖିବାକୁ ।

'ଅବଶ୍ୟ ଏସବୁ ଜିନିଷ ମୁଁ ଜାଣିଲି ବହୁତ ପରେ । ମୁଁ ତ ପ୍ରଥମେ ଭାବିଥିଲି, ସିଏ ଜ୍ୟୋତିର ବୟଫ୍ରେଣ୍ଡ ହେଇଥିବ । କେବଳ ମୁଁ ନୁହେଁ, ଆମ ବିଭାଗର ସବୁ ଛାତ୍ରଛାତ୍ରୀ ଭାବିଥିଲେ, ଅଭିଷେକ ଜ୍ୟୋତିର ବୟଫ୍ରେଣ୍ଡ । ନହେଲେ ବିଜ୍ଞାନର ପିଏଚ୍.ଡି.

Digitized by srujanika@gmail.com

ଛାତ୍ର, କ୍ଲାସଟାଇମ ବେଳକୁ ଡ୍ୟୁଟି ଦେବା ଭଳି ଲେଡ଼ିଜ ହଷ୍ଟେଲ ସାମ୍ନାରେ ଠିଆହବା, ଜ୍ୟୋତିକୁ ସାଙ୍ଗରେ ଧରିଆସି ଡିପାର୍ଟମେଣ୍ଟରେ ଛାଡ଼ିବା, ପୁଣି କ୍ଲାସ ସରିଲେ ତାକୁ ନେଇ ହଷ୍ଟେଲରେ ଛାଡ଼ିବା, ମଝିରେ ମଝିରେ ତାକୁ କ୍ୟାଣ୍ଟିନରେ କଫି ପିଏଇବା, ଆଇସ୍‌କ୍ରିମ ଖୋଇବା କିଏ କରନ୍ତା ?

'ଆମ କ୍ଲାସର ସନ୍ତୋଷ ତ ଥରେ ଏକଥା ମୁହଁରେ କହିଦେଲା । ସେଦିନ ଜ୍ୟୋତିର ଆଖି ଅସ୍ୱାଭାବିକ ଭାବରେ ଫୁଲିଯାଇଥାଏ । ତଳେ କଳାକଳା ଦାଗ । ମୁହଁଟା ଜ୍ୟୋତିହୀନ । ଏମିତିରେ ସିଏ ସବୁବେଳେ ଚୁପଚାପ । କିନ୍ତୁ ସେଦିନ ଲାଗୁଥିଲା ଝଡ଼ ପରବର୍ତ୍ତୀ ଗୋଟେ ସକାଳ ପରି । ସନ୍ତୋଷ ଥଟ୍ଟାରେ କହିଦେଲା, କ'ଣ ଆଜି ବୟଫ୍ରେଣ୍ଡ ସାଙ୍ଗେ ଝଗଡ଼ା ହେଇଗଲା କି ?' ସେତିକିରେ ଚିହିଙ୍କି ଉଠିଲା ଜ୍ୟୋତି । ଆମେ ତା' ନୀରବତା ଦେଖିଥିଲୁ । ଜଣେ ଶାନ୍ତ ଝିଅ ହଠାତ୍ ଗୋଟେ ଅଗ୍ନିଶିଖା ପାଲଟି ଯାଇପାରେ, ତାହା ଆମେ କଳ୍ପନା କରିନଥିଲୁ । ତା' ମୁହଁକୁ ଯାହା ଆସିଲା ଜ୍ୟୋତି ବକିଗଲା । କ'ଣ କ'ଣ କହିଲା ସବୁକିଛି ମୋର ମନେନାହିଁ । ତେବେ ତା'ର କ୍ରୋଧଟା କେବଳ ସନ୍ତୋଷ ଉଦ୍ଦେଶ୍ୟରେ ନଥିଲା ବୋଲି ମନେହେଲା । ହୁଏତ ଅନେକ କ୍ଷୋଭକୁ ସିଏ ଶାନ୍ତ ଭାବରେ ନିଜ ଭିତରେ ସମ୍ପାଦି ପୋଷଣ କରୁଥିଲା । ସେଦିନ ସୁବିଧା ପାଇ ଏକାଥରେ ଉଦ୍‌ଗାରି ଦେଲା । ମଣିଷଜାତି, ବିଶେଷକରି ପୁରୁଷପ୍ରଧାନ ସମାଜ ପ୍ରତି ତା'ର ଆନ୍ତରିକ ଘୃଣା ଉକୁଟି ଉଠୁଥିଲା, ପ୍ରତ୍ୟେକଟି ଶବ୍ଦରେ । ଯେଉଁ କେତୋଟି ବାକ୍ୟ ଆଜିଯାଏ ମୋତେ ବ୍ୟଥିତ କରେ ସେଇଗୁଡ଼ିକ ହେଲା, ପୁରୁଷମାନେ ନାରୀକୁ କେବଳ ଗୋଟେ ଯୌନ କ୍ରୀତଦାସୀ ବୋଲି ମନେକରନ୍ତି । ନାରୀ ଓ ପୁରୁଷ ଭିତରେ ଯୌନତା ଛଡ଼ା ଯେ ଆଉକିଛି ସଂପର୍କ ରହିପାରେ, ସେକଥା ପୁରୁଷମାନେ କଳ୍ପନା କରିପାରନ୍ତିନି । ଯେଉଁ ଅଭିଷେକକୁ ଆମେମାନେ ବୟଫ୍ରେଣ୍ଡ ବୋଲି ଏସବୁ ଥଟ୍ଟାତାମସା କରୁଛୁ, ସିଏ ତା'ର ନିଜ ଦାଦା ।

'ଜ୍ୟୋତିର ସେଦିନର କଥାଗୁଡ଼ା ମୋ ମନରେ ଗଭୀର ରେଖାପାତ କରିଥିଲା । ଲାଗୁଥିଲା ଜ୍ୟୋତିର କ୍ରୋଧ ତା' ଗଭୀର ଅନୁଭୂତିର ଉଚ୍ଛ୍ୱାସ । ଆମ ଇଂରାଜୀ ସାହିତ୍ୟ ପାଠ୍ୟକ୍ରମରେ ନିର୍ଦ୍ଦିଷ୍ଟ କୌଣସି ଫେମିନିଷ୍ଟ ଗ୍ରନ୍ଥର ଧାର୍‌କରା ଅନ୍ତର୍ଦୃଷ୍ଟି ନୁହେଁ ଯାହାକୁ ପୁଞ୍ଜିକରି ଆଜିକାଲି ଥୋକେ ନିଜକୁ ବିପ୍ଳବିଣୀ ସଜେଇ ଡନ୍‌କୁସ୍ତି ଭଳି ପବନକଳ ସାଙ୍ଗରେ କଳଙ୍କିଲଗା ଖଣ୍ଡାରେ ଲଢ଼େଇ କରୁଛନ୍ତି । ଜ୍ୟୋତି ସହ ବନ୍ଧୁତା ମୋ ପାଇଁ ଏକ ଆହ୍ୱାନ ହେଇପଡ଼ିଲା ।

Digitized by srujanika@gmail.com

'ଜ୍ୟୋତି, କୌଣସି ପୂର୍ବାଗ୍ରହ ବା ଭବିଷ୍ୟତ ଯୋଜନା ନ ରଖି ଜଣେ ପୁରୁଷ ଓ ଜଣେ ନାରୀ ଭିତରେ ନିରୋଳା ବନ୍ଧୁତା ହେଇପାରନ୍ତାନି ?' ହଠାତ୍ ଦିନେ କ୍ଲାସ ସରିବା ପରେ ଜ୍ୟୋତିକୁ ପଚାରିଦେଲି । ଜ୍ୟୋତି ବୋଧହୁଏ ଏଭଳି ଅତର୍କିତ ପ୍ରଶ୍ନ ଆଶା କରୁନଥିଲା । ଖାଲି ଢଳଢଳ ଆଖିରେ ସେ ମୋ' ଆଡ଼େ ନୀରବରେ ଚାହିଁରହିଲା । ଆମ କ୍ଲାସର ଅଧିକାଂଶ ପୁଅପିଲା କେବେ ନା କେବେ ଜ୍ୟୋତିକୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଚେଷ୍ଟାକରି ହାର୍ ମାନି ସାରିଥିଲେ । କେବଳ ମୁଁ କେବେହେଲେ ଉପରେ ପଡ଼ି ତା' ସହ ଘନିଷ୍ଠ ହେବାକୁ ଚେଷ୍ଟା କରିନଥିଲି । ଭଲ ଛାତ୍ର ହିସାବରେ ମୋର ଖୁବ୍ ସୁନାମ ଥିଲା । ଦୁଇଟିଯାକ ସେମିଷ୍ଟର ପରୀକ୍ଷାରେ ମୁଁ ପ୍ରଥମ ହେଇଥିଲି । ଜଣେ ପୁସ୍ତକ-କୀଟ ଓ ଅତିମାତ୍ରାରେ ଉଚ୍ଚାଭିଳାଷୀ ଛାତ୍ର ହିସାବରେ କ୍ୟାମ୍ପସରେ ଯେଉଁ ପରିଚୟ ମୋର ସୃଷ୍ଟିହେଇଥିଲା, ତା' ପଛରେ ମୋର ନିକଟତମ ବନ୍ଧୁମାନଙ୍କର ହାତ ଢେର ଥିଲା । ଗୁଡ଼ାଏ ମନଗଢ଼ା କାହାଣୀ ପ୍ରଚାର କରି ସେମାନେ ମୋତେ ଗୋଟେ ଲିଜେଣ୍ଡ୍‌ରେ ପରିଣତ କରିଦେଇଥିଲେ । ନାରୀ, ମଦ୍ୟ ବା ସେଇଭଳି କୌଣସି ନିଶା ପ୍ରତି ମୋର ଆଦୌ ଦୁର୍ବଳତା ନାହିଁ ବୋଲି ଧାରଣାଟେ ସାଙ୍ଗମହଲରେ ପ୍ରଚାରିତ ହେଇସାରିଥିଲା । ଅସଲରେ ମୋର ମୁସଲିମ ପରିଚୟ ଯୋଗୁଁ ମୁଁ କୌଣସି ଝିଅର ନିକଟବର୍ତ୍ତୀ ହେବାକୁ ସାହସ କରୁନଥିଲି । ଇସଲାମରେ ଥିବା ବାରଣ ଯୋଗୁଁ ମୋ ସାଙ୍ଗମାନେ ଯେତେବେଳେ କେବେ କେମିତି ମଦ ଗଞ୍ଜେଇ ସେବନ କରୁଥିଲେ, ମୁଁ ସେଥିରେ ଯୋଗ ଦେଉନଥିଲି । ପୁଣି ଅଧିକାଂଶ ଝିଅ ହିନ୍ଦୁ ହୋଇଥିବା ଯୋଗୁଁ ମୁଁ ଅଯଥାରେ ସେମାନଙ୍କ ସହ ଘନିଷ୍ଠ ହେଇପାରୁନଥିଲି । ତେଣୁ ମୋର ଏ ଅକସ୍ମାତ୍ ବନ୍ଧୁତ୍ୱର ନିବେଦନ ଜ୍ୟୋତିକୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବ । ନିଜର ଆଶ୍ଚର୍ଯ୍ୟ ଭାବ କଟିଯିବା ପରେ ଜ୍ୟୋତି ଖାଲି କହିଥିଲା, 'ତମକୁ ମୁଁ ତ ସବୁବେଳେ ମୋର ଜଣେ ବନ୍ଧୁ ଭାବରେ ଗ୍ରହଣ କରିଆସିଛି ।'

'କେବଳ ବନ୍ଧୁ ଭାବରେ ଗ୍ରହଣ କଲେ ଚଳିବନି । ବନ୍ଧୁତାର ପ୍ରମାଣ ଦେବାକୁ ପଡ଼ିବ ।' ଜବାବରେ ମୁଁ କହିଥିଲି ।

ପରବର୍ତ୍ତୀ ଦୁଇତିନି ମାସ ଜ୍ୟୋତି ବନ୍ଧୁତାର ଯୋଉ ପରାକାଷ୍ଠା ଦେଖେଇଲା ସେଥିରେ ମୋର ମନେହେଲା, ହୁଏତ ମୁଁ ନିଜର ସତ୍ତା ହରେଇ ବସିବି, ବନ୍ୟାଜଳରେ ମୂଳରୁ ଉପୁଡ଼ି ଭାସି ଯାଉଥିବା ଗୋଟେ ଗଛ ଭଳି । ମୁଁ ହୁଏତ ଖାଲି ବନ୍ଧୁ ହିସାବରେ ତା'ର ଦୁଃଖ ବାଣ୍ଟିବାକୁ ଚାହିଥିଲି, ଯୋଉ ଦୁଃଖ ତାକୁ ଏତେ ତିକ୍ତ ଆଉ ନୀରବ

Digitized by srujanika@gmail.com

କରିଦେଇଛି । ପ୍ରତିବଦଳରେ ତା'ର ପଢ଼ାପଢ଼ି ପ୍ରତି ଅନାସକ୍ତିକୁ କିଛି ପରିମାଣରେ ଦୂର କରିପାରିବି ବୋଲି ଆଶା କରିଥିଲି । କିନ୍ତୁ ଜଣେ ଝିଅ ଗୋଟେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେଲାପରେ ଏକାଗ୍ର ଚିତ୍ତରେ ତାକୁ ଏପରି ପ୍ରତିପାଳନ କରିପାରେ, ତା'ର ନମୁନା ଦେଖିଲି ଜ୍ୟୋତି ପାଖରେ । କ୍ଲାସରେ ଫୁର୍‌କାନ୍, ପରୀକ୍ଷାରେ ଫୁର୍‌କାନ୍, ନୋଟ୍ ତିଆରି, ଲାଇବ୍ରେରି ଯିବା, କଫି ପିଇବା, ସବୁଠି ଫୁର୍‌କାନ୍ । ନିଜର ଗୋପନୀୟ ଦୁଃଖକୁ ସେ ଯେମିତି ମୋ ଆଗରେ ଅନାବରଣ କରିବସିଲା ସେଥିରେ ମୁଁ ଚକିତ ହେଇଗଲି । ଯେଉଁ କଥାଗୁଡ଼ା ସେ ନିଜ ବାପାମା', ଭାଇଭଉଣୀଙ୍କୁ କହିପାରିନଥିଲା, ସେଗୁଡ଼ା ମଧ ମୋ ଆଗରେ କହିବସିଲା । ସେଇ ଦି'ମାସ ଭିତରେ ମୁଁ ଦେଖିଲି, ସିଏ ଯେମିତି ନିଜର ଗୋଟେ ନୂଆ ଜୀବନ, ନୂଆ ପରିଚୟ ପାଇପାରିଛି । ତା'ର ସବୁଦିନିଆ ଫୁଲାଫୁଲା ଆଖି, କାନ୍ଦୁରା ମୁହଁ ଉପରେ ମୁଁ ଲକ୍ଷ୍ୟକଲି ଏକ ପ୍ରାଣୋଚ୍ଛଳତା, ଏକ ଅବର୍ଣ୍ଣନୀୟ ଆନନ୍ଦ, ଯାହା ଜଣେ ନାରୀକୁ ନାରୀତ୍ୱରେ ଭୂଷିତ କରେ ।

ଆମର ଘନିଷ୍ଠତା ଖୁବ୍ ଅଳ୍ପଦିନରେ ଗୁଡ଼ାଏ ଗୁଜବକୁ ଜନ୍ମଦେଇଥିଲା । ପ୍ରଫେସରମାନଙ୍କଠାରୁ ଆରମ୍ଭ କରି ସହପାଠୀମାନଙ୍କ ପର୍ଯ୍ୟନ୍ତ, ସମସ୍ତେ ଏ ଗୁଜବକୁ ପ୍ରସାର କରିବାରେ ସହଯୋଗ କରିଥିଲେ । ଯୋଉମାନେ ଜ୍ୟୋତିକୁ ଦୂରରୁ ଦେଖୁଥିଲେ, ସେମାନଙ୍କ ମତରେ ଜ୍ୟୋତି ତା' ପୁରୁଣା ବୟଫ୍ରେଣ୍ଡକୁ ଛାଡ଼ି ଗୋଟେ ନୂଆ ବୟଫ୍ରେଣ୍ଡ ସାଙ୍ଗରେ ବୁଲିଲାଣି । ଆମ ଭିତରେ ଯେ ଗୋଟେ ପ୍ରେମ ସଂପର୍କ ଗଢ଼ିଉଠିଲାଣି, ଏ ବିଷୟରେ ଆମର ଘନିଷ୍ଠ ବନ୍ଧୁମାନଙ୍କ ଭିତରେ ବି ସନ୍ଦେହ ରହିଲାନି । ଜ୍ୟୋତି ଆଉ ମୁଁ ସେ ବିଷୟରେ ଆଦୌ କାନ ଦଉନଥିଲୁ । ମୁଁ ଜ୍ୟୋତିକୁ ବୁଝେଇ ଦେଇଥିଲି, 'ଜଣେ ସୁନ୍ଦରୀ ଝିଅ ଛିଙ୍କିଲେ ପୁରୁଷମାନେ ଅତିକମ୍‌ରେ ଶହେଟି କାହାଣୀ ଗଢ଼ିଦେଇ ପାରିବେ । ସେଥିପାଇଁ ତୁ ବ୍ୟସ୍ତ ହବୁନି ଜମା ।'

'ଛିଙ୍କ ଏବେ ଯାଇ ଘରରେ ପହଞ୍ଚିଲାଣି ।' ଜ୍ୟୋତି ଦିନେ ମୋତେ କହିଲା, 'ମୋ ଦାଦା ଆମର ଏ ତଥାକଥିତ ପ୍ରେମକାହାଣୀ ଜାଣିଲାଣି । ମୋତେ ବ୍ଲାକ୍‌ମେଲ କରୁଛି । କହୁଛି, ଘରେ ଜଣେଇଦେବ କଥା । ମୋର ତ ଆଗରୁ ହିଷ୍ଟ୍ରି ଅଛି, ଘରେ ଜାଣିଲେ, ମୋର ପାଠପଢ଼ା ବନ୍ଦ ।'

'ଏଇଟା ଗୋଟେ କଥା ? ଆମେ ଯେ କେବଳ ପରସ୍ପରର ନିରୋଳା ବନ୍ଧୁ ଏକଥା ଆମେ କ'ଣ ତୋ ଦାଦାକୁ ବୁଝେଇ ଦେଇପାରିବାନି ଯେ କଥାଟା ଏତେବାଟ ଯିବ ?' ମୁଁ ପୁଚେଇଲି ।

Digitized by srujanika@gmail.com

'ଦାଦା ? ସେଇଟା ଗୋଟେ ନରାଧମ, ପଶୁ । ହୁଏତ ପଶୁ କହିଲେ ପଶୁକୁଳକୁ ଅପମାନ ହେଇପାରେ । ସେଇଟା ଯେ କି ପ୍ରକାର୍ ଜୀବ ମୁଁ ଜାଣିପାରୁନି । ହୁଏତ ସାହିତ୍ୟଫାହିତ୍ୟରେ ଏମିତି ଚରିତ୍ର ଥାଇପାରନ୍ତି, ତୁ ଭଲ ଷ୍ଟୁଡେଣ୍ଟ ପଢ଼ିଥିବୁ ସତସତିକା ଜୀବନରେ ଯଦି ଗଣ୍ଡାଏ ପାଞ୍ଚଟା ଥିବେ, ଏ ପୃଥିବୀକୁ ନର୍କ ଆଖ୍ୟା ଦେବାକୁ ମୁଁ ପଛେଇବିନି ।'

'ମାନେ ?' ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି । ମୋର ଏତେ ଦିନ ଧରି ଧାରଣା ଥିଲା ଯେ ଅଭିଷେକ ଖୁବ୍ ସହାନୁଭୂତିଶୀଳ ଗାର୍ଜନ । ନିଜ ଝିଆରି ପାଇଁ ଏତେ ସମୟ ଦେଇପାରୁଛି, ତା'ର ଭଲମନ୍ଦ ବୁଝୁଛି । ଜ୍ୟୋତି ମନରେ ତା' ପ୍ରତି ଏତେ ଘୃଣା, ସେଇ ପ୍ରଥମ କରି ଜାଣିଲି ।

'ଜାଣିଛୁ, ସିଏ କି ପ୍ରସ୍ତାବ ରଖିଛି ମୋ ଆଗରେ ?' ଜ୍ୟୋତି ଏଇ କିଛିଦିନ ଭିତରେ ମୋ ସାଙ୍ଗେ ଗୋପନୀୟତମ ଘଟଣାଗୁଡ଼ିକ ବି ବର୍ଣ୍ଣନା କରିବାର ସାହସ ଅର୍ଜନ କରିସାରିଥିଲା । 'ମୁଁ ଯଦି ତା' ଭଡ଼ାଘରେ ତା' ପାଖରେ ଚାରି ପାଞ୍ଚରାତି କଟାଏ, ତେବେ ସିଏ ତୋ' ମୋ ସଂପର୍କ ଭିତରେ କଣ୍ଟା ସାଜିବନି । ତା'ର ଯା ଭିତରେ ବାହାଘର ଠିକ୍ ହେଇସାରିଲାଣି । ତଥାପି ସିଏ କହୁଛି, ମୁଁ ଯଦି ତା' ସହ ରାତି ବିତାଏ, ତେବେ ବାହାହେବା ପରେ ବି ସିଏ ମୋ ସହ ଏଇ ନିଭୃତ ସଂପର୍କ ଜାରି ରଖିବ । ସତେ ଯେମିତି ମୁଁ ଗୋଟେ ରତିକାଙ୍ଗାଳିନୀ ଭିକ୍ଷୁଣୀ ଓ ତା' ସହ ରାତି ବିତେଇବା ମୋର ଅନ୍ୟତମ ସୌଭାଗ୍ୟ । ତା' ପ୍ରସ୍ତାବ ଶୁଣି ମୁଁ ତା' ଆଗରେ ଭକ୍‌ଭକ୍ କରି ବାନ୍ତି କରିପକେଇଲି । ସେ ମୂଢ଼ ଭାବିଲା ମୋର ଦେହ ଖରାପ । ମୋ ପିଠି ଆଉଁଶିବାକୁ ବସିଲା । ତା' ହାତକୁ ଛାଟିଦେଇ ତାକୁ ସମସ୍ତଙ୍କ ସାମ୍ନାରେ ଠୋ'କିନା ଚାପୁଡ଼ାଟେ ପକେଇଲି । ସିଏ କୋଉଠୁ ବୁଝିବ, ଆତ୍ମା ବି ବେଳେବେଳେ ବାନ୍ତି କରିପାରେ ! ଏଇ ଚାପୁଡ଼ା ଯୋଗୁଁ କାଳେ ତା'ର ପୌରୁଷକୁ ଢେର ଆଘାତ ଲାଗିଛି । ରାଗରେ ଦାନ୍ତ ଚାପି କହିଲା, ମୁସଲମାନ ପାଖେ ଶୋଇବାକୁ ଭଲ ଲାଗୁଛି ! ହଉ ରହ ଦେଖିବୁ, ମୁଁ ଘରେ କି ନାଟ ଲଗଉଛି ।

'ହେ ଭଗବାନ୍! କହି ମୁଁ ମୁଣ୍ଡରେ ହାତଦେଇ ବସିପଡ଼ିଲି । 'ତୁ ଘରେ ଏ ବଦ୍‌ମାସଟାର ମୁଖା ଖୋଲି ଦଉନୁ ?' ମୁଁ ପ୍ରସ୍ତାବ କଲି ।

ଜ୍ୟୋତି କହିଲା, "ମୋ ପାଇଁ ଘରର ରାସ୍ତା ବି ବନ୍ଦରେ । ନୂଆ ଯେବେ ଏଠି ଆଡ୍‌ମିସନ ନେଲି, ଥରେ ଖୁବ୍ ଜର ହେଲା । ଘରେ ମା' ପାଖକୁ ଫୋନ କଲି । ସିଏ

Digitized by srujanika@gmail.com

ଅଭିଷେକ ଦାଦାକୁ ପଠେଇଲା ହଷ୍ଟେଲକୁ । ଦାଦା ମୋତେ ହସ୍ପିଟାଲ୍‌ର ଫେରିବା ବାଟରେ ନିଜ ଭଡ଼ାଘରକୁ ନେଇଗଲା । ଯୋଉଠି ସିଏ ସାଙ୍ଗମାନଙ୍କ ସହିତ ମେସ୍ କରି ରହୁଛି । ମୋତେ ତା' ବିଛଣାରେ ଟିକେ ରେଷ୍ଟ ନେବାକୁ କହିଲା । ସଞ୍ଜବେଳକୁ ହଷ୍ଟେଲରେ ଛାଡ଼ିଦବ ବୋଲି କହିଲା । ମୁଁ ସରଳ ବିଶ୍ୱାସରେ ତା' ଖଟ ଉପରେ ଗଡ଼ିପଡ଼ିଲି । ଜର ଯୋଗୁଁ ମୋତେ ସେତେବେଳକୁ ଭାରି କ୍ଳାନ୍ତ ଲାଗୁଥାଏ । କିଛି ସମୟ ପରେ ଅନୁଭବ କଲି, ମୋ ଛାତିରେ ହାତ ବୁଲଉଛି ଦାଦା । ମୁଁ ଚମକିପଡ଼ି ଉଠିପଡ଼ିଲି । କ୍ଳାନ୍ତି ବା ଜର ନୁହେଁ, କ୍ରୋଧରେ ଏଥର ମୋ ଦେହ ଥରୁଥାଏ । ଚିତ୍କାର କରି କହିଲି, 'ଦାଦା, ଇଏ କ'ଣ କରୁଛ ?' ମୋ ଚିତ୍କାର ଶୁଣି ସିଏ ଖୁବ୍ ଡରିଗଲା । କହିଲା, 'ମୁଁ ଆଉଁଶି ଦଉଥିଲି, ତତେ ଟିକେ ଆରାମ ଲାଗିବ ବୋଲି ।'"

'ଦାଦା, ମୋତେ ଏବେ ନେଇ ହଷ୍ଟେଲରେ ଛାଡ଼ିଆସ । ସ୍ପର୍ଶର ପ୍ରକାରଭେଦ ବୁଝିବା ପାଇଁ ମୋର ବୟସ ଢେର ହେଲାଣି ।'

'ହଉ ହଉ, ଏମିତି ଚିତ୍କାର କରନା । ମୋ ରୁମ୍‌ମେଟ୍‌ମାନେ ପାଖ ରୁମ୍‌ରେ ତାସ୍ ଖେଳୁଛନ୍ତି । ସେମାନେ ଭାବିବେ, ଆମ ଭିତରେ କିଛି ଝଗଡ଼ା ଅଛି । ଏକଥା ପ୍ରଚାର କରିବେ ୟୁନିଭରସିଟି କ୍ୟାମ୍ପସରେ । କଥାଟା ଭଲ ହେବନି ।'

'ସେଇ ରୁମ୍‌ମେଟ୍‌ମାନଙ୍କ ଯୋଗୁଁ ସେଦିନ ମୁଁ ଏକ ଭୟଙ୍କର ବିପଦରୁ ରକ୍ଷା ପାଇଥିଲି । ମୋର ମନେପଡୁଥିଲା, ଏଇ ଦାଦା କେମିତି ସବୁଠୁ ଉତ୍ୟକ୍ତ ହେଇ ମୋ ପ୍ରେମିକକୁ ଅନରକିଲିଂ କରିବାର ପ୍ରସ୍ତାବ ଦଉଥିଲା । ବଡ଼ବାପା ନୂଆନୂଆ ଲୋକସଭାକୁ ନିର୍ବାଚିତ ହେଇଥାନ୍ତି । ବେଶି କିଛି ଗଣ୍ଡଗୋଳ ହେଲେ ତାଙ୍କ ପ୍ରତିଷ୍ଠାରେ ଆଞ୍ଚ୍ ଆସିବ । ତେଣୁ ଏମାନେ ବେଶି କିଛି କଲେନି । କିନ୍ତୁ ନିଜ କ୍ଷମତାକୁ ଜାହିର କରି ସେ ପିଲା ଆଉ ତା'ର ପରିବାରକୁ ସେମାନଙ୍କର ଭିଟାମାଟି ଛାଡ଼ି ଚାଲିଯିବାକୁ ବାଧ୍ୟ କଲେ । ସେମାନଙ୍କ ପରିବାରର ଦୁର୍ଗତି ପାଇଁ ମୁଁ ଆଜି ବି ନିଜକୁ ଦାୟୀ କରେ । ସେଦିନର ଘଟଣାଗୁଡ଼ା ମନେପଡ଼ିବାରୁ ମୁଁ ଦାଦାର ଆଚରଣ ସଂପର୍କରେ ମା'କୁ ତୁରନ୍ତ ଫୋନ କରି କହିଲି । ମା' ସହାନୁଭୂତି ଦେଖେଇବ କ'ଣ, ଓଲଟି କହିଲା, ଅଭିଷେକ କେତେ ଭଲ ପିଲା, ଭଲ ଛାତ୍ର, ମୁଁ କୁଆଡ଼େ ଦୋଚାରୁଣୀ, ଦୁଶ୍ଚରିତ୍ରା, ନିଜ ପାପ ଘୋଡ଼େଇବା ପାଇଁ ମିଛରେ ତା' ନାଁରେ ଲଗେଇକୁଟେଇ କହୁଛି । ଜାଣୁ ? ଘରିଆଡ଼ୁ ହତାଶ ହେଇ ମୁଁ ଜୀବନ ହାରିଦବାକୁ ବସିଥିଲି । ଖୁବ୍ ଡିପ୍ରେସନରେ

Digitized by srujanika@gmail.com

କଟୁଥିଲା ମୋର ଦିନସବୁ । ଭାଗ୍ୟକୁ ତୁ ସାହସ କରି ମୋ ସାଙ୍ଗେ ବନ୍ଧୁତା କଲୁ । ମୁଁ ଭାବିଲି, ହୁଏତ ଭଗବାନ ବଞ୍ଚିବାର ଗୋଟେ ନୂଆ ସମ୍ଭାବନା ସୃଷ୍ଟିକଲେ ମୋ ପାଇଁ । ତୋ'ର ନିସର୍ତ୍ତ ବନ୍ଧୁତା ମୋତେ ଖୁବ୍ ସାହସ ଯୋଗେଇଥିଲା । ପଢ଼ାପଢ଼ିରେ ବି ମୋ ମନ ଲାଗିଆସିଥିଲା । ଜ୍ଞାନ ସାଧନାରେ ଯେ ଏକ ଭିନ୍ନ ପ୍ରକାରର ଆନନ୍ଦ ଅଛି ତାହା ମୁଁ ଧୀରେଧୀରେ ଅନୁଭବ କରିଥିଲି । କିନ୍ତୁ ଏବେ ଭାବୁଛି, ଖୁବ୍ କ୍ଷଣସ୍ଥାୟୀ ଥିଲା ମୋର ଆଶା ଓ ସମ୍ଭାବନା । ସବୁ ଝିଅଙ୍କ ଭାଗ୍ୟ ଏମିତି ନା, ମୋର ଜନ୍ମ ଅଶୁଭ ଲଗ୍ନରେ ?'

ଜ୍ୟୋତିର ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ମୁଁ ଦେଇପାରିନଥିଲି ସେଦିନ । ଭାବିଲି, କୌଣସି ନିସର୍ତ୍ତ ସମ୍ପର୍କ ପ୍ରତିପାଳନ କରିବା କେତେ ଦୁରୂହ ବ୍ୟାପାର ଏ ସଂସାରରେ ! କେବଳ ସଂପର୍କ ନୁହେଁ, ଯେକୌଣସି କ୍ଷେତ୍ରରେ ନିଷ୍ଠା ପାଳନ କରିବା କାଠିକର ପାଠ । ଜୀବନ ଓ ସଂସାର ବୋଧେ ଗୋଟେ କାମଚଳା ବଜେଟ । ସବୁକିଛି ଉପରଠାଉରିଆ ହେଲେ ଇ ବଞ୍ଚିହବ ସୁରୁଖୁରୁରେ । ଗଭୀରତାକୁ ସ୍ପର୍ଶ କଲେ ଅଣନିଃଶ୍ୱାସୀ ହବା ସାର ହବ ।

'ଜ୍ୟୋତି ତୋର ସମସ୍ୟା ହଉଛି ଯେ ତୁ ସବୁ କ୍ଷେତ୍ରରେ ଖୋଜୁଛୁ ବିଶ୍ୱସ୍ତତା ଆଉ ଆନ୍ତରିକତା । ସେସବୁ ଏ ସଂସାରରେ ଭାରି ବିରଳ ଜିନିଷ । ଶାମୁକା ଗୋଟେଇବା ଆଉ ମୁକ୍ତା ଖୋଜିବା କ'ଣ ଏକା ଜିନିଷ ? ମୁକ୍ତା ଖୋଜୁଥିବା ମଣିଷକୁ ବାରମ୍ବାର ଅଣନିଃଶ୍ୱାସୀ ହବାକୁ ପଡ଼େ ରେ ।'

'ତା' ମାନେ, ତୁ କ'ଣ କହୁଛୁ, ମୁଁ ଦାଦାର ପ୍ରସ୍ତାବରେ ରାଜି ହେଇଯିବି ? ନିଜ ସହ ପ୍ରବଞ୍ଚନା କରି ମୁଁ କି ସ୍ୱାଧୀନତା ପାଇବି ?'

'ନିଜ ସ୍ୱାଧୀନତା ଆଉ ବିବେକ ପାଇଁ ଯଦି ନିଜ ପରିବାର ବିରୋଧରେ ଠିଆ ହେବାକୁ ତୋର ସାହସ ଅଛି, ତେବେ ମୁଁ ତୋ ସାଥିରେ ଅଛି ।'

ତା'ପରେ ବେଶ୍ କିଛିମାସ ଜ୍ୟୋତିର ନୂଆ ବୟଫ୍ରେଣ୍ଡ ଭୂମିକାରେ ମୁଁ ସଫଳତାର ସହ ଅଭିନୟ କଲି । ଅଭିଷେକ ମୋତେ ରାସ୍ତାରୁ ହଟେଇଦବା ପାଇଁ ବିଭିନ୍ନ ପ୍ରକାର ଚକ୍ରାନ୍ତ କଲା । ଗୁଣ୍ଡା ଲଗେଇବା, ବଡ଼ଭାଇର ରାଜନୀତିକ ପ୍ରଭାବର ଦୁରୁପଯୋଗ କରି ବିଭିନ୍ନ ପ୍ରକାର ହଇରାଣ କରିବାର ପାଲା ଋଲିଲା ଅନେକ ଦିନଯାଏ । ଜ୍ୟୋତି ଆଉ ମୁଁ ଖୁବ୍ ସାହସର ସହ ସେସବୁକୁ ମୁକାବିଲା କଲୁ । ଆମକୁ ସବୁଠୁ ବେଶି ସାହସ

Digitized by srujanika@gmail.com

ଦେଲେ ମୋ' ବାପା । ବାପା ଜଣେ ଦୁର୍ଦ୍ଦାନ୍ତ ମଲ୍ଲଯୋଦ୍ଧା ଥିଲେ । ଥରେ ଅଭିଷେକ ତା' ଗୁଣ୍ଡାମାନଙ୍କୁ ଧରି ମୋ ହଷ୍ଟେଲ ରୁମ୍‌କୁ ପଶି ଆସିଥିଲା । ମୁଁ ବାପାଙ୍କୁ ଫୋନ ଲଗେଇଲି । ବାପା ତାକୁ ଫୋନରେ କହିଲେ, ମୋର ତିନିଟା ପୁଅ । ତୁମେ ଜଣକୁ ଜୀବନରେ ମାରିଦିଅ, ପାରୁଛ ଯଦି । ଏମିତି ତୁଚ୍ଛା ଗଣ୍ଡଗୋଳ କରି ସମୟ ନଷ୍ଟ କରନା । ମାରି ସାରିଲେ ମୋତେ ଖବର ଦିଅ । ପୃଥିବୀର ଯୋଉ କୋଣରେ ଲୁଚିଲେ ବି ମୁଁ ତମକୁ ଖୋଜିଖୋଜି ତା'ର ବଦଲା ନେବି । ବାପାଙ୍କ ଧମକରେ ଅଭିଷେକ ସେଦିନ ସେଠୁ ଚାଲିଗଲା । ଅସଲରେ କିଛି ଗୋଟେ ବଡ଼ ଧରଣର ହରକତ କରିବା ପାଇଁ ସେ କାପୁରୁଷର ସାହସ ନଥିଲା । ତା'ର ବାସନା ଯେମିତି ଇତରଧରଣର ଥିଲା, ତା'ର କାର୍ଯ୍ୟଧାରା ବି ସେଇଭଳି ଥିଲା ଉପରଠାଉରିଆ । ଏମିତିଆ ଧମକଚମକ ଦେଇ ସିଏ ତା'ର ଇତର କାମନା ପୂର୍ଣ୍ଣ କରିବାକୁ ଚାହୁଁଥିଲା । ଭଗବାନ୍ ଜାଣନ୍ତି, ଏ ଛକାପଞ୍ଝା ଖେଳ କେତେଦିନ ଚାଲିଥାନ୍ତା । ଦୈବାତ୍ ବିହାର ପବ୍ଲିକ ସର୍ଭିସ କମିସନ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଅଭିଷେକ ପ୍ରଶାସନିକ ସେବାର ଅଫିସର ଭାବରେ ଯୋଗଦେଲା । ତା'ଭଳି ଜଣେ କାପୁରୁଷ, ବଦମାସ ହାତରେ କ୍ଷମତାର ଅପବ୍ୟବହାର ହିଁ କେବଳ ହେବ । ଦୁର୍ଭାଗ୍ୟକୁ ତା'ର କିଛିଦିନ ପରେ ମୋ ବାପାଙ୍କର ହାର୍ଟ ଆଟାକ୍‌ରେ ଅଚାନକ ମୃତ୍ୟୁ ହେଲା । ଘରର ଦାୟିତ୍ୱ ପଡ଼ିଲା ମୋ' ଉପରେ । ବର୍ଷେ ଆଗରୁ ମା' ମରିଥିଲା । ଛୋଟ ଭାଇଭଉଣୀଙ୍କୁ ଗାଁରେ ରଖିବା ଆଉ ସମ୍ଭବ ହେଲାନି । ବନାରସରେ ପିଏଚ୍.ଡ଼ି. ସିଟ୍ ପାଇବାପରେ ମୁଁ ସେମାନଙ୍କୁ ନେଇ ଆସିଲି ପାଖକୁ । ଆହ୍ଲାବାଦ ଛାଡ଼ିବା ପୂର୍ବରୁ ଜ୍ୟୋତିକୁ କହିଲି, ସ୍ୱାଧୀନତାର ଏ ଅଭିନୟ ବନ୍ଦ କରିଦେବା ।

ଆମେ କ୍ୟାମ୍ପସରେ ଶେଷମୁଣ୍ଡରେ ପହଞ୍ଚିସାରିଥିଲୁ । ଆଗରେ ବିସ୍ତୀର୍ଣ୍ଣ କ୍ଷେତ ଉପରେ ପତଳା କୁହୁଡ଼ି ଜମାଟ ବାନ୍ଧିବାର ଉପକ୍ରମ କରୁଥାଏ । ଶୀତର ପ୍ରକୋପ ଧୀରେଧୀରେ ବଢୁଥାଏ । ମୁଁ ଫେରିବାର ଉପକ୍ରମ କଲି ।

'ଚାଲ ଫେରିଯିବା ।' ମୁଁ କହିଲି । 'ଆଚ୍ଛା ଫୁର୍‌କାନ, ସାହିତ୍ୟର ଛାତ୍ର ହୋଇନଥିଲେ ତୁମେ ଏଭଳି ବର୍ଣ୍ଣନା କରିପାରିଥା'ନ୍ତ ?'

'ବୁଝିପାରିଲିନି ସାର୍ ।'

'ଦେଖ, ଜୀବନ ହେଉଛି ଢେର ବ୍ୟାପକ, ସାହିତ୍ୟ ତୁଳନାରେ । ତମ ଜୀବନର ସମସ୍ୟାଗୁଡ଼ିକର ସାହିତ୍ୟିକ ସମାଧାନ ଦେଇଦେଲେ, ତମେ ଭାବିଛ ଜୀବନ ମାନିବ ?

Digitized by srujanika@gmail.com

ନିଜ ବାପାମା' ସ୍ଥିର କରିଥିବା ଜାଗାରେ ବାହାହେଇ ସୁଖର ସଂସାର କରିବ; ତମେ ଘରର ଦାୟିତ୍ୱ ନେଇ ଭାଇମାନଙ୍କୁ ମଣିଷ କରିବ; ଭଉଣୀକୁ ବାହା ଦବ; ଜଣେ ସଫଳ ଏକାଡ଼େମିକ ହବ; ପରସ୍ପରର ଅତୀତକୁ ଭୁଲିଯିବ; ଆଉ ତମ ଜୀବନକୁ ପରିଣତ କରିଦବ ଗୋଟେ ବାଥେଟିକ୍ ସାହିତ୍ୟରେ ? ବ୍ୟକ୍ତିର ଜୀବନ ଗୋଟେ ବାଥସ୍ ହେଇପାରେ, କିନ୍ତୁ ଯେଉଁ ଆସ୍ପୃହାଗୁଡ଼ିକ ତୁମକୁ ବେଳେବେଳେ ପ୍ରରୋଚିତ କରିଛି, ସେଗୁଡ଼ିକ ଚିରନ୍ତନ, ଚିରଯୌବନବାନ୍ ଓ ନାଟକୀୟ । ଦେଖୁନ, ତମର କି ଜ୍ୟୋତିର ଆବେଗ ଏବେ ବି ତମକୁ ଅସ୍ଥିର କରୁଛି । କ'ଣ କହୁଥିଲଟି ? ହଁ, ଷ୍ଟ୍ରେସ୍ଡ଼ କରିଦେଉଛି । ତମେ ପାଇପାରୁନା ଯୋଗ୍ୟ ଅବ୍‌ଜେକ୍‌ଟିକ କୋରିଲେଟିଭ ନିଜ ଆବେଗ ପାଇଁ ।'

ନିଜ ଜୀବନ ସମ୍ପର୍କିତ କାହାଣୀଟି କହିଦେଇ ଫୁର୍‌କାନ୍ କିଛି ସମୟ ତଳେ ଯେଉଁ ଆଶ୍ୱସ୍ତି ଅନୁଭବ କରୁଥିଲା, ମୋ କଥା ଶୁଣିବା ପରେ ପୁଣି ବିଷାଦଗ୍ରସ୍ତ ଦିଶିଲା ।

'ଜିହାଦ୍‌ର ଅର୍ଥ ବୁଝିଛ, ଜିହାଦ୍ ?' ମୁଁ ତାକୁ ପଚାରିଲି ।

'ହଁ ସାର୍, ମନ୍ଦ ଓ ପାପ ବିରୋଧରେ ସଂଗ୍ରାମ । ସେ ସଂଗ୍ରାମ ଚାରି ପର୍ଯ୍ୟାୟର । ମନ୍ଦ ଓ ପାପକୁ ସଂପୂର୍ଣ୍ଣ ବିନାଶ କରିବା, ଭଲ ମୂଲ୍ୟବୋଧକୁ ସମର୍ଥନ ଦବା, ନିଜ ବାକ୍ୟ ଓ ରଚନା ମାଧ୍ୟମରେ ଭଲ ମୂଲ୍ୟବୋଧର ପ୍ରଚାର କରିବା, ଯାହାଫଳରେ ଭଲ ମୂଲ୍ୟବୋଧ ଶକ୍ତିଶାଳୀ ହେବ ଏବଂ ସର୍ବୋପରି ଏସବୁ କିଛି କରି ନପାରିଲେ ଯାହା ଯଥାର୍ଥ ସେ ସଂପର୍କରେ ଗଭୀର ଧ୍ୟାନ କରିବା । ଜଣେ ଜିହାଦୀର ପ୍ରଥମ କର୍ତ୍ତବ୍ୟ ନିଜ ଅଭ୍ୟନ୍ତରର ଆବର୍ଜନାକୁ ନିର୍ମଳ କରିବା ।'

'ସେଇ ଦୃଷ୍ଟିକୋଣରୁ ଆମେ ସମସ୍ତେ ଜଣେଜଣେ ଜିହାଦୀ । ଜିହାଦ୍‌ର ବିଳୟ ନାହିଁ । ଶୃଙ୍ଖଳାରେ ବନ୍ଧା ସାହିତ୍ୟର ଚରିତ୍ର ଅଧାବାଟରେ ଅଟକିଗଲେ ବି ଜୀବନର ଜିହାଦ୍ ତାକୁ ସଦାସର୍ବଦା ଆଲୋକ ଆଡ଼କୁ ପ୍ରସାରିତ କରି ଚାଲିଥିବ ।'

ମୋ' କଥା ଶୁଣି ଫୁର୍‌କାନ ହଠାତ୍ ଭେଁ କିନା କାନ୍ଦିଉଠିଲା । କହିଲା, 'କ୍ଷମା କରିବେ ସାର୍ । ମୁଁ ଆପଣଙ୍କୁ ତେରଛା ସତ୍ୟ କହିଥିଲି । ଜୀବନ ମୋତେ ଖୁବ୍ ବଡ଼ ସୁଯୋଗଟେ ଦେଇଥିଲା । ମୁଁ ସାହିତ୍ୟ, ଧର୍ମ ଆଉ ସେଇପରି ଅନେକ ଶୃଙ୍ଖଳା ଅତିକ୍ରମ କରି ମଣିଷ ହେଇପାରିଥା'ନ୍ତି, ଯୋଉ ଆଦର୍ଶରେ ମୋ ବାପା ମୋ ନାଁ

Digitized by srujanika@gmail.com

ଫୁର୍‌କାନ ରଖିଥିଲେ । ଯୋଉ ଆଦର୍ଶ ସେ ନିଜ ଜୀବନରେ କିଛିକିଛି ପାଳନ କରିପାରିଥିଲେ । ହେଲେ, ମୋର ଭୟ, ମୋର ଉଚ୍ଚାଭିଳାଷ, ସାଂସାରିକ ସୁଖ ଲୋଭ ମୋତେ ତାହା କରେଇ ଦେଲାନି ।'

ମୁଁ ଫର୍‌କାନକୁ ପାଖକୁ ଆଉଜେଇ ନେଇ ଆଶ୍ୱାସନା ଦେଲି । କହିଲି, 'ବ୍ୟସ୍ତ ହୁଅନାହିଁ, ଜୀବନରେ ନହେଲା ନାଇଁ, ଅନ୍ତତଃ ସାହିତ୍ୟ ପୃଷ୍ଠାର ନାୟକ ତ ହେଇପାରିବ ତମେ । କିନ୍ତୁ ଦିନେନାଦିନେ ମଣିଷର ବ୍ୟକ୍ତିତ୍ୱ ଅତିକ୍ରମ କରିବ ସାହିତ୍ୟର କଳ୍ପନା ।'

ମୋ କଥାଗୁଡ଼ା ଫୁର୍‌କାନ୍‌କୁ ଶ୍ଳେଷାତ୍ମକ ଶୁଭି ଥାଇପାରେ । କିନ୍ତୁ ସେ ଶ୍ଳେଷ ତା' ପ୍ରତି ନଥିଲା । ତା'ର ଅଧିକାଂଶ ଭାଗ ମୋ ନିଜ ପ୍ରତି ପ୍ରେରିତ ଥିଲା ।

Digitized by srujanika@gmail.com

ଦୁର୍ଗାପୂଜା

ମଧୁବାବୁଙ୍କ ସହ ମୋର ପ୍ରଥମ ଭେଟାଭେଟି ଥିଲା ଖୁବ୍ ନାଟକୀୟ । ପ୍ରଥମ ଭେଟାଭେଟି ବୋଇଲେ ପ୍ରଥମଥର ଲମ୍ବା ସମୟ ପାଇଁ କଥାବାର୍ତ୍ତା । ଏମିତିରେ ଆଗରୁ ଦେଖାସାକ୍ଷାତ୍ ନହେଇଛି ନୁହେଁ, ହେଇଛି । କେମିତି ହବନି ? ସିଏ କଲେଜର ହେଡ୍‌କ୍ଲର୍କ । ଯୋଉଦିନ ଜଏନ୍ କଲି, ଜଏନିଂ ରିପୋର୍ଟ ପ୍ରିନ୍ସିପାଲଙ୍କଠୁଁ ଦସ୍ତଖତ କରେଇ ତାଙ୍କୁ ଦେଲି । ବୟସ୍କ ଲୋକ । ନମସ୍କାର କଲି । ସିଏ କ'ଣ ଗୋଟାଏ ପଢୁଥିଲେ, ମୁହଁ ଟେକି ହସିଦେଲେ, ପୁଣି ପଢ଼ିବାରେ ଲାଗିଗଲେ । ମୋତେ ଟିକେ ଅଖାଡୁଆ ଲାଗିଲା । ଜଣେ ନୂଆହେଇ କଲେଜରେ ଜଏନ୍ କରୁଛି, ତା'ବିଷୟରେ ଅଧିକ ଜାଣିବା ପାଇଁ ସାଧାରଣ ଉତ୍ସୁକତା ବି ନାହିଁ ? ଇଏ କି ପ୍ରକାର ଅଫିସ ଚଲଉଥିବେ ? ମୁଁ ସେ ବିଷୟରେ ଅଧିକ ନ ଭାବି ନିଜ ବାଟରେ ରହିଲି । ତା' ପରେ ତାଙ୍କ ପାଖରେ କାମ ପଡ଼ିନି ।

ଗ୍ରୀଷ୍ମଛୁଟି ପୂର୍ବରୁ ପ୍ରିନ୍ସିପାଲଙ୍କ ଚିଠିଟେ ପାଇଲି । ସେଥିରେ କଲେଜର ବିଭିନ୍ନ ପ୍ରଶାସନିକ ଦାୟିତ୍ୱ ଅଧ୍ୟାପକମାନଙ୍କ ମଧ୍ୟରେ ବଣ୍ଟାଯାଇଥାଏ । ମୋ ଭାଗ୍ୟରେ ଷ୍ଟକ୍ ଭେରିଫିକେସନ । ଚିଠିଟି ପଢ଼ିଦେଇ ମନେମନେ ଖୁବ୍ ବିରକ୍ତ ହେଲି । ଘରୁ ଏତେଦିନ ବାହାରେ ରହିବାର ଅଭ୍ୟାସ ନାହିଁ । ମାସକ ତଳୁ ମୁଁ ଗ୍ରୀଷ୍ମଛୁଟିକୁ ଉହିଁଉହିଁ ଦିନ ଗଣିବା ଆରମ୍ଭ କରିଦେଲିଣି । ସେଥିପାଇଁ ପରୀକ୍ଷା ଖାତା ସବୁ ରାତିଦିନ ଦେଖି ମାର୍କ ପଠେଇଦେଲିଣି । ତା' ଉପରେ ଅଇନକ ଏ ଦାୟିତ୍ୱ । ମୋର ଭୟ ହେଉଥାଏ, କାଳେ ଏ କାମ ପାଇଁ ଛୁଟିଟା ମାଡ଼ ଖାଇଯିବନି ତ ? କ'ଣ କେମିତି କରିବାକୁ ହୁଏ, ପଚାରିବାକୁ ଗାନ୍ଧୀବାବୁଙ୍କ ପାଖକୁ ଛୁଟିଗଲି । ସାର୍ ଆଡ୍‌ମିନ୍ଷ୍ଟ୍ରେଟିଭ ବର୍ସାର । ତାଙ୍କ ଅଫିସରେ ତାଲା ପକେଇ ବୋଧହୁଏ ଲଞ୍ଚ ପାଇଁ ବାହାରୁଥିଲେ ଘରକୁ । କହିଲେ, କିଛି ନାହିଁ, ଆପଣ ମଧୁବାବୁଙ୍କ ପାଖକୁ ଯାଆନ୍ତୁ । ସିଏ ଫର୍ମଟେ ଦେବେ । ଆପଣ ଫର୍ମ ଭରୁଥା'ନ୍ତୁ, ମୁଁ ଦଶମିନିଟରେ ଆସୁଛି ।"

ସେଇଠୁ ମୁଁ ତୁରନ୍ତ ଗଲି ମଧୁବାବୁଙ୍କ ଅଫିସକୁ । ଯଥାସମ୍ଭବ ବିନୟୀ ହେଇ ଗୋଟେ ଲମ୍ୱାଚଉଡ଼ା ନମସ୍କାର ହାଙ୍କିଲି । ସେଥର ବି ସେ କ'ଣଗୋଟେ ପଢୁଥିଲେ ।

Digitized by srujanika@gmail.com

ମୋତେ ଦେଖି ଭ୍ରୂ ଖୋଲି ବହିଟା ରଖିଦେଲେ ଆଉ ସିଧା ହେଇ ବସିଲେ । ଅତି ବନ୍ଧୁତ୍ୱପୂର୍ଣ୍ଣ ହସ ହସି କହିଲେ, "ହଁ ନମସ୍କାର ସାର୍, କୁହନ୍ତୁ । ଆରେ ଛିଡ଼ା କାଇଁକି ହେଲେ, ବସନ୍ତୁ ବସନ୍ତୁ । ଆରେ ଭଗିଆ ଦି'କପ୍ ଚ' ଆଣ୍ ତ । ସାର୍ ଚିନି ଚଳେ ତ' ଚ'ରେ ?"

ଜଏନିଂ ଦିନ ଯୋଉ ନିର୍ଲିପ୍ତତା ଯାଙ୍କଠି ଲକ୍ଷ୍ୟ କରିଥିଲି, ସେ ତୁଳନାରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ତାଙ୍କ କଥାବାର୍ତ୍ତା । ଏତେ ସୌହାର୍ଦ୍ଦ୍ୟ ଆଶା କରିନଥିଲି କି କ'ଣ, ମୋ ପାଟିରୁ ବାହାରିପଡ଼ିଲା ଗୋଟେ ଡାହା ମିଛକଥା, "ନାଇଁ ଥାଉଥାଉ ମଧୁବାବୁ, ମୁଁ ଚ' ପିଏନି ।"

"ଚ' ପିଅନ୍ତିନି ? ଆପଣ ଆଉ କି ଟିଚର ହେବେ ? ଟି' ଚରତି ଯଃ ସଃ ଟିଚର । କ'ଣ ମିଛରେ ବଡ଼ବଡ଼ ପଣ୍ଡିତ ଶ୍ଳୋକ ଲେଖିଛନ୍ତି ? ଆପଣ ଟୋକାଲୋକ, 'ଟି' ଖାଲି ଚରିଯିବା କଥା ।"

ନିଜର ଶସ୍ତା ହାସ୍ୟରସରେ ନିଜେ ମୁଗ୍ଧ ହେଇ ଖୁବ୍ ବଡ଼ପାଟିରେ ହସି ଉଠିଲେ ମଧୁବାବୁ । ମୁଁ ତା'ରି ଭିତରେ ପ୍ରିନ୍ସପାଲଙ୍କ ଆସାଇନ୍‌ମେଣ୍ଟ ଚିଠିଟି କାଢ଼ି ତାଙ୍କ ଟେବୁଲ ଆଡ଼କୁ ବଢ଼େଇବାକୁ ଚେଷ୍ଟାକଲି । ସେଆଡ଼କୁ ଆଦୌ ଲକ୍ଷ୍ୟ ନଦେଇ ମଧୁବାବୁ ପୁଣି ଡାକ ଛାଡ଼ିଲେ ।

"ଆରେ ଭଗିଆ, କପେ ଚ' ଆଣ୍ । ସାର୍ ଚ' ପିଅନ୍ତିନି । ସାର୍‌ଙ୍କ ପାନ ଦି'ଖଣ୍ଡ ଆଉ ମୋର ଦି'ଖଣ୍ଡ ଆଣି ଆସ୍ । ଏଠିକି ଆସ୍ ବେ ଶଳା ଡାକିଲିଣି କେତେବେଳୁ, ମାଇଚିଆ ଲେଡ଼ିଜ୍ କମନରୁମ୍‌ରେ କ'ଣ ପାଇଁ ନୁଙ୍ଗୁପୁଙ୍ଗୁ ହଉଛୁ ବେ ? ସାର୍‌ଙ୍କ ପାନ କେମିତି ବୁଝିଯା' ।"

"ମୁଁ ପାନ ବି ଖାଏନି ।"

"ଆରେ, ଚ' ପିଉନାହାଁନ୍ତି, ପାନ ବି ଖାଉନାହାଁନ୍ତି । ବାଚେଲର ଲୋକ କରନ୍ତି କ'ଣ ? ପଇସାପତ୍ର ଖାଲି କ'ଣ ବେଙ୍କ୍‌ରେ ନେଇ ଥୋଉଛନ୍ତି ? ଆଚ୍ଛା, ପାନ କରନ୍ତି ନା ନାଇଁ ?"

ମଧୁବାବୁଙ୍କ ଇଙ୍ଗିତ ବୁଝିପାରିଲି । ସାଙ୍ଗମାନଙ୍କ ସହିତ ଥରେ ଅଧେ ବିଅର ପିଇଥିଲି । ତା'ର ଏତେ ଦୁର୍ଗନ୍ଧ ଓ ତାହା ଏତେ ପିତା ଲାଗିଲା ଯେ ବାନ୍ତି କରିପକେଇଥାନ୍ତି । ମୋତେ ଆଶ୍ଚର୍ଯ୍ୟ ଲାଗୁଥାଏ, ସତରେ ଏସବୁ ଜିନିଷ ଲୋକମାନେ

Digitized by srujanika@gmail.com

କିପରି ପିଇପାରନ୍ତି ! ମୁଁ ମୁଣ୍ଡ ହଲେଇ ମନାକଲି । ମଧୁବାବୁଙ୍କ କଥାବାର୍ତ୍ତା କରିବାର ଢଙ୍ଗରେ ମୁଁ ସାମାନ୍ୟ ବିରକ୍ତ ବି ହେଇଗଲିଣି ସେତେବେଳକୁ । ଛୁଟି ପୂର୍ବରୁ ସବୁଯାକ କାମ ସାରିଦେଲେ ଘରକୁ ଯିବି, ସେଥିପାଇଁ ବ୍ୟସ୍ତ । ମୋ ବ୍ୟସ୍ତତାର ସୁଯୋଗ ନେଇ ଏ ବୃଦ୍ଧ ଜରଦ୍‌ଗବ ମୋତେ ପରିହାସ କରୁଛି !

"ଆପଣ ଆଉ ହେବେନି," ମଧୁବାବୁ କହିଚାଲିଲେ । "କେମିତି ଏ ଅଧ୍ୟାପକ ଚାକିରି ପାଇଲେ: ଚା' ନାହିଁ, ପାନ ଖାଇବା ନାହିଁ, ପାନ କରିବା ନାହିଁ! ଆପଣ କଟକିଆ ଲୋକ ପରା । ଆମେ ଏ ବନସ୍ତରୁ କଟକ ଯାଇ ଏସବୁ ଶିଖିଲୁ । ଆଉ ଆପଣ ସେଇଠି ଥାଇ କିଛି ଶିଖି ପାରିଲେନି ? ଆଉ କ'ଣ ପଢ଼େଇବେ ?"

ଆମ କଥାବାର୍ତ୍ତାକୁ ସେତେବେଳକୁ କାନ ଡେ଼ରିଲେଣି ପାଖ ଟେବୁଲ ସାମ୍ନାରେ ବସିଥିବା ମଧୁବାବୁଙ୍କ ଅଧସ୍ତନ କିରାଣିଦଳ । ସେମାନେ ମଧୁବାବୁଙ୍କ କଥାରେ ମୁରୁକିମୁରୁକି ହସୁଥା'ନ୍ତି । ଲାଜରେ ମୋତେ ମାଡ଼ିମାଡ଼ି ପଡୁଥାଏ । ଗାନ୍ଧୀବାବୁ ଲଞ୍ଚରୁ ଫେରିବା ପର୍ଯ୍ୟନ୍ତ ଅପେକ୍ଷା ନକରି ସିଧା ଅଫିସକୁ ଚାଲିଆସିଥିବାରୁ ନିଜକୁ ଶୋଧୁଥାଏ ମନେମନେ । ଭାବୁଥାଏ, ଛୁଟିରେ ଘରକୁ ଯିବାର ବ୍ୟଗ୍ରତା ଯୋଗୁଁ ଏ ସାମାନ୍ୟ କିରାଣି ପାଖରେ ହଟହଟା ହବାକୁ ପଡୁଛି ମୋତେ ।

"କାଇଁକି ଦଳଟା ଦାନ୍ତ ମେଲେଇ ବସିଛ ବେ ?" ମଧୁବାବୁ ହଠାତ୍ ଗର୍ଜିଉଠିଲେ, "ଦେଖିପାରୁନ, ମାଛିଗୁଡ଼ାକ ଉଡୁଛନ୍ତି । ଗୋଇଠା ମାରିଦେବେ ଯଦି ଦାନ୍ତଗୁଡ଼ାକ ଝଡ଼ିପଡ଼ିବ । ଶଳା ଦୁଃଖସୁଖ ଟିକେ ହେଇତେ ଦେବେନି । ନୂଆ ସାର୍ ଆସିଛନ୍ତି, ଆମେ ଟିକେ ଥଟାମଜା ହବୁନି ? ତମେ ହ୍ୟାଙ୍କ, କାମ ଛାଡ଼ି ଏଣେ ଅନିଷା କରୁଛ କାଇଁକି ? ଏଠି କିଏ ଶଳା ତମମାନଙ୍କୁ ଆଣି ଚାକିରି ଦେଲା ବେ ?"

କିରାଣିଦଳ ସେମାନଙ୍କ ନିଜନିଜ ଫାଇଲରେ ମୁହଁ ପୋତିଦେବା ପରେ ମୁଁ ଚିଠିଟା ମଧୁବାବୁଙ୍କ ଆଡ଼କୁ ବଢ଼େଇଦେଇ କହିଲି, "ବଡ଼ବାବୁ, ମୋର ଷ୍ଟକ୍ ଭେରିଫିକେସନ ଆସାଇନ୍‌ମେଣ୍ଟ ଅଛି । କ'ଣ କରିବାକୁ ପଡ଼ିବ ?"

"ହେଉ, ଛାଡ଼ନ୍ତୁ ସେକଥା । ବାହାଫାହା ହେଲେଣି ନା ନାହିଁ ? ବୁଝିଲେ ସାର୍, ଏଠିକି ଯେତେ ବାଡୁଅ ମାଷ୍ଟ ଆସିଛନ୍ତି, ଏଠୁ ହାତକ ଦି'ହାତ ହେଇ ଯାଇଛନ୍ତି । ଏଇଟା ପା ପ୍ରମିଳା ରାଇଜ । ଆପଣ ବେଟେଲର, ଜାଇଁଲେ ଅବିକା ଲାଇନ ଲାଗିଯିବ ବାପମାନଙ୍କର । କ'ଣ ବୁଝାବୁଝି କରିବା ନା ଆଗରୁ ଲଟରପଟର ଅଛି ?"

Digitized by srujanika@gmail.com

ସେତେବେଳକୁ ମୁଁ ମନେମନେ ରାଗିଗଲିଣି । ଆଗରୁ ଶୁଣିଥିଲି, ଲୋକଟା ପରିହାସପ୍ରିୟ । ବିନା କୁଣ୍ଠାରେ କାହା ସହ ବି ପ୍ରାକ୍ଟିକାଲ ଜୋକ୍ କରିପାରେ । କୁଆଡ଼େ କଲେଜର ଲାଇବ୍ରେରିଆନ ଯେତେବେଳେ ନୂଆକରି ଜଏନ୍ କରିବାକୁ ଆସିଲେ, ତାଙ୍କୁ କହିଲେ, ଆଜି ହବନି, ଅମୁକ ତାରିଖରେ ଆସ ଜଏନ୍ କରିଦେବା । ସିଏ ଉତ୍ତରଦେଲେ– ବଡ଼ବାବୁ, ସେଦିନ ପା' ରବିବାର । ମଧୁବାବୁ କହିଲେ, ଅନ୍ୟ କଲେଜଗୁଡ଼ା ସିନା ରବିବାର ବନ୍ଦ, ଆମର ପା' ମର୍ଣ୍ଣିଂ କଲେଜ, ରବିବାର ଖୋଲା ରୁହେ । ଭଦ୍ରଲୋକ ବିଚରା ରବିବାର ଦିନ ଆସି ଅପେକ୍ଷା କରିକରି ଫେରିଲା । ଲୋକଟା ବୟସ୍କ ହେତୁ ମୋ ସମ୍ମାନର ହକ୍‌ଦାର । ତା'ର ଫାଇଦା ଉଠାଇ ଏଭଳି ବ୍ୟକ୍ତିକ ପ୍ରଶ୍ନସବୁ ପଚାରି ଥଟ୍ଟାପରିହାସ କରୁଛି । କାମଟା ଅଛି ବୋଲି ମୁଁ ଭେରଣା ଭଳି ତା' ଆଡ଼କୁ ଅନେଇ ଖାଲି ହସିଦେଲି ।

"ଆରେ, ଲଟ୍‌ପଟ୍ ଯଦି ନାଇଁ, ଆମ ପଲ୍‌ଟିକାଲ ମାଡ଼ାମଙ୍କଠୁଁ ଟ୍ରେନିଂ ନେଇଯାଉନାହାଁନ୍ତି ?" ମୁଁ କଥାର ଇଙ୍ଗିତ ଧରିପାରିଲିନି । ପଲ୍‌ଟିକାଲ ସାଇନ୍ସର ଜଣେ ମାତ୍ର ମହିଳା ଲେକ୍‌ଚରର । ଦମୟନ୍ତୀ ମାଡ଼ାମ । ମଧ୍ୟବୟସ୍କା, ଭାରି ସ୍ମାର୍ଟ । ସେତେବେଳକାର କଲେଜରେ ଏକମାତ୍ର ମହିଳା, ଯିଏ ସ୍କୁଟର ଚଢ଼ି କଲେଜ ଆସୁଥିଲେ । କାହାରି ସହ ବେଶି ମିଶନ୍ତିନି । କ୍ଲାସ ନେବା, ପରୀକ୍ଷା ଡ୍ୟୁଟି କରିବାରେ ଖୁବ୍ ହେଳା । କିନ୍ତୁ ଭାରି ବଦରାଗୀ ବୋଲି ଲୋକଙ୍କ ଧାରଣା । ପ୍ରିନ୍ସିପାଲଙ୍କୁ ବି ମୁହଁ ଉପରେ ଜବାବ ଦେଇଦିଅନ୍ତି । ତାଙ୍କୁ ସମସ୍ତେ ଭୟ କରନ୍ତି । ଆଗରୁ ଯିଏ ତାଙ୍କ ବିଭାଗର ମୁଖ୍ୟ ଅଧ୍ୟାପକ ଥିଲେ, ସିଏ କ୍ଲାସ ନେବାକୁ ବାଧ୍ୟ କଲେ ଯେ ତାଙ୍କ ବିରୋଧରେ ସେକ୍ସୁଆଲ ହାରାସ୍‌ମେଣ୍ଟ ଅଭିଯୋଗ ଠୁକିଦେଲେ । ସେ ବିଚରା ପାଣି ପିଇଗଲେ ଦୁଇତିନି ବର୍ଷ । କେମିତି ବଦଳିହେଇ ପଳେଇଯିବେ ତର ସହିଲାନି ।

"ସେଇ ଖଟଭଙ୍ଗା ମାଡ଼ାମ । ବୁଢ଼ୀ ତ ଏକୁଟିଆ ଆଉଚି ସ୍କୁଟରରେ । ଆପଣ ପଛରେ ବସି ଚାଲିଆସିବେ ।" ମଧୁବାବୁଙ୍କ ଇଙ୍ଗିତରେ ଅଶ୍ଳୀଳତା ବୁଝିପାରିଲି । କି ଦୁଃସାହସ ! ଅଧସ୍ତନ କିରାଣି ଜଣେ, ଅଥଚ ଜଣେ ସିନିଅର ଅଧ୍ୟାପିକାଙ୍କ ସମ୍ପର୍କରେ କିଭଳି ଅଶାଳୀନ ମନ୍ତବ୍ୟ ଦେଇପାରୁଛି ! ଆଉ ମୋର କାପୁରୁଷପଣିଆ ଦେଖ, ମୁଁ ବିନା ପ୍ରତିବାଦରେ ଏଭଳି ଇତର କଥାଗୁଡ଼ା ସହିଯାଉଛି । ଏଥର ଖୁବ୍ ଦୃଢ଼ତାର ସହ କହିଲି, "ମଧୁବାବୁ, ଷ୍ଟକ ଭେରିଫିକେସନ କଥା କ'ଣ କରିବା, କୁହନ୍ତୁ । ଛୁଟି ପୂର୍ବରୁ ମୋତେ ସାରିବାକୁ ହବନା ।"

Digitized by srujanika@gmail.com

"ନିଅନ୍ତୁ, ବଢ଼ିଆ ନୂଆ ଷ୍ଟକ୍ ଅଛି ମୋ' ପାଖରେ ।"

ମଧୁବାବୁ ଡ୍ର ଖୋଲି ମଲାଟଦିଆ ତିନିଚାରିଟି ଚଟିବହି ଧରେଇଦେଲେ ମୋ' ହାତରେ । ମୁଁ ଅନ୍ୟମନସ୍କ ଭାବରେ ସେ ବହିଗୁଡ଼ା ଖେଳେଇନିଅନ୍ତେ ମୋ ମୁଣ୍ଡ ଘୂରେଇଦେଲା । ଅତି ବୀଭତ୍ସ ଚିତ୍ରସମ୍ବଳିତ ଚରମ ଅଶ୍ଳୀଳ ବହିଗୁଡ଼ା । ଗୋଟିଏ ଶିକ୍ଷାୟତନର ବୟୋବୃଦ୍ଧ ହେଡ୍‌କ୍ଲର୍କଙ୍କ ପାଖରେ ଏଭଳି ବସ୍ତୁ ଆବିଷ୍କାର କରିବି, ତା' ଥିଲା ମୋ' କଳ୍ପନାର ବାହାରେ । ଅଫିସ ସମୟତକ ନିବିଷ୍ଟ ମନରେ ମଧୁବାବୁ ତା' ହେଲେ ଏଇସବୁ ପଢୁଥା'ନ୍ତି ? ନିଜପାଇଁ ଯେତିକି ନୁହେଁ, ମଧୁବାବୁଙ୍କ ପାଇଁ ଲାଜରେ ମୋ ମୁଣ୍ଡ ନଇଁଗଲା । ଛପନ ସତାବନ ବର୍ଷ ବୟସର ବୃଦ୍ଧ । ମୁଣ୍ଡରେ ଯତ୍‌କିଞ୍ଚିତ୍ ଅବଶିଷ୍ଟ ବାଳ ଅଛି, ଝୋଟଭଳି ଧଳା । ବ୍ୟାକ୍‌ବ୍ରସ୍ କରି କୁଣ୍ଡେଇଛନ୍ତି । ଦେହର ରଙ୍ଗ ତମ୍ବା ଭଳି । ଯୌବନରେ ହୁଏତ ଆକର୍ଷଣୀୟ ଥିବେ । ଏବେ କିନ୍ତୁ ବୟସର ପ୍ରଭାବରେ ଶରୀର ଶୀର୍ଣ୍ଣ ପଡ଼ିଆସିଲାଣି । ପାଞ୍ଚଫୁଟ ତିନିଇଞ୍ଚ ଖଣ୍ଡେ ଉଚ୍ଚତାର ଲୋକଟା । ନଳୀନଳୀ ହାତଗୋଡ଼ ଉପରେ ଢ଼ୋଲାଢ଼ୋଲା ପେଣ୍ଟ୍‌ସାର୍ଟ ଦେଖିଲେ ଲାଗୁଛି, ପକ୍ଷୀ ଆଉ ଜନ୍ତୁଜନ୍ତାଙ୍କୁ ହୁରୁଡେଇବା ପାଇଁ ମକାକ୍ଷେତ ବାଉଁଶରେ ଟଙ୍ଗା ହେଇଥିବା ଗୋଟେ ସ୍କେଆର କ୍ରୋ । ସବୁଠୁ ଅସନା ଲାଗୁଥିଲା ତାଙ୍କ ପାନପିକବୋଳା ପାଟି ଆଉ କଳା ପଡ଼ିଯାଇଥିବା ଦାନ୍ତ ଦି'ଧାଡ଼ି । ଭିଟାମିନ ଅଭାବରୁ ଓଠକୋଣଗୁଡ଼ିକ ଧଳା ପଡ଼ିଯାଇଥାଏ । କ୍ରୋଧ ଓ ଅପମାନବଶତଃ ସେ ସମୟରେ ମୋର ମନେହେଲା, ମଧୁବାବୁ ସଂସାରର କୁତ୍ସିତତମ ମଣିଷରୁ ଜଣେ । ମୁଁ ଅତି ନିଷ୍ଠୁର ଭାବରେ, ଅଥଚ ଯେତେଦୂର ସମ୍ଭବ ଭଦ୍ରତା ରକ୍ଷାକରି କହିଲି, "ମଧୁବାବୁ, ଆପଣ ଏ ଥଟ୍ଟାମଜ୍ଜା ବନ୍ଦ କରନ୍ତୁ । ଚାଲନ୍ତୁ, କାମଟା ସାରିଦେବା । ମୁଁ ସକାଳୁ ପରୀକ୍ଷା ଡ୍ୟୁଟି କରୁଛି । ଖାଇବାକୁ ବି ଯାଇନି । ତା'ଛଡ଼ା ଏ ସବୁ ବାଜେ ଧରଣର ପରିହାସ ମୋତେ ଭଲ ଲାଗେନି ।"

ମୋ ସ୍ୱରର ରୁକ୍ଷତା ଅନେକଙ୍କୁ ଉତ୍ତ୍ୟକ୍ତ କରିପାରିଥା'ନ୍ତା । କିନ୍ତୁ ମଧୁବାବୁଙ୍କ ଶ୍ୱେତା ମୁହଁରେ କ୍ରୋଧର କୌଣସି ଲକ୍ଷଣ ନଥିଲା । ସମଗ୍ର ପରିବେଶ, ପରିସ୍ଥିତି, ଏପରିକି ସାରା ପୃଥିବୀ ଯେମିତି ତାଙ୍କ କର୍ତ୍ତୃତ୍ୱାଧୀନ, ସେଇଭଳି ପ୍ରଶାନ୍ତି ଫୁଟିଉଠୁଥାଏ ତାଙ୍କ ମୁରୁକିହସାରୁ । ଶିକାରକୁ ଚରମ ଆଘାତ ଦେବାପୂର୍ବରୁ ଶ୍ୱାପଦ ଯେମିତି ତାକୁ କିଛି ସମୟ ଖେଳଉଥାଏ, ଠିକ୍ ସେମିତି ମଧୁବାବୁ ମୋ ସହ ବ୍ୟବହାର କରୁଥା'ନ୍ତି । ସବାଶେଷରେ ସିଏ ବାହାରକଲେ ତାଙ୍କର ବ୍ରହ୍ମାସ୍ତ୍ର । ଡ୍ର ଖୋଲି କାଢ଼ିଲେ କାର୍ଡ଼ବୋର୍ଡ଼ର ଗୋଟେ ପିନ୍ ଡ଼ବା । ଉପର ଢ଼ାଙ୍କୁଣି ଖୋଲିଦେଇ କହିଲେ, "ଗଣନ୍ତୁ ।"

Digitized by srujanika@gmail.com

ମୁଁ କିଛି ବୁଝିନପାରି ପଚାରିଲି, "ମାନେ ?"

"ଷ୍ଟକ ଭେରିଫିକେସନ କରିବେ ପରା, ଗଣୁନାହାଁନ୍ତି !

କେଇଟା ପିନ୍ କିଣାହେଇ ଆସିଥିଲା, କେତେ ଖର୍ଚ୍ଚ ହେଇଛି, କେତେ ପିନ୍ ବଳିଛି । ସେଇଥିରୁ ଷ୍ଟକ୍ ଏଣ୍ଟ୍ରି ହବନା, ନଇଲେ କେମିତି ? ଆଗ ପିନ୍ ଆଡୁ ଆରମ୍ଭ ହଉ ।"

ମୁଁ କିଂକର୍ତ୍ତବ୍ୟବିମୂଢ଼ ହେଇ ବସିରହିଲି ଅନେକ କ୍ଷଣ । ସେଇ ମୁହୂର୍ତ୍ତଗୁଡ଼ିକରେ ମୁଁ ଏଭଳି ଉପହସିତ ଓ ଅପମାନିତ ଅନୁଭବ କରୁଥିଲି ଯେ ତାକୁ ବର୍ଣ୍ଣନା କରିବାପାଇଁ ମୋର ଭାଷା ନାଇଁ, କେବଳ ଦି'ଟା କଥା ମୋ ମୁଣ୍ଡକୁ ଜୁଟିଥିବାର ମନେଅଛି । ହୁଏତ ଆଗରେ ବସିଥିବା ବୃଦ୍ଧ ଜରଦ୍‌ଗବଟାକୁ ନିଶ୍ଚିହ୍ନ କରିଦେବି ବା ନିଜେ ଲୁପ୍ତ ହେଇଯିବି ଏ ପୃଥିବୀପୃଷ୍ଠରୁ । ମୁଁ କ'ଣ କ'ଣ କରିବା ପୂର୍ବରୁ ଭାଗ୍ୟକୁ ଗାନ୍ଧୀବାବୁ ପହଞ୍ଚିଗଲେ ।

"କ'ଣ ବଡ଼ବାବୁ, ନୂଆସାର୍‌ଙ୍କୁ କାଇଁକି ହଇରାଣ କରୁଛନ୍ତି ?" ଗଲା ତିନିମାସ ଧରି ମୁଁ ନୂଆସାର୍ ହିସାବରେ ପରିଚିତ ଥାଏ । "ତାଙ୍କ କାମ ଛିଣ୍ଡେଇଦିଅନ୍ତୁ," କହିଲେ ଗାନ୍ଧୀସାର୍ ।

"ମୁଁ ପରା ସେଇକଥା କହୁଛି, ସାର୍ । ଏ ନୂଆସାର୍ କିଛି ବୁଝୁନାହାଁନ୍ତି, ରାଗିଯାଉଛନ୍ତି, ଟିକେଟିକେ କଥାରେ । ଚ'ନାଇଁ, ପାନ ନାଇଁ, ଧର୍ମଗ୍ରନ୍ଥ ପଢ଼ାନାଇଁ, ମଗଜ ଖୋଲିବ କେମିତି ? ପିଲାଙ୍କୁ କ'ଣ ପଢ଼େଇବେ ? ବୁଝିଲେ ସାର୍, ଗମେଣ୍ଟ ଏ ଅଭିଆଡ଼ା ସାର୍‌ମାନଙ୍କୁ କାଇଁକି ଏ ଅପନ୍ତରାକୁ ପଠାଉଛି ?"

"ଆପଣ ବଡ଼ବାବୁ, ତାଙ୍କୁ ସେ ନାସନା ଜିନିଷସବୁ ଦେଖେଇଲେଣିଟି ? ତାଙ୍କର କ୍ୟାରିଅର ସାରା ଗୋଲ୍ଡ ମେଡାଲ । ପିଏସ୍‌ସିରେ ଫାଷ୍ଟ । ଆମ କଲେଜର ଗୌରବ । ଏମିତିକା ଲୋକ ଏଠିକି ଆସିଲେ ସିନା କଲେଜର ଖ୍ୟାତି ବଢ଼ିବ !" କହିଲେ ଗାନ୍ଧୀବାବୁ ।

"ଆପଣ ସାର୍, ତାଙ୍କୁ ନେଇଗଲେ ନିରୋଳାରେ ବୁଝେଇଦେବେ । ଜେନେରେଟର ତ ଦୁଷ୍ମନ୍ତବାବୁଙ୍କ ଘରେ ଲାଗିଛି । ଏଆର କଣ୍ଡିସନରଗୁଡ଼ାକ ତ ଭାଇସପ୍ରିନ୍ସପାଲ ନେଇଗଲେ, ଦି' ମାଇକିନାଙ୍କ ପାଇଁ ଦି'ଟା । ଇଏ ଖାଲି ଅଡ଼ିବସିଛନ୍ତି, ଏଇନା ଷ୍ଟକ ଭେରିଫିକେସନ କରିବେ । ମୁଁ ତାଙ୍କ ମନ ବୁଝେଇବାପାଇଁ, ଚ'ପାନ ମଗେଇଲି, ଧର୍ମଗ୍ରନ୍ଥ ଦେଲି, କିଛି ଶୁଣୁନାହାଁନ୍ତି । ବାଧହେଇ କହିଲି, ତା' ହେଲେ ପିନ୍ କେତେ ଆସିଲା, କେତେ ଖର୍ଚ୍ଚ ହେଇଛି ତା'ର ଭେରିଫିକେସନ କରନ୍ତୁ ।"

Digitized by srujanika@gmail.com

"ବଡ଼ବାବୁ, ଆପଣ ଆଉ ହେବେନି । ଛୋଟ ପିଲା, ନୂଆନୂଆ ଚାକିରି ଜଏନ କରିଛନ୍ତି, ତାଙ୍କ ସାଥିରେ ଏମିତି ଗମାତ କରିବେ ନା? ଚାଲନ୍ତୁ ରମାକାନ୍ତବାବୁ, ଚାଲିଲେ ଏଠୁ । ମୁଁ ପରେ ଫର୍ମ ଫିଲଅପ୍ କରିଦେବି, ଆପଣ ଦସ୍ତଖତ କରିଦେବେ ।"

ସେ ଜାଗାରୁ ଡାକିନେଇ ଗାନ୍ଧୀବାବୁ ମୋତେ ରକ୍ଷା କରିଦେଲେ । ସେତେବେଳେ ମୁଁ ଯେ କ'ଣ ନାଇଁ କ'ଣ କରିଥା'ନ୍ତି, ମୁଁ ନିଜେ ଜାଣିନି, ଯେଉଁଥିପାଇଁ ହୁଏତ ସାରାଜୀବନ ପଶ୍ଚାତାପ କରିବାକୁ ପଡ଼ିଥା'ନ୍ତା ।

"ମୁଁ ଲୋକଟାକୁ ଛାଡ଼ିବିନି ।" ଗୋଟେ ନିଷ୍ଫଳ କ୍ରୋଧରେ ସେତେବେଳଯାଏ ଥରୁଥାଏ । ମୁଁ ଯେ ତା'ର କ'ଣ କ୍ଷତି କରିପାରିବି, ସେ ବିଷୟରେ ମଧ ଭାବିନଥାଏ । ଗାନ୍ଧୀବାବୁଙ୍କ ଆଗରେ ମୋର ପରାହତ ପୌରୁଷର ମାନ ରକ୍ଷା କରିବାକୁ ଖାଲି ଏତକ କହିଲି ।

"ରମାକାନ୍ତବାବୁ, ଏ ଛୋଟଛୋଟ କଥା ଭୁଲିଯାଆନ୍ତୁ । ଚାକିରି କଲେ ଏମିତିକା କେତେ ପରିସ୍ଥିତି ଆସିବ । ଆପଣ ପିଲାଲୋକ । ଅଯଥାରେ କଥାଗୁଡ଼ା ଧରି ବସିଲେ କ'ଣ ହେବ? କ'ଣ ଟିକିଏ ସିଏ ମଜ୍ଜାରେ କହିଦେଲା, ଆପଣ ଦେହକୁ ନଉଛନ୍ତି କାଇଁକି? ଆପଣ ପଢ଼ାପଢ଼ି କରନ୍ତୁ । ରିସର୍ଚ୍ଚ ପେପର ପବ୍ଲିଶ କରନ୍ତୁ । ଗୋଟାଏ ଘୁଷୁରି ପଛରେ ଲାଗିକି ନିଜକୁ କାଇଁକି ବରବାଦ କରିବେ?"

"ଆପଣ ଜାଣିନାହାଁନ୍ତି, ଆଜ୍ଞା । ଲୋକଟା ଅଫିସ ଆଓ୍ୱାରରେ ବସିକି ପର୍ଣ୍ଣୋଗ୍ରାଫି ପଢୁଛି । ମାଡ଼ାମମାନଙ୍କ ନାଁରେ ବୀଭତ୍ସ ରିମାର୍କ କରୁଛି । ପ୍ରିନ୍ସପାଲ, ଭାଇସ ପ୍ରିନ୍ସପାଲ, କାହାରିକୁ ଖାତିର ନାଇଁ । ଗୋଟେ ଶିକ୍ଷାୟତନର ପରିବେଶକୁ ଅଶ୍ଳୀଳ କରିଦଉଛି ।" ମୁଁ ଉତ୍ତେଜିତ ଥାଏ । "ମୁଁ ଜାଣିଛି ମିଶ୍ରବାବୁ, ସେ ଲୋକର କାଣ୍ଡକାରଖାନା ।"

"ତଥାପି ଆପଣ ଏତେଦିନ ହେଲା ଟଲରେଟ କରୁଛନ୍ତି?"

ଜଣେ ସଚ୍ଚୋଟ, ନୀତିବାନ, ଦକ୍ଷ ଶିକ୍ଷକ ଭାବରେ ଗାନ୍ଧୀସାର୍‌ଙ୍କ ସୁନାମ ଥିଲା । ମୋର ସିଧା ଆକ୍ରମଣରେ ସିଏ ଅପ୍ରତିଭ ହେଇପଡ଼ିଲେ । କହିଲେ, "ବୁଝିଲେ ମିଶ୍ରବାବୁ, ଲୋକଟା ଗୋଟେ ସଇତାନ । ଘର ପରିବାର ଧରି ସଭିଏଁ ଚାକିରି କରିବାକୁ ଆସିଥାଇଁ । କାହାର ଗରଜ ପଡ଼ିଛି ପାଜିଟା ସାଙ୍ଗରେ ଲାଗିକି ନିଜକୁ ବରବାଦ କରିବ? ଲୋକଟା ଯେକୌଣସି ସ୍ତରକୁ ଚାଲିଯାଇପାରେ । ବାପ ଥିଲା ରାଜାଙ୍କ ସରବରାକାର । ଢେର ସମ୍ପତ୍ତି ଛାଡ଼ିଯାଇଛି । ଇଏ ବସିବସି ଅଯସ କରୁଛି । ଏଇଟା

Digitized by srujanika@gmail.com

ଏଡ଼େ ପାଷଣ୍ଡ ଥିଲା, ଗାଁ ରେ ଏକାସମୟରେ ଜଣେ ବିଧବା ସ୍ତ୍ରୀଲୋକ ଆଉ ତା'ର ଝିଅକୁ ଗର୍ଭବତୀ କରିପକେଇଥିଲା । ନୈତିକତା, ମୂଲ୍ୟବୋଧ ବୋଲି ଜିନିଷ ତା'ର ଆଦୌ ନାହିଁ । ଏଡ଼େ ସ୍ୟାଡ଼ିଷ୍ଟ ଯେ ତା'ର ଅବସର ବିନୋଦନର ମାଧ୍ୟମ ହେଲା, ବୁଲାକୁକୁରଙ୍କ ମଳଦ୍ୱାରରେ ପେଟ୍ରୋଲ ଢାଳି ତା' ପଛରେ ଗୋଡ଼େଇବା । ପେଟ୍ରୋଲ ଲାଗି ପ୍ରଚୁର ପୋଡୁଥିବ ମଳଦ୍ୱାର । କୁକୁରଟା ପ୍ରାଣବିକଳରେ ଦୌଡୁଥିବ ଇଆଡ଼େ ସିଆଡ଼େ, ଇଏ ତା' ପଛରେ ଗୋଡ଼େଇଥିବ । ଏ ବୟସରେ ତା'ର ଏଇସବୁ କାଣ୍ଡ । କଲେଜ କାମ ତାକୁ କିଛି ଜଣାନାହିଁ । ଚାକିରିଟା ସଉକରେ କରିଛି । ଚାକିରି ଚାଲିଗଲେ ବି ତା'ର ଭୟ ନାହିଁ । ତେଣୁ ମନହେଲେ ଆସେ, ଯାଏ । ଏମିତି ଏମିତି ରିଟାୟାରମେଣ୍ଟ ବେଳ ହେଲାଣି । ଆଉ କ'ଣ ସୁଧୁରିବ ?"

"କିନ୍ତୁ ପ୍ରିନ୍ସିପାଲମାନେ କିଛି ଆକ୍ସନ ନଉନାହାଁନ୍ତି କାଇଁକି ?" ମୁଁ ପଚାରିଲି ।

"ଏ ଦୁଷ୍ମନ୍ତବାବୁ ଯେତେବେଳେ ଭାଇସ-ପ୍ରିନ୍ସିପାଲ ଥିଲେ, ୟା'ଙ୍କୁ ଥରେ ଅନ୍‌ଅଥରାଇଜଡ୍ ଆବ୍‌ସେନ୍ସ ପାଇଁ ଶୋ' କଜ୍ ନୋଟିସ ଦେଇଥିଲେ । ସେତେବେଳେ କ୍ରୋଧୀ ଦୁର୍ବାସା ଦିଗମ୍ବର ମିଶ୍ର ପ୍ରିନ୍ସିପାଲ ଛୁଟିରେ ଥାଆନ୍ତି । କିଛି ମାଷ୍ଟ୍ର ଟିହାଟିହି କରିବାରୁ ଦୁଷ୍ମନ୍ତବାବୁ ନୋଟିସ ତ ଦେଇଦେଲେ, ଆଉ ଯାଆନ୍ତି କୁଆଡ଼େ ? ମଧୁବାବୁ ତ ତା'ର ଉତ୍ତର କିଛି ଦେଲେନି । ଦିଗମ୍ବର ମିଶ୍ର ପାଖକୁ ଯେମିତି ଏ ଖବର ଗଲା, ଛୁଟି କ୍ୟାନସଲ କରି ବୁଢ଼ା ଫେରିଆସିଲା । ଶିକ୍ଷକ, କର୍ମଚାରୀ, ଛାତ୍ର ସମସ୍ତଙ୍କ ସାମ୍ନାରେ ଏଭଳି ବେଇଜ୍ଜତ୍ କଲା ଯେ ଦୁଷ୍ମନ୍ତବାବୁର ମାଇଲଡ୍ ହାର୍ଟ ଆଟାକ ହେଇଗଲା ତିନି ଚାରିଦିନ ପରେ । ଯୋଉ ମାଷ୍ଟ୍ରସବୁ ଟିହାଟିହି କରିଥିଲେ ସେମାନେ ଲାଞ୍ଜ ଯାକି ପାର୍ । ମଧୁବାବୁ ପ୍ରତି ବୁଢ଼ାର ସ୍ନେହର ରହସ୍ୟ ମଧୁବାବୁ ନିଜେ ମୋତେ କିଛିଦିନ ପରେ କହିଥିଲେ ।"

"କ'ଣ ସେ ରହସ୍ୟ ?" ମୁଁ ପଚାରିଲି ।

"ସରୁ ବାସୁମତି ଅରୁଆ ଚାଉଳ ଓ ଖାଣ୍ଟି ଗୁଆଘିଅ ପାଇଁ ବୁଢ଼ାର ଖୁବ୍ ଦୁର୍ବଳତା । ବୁଢ଼ା ଏଠି ପ୍ରିନ୍ସିପାଲ ହେଇ ରହିଲା ତିନିବର୍ଷ । ବର୍ଷସାରା ପ୍ରତି ସୋମବାର ମଧୁବାବୁ ତା' ଗାଁରୁ ଦି'କେଜି ବାସୁମତି ଚାଉଳ, ଅଠେକି ଖାଣ୍ଟି ଗାଈଘିଅ ଓ ଟଟକା ପରିବା ତା କ୍ୱାର୍ଟର୍ସରେ ନେଇ ପହଞ୍ଚେଇ ଦଉଥିଲେ । ଦୁଷ୍ମନ୍ତବାବୁ ଚାର୍ଜ ନବାପରେ ଏ ସୋମବାରିଆ ଭାର ଏବେ ତାଙ୍କ ଘରେ ପହଞ୍ଚୁଛି । ଏଇ ମଧୁବାବୁ ପାଇଁ ସମସ୍ତଙ୍କ ସାମ୍ନାରେ ବେଇଜ୍ଜତ୍ ହେଇଥିଲେ । ଏବେ ଯାଆନ୍ତୁ ଦେଖିବେ ଦିହିଁଙ୍କ ଭିତରେ କ୍ଷୀରନୀର ସମ୍ପର୍କ ।"

Digitized by srujanika@gmail.com

ଗାନ୍ଧୀବାବୁ ତାଙ୍କ ଅଫିସ ତାଲା ଖୋଲିଲେ । ଫ୍ୟାନ ଅନ କରିଦେଇ କହିଲେ, "ବସନ୍ତୁ ।" ଆମେ ବସିବାପରେ ଗାନ୍ଧୀବାବୁ ପୁଣି ଆରମ୍ଭ କଲେ, "ଟଲରେଟ କେମିତି କରୁଛି ବୋଲି ଆପଣ ପଚାରୁଥିଲେ ନା ? ଏଠି କାହାକୁ ଧରି ଆପଣ ଲଢ଼େଇ କରିବେ ? ଇଭିନିଂ କଲେଜ ଯେବେଠୁ ସକାଳୁ ହଉଛି, ପ୍ରିନ୍ସପାଲ କଲେଜ ଜେନେରେଟରଟା ନେଇଯାଇଛନ୍ତି ନିଜ ଘରକୁ । ଏଇ ମଧୁବାବୁର ସଲାସୁତରାରେ । ଯିଏ ପ୍ରିନ୍ସପାଲ ଚାର୍ଜ ନବ ତାକୁ ମଧୁବାବୁ ମୂଳରୁ ଖାଇ କରିଦେବେ । ଫଳରେ ସିଏ ଆଉ ବେଶି ତୁମ୍ଭିତୋଫାନ କରିବନେଇଁ । ସେତେବେଳେ ସବୁ ମୁତୁରୀ ଶୋଇବେ ଆଉ ହେଁସ ଧୋଇବାକୁ ପଡ଼ିବନି ।"

"କିନ୍ତୁ ଟିଚର୍ସ କାଉନ୍‌ସିଲର ? ଆପଣ ତ ଟିଚର୍ସ କାଉନ୍‌ସିଲ୍‌ର ସେକ୍ରେଟାରୀ । ସବୁ ଟିଚର ଏକାଠି ହେଇ କରପ୍‌ସନ ଏଗେନ୍ସଟ୍‌ରେ ସ୍ୱର ଉଠେଇପାରନ୍ତେ ?" ମୁଁ ଏଥର ଖୁବ୍ ନରମ ସ୍ୱରରେ କହିଲି ।

"ମୁଁ କ'ଣ ପୂରା କାହାଣୀ ସାଇଲିଣି ? ଭାଇସ ପ୍ରିନ୍ସପାଲ ସେନ୍‌ବାବୁଙ୍କ କଥା ଶୁଣିବେ ? ତାଙ୍କର ଜଣେ ଛାତ୍ର ତା ସ୍ତ୍ରୀକୁ ୟା'ଙ୍କ ଅଧୀନରେ ପିଏଚ୍‌ଡ଼ି ରେଜିଷ୍ଟ୍ରେସନ କରେଇଦେଲା । ଏବେ ସିଏ ନିଜ ସ୍ୱାମୀକୁ ଛାଡ଼ି ୟା'ଙ୍କର ଉପପତ୍ନୀ ହେଇ ରହିଛି । ସେନ୍‌ବାବୁଙ୍କ ଝିଅମାନେ ବାହା ହେବାକୁ ହେଲେଣି । ଏ ବୟସରେ ଏକଥା କାହାକୁ କହିବେ ବୋଲି ମାଡ଼ାମ ଚୁପଚାପ ଅଛନ୍ତି । କୋର୍ଟ କଚେରିକୁ ଯାଇନାହାଁନ୍ତି । ଅଲଗା ଅଲଗା ଘର ତୋଳିଛନ୍ତି ସ୍ତ୍ରୀମାନଙ୍କ ପାଇଁ ସେନ୍‌ବାବୁ । କଲେଜର ଏଆର କଣ୍ଡିସନ୍‌ରଗୁଡ଼ାକ ସେଠି ଫିଟ୍ ହେଇଛି । ଯୋଉ ମାଡ଼ାମ କଥା ମଧୁବାବୁ କହୁଥିଲା ତା କାରନାମା ଶୁଣିଲେ ଆପଣ କାନରେ ହାତ ଦେବେ । ତେବେ ଆପଣ ବ୍ରିଲିଆଣ୍ଟ ପିଲା, ଏସବୁରୁ କ'ଣ ପାଇବେ ? ବ୍ୟାଙ୍କ ପିଓ କି ଆଇଏଏସ୍ ଦେଇ ପଳାନ୍ତୁ । ନାଇଁ ତ ନିହାତି ଯଦି ଟିଚିଙ୍ଗ କ୍ୟାରିଅର କରିବା ଇଚ୍ଛା ତେବେ ୟୁନିଭର୍ସିଟି ପାଇଁ ଚେଷ୍ଟା କରନ୍ତୁ । ଏ ଜାଗା ଆପଣଙ୍କ ପାଇଁ ନୁହଁ ।"

ଗାନ୍ଧୀବାବୁଙ୍କ କଥା ଶୁଣିବାପରେ ମୁଁ ଭାବିପାରୁ ନଥିଲି ମୁଁ କଲେଜରେ ଚାକିରି କରିବାକୁ ଆସିଛି ନା ଭୁଲ୍‌ରେ ବାଇବଲ ବର୍ଣ୍ଣିତ ସୋଡ଼ମ୍ ବା ଗୋମରାରେ କୌଣସି ଗଳିରେ ପଶିଯାଇଛି । ଶିକ୍ଷାୟତନଗୁଡ଼ିକରେ ଚଳପ୍ରଚଳ ହେଉଥିବା ମଣିଷମାନେ ଯଦି ଏଭଳି, ତେବେ ଛାତ୍ରଜୀବନରେ ଏ ପ୍ରଫେସନ ପ୍ରତି ପୋଷଣ କରିଥିବା ଯାବତୀୟ ଆଦର୍ଶବାଦୀ ଧାରଣା କ'ଣ ମୋର ପିଲାଳିଆମି ଥିଲା ?

Digitized by srujanika@gmail.com

ସେଦିନ କଲେଜରୁ ଫେରିବାପରେ ପ୍ରିନ୍ସପାଲ ଦୁଷ୍ମନ୍ତବାବୁ, ସେନ୍‌ବାବୁ ଭାଇସ ପ୍ରିନ୍ସପାଲ, ଉପପତିମାନଙ୍କ ସହ ହୋଟେଲରେ ଖଟ ଭାଙ୍ଗିପକାଇଥିବା ଦମୟନ୍ତୀ ମାଡ଼ାମଙ୍କ କଥା ଯେତେବେଳେ ଭାବିଲି ମୋର ବ୍ୟକ୍ତିକ ଅପମାନ ମୋତେ ସେତେବେଳେ ଗୌଣ ମନେହେଲା । ଯେଉଁ ପ୍ରଶ୍ନ କେତୋଟି ମୋତେ କିଛିଦିନଧରି ଆନ୍ଦୋଳିତ କରୁଥିଲା ତାହାହେଲା, ଆମେ ଶିକ୍ଷକମାନେ ସମାଜ ତିଆରି କରୁ ନା ସମାଜ ହାତରେ ଆମେ ଅସହାୟ କ୍ରୀଡ଼ନକ ? ସାରା ସମାଜ ମୂଲ୍ୟବୋଧର ସଙ୍କଟ ଭିତରଦେଇ ଗତିକରୁଥିବା ବେଳେ କେବଳ ଶିକ୍ଷାୟତନଟି ସେଥିରୁ ମୁକ୍ତ ରହିପାରିବ କି ? ଶିକ୍ଷାୟତନର ଶିକ୍ଷକ ସେଇ ଭ୍ରଷ୍ଟ ସମାଜ ଭିତରୁ ଯେହେତୁ ଆସୁଛି, ସିଏ ଏକ ଭିନ୍ନ ମୂଲ୍ୟବୋଧ ପୋଷଣ କରିପାରିବ କି ? ଯଦିବା ବ୍ୟକ୍ତିକ ସ୍ତରରେ ସିଏ ଯା' ବିରୋଧରେ ପ୍ରତିବାଦ କରେ, ତେବେ ଗଣର ଶକ୍ତି ଆଗରେ ତା' ପ୍ରତିବାଦର କ'ଣ ମୂଲ୍ୟ ରହିବ ?

ଏ ପ୍ରଶ୍ନଗୁଡ଼ିକର କୌଣସି ସନ୍ତୋଷଜନକ ଉତ୍ତର ପାଇନଥିଲି ସେତେବେଳେ । ଆଜିଯାଏ ବି ପାଇନି । ଗାନ୍ଧୀବାବୁଙ୍କ ଭବିଷ୍ୟତବାଣୀ ମୁତାବକ ମୁଁ ଅଳ୍ପମାସ ପରେ ୟୁନିଭର୍ସିଟି ଚାକିରି ପାଇ ସେ କଲେଜ ଛାଡ଼ିଦେଲି । କିନ୍ତୁ ଯେତିକି ଦିନ ସେଠି ଥିଲି ଏଇ ପ୍ରଶ୍ନଗୁଡ଼ାକ ମଧୁବାବୁଙ୍କ ଅପମାନକୁ ଆତ୍ମସ୍ଥ କରିବାରେ ମୋତେ ଢେର ସାହାଯ୍ୟ କରିଥିଲା । ଏଇଟା ହିଁ ଦର୍ଶନଶାସ୍ତ୍ରର ଚମତ୍କାରିତା । ଦର୍ଶନବିଦ୍ୟା ଗୋଟିଏ ନିର୍ଦ୍ଦିଷ୍ଟ ଘଟଣାର ସାଧାରଣୀକରଣ କରିପାରେ । ନିଜର କାପୁରୁଷତା, କର୍ମବିମୁଖତା ଓ ଭୀରୁତା ପାଇଁ ଏହା ବୌଦ୍ଧିକ ସମର୍ଥନ ଯୋଗାଡ଼ କରିପାରେ । ଗୋଟେ ସ୍ତରରେ ମୁଁ ସଚେତନ ଥିଲି ଯେ, ମଧୁବାବୁଙ୍କର ମୁଣ୍ଡ ଫଟେଇଦବା, ଏପରିକି ସମସ୍ତଙ୍କ ସାମ୍ନାରେ ଜୋରରେ ଦି'ଚାପୁଡ଼ା ପକେଇଦେବା ପାଇଁ ମୋର ସାହସ ନଥିଲା । ଏମିତିଆ ପଦକ୍ଷେପଟେ ନେଲେ ମୋର ଭବିଷ୍ୟତ କ୍ୟାରିଅର ଉପରେ ତା'ର କି ପ୍ରଭାବ ପଡ଼ିବ ସେ ନେଇ ମୁଁ ସନ୍ଦିଗ୍ଧ ଥିଲି । ତେଣୁ ମଧୁବାବୁଙ୍କ ପ୍ରତି ମୁଁ ମନ ମଧ୍ୟରେ ଧୀରେଧୀରେ ସମର୍ଥନ ଯୋଗାଡ଼ କରିନେଲି । ଅନ୍ତତଃ ଅନ୍ୟମାନଙ୍କ ଭଳି ସିଏ ହିପୋକ୍ରେଟ ତ ନୁହଁନ୍ତି । ତା'ଛଡ଼ା ମଧୁବାବୁ ଜଣେ ସାମାନ୍ୟ କିରାଣି ବୋଲି ସିନା ତାଙ୍କର ଆଚରଣ ମୋତେ ଚକ୍ଷୁଶୂଳ ହେଉଛି, ଯଦି ବିଜୁ ପଟ୍ଟନାୟକ କି ଜବାହାରଲାଲ ନେହେରୁ ଏମିତି କାମ କରିଥା'ନ୍ତେ, ମୁଁ ଯାକୁ ଅନୈତିକ ବୋଲି ଭାବିଥାଆନ୍ତି କି ? ବରଂ ଏଭଳି ଆଚରଣ ତାଙ୍କର ପୁରୁଷପଣିଆର ଅନ୍ୟତମ ଦସ୍ତାବିଜ ହେଇଥାନ୍ତା । ନିଜର ଅକ୍ଷମତାକୁ ପ୍ରାଗ୍‌ମାଟିଜ୍‌ମ, ମଧୁବାବୁଙ୍କ ନଗ୍ନ କାମୁକତାକୁ ହେଡ଼ୋନିଜ୍‌ମ, ତାଙ୍କଦ୍ୱାରା

Digitized by srujanika@gmail.com

ଯୌନଶୋଷଣରେ ଶିକାର ହେଉଥିବା ମା' ଝିଅଙ୍କର ଅବସ୍ଥାକୁ କର୍ମଫଳ, ଉପଢ଼ୌକନ ଓ ଛଳନା ମାଧ୍ୟମରେ ତାଙ୍କର କ୍ଷମତା ଓ ପ୍ରଭାବ ବିସ୍ତାରକୁ ରିଅଲ ପଲିଟିକ ଭଳି ଜାର୍ଗନରେ ସଜେଇବା ପାଇଁ ଦର୍ଶନଶାସ୍ତ୍ର ମୋତେ ଢେର ସାହାଯ୍ୟ କଲା । ଇତିହାସର ପୃଷ୍ଠାରୁ ଠାବ କଲି ରିଚାର୍ଡ଼୍ ମେଲ୍‌ଭିଲଙ୍କ କଥା । ଊନବିଂଶ ଶତାବ୍ଦୀର ସପ୍ତମ ଦଶକରେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେଇ ଇଂରେଜ କର୍ମଚାରୀ ଜଣେ ବିବାହିତ ମୁସଲମାନ ମହିଳା ବେଗମ ହାଇଦରୀଙ୍କ ସହ ଗୋପନ ପ୍ରଣୟରେ ଲିପ୍ତ ଥିଲେ । ସୁରୁଖୁରୁରେ ନିଜ ପ୍ରେମ ସମ୍ପର୍କ ବଜାୟ ରଖିବା ପାଇଁ ସିଏ କେବଳ ଧର୍ମ ପରିବର୍ତ୍ତନ କରି ମୁସଲମାନ ହେଇଗଲେ ସେକଥା ନୁହେଁ, ହାଇଦରୀଙ୍କର ନ'ବର୍ଷର ଝିଅକୁ ବି ବାହାହେଇ ପଡ଼ିଥିଲେ ।

ମଧୁବାବୁ ମୋତେ ଦେଇଥିବା ଅପମାନକୁ ହଜମ କରିବା ପାଇଁ ସେ ସମୟରେ ଏହିଭଳି ଅନେକ ବୌଦ୍ଧିକ କସରତ କରିଥିଲି । ମଧୁବାବୁଙ୍କ ଆର୍କିଟାଇପ ଖୋଜି ପହଞ୍ଚିଥିଲି ପ୍ଲେଟୋଙ୍କ ପାଖରେ । ପ୍ଲେଟୋଙ୍କ ଅନୁସାରେ ସଂସାରରେ ଦୃଶ୍ୟମାନ ହେଉଥିବା ବସ୍ତୁ ଓ ଚେତନା ସକଳଙ୍କ ଅନ୍ତରାଳରେ ଅଛି ଅମୂର୍ତ୍ତ ଚିନ୍ତାଧାରାର ଗୋଟେ ସ୍ୱର୍ଗ । ଈଶ୍ୱର ବା ଡେମିଅର୍ଜଙ୍କ ସୃଷ୍ଟିର ବହୁପୂର୍ବରୁ ବିରାଜିତ ସେଇ ଫର୍ମ ବା ଆର୍କିଟାଇପମାନଙ୍କର ସ୍ୱର୍ଗରେ ପ୍ରତ୍ୟେକ ବସ୍ତୁ ଓ ଚିନ୍ତାଧାରାର ଅସଲ ସ୍ୱରୂପ ବିଦ୍ୟମାନ । ବଡ଼ ଜଗତରେ ସେଇ ଆର୍କିଟାଇପର ବିକଳ ପ୍ରତିଫଳନ ଦେଖାଯାଏ ଯାହା । ତେବେ ମଧୁବାବୁ କୋଉ ଆର୍କିଟାଇପର ଭ୍ରଷ୍ଟ ପ୍ରତିବିମ୍ବ ?

ତାଙ୍କ କାର୍ଯ୍ୟକଳାପ ମଧ୍ୟଦେଇ କ'ଣ ପ୍ରମାଣ କରିବାକୁ ଚେଷ୍ଟାକରୁଛି ଚିରନ୍ତନ କାରିଗର ଡେମି-ଅର୍ଜ ? ମଧୁବାବୁ କ'ଣ ଦାର୍ଶନିକ ଏପିକ୍ୟୁରସଙ୍କ ଅନୁଗାମୀ ? ନିଜ ବ୍ୟକ୍ତିକ ସୁଖକୁ ନିଜର ସମସ୍ତ ପ୍ରଚେଷ୍ଟାରେ ମୂଳାଧାର ବୋଲି ଗ୍ରହଣ କରନ୍ତି ? ନିଜ କାର୍ଯ୍ୟକଳାପରୁ ସିଏ ଯଦି ଅନାହତ ସୁଖ ପାଉଛନ୍ତି, ଯଦି ତାଙ୍କ ବିବେକର ଅକୁଣ୍ଠ ସମର୍ଥନ ରହିଛି, ମୁଁ ବା ଆପଣମାନେ କିଏ ଯେ ତାଙ୍କୁ ଭଲଲୋକ ବା ମନ୍ଦଲୋକର ଶୃଙ୍ଖଳରେ ବାନ୍ଧିବ ? ଜୈନ ଅନେକାବାଦୀ ଦର୍ଶନରେ ନିଜର ବିଶ୍ୱାସ, ମୂଲ୍ୟବୋଧ ଓ ଭଲ ମନ୍ଦ ସଂଜ୍ଞା ଅନ୍ୟ ଉପରେ ଆରୋପ କରିବା ତ ଏକପ୍ରକାର ହିଂସା, ଯାହାପାଇଁ ବାରଣ ରହିଛି ।

ଏକଥା ବି ଜାଣୁଥିଲି, ମଧୁବାବୁଙ୍କ ପାଇଁ ବୌଦ୍ଧିକ ସମର୍ଥନ ଯୋଗାଡ଼ କଲାବେଳେ । ମୁଁ ଶାସ୍ତ୍ର ଓ ଦର୍ଶନ ପରମ୍ପରାଗୁଡ଼ିକର ଏକଦେଶଦର୍ଶୀ ବ୍ୟାଖ୍ୟା

Digitized by srujanika@gmail.com

କରୁଥାଇପାରେ । କିନ୍ତୁ ଏହି କସରତ୍ କିଛିଦିନ ଭିତରେ ମୋତେ ଅପମାନ, ମଧୁବାବୁ ଓ ସେ ଛୋଟ ସହରରେ ଥିବା କଲେଜରେ ମୋର ସମସ୍ତ ତିକ୍ତମଧୁର ଅନୁଭୂତିକୁ ଭୁଲିଯିବାରେ ସାହାଯ୍ୟ କଲା । ଯଦି ପୁଣି ଏକ ଅଧିକ ନାଟକୀୟ ପରିସ୍ଥିତିରେ ମୋର ମଧୁବାବୁଙ୍କ ସହ ସାକ୍ଷାତ୍ ହୋଇନଥାନ୍ତା, ତେବେ ମୁଁ ହୁଏତ ତାଙ୍କୁ ପୂରାପୂରି ଭୁଲିଯାଇଥାନ୍ତି ଆଉ ଆପଣଙ୍କୁ ଏ ବିବରଣୀ ପଢ଼ିବାକୁ ପଡ଼ିନଥାନ୍ତା ।

ୟୁନିଭର୍ସିଟିରେ ଯୋଗଦେବାର ତିନିଚାରି ବର୍ଷ ପରେ ଚାକିରି ସଂକ୍ରାନ୍ତ କିଛି କାଗଜପତ୍ର ଆଣିବାପାଇଁ ମୋର ପୁରୁଣା କଲେଜ ବାହାରିଲି । ବସ୍‌ଷ୍ଟାଣ୍ଡରେ ଓହ୍ଲାଇ କିଛିବାଟ ଚାଲିଚାଲି ଗଲି । ଇଚ୍ଛାଥାଏ, ପ୍ରଥମେ କୌଣସି ଚା' ଦୋକାନରେ ଚା' ପିଇବି, ତା'ପରେ ରିକ୍ସା ଧରି ହୋଟେଲକୁ ଯିବି । ନିତ୍ୟକର୍ମ ସାରି କଲେଜ ବାହାରିବି । ସେତେବେଳେକୁ ସୂର୍ଯ୍ୟ ଉଠିନଥାଏ । ଅଧିକାଂଶ ଚା' ଦୋକାନ ଖୋଲିନଥାଏ । ଏମିତି ଚାଲିଚାଲି ଅନେକବାଟ ଚାଲିଆସିଲିଣି । ହଠାତ୍ ସାମ୍ନାରେ ଦେଖିଲି ଠିଆହୋଇଛନ୍ତି ମଧୁବାବୁ । କପାଳରେ ସିନ୍ଦୂରକଳି । ହାତରେ ମନ୍ଦାରମାଳ କେତୋଟି । ପିନ୍ଧିଛନ୍ତି ଗୋଟେ ଗେରୁଆ ଲୁଗା । ଦେହରେ ଘୋଡ଼େଇଛନ୍ତି ଗୋଟେ ମଠା ଚାଦର । ବେକରେ ଓହଳିଛି ତିନିପରସ୍ତ ରୁଦ୍ରାକ୍ଷ ମାଳା । ପାଦରେ କଠଉ । ପରିପାଟୀରୁ ମନେ ହେଉଥାଏ, ଭୋର୍‌ରୁ ଗାଧୋଇପାଧୋଇ ବାହାରିଛନ୍ତି ମନ୍ଦିର । ରାସ୍ତାରେ ତ ସେମିତି ଲୋକବାକ ଚଳପ୍ରଚଳ ବେଶି ନଥିଲା । ତେଣୁ ଖୁବ୍ ସ୍ୱାଭାବିକ୍ ଭାବରେ ତାଙ୍କ ଦୃଷ୍ଟି ମୋ' ଉପରେ ପଡ଼ିଲା । ଖୁବ୍ ଖୁସିଟାଏ ହୋଇ ଚିତ୍କାର କଲେ, "ଆରେ ନୂଆ ସାର୍ ଯେ ?"

"ନମସ୍କାର ମଧୁବାବୁ, ମୁଁ ଆଉ କ'ଣ ନୂଆ ଅଛି ? ବୁଢ଼ା ହେଇଗଲିଣି ପରା ।"

"ଆପଣ ଯେତେ ବୁଢ଼ା ହେଲେ ବି ଆମ ପାଇଁ ନୂଆ ସାର୍ ନା । କ'ଣ ବାହାଘାଆ ହେଲେଣି ନା ସେମିତି ଅଭିଆଡ଼ା ଅଛନ୍ତି" ?

"ସେକଥା ଛାଡ଼ନ୍ତୁ ମ, ଆପଣଙ୍କର ଏ ନୂଆ ଅବତାର ବିଷୟରେ କୁହନ୍ତୁ ।"

ମଧୁବାବୁଙ୍କ ବେଶଭୂଷା, ସକାଳୁ ଗାଧୋଇପାଧୋଇ ମନ୍ଦିରଯାତ୍ରାରୁ ମୋର ମନେପଡୁଥିଲା ରାମାୟଣର କାହାଣୀ । ଯଦି ରତ୍ନାକର ବାଲ୍ମୀକି ହୋଇପାରିଲା, ମଧୁବାବୁ ଶେଷ ଜୀବନରେ ଧର୍ମକର୍ମ ଆଡ଼କୁ ଢଳିବାରେ ଅସୁବିଧା ରହିଲା କେଉଁଠି ?

"ସିଏ ଗୋଟେ ଲମ୍ବା ଇତିହାସ । ଏଇଠି କ'ଣ ରାସ୍ତାରେ କହିହବ ? ତା' ଛଡ଼ା ମନ୍ଦିର ଖୋଲାହେଲେ ସକାଳ ନୀତି ଆରମ୍ଭ ହବ ।"

Digitized by srujanika@gmail.com

"ଆରେ ଠିକେଠିକେ କୁହନ୍ତୁ ନା । ଦିନେ ଅଧେ ପୂଜା ଡେରି ହେଇଗଲେ ଠାକୁର ରାଗିବେନି ମ ।" ମୋ ଉତ୍ସୁକତା ଏଥର ଆହୁରି ତୀବ୍ର ଥିଲା ।

"ଠାକୁର ନୁହେଁ ଠାକୁରାଣୀ । ଭାରି ପ୍ରତ୍ୟକ୍ଷ ଓ ରାଗୀ ଠାକୁରାଣୀ ସିଏ । ଏଇ ଯୋଉ ମନ୍ଦିର ଦେଖୁଛନ୍ତି, ସେଠି ପ୍ରତିଷ୍ଠା ହେଇଛନ୍ତି ।"

ପନ୍ଦର କୋଡ଼ିଏ ଗଜ ଦୂରରେ ଦେଢ଼ପୁରୁଷ ଉଚ୍ଚାର ମନ୍ଦିର ଆଡ଼କୁ ନିର୍ଦ୍ଦେଶ କରୁଥିଲେ ମଧୁବାବୁ । ମୁଖ୍ୟ ରାସ୍ତା ଓ ମାର୍କେଟ କମ୍ପ୍ଲେକ୍ସର ମଝାମଝି । ଯାହା ମନେ ପଡୁଥିଲା ସେ ଜାଗାଟା ମାର୍କେଟ କମ୍ପ୍ଲେକ୍ସର ଅଗଣା ଥିଲା । ବଜାର କରିବାକୁ ଆସୁଥିବା ଲୋକେ ସେଠି ନିଜର ଯାନବାହନ ରଖୁଥିଲେ । ମନ୍ଦିରଟି ଦୁଇତିନିଟି ଦୋକାନରେ ମୁଖ୍ୟ ଦ୍ୱାରକୁ ଆଗୁଳି ପକେଇଛି ।

"ମନ୍ଦିର ସାମ୍ନାରେ ସେଇ ଗହଣା ଦୋକାନ ଦେଖୁଛନ୍ତି ?

ସେଇ ଜାଗାଟା ସାହୁବାବୁର ଥିଲା । ଆପଣଙ୍କ ଆଡ଼ିଆ ଲୋକ । ଲୁଗା ଦୋକାନ କରିଥିଲା । ତିନିଚାରି ବର୍ଷ ତଳେ ଦୋକାନ ବିକିକି କଟକ ଚାଲିଯିବାକୁ ବାହାରିଲା । ମୋ ଘରଟା ତ ଏଇ ପାଖରେ । ଭାବୁଥିଲି ରିଟାୟାର ପରେ ଗୋଟେ ଦୋକାନଫୋକାନ କରି ବସିବି । ସାହୁବାବୁକୁ କହିଲି, ବିକିବାର ଥିଲେ ମୋତେ କହିବୁ । ମୁଁ କାଳେ କମ୍ ଦାମ୍‌ରେ କିଣିବି, ସେଇ ଭୟରେ ସିଏ ରାତାରାତ ପାଖ ମାରୁଆଡ଼ିକୁ ବିକିଦେଇ ପାର । ମୋର ରାଗ ଚଢ଼ିଲା । ଶଳା ମାରୁଆଡ଼ି ତୁ ଜାଣିଛୁ, ମଧୁଦାସର ଶ୍ୟେନ ନଜର ସେଠି ପଡ଼ିଛି, ତଥାପି ରାତିଅଧିଆ ବେପାର କରିଦେଲୁ ? ଭାବିଲି ଶଳାକୁ ପାନେ ଦେବି । ଡବଲ ମୁନାଫା କରିବାକୁ ଦୁଇଟା ଦୋକାନ ନେଇଛୁ ନା, ତୋ ରୋଜଗାର ଯଦି ଅଧା କରି ନଦେଇଛି ତା' ହେଲେ ମୋ ନାଁରେ କୁତ୍ତା ପାଳିବୁ ।

"ସେଦିନ ବର୍ଷା ଚାଲୁଥାଏ । ରାତିଅଧିଆ ଟର୍ଚ୍ଚ ଧରି ରାସ୍ତାକଡ଼ ଡ୍ରେନ୍‌ରୁ ଗୋଟେ ବଡ଼ ମାଙ୍କଡ଼ା ପଥର ହୁଗାଳି ଦେଲି ଶାବଳରେ । କରଣିରେ ଚାରିପଟ ଘଞ୍ଚିଘଞ୍ଚି ପାଲିସ କରିଦେଲି । ନିହାଣ ମାରି ତା' ଉପରେ ପାଟି, ଆଖି ନାକ ଖୋଳି ପକେଇଲି । ରାଶିତେଲରେ ମିଶେଇ ବହଳିଆ କରି ସିନ୍ଦୂର ଲେପିଦେଲି ସେ ପଥର ଉପରେ । ବର୍ଷା ଯେମିତି ସକାଳୁସକାଳୁ ଛାଡ଼ିଛି, ସେ ଦୋକାନ ସାମ୍ନାରେ ତାକୁ ନେଇ ଥୋଇଦେଲି । ଚାରିଟା ରାବେଣା ବାଡ଼ି ଚାରିକଡ଼ରେ ପୋତିଦେଇ ତା' ଉପରେ ଗୋଟେ ସରୁ ଝାଲେର କନା ଟାଙ୍ଗିଦେଲି । ଦଶ କିଲୋମିଟର ଆଗରେ ଯୋଉ ଆଦିବାସୀ ଗାଁ ଅଛି, ସେଠି ଆଗରୁ ଯୋଡ଼ାଏ କାଳିସୀଙ୍କୁ ମଦ ଆଉ ପଇସା ବଇନା

Digitized by srujanika@gmail.com

ଦେଇଥିଲି । ଯେମିତି ଲୋକବାକ ଚଳପ୍ରଚଳ ଆରମ୍ଭ ହେଇଛି, ସେ ଦିଇଟା ପେଟେପେଟେ ମଦ ପିଇଦେଇ ହାତରେ ମୟୂରପୁଚ୍ଛଲୁଗା ବାଡ଼ିଧରି ସେଇପଥର ସାମ୍ନାରେ ଖାଲି ଗଡ଼ିଯାଉଥାନ୍ତି, ଗଡ଼ିଆସୁଥାନ୍ତି କଥା କ'ଣ ? କ'ଣନା କାଲି ରାତିରେ ମା' ସପ୍ନେଇଛନ୍ତି । ଏଇଠି ଦର୍ଶନ ଦେବେ କହିସିନ୍ତି । ସେଇଥିପାଇଁ ସେମାନେ ଭୋଅରୁ ଉଠି ଦି'କୋଶ ବାଟ ଚଲିଚଲି ଆସିବା ବେଳକୁ ସତକୁସତ ଏଇଠି ପ୍ରତ୍ୟକ୍ଷ । ସେମାନଙ୍କ ନାଟ ଦେଖିତେ ଲୋକ ଭିଡ଼ ଦେଖିବେ କ'ଣ ସାର୍ । ପରା ଗାଡ଼ିମଟର ବନ୍ଦ ହେଇଗଲା । ପୁଲିସ ଆସି ସେମାନଙ୍କୁ ଥାନାକୁ ନବାରେ ରାସ୍ତା ସଫା ହେଲା । ସେଇ ଦି'ଘଣ୍ଟା ଭିତରେ ଠାକୁରାଣୀ ସାମ୍ନା କେର୍‌ପାଲ ଉପରେ ଯେମିତି ରେଜା ପଇସା ଭକ୍ତମାନେ ପକେଇଥିଲେ, ହିସାବ କଲାବେଳକୁ ଏଗାରହଜାର ଟଙ୍କା । ସାଙ୍ଗେସାଙ୍ଗେ ସାଇ କମିଟି ଗଢ଼ାହେଲା । ସ୍ଥିର ହେଲା, ମା'ଙ୍କର ସ୍ଥାୟୀ ମନ୍ଦିର ଗଢ଼ାଯିବ । ମୁଁ ହେଲି କମିଟିର ସଭାପତି । କାରଣ ଯେତିକି ରେଜା ଆଦାୟ ହେଇଥିଲା, ଠିକ୍ ସେତିକି ମୋ'ତରଫରୁ ମୁଁ ପକେଟରୁ କାଢ଼ି ଜମା କରିଦେଲି । ତା'ପରେ ତ ଖାଲି ହୁହୁ ହେଇ ଚନ୍ଦା ଓଜାଡ଼ି ହେଇ ପଡ଼ିଲା । ଯେତିକି ଶାଢ଼ି ଆଉ ନଡ଼ିଆ ଭକ୍ତମାନେ ମା'ପାଇଁ ଲାଇନ ବସ୍‌ରେ ପଠେଇଲେ, ତାକୁ ନିଲାମ କରି ଦି'ବର୍ଷରେ ମନ୍ଦିର ଚୂଳ ମରିଲା । ଛ'ମାସରେ ସରିଯାଇଥା'ନ୍ତା । ଏ ମାରୁଆଡ଼ି ତା' ଦୋକାନ ସାମ୍ନାରୁ ମନ୍ଦିର ହଟେଇବା ପାଇଁ କେଶ୍ କରିଦେଲା । ଗୋଟେ ଦଣ୍ଡା ଏସ୍.ଡ଼ି.ଓ ଥିଲା ଯେ ସିଏ ପୁଲିସ ଲଗେଇ ଗୋଟେ ଥର ଭାଙ୍ଗି ପକେଇଲା ଅଧାଅଧି କାନ୍ଥ । କାନ୍ଥଭଙ୍ଗାର ମାସକ ପରେ ସେ ଏସ୍‌ଡ଼ିଓର ଗାଡ଼ି ଆକ୍ସିଡ଼େଣ୍ଟରେ ଗୋଡ଼ଟା ଭାଙ୍ଗିଗଲା । ତା'ପରେ ଆଉ କି ଲୋକ ସମ୍ଭଳା ପଡ଼ନ୍ତି ? ଧାଏଁଧାଏଁ ଉଠିଲା ମନ୍ଦିର । ଅବିକା ନଡ଼ିଆ, ଶାଢ଼ି, ଆଉ ଦକ୍ଷିଣାର ହିସାବ ରଖିବାକୁ ଦି'ଟା ଲୋକ ରଖିଛି । ଦୋକାନ କରିଥିଲେ ଯେତିକି ଇନ୍‌କମ କରିଥା'ନ୍ତି ଲାଇଫ୍ ସାରା, ଅବିକା ଗୋଟେ ବର୍ଷରେ ସେତିକି କାରବାର କରୁଛି ।"

"ମଧୁବାବୁ ! ଲୋକମାନେ ଯଦି ଜାଣିଯିବେ ମନ୍ଦିରର ଇତିହାସ ?" ମୁଁ ପଚାରିଲି ।

"ଆଜ୍ଞା କିଏ କହିବ ଆଉ କିଏ ବିଶ୍ୱାସ କରିବ ଏ ଇତିହାସ ? ଯିଏ ଏ ଇତିହାସ କହିବ, ଲୋକେ ତା' ଚମ ଓଟାରିଦେବେନି ? ଥରେ ଗୋଟେ ଚକ ଗଡ଼ିଗଲେ ସିଏ ବାରହାତ ଯିବାକଥା ଯିବ । ଆପଣଙ୍କ ରାଜଧାନୀରେ ଅବିକା ଯେତେ କଲେଜ, ୟୁନିଭର୍ସିଟି ସବୁ ଅଛି, ଯୋଉ ବଡ଼ବଡ଼ କଳକାରଖାନା, ବେପାରବଣିଜ ଚାଲିଛି, ତା'ପଛରେ ଇତିହାସ ଖୋଳିବେ ତ ! ସବୁ ଆଜ୍ଞା ଦାରିଗିରି, ଜୁଆଚୋରିରୁ ଆରମ୍ଭ ।

Digitized by srujanika@gmail.com

ଅବିକା ସେଠି ଯୋଉ ପିଲା ପାଠପଢ଼ି ଶିକ୍ଷିତ ହେବେ, ଦେଶ ଗଢ଼ିବେ ବୋଲି ଆସୁଛନ୍ତି, ସେମାନେ ସେଠାକାର ଇତିହାସ କ'ଣ ଜାଣୁଥିବେ ? ଏ ମନ୍ଦିର କ'ଣ ଅବିକା ଆଉ ମଣିଷ ହାତରେ ଅଛି ? ଅବିକା ଠାକୁରାଣୀ ପା ନିଜେ କଣ୍ଟ୍ରୋଲ କରୁଛି । ମୁଁ ଆଜ୍ଞା ଏଥର ଆଉଚି । ମନ୍ଦିର ଖୋଲିଲେ ପୂଜାରୀ ନନା ଆଳତି କରିବ । ଆଗରେ ମହାଳୟା ପୂଜା । ପୂଜା ଜିନିଷ ବରାଦ ହବ ।" ମଧୁବାବୁ ମନ୍ଦିର ଆଡ଼େ ଆଗେଇଲେ ।

ମଧୁବାବୁଙ୍କ ସାହସକୁ ମନେମନେ ତାରିଫ କଲି । ମନ୍ଦିରର ବିପରୀତ ଦିଗରେ ମୋ ହୋଟେଲର ରାସ୍ତା । ମୁଁ ହୋଟେଲ ଆଡ଼କୁ ଯିବା ପୂର୍ବରୁ ମନ୍ଦିର ଆଡ଼େ ଅନାଇ ଜଗନ୍ନାଥଙ୍କୁ ପ୍ରଣାମ କଲି । କିଛିଦିନ ପରେ ଦୁର୍ଗାପୂଜା । ଏକଦା ଏଇ ଜଗତଜ୍ଜନନୀ ଦୁର୍ଗା ରୂପରେ ନିଜର ଉଲଗ୍ନ ଶରୀରର ରୂପସମ୍ଭାରରେ ପ୍ରଥମେ ପ୍ରଲୁବ୍ଧ ଓ ବିହ୍ୱଳ କରି ପରେ ମହିଷାସୁରକୁ ବଧ କରିଥିଲେ । ଦେବୀ ଦୁର୍ଗାଙ୍କୁ ଆଉଥରେ ପ୍ରଣାମ କରି ମୋ ଗନ୍ତବ୍ୟ ପଥରେ ଆଗେଇଲି ।

Digitized by srujanika@gmail.com

ପଡ଼ୋଶୀ

ହସିଦେଲେ ଠିକ୍ ବ୍ରଜମଉସାଙ୍କ ଭଳି ଦେଖାଯାଆନ୍ତି । ପ୍ରଥମଥର ଯେବେ ଦେଖାହେଲା ସୀମାଅପାଙ୍କ ଘରେ, ସେମିତି ହସିଦେଲେ । ମୋ ଛାତିର ଦୁକୁଦୁକି ବନ୍ଦ ହେଇଗଲା ଦଣ୍ଡେ । ସୀମାଅପା ସିନା ବ୍ରଜମଉସାଙ୍କୁ ଦେଖିନାହାଁନ୍ତି, ମୁଁ ତ ସ୍କୁଲ ପଢ଼ିଲାବେଳୁ ତାଙ୍କୁ ଦେଖିଛି ନା !

ଭୋର ତିନିଟାରୁ ଉଠି ବସିଛି ଏଇଠି ଯେ ବସିଛି । କେତେଟା ବାଜିଲାଣି ଏଇନା କେଜାଣି ? ଭାରି ଶୀତ ପଡ଼ିଛି ତ, ବେଳ ଜଣାପଡୁନି । କେହି ବି ଉଠିନାହାଁନ୍ତି । ସହଜେ ତ ଡେରିରେ ଉଠନ୍ତି, ତା' ଉପରେ ଇଏ ଶୀତରାତି । ମୋତେ କିନ୍ତୁ ନିଦ ନାଇଁ । କେମିତି ନିଦ ହବ ଯେ ! ଅବଶ୍ୟ ଭୋରରୁ ଉଠେ ସବୁଦିନ । ଗାଧୋଇପାଧୋଇ ସାରି ଠାକୁରପୂଜା କଲାବେଳକୁ ଦେଖେ ପ୍ରଭାକରଙ୍କୁ । ଆମ ଠାକୁରଘର ଝରକାରୁ ସିଧା ଦିଶେ ତାଙ୍କ ବାଥ୍ରୁମ । ବେଳେବେଳେ ଝରକା ନ ଆଉଜେଇ ବାଥ୍ରୁମରେ ଦାଢ଼ି ଖିଅର ହଉଥା'ନ୍ତି କି ବ୍ରସ୍ କରୁଥା'ନ୍ତି ଦାନ୍ତ । ସିଏ କେମିତି ଜାଣିବେ, ମୁଁ ତାଙ୍କୁ ଲୁଚିଲୁଚି ଦେଖୁଛି ? ଯେତେଥର ଲୁଚିଲୁଚି ଦେଖିଛି କେମିତି ଦୋଷୀଦୋଷୀ ଲାଗେ । ବଜ୍ରାଙ୍ଗବାଲୀଙ୍କ ପାଖରେ କ୍ଷମା ମାଗେ । ଆଜି ଯୋଉ ପରିସ୍ଥିତି, ସେଥିରୁ କେବଳ ଏଇ ବଜ୍ରାଙ୍ଗବାଲୀ ହିଁ ମୋତେ ରକ୍ଷା କରିପାରିବେ ।

ନିଦ ତ ହେଲାନି ରାତିସାରା । ଭାବିଲି, ଅଯଥାରେ କାଇଁକି ବିଛଣାଟା ଉପରେ ଗଡ଼ପଡ଼ ହେବି ? ଗିଜରଟା ଅନ୍ କରି ପାଣି ଗରମ କଲି । ଗାଧୋଇ ପଡ଼ି ଠାକୁରଘରେ ବଜ୍ରାଙ୍ଗବାଲୀଙ୍କୁ ଅନେଇ ବସିଛି ଯେ ବସିଛି । ଭାବିଥିଲି, ଏଠି ଆସି ନୂଆ ଜୀବନଟେ ଆରମ୍ଭ କରିବି । ଢେର ଦିନ ହେଲା ସବୁ ବି ଠିକ୍ ଚାଲିଥିଲା । କିନ୍ତୁ ଏଇ ପ୍ରଭାକର ବାବୁ ଆସି ବିଗାଡ଼ିଦେଲେ ସବୁ । ସୀମାଅପା କହୁଥିଲେ, କିଏ ଜଣେ ବଡ଼ ପ୍ରଫେସର ଆସି ରହିବେ । ଭାରି ଭଦ୍ରଲୋକ । ଲେଖକ ହିସାବରେ ଖୁବ୍ ନାଁ ଅଛି ତାଙ୍କର । ଛୋଟ ପରିବାର । ଠିକ୍ ତମରି ଭଳି । ବାପା, ମା', ପୁଅ । ତମ ସାଙ୍ଗେ ଜମିବ । ସତକୁ ସତ ଭାରି ଖାଲିଖାଲି ଲାଗୁଥିଲା ପଡ଼ିଶାଘର ଜାଗାଟା । ଛ'ମାସ ଧରି ଘର ଖାଲିଥିଲା ସେମିତି । ସୀମାଅପାଙ୍କର ତ ଭଡ଼ାପଇସାକୁ ଅନେଇବାକୁ ପଡ଼େନା । ତେଣୁ ଭଲଲୋକ ନ ଦେଖିଲେ, ସିଏ ଭଡ଼ା ଦିଅନ୍ତିନି ।

Digitized by srujanika@gmail.com

ଭାବିଥିଲି, ଭଲ ହେଲା । ଆଖପାଖରେ ମଣିଷ ରହିଲେ ଭଲ ଲାଗିବ । ପିଲାଏ ସ୍କୁଲ ଗଲାପରେ ଅକାଳେ ସକାଳେ ଦି'ପହରେ ଗପ କରିବାକୁ ଲୋକ ମିଳିଯିବେ । ସୀମାଅପା ଆସନ୍ତି ଯେ, ତାଙ୍କୁ ବେଳ କାହିଁ ସବୁଦିନେ ? ଇଏ ଗୋଦାମକୁ ବାହାରିଗଲେ ଫେରୁଫେରୁ ରାତି ଏଗାର । ଫାଁ ଗାଳି ପଡ଼ିଯିବେ ଯେ ଉଠିବେ ଦିନ ନ'କୁ । ଜଳଖିଆ ଖାଇଦେଇ ଦିନ ଦଶରୁ ପୁଣି ଗୋଦାମ । ବାକି ରହିଲେ ଏଇ ବାସନ୍ତୀ, ସ୍ୱାଇଁ ମାଉସୀ, ପାର୍ବତୀ ହେରିକା । ଏମାନେ ମିଶନ୍ତି ଯେ, ଖାଲି ଉପରେ ଉପରେ । ଭିତରେ ଜଳନ୍ତି । ଖାଲି ବଡ଼ବଡ଼ ଘରଟାମାନ କରିଦେଲେ ହେଇଗଲା ? ଏମାନଙ୍କର ଷ୍ଟାଟସ୍ କ'ଣ ? ନିହାତି ଗାଉଁଲିଆ । କାହାର ଇନ୍‌କମ କେତେ, କିଏ କୋଉଠୁ ପଇସା ଆଣିଲା, କିଏ ଥ୍ରୀଡ଼ି ଟି.ଭି. ଲଗେଇଲା, କିଏ ଲେଟେଷ୍ଟ ମଡ଼େଲ ଫ୍ରିଜ୍ ଆଣିଲା, କାହା ଝିଅ କାହା ସାଙ୍ଗରେ ଲୁଚିଲୁଚି ମିଶୁଛି, କୋଉ ଟୋକା କାହାକୁ ଉଡ଼େଇ ନେଲା, ସେଇ ବିଷୟରେ ଚର୍ଚ୍ଚା ।

ମୋ ପଛରେ ବି ଚର୍ଚ୍ଚା କରୁଥିବେ ନିଶ୍ଚେ । ଆଉ ଡଲି ବିଷୟରେ ? ମୁଁ କୋଉ ଖାତିର କରେ କି ? ମୁଁ ତ ଜନମ କଲା ବାପାମା'ଙ୍କୁ ଖାତିର କରେନି, ଇଏ ଆଇଲେ କୋଉ ପୀର ? ମୁଁ ସବୁକଥାକୁ ଜଗି ଚଳୁଥିଲେ, ଆଜି କୋଉଠି ଥାଆନ୍ତି ଯେ ? ବାପାମା'ଙ୍କ କଥା ମାନିଥିଲେ, କୋଉ ଅଫିସରେ ପିଅନ କି ବେଙ୍କ୍‌ର କିରାଣିକୁ ବାହାହେଇ ଥାଆନ୍ତି । ପୁଣି ସିଏ ଯୌତୁକ ପାଇଁ ଜିଗର ଲଗେଇ ଥାଆନ୍ତା । ଶାଶୂ, ଶଶୂର, ନଣନ୍ଦ, ଦିଅରପଲଙ୍କ ସେବା କରିକରି ଦିନ କଟୁଥାଆନ୍ତା । ଏମାନେ ମିଶିମାଶି କେତେବେଳେ ଜଳେଇ ଦେଇନଥା'ନ୍ତେ କିଏ କହିବ ? ଆଜିକାଲି ଯୌତୁକ ପାଇଁ କେତେକେତେ ସ୍ତ୍ରୀଲୋକ ଜଳିଯାଉଛନ୍ତି ସବୁଦିନ । ଖବରକାଗଜରେ ତ ଖାଲି ଏଇ ସମ୍ବାଦ । ତା'ପରେ ମୋର ଯୋଉ ରୂପ । ଚଉଦ ପୂରିନି, ଗାଁ ଦାଣ୍ଡରେ ଚାଲିବା ମୁସ୍କିଲ ହୋଇଯାଉଥିଲା । କିଏ ଶୁଷୁରି ବଜେଇଲାଣି ତ କିଏ ବଜାରିଆ କଥା କହିଲାଣି । ପହିଲେ ଭାରି ଅଖାଡୁଆ ଲାଗୁଥିଲା । ଲାଗୁଥିଲା, ଭଗବାନ୍ ରୂପ ଦେଇନାହାଁନ୍ତି ଯେ ଅଭିଶାପ ଦେଇଛନ୍ତି । ପରେ ଦେହସୁହା ହୋଇଗଲା । ଏ ପୁରୁଷଜାତିଟାକୁ ଯେତେବେଳେ ଜାଣିଗଲି, ମୋତେ ଭାରି ଭଲ ଲାଗିଲା ଏ ରୂପ । ଭାବିଲି, ଏଇଆକୁ ନେଇ ଖେଳ ଖେଳାଯାଇପାରେ । ଏ ଖେଳରେ ବିପଦ ଢେର । କିନ୍ତୁ ଠିକ୍ ଖେଳି ଜାଣିଲେ ଫାଇଦା ହିଁ ଫାଇଦା । ପାଟି ଟିକେ ଏପଟସେପଟ ହେଲେ ଚାଲିଯିବ ଜୀବନ । ବଦନାମ ହେଇଯିବ ସମାଜରେ । ମୋଠୁ କେତେ ଅସନା ଦିଶୁଥିବା ଝିଅ ବି

Digitized by srujanika@gmail.com

ନିଜ ବୋକାମି ଯୋଗୁଁ କେଡ଼େ ହଟହଟା ହେଉଛନ୍ତି । ବିଶ୍ୱାସରେ ବିଷ ମିଶେଇ ଧର୍ଷଣ କରି ଛାଡ଼ିଦବା କି ମାରିଦବା ପାଇଁ ଟୋକାଙ୍କର କ'ଣ ଅଭାବ ଅଛି କୋଉକାଳେ ?

ଡଲି ବି ଠିକ୍ ମୋରି ଭଳି ସଜେଇ ହଉଛି ଆଜିକାଲି । କିନ୍ତୁ ସିଏ କ'ଣ ଜାଣିଛି ଏ ସମାଜଟା କିମିତିକା ? ଦିନସାରା ଦର୍ପଣ ଆଗରେ ସଜେଇହବା ଦେଖିଲେ କେତେ ଚିଡୁଥିଲା ମା' ! ମୋ ରଙ୍ଗଢ଼ଙ୍ଗ ଆଦୌ ପସନ୍ଦ ନ ଥିଲା ତା'ର । ତା'ର ଇଚ୍ଛା ଥିଲା, ଯେମିତି କଲେଜ ମାଟି ମାଡ଼ିବି, ସେମିତି ବରଘର ଖୋଜି ଯାଇତାଇ ବାହାଘର କାମଟା ସାରିଦବ । ତେଣିକି ମୋ ଭାଗ୍ୟ । ଗେରସ୍ତର ଭାଗ୍ୟକୁ ଅନିଷା କରି, ତା ହାତଟେକାକୁ ଅନେଇ ବଞ୍ଚି ରହିବି ମଲା ପର୍ଯ୍ୟନ୍ତ । ପିଲାଛୁଆ ଜନମ କରି ତାଙ୍କୁ ବଢ଼େଇକୁଢ଼େଇ ମଣିଷ କରିବା ଭିତରେ ଭୁଲିଯିବି ମୁଁ କିଛିଗୋଟେ ଅଲଗା ବୋଲି, ଯେମିତି ମା'ତା' ଜୀବନଯାକ ନିଜେ କଲା । କିନ୍ତୁ ଏ ଘର, ବ୍ୟାଙ୍କବାଲାନ୍ସ, କାର୍, ମାନସମ୍ମାନ କୋଉ ଗିରସ୍ତ ଦେଇ ପାରିଥାଆନ୍ତା ? ଗିରସ୍ତ ? ମୋ ଯୋଗୁଁ ସିନା ଗିରସ୍ତ ଏଇ ଟାୟାର ଗୋଦାମର ମାଲିକ ? ନଇଲେ ଛକରେ ଗୁଣ୍ଡାମି କରି ଟ୍ରକ୍‌ବସ୍‌ଠଉଁ ବଟି ଆଦାୟ କରି ଦିନ କଟୁଥା'ନ୍ତା ଯାଙ୍କର । ମୋତେ ବାହା ହବାକୁ ରାଜିହେଲେ ବୋଲି ବ୍ରଜମଉସା ରାତାରାତି ଯାଙ୍କ ନାଁରେ ଟାୟାର ଗୋଦାମ କରିଦେଲେ । ଆଉରି କେତେ କ'ଣ ଦେଇଥା'ନ୍ତେ । ଦୁର୍ଭାଗ୍ୟ ! ପାରାଲିସିସରେ ପଡ଼ିଗଲେ । ସଙ୍ଗାତ କ'ଣ ଫୋଡ଼ିଲା କାନରେ କେଜାଣି, ବ୍ରଜମଉସାଙ୍କ ପୁଅମାନେ ମୋତେ ଆଉ ପାଖରେ ପୂରେଇ ଦେଲେନି । ଯାହା କୁହ, ବୁଢ଼ା ଥିଲା ମର୍ଦ ଭିତରେ ମର୍ଦ । ପୁଅଗୁଡ଼ା ଜବାନ ହେଲେ କ'ଣ ହବ, ମୂଷା । ବୁଢ଼ା ବେମାର ନ ପଡ଼େ ନା ଏଗୁଡ଼ା ମିରିଗନାଟ ନ କରନ୍ତି । ବେଶୀ ନାଟ ସେଇ ସଙ୍ଗାତ ଖଣ୍ଡକର । ଫୁଲେଇ ରାଧୀ ! କିଲୋ, ବାହାସାହା ହେଇଗଲୁ, ଘର ସଂସାର କଲୁ; ତତେ କୋଉଥିରେ ବ୍ରଜମଉସା ଊଣା କରିଥିଲେ ଯେ ! ଯେମିତି ବେମାର ପଡ଼ିଯାଇଛନ୍ତି ମଉସା, ଆସି ବାପଘର କଥାରେ ନାକ ଗଳେଇବା କ'ଣ ଦରକାର ଥିଲା ? ଭାଗ୍ୟକୁ ଜାଗା ଖଣ୍ଡକ ମୋ ନାଁରେ କରେଇ ନେଇଥିଲେ । ମଉସା ଢେର ପଇସା ବି ଦେଇଥିଲେ । ନଇଲେ ଏମିତିଆ ଘରଖଣ୍ଡେ କୋଉଠି ଇଏ କରିପାରିଥା'ନ୍ତେ ! ଲୋକ ଏବେ ପଛରେ କ'ଣ କୁହାକୁହି ହେବେ ହଉଥାନ୍ତୁ । ମୋ ସାମ୍ନାରେ କେହି କେବେ କହିଛି ? କାହା ଜିଭରେ ଏତେ ହାଡ଼, ମୋ ମୁହଁ ଉପରେ କହିବ ?

ହେଇ ଲାଇଟ ଜଳିଲାଣି । ପ୍ରଭାକର ଉଠିଲେ ବୋଧେ । ଖୁବ୍ ଶୀଘ୍ର ଉଠିପଡ଼ନ୍ତି । ନିତ୍ୟକର୍ମ ସାରି ଓ୍ୱାକରରେ ଘଣ୍ଟାଏ ଚାଲନ୍ତି । ବଡ଼ିକୁ ସବୁବେଳେ ଫିଟ୍ ରଖିଥା'ନ୍ତି ।

Digitized by srujanika@gmail.com

କିଏ କହିବ, ପଚାଶ ଟପିଲାଣି ? ମୁଣ୍ଡରେ ମୁଣ୍ଡେ କଳାବାଳ । ଭି ସେପ୍ ବଡ଼ି । ରାମଦେବ ବାବାଙ୍କ ଯୋଗଫୋଗ ବି କରନ୍ତି । ମୁହଁରେ ସବୁବେଳେ ଗୋଟେ ଅମାୟିକ ହସ । ହସିଦେଲେ ଠିକ୍ ବ୍ରଜମଉସାଙ୍କ ଭଳି ଦେଖାଯାଆନ୍ତି । ପ୍ରଥମଥର ଯେବେ ଦେଖାହେଲା ସୀମାଅପାଙ୍କ ଘରେ, ସେମିତି ହସିଦେଲେ । ମୋ ଛାତିର ଦୁକୁଦୁକି ବନ୍ଦ ହେଇଗଲା ଦଣ୍ଡେ । ସୀମାଅପା ସିନା ବ୍ରଜମଉସାଙ୍କୁ ଦେଖିନାହାଁନ୍ତି, ମୁଁ ତ ସ୍କୁଲ ପଢ଼ିଲାବେଳୁ ତାଙ୍କୁ ଭୋଗିଛି ନା ! ଭାବିଲି, ବ୍ରଜମଉସା ମରିବାର ଦି'ବର୍ଷ ହେଲାଣି, ଇଏ କ'ଣ ତାଙ୍କ ଭୂତ ନା କ'ଣ ?

ସୀମାଅପା ମୋତେ ଚିହ୍ନେଇ ଦଉଥିଲେ, "ଇଏ ପ୍ରଫେସର ପ୍ରଭାକର ଚୌଧୁରୀ । ବଡ଼ ସାହିତ୍ୟିକ । ଆର ମାସଠୁ ଆମ ଘରେ ରହିବେ । ତମର ପଡ଼ୋଶୀ ହେବେ । ଚିହ୍ନିଥାଅ ।"

ସୀମାଅପାଙ୍କ କଥାଗୁଡ଼ା ମୋ କାନରେ ପଶୁନଥାଏ । ମୋର ଖାଲି ମନେପଡ଼ି ଯାଉଥାଏ, ବ୍ରଜମଉସାଙ୍କ ସହ ପ୍ରଥମ ଦେଖା କଥା । ସଙ୍ଗାତ ସାଙ୍ଗରେ ତାଙ୍କ ଘରକୁ ଯାଇଥାଏ । ମଉସା ସହରରୁ ଆସିଥା'ନ୍ତି । ସଙ୍ଗାତ ମୋତେ ଚିହ୍ନେଇ ଦଉଥାଏ, "ବାପା, ଇଏ ମୋ ସଙ୍ଗାତ । ମୋର ସବୁଠୁ ଭଲ ସାଙ୍ଗ ।" ମଉସା ଠିକ୍ ଏଇମିତି ହସୁଥା'ନ୍ତି ମୁରୁକି ମୁରୁକି । ସହରରୁ ଘରଲୋକଙ୍କ ପାଇଁ କ'ଣ କ'ଣ ଜିନିଷ ଆଣିଥା'ନ୍ତି । ମୋତେ ଦେଲେ ଗୋଟେ ଦାମିକିଆ ପେନ୍ । ସୁନା ନିବ୍‌ଦିଆ । କହିଲେ, "ମାଟ୍ରିକ ପରୀକ୍ଷାରେ ଏଇ ପେନ୍‌ରେ ଲେଖିବୁ । ମନଦେଇ ପାଠପଢ଼ ।" ମୋ ଦେଇ ପାଠ ସିନା ଭଲ ହେଲାନି, ହେଲେ ସେଇ ପେନ୍‌ଟା ଆଜିଯାଏ ପାଖରେ ରଖିଛି । ଭାବିଥିଲି, ଡଲି ମେଟ୍ରିକ୍ ଦେବାବେଳକୁ ତାକୁ ସେଇଟା ଦେବି । କିନ୍ତୁ ଡଲିର ଏ କି ରଙ୍ଗଢ଼ଙ୍ଗ ?

ସବୁ ଏଇ ପ୍ରଭାକରଙ୍କ ଯୋଗୁଁ । ଆସୁଆସୁ ଲଗେଇଦେଲେ ମାୟା । ବ୍ରଜମଉସା ମରିଗଲା ପରେ ତାଙ୍କରି ଜୁଇରେ ଜାଳି ଦେଇଥିଲି ସବୁଯାକ ଅତୀତ । ଠାକୁରଘରେ ବସି ଶପଥ ନେଇଥିଲି, ଏଥର ଗଢ଼ିବି ମୋ ଭବିଷ୍ୟତ । ମୋ ସ୍ୱାମୀ, ପୁଅଝିଅଙ୍କୁ ଦେବି ସବୁଯାକ ସମୟ । ଯେତେ ନିପାରିଲା ହେଲେ ବି ମୋ ହାତ ଧରି ବାହା ହେଇଛି । ମୋ ଦି' ପିଲାଙ୍କର ବାପା ସିଏ । ପୁଣି କରୁଣାର ଅବତାର । ମୋରି ତାଗିଦାରେ ଲଫଙ୍ଗା ଟୋକାଙ୍କ ସାଙ୍ଗେ ଖଟିମରା ବନ୍ଦ । ମଦ ଗଞ୍ଜେଇ ସବୁ ଛାଡ଼ିଲେ । ରହିଁଥିଲେ ଗୁଣ୍ଡାମିଟା ପୂରା ଛଡ଼େଇ ଦେଇଥା'ନ୍ତି । ହେଲେ ଆଜିକାର ସମାଜ ଯାହା, ପାଖରେ ଜଣେ ଗୁଣ୍ଡା ନ ଥିଲେ ଏ ଭଦ୍ର ସମାଜରେ ବଞ୍ଚି ହବ ? ବ୍ରଜମଉସାଙ୍କ

Digitized by srujanika@gmail.com

ବୋପାର ବୋଲହାକ କରିବାକୁ ଏମିତିଆ ଲୋକଟେ ଦରକାର ଥିଲା । ତା' ଛଡ଼ା ମୋର ଯୋଉ ରୂପ, ଯାଙ୍କୁ ବାହା ହେଲି ବୋଲି ସିନା କେହି ଆଖି ଉଠେଇ ଦେଖିବାକୁ ସାହସ କରୁନାହାଁନ୍ତି, କଥାଅକଥା କହୁନାହାଁନ୍ତି; ନଇଲେ ବ୍ରଜମଉସାଙ୍କ ପରେ·ତାଙ୍କ ବଅଁଶ ମତେ ବାର ଅବସ୍ଥା କରିଥାଆନ୍ତେ । ଆଜିକାଲି ଦୁନିଆ ଯାହା, ଗୁଣ୍ଡା ବଦମାସଙ୍କର ଯେତିକି ସମ୍ମାନ, ଭଲଲୋକଙ୍କର କାଇଁ ?

ଦେଖୁନ, ନିରୀହ ମଣିଷଟେ ବୋଲି ପ୍ରଭାକରଙ୍କୁ କେହି କ'ଣ ବାସିରେ ପଚାରି ଯାଉଛି ? ଖାଲି ସୀମାଅପାଙ୍କ ପାଇଁ ତାଙ୍କର ମୂଲ୍ୟ ଅଛି । ନିରୀହ ମଣିଷ । ଠିକ୍ ମାସକୁ ମାସ ଭଡ଼ା ଦେଇଦେବେ । କାହା ନନ୍ଦଫନ୍ଦରେ ରହିବେନି । ଘରମାଲିକ ପାଇଁ ସେ ଲୋକ ଭଲ । ନଇଲେ ଏତେ ବଡ଼ ଲେଖକ, ପ୍ରଫେସର; ତାଙ୍କୁ କେହି ମଣିଷରେ ଗଣେ ? ମୁଁ ବି କୋଉ ପଚାରି ଯାଇଥା'ନ୍ତି ଏତେ, ଯଦି ସିଏ ବ୍ରଜମଉସାଙ୍କ ଭଳି କିମିଆକରା ହସ ହସୁନଥା'ନ୍ତେ ?

ସୀମାଅପାଙ୍କ ଘରେ ସେଇ ହସ ଦେଖିବା ପରେ ମୁଁ ଢେର ଗାଳିଦେଲି ବଜ୍ରାଙ୍ଗବାଲୀଙ୍କୁ । ହେ ଭଗବାନ୍! କ'ଣ କଲ ଇଏ ? ଯେତେଥର ଏ ଲୋକଟାକୁ ଦେଖିବି, ମୋର ମନେ ପଡ଼ିଯିବ ଅତୀତ । ମୁଁ ଯେ ତମରି ପାଖରେ ପଣ କରିଥିଲି ନୂଆ ଜୀବନଟେ ଆରମ୍ଭ କରିବି । ପୁଅ ଝିଅଙ୍କୁ ଭଲ ସ୍କୁଲ୍‌ରେ ପଢ଼େଇବି । ଝିଅକୁ ବଡ଼ବଡ଼ିଆଙ୍କ ଘରେ ବାହା ଦେବି । ପୁଅକୁ ପଠେଇବି ଆମେରିକା । ପୁଅ ଥରେ ଆମେରିକା ଗଲେ, ଗଳିମୁଣ୍ଡର ସେଇ ଦେବହୂତି ମାଉସୀଙ୍କ ଗର୍ବ ଭାଙ୍ଗିବ । ପୁଅ ଡଲାର ପଠେଇ ବଡ଼ ଘର ଖଣ୍ଡେ ଆଉ ଦି' ଚାରିଟା ଦାମିକିଆ ଗାଡ଼ି କରିଦେଇଛି ବୋଲି ମଣିଷକୁ ମଣିଷ ଜ୍ଞାନ କରୁନାଇଁ ସେ ବୁଢ଼ୀ । ପୁଅ ଜନ୍ମଦିନକୁ ଖାଇବାକୁ ଡାକିଥିଲି ଯେ, ଘରେ ଥାଇ ଦରୁଆନ ହାତରେ ଖବର ପଠେଇଦେଲା– ମା' ପୂଜା କରୁଛନ୍ତି; ପଛେ ଆସିବେ । ଯୋଉ ପୂଜା ! ଖାଲି ଗଉଁ । ଆମେ ଆଉ ଜାଣିନୁ, କି ପୂଜା ଏମାନେ କରୁଛନ୍ତି । ଆରେ ଆମ ଜଗନ୍ନାଥ କୁଆଡ଼େ ଗଲେ, ହନୁମାନ ମହାପ୍ରଭୁ କୁଆଡ଼େ ଗଲେ । କୋଉ ଦୂର ରାଇଜର କୋଉ ବାବା ନା ଫକିର କାହାକୁ ପୂଜା କରୁଛନ୍ତି ଯେ, କୁଆଡ଼େ ସିଏ ସବୁ ମନସ୍କାମନା ପୂରଣ କରିଦଉଛନ୍ତି । କେତେ ଆଉ ଲୋଭିବ, କେତେ ଆଉ ଭୋଗିବ ? ଲୋଭ କଲ, ଭୋଗ କଲ ବୋଲି ନିଜ ଧର୍ମକର୍ମ ଛାଡ଼ି ଚାଦର ଚଢ଼େଇବ ? କ୍ଲବ୍‌ରେ ଖିରସ୍ତାନଙ୍କ ସାଙ୍ଗେ ନାଚିବ ? ହେ ବଜ୍ରାଙ୍ଗବାଲୀ ! ତୁ ଯଦି ସତ୍ୟଯୁଗର ଠାକୁର ହେଇଥିବୁ, ମୋ ପୁଅ ଦିନେ ନା ଦିନେ ନିଶ୍ଚେ ଆମେରିକା

Digitized by srujanika@gmail.com

ଯିବ । ଏତେ ଡଲାର ପଠେଇବ ଯେ, ଘରିଘରିଟା ଦରୁଆନ ରଖିବି ମୁଁ । ସେଦିନ ବୁଢ଼ୀ ବୁଝିବ !

ସେଦିନର ସେଇ ଟାଣପଣ କ'ଣ ରହିଲା ? ହେ ପ୍ରଭୁ, ପ୍ରଭାକରଙ୍କୁ ଆଣି ପଡ଼ିଶା ଘରେ ରଖେଇ ମୋତେ ବଜାରହାଟରେ କ'ଣ ଲୋକହସା କରେଇବ ? ସକାଳ ଘରିରୁ ମୁଁ ଉଠୁଛି ସବୁଦିନ । ନା ଖରା, ନା ବର୍ଷା, ନା ଶୀତ । ଧ୍ୟାନ, ପ୍ରାର୍ଥନା, ଯୋଗ, ଆସନ, ପୂଜା ବ୍ରତରେ ମୋର ଯାଉଛି ଘରିଘଣ୍ଟା । ଦାନ, ଧର୍ମ, ଯଜ୍ଞରେ ଢେର ପଇସା ଖର୍ଚ୍ଚ କରୁଛି । ସ୍ୱାମୀ ସେବା, ପିଲାଙ୍କ ଯତ୍ନ ହେପାଜତରେ କିଏ କାଢ଼ିଦବ ଟିକିଏ ଖୁଣ ! ଘରର ସବୁ କାମ ମୋ ଉପରେ । ବ୍ୟାଙ୍କ ଠଉ, ଇଲେକ୍ଟ୍ରିକ ବିଲ୍, ଫୋନ ବିଲ୍ ଠଉ, ପରିବା ଅଣା ଠଉ, ସଉଦା ଠଉ, ପିଲାଙ୍କ ସ୍କୁଲ ଠଉ, ଡାକ୍ତର କବିରାଜ ଠଉ କୋଉଥିରେ ମୁଁ ହେଳା କରିଛି ! ମହୁମାଛି ଭଳି ଦିନରାତି ଚବିଶଘଣ୍ଟା ଏକାକାର କରିଦେଇଛି ପରିବାର ପାଇଁ । ସାଇପଡ଼ିଶାରେ କୋଉଠି ବାହା ନିମନ୍ତ ହେଲା କି ଅସୁବିଧା ପଇଲା, ସେଇଠି ଠିଆ ହେଇଛି । ଶାଶୂ ଶଶୁର କି ବାପାମା'ଙ୍କୁ ପଇସା ଠଉ, ଓଷଦ ଠଉ ଅଭାବ ରଖିନେଇଁ । ସାନଭାଇ ଏଇ ଉଦୁଲିଆ ବୁଲୁଥିଲା ଗାଁରେ । ତାକୁ ପୁଣି ଆଣି କାମରେ ଲଗେଇଲି ନା ! ଏଇନେ ବାହାସାହା ହେଇ ପରିବାର ଚଲଉଚି । ଭଲରେ ଅଛି । ଭଗବାନ୍ ତ ମତେ କୋଉଥିରେ ଅଭାବ ରଖିନେଇଁ । ମୋ ହାତକୁ ଯେଉଁମାନେ ଅନିଷା କରିସେନ୍ତି, ମୁଁ କାଇଁକି ସେମାନଙ୍କୁ ଅଣହେଳା କରିବି । ଏମାନେ କରିବେ, ଏଇ ସତୀ ସାବିତିରୀ ଦଳ ? ମୁଁ କ'ଣ ଜାଣିନେଇଁ ଏମାନଙ୍କୁ ? ଘଇତାମାନଙ୍କୁ ମେଣ୍ଢା କରି କାନିରେ ବାନ୍ଧିସିନ୍ତି । ନା ଘରଦୁଆର, ବାପାମା', ବନ୍ଧୁପରିଜନ, ସାଇପଡ଼ିଶା କାହାର ଭଲମନ୍ଦରେ ଠିଆ ହବାକୁ ବାଟ ଛାଡ଼ିବେନି । ଦୁନିଆଯାକରୁ ସେମାନଙ୍କୁ ଅଲଗା କରିନେଇ ନିଜ ମର୍ଜି ଅନୁସାରେ ଉଠ୍‌ବସ୍ କରେଇବେ । ହେଲେ ନିଜେ ବି କୋଉ ସେବାଯତ୍ନ କରନ୍ତି ସେମାନଙ୍କର ? ଏଇ ସୀମାଅପା ବି କ'ଣ ସ୍ୱାମୀର ସେବାଯତ୍ନ କରନ୍ତି ? ଏତେ ଭଲଲୋକ, ପଇସାବାଲା, ଏତେବଡ଼ ବେପାର ବୁଝୁସନ୍ତି । ଉଠିବେ ସକାଳ ନ'ଟାରେ । ତାଙ୍କ ବାବୁଙ୍କୁ ସକାଳୁ ଘକର ଦବ ଚ' । ହଁ, ଘରେ ସବୁ କାମ ପାଇଁ ଘକର ବାକର ଅଛନ୍ତି । ତା' ବୋଲି ମରଦପୁଅ, ଖୋଜୁନଥିବ ଆଦରସୋହାଗ ଟିକେ ? ଶରଧାରେ କୋଉଦିନ ସ୍ତ୍ରୀ ମନପସନ୍ଦ ତରକାରି ଟିକେ କରିଦିଅନ୍ତା ! ଦେହବାଧିକାରେ ହାତଗୋଡ଼ ଆଉଁଷି ଦିଅନ୍ତା ! ଏମାନେ କରନ୍ତି ? ଖାଲି ସତୀ ହେଇଗଲେ ସବୁ ହେଇଗଲା ? ଏ ମରଦପଲ ବି ସେଇମିତି । ମାଇପ ଗୋଇଠା ମାରୁ ପଛେ ସତୀ ସାବିତିରୀ ହେଇଥାଉ । ଘରେ

Digitized by srujanika@gmail.com

ରଖି ପୂଜା କରିବେ । ଦୁନିଆଯାକ ଭୁଲିଯିବେ, ମାଇକିନା ଗରିପଟେ ଘୂରୁଥିବେ । ଇଏ କି ସତୀ ଲୋ ମା !

ଏମାନଙ୍କ ପରି ସତୀ ହେଇପାରିଲନି ବୋଲି ମୋତେ ଏମିତି ଦଣ୍ଡୁଛ କି, ଭଗବାନ୍ ? କେମିତି ହେଇଥା'ନ୍ତି ? ଭଲମନ୍ଦର ବିଚାର କରିବା ଆଗରୁ, ସଂସାର ବିଷୟରେ କିଛି ଜାଣିବା ଆଗରୁ ତ ଆସିଗଲେ ବ୍ରଜମଉସା । ପାଠ ତ ହେଲାନି । ଅଧା ଉପାସରେ ପାଠ କଥା କିଏ ପଚାରୁଛି ? ମୋ ହାତରେ ଗୋଟିଏ ସମ୍ପଦ– ମୋ ରୂପ । ଏତେ ରୂପ ଥାଇ ମୁଁ କ'ଣ ଆଉ ସାରା ଜୀବନ ବଞ୍ଚି ରହିବାକୁ ଡେଲି ଡେଲି ଲଢୁଥା'ନ୍ତି, ଯେମିତି ବାପାବୋଉ ଲଢ଼ିଲେ ଜୀବନସାରା ? ମୋର କ'ଣ ଗୋଟେ ଦିହ ନାଇଁ, ମନ ନାଇଁ, ସୁଖ କରିବାର ଅଧିକାର ନାଇଁ ? ସମାଜରେ ପାଞ୍ଚଜଣଙ୍କ ଭିତରେ ଗଣାହବାର ଇଚ୍ଛା ନାଇଁ ? ଘରେ ଏତେଏତେ ଧନସମ୍ପତ୍ତି, ପ୍ରତିଷ୍ଠା ଥାଇ ବି ପାଦ ଖସଉନାହାଁନ୍ତି ମାଇକିନା ? ସୁପ୍ରୀତିନାନୀର ବର ପା' କୋଉଠି ଗୋଟେ ବଡ଼ କମ୍ପାନୀରେ ଅଛି ଅଫିସର ବମ୍ବେରେ ? ସିଏ କାଇଁ ଯାଉନି ବର ପାଖକୁ ? ଅକାଳେ ସକାଳେ ବର ଆସୁଛି ଏଠିକି ? କ'ଣ ନା ମୁଁ ଏଲ୍.ଆଇ.ସି. ଏଜେନ୍ସି କରୁଛି । ଓଡ଼ିଶାର ସବୁଠୁ ନାଁ କରା ଏଜେଣ୍ଟ ମୁଁ । ଏଇ ପଲିସି କରେଇବାକୁ ତୁମେ କ'ଣ କ'ଣ କରୁଛ, ଆମେ କ'ଣ ଜାଣିନୁ ? ମୋ ଆଗରେ ପରା ସେଦିନ କୁଣ୍ଢେଇ ପକେଇଲ ସେଇ ସଚ୍ଚିଭାଇନାକୁ ଯିଏ ତମଲାଗି କ୍ଲାଏଣ୍ଟ ଯୋଗାଡ଼ କରେ ? କ'ଣ ପାଉଛ ଏ ଏଜେନ୍ସି କରି ଆମେ କ'ଣ ଜାଣିନୁ ? ସୀମାଅପା ତ କହୁଥିଲେ, ଇଏ ସବୁ ନିତିଦିନିଆ ଘଟଣା ରାଜଧାନୀରେ । ପଇସାବାଲା ଲୋକ ତ ! ସିଏ ବଡ଼ବଡ଼ିଆଙ୍କ ଗୋଟେ କ୍ଲବରେ ମେମ୍ବର ହେଇସିନ୍ତି । ସେଠିକି ବଡ଼ ଅଫିସର, ମନ୍ତ୍ରୀ, ସାମ୍ବାଦିକ ସବୁ ଆସନ୍ତି । ବଡ଼ ବଡ଼ ସରକାରୀ ନିଷ୍ପତ୍ତି ସେଇଠି ନିଆହୁଏ । ଲୋକେ କାମ ହାସଲ କରିବାକୁ ନିଜ ସ୍ତ୍ରୀ ପିଲାଙ୍କୁ ପଠେଇ ଦିଅନ୍ତି ସେଠିକି । ଏମିତିଆ ସ୍ତ୍ରୀଲୋକ ଅଛନ୍ତି, ଯୋଉମାନେ ଥୁରୁଥୁରିଆ ଜାଡ଼ରେ ବି ଜୋତା, ଟ୍ରାକ୍‌ସୁଟ୍ ପିନ୍ଧି ଫରେଷ୍ଟପାର୍କ ପଳାନ୍ତି ମର୍ଣ୍ଣିଂ ୱାକ୍ କରିବାକୁ । ଚାଲିଲା ବେଳେ କାଳେ କୋଉ ମନ୍ତ୍ରୀ, ଆଇ.ଏ.ଏସ. କି ସେମିତିଆ ବଡ଼ ଅଫିସରଙ୍କ ସହ ଦେଖା ହେଇଯିବ ! ଦେଖା ହେଇତେ ହେଇତେ ଦୋସ୍ତି ହେଇଯିବ । ଟ୍ରାନ୍ସଫର, ୱାର୍କ ଅର୍ଡ଼ର, କଣ୍ଟ୍ରାକ୍ଟ କି ଆଉ କ'ଣ ହାତରେ ବାଜିଯିବ ! ସାହିତ୍ୟଫାହିତ୍ୟ କରୁଥିବା ଏମିତିଆ ସ୍ତ୍ରୀ ଲୋକ ଅଛନ୍ତି, ଯୋଉମାନେ ପୁରସ୍କାର, ମାନପତ୍ର, ଚାଦର ପାଇବା ପେଇଁକି ଯୋଉ ଫନ୍ଦିଫକର, ମାଲିସ, ପାଲିସ, ସାଲିସ କରନ୍ତି, ଶୁଣିଲେ ମୁଣ୍ଡ ଘୂରେଇଯିବ । ଏମିତିଆ ସ୍ୱାମୀମାନେ ଅଛନ୍ତି, ସରକାରୀ ତହବିଲ୍‌ରୁ ଅର୍ଥ ତୋଷରପାତ

Digitized by srujanika@gmail.com

କରି ସ୍ତ୍ରୀର ମାନସମ୍ମାନ କେମିତି ବଢ଼ିବ ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଦିଅନ୍ତି । ଯଶ ପାଇଁ, କ୍ଷମତା ପାଇଁ, ପ୍ରତିଷ୍ଠା ପାଇଁ ଇଏ ଯୋଉ ଅଣନିଃଶ୍ୱାସୀ ଦଉଡ଼, ସେ ତୁଳନାରେ ବା ମୁଁ କି ପାପ କରିଛି ଯେ ! ତା' ପୁଣି ଜୀବନର ସେଇ କଅଁଳା ବରଷ କେତେଟାରେ, ଯେତେବେଳେ ସଂସାର ସମ୍ପର୍କରେ ମୋର ଧାରଣା ହେଇନଥିଲା । ଆଲୋ, ସମିତେ ଯଦି ମୁତୁରୀ, ମୁଁ ଏକୁଟିଆ କାହିଁକି ହେଁସ ଧୋଉଥିବି ବା ! ତା' ଛଡ଼ା ପ୍ରାୟଶ୍ଚିତ୍ତ କରି ରତ୍ନାକର ବାଲ୍ମୀକି ହେଲା, ମୁଁ ଏମିତି କ'ଣ କରି ପକେଇଛି କି ? ମୁଁ ତ ପୁଣି ପ୍ରାୟଶ୍ଚିତ୍ତ କଲି । ଏଇଠି ଠାକୁର ଘରେ ପଶି କହିଲି, ଭୁଲିଯିବି ଅତୀତ । ଯେତିକି ଧନସମ୍ପତ୍ତି ଅଛି, ତାକୁ ଇ ନେଇ ପରିବାର ଚଳେଇବି । କିନ୍ତୁ, ଅତୀତର ଦର୍ପଣ ଭଳି ମୋ ଜୀବନକୁ ଆସିଗଲେ ପ୍ରଭାକର ।

ଆସିଗଲେ ଯେ ଆସିଗଲେ, ଯେମିତି ଗୋଡ଼ ତଳୁ ମୋର ମାଟି ଖସେଇ ଦେଲେ । ତାଙ୍କ ରୂପ, ବ୍ୟବହାର, ମୁଁ କ'ଣ, ଯେ କୌଣସି ନାରୀର ନିୟନ୍ତ୍ରଣକୁ ତରଳେଇ ଦେବ । କି ଜ୍ଞାନୀ ଲୋକ ! କିନ୍ତୁ ଛୋଟ ପିଲାଟିଏ ଭଳି ବିନୟୀ । ଯୋଉ ଭଦ୍ରାମି ଆଉ ସ୍ନେହପୂର୍ଣ୍ଣ ବ୍ୟବହାର ତାଙ୍କର ! କଥା କହୁଥିଲେ ମନେହେବ, ଏ ଲୋକ ତମକୁ ରାଣୀର ମର୍ଯ୍ୟାଦା ଦଉଛି । ଆଗରେ ଯେମିତିଆ ଲୋକଟିଏ ଥାଉ, ତାଙ୍କ ବ୍ୟବହାର ସେମିତି ଭଦ୍ର, ମାର୍ଜିତ । ଜ୍ଞାନୀ ଲୋକ ବୋଲି ଏମିତି ବିନୟୀ ହେଇସିନ୍ତି କି ? ନା ତାଙ୍କର ଆଉ କିଛି ଉଦ୍ଦେଶ୍ୟ ଅଛି ? ନୂଆ ନୂଆ ବ୍ରଜମଉସା ଯେତେବେଳେ ମିଶୁଥିଲେ, ଲାଗୁଥିଲା, ଦାନୀକର୍ଣ୍ଣ; ଗରିବଗୁରୁବାଙ୍କ ପେଟପାଟଣା ବୁଝନ୍ତି । ଅନ୍ୟର ମନକଥା ବୁଝି ତା'ରି ଅଭିମାନ ପୂରଣ କରନ୍ତି । ନୂଆ ନୂଆ ପ୍ରଭାକରବାବୁଙ୍କ ଚେହେରା, କଥାବାର୍ତ୍ତା, ବ୍ୟବହାର ଦେଖି ମୋର ସେଥିପାଇଁ ଟିକେ ସନ୍ଦେହ ହେଉଥିଲା । ପରେ ମନକୁ ବୁଝେଇଦେଲି ଯେ, ଇଏ ମୋର ଭ୍ରମ । ତାଙ୍କ ଚେହେରାଟା ବ୍ରଜମଉସାଙ୍କ ସଙ୍ଗେ ମିଶିଯାଉଛି ବୋଲି ଏ ସନ୍ଦେହ । ଏଡ଼େ ବଡ଼ ପ୍ରଫେସର, ଜ୍ଞାନୀ ଲୋକ; କେତେ ଯଶ, ପ୍ରତିଷ୍ଠା, ନାଁ ଡାକ ! ସିଏ କାଇଁ ସେମିତି ହେବେ ? କିନ୍ତୁ ସିଏ ମଣିଷ ନା ନାଇଁ ? ଆଜିକା ଦିନରେ ମୁଁ ଯେତେବେଳେ ବଜାରହାଟକୁ ଯାଉଛି, ଲୋକ ବୁଲିକି ଅନଉସିନ୍ତି ନା ନାଇଁ ? ମୋର ସିନ୍ଦୂରଟୋପା, ପୂଜାଡ଼ାଲା, କପାଳରେ ଚନ୍ଦନ, ମୁଣ୍ଡରେ ଓଢ଼ଣା ଦେଖି ଆଶ୍ଚର୍ଯ୍ୟ ହଉସୁନ୍ତି ନା ନାଇଁ ? ୟା'ଙ୍କ ସ୍ତ୍ରୀ ବୋଲି ଯୋଉମାନେ ଜାଣିସିନ୍ତି, ସେମାନେ ଅବଶ୍ୟ ଭୟରେ କି କ'ଣ, ଭକ୍ତିଭରା ନମସ୍କାର କରୁଛନ୍ତି । କିନ୍ତୁ ଅଚିହ୍ନା ଲୋକର ଆଖି ପଡ଼ିଗଲେ, ସିଏ ଆଉଥରେ ବୁଲିକି ନ ଅନେଇ ରହିପାରେ ନାଇଁ । ଠାକୁରଙ୍କ ପାଖରେ ଶପଥ ନେଇଥିଲେ ବି ପ୍ରଭାକରବାବୁ ଆସିଲେ ଭଲଲାଗେ ।

Digitized by srujanika@gmail.com

ପଇସାବାଲା ଲୋକ ଆଗରୁ କେତେ ଦେଖିଛି ସିନା, କିନ୍ତୁ ପଣ୍ଡିତ ଲୋକ ଜଣେ ପଡ଼ୋଶୀ ହବା କେତେ ଭାଗ୍ୟର କଥା ! ତାଙ୍କ ଉଦ୍ଦେଶ୍ୟରୁ ମୋତେ କ'ଣ ମିଳିବ ? ସିଏ ଆସନ୍ତୁ, ଯାଆନ୍ତୁ । ପିଲାମାନେ ଅଙ୍କଲ ଅଙ୍କଲ କହି ବେଢ଼ି ଯାଉଛନ୍ତି । ଭାବିଥିଲି, ଭଗବାନ୍ ମୋତେ କ୍ଷମା କରିଛନ୍ତି । ପାଠଶାଠର ଯୋଉ ଅଭାବ ଥିଲା, ସେଇଥିପାଇଁ ପ୍ରଭାକରଙ୍କ ଭଳି ଲୋକଙ୍କୁ ପଡ଼ୋଶୀ କରି ଆଣିଛନ୍ତି । ପିଲାଏ ତାଙ୍କ ସହ ମିଶାମିଶି କଲେ, ପଢ଼ାପଢ଼ିରେ ଉନ୍ନତି କରିବେ । ଅନେକ ଥର ବିଦେଶ ଯାଇଛନ୍ତି ପ୍ରଭାକର । ପିଲାଏ ବି ବାଟ ପାଇଯିବେ ଆମେରିକା ଯିବାକୁ । ମୋ ସ୍ୱପ୍ନ ପୂରଣ ହବ ।

ହେ ଭଗବାନ, କେଡ଼େ ଚାଲାକ ବୋଲି ନିଜକୁ ଭାବୁଥିଲି; ଏଡ଼ିକି ଓଲି ମୁଁ ! ପୁରୁଷଜାତିଟାକୁ ଜାଣି ନେଇଛି ବୋଲି ଏଡ଼େ ଗର୍ବ ମୋର । ଆଙ୍ଗୁଠି ଆଗରେ ନଚେଇ ପାରିବି ବୋଲି କେଡ଼େ ଦମ୍ଭ ଥିଲା; ଅଥଚ ପନ୍ଦର ବର୍ଷର ଏ ଟୋକି ଖଣ୍ଡକ ମୋତେ ବୁଦ୍ଧୁ ବନେଇଦେଲା ! ଏବେ ବୁଝୁଛି, କାଇଁକି ପ୍ରଭାକର ମୋତେ ଆଡ଼ ଆଖିରେ ଅନାନ୍ତିନି । ସକାଳୁ ସିଏ କୋଠା ଉପରେ ସୂର୍ଯ୍ୟ ନମସ୍କାର କଲାବେଳକୁ ମୁଁ ଫୁଲ ତୋଳିବା ବାହାନାରେ ପହଞ୍ଚିଯାଏ । ନମସ୍କାର କରି ହସିଦିଅନ୍ତି ଅଳପ । ତା' ପରେ ନିଜ କାମରେ ଲାଗିଯାଆନ୍ତି । କେତେ ବାଟ ଗଲାଣି କଥା କେଜାଣି ? କିନ୍ତୁ ପଚାରିବାକୁ ସାହସ ହଉନି । କେଡ଼େକେଡ଼େ ଗୁଣ୍ଡାଙ୍କୁ ସାବାଡ଼ କରିପାରେ ମୁଁ । କେତେକେତେ ଲୋକଙ୍କୁ ବୁଦ୍ଧୁ ବନେଇ ଦେଇପାରେ । କିନ୍ତୁ ନିଜର ମେଞ୍ଚଡ଼ ଝିଅଟାକୁ ମୁଁ କାଇଁକି ଏମିତି ଡରୁଛି ହେ ଭଗବାନ୍ !

କାଲି ସଞ୍ଜରେ ସିଏ ଯାହା କହିଲା, ମୋ ହୋସ ଉଡ଼ିଯିବା ଅବସ୍ଥା । ଦି' ବର୍ଷ ହେଲା ପ୍ରଭାକରବାବୁ ଏଠି ରହିଲେଣି, ତଥାପି ତାଙ୍କର ଜନ୍ମଦିନ କେବେ ଆମକୁ ଜଣାନାହିଁ । ଅଥଚ ଡଲି କହିଲା– "ମାମା, କାଲି ଅଙ୍କଲଙ୍କ ଜନ୍ମଦିନ । ତାଙ୍କୁ ଗୋଟେ ଭିଣ୍ଟେଜ ଗିଫ୍ଟ ଦେବି ।"

"ଭିଣ୍ଟେଜ କ'ଣ ଲୋ ? କୋଉଠି ମିଳେ ?" ମୁଁ ପଚାରିଲି ।

"ହେତ୍, ତମେ ନା ଗୋଟେ ବୁଦ୍ଧୁ ! କାଇଁ ପାଠଶାଠ ପଢ଼ିଲନି ଭଲରେ ? ଭିଣ୍ଟେଜ ୱାଇନ । ପୁରୁଣା । କ୍ଲାସିକ ଜିନିଷ । ହେତ୍, ତୁମକୁ ମୁଁ ବୁଝେଇ ପାରିବିନି । ଖୋଲିଲ ତମର ଗୋଦ୍‌ରେଜ ।"

ମୋ ଗୋଦ୍‌ରେଜ ଆଲମିରାର ଗୁପ୍ତ ଥାକ ଖୋଲି ଡଲି ବାହାର କଲା ସେଇ ପେନ୍ । ଗୁପ୍ତ ଥାକରେ ସମସ୍ତେ ଦୁର୍ମୂଲ୍ୟ ଧନସମ୍ପତ୍ତି ଥୁଅନ୍ତି । ମୋ ପାଇଁ ସବୁଠୁ ଦୁର୍ମୂଲ୍ୟ ସେଇ ସୁନା ନିବ୍‌ଦିଆ କଲମଟି, ଯୋଉଟା ବ୍ରଜମଉସା ମୋତେ ଦେଇଥିଲେ ପ୍ରଥମ

Digitized by srujanika@gmail.com

ଦେଖାରେ । ଗୁପ୍ତ ଥାକ ଖୋଲି ଥରେ ଡଲିକୁ ଦେଖେଇଥିଲି ସେଇଟି । କହିଥିଲି, ଭଲ ପାଠ ପଢ଼ି କଲେଜ ଗଲେ ତତେ ଦେବି, ବହୁତ ପୁରୁଣା ଆଉ ଦାମିକିଆ ଏ ପେନ୍‌ଟି ।

ମୋ'ରି ଆଖି ଆଗରେ ଡଲି ସେଇଟିକୁ ବାହାର କରି ଗିଫ୍ଟ ପ୍ୟାକ୍‌ରେ ପୂରେଇଲା । ଦାମିକିଆ ସେଲୋଫେନ୍ ପେପରରେ ତାକୁ ଗୁଡ଼େଇଲା । ଆଉ କ'ଣ କ'ଣ ସେଥିରେ ଲେଖିଲା ତା' ତଥାକଥିତ ଅଙ୍କଲଙ୍କ ପାଇଁ, ମୋର ଦେଖିବାର ଧୈର୍ଯ୍ୟ ନ ଥିଲା । ସେତିକିବେଳୁ ମୋର ଆଉ ନିଦ ନାହିଁ । ସମସ୍ତେ ଖାଇପିଇ ରାତିରେ ଶୋଇଲେ । ମୋର ଭୋକ ଆସିବ କୁଆଡୁ ? ଢେର ରାତିଯାଏଁ ଟି.ଭି. ଦେଖିଲି । ବିଛଣାରେ ଘଣ୍ଟାଏ ଦି'ଘଣ୍ଟା ଗଡ଼ପଡ଼ ହେଇ ଉଠି ବସିଲି । ଗାଧୋଇପାଧୋଇ ରାତି ତିନିରୁ ଦୀପ ଜଳେଇ ଠାକୁରଘରେ ବସିଛି ଯେ ବସିଛି ।

ହେଇ ସକାଳ ହେଇଆସିଲାଣି । ପ୍ରଭାକରବାବୁ ନିତ୍ୟକର୍ମ ଶେଷକରି ସୂର୍ଯ୍ୟ ନମସ୍କାର କରିବାକୁ ଛାତକୁ ଗଲେଣି । ଜ୍ଞାନୀଲୋକ । ବ୍ରଜମଉସା ଢେର ପଇସାବାଲା ଥିଲେ; ହେଲେ, ପାଠପଢ଼ା ଘର ଶୂନ୍ । ଡଲି ଜ୍ଞାନୀ ହବ । ନାଁ କମେଇବ । ଯଶ ବଢ଼େଇବ । ଆଉ ମୁଁ କ'ଣ ବୁଦ୍ଧୁ ? ଏତେ ଶୀତରେ ବି ମୋ ଦିହ ଝାଳେଇଗଲା । ଯେମିତି ମୋ ଦେହରେ ନିଆଁ ଚରିଯାଇଛି । ଦୀପ ନିଆଁ ମୋ ଶାଢ଼ିରେ ଲାଗି ଯାଇନି ତ ! ମୁଁ ଠାକୁରଘରୁ ଉଠିଗଲି । ନା, ଦେହ ନୁହେଁ ମନ ଜଳୁଛି । ଜଳୁଛି ମୋ ଆତ୍ମା । ଇଏ ଶୋଇଛନ୍ତି । ଉଠିବେ ନ'ଟା ବେଳକୁ । ପୁଅକୁ ଏଇନା ଉଠେଇବାକୁ ପଡ଼ିବ । ସ୍କୁଲ ଯିବାକୁ ଖୁବ୍ ଡେରି କରେ । ଡଲି ବି ଶୋଇଛି । ନିଜ କାମ ନିଜେ କଲାଣି । ସ୍କୁଟି ଧରି ଏକୁଟିଆ ଯିବାଆସିବା କରିପାରିଲାଣି । ମୁଁ କ'ଣ ତାକୁ ଡରୁଛି ? ନିଜ ଝିଅକୁ ମୁଁ କାହିଁକି ଡରିବି ବା ! ସିଧା ଗଲି ଡଲିର ବେଡ଼ରୁମ୍‌କୁ । ମୁଣ୍ଡ ପାଖରେ ଥିବା ଟି'ପୟରେ ଥୁଆ ହୋଇଛି ଯତ୍ନରେ ସେଲୋଫେନ୍‌ରେ ଗୁଡ଼ା ସେଇ ଗିଫ୍ଟ ପେନ୍‌ଟି । ନେଇଆସିଲି ସେଇଟାକୁ । ଠାକୁରଘରେ ଦାଉଦାଉ ଜଳୁଛି ବଡ଼ ଦୀପଟା । ସେଇ ଦୀପରେ ମୁହେଁଇଦେଲି ସେ ଗିଫ୍ଟ ପ୍ୟାକ୍‌ଟା । ବିଚିକିଟିଆ ଗନ୍ଧରେ ଭରିଗଲା ଠାକୁରଘର । ଗୁଆଘିଅର ମହମହ ପବିତ୍ର ବାସ୍ନାକୁ ଘୋଡ଼େଇ ପକେଇଲା ସେଇ ବିଚିକିଟିଆ ଗନ୍ଧ । ଧୀରେଧୀରେ ଜଳୁଛି ଗିଫ୍ଟ ପ୍ୟାକ୍ । ତା'ପରେ ତା' ଭିତରର କଲମ । ତରଳିଯାଉଛି କଲମର ଅବୟବ । ପୁଣି ମୁଣ୍ଡା ହେଇଯାଉଛି । ପୁଣି ଜଳୁଛି । କିନ୍ତୁ ତା'ର ନିବ୍‌ଟି ? କୁହନ୍ତି : 'ସୁନା ଯେତେ ଜଳିବ, ସେତେ ଝଲସିବ । ଦାଉଦାଉ ହେଉ ଉକୁଟି ଉଠିବ ।' ଅତୀତ ବି କ'ଣ ସେମିତି ଝଳିଉଠେ ଯେତେ ଜାଳିଲେ ? କେଜାଣି !

Digitized by srujanika@gmail.com

ମନିଟର

ରବୀନସାର୍ ଯେତେବେଳେ ନାଟକୀୟ ଢଙ୍ଗରେ ତା ନାଁଟା ଘୋଷଣା କଲେ, ବାଙ୍କାର ଛାତିଟା ଧକ୍‌କିନା ହେଇଗଲା । ତା'ର ମନେପଡ଼ିଗଲା ୱାର୍ଡ୍‌ସ୍‌ୱାର୍ଥଙ୍କ କବିତାଟା । ସାତ ଆଠଧାଡ଼ିର ସେଇ ଛୋଟିଆ କବିତାଟି 'ଦ' ରେନ୍‌ବୋ', ପ୍ରଥମ ଧାଡ଼ିରେ ହିଁ ଅଟକି ଯାଇଥିଲା ସିଏ । 'ମାଇଁ ହାର୍ଟ ଲିପ୍‌ସ ଅପ ହ୍ୱେନ ଆଇ ବିହୋଲ୍‌ଡ଼ ଏ ରେନ୍‌ବୋ ଇନ୍ ଦ' ସ୍କାଇ ।' ଇଂରାଜୀ କବିତା ପଢ଼ଉଥିବା ଭାଗବତ ସାର୍ ବୁଝେଇବାକୁ ଚେଷ୍ଟାକରି ଗଳଦ୍‌ଘର୍ମ ହେଇସାରିଥିଲେ । ଅଥଚ ବାଙ୍କା ମନରେ କଥାଟା ଜମା ପଶୁନଥିଲା । ଇନ୍ଦ୍ରଧନୁଟେ ଦେଖିଲେ ହୃଦୟଟା କେମିତି ଲମ୍ଫ ମାରିପାରେ ? ହୃଦୟ ତ ପଞ୍ଜରାହାଡ଼ ଭିତରେ ସ୍ଥିର ହେଇ ରହିବା କଥା, ସେଇଟା ଲମ୍ଫ ମାରିବ କେମିତି ? ଲମ୍ଫ ମାରିଲେ ମଣିଷ ଆଉ ବଞ୍ଚିବ ତ ? ଏମିତିରେ ତା'ର ତ ସାହିତ୍ୟ ଭଲ ହଉନଥିଲା, କିନ୍ତୁ ଏଇ ନୂଆ ସ୍କୁଲ୍‌କୁ ଆସିବା ପରଠଉଁ ନିଜେ ହେଡ଼ମାଷ୍ଟ୍ରେ କୈଳାସସାର୍ ଘରକୁ ଆସି ଓଡ଼ିଆ ଇଂରାଜୀ ଓ ସଂସ୍କୃତ ସାହିତ୍ୟ ତାକୁ ପଢ଼େଇ ଦଉଥିଲେ । ବାପାଙ୍କର ସାଙ୍ଗ ତ । ତାଙ୍କର କେମିତି ଗୋଟେ ଧାରଣା ହେଇଯାଇଥିଲା, ବାଙ୍କା ମାଟ୍ରିକ ପରୀକ୍ଷାରେ ପ୍ରଥମ ଦଶଜଣଙ୍କ ଭିତରେ ରହିପାରିବ । ଅନେକ ଦିନ ଧରି ସେ ସ୍କୁଲ୍‌ରୁ ବେଷ୍ଟଟେନ୍ ଭିତରେ କେହି ରହି ପାରିନଥିଲେ । ଯଦି ବାଙ୍କା ବେଷ୍ଟଟେନ୍‌ର ମୁକୁଟ ପାଏ, ସ୍କୁଲ୍‌ର ନାଁ ହବ, ସାର୍‌ମାନଙ୍କ ଇଜ୍ଜତ ବଢ଼ିବ, ଏମିତିଆ ଗୋଟେ ପ୍ରତିଯୋଗିତାମୂଳକ ଭାବନାରେ କୈଳାସସାର୍ ନିଜର ବ୍ୟକ୍ତିକ ତତ୍ତ୍ୱାବଧାନରେ ରଖିଥିଲେ ତାକୁ ।

ଛ'ମାସର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସତ୍ତ୍ୱେ ବାଙ୍କା ନିଜ ଶ୍ରେଣୀରେ ବି ପ୍ରଥମ ହେଇ ପାରିନଥିଲା ସତ, କିନ୍ତୁ ସାହିତ୍ୟ ପ୍ରତି କେମିତି ଗୋଟେ ଭଲପାଇବା ତା' ମନରେ ଜାଗି ଉଠିଥିଲା । ବର୍ଷ ଅଧାରେ ଗୋଟେ ଭିନ୍ନ ସ୍କୁଲ୍‌ରୁ ଆସିଥିବାରୁ ତାକୁ ଅଗତ୍ୟା 'ସି' ସେକ୍ସନରେ ଭର୍ତ୍ତି କରାହେଇଥିଲା । କିନ୍ତୁ ଦଶମ ଶ୍ରେଣୀର ପଢ଼ାପଢ଼ି ଆରମ୍ଭ ହବା ମାତ୍ରେ ବାଙ୍କା ଅକ୍ଳେଶରେ ଆସିଯାଇଥିଲା 'ଏ' ସେକ୍ସନକୁ, ଯୋଉଠି ଶ୍ରେଣୀର ସବୁଠାରୁ ମେଧାବୀ ଛାତ୍ରଛାତ୍ରୀ ବସୁଥିଲେ । ସାର୍‌ମାନେ ସେଇ କ୍ଲାସରେ ଅଧିକ ଶକ୍ତି ବିନିଯୋଗ କରୁଥିଲେ । ଏପରିକି ରବିବାର ଓ ଅନ୍ୟ ଛୁଟିଦିନମାନଙ୍କରେ ସେମାନଙ୍କ ପାଇଁ

Digitized by srujanika@gmail.com

ସ୍ପେଶାଲ କୋଚିଂ କ୍ଲାସ ବସୁଥିଲା । ସାର୍‌ମାନେ ପାଳିକରି ସେମାନଙ୍କର ଦୁର୍ବଳତା ଠାବ କରୁଥିଲେ, ସଂଶୋଧନ କରୁଥିଲେ । ଯାହାର ଯୋଉ ବିଷୟରେ କିଛି ସନ୍ଦେହ ରହୁଥିଲା, ସିଏ ପଚାରି ବୁଝୁଥିଲା । ସେଇ ସେକ୍ସନର ସବୁପିଲା ଯେପରି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ, ସେ ନେଇ ବର୍ଷକ ଆଗରୁ ସ୍କୁଲ୍‌ରେ ଉଦ୍ୟମ ଆରମ୍ଭ କରାଯାଇଥିଲା କୈଳାସସାର୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ।

ସେଇ ସେକ୍ସନକୁ ଆସିଯିବା ପରେ ବାଙ୍କା ନିଜକୁ ଭାଗ୍ୟବାନ୍ ମନେକରୁଥିଲା । କାରଣ ଦଶମ 'ଏ' ଓ ଏକାଦଶ 'ଏ'ର ଛାତ୍ରଛାତ୍ରୀମାନଙ୍କ ପ୍ରତି ସମଗ୍ର ସ୍କୁଲ୍‌ର ଗୋଟେ ସମ୍ମାନ ଓ ସମ୍ଭ୍ରମବୋଧ ଥିଲା । କିନ୍ତୁ ଯେତେବେଳେ ରବୀନସାର୍ ସେ ସେକ୍ସନର କ୍ଲାସ ଟିଚର ହେଇ ଆସିଲେ, ବାଙ୍କା ସମେତ ସମସ୍ତେ ଏକାଧାରରେ ଆଶ୍ଚର୍ଯ୍ୟ ଓ ନିରାଶ ହେଇଯାଇଥିଲେ । ଅବଶ୍ୟ ରବୀନସାର୍ ଶିକ୍ଷକ ହିସାବରେ ଏମିତି କିଛି ନାକରା ନଥିଲେ । ଉପାଧ୍ୟାୟ ସାର୍ ମୁନସଫ୍ ହେଇ ଚାଲିଯିବା ପରେ ଯେଉଁ କେତେଜଣ ଏମ୍.ଏ. ଡିଗ୍ରୀଧାରୀ ସାର୍ ଥିଲେ, ତାଙ୍କ ଭିତରେ ରବୀନ୍‌ସାର୍ ଜଣେ । କିନ୍ତୁ ଜଣେ ଫାଡ଼ା ସାର୍ ହିସାବରେ ତାଙ୍କର ସାମାନ୍ୟ ଦୁର୍ନାମ ଥିଲା । ଏକରେ ନାଁଟା ତାଙ୍କର ଅବାଗିଆ । ଶୁଭୁଥିଲା ରବୀନ୍ ହୁଡ୍ ପରି । ଦୁଇରେ, କ୍ଲାସ ନବାରେ ଏତେ କର୍ତ୍ତବ୍ୟପରାୟଣ ନଥିଲେ । ଜିନ୍‌ପେଣ୍ଟ, ଟି ସାର୍ଟ, ଆଖିରେ ଗଗ୍‌ଲସ୍ ଲଗେଇ ମଟର ସାଇକେଲ ଚଢ଼ି ସିଏ ସ୍କୁଲ୍‌କୁ ଆସୁଥିଲେ । ଆଉ ଷ୍ଟାଫ କମନରୁମ ବାହାରେ ଛିଡ଼ାହେଇ ସିଗାରେଟ ଟାଣୁଥିଲେ । ବାଙ୍କା ହେରିକାଙ୍କ ଗ୍ରାମ୍ୟ ସହରରେ ଜଣେ ଶିକ୍ଷକର ଏଭଳି ଆଚରଣ ସମସ୍ତଙ୍କ ତଣ୍ଟିରେ ଗଳୁନଥିଲା । ଧନୀଘର ପିଲା ଆଉ ରାଜନୀତିକ ପତିଆରାର ଶୁଣାକଥା ଗୁଡ଼େ ଯୋଗୁଁ ତାଙ୍କୁ କେହି କିଛି ଭରସି କହି ପାରୁନଥିଲେ ସତ, ହେଲେ ଦଶମ 'ଏ'ର କ୍ଲାସ ଟିଚରର ଗୁରୁତ୍ୱ ସହ ତାଙ୍କ ବ୍ୟକ୍ତିତ୍ୱ କିପରି ବେଖାପ ଲାଗୁଥିଲା ବାଙ୍କା ଓ ତା'ର ସହପାଠୀମାନଙ୍କୁ ।

'କାଲି ମନ୍ତ୍ରିମଣ୍ଡଳ ଗଢ଼ାହେଇଗଲା । ଆମ କୃଷ୍ଣବାବୁଙ୍କୁ ମିଳିଲା ଶ୍ରମ ବିଭାଗ ।' ଆଟେଣ୍ଡାନ୍ସ ନେଇସାରି ନାଟକୀୟ ଢଙ୍ଗରେ ଘୋଷଣା କଲେ ରବୀନସାର୍ ।

ବାଙ୍କା ଠଉରେଇନେଲା ଭାଉ ମାରିବାକୁ ଏତକ କହିଲେ ରବୀନସାର୍, ଯେମିତି ପିଲାମାନେ ଜାଣନ୍ତୁ, ସିଏ ସେଠାକାର ଏମ.ଏଲ.ଏ. କୃଷ୍ଣବାବୁଙ୍କର କେତେ ଘନିଷ୍ଠ ଆଉ ସାମାନ୍ୟ ମ୍ୟୁନିସିପାଲିଟି ସ୍କୁଲ୍‌ର ଶିକ୍ଷକ ହେଲେ କ'ଣ ହେବ, ରାଜ୍ୟର ମନ୍ତ୍ରିମଣ୍ଡଳ ଗଠନ କରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ସଂପର୍କରେ ମଧ୍ୟ ତାଙ୍କର ଯୋଗଦାନ ରହିଛି ।

Digitized by srujanika@gmail.com

କିନ୍ତୁ ରବୀନସାର୍ ନଗରବିଜ୍ଞାନ ପଢ଼େଇବା ସାଙ୍ଗେସାଙ୍ଗେ ସାଧାରଣଜ୍ଞାନ ମଧ୍ୟ ବୁଝଉଥିଲେ । ତେଣୁ ରାଜ୍ୟର ସାଂପ୍ରତିକ ରାଜନୀତିକ ପରିସ୍ଥିତି ସଂପର୍କରେ ହେଉଥିବା ଚର୍ଚ୍ଚାକୁ କେହି ଅନାଦର କରିପାରନ୍ତାନି । ତା'ଛଡ଼ା, ବାଙ୍କା ଓ ତା' ବନ୍ଧୁମହଲରେ ଏମିତିଆ ଧାରଣାଟେ ସୃଷ୍ଟି ହେଇଥିଲା ଯେ ଭଲ ଛାତ୍ରମାନେ ବଡ଼ହେଇ ଆଇ.ଏ.ଏସ. ଅଫିସର ହବା ଉଚିତ । ଆଉ ଆଇ.ଏ.ଏସ. ପରୀକ୍ଷାରେ କୃତକାର୍ଯ୍ୟ ହବାକୁ ହେଲେ ତମର ଢେର ସାଧାରଣଜ୍ଞାନ ରହିବା ଉଚିତ । ସେ ଦୃଷ୍ଟିରୁ ଜିନ ଟେରିଲିନ ପିନ୍ଧି, ଗଗ୍‌ଲସ୍ ନାଇ, ଟେରି କାଟି, ଘନଘନ ସିଗାରେଟ ଫୁଙ୍କୁଥିବା ରବୀନସାର୍‌ଙ୍କର ତଥାପି ଢେର ଉପଯୋଗିତା ଥିଲା ।

'ଆଉ ବିଜୁ ପଟ୍ଟନାୟକ ?' ବାଙ୍କା ତା' ଅଜାଣତରେ ପଚାରିଦେଲା । ତା'ର ବିଜୁ ପଟ୍ଟନାୟକଙ୍କ ଦୁଃସାହସିକ ଜୀବନଯାତ୍ରା ପ୍ରତି ଥିଲା ଢେର ସମ୍ମାନବୋଧ । 'ବିଜୁ ପଟ୍ଟନାୟକ କ'ଣ ଆଉ ? ସିଏ ହେବେ ବିରୋଧୀଦଳର ମାନ୍ୟବର ନେତା ।' ସାମାନ୍ୟ ନିସ୍ପୃହ କଣ୍ଠରେ ଉତ୍ତର ଦେଲେ ରବୀନସାର୍ ।

ଏଇ ଶଳା ନୁଙ୍ଗୁରା କୃଷ୍ଣ, ଯିଏ କୁଆଡ଼େ ଦଶବର୍ଷ ତଳେ ଏକ ସ୍କୁଲ୍‌ର ଜଣେ ଅପ୍ରାପ୍ତବୟସ୍କା ଝିଅକୁ ଉଡ଼େଇନେଇ ପଳେଇଥିଲା, ସିଏ ହବ ମନ୍ତ୍ରୀ, ଆଉ ବିଜୁ ପଟ୍ଟନାୟକ ଭଳିଆ ବିରାଟ ବ୍ୟକ୍ତିତ୍ୱ କିଛି ହବନି, ବସିବ ବିରୋଧୀ ଦଳରେ; ଏକଥାଟା ଖଟ୍‌କା ଲାଗୁଥିଲା ବାଙ୍କାକୁ ।

'ସାର୍, ଆପଣ ତ ମନ୍ତ୍ରିମଣ୍ଡଳ ଗଢ଼ାହେବା ବେଳେ ସେଇଠି ଥିଲେ, ବିଜୁ ପଟ୍ଟନାୟକଙ୍କ ପାଇଁ ଚେଷ୍ଟା କଲେନି ?' ବାଙ୍କା ପଚାରିଦେଲା ।

'ଆରେ, ଗଣତନ୍ତ୍ରରେ ସବୁଠୁ ବଡ଼କଥା ହେଲା ଲୋକମତ । ଲୋକ ଚାହିଁଲେ ବିଜୁବାବୁ ମନ୍ତ୍ରୀ ନ ହୁଅନ୍ତୁ, ବିରୋଧୀ ଦଳ ନେତା ହୁଅନ୍ତୁ । ସେଥିକୁ ଆମେ ଆଉ କ'ଣ କରିପାରିବା ? ଏଇ ଧର, ଏଇ ଶ୍ରେଣୀର ସବୁ ପିଲା ମତ ଦେବେ ଯେ ବାଙ୍କନିଧି ହରିଚନ୍ଦନ କ୍ଲାସର ମନିଟର ହୁଅନ୍ତୁ, ତେବେ ସେ ବିଚାରକୁ ଆମେ ମୁଣ୍ଡପାତି ମାନିନବା ନା ନାହିଁ ?' ରବୀନସାର୍ କଥାଟାକୁ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରୁଥିଲେ ।

ବାଙ୍କା ଛାତିଟା ଡେଇଁପଡ଼ିଲା ସେତିକିବେଳେ । ତା'ଦେହ ହେମାଳ ହେଇଗଲା । ଏକ ଅଦ୍ଭୁତ ଆବେଗରେ ତା' ରୋମମୂଳ ପର୍ଯ୍ୟନ୍ତ ଥରିବାକୁ ଲାଗିଲା । ପାଟି ଶୁଖି ଜିଭ ଅଠାଅଠା ହେଇଗଲା । ଗୋଟାଏ ମୁହୂର୍ତ୍ତରେ ସିଏ ବୁଝିଗଲା ଓ୍ୱାର୍ଡ଼ସ୍‌ୱାର୍ଥଙ୍କ 'ଦ'

Digitized by srujanika@gmail.com

ରେନ୍‌ବୋ' କବିତାର ଅର୍ଥ, ଯାହା ସିଏ ମାସେହେଲା ବୁଝିପାରୁନଥିଲା । ସିଏ ସେମିତି କିଂକର୍ତ୍ତବ୍ୟମୂଢ଼ ହେଇ ଠିଆହେଇ ରହିଲା, ଯଦିଓ ରବୀନସାରଙ୍କୁ ପ୍ରଶ୍ନଟି ପଚାରିଦେବା ପରେ ତା'ର ସିଟ୍‌ରେ ବସିଯିବା ଉଚିତ ଥିଲା ।

'କ'ଣ ତା'ହେଲେ ତମମାନଙ୍କର ଗଣତାନ୍ତ୍ରିକ ମତ ? ବାଙ୍କନିଧି ହରିଚନ୍ଦନ ଏ କ୍ଲାସର ମନିଟର ହୁଅନ୍ତୁ, ଏକଥା କେତେଜଣ ଚାହାନ୍ତି, ସେମାନେ ହାତ ଟେକନ୍ତୁ ।' ଆହ୍ୱାନ ଦେଲେ ରବୀନସାର୍ ।

ବାଙ୍କା ଆଖିକୋଣରୁ ଦେଖିଲା ପଛଆଡ଼ର ବେଞ୍ଚମାନଙ୍କରେ ବସିଥିବା ପିଲାମାନେ ଧଡ଼୍‌ଧାଡ଼ ସେମାନଙ୍କ ହାତ ଟେକିଦେଲେ । ବୋଧହୁଏ ଭାବୁଥିଲେ, ରବୀନସାର୍ ଚାହାନ୍ତି ବାଙ୍କା ମନିଟର ହଉ । ଆଉ ଶ୍ରେଣୀ ଶିକ୍ଷକଙ୍କ ଇଚ୍ଛା ବିରୋଧରେ ଯିବା ବୁଦ୍ଧିମାନ କାର୍ଯ୍ୟ ନୁହେଁ । ଉପସ୍ଥାନ, ଫାଇନ, ପ୍ରୋଗ୍ରେସ ରିପୋର୍ଟ ଆଦି ତାଙ୍କରି ହାତରେ । ସାର୍ ଖୁସି ରହିଲେ ଯଦି କେବେ ଦୈବାତ୍ ସ୍କୁଲ୍‌ରୁ ଲୁଚିକି ସିନେମା ଦେଖାଗଲା, ତେବେ ଫାଇନ୍‌ର ଭୟ ନଥିବ । ସେମାନଙ୍କ ଦେଖାଦେଖି ମଝି ବେଞ୍ଚରେ ବସିଥିବା ପିଲାମାନେ ବି ହାତ ଟେକିଦେଲେ । ସେମାନଙ୍କର ନିଜର ବିଚାର କିଛି ନଥାଏ । ସୁଅ ଯୁଆଡ଼େ ବୋହିଲା, ସେମାନେ ସେଇଆଡ଼େ ବୋହିଯିବେ । କିନ୍ତୁ ଆଗ ବେଞ୍ଚରେ ବସିଥିବା ସବୁଠାରୁ ମେଧାବୀ ଛାତ୍ରଦଳଟି ଓ ସୁନ୍ଦରୀ ଝିଅମାନେ ସେଯାଏ କୁନ୍ଥୁକୁନ୍ଥୁ ହେଇ ବସିଥା'ନ୍ତି । ଶ୍ରେଣୀର ସମୁଦାୟ ପିଲାସଂଖ୍ୟା ତୁଳନାରେ ସେମାନଙ୍କର ମୁଣ୍ଡଗଣତି ନଗଣ୍ୟ । କିନ୍ତୁ ସେମାନଙ୍କର କାଟ୍‌ତି ଅଧିକ, ପିଲା ଆଉ ସାର୍ ସମସ୍ତଙ୍କ ନିକଟରେ । ତାଙ୍କରି ଭିତରେ ଥାଏ ପୃଥ୍ୱୀରାଜ, ଯିଏ ଶ୍ରେଣୀରେ ଫାଷ୍ଟ ହୁଏ ଓ ସୁଦର୍ଶନା, ଯିଏ ପଢ଼ାରେ ଯେମିତି, ଦେଖିବାକୁ ବି ସେମିତି ସୁନ୍ଦର । ପୁଣି ପୃଥ୍ୱୀରାଜ ସେଠାକାର ପୁରୁଣା ଛାତ୍ର ହେଇଥିବାରୁ ତା'ର ଥାଏ ଗୋଟେ ଛୋଟମୋଟ ଗ୍ରୁପ୍ । ସେଇ ଗ୍ରୁପ୍‌ର ପିଲାମାନେ ପୃଥ୍ୱୀରାଜ ପ୍ରତି ଢେର ଅନୁରକ୍ତ । ପଢ଼ାପଢ଼ିରେ ଧୁରନ୍ଧର ଆଉ ବଦମାସି କରିବାରେ ବି । ଖେଳଛୁଟିରେ ମହାଦେବ ମନ୍ଦିର ପଛରେ ବିଡ଼ି ସିଗାରେଟ ଟାଣିବା, ଝିଅପିଲାଙ୍କ ବହି ବସ୍ତାନିରେ ବେନାମି ଲଭ୍‌ଲେଟର ରଖିବା, କ୍ଲାସ ମଝିରୁ ପଳେଇଯାଇ ମାଟିନି ଶୋ' ସିନେମା ଦେଖିବା– ଏସବୁ ସେମାନେ ସାଙ୍ଗହେଇ କରନ୍ତି । ବୋଧହୁଏ ଏଇ କାରଣରୁ ରବୀନସାର୍ ପରମ୍ପରାକୁ ଭାଙ୍ଗି କ୍ଲାସରେ ପ୍ରଥମ ହେଉଥିବା ପିଲାକୁ ମନିଟର ନ ବାଛି, ଭୀରୁ ଓ ଶାନ୍ତଶିଷ୍ଟ ବାଙ୍କାକୁ ବାଛିଥିଲେ, ଯଦିଓ ମାତ୍ର ଛ'ମାସ ତଳେ ସିଏ ଏଇ ସ୍କୁଲ୍‌କୁ ଆସିଥିଲା ।

Digitized by srujanika@gmail.com

'ଏବେ ବାଙ୍କନିଧିଙ୍କ ସମର୍ଥନରେ କେତେଜଣ...' ରବୀନସାର୍ ଏତକ କହିଛନ୍ତି କି ନାହିଁ, ବାଙ୍କା ଦେଖିଲା ତା' ଆଗବେଞ୍ଚରେ ବସିଥିବା ପୃଥ୍ୱୀରାଜ ହଠାତ୍ ହାତ ଟେକିଦେଲା । ପୃଥ୍ୱୀରାଜ ଚାଲାକ ପିଲା । ସିଏ ହିସାବ କରିନେଇଥିବ ଖୁବ୍ ଅଳ୍ପ ପିଲା ଏଯାଏ ହାତ ଟେକିନାହାଁନ୍ତି । ପରାଜିତ ଅଳ୍ପସଂଖ୍ୟକଙ୍କ ଭିତରେ ରହିବା ଅପେକ୍ଷା, କ୍ଲାସ ଟିଚରଙ୍କ ଗୁଡ୍‌ବୁକ୍‌ରେ ରହିବା ଶ୍ରେୟସ୍କର ମନେକରିଥିବ ସିଏ । କିନ୍ତୁ ପୃଥ୍ୱୀରାଜ ହାତଟେକିବା ଦେଖି ତା'ର ଗୋଡ଼ାଣିଆ ଦଳଟି ଆଉ ସୁନ୍ଦରୀ ଝିଅମାନଙ୍କ ବେଞ୍ଚର ହାତଗୁଡ଼ିକ ମଧ୍ୟ ଉଠିଗଲା ।

ନଗରବିଜ୍ଞାନର ଶିକ୍ଷକ ରବୀନସାର୍‌ଙ୍କୁ ଆଉ ଗଣିତ କରିବାକୁ ପଡ଼ିଲାନି । 'ବେଶ୍, ତା' ହେଲେ ସର୍ବସମ୍ମତିକ୍ରମେ ଏ କ୍ଲାସର ମନିଟର ହେଲେ ଶ୍ରୀ ବାଙ୍କନିଧି ହରିଚନ୍ଦନ ।' ଘୋଷଣାକୁ ସମର୍ଥନ କରି ତାଳିମାଡ଼ ହେଲା, କିଛି ଉତ୍ସାହିତ, ଆଉକିଛି କୁଣ୍ଠିତ । ତାଳି ଥମିବା ପରେ ରବୀନସାର୍ ପୁଣି ଘୋଷଣା କଲେ, 'ଅଭିନନ୍ଦନ ବାଙ୍କନିଧି । ଏବେ ଏ ଗୁରୁଦାୟିତ୍ୱକୁ ଭଲଭାବରେ ପାଳନ କରିବା ଦାୟିତ୍ୱ ତୁମର । ନେତୃତ୍ୱର ନିଅଁ ଏମିତି ପଡ଼େ । ତୁମ ଉପରେ ନିର୍ଭରକରେ, ନେତୃତ୍ୱ ନବାକୁ ତୁମେ ହକ୍‌ଦାର କି ନୁହଁ ।'

ରବୀନସାର୍ କ୍ଲାସରୁ ଯିବାପରେ ଯିଏ ପ୍ରଥମେ ଆସି ତାକୁ ଅଭିନନ୍ଦନ ଜଣେଇଲା ସିଏ ଥିଲା ପୃଥ୍ୱୀରାଜ । ଛ'ମାସ ତଳେ ସିଏ ଯେତେବେଳେ ନବମ ଶ୍ରେଣୀ ଅଧାରୁ ଏ ସ୍କୁଲ୍‌କୁ ନୂଆ ହେଇ ଆସିଲା, ସେତେବେଳେ ଏଇ ପୃଥ୍ୱୀରାଜ ତାକୁ ଥଟ୍ଟାମଜା କରି ସବୁଠୁ ବେଶି ହଇରାଣ କରୁଥିଲା । କ୍ଲାସରେ ପ୍ରଥମ ହେଉଥିବା କାରଣରୁ ପୃଥ୍ୱୀରାଜ ଥିଲା 'ଏ' କ୍ଲାସ୍‌ର ମନିଟର । କ୍ଲାସରେ ଶୃଙ୍ଖଳା ରଖିବ କ'ଣ, ଶୃଙ୍ଖଳା ଭଙ୍ଗ କରିବାରେ ସବୁଠୁ ବେଶି ଭୂମିକା ତା'ର ଥିଲା । କେବଳ ନିଜ ସେକ୍ସନ ନୁହଁ, ବାଙ୍କା ସେକ୍ସନରେ ଆସି ପିଲାଙ୍କୁ ଖେଳଛୁଟିରେ ବିଡ଼ି ସିଗାରେଟ ଟଣେଇବା, ମାଟିନି ଶୋ' ଯିବାପାଇଁ ଉତ୍ସାହିତ କରିବା ଆଦି କାମ କରୁଥିଲା । ବାଙ୍କା ତା' ଖାପରେ ପଡୁନଥିବାରୁ ତାକୁ ହଲ୍ଲୁ, ମଫ, ସୁପର ଫାଇନ୍ ଚୁଡ଼ା ଆଦି ବିଶେଷଣରେ ବିଭୂଷିତ କରୁଥିଲା । ବାଙ୍କା ଅବଶ୍ୟ ବୁଝୁଥିଲା, ଏସବୁ ପୃଥ୍ୱୀରାଜର ସୁଚିନ୍ତିତ ଯୋଜନାବଦ୍ଧ କାର୍ଯ୍ୟକ୍ରମ । ତା'ର ହୁଏତ ଭିତରେ ଭିତରେ ଭୟ ଥିଲା, କାଳେ ପାଠପଢ଼ାରେ ସିରିଅସ ଆଉ ଶାନ୍ତଶିଷ୍ଟ ଭୀରୁ, ମଉନମୁହାଁ ବାଙ୍କା ଶ୍ରେଣୀରେ ଫାଷ୍ଟ ହେଇଯାଇପାରେ । ଡେସ୍‌ବୋର୍ଡ଼ରେ ଗୋଟି ଚଳେଇଲା ଭଳି ବାଙ୍କାକୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଡିମୋରାଲାଇଜ କରିଦେବା

Digitized by srujanika@gmail.com

ପାଇଁ ପୃଥ୍ୱୀରାଜ ଚେଷ୍ଟା କରୁଥିଲା । ବାଙ୍କା କାହାକୁ କିଛି ନ କହିଲେ ବି ପୃଥ୍ୱୀରାଜର ଯୋଜନାକୁ ବୁଝିପାରୁଥିଲା । ତା'ର ଆକ୍ରମଣାତ୍ମକ ଆଭିମୁଖ୍ୟ ପଛରେ ଥିବା ଭୟକୁ ସିଏ ଠଉରେଇ ପାରୁଥିଲା । କ୍ଲାସରେ ଫାଷ୍ଟ ହବା, ବେଷ୍ଟ ଟେନ୍ ଭିତରେ ସମଗ୍ର ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଭିତରେ ରହିବା ଭଳି ପ୍ରତିଯୋଗିତାମୂଳକ ମନୋଭାବରେ ସିଏ ଆଦୌ ପ୍ରଭାବିତ ହେଇପାରୁନଥିଲା । ନିଜର ଶଙ୍କା, ଆଳସ୍ୟ ଓ ସନ୍ଦେହରେ ସିଏ ଏତେ ଗ୍ରସ୍ତ ଥିଲା ଯେ ପୃଥ୍ୱୀରାଜ ଓ ତା'ର ଚେଲାମାନଙ୍କ ଅଦଉତି ତାକୁ ଖୁବ୍ ପିଲାଳିଆ ଲାଗୁଥିଲା ।

ପୃଥ୍ୱୀରାଜ ଯେତେବେଳେ ତାକୁ ପ୍ରଥମେ ଆସି ଅଭିନନ୍ଦନ ଜଣେଇଲା, ବାଙ୍କା ତେଣୁ ଏତେ ଉଲ୍ଲସିତ ହେଲା ନାହିଁ । ଯା'ପଛରେ ପୃଥ୍ୱୀରାଜର କ'ଣ ଅଭିସନ୍ଧି ଥାଇପାରେ, ତାକୁ ନେଇ ସିଏ ଭାବୁଭାବୁ ଅନ୍ୟମନସ୍କ ହେଇଗଲା କିଛି ସମୟ ।

'କ'ଣ ଏତେ ଭାବୁଛ ?' କହିଲା ପୃଥ୍ୱୀରାଜ । ଆମେ ସବୁ ଅଛୁ, ପରବାୟ ନାଇଁ । ଫୁଟ୍‌କି ମାରି କାମ ଉଠେଇନବା । ତମେ ଦେଖିବ ହରିଚନ୍ଦନ, ଏ ବର୍ଷ ଦଶମ 'ଏ' ସବୁଥିରେ ଫାଷ୍ଟ ହବ ।'

ସ୍କୁଲ୍‌ର ପରମ୍ପରା ଅନୁସାରେ ଜାନୁଆରି ଛବିଶରେ ସାଧାରଣତନ୍ତ୍ର ଦିବସ, ଏପ୍ରିଲ ଦୁଇରେ ସ୍କୁଲ୍‌ର ଜନ୍ମଦିନ, ସ୍ୱାଧୀନତା ଦିବସ ଅଗଷ୍ଟ ପନ୍ଦର ଅବସରରେ ଶ୍ରେଣୀଗୃହ ସଜାଇବା, ହତା ପରିଷ୍କାର କରିବା, ଚିତ୍ରାଙ୍କନ, ହସ୍ତକର୍ମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ତା'ଛଡ଼ା ଡିବେଟ, ପ୍ରବନ୍ଧଲିଖନ, ଗଳ୍ପ କବିତା, ସଂଗୀତ ପାଇଁ ଯେଉଁ କ୍ଲାସରୁ ବେଶି ପିଲା ପ୍ରାଇଜ ପାଆନ୍ତି, ସେ କ୍ଲାସ ଆଉ ସେକ୍ସନକୁ ସ୍କୁଲ ତରଫରୁ ସମ୍ବର୍ଦ୍ଧିତ କରାଯାଏ । ସେକ୍ସନ ତରଫରୁ ମନିଟର ଯାଇ ପୁରସ୍କାର ବିତରଣ ସଭାରେ ତାହାକୁ ଗ୍ରହଣ କରେ । ନିଜ ସେକ୍ସନର ପିଲାମାନଙ୍କୁ ସେ ଦିଗରେ ଉତ୍ସାହିତ କରିବା ପାଇଁ ତେଣୁ ମନିଟରର ଭୂମିକା ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ପୃଥ୍ୱୀରାଜ ବାଙ୍କାକୁ ସେଇ ପ୍ରତିଯୋଗିତାଗୁଡ଼ିକ ବିଷୟରେ ସୂଚେଇ ଦଉଥିଲା । ସେକ୍ସନ ତରଫରୁ କୋଉ ପ୍ରତିଯୋଗିତାରେ କିଏ ପ୍ରତିନିଧିତ୍ୱ କରିବ, ତା'ର ନିଷ୍ପତ୍ତି ଥିଲା ମନିଟର ହାତରେ । ତେଣୁ ଯେତେଶୀଘ୍ର ସମ୍ଭବ ପୃଥ୍ୱୀରାଜ ନିଜର ଅନୁରକ୍ତି ବାଙ୍କା ପାଖରେ ଜଣେଇଦେଲା । ବାଙ୍କା ତା'ର ଏପ୍ରକାର ପଟପରିବର୍ତ୍ତନର ରହସ୍ୟ ବୁଝିପାରୁଥିଲେ ବି ଉପରେ କିଛି କହିଲା ନାହିଁ । ସିଏ ଅନ୍ୟମନସ୍କ ହେଇ ଭାବୁଥିଲା ଆଉଗୋଟେ କଥା । ରବୀନସାର୍‌ଙ୍କ କଥା । ରବୀନସାର୍ ଯୋଉ ଗଣତାନ୍ତ୍ରିକ ବିଘର

Digitized by srujanika@gmail.com

କଥା କହୁଥିଲେ, ଲୋକମତ କଥା କହୁଥିଲେ, ତା'ର ସ୍ୱରୂପ କ'ଣ ଏଇଆ ? ସାର୍ ନିଜ ସେକ୍ସନରେ ପୃଥ୍ୱୀରାଜ କି ସେଇଭଳିଆ ଆଉକିଛି ପିଲାଙ୍କୁ ମନିଟର କରିବାକୁ ଚାହୁଁନଥିଲେ ହୁଏତ, ତେଣୁ ଆଗରୁ କୌଣସି ସୂଚନା ନ ଦେଇ ମନିଟର ନିର୍ବାଚନ କରେଇନେଲେ । ତା'ଭଳି ଭୀରୁ ନିଜକୁ ଜାହିର କରିପାରୁନଥିବା ପିଲାକୁ ଥୋପିଦେଲେ ସେକ୍ସନ ଉପରେ । ନିଜର ଦୁର୍ବଳତା ହଉ, ବା ସାର୍‌ଙ୍କ ପ୍ରତିପତ୍ତି ଓ କ୍ଷମତା ଭୟରେ ହଉ, ଅଧିକାଂଶ ପିଲା ତାକୁ ମାନିନେଲେ । ସେମାନଙ୍କ ସଂଖ୍ୟା ଅଧିକ ଥିବା କାରଣରୁ ଅନ୍ୟମାନେ ବି ସେ ସମର୍ଥନରେ ଯୋଗଦେଲେ । ସେମାନଙ୍କର ପ୍ରତିନିଧିତ୍ୱ କରିବା ପାଇଁ ବାଙ୍କା ନିଜର ଯୋଗ୍ୟତା ଜାହିର କଲା କେତେବେଳେ ? ନିଜେ ମନିଟର ହେଇଛି ବୋଲି ତା' ମନରେ ଯେଉଁ ସାମୟିକ ଆନନ୍ଦ ଓ ଉତ୍ତେଜନା ଦେଖାଦେଇଥିଲା, ତାହା ଖୁବ୍ ଶୀଘ୍ର ଅପସରି ଯିବାକୁ ଆରମ୍ଭ କଲା । ସେ ଭାବୁଥିଲା, ତାଙ୍କ କ୍ଲାସରେ ଯାହା ହେଲା, ଠିକ୍ ସେମିତି ହଉଥିବ ଗରିଆଡ଼େ । ନଇଲେ ନୁଙ୍ଗୁରା କୃଷ୍ଣ ମନ୍ତ୍ରୀ ହୁଅନ୍ତା ଆଉ ବିଜୁ ପଟ୍ଟନାୟକ ବସନ୍ତା ବିରୋଧୀ ଦଳରେ ?

ସ୍କୁଲ ଛୁଟି ପରେ ଘରକୁ ଆସି ବି ସେଇ ଚିନ୍ତାରେ ଘାରି ହେଉଥିଲା ବାଙ୍କା । ଯେତେବେଳେ ସିଏ ମନିଟର ବଛାହେଲା, ବାଙ୍କା ଭାବିଥିଲା ପ୍ରଥମେ ସିଏ ନାନୀକୁ ଏକଥା କହି ଚମକେଇଦବ, ନାନୀ କଲେଜରୁ ଫେରିବା ପରେ । ନାନୀ ତାକୁ ଯେ ସବୁକଥାରେ ହେୟଜ୍ଞାନ କରେ, ଏଇ ସମ୍ବାଦଟି ହିଁ ହେବ ତା'ର ପ୍ରକୃତ ପ୍ରତିଶୋଧ । ତା'ପରେ ବୋଉଠୁ ପଇସା ନେଇ ତା'ର କ୍ରିକେଟ ଟିମ୍‌ର ସାଙ୍ଗମାନଙ୍କୁ ଚକଲେଟ ବାଣ୍ଟିବ । କିନ୍ତୁ ମନିଟର ହବାର ସମଗ୍ର ପ୍ରକ୍ରିୟା ବିଷୟରେ ସିଏ ଯେତେବେଳେ ଭାବୁଥାଏ, ତା'ର ଉତ୍ସାହ ସେତେବେଳେ କମିବାରେ ଲାଗିଥାଏ । ଏମିତିକି ଛୋଟୁକୁ ବି କଥା କହିବାକୁ ତା'ର ମନ ଡାକିଲାନି । କେତେବେଳେ ବୋଉ ପାଖକୁ ଯାଇ ଫୁସ୍‌ଫୁସ୍ କରି କହିଲା, 'ବୋଉ ମୁଁ କ୍ଲାସରେ ମନିଟର ହେଇଛି ।' ବାଙ୍କାର ସାମାନ୍ୟସାମାନ୍ୟ କାମରେ ବି ଢେର ଉତ୍ସାହିତ ହେଉଥିବା ବୋଉ, ରୋଷେଇରେ ବ୍ୟସ୍ତ ଥିଲା କି କ'ଣ, ଖାଲି କହିଲା, 'ହଁ ନା ? ଭଲ ଭଲ ?' କିନ୍ତୁ ବାପା ଯେତେବେଳେ ଅଫିସରୁ ଫେରିଲେ, ସେତେବେଳେ ସିଏ ଖୁବ୍ ଉତ୍ସାହରେ ଜଣେଇଲା, 'ଆମ ବାଙ୍କା ତା' କ୍ଲାସର ମନିଟର ହେଇଛି, ଜାଣିଛ ?' ବାପା କହିଲେ, 'ମୁଁ କେମିତି ଜାଣିବି ? ମୁଁ କ'ଣ ସର୍ବଜ୍ଞ ? ଆଗରେ ମାଟ୍ରିକ ପରୀକ୍ଷା । ପଢ଼ାପଢ଼ିରେ ମନଦବା କଥା । ମନିଟର ହବାରୁ କ'ଣ ମିଳିବ ? ନିଜର କିଛି ଗୋଟେ ଲକ୍ଷ୍ୟ ନାହିଁ । ପୁରୁଣା ସ୍କୁଲ୍‌ରେ

Digitized by srujanika@gmail.com

କ୍ଲାସରେ ଫାଷ୍ଟ ହଉଥିଲା । ଏଠି ପାଞ୍ଚଜଣଙ୍କ ଭିତରେ ବି ରହିପାରିଲାନି । ତା’ ପୁଣି କୈଳାସସାର୍‌ଙ୍କ ଏତେ ଚେଷ୍ଟା ସତ୍ତ୍ୱେ ।’

ସବୁକଥାରେ ପାଣି ଓଜାଡ଼ିଦେବା ବାପାଙ୍କର ଅଭ୍ୟାସ । ଯାହା ହାତରେ ଅଛି, ସେଥିରେ ସନ୍ତୁଷ୍ଟ ହେଇପାରନ୍ତିନି ବାପା । ଯାହା ନାହିଁ, ତା’ରି ପାଇଁ ଅସନ୍ତୁଷ୍ଟ ରହିବା ତାଙ୍କର ପ୍ରକୃତି । ବାଙ୍କାକୁ ଡାକି ପଚାରିଲେ, ‘କିରେ ବାଙ୍କା, ତୁ କ’ଣ ମନିଟର ହେଇଚୁ କ୍ଲାସରେ ?’

ବାଙ୍କାକୁ ଶୁଣେଇଶୁଣେଇ ବୋଉକୁ ଯେତେକଥା କହିଥିଲେ, ସେଥିରେ ତା’ର ମନ ପୂରା ମରିଯାଇଥିଲା । ସିଏ ନିରୁତ୍ସାହିତ ଭାବରେ ଖାଲି ମୁଣ୍ଡ ଟିକେ ହଲେଇଦେଲା ।

ବାପା ପଚାରିଲେ, ‘କହତ, ମନିଟର ଶବ୍ଦର ଅର୍ଥ କ’ଣ ?’

ଏଇଟା ବାପାଙ୍କର ଆଉଗୋଟେ ଖୋଇ । ସମସ୍ତଙ୍କ ସାମ୍ନାରେ ତମକୁ ଏମିତି ଅବାଗିଆ ପ୍ରଶ୍ନ ପଚାରିବେ ଯେ ତମେ କାଇଲା ହେଇଯିବ । ତାଙ୍କ ସାଙ୍ଗମହଲରେ କାଳେ ଅପମାନିତ ହେଇଯିବ, ସେଇ ଭୟରେ ବାଙ୍କା ନାମ୍ବିଆଠୁ ଜାମ୍ବିଆ ପର୍ଯ୍ୟନ୍ତ ଶହେଖଣ୍ଡେ ଦେଶର ରାଜଧାନୀ ମୁଖସ୍ଥ କରି ପକେଇଥିଲା । ଗୋଟାଏ ମୋଟା ଖାତାରେ ହଜାରେ ଖଣ୍ଡେ ବୈଜ୍ଞାନିକ ଉଦ୍‌ଭାବନ ଓ ସେମାନଙ୍କର ଉଦ୍‌ଭାବକ, ବିଶ୍ୱସାହିତ୍ୟର ପ୍ରସିଦ୍ଧ ଗ୍ରନ୍ଥମାନ ଓ ସେମାନଙ୍କର ରଚୟିତା, ମହାପୁରୁଷମାନଙ୍କର ଜନ୍ମ ଓ ମୃତ୍ୟୁ ତାରିଖ ଇତ୍ୟାଦି ଯେତେ ଜାଣିବା କଥା, ସବୁ ଟିପି ପକେଇଥିଲା ଆଉ ମଝିରେ ମଝିରେ ପ୍ରଶ୍ନର ଉତ୍ତର ଦେଇ ଜଣେ ପ୍ରତିଭାବାନ ଛାତ୍ର ହିସାବରେ ପରିଚୟଟେ ସୃଷ୍ଟି କରିଥିଲା । ସେଭଳି ଗୋଟେ ପରିଚୟରୁ ବାପା କିଛିକିଛି ଆନନ୍ଦ ପାଉଥିବେ ସିନା, ବାଙ୍କା କିନ୍ତୁ ଭାରି ବୋର୍ ହେଉଥିଲା । ତେଣୁ ବାପାଙ୍କ ପ୍ରଶ୍ନର ଉତ୍ତର ଦେବ ନାହିଁ ବୋଲି ନିଶ୍ଚିତ କରିସାରିଥିଲେ ମଧ ତା’ ମୁହଁରୁ ହଠାତ୍ ଅଭ୍ୟାସବଶତଃ ବାହାରିପଡ଼ିଲା : ‘ଅକ୍ସଫୋର୍ଡ଼ ଡିକ୍ସିନାରି ଅନୁସାରେ– a school pupil with disciplinary or other special duties- ଶୃଙ୍ଖଳାରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦାୟିତ୍ୱ ଗ୍ରହଣ କରିଥିବା ଛାତ୍ର ।’

ଏମିତିଆ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆଗରୁ ଅନୁମାନ କରି ବାଙ୍କା ଅଭିଧାନଟିକୁ ଦେଖି ନେଇଥିଲା । ବାପା ଖୁବ୍ ଖୁସି ଜଣାପଡୁଥିଲେ । ଯଦିଓ ସେଇ ମୁହୂର୍ତ୍ତରେ ବାପାଙ୍କୁ ଖୁସି କରିବାକୁ ବାଙ୍କା ଆଦୌ ଚାହୁଁନଥିଲା, ତଥାପି ଅଭ୍ୟାସବଶତଃ ସିଏ ଠିକ୍ ଉତ୍ତର ଦେଇଥିଲା ।

Digitized by srujanika@gmail.com

ବାପା କହିଲେ, 'ଠିକ୍ ଅଛି, ମନିଟର ହୁଅ, ମନାନାଇଁ, କିନ୍ତୁ ନିଜର ସ୍ୱଧର୍ମ, ନିଜର ଲକ୍ଷ୍ୟ ଯେମିତି ପାସୋରି ନଯାଉ ।'

ବାପା ଗୀତାରୁ, ବିବେକାନନ୍ଦଙ୍କ ସମଗ୍ର ରଚନାରୁ ଆଉ ଆଉ କ'ଣ ଉଦ୍ଧାର କରି ଉପଦେଶ ଦେଇ ଚାଲିଥିଲେ, ଯାହା ବାଙ୍କାର କାନରେ ପଶୁନଥିଲା । ଏମିତିଆ ଗୁଡ଼େ ଶୁଖିଲା ଉପଦେଶ ଦବା ବାପାଙ୍କର ଅଭ୍ୟାସ, ହୁଏତ ସ୍ୱଧର୍ମ । ତେବେ ବାଙ୍କାର ସ୍ୱଧର୍ମ କ'ଣ ? ବାଙ୍କା କେମିତି ଜାଣିବ, ତା'ର ସ୍ୱଧର୍ମ କ'ଣ ? କ'ଣ, ଜନ୍ମହେବାବେଳୁ ମଣିଷ ଜାଣି ନେଇପାରେ ତା'ର ସ୍ୱଧର୍ମ ? ନା ଯୋଉଟା ବାପା କହିଦେଲେ, ବା ରବୀନସାର୍ କହିଦେଲେ, କି କୈଳାସସାର୍ ସୂଚେଇଦେଲେ, ସେଇଟାକୁ ସିଏ ନିଜର ସ୍ୱଧର୍ମ ବୋଲି ମାନିନବ ? ଜୀବନର ସବୁ ଅଭିଜ୍ଞତାକୁ ଖୁଣ୍ଟିନାଣ୍ଟି ମାପଚୁପ କରି, ତାକୁ ଯାହା ସୁହାଉଛି, ସେଇଟା ସିନା ସିଏ ସ୍ୱଧର୍ମ ବୋଲି ମାନିବ ! ତେବେ ଏମିତି ପରଖୁପରଖୁ ଜୀବନ ହୁଏତ ସରିଯାଇପାରେ । ନିଜର ସ୍ୱଧର୍ମ ଚିହ୍ନିବାବେଳକୁ ଆଉ ହୁଏତ ବାଟଚାଲିବା ପାଇଁ ସମୟ ଅକୁଳାଣ ହେଉଥିବ ।

ଏମିତି ଭାବୁଭାବୁ ବାଙ୍କା ଆଉକିଛି କୂଳକିନାରା ପାଉନଥିଲା । କେବଳ ଗୋଟିଏ କଥା ତାକୁ ଜଳଜଳ ହେଇ ଦିଶୁଥିଲା, ତାହା ହେଲା, ଶାସ୍ତ୍ର, ପୁରାଣ ଆଦିର ଆଦର୍ଶ କେବଳ ମନକୁ ଭୁଲେଇପାରେ । ସେଇ ଆଦର୍ଶକୁ ବଞ୍ଚିପାରିବା କାଠିକର ପାଠ । ତା' ଜେଜିମା, ଯିଏ ସବୁଦିନେ ସଂଜବେଳେ ବସି ପୁରାଣ ପଢ଼େ, ସିଏ ଗୋଟିଏ ବି ଆଦର୍ଶ ପାଳିବା କାଇଁ ବାଙ୍କା ନଜରେ କେବେ ବି ପଡ଼ିନି । ଜେଜିମା'ର ଆଚରଣ ଆଉ ତା' ପୁରାଣପଢ଼ା ଭିତରେ ଏତେ ପାର୍ଥକ୍ୟ ଥାଏ ଯେ ବାଙ୍କାର ପୁରାଣଗୁଡ଼ାକ ପ୍ରତି ମନ ବିକ୍ଷେଇ ଯାଇଥିଲା । ତେଣୁ ପାଖରେ ରହୁଥିବା ବେଳେ ଜେଜିମା ଯେତେବେଳେ ପୁରାଣ ପଢ଼ି ଶୁଣାଏ, ନାନୀ ଆଉ ଛୋଟୁ ଖୁବ୍ ଆଗ୍ରହରେ ଗପ ସବୁ ଶୁଣନ୍ତି, କିନ୍ତୁ ପଛଆଡ଼କୁ ବାଙ୍କା ଆଉ ଶୁଣୁନଥିଲା ।

ତା'ହେଲେ ଆଦର୍ଶଗୁଡ଼ାକ କ'ଣ ମିଛ କଥା ? ନା କେବଳ ମହାପୁରୁଷମାନେ ହିଁ ଆଦର୍ଶଗୁଡ଼ାକୁ ବଞ୍ଚିପାରନ୍ତି । ସେଇଥିପାଇଁ ସେମାନେ ମହାପୁରୁଷ ହେଇପାରନ୍ତି, ଯେମିତି ସ୍ୱାମୀ ବିବେକାନନ୍ଦ । କିନ୍ତୁ ବିବେକାନନ୍ଦଙ୍କ ଭଳି ହବାକୁ ବାଙ୍କାର ଆଦୌ ଇଚ୍ଛା ନଥିଲା । ବିବେକାନନ୍ଦ ଥିଲେ ଆଜନ୍ମ ବ୍ରହ୍ମଚାରୀ । ଆଉ ବାଙ୍କା ଯୋଉଦିନଠୁ ସଙ୍ଗୀତାକୁ ଦେଖିଲାଣି, ସେଦିନଠୁ ବିବେକାନନ୍ଦଙ୍କ ପରି ହବାର ଇଚ୍ଛା ସେ ତା'ମନରୁ କାଢ଼ିଦେଇଛି । ବାପାଙ୍କ ସାଙ୍ଗ ମିଶ୍ର ଅଙ୍କଲଙ୍କ ଝିଅ ସଙ୍ଗୀତା । ସପ୍ତମ ଶ୍ରେଣୀରେ

Digitized by srujanika@gmail.com

ପଡ଼େ । ବାଙ୍କା ହେରିକାଙ୍କ ପଛପଟ କ୍ୱାର୍ଟର୍ସରେ ରୁହନ୍ତି ସେମାନେ । ତା'ର ନିଜର ସାଙ୍ଗଫାଙ୍ଗ କେହି ନଥାନ୍ତି' କି କ'ଣ, ସବୁବେଳେ ନାନୀ ପାଖରେ ପଶିଥାଏ । ନାନୀ ସାଙ୍ଗେ କ'ଣ ଫୁସୁରୁଫାସର ହଉଥାଏ କେଜାଣି, ବାଙ୍କାକୁ ଦେଖିଲେ ଲାଜଲାଜ ହେଇ ଆଖିପତା ତଳକୁ କରିଦିଏ । ଆଉ ଯୋଉଦିନ ବୋଉ ମିଶ୍ରଆଣ୍ଟିଙ୍କି ମଜାରେ ମଜାରେ କହିଦେଲା, ଏଇ ଝିଅଟିକୁ ମୁଁ ବୋହୂ କରିବି, ବାଙ୍କା ନିଷ୍ପତ୍ତି ନେଇଗଲା ଯେ ସିଏ ଆଉ ବିବେକାନନ୍ଦଙ୍କ ଆଦର୍ଶ ଅନୁସରଣ କରିବନି । ବିବେକାନନ୍ଦଙ୍କ ଚିକାଗୋ ଭାଷଣ ଓ ଅନ୍ୟାନ୍ୟ ପ୍ରବନ୍ଧ ପଢ଼ି ସିଏ ଭାବିଥିଲା, ସେଇଭଳି ରାସ୍ତାଟିଏ ତା'ର ସ୍ୱଧର୍ମ ହବା ଉଚିତ । କିନ୍ତୁ ଏଇ ଛ'ମାସ ଭିତରେ, ବିଶେଷକରି ସଂଗୀତାକୁ ଦେଖିବା ପରଠୁ, ସିଏ ଏକ ଭିନ୍ନ ସ୍ୱଧର୍ମ ଅନୁସରଣ କରୁଥିଲା । ତେବେ ବିବେକାନନ୍ଦ ନହେଲା ନାଇଁ, ଜଣେ ମନିଟର ହିସାବରେ ତ ସିଏ ଭିନ୍ନ ଏକ ପରାକାଷ୍ଠା ଦେଖେଇପାରିବ ! ସାଧାରଣ ମନିଟରର ଗତାନୁଗତିକ ଦାୟିତ୍ୱକୁ ଅତିକ୍ରମ କରି ସିଏ ଏମିତି କିଛି କରିପାରିବ, ଯାହା ତା' ପାଇଁ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିବ । କେବଳ କୈଳାସସାର୍, ରବୀନସାର୍ ଓ ସ୍କୁଲ୍‌ର ସାଙ୍ଗସାଥୀ ନୁହନ୍ତି, ତା' କାମରେ ଖୋଦ୍ ବାପା ବି ଚମତ୍କୃତ ହେଇଯିବେ । ଆଉ ସଙ୍ଗୀତା...

ପରଦିନ ଖେଳଛୁଟି ପରେ ବାଙ୍କା ଉପସ୍ଥାନ ଖାତାରୁ ଜଣଜଣ କରି ନାଁ ଡାକିଲା । ଏଇଟା ମନିଟରକୁ କରିବାକୁ ପଡ଼େ । ପ୍ରଥମ କ୍ଲାସରେ କ୍ଲାସଟିଚର ଆଟେଣ୍ଡାନ୍ସ ନେଇସାରିଛନ୍ତି । ଖେଳଛୁଟି ପରେ ସବୁ ପିଲା ଅଛନ୍ତି ନା ନାଇଁ, ତା'ର ରିପୋର୍ଟ ମନିଟରକୁ ଦବାକୁ ପଡ଼େ । ଯଦି କେହି ଲୁଚିକି ଚାଲି ଯାଇଥାଏ, ତା'ଉପରେ ଫାଇନ ହୁଏ । ଭାଗ୍ୟକୁ ସେଦିନ ସବୁ ପିଲା ଥିଲେ ।' ଉପସ୍ଥାନ ନେଇସାରି ବାଙ୍କା କହିଲା 'ଭାଇ ଓ ଭଉଣୀମାନେ ।' ଉପସ୍ଥାନ ନେବାବେଳେ ଯେଉଁ ଗୋଳମାଳ ହେଉଥିଲା, ସବୁ ବନ୍ଦ ହେଇଗଲା ।

ଜଣେ ମନିଟର ହଠାତ୍ ଜଣେ ରାଜନୀତିକ ନେତା ଭଳି ଭାଷଣ ଦବାକୁ ଆରମ୍ଭ କରିବ, ଏକଥା ପିଲାମାନେ ଭାବିନଥିଲେ । ସେମାନେ କୌତୂହଳୀ ହେଇ ବାଙ୍କାକୁ ଅନେଇ ରହିଲେ । କିନ୍ତୁ ବାଙ୍କାର ସେତେବେଳକୁ ପିଳେହିପାଣି । ଏକରେ ଲାଜକୁଳା ପିଲା, ଉପସ୍ଥାନ ନେବାବେଳକୁ ଯେତେବେଳେ ପିଲାଙ୍କ ଆଗରେ ଠିଆହେଲା, ସେତେବେଳୁ ତା'ର ହାତ ଥରିବା ଆରମ୍ଭ କଲାଣି । ତଥାପି ଭାଷଣଟିଏ ଦବାକୁ ସିଏ ରାତିସାରା ଚେଇଁରହି ଯୋଉ ନିଷ୍ପତ୍ତି ନେଇଥିଲା, ସେଇ ଯୋଶ୍‌ରେ ଭାଇ ଓ

Digitized by srujanika@gmail.com

ଭଉଣୀମାନେ ବୋଲି ସମ୍ବୋଧନ ସିନା କରିଦେଲା, କିନ୍ତୁ ତା' ପରେପରେ ତା'ମୁହଁ ଶୁଖି ପାଟି ଅଠାଅଠା ହେଇଗଲା । ଯାହା କହିବ ବୋଲି ରାତିସାରା ମନସ୍ଥ କରିଥିଲା ସବୁ ଭୁଲିଗଲା । ଏତିକିବେଳେ ତା'ର ମନେପଡ଼ିଗଲା ବିବେକାନନ୍ଦଙ୍କ ଚିକାଗୋ ଭାଷଣ । "ଆମେରିକାର ଭାଇ ଓ ଭଉଣୀମାନେ ।" ସେଇ ସମ୍ବୋଧନ ମନେପଡ଼ିଯିବା କ୍ଷଣି ବାଙ୍କାମନରେ ଭରିଗଲା ସାହସ । ସେ କହିଚାଲିଲା, 'ଆମେମାନେ ସବୁବର୍ଷ ଗଣେଶପୂଜା, ସରସ୍ୱତୀପୂଜା କରିଥାଉ । ସ୍କୁଲ୍‌ର ପ୍ରତିଷ୍ଠା ଦିବସ, ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସରେ ଶ୍ରେଣୀକକ୍ଷ ପରିଷ୍କାର ପରିଚ୍ଛନ୍ନ କରିଥାଉ । ଆମ ଭିତରୁ ପିଲାଏ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ପାଆନ୍ତି । ଏଥିରେ ଶ୍ରେଣୀର ଗୌରବ ବଢ଼େ । ଏସବୁ ଆମେ ପୁରୁଣା ପରମ୍ପରା ମାନି କରିଥାଉଁ । ମୁଁ କହୁନାଇଁ ଯେ ଏସବୁ ଆମେ କରିବାନି । ଆମେ ଏସବୁ ତ କରିବା ନିଶ୍ଚୟ । ପ୍ରତିଷ୍ଠା, ଗୌରବବୋଧ ଆମର ତ ନିହାତି ଦରକାର । କିନ୍ତୁ କେବଳ ସମାଜ ସ୍ଥିର କରି ଦେଇଥିବା ଶଗଡ଼ଗୁଳାରେ ନୁହେଁ । ଆମେ ପରମ୍ପରାର ଆଗକୁ ଯାଇ ନିଜର ପରିଚୟ ତିଆରି କରିବାକୁ ପଡ଼ିବ । ସେଇ ହବ ଆମ ବ୍ୟକ୍ତିତ୍ୱର ଅସଲ ପରୀକ୍ଷା । ଆମର ସେଥିରେ ଗୌରବ ବଢ଼ିବ କି ନା ମୁଁ ଜାଣେନା, କିନ୍ତୁ ଗୋଟେ ନୂଆ ଆହ୍ୱାନର ସମ୍ମୁଖୀନ ହେଲେ ଇ ଆମେ ନିଜକୁ ଆବିଷ୍କାର କରିପାରିବା । ମୋର ପ୍ରସ୍ତାବ ହେଲା, ଖେଳଛୁଟି ସମୟରେ ଆମେ ଆମ କାମ କରିପାରୁଛେ, ସେଇ କାମଟି ହବ ତ'ର ଉଦାହରଣ ।'

ବାଙ୍କାର ଭାଷଣ ସରିବା ମାତ୍ରେ ଉଚ୍ଛ୍ୱସିତ ତାଳିମାଡ଼ ହେଲା । କିନ୍ତୁ ବାଙ୍କା ଲକ୍ଷ୍ୟ କଲା, ପୃଥ୍ୱୀରାଜ ଓ ତା'ର ଚମଚମାନେ ଭାରି ଶୁଖିଲା ଦିଶିଲେ । ଏମିତିକି ବାଙ୍କାକୁ ଶୁଣେଇଶୁଣେଇ ପୃଥ୍ୱୀରାଜ ତା' ପାଖ ପିଲାକୁ କହିଲା, 'ଶଳା ରବୀନମାଷ୍ଟ୍ର ମେଣ୍ଟେଇ ଦେଇଛି ତ, ଇଏ ମେଅଁଢ଼ ନିଜକୁ ଗଭର୍ଣ୍ଣର ଭାବୁଛି ! କୃଷ୍ଣ ପ୍ରଧାନ ପରେ ଏଇ ହବ ଏମ୍.ଏଲ୍.ଏ ।' ଦଳଟିଯାକ ଚୁମୁଟାଚୁମୁଟି ହେଇ ବାଙ୍କାକୁ ଇଲେଇତି କରୁଥା'ନ୍ତି । ବାଙ୍କା ସେକଥା ମନକୁ ନ ନେଇ ନିଜ ସିଟ୍‌କୁ ଗଲା । ଅନେକ ଦିନ ଧରି ଏଇଭଳି ଗୋଟେ ବାଡ଼ର ଆବଶ୍ୟକତା ଅନୁଭବ କରୁଥିଲା ବାଙ୍କା । ପଡ଼ିଆରେ କ୍ରିକେଟ ଖେଳିବାବେଳେ ଅନେକ ସମୟରେ ବଲ୍ ଚାଲିଯାଉଥିଲା ସେଇ ଦିଗକୁ, ଯୋଉଠି ଥିଲା ଅପରଚ୍ଛନିଆ ଗୋଟେ ବୁଦାଭର୍ତ୍ତି ଜଙ୍ଗଲ । ପଡ଼ିଆର ଗୋଟେ ପାଖରେ ସ୍କୁଲ୍‌ର ଧାଡ଼ିଧାଡ଼ି କୋଠାଘର, ଆରପଟରେ ରାଜରାସ୍ତା, ତୃତୀୟ ପାଖରେ ଇଲେକ୍‌ଟ୍ରିକ ସବ୍‌ଷ୍ଟେସନ ବିରାଟ ବାଉଣ୍ଡାରି । କେବଳ ଗୋଟିଏ ପଟ ଅସୁରକ୍ଷିତ ଥିଲା, ଯାହାର ସୁଯୋଗ ନେଇ ଆଖପାଖ ବସ୍ତିର ଲୋକ ସେଠି ନିତ୍ୟକର୍ମ ସାରି ଶୌଚ ହେଉଥିଲେ ।

Digitized by srujanika@gmail.com

ବୁଦୁବୁଦୁକିଆ ଜଙ୍ଗଲର ଅମରି ଆଉ କଣ୍ଟେଇକୋଳି ଗଛ ଆଢ଼େଇ କ୍ରିକେଟ ବଲ୍ ଖୋଜିବାବେଳେ ବିଷ୍ଠା ଭୟରେ ଖୁବ୍ ସତର୍କତା ଅବଲମ୍ବନ କରିବାକୁ ପଡୁଥିଲା । ବାଙ୍କାକୁ ତ ଏତେ ଘୃଣା ଲାଗୁଥିଲା ଯେ ସିଏ ମୋଟାମୋଟି ସ୍କୁଲ୍‌ରେ କ୍ରିକେଟ ଖେଳିବା ଛାଡ଼ିଦେଇଥିଲା, ଯଦିଓ କ୍ରିକେଟ ଖେଳ ଥିଲା ତା' ଜୀବନର ସବୁଠାରୁ ପ୍ରିୟ ଜିନିଷ, ଏମିତିକି ପହଞ୍ଚିବାକୁ ଅଧିକା ଗୋଟେ କିଲୋମିଟର ଚାଲିବାକୁ ପଡ଼ନ୍ତା । ଲୋକଙ୍କ ବିରୋଧ ଯୋଗୁଁ ସେମାନଙ୍କ ଭୋଟ୍ ଉପରେ ନିର୍ଭରଶୀଳ ସ୍ଥାନୀୟ କାଉନସିଲର, ହେଡ଼ମାଷ୍ଟ୍ରେ ଓ ଗର୍ଭର୍ଣ୍ଣିଂବଡ଼ି ଉପରେ ଚାପ ପକେଇ ପାଚିରି ତିଆରିକୁ ଅନେକଥର ବନ୍ଦ କରିଦେଇଥିଲେ ।

ବାଙ୍କା ଓ ତା'ର ସମର୍ଥକ ଶ୍ରେଣୀପିଲାଙ୍କୁ ଏ ଇତିହାସ ମାଲୁମ ନଥିଲା । ତେଣୁ ପରଦିନଠାରୁ ସେମାନେ ଖୁବ୍ ଉତ୍ସାହରେ ବାଡ଼ ବୁଜିବା କାମରେ ଲାଗିଗଲେ । ଏପରିକି ହରିଆ, ଯିଏ ନିଜେ ସ୍କୁଲ୍ ଛୁଟି ପରେ, ସେଇଠି ବିଡ଼ି ଟାଣି ମଳତ୍ୟାଗ କରୁଥିଲା, ସିଏ ଖୁବ୍ ଉତ୍ସାହରେ ଚାନ୍ଦା ଆଦାୟର ନେତୃତ୍ୱ ନେଲା । ରବୀନସାର୍‌ଙ୍କ ପରୋକ୍ଷ ସମର୍ଥନରେ କିଣାହେଇ ଆସିଲା ଖୁଣ୍ଟ, କଣ୍ଟା, ବାଉଁଶ, ତାରଜାଲି, ଶାବଳ । ପିଲାମାନେ ଖୁବ୍ ଆଗ୍ରହରେ ଶ୍ରମଦାନ କରି, ଗାତଖୋଳି, ଖୁଣ୍ଟପୋତି, ବାଡ଼ବାନ୍ଧି ଦିନ ପାଞ୍ଚଟାରେ ଏଡ଼େବଡ଼ ପଡ଼ିଆର ଅଧାଅଧି ଭାଗ ବୁଜିଦେଲେ । ସବୁପ୍ରକାର ସମର୍ଥନ ଦବ ବୋଲି ପୃଥ୍ୱୀରାଜ ଆଶ୍ୱାସନା ଦେଇଥିଲେ ବି ସିଏ ଆଉ ତା' ଦଳଟା ବାଙ୍କା କାମରେ କରଛଡ଼ା ଦେଇ ରହୁଥା'ନ୍ତି । କିନ୍ତୁ ବାଙ୍କାର ସେଥିକୁ ଖାତିର ନଥାଏ । ତା' ମନରେ ଆସିଯାଇଥାଏ ଗୋଟେ ଅଭୂତପୂର୍ବ ସାହସ ଓ ବିଶ୍ୱାସ । ନୂଆନୂଆ ଏ ସ୍କୁଲ୍‌କୁ ଆସିବାବେଳେ ସିଏ ଯୋଉ ଭୟ ଓ ସଙ୍କୋଚ ଅନୁଭବ କରୁଥିଲା, ତା' ଜାଗାରେ ସିଏ ଅନୁଭବ କରୁଥାଏ ଖୁବ୍ ସ୍ଫୂର୍ତ୍ତି ଓ ଉତ୍ସାହ । ସିଏ ନିଜେ ଆଗଭର ହେଇ କାମ କରିବା ଦେଖି ଅନ୍ୟ ପିଲାମାନେ ବି ଲାଗିପଡ଼ଥା'ନ୍ତି ଉତ୍ସାହରେ । ଆଉ ଚାରିପାଞ୍ଚ ଦିନ ଭିତରେ ସବୁକାମ ସରିଯିବ, ଏମିତି ଲାଗୁଥାଏ । ସେମାନେ ଗୋଟେ ସୁରକ୍ଷିତ ଖେଳପଡ଼ିଆ ପାଇଯିବେ । କେବଳ ବାଙ୍କା କ୍ଲାସର ପିଲା ନୁହେଁ, ଆଗକୁ ଆଗ ବହୁବର୍ଷ ଧରି ସେଠି ପଢୁଥିବା ଛାତ୍ରମାନେ ତା'ର ସୁବିଧା ନେବେ । ସେମାନେ ଖେଳିବାବେଳେ ବାଙ୍କା ଓ ତା'ର ସହପାଠୀମାନଙ୍କୁ କେତେ ଶ୍ରଦ୍ଧାରେ ସ୍ମରଣ ନ କରିବେ !

ଏଇ ଚିନ୍ତାରେ ମସ୍‌ଗୁଲ ହେଇ ବାଙ୍କା ଭୋକଶୋଷ ଭୁଲିଯାଇଥିଲା । ଦୈନନ୍ଦିନ ସଞ୍ଜବେଳେ ପ୍ରାର୍ଥନା କାମ ସାରି ପାଠପଢ଼ି ବସିଲେ ବି ତାକୁ ବହିର ଲେଖାମାନ

Digitized by srujanika@gmail.com

ଦେଖାଯାଉନଥିଲେ । ବହି ଖୋଲିବାମାତ୍ରେ ତାକୁ ଦେଖାଯାଉଥିଲା ପଡ଼ିଆର ଚିତ୍ର । ତା’ କଳ୍ପନାରେ ସିଏ ସ୍କୁଲ୍ ପଡ଼ିଆର ଭବିଷ୍ୟତ ସହ ତୁଳନା କରୁଥିଲା ବାରବାଟି ଷ୍ଟାଡ଼ିଅମ୍‌ର ସବୁଜ ଗାଲିଚ଼ା, ଯୋଉଠି ସିଏ ଗଲାବର୍ଷ ଦେଖିଥିଲା ଇଷ୍ଟଜୋନ ଓ ଓ୍ୱେଷ୍ଟଜୋନ ମଧ୍ୟରେ ତିନିଦିନିଆ ମ୍ୟାଚ୍ । ସ୍କୁଲ ପଡ଼ିଆ ଦିନେ ନା ଦିନେ ବାରବାଟି ପଡ଼ିଆ ଭଳି କାହିଁକି ନ ହବ ? ହଠାତ୍ ତା’ର କଳ୍ପନାକୁ ବ୍ୟାହତ କଲା ବାପାଙ୍କ ଡାକରା ।

‘କିରେ ବାଙ୍କା, ଏଠିକି ଆ ତ ।’

ବାଙ୍କା ତରତର ହେଇ ପଢ଼ାଘରୁ ଉଠି ବୈଠକଖାନାକୁ ଗଲା । କେତେବେଳୁ ବାପା ଅଫିସରୁ ଫେରି ସେଠି ବସି ଚା’ ପିଉଛନ୍ତି, ବାଙ୍କାର ନିଘା ନଥିଲା ।

‘କେତେଥର ଡାକିଲିଣି, କ’ଣ କରୁଥିଲୁ କି ?’ ବାପା ପଚାରିଲେ । ବାଙ୍କା ପ୍ରମାଦ ଗଣିଲା । ଏମିତିଆ ଅଚାନକ ପଢ଼ାଅଧାରୁ ଡକରା ପଡ଼ିଲା ମାନେ, ଆଜି ତା’ ଭାଗ୍ୟରେ ପ୍ରଚୁର କୋଳଥି ଲେଖାହେଇଛି । କିନ୍ତୁ ଗଲା କିଛିଦିନ ଭିତରେ, ସେ ମାଡ଼ ଖାଇବା ଭଳି, ସେମିତି କିଛି ବଦମାସି କରିଥିବା ତା’ର ମନେପଡ଼ିଲାନି । ଅବଶ୍ୟ ନାନୀ କି ଛୋଟୁ ଯଦି କିଛି ଚୁଗୁଲି କରିଥିବେ, ତେବେ କଥା ଅଲଗା । ମାଡ଼ର ପରିମାଣ ବେଶି ହବନି । ବାଙ୍କା ମନେମନେ ବୋଉକୁ ସ୍ମରଣ କଲା । ଜେଜିମା’ ନଥିବା ବେଳେ, ବାପାଙ୍କ ମାଡ଼ ଦାଉରୁ କେବଳ ବୋଉ ହିଁ ଏକମାତ୍ର ସାହାରା ।

‘ପଢୁଥିଲି ।’ ବାଙ୍କା ସଂକ୍ଷେପରେ କହିଲା ।

‘କ’ଣ ପଢୁଥିଲୁ ? ସାର୍‌ମାନେ କହୁଥିଲେ, ତୁ ଏବେ ଏକ୍‌ଷ୍ଟ୍ରା କରିକଲାର କାମରେ ବେଶି ଧ୍ୟାନ ଦେଉଛୁ ? ନିଜର ଲକ୍ଷ୍ୟ ଭୁଲିଗଲୁଣି କି ? ହେଡ଼ମାଷ୍ଟ୍ରେ କହୁଥିଲେ, ଲକ୍ଷ୍ୟ ସ୍ଥିର କଲେ ତୁ ମାଟ୍ରିକରେ ବେଷ୍ଟ ଟେନ୍‌ଥ ଭିତରେ ଆସିଯାଇପାରୁ । ଦେଖ୍ ଆଗାମୀ ଚାରିବର୍ଷ ହିଁ କଠୋର ସାଧନାର ସମୟ । ଏଇ ଚାରିବର୍ଷ ଭିତରେ ନିଷ୍ପତ୍ତି ହେଇଯିବ । ତୁ ଲମ୍ବା ରେସ୍‌ର ଘୋଡ଼ା ନା ଆଉ ଅନେକଙ୍କ ଭଳି ସାଧାରଣ ଗଧ । ଯା’, ମନଦେଇ ପାଠ ପଢ଼ୁ । ମୁଁ ଯେମିତି ସାର୍‌ମାନଙ୍କ ଅଭିଯୋଗ ଆଉ ନ ପାଏ ।’

ଯାହାହେଉ ମାଡ଼ ହେଲାନି । ବାଙ୍କା ବଜ୍ରାଙ୍ଗବାଲୀଙ୍କୁ ମନେମନେ ଅନେକ ଧନ୍ୟବାଦ ଦେଲା । ସକାଳୁ ହନୁମାନ ମନ୍ଦିରରେ ଯୋଡ଼େ କଦଳୀ ଭୋଗ କରିବ ବୋଲି ମାନସିକ କରିପକେଇଲା ।

Digitized by srujanika@gmail.com

ଅବଶ୍ୟ ସକାଳେ ସିଏ ମାନସିକ କରିଥିବା କଥା ପୂରାପୂରି ଭୁଲିଯାଇଥିଲା । ତା' ମନରେ ଖେଳୁଥିଲା କେବଳ ଗୋଟିଏ ଚିନ୍ତା । କେମିତି ଖୁବ୍ ଶୀଘ୍ରଶୀଘ୍ର ବାଡ଼ବୁଜା କାମ ସରିଗଲେ ସିଏ ପଢ଼ାପଢ଼ିରେ ଧ୍ୟାନ ଦେବ । ସାର୍‌ମାନେ ଆଉ ଅଭିଯୋଗ କରିବାର ସୁଯୋଗ ପାଇବେନି । କିନ୍ତୁ ପ୍ରଥମେ କ୍ଲାସରେ ହିଁ ବାଙ୍କାର ସବୁ କଳ୍ପନା ବିଗିଡ଼ିଗଲା । କ୍ଲାସ ଟିଚର ରବୀନସାର୍‌ଙ୍କ ଜାଗାରେ ଉପସ୍ଥାନ ଖାତା ଧରି ପହଞ୍ଚିଲେ ଇଂରାଜୀ ଶିକ୍ଷକ ଭାଗବତସାର୍ । ପ୍ରଥମେ ସିଏ ପଢ଼ିଲେ ହେଡ୍‌ମାଷ୍ଟ୍ରଙ୍କ ନୋଟିସ୍ ଯେଉଁଥିରେ ଲେଖାଥିଲା ଦଶମ 'ଏ'ର କ୍ଲାସ ଟିଚର ରବୀନସାର୍‌ଙ୍କ ଜାଗାରେ ଭାଗବତ ସାର୍ ହିଁ ଏଣିକି ହେବେ କ୍ଲାସ ଟିଚର ।

ଉପସ୍ଥାନ ନେବା ପରେ ଭାଗବତସାର୍ କହିଲେ, 'ଗଲା ବାର୍ଷିକ ପରୀକ୍ଷାରେ କିଏ ଫାଷ୍ଟ ହେଇଥିଲା ?'

ଖୁବ୍ ଦର୍ପର ସହ ପୃଥ୍ୱୀରାଜ ତା' ନିଜ ସିଟ୍‌ରୁ ଠିଆ ହେଇପଡ଼ିଲା ।

'ତମେ କ'ଣ ଏ କ୍ଲାସର ମନିଟର ?' ପୁଣି ପଚାରିଲେ ଭାଗବତ ସାର୍ । ପୃଥ୍ୱୀରାଜ ସାମାନ୍ୟ ଅପମାନିତ ଅନୁଭବ କରି ତୀର୍ଯ୍ୟକ ଦୃଷ୍ଟିରେ ବାଙ୍କାଆଡ଼େ ଚାହିଁ କହିଲା, 'ନା ସାର୍ ।'

କାହିଁକି ? ସ୍କୁଲ୍‌ର ପରମ୍ପରା ଅନୁସାରେ ଗତ ପରୀକ୍ଷାରେ ଫାଷ୍ଟ ହେଇଥିବା ଛାତ୍ର ହିଁ ମନିଟର ହବା କଥା । ଆଜିଠୁ ତମେ ହେଲ ଏ କ୍ଲାସର ମନିଟର । ଏଥିରେ କାହାର କିଛି କହିବାର ଅଛି ?' ପଚାରିଲେ ଭାଗବତସାର୍ ।

ପୃଥ୍ୱୀରାଜର ଚମଚା ଦଳଟି ଖୁବ୍ ଉତ୍ସାହରେ ଚିତ୍କାର କରି କହିଲେ 'ନା ସାର୍ ।'

ତା'ପରେ ଖୁବ୍ ଉତ୍ସାହରେ ତାଳିମାରି ଏ ନିଷ୍ପତ୍ତିକୁ ସ୍ୱାଗତ କଲେ । ଘଟଣାର ଏଭଳି ମୋଡ଼ ପରିବର୍ତ୍ତନରେ ବାଙ୍କା ତାଟକା ହୋଇଯାଇଥାଏ । ପୃଥ୍ୱୀରାଜ ଗଡ଼ ଜିତିଥିବା ଭଳି ତା' ଆଡ଼କୁ ଚାହିଁ ମୁରୁକିମୁରୁକି ହସୁଥାଏ । ବାଙ୍କା ଏତେ ଅପମାନିତ ଅନୁଭବ କରୁଥାଏ ଯେ ତା'ର.ମନେହେଉଥାଏ, ପୁରାଣର ସୀତାଙ୍କ ଭଳି ସିଏ ମାଟି ଭିତରେ ଲୁଚିଯା'ନ୍ତା କି, ତା'ର କୌଣସି ଚିହ୍ନବର୍ଣ୍ଣ ଏ ପୃଥିବୀପୃଷ୍ଠରେ ରହନ୍ତା ନାଇଁ । ଖୁବ୍ ସନ୍ତର୍ପଣରେ ସିଏ କ୍ରିକେଟ ଖେଳାଳିଦଳଙ୍କୁ ଅନେଇଲା, ଯୋଉମାନେ ପଡ଼ିଆକୁ ସୁରକ୍ଷିତ କରିବା ପାଇଁ ତାକୁ ଢେର ସହଯୋଗ କରିଥିଲେ । କିନ୍ତୁ ଭାଗବତସାର୍‌ଙ୍କ

Digitized by srujanika@gmail.com

ଭଳି କଡ଼ା ମାଷ୍ଟ୍ରଙ୍କ ସାମ୍ନାରେ କିଏ ପାଟି ଫିଟେଇବ ? ପୁଣି ଭାଗବତସାର୍ ହେଲେ ସ୍କୁଲ୍‌ର ଆସିଷ୍ଟାଣ୍ଟ ହେଡ଼୍‌ମାଷ୍ଟର ।

କ୍ଲାସର ବାତାବରଣ ଥିଲା ସଂପୂର୍ଣ୍ଣ ଶାନ୍ତ, ପ୍ରତିକ୍ରିୟାହୀନ । ଭାଗବତସାର୍ ସେଦିନ ଯାହା ପଢ଼େଇଲେ, ବାଙ୍କା କାନରେ ପଶୁନଥାଏ । ସିଏ ନିଜକୁ ମାନସିକ ଭାବରେ ପ୍ରସ୍ତୁତ କରୁଥାଏ, କ୍ଲାସ ପରେ ସିଏ କେମିତି ନିଜକୁ ସମ୍ଭାଳିବ । ଆଗ ବେଞ୍ଚର ଝିଅମାନଙ୍କ ଦଳର ଟାହିଟାପରା ବଡ଼କଥା ନୁହଁ, ସବୁଠୁ କଷ୍ଟକର ଥିଲା ସିଏ ପୃଥ୍ୱୀରାଜକୁ କେମିତି ସାମ୍ନା କରିବ । କ୍ଲାସ ସରିବାମାତ୍ରେ କେହି କିଛି ନ ବୁଝୁଣୁ ବାଙ୍କା ଉଠିଗଲା ନିଜ ସିଟ୍‌ରୁ ଆଉ କୁଣ୍ଢେଇ ପକେଇଲା ପୃଥ୍ୱୀରାଜକୁ । କହିଲା, 'ଭାଇ, ତମେ ମତେ ରକ୍ଷା କରିଦେଲ । ତମେ ହିଁ ମନିଟର ହବା କଥା । ରବୀନସାର୍ କାହିଁକି ଯେ ମୋତେ ଏଥିରେ ଫସେଇଥିଲେ କେଜାଣି ? ମନିଟର ହବା ପରଠଉଁ ଘରେ ତେଲି ମାଡ଼ ହଉଛି । ବାପା ହେଡ଼୍‌ସାର୍‌ଙ୍କୁ ବାରମ୍ବାର କହିଥିଲେ, ମୋତେ ଏଥିରୁ ବାହାର କରିଦବାକୁ । ତମେ ଏଥର କାମ ଚଲାଅ । ଆମେ ତମ ପଛରେ ଅଛୁ ।'

ପୃଥ୍ୱୀରାଜ ଜାଣିଥିଲା, ବାଙ୍କାର ବାପା ବଡ଼ ଅଫିସର । ତାଙ୍କର ସାର୍‌ମାନଙ୍କ ସହ ଭଲ ସଂପର୍କ ଅଛି । ନିଜର ପରାଜୟ ନୁହେଁ, ବାଙ୍କାର ବାପାଙ୍କ ପ୍ରରୋଚନାରେ ଏଭଳି ଗୋଟେ ପରିବର୍ତ୍ତନ ହେଇପାରିଛି ବୋଲି ଇମ୍ପ୍ରେସନଟେ ବାଙ୍କା ପୃଥ୍ୱୀରାଜକୁ ଦବାକୁ ଚାହୁଁଥିଲା । ସେଇଥିରେ ନିଜର ଗଭୀର ଅପମାନ ପାଇଁ ମାନସିକ କ୍ଷତିପୂରଣର ବିକଳ ଚେଷ୍ଟାଟେ କରୁଥାଏ ବାଙ୍କା ।

ପୃଥ୍ୱୀରାଜ କିନ୍ତୁ ବିଜୟୀର ପାରମ୍ପରିକ ବଦାନ୍ୟତା ଦେଖେଇ ବାଙ୍କାକୁ କୁଣ୍ଢେଇ ପକେଇଲା ଆଉ କହିଲା, 'ଆରେ ନାଁଟା ସିନା ମୋର, ତମେ ଇ ରହିବ ଅସଲ ମନିଟର । ତମ ବାପା ଆଉ ସାର୍‌ମାନେ ଜାଣିବେନି । ହେଲେ, ତମେ ଯୋଉ ବାଡ଼ବୁଜା କାମଟି କରୁଥିଲ, ତାକୁ ବନ୍ଦ କରିଦିଅ । ମୁଁ ଯାହା ଶୁଣିଛି, କୃଷ୍ଣ ପ୍ରଧାନର ଯୋଉ ଘମଣ୍ଡ ଏଠାକାର କାଉନସିଲର ଅଛି, ସିଏ ଚାହେନି ସ୍କୁଲ୍ ପଡ଼ିଆରେ ବାଡ଼ ବୁଜାହେଉ । ସେ ହୁଏତ ହେଡ଼୍‌ମାଷ୍ଟ୍ରଙ୍କ ଉପରେ ପ୍ରେସର ପକେଇଛି ।'

ତା'ପରେ ପୃଥ୍ୱୀରାଜ ତା' କାନ୍ଧରେ ହାତ ପକେଇ ଡାକିନେଲା କ୍ଲାସ ବାହାରକୁ । କହିଲା, 'ଆଉ ଗୋଟେ କଥା, ଯୋଉଦିନ ମୁଁ ମାଟିନି ଶୋ' ଚାଲିଯିବି, ତମେ ଟିକେ ଆଟେଣ୍ଡାନ୍ସ ନେଇଯାଉଥିବ । କିଏ ଯଦି ଚୁଗୁଲି କଲା, କ୍ଲାସ ଟିଚରଙ୍କୁ କହିଦବ, ମୋର ଅଚାନକ ଦେହ ଖରାପ ହେଇଗଲା ।'

Digitized by srujanika@gmail.com

ପୃଥ୍ୱୀରାଜର ଅନୁରୋଧ ଶୁଣିବାପରେ କାହିଁକି କେଜାଣି ବାଙ୍କାର ହଠାତ୍ ମନେପଡ଼ିଗଲା ଜେଜିମା' କଥା । ପୁରାଣ ପଢ଼ି ସିଏ ଢେର ଅତୀତର କଥା କହୁଥିଲା ଥରେ । ଦେବତା ଓ ଅସୁର ମିଶି ସମୁଦ୍ରମନ୍ଥନ କରୁକରୁ ବାହାରିଲା ଅମୃତ ଓ ହଳାହଳ ବିଷ । ଅମୃତ ଖାଇବା ପାଇଁ ସମସ୍ତେ ବାଡ଼ିଆବାଡ଼ି ହଉଥାନ୍ତି, ଅଥଚ ଏଣେ ବିଷ ସମଗ୍ର ସୃଷ୍ଟିକୁ ଧ୍ୱଂସ କରିବାକୁ ବସିଲାଣି । ଭାଗ୍ୟକୁ ଥିଲେ ଶିବ । ତାଙ୍କୁ ଡାକରା ହେବାରୁ ସିଏ ବିଷତକ ପିଇଦେଲେ । ସୃଷ୍ଟି ରକ୍ଷା ହେଇଗଲା । ଶିବ ପିଇଦେଲେ ସିନା, ବିଷତକ ତାଙ୍କ ତଣ୍ଟି ଡେଇଁ ପାରିଲାନି । ସିଏ ହେଇଗଲେ ନୀଳକଣ୍ଠ । କିନ୍ତୁ ବାଙ୍କା ଅନୁଭବ କଲା, ତାଙ୍କରି ଏଇ ଛୋଟ ଦୁନିଆକୁ ରକ୍ଷାକରିବା ପାଇଁ ଶିବ ଆଉ ଆଗଭଳି ହେଉନାହାଁନ୍ତି । ଏଠିକାର ପ୍ରତ୍ୟେକ ଟୋପା ଅମୃତରେ ମିଶିକି ଅଛି ବୁନ୍ଦାଏ ବିଷ ।

Digitized by srujanika@gmail.com

ପଦ୍ମସୂତ୍ର

"ଜୟ ଶ୍ରୀରାମ"

ସମ୍ମିଳିତ କଣ୍ଠସ୍ୱରରେ ତା'ର ପ୍ରତିଧ୍ୱନି "ଜୟ ଶ୍ରୀରାମ" । "କାଲି ଯୋଉଠି ଛାଡ଼ିଥିଲେ, ଆଜି ସେଇଠୁ ଆରମ୍ଭ କରିବା । କାଲି ମୁଁ ଆପଣମାନଙ୍କୁ ଯାହା କହିଥିଲି, ତା'ର ସାରକଥା ହେଲା ଯାହା ଯେତିକି ସୂକ୍ଷ୍ମ, ତାହା ସେତିକି ବ୍ୟାପକ । ଯାହାର ବିସ୍ତାର ଯେତିକି, ତାହାର ଗୁରୁତ୍ୱ ମଧ ସେଇ ଅନୁପାତରେ ଅଧିକ । ଉଦାହରଣ ସ୍ୱରୂପ, ପୃଥିବୀଠାରୁ ଜଳ ସୂକ୍ଷ୍ମତର, ତେଣୁ ଜଳର ବିସ୍ତାର ଅଧିକ । ବାୟୁ ଜଳଠାରୁ ସୂକ୍ଷ୍ମତର, ତେଣୁ ବାୟୁର ବ୍ୟାପକତା ଅଧିକ । ବାୟୁକୁ ଧାରଣ କରିଥିବା ଆକାଶ ବାୟୁ ଠାରୁ ଆହୁରି ସୂକ୍ଷ୍ମ ଓ ବ୍ୟାପକ । ଜୀବନ ପାଇଁ ଏହି ଉପାଦାନ ଗୁଡ଼ିକ କ୍ରମ ଅନୁସାରେ ଅଧିକରୁ ଅଧିକ ଉପଯୋଗୀ । ପୃଥିବୀ ବିନା ଜଳରେ ଜୀବନ ତିଷ୍ଠିପାରେ, କିନ୍ତୁ ବିନା ବାୟୁରେ ଜୀବନ ମୁହୂର୍ତ୍ତେ ବି ଅସମ୍ଭବ । ପୁଣି କାଳଚକ୍ରରେ ଏ ପୃଥିବୀ, ଜଳ ଓ ବାୟୁ ବିଲୀନ ହେଇଗଲେ ବି ସେମାନଙ୍କୁ ଧାରଣ କରିଥିବା ଆକାଶ ଚିରସ୍ଥାୟୀ, ଯନ୍ତ୍ର, ମନ୍ତ୍ର, ଓ ତନ୍ତ୍ରର ଉପଯୋଗିତାକୁ ଆମେ ଏହିକ୍ରମରେ ଆଲୋଚନା କରିପାରିବା ।" ଶାସ୍ତ୍ରୀଜୀ ଟିକିଏ ଦମ୍ ନେଲେ ।

ଅଶୀବର୍ଷର ବୁଢ଼ା ମଳୟ ଶାସ୍ତ୍ରୀ । ଅବଶ୍ୟ ଶାସ୍ତ୍ରୀଜୀଙ୍କୁ ବୁଢ଼ା ନକହି ଅଶୀବର୍ଷର ଯୁବକ କହିବା ବେଶୀ ଗ୍ରହଣୀୟ ହେବ । ବହୁବର୍ଷଧରି ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ନିର୍ଦ୍ଦେଶକ ରହିବା ପରେ ଅବସର ନେଇଛନ୍ତି । ଅବସର ପରର ଦିନଚର୍ଯ୍ୟା ଅନେଶତ ଭାଗ ଯୁବକଙ୍କୁ ହତଭମ୍ବ କରିଦେବ । ସକାଳ ଆଠରୁ ଦଶ, ଏଗାରରୁ ଦିନ ଗୋଟାଏ, ଅପରାହ୍ନ ତିନିଟାରୁ ପାଞ୍ଚ, ସଞ୍ଜ ସାତରୁ ରାତି ନ' । ଏହିପରି ଦିନକୁ ଚାରିଟା ବ୍ୟାଚରେ ସିଏ ପଢ଼ାନ୍ତି । ତା'ରି ଭିତରେ ତାଙ୍କର ଧ୍ୟାନ, ପ୍ରାର୍ଥନା, ଭୋଜନ ଓ ବିଶ୍ରାମ । ବର୍ଷକୁ ତିନିଶହ ପଁଷଠି ଦିନ ତାଙ୍କର ବିଦ୍ୟାଦାନ ଚାଲିଥାଏ । ଭାରତୀୟ ଶାସ୍ତ୍ର, ପୁରାଣ ଓ ସଂସ୍କୃତ ଭାଷା ବ୍ୟାକରଣ ଆଦିର ଗୂଢ଼ ରହସ୍ୟଗୁଡ଼ିକୁ ସିଏ ଏଭଳି ବ୍ୟାଖ୍ୟା କରନ୍ତି ଯେ ଶ୍ରୋତା ସ୍ତବ୍ଧ ହୋଇଯାଏ । ଶାସ୍ତ୍ରୀଜୀଙ୍କ ପାଣ୍ଡିତ୍ୟ ଓ ପ୍ରତିଷ୍ଠା ସମ୍ପର୍କରେ ଆଗରୁ ଶୁଣିଥିଲି, କିନ୍ତୁ କେବେ ପ୍ରତ୍ୟକ୍ଷ ଅନୁଭବ

Digitized by srujanika@gmail.com

କରିବାର ସୁଯୋଗ ପାଇନଥିଲି, ଏଇଠି ବନାରସରେ ଥାଇ ବି; ତା'ର ମୁଖ୍ୟ କାରଣ ନିଜେ ଶାସ୍ତ୍ରୀଜୀ । କୌଣସି ଭାରତୀୟ ଛାତ୍ରଙ୍କୁ ଗ୍ରହଣ କରୁନଥିଲେ ଶାସ୍ତ୍ରୀଜୀ । ଗୋଟେ ଗୋଟେ ବ୍ୟାଚରେ ଦଶରୁ ପନ୍ଦର ବିଦ୍ୟାର୍ଥୀ ଆଉ ସମସ୍ତେ ଇଟାଲୀ, ଜର୍ମାନୀ, ସ୍ୱିଡ଼େନ, ଆମେରିକା ଆଦି ପାଶ୍ଚାତ୍ୟ ଦେଶରୁ ହେଇଥିବା ଆବଶ୍ୟକ । ସେଥିରୁ ପୁଣି ବାୟୋଡ଼ାଟା ଦେଇ ଇଣ୍ଟରନେଟ୍‌ରେ ରେଜିଷ୍ଟ୍ରେସନ କରିବାକୁ ପଡ଼େ । ଆଗରୁ ବର୍ଷ ବର୍ଷ ଧରି ଲାଇନରେ ଅପେକ୍ଷା କଲାପରେ ଡାକରା ପଡ଼ିପାରେ । ସେମିତି ଉଚ୍ଚମାନର ପ୍ରାମାଣିକ ବିଦ୍ୟାନିଷ୍ଠା ନଥିଲେ ତାଙ୍କ ପାଖରେ ଆଡ଼ମିସନ ନବା ମୁସ୍କିଲ ।

"ଯନ୍ତ୍ର ବଡ଼ । ଯେତେ ଜଟିଳ ଓ ବିସ୍ତୃତ ହେଲେ ବି ଏହାର ଶକ୍ତି ଓ ଉପଯୋଗିତା ସୀମିତ" । ଗଳା ଝାଡ଼ି ପୁଣି ଆରମ୍ଭ କଲେ ଶାସ୍ତ୍ରୀଜୀ । "ଥରେ ନିର୍ଦ୍ଦିଷ୍ଟ ଭାବରେ ବ୍ୟବସ୍ଥିତ ହୋଇଗଲା ପରେ ସେଇ ବ୍ୟବସ୍ଥାର ସୀମା ଭିତରେ ଯନ୍ତ୍ର କାମ କରିଚାଲେ । ତା'ଠୁ ଅଧିକ ବ୍ୟାପକ ହେଲା ମନ୍ତର ବ୍ୟବସ୍ଥା । କାରଣ ମନ୍ତ୍ର ମନ ସହ ସମ୍ପର୍କିତ । ପୃଥିବୀ, ଜଳ, ବାୟୁ ଓ ଆକାଶକୁ ଧାରଣ କରିଥିବା ଏଇ ବ୍ରହ୍ମାଣ୍ଡର ପ୍ରତୀକ ହେଲା ଆମର ବ୍ୟକ୍ତିକ ପିଣ୍ଡଟିମାନ । ଅଲଗା ଅଲଗା ମୂଳଭୂତ ଉପାଦାନମାନଙ୍କର ପ୍ରତୀକାତ୍ମକ ପରିପ୍ରକାଶ ହେଲା ଆମର ଭିନ୍ନ ଭିନ୍ନ ଇନ୍ଦ୍ରିୟ । ଏହି ଇନ୍ଦ୍ରିୟମାନଙ୍କଠାରୁ ସୂକ୍ଷ୍ମତର ହେଲା ମନ । ତେଣୁ ମନର ସୀମା ବ୍ୟାପକତର । ଏହାର ଶକ୍ତି ଓ ପ୍ରଭାବ ମଧ୍ୟ ସୁଦୂର ପ୍ରସାରୀ । ମନର ଏହି କ୍ଷମତାକୁ ନିୟନ୍ତ୍ରଣ କରି ବ୍ୟବହାରଯୋଗ୍ୟ କରିବା ପାଇଁ ରହିଛି ମନ୍ତର ଆବଶ୍ୟକତା । ତନ୍ତର ସମ୍ବନ୍ଧ ମନଠାରୁ ଆହୁରି ସୂକ୍ଷ୍ମ ଚେତନ ସହିତ । ଯିଏ ଯେତିକି ସୂକ୍ଷ୍ମ, ସିଏ ସେତିକି ନିର୍ଲିପ୍ତ । ତନ୍ତ୍ର ଏଭଳି ଏକ ଗୋପନୀୟ, ରହସ୍ୟମୟ ସାଧନା ଯାହା ଏଇ ନିର୍ଲିପ୍ତ ଚେତନକୁ ବ୍ୟବସ୍ଥାଗୁଡ଼ିକର ସୁଚାରୁ ନିୟନ୍ତ୍ରଣ ପାଇଁ ଉପଯୋଗ କରିପାରେ । ଆମ ଦେହ, ସମାଜ, ସମ୍ପର୍କ, ଶାସନ, ଅନୁଷ୍ଠାନ, ଏସବୁ ଗୋଟେ ଗୋଟେ ବ୍ୟବସ୍ଥା । ସେ ବ୍ୟବସ୍ଥାକୁ କୋଉ ସ୍ତରରେ ପରିଚାଳନା କରାଯିବ ତାହା ଆମ ଉପରେ ନିର୍ଭର କରେ । ଚାହିଲେ ଆମେ ତାକୁ ଯନ୍ତର ସୀମିତତା ଭିତର ଦେଇ ନିୟନ୍ତ୍ରଣ କରିପାରୁ ଅଥବା ଚେତନାର ଅସୀମତା ମାଧ୍ୟମରେ ।" ଶାସ୍ତ୍ରୀଜୀ ଅନର୍ଗଳ କହିଚାଲିଲେ । ଅନ୍ୟ ବାରଜଣ ଶ୍ୱେତାଙ୍ଗଙ୍କ ସହ କାର୍ଲୋ ବି ଖୁବ୍ ନିବିଷ୍ଟ ଚିତ୍ତରେ ବସି ରହିଥାଏ ନିଜ ଚଟେଇ ଉପରେ ସୁଖାସନ ମୁଦ୍ରାରେ । କୋଠରି ଭିତରେ ଆଉକିଛି ଆସବାବପତ୍ର ନଥାଏ । ବିଦ୍ୟାର୍ଥୀମାନଙ୍କ ପାଇଁ ତାଳପତ୍ରର ବଡ଼ବଡ଼ ଚଟେଇ ଆଉ ସ୍ୱୟଂ ଶାସ୍ତ୍ରୀଜୀଙ୍କ ପାଇଁ ଗୋଟେ ବଡ଼ ଗଦି ଓ ଦି' ପଟେ ଦି'ଟା ଲମ୍ବା ଲମ୍ବା ତକିଆ । ତକିଆ ଦିଇଟି ଭିତରେ ଶାସ୍ତ୍ରୀଜୀ ପଦ୍ମାସନର ଧ୍ୟାନମୁଦ୍ରାରେ ବସିଥାଆନ୍ତି ।

Digitized by srujanika@gmail.com

ତାଙ୍କ ଦେହରୁ ଗଖଣ୍ଡେ ଦୂରରେ ପ୍ରତିଭାଗୀମାନେ ସେମାନଙ୍କର ସେଲଫୋନ ସବୁ ସାଇଜ କରି ଥୋଇଥାନ୍ତି, ତାଙ୍କର ଭାଷଣ ରେକର୍ଡ଼ କରିବାକୁ କାନ୍ଥରେ ଝୁଲୁଥିବା ଦେବୀ ସରସ୍ୱତୀଙ୍କ ଫଟୋ ତଳେ ଜଳୁଥାଏ ଘିଅର ଦୀପଟିଏ । କର୍ପୂର ଓ ଚନ୍ଦନର ହାଲ୍‌କା ସୁବାସ ଖେଳି ବୁଲୁଥାଏ କୋଠରିସାରା । ସମ୍ମୋହିତ କରିଦେବା ଭଳି ପରିବେଶ । ଆଉ ସବୁଠାରୁ ସମ୍ମୋହନକାରୀ ଉପାଦାନ ହେଲା ସ୍ୱୟଂ ଶାସ୍ତ୍ରୀଙ୍କ ବ୍ୟକ୍ତିତ୍ୱ ।

ପ୍ରଶସ୍ତ କପାଳ ଉପରେ ବିରାଟ ଗୋଟାଏ ରାମାନନ୍ଦୀ ଚିତା । ମୁଣ୍ଡରେ ଝୋଟ ଭଳି କୁଞ୍ଚୁକୁଞ୍ଚୁଆ ମେଞ୍ଚାଏ ବାଳ । ସଯତ୍ନ ବର୍ଦ୍ଧିତ ଦାଢ଼ି । ଗଳାରେ ତିନିକେରା ବିଭିନ୍ନ ସାଇଜର ରୁଦ୍ରାକ୍ଷମାଳ । ପ୍ରଶସ୍ତ ଛାତି ଉପରେ ଧଳା ଫତେଇ । ଅଙ୍ଗରେ ମଣ୍ଡଦିଆ ଧଳାଧୋତି । କାନ୍ଧରେ ପଡ଼ିଥିବା ହଳଦିଆ ଉତ୍ତରୀୟସାରା ଓଁକାରର ଚିତ୍ର । ମୁହଁରେ ଅଧିକ ବୟସର କୌଣସି ଲକ୍ଷଣ ଦିଶୁନାହିଁ । ସମଗ୍ର ଶରୀର ଶାନ୍ତ, ସ୍ଥିର । ମେରୁହାଡ଼ ସହ ସିଧା ରେଖାରେ ବେକଟି ଗୋଟିଏ ସତର୍କ ପ୍ରହରୀ ପରି ଅଚଞ୍ଚଳ । ଆଖି ଦୁଇଟି ଅଧା ବନ୍ଦକରି ଶାସ୍ତ୍ରୀଜୀ ଯେତେବେଳେ କହିଚାଲିଥାନ୍ତି ମନେହେବ କାନ୍ଥ ସେପଟୁ କେହିଜଣେ ଟେପ୍ ରେକର୍ଡ଼ର ବଜଉଛି ।

ସେଦିନ ପ୍ରଥମକରି ବାରଣାସୀର ମହିମା ସାମାନ୍ୟ ବୁଝିହେବା ଭଳି ମନେହେଲା । କୁଡ଼କୁଡ଼ ସଢ଼ା ମଇଳା, ମଣିଷ ମଳ, ଗାଈଗୋବର, ମଇଁଷିଅଧ୍ୟୁଷିତ ଅନ୍ଧାରୁଆ ସଂକୀର୍ଣ୍ଣ ଗଳି, ବନାରସର ଅନ୍ୟାନ୍ୟ ଅନେକ ଗଳି ଭଳି । କଞ୍ଚା ଇଟା ଓ ମାଟିର ଗୋଟିଏ ପ୍ରାଚୀନ ଜୀର୍ଣ୍ଣ ଘର । ଘରିପଟେ ଦାରିଦ୍ର୍ୟ, ନିରାସକ୍ତି ଓ ନିଗ୍ରହକୁ ଅତିକ୍ରମ କରି ରାସ୍ତା ଲମ୍ବିଯାଇଛି ଗଙ୍ଗାଘାଟର ପ୍ରଶସ୍ତ ପାହାଚ ଆଡ଼କୁ । ତା'ରି ଭିତରେ କେଉଁଠି କେମିତି ଛପି ରହିଛନ୍ତି ଶାସ୍ତ୍ରୀଜୀଙ୍କ ଭଳି ସରସ୍ୱତୀଙ୍କର ଆଶୀର୍ବାଦମାନ ! ଚେତନାର ଏଇ ପଦ୍ମସବୁ ବିକଶିତ ହେବାପାଇଁ ସତେ ଯେପରି ଏଇ ବାହ୍ୟ କୋଳାହଳର ପୂତିଗନ୍ଧମୟ ପଙ୍କିଳତା । ଏଇ ନିର୍ଲିପ୍ତ ନିରାସକ୍ତ ପଦ୍ମଗନ୍ଧରେ ଆକୃଷ୍ଟ ହୋଇ କାଳେକାଳେ ଏଠିକି ଛୁଟି ଆସିଛନ୍ତି ମହର୍ଷି ବ୍ୟାସଦେବ, କବୀର, ତୁଳସୀ, ପ୍ରେମଦେ । ମାର୍କ ଟ୍ୱେନ, ୟୁଙ୍ଗ ଡାଏନା ଏକ୍କ ଓ ଆଲିସ ବୋନର, ଆଉ ଆମ ସମୟର ଅମିତାଭ ଘୋଷ ଓ କାର୍ଲା ଗାର୍ଡ଼ିମାନେ ।

ଫେରିବା ବାଟରେ କାର୍ଲାକୁ ମନେମନେ ଧନ୍ୟବାଦ ଜଣେଇଲି, ଶାସ୍ତ୍ରୀଜୀଙ୍କ ସହ ସାକ୍ଷାତ୍ ସମ୍ଭବ କରେଇଥିବାରୁ ଏଇ କାର୍ଲାର ଅନୁରୋଧ ଯୋଗୁଁ ତାଙ୍କର ଗୋଟିଏ କ୍ଲାସ୍‌ରେ ବସିବା ପାଇଁ ଶାସ୍ତ୍ରୀଜୀ ମୋ ଭଳି ଜଣେ ସଂସ୍କୃତ ଓ ଇଣ୍ଡୋଲୋଜି ଅନଭିଜ୍ଞ

Digitized by srujanika@gmail.com

ଭାରତୀୟକୁ ସ୍ୱତନ୍ତ୍ର ଅନୁମତି ଦେଇଥିଲେ । ଶାସ୍ତ୍ରୀଜୀ ଯେ କାହିଁକି ଭାରତୀୟମାନଙ୍କୁ ବିଦ୍ୟାଦାନ କରୁନଥିଲେ, ତାହା ଅବଶ୍ୟ ବେଶ୍ ବୁଝି ହଉଥିଲା । ପ୍ରଥମତଃ ତାଙ୍କର ଏଇ ତିନିମାସିଆ କୋର୍ସ ପାଇଁ ଖୁବ୍ ମୋଟା ଅଙ୍କର ଫିସ୍ ଦବାକୁ ପଡୁଥିଲା । ତା'ଛଡ଼ା ସମ୍ବୋଧିର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ନ ପହଞ୍ଚିଲେ ଶାସ୍ତ୍ରୀଜୀଙ୍କ ଦୀକ୍ଷାର ପ୍ରକୃତ ବିଚାର ଜଣେ କରିପାରନ୍ତାନି । ଇଣ୍ଟରନେଟ ମାଧ୍ୟମରେ ରେଜିଷ୍ଟ୍ରେସନ କରିସାରି କାର୍ଲାକୁ ଏଇ କୋର୍ସ ପାଇଁ ଅପେକ୍ଷା କରିବାକୁ ପଡ଼ିଥିଲା ଦୀର୍ଘ ତିନିବର୍ଷ । କାଲିଫର୍ଣ୍ଣିଆର ଏକ ବିଶ୍ୱବିଦ୍ୟାଳୟରେ ଦର୍ଶନଶାସ୍ତ୍ରର ଅଧ୍ୟାପନା କରିବା ଭିତରେ ସିଏ ଜୈନ ଦର୍ଶନର ଅହିଂସାତତ୍ତ୍ୱ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲା । ଅଧିକ ଗବେଷଣା ପୂର୍ବରୁ ସିଏ ସଂସ୍କୃତ ଓ ପ୍ରାକୃତ ଭାଷା ଓ ଭାରତୀୟ ଦର୍ଶନଗୁଡ଼ିକର ମୌଳିକ ତତ୍ତ୍ୱଗୁଡ଼ିକ ସମ୍ପର୍କରେ ଜାଣିବାକୁ ଚାହୁଁଥିଲା । ସେଇ କ୍ରମରେ ସିଏ ଶାସ୍ତ୍ରୀଜୀଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା । ତିନିବର୍ଷର ପ୍ରାକ୍-ଅଭ୍ୟାସ ପରେ ଆସିଥିଲା ଭାରତ, ଫୁଲବ୍ରାଇଟ ଫେଲୋସିପ୍ ମାଧ୍ୟମରେ ।

କ୍ଲାରା ସହ ମୋର ପରିଚୟ ଥିଲା ଆକସ୍ମିକ । ଯୋଉଦିନ ସିଏ ଆସି ବନାରସରେ ପହଞ୍ଚିଲା ସେଦିନ ଥିଲା ରବିବାର । କରୌନ୍ଦି ଆଇଟିଆଇ ନିକଟସ୍ଥ ପାର୍ଶ୍ୱନାଥ ବିଦ୍ୟାପୀଠର ଗେଷ୍ଟହାଉସରେ ତା'ର ରହିବା ବନ୍ଦୋବସ୍ତ ହୋଇଥାଏ । ବିଦ୍ୟାପୀଠର ଲାଇବ୍ରେରିଟି ଜୈନ-ଦର୍ଶନ ସମ୍ପର୍କିତ ପୁସ୍ତକଗୁଡ଼ିର ଗନ୍ତାଘର । ତେଣୁ ଦିଲ୍ଲୀର ମୁଖ୍ୟ ଦପ୍ତରରେ ସିଏ ଗେଷ୍ଟହାଉସ ରିଜର୍ଭେସନ କରିସାରି ଏହି ପହଞ୍ଚିଲା । କିନ୍ତୁ ଏଠାକାର କର୍ମଚାରୀମାନେ ଛୁଟିଦିନରେ ଉପସ୍ଥିତ ନଥାନ୍ତି । ଗେଷ୍ଟହାଉସର ଦରୁଆନ କାର୍ଲାର କଥା କିଛି ବୁଝି ପାରୁନଥାଏ । ଦୈବାତ୍ ସେତିକିବେଳେ ମୁଁ ସେଇବାଟ ଦେଇ ଯାଉଥାଏ । ଗେଷ୍ଟହାଉସଟି ମୋ ବସା ନିକଟସ୍ଥ ହୋଇଥିବାରୁ ଦରୁଆନ ମୋତେ ଭଲ ଭାବରେ ଚିହ୍ନିଥାଏ । କାର୍ଲାର କଥା ବୁଝେଇଦବାକୁ ସିଏ ମୋତେ ଡାକ ପକେଇଲା । ଗୁର୍ଖା ଦରୁଆନ ଯାହା ମୋତେ ବୁଝେଇଲା, ସେଥିରେ ମୁଁ ମନେ ମନେ ଖୁବ୍ ହସିଲି । ଦରୁଆନର କହିବା କଥା, ଜଣେ ବିଦେଶୀ ମହିଳାଙ୍କ ପାଇଁ ଗେଷ୍ଟହାଉସ ରିଜର୍ଭ ଅଛି । ସେଇ ଅନୁସାରେ ମ୍ୟାନେଜର ତାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏ ଲୋକ ଜଣକ ବିଷୟରେ ତା ପାଇଁ କୌଣସି ନିର୍ଦ୍ଦେଶ ନାହିଁ । ଦରୁଆନର ଭ୍ରମ ଖୁବ୍ ଅସ୍ୱାଭାବିକ ନଥିଲା । ମହିଳା ବୋଇଲେ ଯୋଉ ଧାରଣା ଦରୁଆନର ମନରେ ଥିଲା, ସେ ଦୃଷ୍ଟିରୁ କାର୍ଲା ଆଦୌ ସେ ସଂଜ୍ଞାରେ ଫିଟ୍ ହୋଇପାରନ୍ତାନି । ଜିନ୍ ପ୍ୟାଣ୍ଟ, ଟି ସାର୍ଟ ସହ ହାତରେ ଗୋଟେ ଲୁହାର କଡ଼ା । ମୁଣ୍ଡରେ ଧଳା କଳା ଛୋଟ ଛୋଟ ମିଲିଟାରୀ

Digitized by srujanika@gmail.com

କଟ୍‌ର ବାଳ, ଯାହାକୁ କହନ୍ତି ସଲ୍‌ଟ ଆଉ ପେପ୍ପର ଲୁକ୍ । ନହନହକା ପତଳା ଶରୀରଟି ସମତଳ ଚଟାଣ ଭଳି, ନାରୀତ୍ୱର ଲକ୍ଷଣ ବିବର୍ଜିତ । ପତଳା ମୁହଁରେ ସରୁସରୁ ଓଠଦିଇଟି । ଛୋଟ ନାକ । କିନ୍ତୁ ଚିହ୍ନରା ମଣିଷ ଯଦି ତା'ର ଆଖି ଦୁଇଟିକୁ ଦେଖିବ, ତେବେ ଯାଇ ତା' ନାରୀତ୍ୱର ସନ୍ଧାନ ପାଇପାରିବ । ଆଖି ଦିଇଟିର ଗହୀରତାରେ ଟୁକ୍ ଟୁକ୍ ହେଉଥିଲା କରୁଣାର ଏକ ସୀମାହୀନ ହ୍ରଦ, ଯାହା କେବଳ ମାତୃତ୍ୱ ହିଁ ଜଣେ ବ୍ୟକ୍ତିକୁ ଦେଇପାରନ୍ତା ।

କାର୍ଲା ହାତରୁ ରିଜର୍ଭେସନ ସ୍ଲିପ୍‌ଟି ନେଇ ଦରୁଆନକୁ ବୁଝେଇଦବା ପରେ ସିଏ ଏତେ କୃତଜ୍ଞ ଦିଶିଲା, ଯେମିତିକି ମୁଁ ତା'ର ଖୁବ୍ ଗୋଟେ ଉପକାର କରି ପକେଇଛି । ମୋର ଅଧିକାଂଶ ଆମେରିକାନ ବନ୍ଧୁ ଉଚ୍ଛ୍ୱାସମୟ, ସାମାନ୍ୟ ସାହାଯ୍ୟ ପାଇଁ ଏତେ କୃତଜ୍ଞତାରେ ପୋତି ପକେଇବେ ଯେ ନିଜକୁ ମାଡ଼ିମାଡ଼ି ପଡ଼ିବ । କିନ୍ତୁ କ୍ଲାରା ଅଚିରେ ସେମାନଙ୍କୁ ପଛରେ ପକେଇପାରନ୍ତା । ନଈବଢ଼ି ଭଳି କୂଳ ମାଡୁନଥିଲା ତା' କୃତଜ୍ଞତା । ତା' ଆନନ୍ଦର ମୁଖ୍ୟ କାରଣ ଥିଲା ମୋର ଇଂରାଜୀ କହିପାରିବା କ୍ଷମତା । ଅଧିକାଂଶ ଆମେରିକୀୟଙ୍କ ଭଳି ତା'ର ମଧ ଧାରଣା ନଥିଲା ଯେ, ସାରା ପୃଥିବୀରେ ଇଂରାଜୀ ବ୍ୟବହାର କରିପାରୁଥିବା ଲୋକସଂଖ୍ୟା ଭାରତରେ ସର୍ବାଧିକ । ସେକଥା ତାକୁ ଜଣେଇବା ଉଚିତ ମନେକଲିନି । ତା'ର କୃତଜ୍ଞତାର ପରିମାଣକୁ ସମ୍ମାନ ଜଣାଇ ତା ବନାରସ ରହଣିକାଳରେ ତା'ର ଇଣ୍ଟରପ୍ରିଟର ହେବି ବୋଲି ପ୍ରତିଶ୍ରୁତି ଦେଲି । ସେଥିପାଇଁ ଗୁଡ଼େ ତ୍ୟାଗ ସ୍ୱୀକାର କରିବାକୁ ପଡ଼ନ୍ତାନି ମୋତେ । କାରଣ ସେଇ ଗେଷ୍ଟ ହାଉସର ମେସ୍‌ରେ ହିଁ ମୁଁ ଖିଆପିଆ କରୁଥାଏ । ବ୍ରେକ୍‌ଫାଷ୍ଟ ଲଞ୍ଚ ଡିନର ସମୟ ଛଡ଼ା ବିଦ୍ୟାପୀଠର ଲାଇବ୍ରେରିରେ କଟୁଥିଲା ମୋର ଅଧିକାଂଶ ସମୟ । ସେମିଷ୍ଟାର ପରୀକ୍ଷା ଚାଲୁଥିବାରୁ ହାତରେ ବିଶେଷ କାମ ନଥାଏ । ଯେଉଁଦିନ ପରୀକ୍ଷା ଡ୍ୟୁଟି ଥାଏ, ସେଇଦିନ ଦୁଇତିନିଘଣ୍ଟା ବିଶ୍ୱବିଦ୍ୟାଳୟକୁ ଯାଇ ବାକି ସମୟତକ ମୁଁ ସେଇ ଲାଇବ୍ରେରିରେ ଇଣ୍ଡୋଲୋଜି ସମ୍ପର୍କିତ ପୁସ୍ତକଗୁଡ଼ିକୁ ଖେଳଉଥାଏ । ମୋଟାମୋଟି କାର୍ଲାର ଭାଷା ବୈଷମ୍ୟଜନିତ ଅସୁବିଧା ଆଉ ରହିଲାନି । ସ୍ୱଭାବତଃ ମେଳାପୀ ଆଉ ସହୃଦୟ ହୋଇଥିବାରୁ କାର୍ଲା ସମସ୍ତଙ୍କ ସହ ଗୋଳେଇଘାଣ୍ଟି ହୋଇ ପାରୁଥାଏ । ଅଳ୍ପ କିଛି ଦିନ ଭିତରେ ଭାବ ଦେଣନେଣ ପାଇଁ ମୋର ମଧ୍ୟସ୍ଥତା ଦରକାର ପଡ଼ିଲାନି ।

ଦୂରରୁ ମୁଁ କାର୍ଲାର ଗତିବିଧି ଲକ୍ଷ୍ୟ କରେ । ତା'ର ନିହାତି କିଛି ଦରକାର ପଡ଼ିଲେ ମୁଁ ସାମ୍ନାକୁ ଆସେ । କିନ୍ତୁ ତା'ର ସେଇ କେତେଦିନର ରହଣି ଭିତରେ ମୁଁ

Digitized by srujanika@gmail.com

ଅନୁଭବ କରିପାରିଲି ଭଲ ପାଇବାର ସାମର୍ଥ୍ୟ । ଭଲପାଇବା ଭାବଟି ଥରେ ବିକଶିତ ହୋଇଗଲେ ଭାଷା ଆଉ ଅନ୍ତରାୟ ହୋଇପାରେନା । ଭାଷାର ଆଡ଼ମ୍ବର, ଭୂଗୋଳର ବ୍ୟବଧାନ, ସଂସ୍କୃତିର ଭିନ୍ନତା ଆଉ ମଣିଷ ତିଆରି କରିଥିବା ଅନ୍ୟ ଅନେକ ବାଡ଼କୁ ଅତିକ୍ରମ କରି କାର୍ଲା ବିଦ୍ୟାପୀଠର ଯେତେକ କର୍ମଚାରୀଙ୍କୁ ଅକ୍ଲେଶରେ ନିଜର କରିନେଇ ପାରିଥିଲା ଏଇ ଅଳ୍ପ ଦିନରେ, ତାହା ମୋତେ ବାସ୍ତବିକ ଚକିତ କରିଦେଇଥିଲା । ମେସ୍‌ର ରାନ୍ଧୁଣିଆ, ଲାଇବ୍ରେରିର ପରିଚାରକମାନେ, ଏପରିକି ବାସନ ମାଜୁଥିବା ସ୍ତ୍ରୀଲୋକଟି ବି ତା'ର ଭକ୍ତ ହୋଇସାରିଥିଲେ । ଭାବିଲି, ହୁଏତ ସେମାନଙ୍କୁ ପ୍ରଚୁର ଆର୍ଥିକ ସହାୟତା ଦେଉଥିବାରୁ ସେମାନେ ତା'ପ୍ରତି ଅନୁରକ୍ତ ହୋଇ ପଡ଼ିଥିଲେ । କିନ୍ତୁ ମୁଁ ବି ତ ଅନେକ ସମୟରେ ସେମାନଙ୍କୁ ପର୍ବପର୍ବାଣି ଆଳରେ ଟଙ୍କାପଇସା ଦଉଥିଲି, କିନ୍ତୁ ସେମାନେ ଏଭଳି ଅନୁରକ୍ତି କେବେ ବି ଦେଖେଇନଥିଲେ । ସେ ଅନୁରକ୍ତିର ରହସ୍ୟ ଖୋଲିଲା, ଯୋଉଦିନ ଦେଖିଲି କ୍ଲାରା ବସି ମେସ୍‌ର ଅଇଁଠା ବାସନ ମାଜୁଛି କାମବାଲୀ ସ୍ତ୍ରୀଲୋକ ମଞ୍ଜୁ ସାଙ୍ଗରେ, ତା'ପୁଣି ରାତିର ବିଳମ୍ବିତ ପ୍ରହରରେ । ଆମେରିକୀୟମାନଙ୍କ କାମ ପ୍ରତି ନିଷ୍ଠାକୁ ମୁଁ ମନେ ମନେ ପ୍ରଣାମ ଜଣେଇଲି । ମଞ୍ଜୁ ସାଙ୍ଗରେ ବାସନ ମାଜି କାର୍ଲା ବନ୍ଧୁତାର ଯୋଉ ଉଦାହରଣ ସୃଷ୍ଟି କରିଥିଲା, ନିଜ ପଦମର୍ଯ୍ୟାଦାକୁ ଅତିକ୍ରମ କରି ମୁଁ ତାହା କେବେ ବି କରିପାରିନଥାନ୍ତି । ବ୍ୟକ୍ତିମଣିଷକୁ ଯୋଉ ସମ୍ମାନ ଦେଖେଇବା କଥା, ତାହା ମୁଁ ଧର୍ମଗ୍ରନ୍ଥ ଓ ଦର୍ଶନର ପାଠ୍ୟପୁସ୍ତକରୁ ଜାଣୁଥିଲି ସିନା, ହେଲେ ଜୀବନରେ ତାହାକୁ ବଞ୍ଚି କାର୍ଲା ଯୋଉ ସାହସ ଦେଖେଇଥିଲା, ସେଇଥିପାଇଁ ସିଏ ବିଦ୍ୟାପୀଠର ସବୁ ତଳିଆ କର୍ମଚାରୀଙ୍କ ଅକୁଣ୍ଠ ସ୍ନେହ ପାଇ ପାରିଥିଲା ।

"ଭାରତୀୟମାନଙ୍କ ଦେହଶ୍ରମ ପ୍ରତି ହେୟଭାବକୁ ତମେ ଖୁବ୍ ଶକ୍ତ ଚାପୁଡ଼ାଟେ ମାରିଛ ।" ମୁଁ କାର୍ଲାକୁ କହିଲି ।

"ମାନେ ?"

"ଏଇ ଏଠାକାର ମେସ୍‌ରେ ଯୋଉମାନେ ଖାଉଛନ୍ତି, ଅଇଁଠା ବାସନ ଛାଡ଼ି ଚାଲିଯାଉଛନ୍ତି । ମଞ୍ଜୁ ବିଚରା ସବୁଗୁଡ଼ାକ ବସି ମାଜୁଛି । ତମେ ଦର୍ଶନଶାସ୍ତ୍ରର ପ୍ରଫେସର ପୁଣି ବିଦେଶିନୀ ହୋଇ ବି ତା ସାଙ୍ଗେ ବସି ବାସନ ମାଜିପାରୁଛ, ଅଥଚ ତମଠାରୁ ଢେର ଗୁଣରେ କମ୍ ଆମ ଭଳି ପରାଙ୍ଗପୁଷ୍ଟମାନେ ମଞ୍ଜୁକୁ ମଣିଷ ଭିତରେ କି ଗୁଣୁନୁ ।"

Digitized by srujanika@gmail.com

"ମୋ ବ୍ୟବହାରରେ ଅନ୍ୟମାନେ ଅପମାନିତ ବୋଧ କରୁଥିବେ ?" କାର୍ଲା ହଠାତ୍ ସନ୍ଦିଗ୍ଧ କଣ୍ଠରେ ପଚାରିଲା ।

"ସେ ନେଇ ତମେ ବ୍ୟସ୍ତ ହେବା ଉଚିତ ନୁହେଁ, ଯଦି ତମର ଚଳଣି ସ୍ୱାଭାବିକ, କୌଣସି ଦେଖାଣିଆ ଉତ୍ସାହପ୍ରବୃତ୍ତ ନୁହେଁ, ତେବେ ତମେ କାହିଁକି ଅଯଥା ଚିନ୍ତିତ ହେବ ?"

"ବିଚରା ସବୁଠୁ ବେଶୀ କାମ କରୁଛି ମଞ୍ଜୁ, କିନ୍ତୁ ସବୁଠୁ କମ୍ ଦରମା ପାଉଛି । ମୁଁ ଭାବିଲି ତା' କାମରେ ଟିକେ ହାତ ଦେଇଦେଲେ ସିଏ ଘରକୁ ଫେରିଯିବ । ଘରେ ତା'ର ସ୍ୱାମୀ ଆଉ ପୁଅକୁ ବି ସିଏ ସମୟ ଦେବା ଦରକାର ନା ।" କ୍ଲାରା ସଫେଇଦେଲା । "ତମେ ଏଇ ଯୋଉ ଗବେଷଣା କରିବାକୁ ଆସି ଏତେ ଏତେ ଦିନ ବାହାରେ ରହୁଛ, ତମ ପରିବାର ଲୋକ ତମକୁ ଲୋଡ଼ନ୍ତିନି ?"

"ମୋର ପରିବାର ?" କାର୍ଲା ହସିଲା, ଖୁବ୍ ସହଜ, ଅନ୍ତର୍ବେଦନାରହିତ ହସ ।" ମୋ ଝିଅ ପଢ଼େ ୟେଲରେ । ଖୁବ୍ ସ୍ୱାଧୀନଚେତା । ଫୋନ ଆଉ ଇ-ମେଲରେ କଥାବାର୍ତ୍ତା ହୁଏ । କିନ୍ତୁ ଆମେ କେହି କାହାର ବ୍ୟକ୍ତି ଜୀବନରେ ଦଖଲ ଦଉନା ।"

ତା'ର ସ୍ୱାମୀ କଥା ପଚାରିବି କି ନା ମନେ ମନେ ଭାବୁଛି କାର୍ଲା ଗଳଗଳ ହୋଇ ତା' ଜୀବନକାହାଣୀ ଗପିବାକୁ ଲାଗିଲା ଖୁବ୍ ଖୋଲାମନରେ । ପ୍ରଥମ ପରିଚୟରେ ତା ବ୍ୟକ୍ତିକ ଜୀବନର ଏତେଗୁଡ଼େ କଥା କହିବସିଲା, ଯାହା ସାଧାରଣତଃ କୌଣସି ଆମେରିକୀୟ କରନ୍ତିନି । ମୋର ଘନିଷ୍ଠ ଆମେରିକୀୟ ବନ୍ଧୁମାନେ ବି ଏତେ ସହଜ ହେଇ ପାରିନାହାଁନ୍ତି । ବରଂ ସେମାନଙ୍କର ପାରିବାରିକ ଜୀବନ ବିଷୟରେ ଆଗ୍ରହ ଦେଖେଇଲେ ତାହାକୁ ଅଭଦ୍ରାମି ମନେକରନ୍ତି ।

"ତେଣୁ ମୋର ପାରିବାରିକ ଜୀବନ ଟିପିକାଲ ଆମେରିକୀୟ ସ୍ତ୍ରୀଲୋକ ଭଳି । ଆଦ୍ୟ ଯୌବନରେ ପ୍ରଥମ ପୁରୁଷସଙ୍ଗ ପ୍ରଚୁର ଉତ୍ତେଜନା ଓ ଜ୍ୱାଳାମୟ, ଠିକ୍ ଝଞ୍ଜା ଭଳି । ଦେହର ଦାବି ଓ ପ୍ରାକୃତିକ କୌତୂହଳକୁ ପ୍ରେମ ବୋଲି ଭାବିନେଇ ହଠାତ୍ ସମ୍ପର୍କର ସୂତ୍ରପାତ । ସେଥିରେ ନା ବିଚାରର କୌଳିନ୍ୟ ଥାଏ ନା ଅଙ୍ଗୀକାରର ନୈତିକତା । ତେଣୁ ବିଚ୍ଛେଦ ଅବଶ୍ୟମ୍ଭାବୀ । ତା'ପରେ ପାହାଡ଼ୀ ଝରଣାର ଚଞ୍ଚଳତା ଅପସରି ଯାଇ ଆସେ ନଦୀର ଗାମ୍ଭୀର୍ଯ୍ୟ । ସେତିକିବେଳେ ଯୋଉ ସମ୍ପର୍କ, ସେଇଟା ସିରିଅସ ପାରିବାରିକ । ମୋ ଝିଅ ଏଲେନ ସେଇ ସମ୍ପର୍କର ଫଳଶ୍ରୁତି । ତା'ପରେ

Digitized by srujanika@gmail.com

ମଧ୍ୟବୟସର ଗତାନୁଗତିକତା । କ୍ୟାରିଅର ନେଇ ଆଙ୍କ୍‌ଜାଇଟି, ନିଜ ପୁରୁଷପଣିଆର ପ୍ରମାଣ ପାଇଁ ଆତୁରତା । ଯାହା ବି ହଉ, ଅଧିକାଂଶ ଆମେରିକୀୟ ପୁରୁଷ ସଫଳ ସ୍ତ୍ରୀଲୋକଙ୍କୁ ସାମ୍ନା କରିପାରନ୍ତିନି ବୋଧହୁଏ । କିନ୍ତୁ ଆମର ବିବାହ ବିଚ୍ଛେଦରେ କୌଣସି ମନଭେଦ ଆସିବାକୁ ମୁଁ ପ୍ରଶ୍ରୟ ଦେଇନି । ଯଦି ଜଣେ ତୁମଠାରୁ ମୁକ୍ତ ହେବାକୁ ଚାହୁଁଛି ତାକୁ ଅଯଥା ଧରି ରଖିବାକୁ କାହିଁକି ଚେଷ୍ଟାକରନ୍ତି ?"

"ସ୍ୱାମୀ କ'ଣ ଆଉ ଜଣକୁ ବିବାହ କଲେ ?" ମୁଁ କୁଣ୍ଠିତ କଣ୍ଠରେ ପ୍ରଶ୍ନ କଲି ।

"ହଁ. ପୁନଶ୍ଚ ଷ୍ଟେରିଓଟିପିକାଲ । ମଧ୍ୟବୟସ୍କ ପୁରୁଷର ବୁଦ୍ଧିବିଚାରବିରହିତ ନବଯୌବନବତୀ ପ୍ରତି ଆକର୍ଷଣ ।" କ୍ଲାରା ହସିଲା, ତଥାପି କୌଣସି ଗ୍ଳାନିର ଲକ୍ଷଣ ପାଇଲିନି । "ତମେ ବି ନୂଆ ସଂପର୍କଟେ ଯୋଡ଼ିପାରିଥା'ନ୍ତ ?" ମୁଁ ଅଧିକରୁ ଅଧିକ ସାହସୀ ହୋଇପଡୁଥିଲି । "ହଁ, ଜଣେ ସହକର୍ମୀ ଆଗ୍ରହ ପ୍ରକାଶ କରୁଥିଲେ । ତାଙ୍କର ଜଣେ ଅଳ୍ପବୟସ୍କା ନାରୀ ସାଙ୍ଗ ସେଇ ବିଶ୍ୱବିଦ୍ୟାଳୟରେ ଥିଲା । ମୁଁ ସେକଥା ଜାଣିଥିଲି । କିନ୍ତୁ ପରିଣତ ବୟସରେ ବି ମୁଁ ଅହଙ୍କାରଗ୍ରସ୍ତ ହୋଇପଡ଼ିଲି । ମୋତେ ଲାଗିଲା, ମୋର ସଫଳତା ଓ ସାମାଜିକ ପ୍ରତିଷ୍ଠା ଯୋଗୁଁ ସହକର୍ମୀ ଜଣକ ନିଜର କମ୍ ବୟସ୍କା ବାନ୍ଧବୀଠାରୁ ମୋତେ ଅଧିକ ମର୍ଯ୍ୟାଦା ଦଉଛନ୍ତି । କିଛିଦିନ ନିଜର କ୍ଷମତା ବିଷୟରେ ମୁଁ ଅଯଥା ଆସ୍ଥାବାନ୍ ହେଇପଡ଼ିଲି । ଅବଶ୍ୟ ଅଳ୍ପ କିଛିଦିନ ଭିତରେ ମୁଁ ଜାଣିପାରିଥିଲି ଯେ ଭଦ୍ରବ୍ୟକ୍ତି ଜଣକ ଜଣେ ଫ୍ଲର୍ଟ । ସେଇ ସବାଶେଷ ବାଡ଼ଟି ଡେଇଁଗଲା ପରେ ମୁଁ ଏବେ ସମ୍ପୂର୍ଣ୍ଣ ମୁକ୍ତ । ଘରେ ମୋର ସଙ୍ଗୀ ଏକମାତ୍ର ବିଲେଇ । ଦୀର୍ଘଦିନ ବାହାରେ ରହିବାକୁ ଥିଲେ ମୋ ଭଉଣୀ ତାକୁ ଘରେ ଛାଡ଼ିଦିଏ ।"

"ହଁ, ବିଲେଇ ସହ ସମ୍ପର୍କରେ କୌଣସି ଜଞ୍ଜାଳ ନାହିଁ ।"

ନିଜର ଶତ ପ୍ରତିରୋଧ ସତ୍ତ୍ୱେ ମୁଁ କହିବାକୁ ଲାଗିଲି । "ଅନ୍ୟ ମଣିଷ ସହ ସମ୍ପର୍କରେ ଆଡ୍‌ଜଷ୍ଟମେଣ୍ଟ ଦରକାର । ନିଜ କ୍ଷମତାର ପରିଧିକୁ ସଙ୍କୁଚିତ କରିବା ଦରକାର । ବିଲେଇ ଉପରେ ଅଚିରେ ଆଧିପତ୍ୟ ବିସ୍ତାର କରିହେବ । ଯାହାକିଛି କଲେ ବି ବିଲେଇ ତମ ପ୍ରତି କୃତଜ୍ଞ ରହିବ ହିଁ ରହିବ ।"

କାର୍ଲାର ମୁହଁ ଶେତା ଦିଶିଲା । ବୋଧହୁଏ ସିଏ ମୋଠୁ ଏଭଳି କଥା ଶୁଣିବାକୁ ଆଶା କରୁନଥିଲା । କହିସାରି ମୁଁ ନିଜକୁ ନିଜେ ଧିକ୍କାରି ହଉଥିଲି । କିନ୍ତୁ ଯା' ଭିତରେ କାର୍ଲା ତା'ର ଜବାବ ସଜାଡ଼ି ନେଇଥିଲା । ଖୁବ୍ ବୌଦ୍ଧିକ ଓ ତାର୍କିକ ଢଙ୍ଗରେ ।

Digitized by srujanika@gmail.com

"ଠିକ୍ ଓଲଟା କଥା ବରଂ ।" କାର୍ଲା କହିଲା, "ବିଲେଇର ଭାଷାଦକ୍ଷତା ନାହିଁ ନା, ତେଣୁ ତା ସହିତ ସମ୍ପର୍କ ଯୋଡ଼ିବା ପାଇଁ ସ୍ନେହର ଅଧିକ ପରାକାଷ୍ଠା ଦରକାର । ପ୍ରେମର ସ୍ନିଗ୍ଧତା ପରଖିବା ପାଇଁ ତାହା ଅନ୍ତିମ ପରୀକ୍ଷା ।"

ମୁଁ ଅଜାଣତରେ ବିରୁଡ଼ିବସାରେ ହାତମାରି ଦେଇଥିଲି । କାର୍ଲା ଜବାବ ଦବା ଭିତରେ ବି ଭାରି ଫମ୍ପା, ବିଚଳିତ ଜଣାପଡୁଥାଏ । ମୋତେ ଲାଗିଲା, ନିଜ ଜବାବର ଫମ୍ପା ଆବାଜ ବିଷୟରେ ସିଏ ନିଜେ ସଚେତନ ହୋଇସାରିଥିଲା । କୋଉଠୁ ଦୃଢ଼ ସମର୍ଥନ ସିଏ ଖୋଜି ଖୋଜି ଶାସ୍ତ୍ରୀଜୀଙ୍କ ଉଦାହରଣ ଦେଲା ।

"ଶାସ୍ତ୍ରୀଜୀ କହୁଥିଲେ, ଯିଏ ଯେତେ ପ୍ରଭାବଶାଳୀ, ସିଏ ସେତେ ସ୍ଥିର, ଅଚଞ୍ଚଳ । ଏତେ ଉଠାପକା ଭିତରଦେଇ ଯାଇନଥିଲେ ହୁଏତ ମୁଁ ପ୍ରେମର ଶକ୍ତି ଓ ବ୍ୟାପକତା ସମ୍ପର୍କରେ ଜାଣିପାରିନଥାନ୍ତି । କିନ୍ତୁ ଭାରତରେ ସ୍ତ୍ରୀଲୋକଙ୍କ ସେ ବ୍ୟକ୍ତି ସ୍ୱାଧୀନତା ବୋଧହୁଏ ନାହିଁ", କାର୍ଲାର ସ୍ୱର ଆତ୍ମରକ୍ଷା ନା ଆକ୍ରମଣମୂଳକ, ମୁଁ ଠଉରେଇ ପାରୁନଥିଲି ।

"ଶାସ୍ତ୍ରୀଜୀ ଭାରତୀୟ ବିଦ୍ୟାର୍ଥୀମାନଙ୍କୁ ଗ୍ରହଣ କରୁନାହାଁନ୍ତି ଆଉ । ମୋର କିନ୍ତୁ ବହୁତ ଦିନରୁ ଇଛା ଅଛି ତାଙ୍କୁ ଭେଟିବାକୁ । ହୁଏତ ତମେ ଅନୁରୋଧ କଲେ ମୁଁ ଥରୁଟିଏ ଖାଲି ତାଙ୍କୁ ଭେଟିପାରନ୍ତି ।" ବିଷୟ ବଦଳେଇ ଦବାକୁ ଭିତରେ ତୁଳନାତ୍ମକ ସାମାଜଶାସ୍ତ୍ର ଆଡ଼କୁ ଗତି କରୁଥିଲା । ମୋ ମତରେ ସେଭଳିଆ ବିବାଦର କୌଣସି ଅନ୍ତ ନାହିଁ, ପୁଣି ତା' ମୂଲ୍ୟହୀନ ବି । ଭାରତ ବିଷୟରେ ହଉ କି ଆମେରିକା ବିଷୟରେ ହଉ, ଆମେ କେତେ ଜାଣିଛୁ ଯେ ଆମେ ଯୁକ୍ତି କରିପାରନ୍ତୁ ? କିନ୍ତୁ ତା ବ୍ୟକ୍ତି ଜୀବନର ସିଦ୍ଧାନ୍ତ ସମ୍ପର୍କରେ ମୁଁ ଏକ ଅସହଜ ମନ୍ତବ୍ୟ ଦେଇସାରିଥିବାରୁ କାର୍ଲା ଟିକେ ଉତ୍‌କ୍ଷିପ୍ତ ଜଣାପଡୁଥାଏ ।

"ନିଶ୍ଚୟ । ମୁଁ ତମକୁ ଥରେ ନେଇଯିବି । ଶାସ୍ତ୍ରୀଜୀ ମୋତେ ଯା' ଭିତରେ ଖୁବ୍ ସମ୍ମାନ କରିବା ଆରମ୍ଭ କରିଛନ୍ତି । ଆଚ୍ଛା ପ୍ରକାଶ, ଭାରତୀୟ ପୁରୁଷମାନେ ବିବାହ କଲାବେଳେ ନାରୀର ସତୀତ୍ୱ ବିଷୟରେ ଖୁବ୍ ଜୋର ଦେଇଥା'ନ୍ତିନା ? ତା'ଛଡ଼ା, ଆରେଞ୍ଜଡ଼ ମ୍ୟାରେଜରେ ନିଜ ପସନ୍ଦର ପୁରୁଷ ବାଛିବା ପାଇଁ ନାରୀର କୌଣସି ସ୍ୱାଧୀନତା ନଥାଏ ?"

ପ୍ରଶ୍ନଗୁଡ଼ିକ ଖୁବ୍ ଜଟିଳ ମନେହେଲା ମୋତେ । ତା'ଠୁ ବେଶି ଲାଗୁଥାଏ କାର୍ଲାର ଉତ୍‌କ୍ଷିପ୍ତ ଅବସ୍ଥା, ମୁଁ ବିବାଦକୁ ଆଡ଼େଇଦବା ପାଇଁ ଚାହୁଥାଏ । ଗଲା ସପ୍ତାହ

Digitized by srujanika@gmail.com

ଧରି ଆମେ ବ୍ୟକ୍ତିକ ସ୍ତରରେ ପରସ୍ପର ବନ୍ଧୁ ହୋଇସାରିଥିଲୁ । ବ୍ୟକ୍ତିକ ବନ୍ଧୁତା ଏଇ ମାହୋଲକୁ ତୁଚ୍ଛା ତର୍କରେ ନଷ୍ଟ କରିବାକୁ ଚାହୁଁନଥିଲି ମୁଁ । ତା ଛଡ଼ା କାର୍ଲା ଭାରତର ଅତିଥି । କୌଣସି ଦୃଷ୍ଟିରୁ ସିଏ ଆଘାତ ପାଉ, ବିଶେଷକରି ମୋ କଥାବାର୍ତ୍ତାରେ, ଏଇଟା ମୋର ଆଦୌ ଇଛା ନଥିଲା ।

"ତମେ ଯାହା କହୁଛ ତାହା ଆଂଶିକ ସତ୍ୟ । କିନ୍ତୁ ଏବେ ପରିସ୍ଥିତି ବଦଳିଗଲାଣି । ସ୍ତ୍ରୀଲୋକମାନଙ୍କ ବ୍ୟକ୍ତିସ୍ୱାଧୀନତାକୁ ପୁଷ୍ଟ କରିବାପାଇଁ ନୂଆନୂଆ ଆଇନ ହଉଚି । ତା'ଛଡ଼ା ଏ ଦେଶ ଗୋଟିଏ ଭାରତ ନୁହେଁ, ସହସ୍ର ଭାରତ । ଏଠି ଖାପ୍ ପଞ୍ଚାୟତ ଅଛି, ବାର୍ ଡ୍ୟାନ୍ସ କରି ନିଜର ଭରଣପୋଷଣ କରିପାରୁଥିବା ଶହଶହ ଯୁବତୀ ଅଛନ୍ତି । ଜାଣ, ବିଦେଶରେ ଅସଢ଼ ସିନେମାରେ ନାୟିକା ଥିବା ଜଣେ ମହିଳା ବର୍ତ୍ତମାନ ଭାରତର ମୁଖ୍ୟଧାରା ସିନେମାର ଜନପ୍ରିୟ ଅଭିନେତ୍ରୀ ହୋଇପାରିଛନ୍ତି । ସେକଥା ସବୁ ଛାଡ଼ । ଆଗାମୀ ରବିବାର ପାଇଁ ଶାସ୍ତ୍ରୀଜୀଙ୍କୁ ଭେଟିବାର ବନ୍ଦୋବସ୍ତ କର ନା ।" କଥାବାର୍ତ୍ତାର ଦିଗ ପୂରାପୂରି ବଦଳେଇଦବା ପାଇଁ ମୁଁ କହିଲି ।

ସତକୁସତ ନିଜ ପ୍ରତିଶ୍ରୁତି ଅନୁଯାୟୀ କାର୍ଲା ସେତକ ବନ୍ଦୋବସ୍ତ କରେଇ ପାରିଥିଲା । ଶାସ୍ତ୍ରୀଜୀଙ୍କ ପାଖରୁ ଫେରିବା ପରେ ଆମେ ଖୁବ୍ ସ୍ୱାଭାବିକ ହୋଇସାରିଥିଲୁ । ତା' ଗେଷ୍ଟ ହାଉସରେ ତାକୁ ସେଦିନ ସଞ୍ଜରେ ଛାଡ଼ିବା ପୂର୍ବରୁ ତାକୁ ନେଇଯାଇଥିଲି ଗଙ୍ଗାଘାଟ । ବୋଟ୍ ଉପରେ ବସି ଦେଖିଥିଲୁ ଗଙ୍ଗା-ଆରତି । ଶହ ଶହ ଦୀପର ଆଲୁଅ ଓ ମନ୍ତ୍ରୋଚ୍ଚାରଣର ନିନାଦ ସୃଷ୍ଟି କରୁଥାଏ ଏକ ମୁଗ୍ଧ ପରିବେଶ । ପ୍ରବହମାନ ନଦୀ ସ୍ରୋତରେ ଠାଏଠାଏ ମିଶୁଛି ସହରରୁ ନିଷ୍କାସିତ ଆବର୍ଜ୍ଜନାମୟ ଦୁର୍ଗନ୍ଧ ପଚାପାଣି । ତଥାପି ଏଠି ଗଙ୍ଗାକୁ ନାଁ ଧରି କେହି ଡାକନ୍ତିନି । ସମସ୍ତଙ୍କ କଣ୍ଠରେ ସିଏ ଗଙ୍ଗାଜୀ । ମା' । ମା'ର କୋଳରେ ମଳତ୍ୟାଗ କରିବା ବି ଆମ ଭଳି ବାଳୁତମାନଙ୍କର ଅଧିକାର ଭିତରର କଥା । ଗଙ୍ଗାଜୀ ମଧ୍ୟ ମାତୃତ୍ୱର ଉଦାହରଣ ଓ ବ୍ୟାପ୍ତିରେ ନିର୍ମଳ ଓ ପବିତ୍ର କରିଦେଇଛନ୍ତି ହଜାର ହଜାର ମଇଁଷି, ଲକ୍ଷଲକ୍ଷ ମଣିଷ ଆଉ ଦୁରାରୋଗ୍ୟ ବ୍ୟାଧିପ୍ରପୀଡ଼ିତ ଶବ ଓ ମୋକ୍ଷକାମୀ ସନ୍ନ୍ୟାସୀଙ୍କୁ । ମୁଁ ଖାଲି ମନେମନେ ପ୍ରାର୍ଥନା କରୁଥାଏ, ହେ ଭଗବାନ୍, କାର୍ଲା ଆଖିରେ ଏ ନର୍ଦ୍ଦମା, ଶବପୋଡ଼ା ଦୃଶ୍ୟ ଓ ଭାସମାନ ପଚାଶଢ଼ା ଶବ ନପଡୁ ।

କିନ୍ତୁ ମୋର ଆଶଙ୍କା ଥିଲା ସମ୍ପୂର୍ଣ୍ଣ ଅମୂଳକ । କାର୍ଲା ମନ୍ତ୍ରୋଚ୍ଚାରଣର ଓ ପ୍ରକାଶର ଦୀପ୍ତିରେ ଏତେ ଉଚ୍ଛ୍ୱସିତ ଥାଏ ଯେ ମନେହେବ, ସିଏ ଯେମିତି ଏ ପାର୍ଥିବ ଜଗତରେ ନାହିଁ । ଭିଡିଓ କ୍ୟାମେରାରେ ଦୃଶ୍ୟ ଓ ଶବ୍ଦକୁ ବନ୍ଦୀ କରିନେବା ପାଇଁ ତା' ବ୍ୟଗ୍ରତା

Digitized by srujanika@gmail.com

ତାକୁ ପାରିପାର୍ଶ୍ୱିକ ସ୍ଥିତିଠୁ ଦୂରେଇ ନେଇଥାଏ । ତା'ର ଏ ମୋହଗ୍ରସ୍ତ ଆବେଶ ଭାଙ୍ଗିବା ପାଇଁ ଧୀରେ କହିଲି, "କାର୍ଲା, ଆଜି ରବିବାର, ମେସ୍‌ରେ ଡିନର ବନ୍ଦ ।"

"ଆଚ୍ଛା" କାର୍ଲାର ସଂକ୍ଷିପ୍ତ ପ୍ରତ୍ୟୁତ୍ତର ।

"ଆମେ ଏଇଠୁ ଡିନର କରିନବା ।" ମୁଁ ପ୍ରସ୍ତାବ ଦେଲି ।

"ଭଲକଥା ।" କହିଲା ଆଉ ପୂର୍ବପରି ଫଟୋ ଉଠେଇଚାଲିଲା ।

"ତମ ବିଦ୍ୟାପୀଠର ଗେଟ୍ ରାତି ସାଢ଼େ ଦଶରେ ବନ୍ଦ ହୋଇଯିବ । ହାତରେ ଆଉ ଦି'ଘଣ୍ଟା ରହିଲା । ଯଦି ଡିନର ନବା କଥା, ଆମକୁ ଏବେ ବାହାରିଯିବାକୁ ପଡ଼ିବ ।"

କୁଣ୍ଠିତ ଭାବରେ କାର୍ଲା ତା' କ୍ୟାମେରାରେ କୋଲପ ପକେଇଲା । "କୋଉଠିକି ଯିବ ?"

"ମୋର ଗୋଟେ ଫେବ୍‌ରିଟ ରେଷ୍ଟୁରାଣ୍ଟ ଅଛି । ମୁଁ ମଝିରେ ମଝିରେ ଆସେ । ଜୈନ ମେସ୍‌ର ସାତ୍ତ୍ୱିକ ଭୋଜନ ଖାଇଖାଇ ଅରୁଚି ଧଇଲେ ମୁଁ ଏଇଠିକି ଆସେ । ମାସେ ଦି' ମାସ ପାଇଁ ଏକାଠି ପାପ କରିଦିଏ । ତା'ପରେ ପୁଣି କିଛିଦିନ ନିଗ୍ରହରେ ବଞ୍ଚେ । ଯିବା ସେଇଠିକି ?" ମୁଁ ପଚାରିଲି । "ଚାଲ ।"

ରେଷ୍ଟୁରାଣ୍ଟଟି ଚାରିମହଲା ଉପରେ ଖୋଲା ଛାତରେ । ଟେବୁଲଗୁଡ଼ିକ ଏମିତି ସଜାହୋଇଛି ଯେ ଖାଇବାବେଳେ ଗଙ୍ଗାଜୀଙ୍କର ବିସ୍ତାର ଓ ପ୍ରାକୃତିକ ଶୋଭା ଦର୍ଶନ କରିହେବ । ଗୋଟିଏ କୋଣ ଟେବୁଲ ପାଖରେ ବସିବାବେଳେ କ୍ଲାରା ମୋତେ ଚେତେଇଦେଲା, "ମୁଁ ଭେଜିଟାରିଆନ, ମନେଅଛି ତ ?"

"ଏଇଟା ପୂରାପୂରି ଭେଜିଟାରିଆନ ରେଷ୍ଟୁରାଣ୍ଟ । ବନାରସରେ ଅଧିକାଂଶ ରେଷ୍ଟୁରାଣ୍ଟ ଭେଜିଟାରିଆନ । ତମେ କିଛି ଆଲ୍‌କହଲ ନେଇଥା'ନ୍ତ କି ?" ମୁଁ ସନ୍ତର୍ପଣରେ ପଚାରିଲି ।

"ଏଠିକାର ହୋଟେଲଗୁଡ଼ିକରେ ସ୍ତ୍ରୀଲୋକ ମଦିରା ପାନ କରିବା କୋଉଠି ତ ଦେଖିଲିନି । ମୁଁ ଆଲ୍‌କହଲ ନେଲେ ଅନ୍ୟମାନଙ୍କ ପାଇଁ ଦୃଷ୍ଟିକଟୁ ହବନି ତ ?"

"ଭାରତ ଗୋଟେ ଗଣତାନ୍ତ୍ରିକ ରାଷ୍ଟ୍ର । ଅନ୍ୟମାନଙ୍କ ମତାମତ ବିଷୟରେ ତମେ ନିସ୍ପୃହ ହୋଇପାର । ଏକଥା ମୋର ଜଣେ ପୁରାତନ ଆମେରିକୀୟ ବାନ୍ଧବୀ ବୁଝେଇଥିଲେ ।"

Digitized by srujanika@gmail.com

ମୋ ମନ୍ତବ୍ୟରେ କାର୍ଲା କ'ଣ ଯେ ଖୁବ୍ ଉଚ୍ଚସ୍ୱରରେ ହସିଉଠିଲା, "ଆମେରିକାନମାନେ ବେଳେବେଳେ ଶିଖେଇଦିଅନ୍ତି । ସେମାନେ ସବୁବେଳେ ଭଲ ଗାଇଡ୍ ନୁହନ୍ତି, ଏକଥା ମନେରଖିଥିବ ।"

ପ୍ରାୟ ମାସେ ପରେ ବମ୍ବେରୁ ଫେରି ଜାଣିଲି, ମୋର ବନାରସ ବିଶ୍ୱବିଦ୍ୟାଳୟ ହତା ଭିତରେ କ୍ୱାର୍ଟର୍ସ ମିଳିଯାଇଛି । ପ୍ରାୟ ଛ'ବର୍ଷ ଅପେକ୍ଷା ପରେ ମୁଁ ବିଶ୍ୱବିଦ୍ୟାଳୟ ଭିତରେ ଘର ପାଇଲି । ଅନେକ ଦିନର ଏକାନ୍ତବାସ ପରେ ମୁଁ ଓଡ଼ିଶାରୁ ନିଜ ପରିବାର ନେଇଆସିଲି । ତେଣୁ ବିଦ୍ୟାପୀଠ ମେସ୍‌ରେ ଖାଇବାର ଆବଶ୍ୟକତା ପଡ଼ିଲାନି । ବିଦ୍ୟାପୀଠ ସହ ମୋର ସମ୍ପର୍କ ପୂରାପୂରି କଟିଯାଇଥିଲା । କାର୍ଲା ଦୁଇ ତିନୋଟି ଚିଠି ଦବା ପରେ ମୋ ସହ ଯୋଗଯୋଗ ରଖୁନଥିଲା । କାର୍ଲା, ମଞ୍ଜୁ, ଶାସ୍ତ୍ରୀଜୀ, ଇଣ୍ଡୋଲୋଜି, ଜୈନଦର୍ଶନ, ତନ୍ତ୍ରବିଦ୍ୟା ଆଦି ବ୍ୟାପାର ସବୁ ସ୍ମୃତିରେ ମହଳଣ ପଡ଼ିଆସୁଥିଲେ ଘରୋଇ ଦାୟିତ୍ୱର ଚାପରେ । ନୂଆ କରି ଘର ବାନ୍ଧିବାପରେ ହଉଥିବା ଦୈନନ୍ଦିନ ସମସ୍ୟା, ବିଶ୍ୱବିଦ୍ୟାଳୟ ଦାୟିତ୍ୱର ଚାପ ଆଦି ମୋର ବୌଦ୍ଧିକ ଉଦ୍ୟମଗୁଡ଼ିକୁ ମଧ୍ୟ କିଛି ପରିମାଣରେ ଶ୍ଳଥ କରିଦେଇଥିଲା ଗଲା ଛ'ମାସ ଧରି । ଗତକାଲିର ଘଟଣା ଦେଖୁନଥିଲେ ହୁଏତ ବର୍ଣ୍ଣିତ ଘଟଣା ସବୁ ମୋର ସ୍ମୃତିକୁ ଆସିନଥାନ୍ତା ।

କାଲି ସଞ୍ଜବେଳେ ମୁଁ ହାଇଦ୍ରାବାଦ ଗେଟ୍ ପାଖରେ ଥିବା ଗ୍ରସରି ଦୋକାନକୁ ଯାଇଥିଲି କିଛି ଘରକରଣା ଜିନିଷ ପାଇଁ । ଫେରିବା ବେଳେ ଦୂରରୁ ଦେଖିଲି ମଞ୍ଜୁକୁ । ପୁଅର ଗୋଟିଏ ହାତକୁ ଧରିଛି । ଆରହାତଟି ଧରିଛି ମଞ୍ଜୁର ସ୍ୱାମୀ ବିନୟ । ଉଭୟ ଖୁବ୍ ଖୁସିରେ ଥିବା ଭଳି ମନେହେଲା । ଦି'ଜଣଯାକ ଖୁବ୍ ଭଲ ଜାମାଯୋଡ଼ ହୋଇ ଖୁସି ମନରେ ସାନ୍ଧ୍ୟଭ୍ରମଣ କରୁଥିଲେ । ଘରକୁ ଫେରିଆସି କାର୍ଲାକୁ ଏ ଦୃଶ୍ୟ ବର୍ଣ୍ଣନା କରି ଇ-ମେଲ୍‌ଟେ ଦେବି ବୋଲି ସ୍ଥିର କଲି । କିନ୍ତୁ ହାତ ଅଟକିଗଲା ହଠାତ୍ । ଏ ଘଟଣାଟି ଜାଣିବା ପରେ କାର୍ଲା ଖୁସି ହବ ନା ଆହତ ହେବ ? ଏଇଟା ତା'ର ବିଜୟ ନା ପରାଜୟ ? ରାତିସାରା ଭାବି ମୁଁ କୌଣସି ସ୍ଥିର ସିଦ୍ଧାନ୍ତରେ ପହଞ୍ଚିପାରିଲିନି ।

କାର୍ଲା ହୁଏତ ଠିକ୍ କହୁଥିଲା । ଇଣ୍ଟେଲେକ୍‌ଚୁଆଲମାନଙ୍କର ଏଇଟା ଗୋଟେ ବଡ଼ ସମସ୍ୟା । କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନବା ।

Digitized by srujanika@gmail.com

ଗଳ୍ପ ଲେଖିବାର କଳା

"ହେଲୋ ସ୍ୟାର୍‌ର ।"

ଉଚ୍ଚାରଣରୁ ଜାଣିନେଲି ଶେରଖାଁ, କିନ୍ତୁ ଯାହା ମୋତେ ଆଶ୍ଚର୍ଯ୍ୟ କଲା ତାହା ଥିଲା ସମ୍ବୋଧନ ପରବର୍ତ୍ତୀ ଲମ୍ବା ଖୋଲା ହସ । ଗଲା ଦୁଇମାସ ଧରି ଯେତେଥର ସିଏ ଫୋନ୍ କରେ, ସବୁଥର ତା' କଣ୍ଠରେ ଥାଏ ଆତଙ୍କ ।

"ହେଲୋ ଟାଇଗର ।" ମୁଁ ସାହସ ପାଇ ଚିଡ଼େଇଲି ତାକୁ । ଆଉ ସବୁଥର ଭଳି ସିଏ ମୃଦୁ ପ୍ରତିବାଦ କଲା, "ଶେର୍ ନୁହେଁ, ସ୍ୟାର୍‌ର୍ । ସେଏର୍– ଉର୍ଦ୍ଦୁ ଦ୍ୱିପଦୀ, ଟାଇଗର ନୁହେଁ ।"

ପିଏଚ୍.ଡ଼ି. ରେଜିଷ୍ଟ୍ରେସନ ଦିନଠାରୁ ଆମ ଭିତରେ ଏଭଳି କଥା କଟାକଟି ଚାଲିଆସିଛି । ମୁଁ ତାକୁ 'ଟାଇଗର' ଡାକେ ଆଉ ସିଏ କୁହେ, ମୋ ନାଁର ଅର୍ଥ କପ୍ଲେଟ୍, ଦୁଇଧାଡ଼ିବିଶିଷ୍ଟ କବିତା ।' ଟାଇଗର ନାଁ ପ୍ରତି ତା'ର ଥିଲା ଅହେତୁକ ଘୃଣା । ତା'ମତରେ ଟାଇଗର ଗୋଟେ ପୁରୁଷକୈନ୍ଦ୍ରିକ ହିଂସାର ପ୍ରତୀକ । ଏଇ ପୁରୁଷକୈନ୍ଦ୍ରିକ ହିଂସା ସଂସାରର ସବୁତକ ମନ୍ଦବୁଦ୍ଧି, ଇଭିଲ୍‌ର କାରଣ । ଏଠୁ ପିଏଚ୍.ଡ଼ି. ସରିଲେ ସିଏ ପୁରୁଷପଣିଆର ପ୍ରତୀକ ଟେଷ୍ଟୋଷ୍ଟୋରନ୍ ଆଉ ଇଭିଲ୍ ଭିତରେ କ'ଣ ସଂପର୍କ ସେ ବିଷୟରେ ଗବେଷଣା କରିବ । ମୁଁ ତା' କଥାର ଜବାବ ଦିଏନା, ହସିଦିଏ । ପୁଣି ଯେତେବେଳେ ଆମେ ଭଲ ମୁଡ୍‌ରେ ଥାଉ, ମୁଁ ପୁଣି ତାକୁ 'ଟାଇଗର' ଡାକିଦିଏ ଆଉ ସିଏ ପ୍ରତିବାଦ କରେ ।

ସତ କହିବାକୁ ଗଲେ, ଗଲା ଦୁଇବର୍ଷରେ ଆମେ ପରସ୍ପରର ବନ୍ଧୁ ହୋଇସାରିଥିଲୁ । ପିଏଚ୍‌ଡ଼ି ସ୍କଲାର ଓ ରିସର୍ଚ୍ଚ ଗାଇଡ଼ ଭିତରେ ଯୋଉ ପାରମ୍ପରିକ ଗୁରୁ-ଶିଷ୍ୟ ସଂପର୍କ ରହିବା କଥା, ତାକୁ ଆମେ କେବେଠୁ ଅତିକ୍ରମ କରିଆସିଥିଲୁ । ଅବଶ୍ୟ ତା'ର ଅର୍ଥ ନୁହେଁ ଯେ ସିଏ କେବେ ବି ମୋ ସହ ଅସମ୍ମାନସୂଚକ ବ୍ୟବହାର କରିଛି ବା ସଂପର୍କରୁ କିଛି ଫାଇଦା ଉଠେଇବାକୁ ଚେଷ୍ଟା କରିଛି । ମୁଁ ତାକୁ ସେକଥା ମୂଳରୁ କହିଦେଇଥିଲି ।

Digitized by srujanika@gmail.com

ବନ୍ଧୁତା ତା' ଜାଗାରେ, କାମ ତା ଜାଗାରେ । ଦି'ଟାକୁ ଫେଣ୍ଟାଫେଣ୍ଟି କଲେ କୋଉଟା ବାଗ ହବନି । ତେଣୁ ସିଏ ମନଦେଇ ପଢ଼ାପଢ଼ି କରିଛି । ଯାହା ପଢ଼ିବାକୁ କହିଲେ ପଢ଼ିଛି । ଯେମିତି ଢଙ୍ଗରେ ଲେଖିବାକୁ କହିଲେ ଲେଖିଛି– ବାରମ୍ବାର ସଂଶୋଧନ କରିଛି, ଆଦୌ ବିରକ୍ତ ନ ହୋଇ । ତା'ର କେବଳ ଗୋଟିଏ ଅନୁରୋଧ ଥିଲା, ସିଏ ଯେମିତି ହେଲେ ଦୁଇବର୍ଷ ଭିତରେ ଥିସିସ୍ ଜମା କରିବ, କାରଣ ତାକୁ ତୁରନ୍ତ ଫେରିବାକୁ ପଡ଼ିବ ନିଜ ପରିବାର ପାଖକୁ, ଇରାକ । ତା'ର କାମରେ ମନଯୋଗ ଦେଖି ମୁଁ ବି ସବୁକାମ ପଛକୁ ପକେଇ ଅଢ଼େଇବର୍ଷ ଭିତରେ ଥିସିସ୍ ଜମା କରିବାରେ ସାହାଯ୍ୟ କରିଛି ।

ଏ ଥିଲା ଦୁଇମାସ ତଳର କଥା । ଥିସିସ୍ ଦାଖଲର ପାଞ୍ଚ ଛଅଦିନ ପରେ ଶେରଖାଁ ବାହାରିଲା ଇରାକ । ସେତେବେଳକୁ ବିଦ୍ରୋହୀ ସୈନିକମାନେ ଇରାକ ସରକାର ବିରୋଧରେ ଧର୍ମଯୁଦ୍ଧ ଘୋଷଣା କରିସାରିଥାନ୍ତି । ଆଇଏସ୍ଆଇଏସ୍ ଛତାତଳେ କିଛି ଆରବ ରାଷ୍ଟ୍ରଙ୍କ ପ୍ରଚ୍ଛନ୍ନ ସମର୍ଥନରେ ସେମାନେ ସମଗ୍ର ଅଞ୍ଚଳରେ ଗୋଟେ ମଧ୍ୟଯୁଗୀୟ କାଲିଫେଟ୍ ପ୍ରତିଷ୍ଠା କରିବାର ଯୋଜନା କରିଥା'ନ୍ତି । ଇରାକର ଗୋଟେ ପରେ ଗୋଟେ ସହର ସେମାନଙ୍କ କବ୍ଜାକୁ ଆସୁଥାଏ । ବାଗଦାଦ ଆଡ଼େ ମୁହେଁଇ ଥାଆନ୍ତି ସେମାନେ । ବୋଧହୁଏ ନିଜ ପରିବାର ଲୋକଙ୍କଠାରୁ ଘଟଣାଗୁଡ଼ିକ ସଂପର୍କରେ ବିଶଦ ବିବରଣୀ ପାଇବା ପରେ ଭାରି ସନ୍ଦିଗ୍ଧ ଅବସ୍ଥାରେ ଦିନ କାଟୁଥାଏ ଶେରଖାଁ । ତା'ର ଖୁବ୍ ଇଚ୍ଛା, ସିଏ କିଛିଦିନ ଯାଇ ପରିବାର ସହିତ ସମୟ ବିତେଇବ । ପୁଣି ପରୀକ୍ଷକମାନଙ୍କ ପାଖରୁ ଥିସିସ୍ ଫେରିଲା ପରେ ମୌଖିକ ପରୀକ୍ଷା ବେଳକୁ ସେ ଭାରତ ଫେରିଆସିବ । କିନ୍ତୁ ତା' ଘରଲୋକେ ତାକୁ ମନା କରୁଥା'ନ୍ତି, ଏ ଘଡ଼ିସନ୍ଧି ବେଳେ ଇରାକ ନ ଆସିବାକୁ କହୁଥାନ୍ତି । ଏଇଭଳି ଦ୍ୱନ୍ଦ୍ୱ ଭିତରେ ଦୁଇଚାରିଦିନ କାଟିବା ପରେ ଶେରଖାଁ କହିଲା, "ସ୍ୟାର୍ର୍ । ମୁଁ କାଲି ବାଗଦାଦ ଯାଉଛି । ପରୀକ୍ଷକମାନଙ୍କ ରିପୋର୍ଟ ଯଦି ଭଲ ଆସିଲା, ଆପଣ ଭାଇଭାର ତାରିଖ ନିର୍ଦ୍ଦିଷ୍ଟ କରି ମୋତେ ଇମେଲ୍‌ରେ ଜଣେଇବେ । ମୁଁ ଆସିଯିବି । ତା'ଛଡ଼ା ମୁଁ ଆପଣଙ୍କ ସାଙ୍ଗେ ମଝିରେ ମଝିରେ ଫୋନ୍‌ରେ କଥାହେବିନି କି !"

"ତମେ ଏତେ ଭଲକାମ କରିଛ, ରିପୋର୍ଟ ଖୁବ୍ ଭଲ ଆସିବ । ସେଥିପାଇଁ ଚିନ୍ତିତ ହୁଅନା ।" ମୁଁ ତାକୁ ଆଶ୍ୱାସନା ଦେଇଥିଲି ।

Digitized by srujanika@gmail.com

ସେଇଟା ଇ ତ ସବୁଠୁ ବଡ଼ ଆଇରନି ହବନା । ମୁଁ ପିଏଚ୍‌ଡ଼ି ପାଇଁ ଯୋଗ୍ୟ ବିବେଚିତ ହେବାବେଳକୁ ଜୀବନ ମୋତେ ଅଯୋଗ୍ୟ କରିସାରିଥିବ ହୁଏତ ।"

"ତମର ସେମିତି କିଛି ହବନି । ତମେ ଏଠି ଯେମିତି ଅଛ, ବାଗଦାଦର ଖଜୁରି ଖାଇ ତମେ ତା'ଠାରୁ ଆହୁରି ଚିକ୍‌ଚିକ୍ ହେଇ ଫେରିବ । ଏଥର ଫେରିବା ବେଳକୁ ବମ୍ବେ ବାଟେ ଆସିବନି । ବମ୍ବେ ଫିଲ୍ମ ଇଣ୍ଡଷ୍ଟ୍ରୀର ସବୁଯାକ ପୁରୁଷ ଏବେ ପୁରୁଣାକାଳିଆ ହେଇଗଲେଣି । ତମେ ହ୍ୟାଣ୍ଡ୍‌ସମ ହେଇ ଫେରିବ ପୁଣି ତମ ନାଁ ପଛପଟେ ଗୋଟେ ଖାନ୍ । ତମକୁ ସେମାନେ ସେଇଠି ଧରିପକେଇ ଫିଲିମ୍ ହୀରୋ ବନେଇଦେବେ । ଆଉ ପିଏଚ୍.ଡି. ନା ଫିଏଚ୍.ଡି ! ଦେଆର୍ ଗେନ୍ ଉଇଲ୍ ବି ଆୱାର ଲସ୍ ।"

"ସ୍ୟାରର୍, ମୁଁ ଖୁବ୍ ସିରିୟସ । ସେଠି ପରିସ୍ଥିତି ବହୁତ ଖରାପ । କ'ଣ କେତେବେଳେ ହେଇଯିବ, କିଛି କହିହବନି । ମୁଁ ଥରେ ଗଲେ, ସେଠୁ ଆଉ ଜୀବନନେଇ ଫେରିବି କି ନା, ଘୋର ସନ୍ଦେହ ।" ତା' କଣ୍ଠରେ ସତକୁସତ ଜମାଟ ବାନ୍ଧିସାରିଥାଏ କୋହ ଓ ଭୟ ।

ମୁଁ ଥଟ୍ଟାମଜା ବନ୍ଦ କରି କହିଲି, "ଯଦି ପରିସ୍ଥିତି ଏମିତି, ତେବେ ଯାଉଛ କାହିଁକି ?"

"ମୋ ପୁତୁରା । ବାପାମା'ଙ୍କଠୁ ବି ବେଶି ଭଲପାଏ ମୋତେ । ପିଲାଟାକୁ ନ ବର୍ଷ ହେଲାଣି । ମୁଁ ତିନିବର୍ଷ ହେଲା ଆସିଲିଣି । ସବୁଦିନ ଫୋନ୍‌ରେ ଡାକିବ । ମୋତେ ନ ଦେଖିବାରୁ ବେଳେବେଳେ କାନ୍ଦୁଛି । ଫୋନ୍‌ରେ କହୁଛି, ଚଚ୍ଚ ତମକୁ ଦେଖିବାକୁ ଭାରି ଇଚ୍ଛା ହଉଛି । ମୁଁ ପାଠପଢ଼ା ନାଁରେ ତା' କଥା ଟାଳି ଦଉଥିଲି । ଏବେ ତାକୁ ଥରେ ଦେଖିଆସିବାକୁ ମନ ଛକପକ ହେଉଛି । ସ୍ୟାରର୍, ଯଦି ସେଠି ମୋର ମୃତ୍ୟୁ ହେଇଯାଏ ମୋ ଥିସିସ୍‌କୁ ବହି ଆକାରରେ ଦୟାକରି ପ୍ରକାଶ କରେଇବାର ବନ୍ଦୋବସ୍ତ କରିବେ ।"

ଏଭଳି ଏକ ଅନୁରୋଧରେ ମୋର ଚୁପ୍ ରହିବା କଥା । ନା ତ କହିହବନି, ହଁ କହିଲେ ପରୋକ୍ଷରେ ମାନିନବାକୁ ହବ ଯେ ଇରାକରେ ଶେରଖାଁର ମୃତ୍ୟୁ ଅବଶ୍ୟମ୍ଭାବୀ । ମୁଁ ତେଣୁ ନୀରବ ରହିଲି ।

ତା'ର ପ୍ରାୟ ପନ୍ଦରଦିନ ପରେ ପ୍ରଥମ କଲ୍ ପାଇଲି । ସେଇ ଲହରିଆ କଣ୍ଠର ଉଚ୍ଚାରଣ, "ସ୍ୟାରର୍, ଶେରଖାଁ, ବାଗଦାଦରୁ ।" ମୁଁ ଖୁବ୍ ଆଶ୍ୱସ୍ତ ହେଇଗଲି ତା'

Digitized by srujanika@gmail.com

ଫୋନ୍ ପାଇ । ତା'ର କାରଣ ହେଲା, ସେତେବେଳକୁ ବିଭିନ୍ନ ନିଉଜ ଚ୍ୟାନେଲ ଓ ସମ୍ବାଦପତ୍ରରେ ଇରାକରେ ଘଟୁଥିବା ବିସ୍ଫୋରକ ଘଟଣା ସଂପର୍କରେ ଖବର ମିଳୁଥାଏ । ଭାରତୀୟ ନର୍ସ ଓ ପଣବନ୍ଦୀମାନଙ୍କୁ ମୁକୁଳେଇବାକୁ ଭାରତ ସରକାରଙ୍କ ଉଦ୍ୟମ ସଂପର୍କରେ ଚର୍ଚ୍ଚା ଚାଲିଥାଏ ଜୋରସୋର । ଜଣେ ଭାରତୀୟ ନାଗରିକ ଭାବରେ ଅନ୍ୟ ଭାରତୀୟଙ୍କ ଭଲମନ୍ଦରେ ଯେତିକି ଭାଗୀଦାର ଜଣେ ହେଇପାରନ୍ତା, ମୁଁ କେବଳ ସେତିକି ହେଇପାରୁଥିଲି ଦୂରରେ ଥାଇ, ଖୁବ୍ ନୈର୍ବ୍ୟକ୍ତିକ ଭାବରେ । କିନ୍ତୁ ଶେରଖାଁର ଭଲମନ୍ଦ ସହିତ ମୋର ବ୍ୟକ୍ତିକ ସଂପର୍କ ଥିଲାନା । ଯଦିଓ ସିଏ ଭାରତୀୟ ନୁହେଁ, ସେ ତ ମୋର ପ୍ରତ୍ୟକ୍ଷ ଛାତ୍ର । ତେଣୁ ଖୁବ୍ ସ୍ୱାଭାବିକ ଭାବରେ ତା' ପାଇଁ ମୁଁ ଆଶଙ୍କିତ ଥିଲି ।

"ସବୁ ଠିକ୍‌ଠାକ୍ ତ ?" ମୁଁ ପଚାରିଲି ।

"ନା ସ୍ୟାରର୍ । ଘଟଣା ଦିନକୁଦିନ ଅଧିକ ବିଗିଡ଼ିଯାଉଛି । କେତେଦିନ ଧରି ମୁଁ ଆପଣଙ୍କୁ ଫୋନ କରିପାରିବି, ଜାଣେନା । ଇଣ୍ଟରନେଟରେ କିଛି ମେସେଜ ପଠେଇବା ଖୁବ୍ ରିସ୍କି । ଚାରିଆଡ଼େ ଗୁପ୍ତଚର, ସିକ୍ରେଟ ପୁଲିସ । ନିଜ ଛାଇକୁ ବି ବିଶ୍ୱାସ କରିବା ମୁସ୍କିଲ ଏଠି । ଘରୁ ଥରେ ବାହାରିଲେ ଫେରିହବକି ନା, ଆମେ ନିଶ୍ଚିତ ନୋହୁ । ଆପଣ ମୋ ପାଖକୁ ଫୋନ କରିବେନି ସାର୍ । ମୁଁ ସୁବିଧା ଦେଖି ମଝିରେ ମଝିରେ ଫୋନ କରୁଥିବି । ପିଏଚ୍.ଡି. ଥିସିସ୍‌ର ଅଗ୍ରଗତି ସଂପର୍କରେ ମୋତେ ସୂଚନା ଦଉଥିବେ । ହଁ, ମୋ ପାଖକୁ ଇ-ମେଲ୍ ପଠେଇବେନି । ମୁଁ ଆପଣଙ୍କୁ ଅଯଥା ଡିଷ୍ଟର୍ବ କରୁନି ତ ?"

"କି କଥା ତମେ କହୁଚ, ଶେର୍ ଖାନ୍ ! ତମେ ସେଠି ଜୀବନମରଣ ସମସ୍ୟାରେ ପଡ଼ିଛ ଆଉ ମୁଁ ଡିଷ୍ଟର୍ବଡ଼ ହେଇଯିବି ! ଏତେ ଅମଣିଷ ତ ମୁଁ ହୋଇନି ଏଯାଏ ।" କହିଲି ମୁଁ ।

"ମୁଁ ଜାଣେ, ଆପଣ ଖୁବ୍ ବ୍ୟସ୍ତ ଲୋକ । ଲେଖାପଢ଼ାରେ ବୁଡ଼ିକି ଥାଆନ୍ତି । ମୋର ବ୍ୟକ୍ତିଗତ ସମସ୍ୟାରେ ଆପଣଙ୍କୁ ଛନ୍ଦିବି କାହିଁକି ? କଥା କ'ଣକି, ମୁଁ ଭାରି ମିସ୍ କରୁଛି ଇଣ୍ଡିଆ । ପୃଥିବୀର ବିଭିନ୍ନ ଦେଶରେ ରହିଲିଣି, ହେଲେ ଭାରତରେ ଯୋଉ ସ୍ୱାଧୀନତା ମୁଁ ଉପଭୋଗ କରିଛି ଆଉ କୋଉଠି ପାଇନି– ବିକଶିତ ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ ବି । ଆପଣଙ୍କ ସହ କଥାହେଲେ ମୋତେ ଲାଗେ, ମୁଁ

Digitized by srujanika@gmail.com

ଭାରତରେ ଅଛି । ମୁଁ ଭାରତ ଆଉ ଫେରିବି କି ନା ଜାଣେନା, କିନ୍ତୁ ଯେତେଦିନ ବଞ୍ଚିଛି, ଆପଣଙ୍କ ସହ ମଝିରେ ମଝିରେ କଥା ହେଇପାରିବି ତ ?"

"ଏନିଟାଇମ । ତମର ଯେତେବେଳେ ସୁବିଧା, ତୁମେ କଲ୍ କର । ତମେ ତ ଜାଣିଛ, ମୋର ସେଲ୍‌ଫୋନ ଚବିଶଘଣ୍ଟା ଖୋଲାଥାଏ । ତା'ଛଡ଼ା, ଭାରତ ଫେରିବିନି ବୋଲି କାହିଁକି ଭାବୁଛ ? ଏଇ କିଛିଦିନ ଭିତରେ ଆମେରିକା କିଛି ନା କିଛି ଗୋଟେ ପଦକ୍ଷେପ ନବ । ସଜାଡ଼ି ହେଇଯିବ ସବୁ ।"

ଶେର୍‌ଖାଁର ବ୍ୟଙ୍ଗାତ୍ମକ ହସ ଶୁଣାଯାଇଥିଲା ସେପଟୁ । କହିଥିଲା, "ସେ ବିଷୟରେ ସାର୍ ଅଧିକ କଥା ହବା, ମୁଁ ଭାରତ ଗଲେ ।"

ପ୍ରତି ସପ୍ତାହକ ଅନ୍ତରରେ ଶେର୍‌ଖାଁ ଫୋନ୍ କରୁଥିଲା ମୋତେ । ସବୁଥର ପ୍ରାୟ ସେଇ ପୁରୁଣା କଥାର ପୁନରାବୃତ୍ତି । ଭୟ, ଆଶଙ୍କ, ବିଷାଦ, ନିରୁତ୍ସାହଭରା ସ୍ୱର ଓ ସବାଶେଷରେ ଭାରତ ପ୍ରତି ତୃଷ୍ଣା । ତା'ର ଭାରତ ପ୍ରତି ଗଭୀର ଭଲପାଇବା ଦେଖିଲେ ମୋତେ ବେଳେବେଳେ ଖୁବ୍ ଦୋଷୀଦୋଷୀ ଲାଗେ । ଖୁବ୍ ଛୋଟ ହେଇଯାଏ ମୁଁ ତା' ଆଗରେ । ଭାରତ ମୋର ଜନ୍ମଭୂମି । ମୁଁ ଏ ଦେଶର ନାଗରିକ । ମଝିରେ ମଝିରେ ବିଭିନ୍ନ ଦେଶରେ ଲମ୍ବା ସମୟ ରହିଛି ସତ; ହେଲେ ଭାରତ ପ୍ରତି ଏଭଳି ଅନାବିଳ ଭଲପାଇବା ମୁଁ କେବେ ବି ଅନୁଭବ କରିପାରିନି । ହୁଏତ ଅନ୍ୟ ଦେଶର ନାଗରିକ ହୋଇଥିବାରୁ ସିଏ ଭାରତର ଯୋଉ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରିଛି, ତାହା ମୋ ଆଖିରେ ପଡ଼ିନି । ବିଶେଷକରି ଇରାକର ବର୍ତ୍ତମାନ ପରିସ୍ଥିତି ସହିତ ତୁଳନା କଲେ ଭାରତ ତାକୁ ସ୍ୱର୍ଗପୁରୀ ଭଳି ମନେହେଉଥିବ । ପ୍ରତିଥର ଫୋନ କଲାବେଳେ ସିଏ ଅତି ବିକଳ ସ୍ୱରରେ ଭାରତରେ ବିତେଇଥିବା ଦିନଗୁଡ଼ିକୁ ଝୁରିହୁଏ । ତେଣୁ ଆଜି ଅଚାନକ ଏ ଖୋଲା ହସ ଶୁଣି ମୁଁ ଚକିତ ହେଇଗଲି ।

ତା' ପ୍ରତିବାଦ ଜବାବରେ କହିଲି, "ହ୍ୱାଟେଭର୍ । ତମେ ପରା ସାହିତ୍ୟ ଛାତ୍ର । ହ୍ୱାଟ ଇଜ୍ ଇନ୍ ଏ ନେମ୍ ?"

"ଅଛି ସ୍ୟାର୍‌ର୍, ଅଛି । ପ୍ରଭେଦ ଅଛି, ଯେମିତି ଇରାକ ଓ ଭାରତ । ମୁଁ ସପ୍ତାହକ ତଳେ କ'ଣ ଏମିତି ହସିପାରୁଥିଲି, ଆଜି ଯେମିତି ହସିପାରୁଛି ? କାରଣ ମୁଁ ଏବେ ଭାରତରେ ।"

Digitized by srujanika@gmail.com

"ଆରେ ତମେ ଫେରିଆସିଲଣି ? ଗ୍ରେଟ୍ ।" ମୁଁ ତା'ର ଅପ୍ରତ୍ୟାଶିତ ପ୍ରତ୍ୟାବର୍ତ୍ତନରେ ଆଶ୍ଚର୍ଯ୍ୟ ହେଲି ।

"ସ୍ୟାର୍ର୍, ମୁଁ ଦୁଇଦିନ ହେଲା ବମ୍ବେରେ । ଟ୍ରାଭେଲ୍ ଏଜେଣ୍ଟ କହିଲା, ବମ୍ବେ ଟିକଟ ଗୋଟିଏ ମାତ୍ର ଅଛି । ଯିବ ? ମୁଁ ଦୁଇହାତରେ ସୁଯୋଗକୁ ଜାବୁଡ଼ି ଧଇଲି ।"

"ତେବେ ତମେ ଦି'ଦିନ ହେଲା ବମ୍ବେରେ କ'ଣ କରୁଛ ? ଐଶ୍ୱର୍ଯ୍ୟା ରାୟ କ'ଣ ଡିଭୋର୍ସ କରିଦେଲା ଅଭିଷେକକୁ ?"

"ସ୍ୟାର୍ର୍ ! ଡୋଣ୍ଟ ପୁଲ୍ ମାଇଁ ଲେଗ୍ ନାଓ । ମୁଁ ବନାରସରେ ପହଞ୍ଚୁଛି ସଞ୍ଜବେଳେ । ଏଆରପୋର୍ଟରୁ ସିଧା ଆସିବି ଆପଣଙ୍କ ଫ୍ଲାଟ୍କୁ । ତା'ପରେ ଯିବା ମୋ ଫ୍ଲାଟ୍ । ସେଇଠି ଆପଣ ଯେତେ ମୋତେ ଥଟ୍ଟା କରିପାରିବେ । ଏବେ ମୋ ଫ୍ଲାଇଟ ଛାଡ଼ିବ । ମୁଁ ସେଲ୍‌ଫୋନ ସୁଇଚ୍‌ଅଫ୍ କରୁଛି ।"

ଠିକ୍ ମୁହଁସଞ୍ଜ ବେଳକୁ ମୋ ଫ୍ଲାଟ୍ ଆଗରେ ଟାକ୍ସିରୁ ଓହ୍ଲେଇଲା ଶେର୍‌ଖାଁ । ସିଏ ହସହସ ମୁହଁରେ ମୋ ପାଦଧୂଳି ନବାକୁ ବସିଛି, ମୁଁ ତାକୁ କୁଣ୍ଢେଇ ପକେଇଲି । "ଇସଲାମ ପରା ବିଶ୍ୱ-ଭ୍ରାତୃତ୍ୱ ପ୍ରଚାର କରୁଛି, ତୁମେ ଏ ସବୁ ପୁରୁଣା ଷ୍ଟାଇଲରେ ପାଦ କ'ଣ ଛୁଉଁଛ ?" ମୁଁ କହିଲି ।

"ସ୍ୟାର୍ର୍, ଯେତେବେଳେ ଆପଣ ମୋ ଗୁରୁ । ମୁଁ ଭାରତରେ ଏତେବର୍ଷ ରହିଲିଣି, ଏଠାକାର ରୀତିନୀତି କିଛି ଶିଖିବିନି ?"

ଏମିତିରେ ଖୁବ୍ ପତଳା । ଦି'ମାସ ଭିତରେ ଆହୁରି ଶୁଖି ଯାଇଥାଏ ଶେର୍‌ଖାଁ । ଶୁଆ ଭଳିଆ ତା' ନାକଟା ସେମିଟି ଯାଇଥିବା ମୁହଁ ଉପରେ ଆଉରି ବଡ଼ ଦେଖାଯାଉଥାଏ । ଗୋରା ପିଲାଟା ସିଝିକି ଲାଲ ହେଇଯାଇଥାଏ । ସହଜରେ ତ ତା' ମୁଣ୍ଡରେ ବାଳ ନଥିଲା । ଯା' ଭିତରେ ଆହୁରି ଚନ୍ଦା ଦେଖାଯାଉଥାଏ ।

"ଆରେ ନୂଆକରି ଦେଖିବା ଲୋକ ତ ଭାବିବ, ତମେ ଗୁରୁ ଆଉ ମୁଁ ଶିଷ୍ୟ । ଦି'ମାସରେ ତମର ଏ କ'ଣ ଅବସ୍ଥା ?" ମୁଁ କହିଲି ।

"ଆମ ରୁମ୍‌କୁ ଆସନ୍ତୁ, ସବୁ ଡିଟେଲ କହିବି । ଆଜି ଆପଣ ମନା କରିବେନି । ମୁଁ ଆପଣଙ୍କ ପାଇଁ ଆରବିଆନ ବିନ୍ସ ଆଣିଛି, ହର୍ବାଲ ଟି ଆଣିଛି । ଆପଣଙ୍କୁ ଆଜି

Digitized by srujanika@gmail.com

ମୋ ରୁମ୍‌ରେ ଡିନର ଖୋଇବି । ମୋ ଥିସିସ୍ ତ ଜମା ହେଇସାରିଲାଣି । ତେଣୁ ଏଇଟା ଲାଞ୍ଚ ହିସାବରେ ଗଣା ହବନି । ଆଜି ପୂରାପୂରି ବନ୍ଧୁତ୍ୱ ।”

ମୋ ରିସର୍ଚ୍ଚ ସ୍କଲାରମାନଙ୍କ ସହିତ ଯେତେବେଳେ ବି ବାହାରକୁ ଯାଏ, ମୁଁ ସବୁବେଳେ ବିଲ୍ ପେମେଣ୍ଟ କରେ । ଏକଥା ଶେରଖାଁ ଜାଣିଥିଲା । କୌଣସି ରିସର୍ଚ୍ଚ ସ୍କଲାର ଯଦି ପଇସା ଦେଲା, ମୁଁ ତାକୁ ଚେତେଇଦିଏ, ମୋତେ ଲାଞ୍ଚ ଦବାକୁ ଚେଷ୍ଟା କରୁଛ କି ? ଯଦିଓ ଶେରଖାଁ ଓ ମୋ ଭିତରେ ବୟସର ବ୍ୟବଧାନ ବେଶି ନଥିଲା,ତଥାପି ତାକୁ ବି ଏ ନିୟମ ଲାଗୁ ରହିଥିଲା ।

ଆମେ ସେଇ ଟାକ୍ସିରେ ତା’ ଭଡ଼ାଘରକୁ ଗଲୁ । ମହାମନାପୁରୀ ଅଞ୍ଚଳର ଗୋଟେ ତିନିମହଲା ଘରର ସବା ଉପରେ କଣପଟିଆ ହେଇ ଫ୍ଲାଟ୍‌ଟେ । ଟେରାସ୍ ଉପରେ ଗଦିଟିଏ ବିଛେଇ ଦେଇ ମୋତେ ବସିବାକୁ କହିଲା ଶେରଖାଁ । ଇଲେକ୍‌ଟ୍ରିକ କେଟ୍‌ଲରେ ପାଣି ଗରମ କରିବା ଭିତରେ ମୋତେ କହିଲା, “ସାର୍, ଦେଖନ୍ତୁ ଆପଣଙ୍କ ପାଇଁ ପିଓର୍ ଭେଜିଟାରିଆନ ଖାଦ୍ୟ ମୁଁ ନେଇକି ଆସିଛି । ଏଭଳି ବିନ୍ସ ଏଠି ମିଳେନାହିଁ । ବଡ଼ବଡ଼ ଷ୍ଟୋରରୁ ଆପଣ ବେଳେବେଳେ ଆଣିପାରିବେ, କିନ୍ତୁ ଦାମ୍ ପାଖାପାଖି ଦଶଗୁଣ ।”

ଟିଣଡବାରେ ପ୍ୟାକ୍ କରାଯାଇଥିବା ବିନ୍ସ ଓ ଅନ୍ୟାନ୍ୟ ଖାଦ୍ୟ ଉପରେ ମୁଁ ନଜର ବୁଲେଇ ଆଣିଲି ।

“ଖାଲି ଗରମପାଣି ଢାଳିଦେଲେ ଆମ ଡିନର ରେଡ଼ି ।”

କହିଲା ଶେରଖାଁ । ଆମେରିକାରେ ଥିଲା ବେଳେ ଅନେକଦିନ ଏଇପରି ପ୍ୟାକ୍‌ଡ଼ ଫୁଡ଼ ଗରମ କରି ଖାଇଛି ଖୁବ୍ ବାଧବାଧକତାରେ । ମୋତେ ଆଦୌ ସେଗୁଡ଼ା ଭଲଲାଗେନା । କିନ୍ତୁ ଶେରଖାଁର ଆଗ୍ରହ ଆଗରେ ମୁଁ ବାଧ୍ୟ ହୋଇ ନୀରବ ରହିବା ଉଚିତ ମନେକଲି । ବନ୍, ସାଲାଡ଼, ବିନ୍ସ ତରକାରି ଆରବିୟାନ ଖଜୁରି ଓ ବିଭିନ୍ନ ପ୍ରକାର ଇରାକୀ ମିଠେଇରେ ସୁସଜ୍ଜିତ ପ୍ଲେଟ୍‌ମାନ ମୋ ଆଗରେ ଥୋଇଲା ଶେରଖାଁ । ବିଶେଷ ଭୋକ ନଥିଲେ ବି ଅଳ୍ପ କିଛି ଖାଇବାକୁ ଚେଷ୍ଟାକଲି ।

“ତମର ଏକ୍‌ଜାମିନର ରିପୋର୍ଟ ସବୁ ତ ଆସିନି । ତମେ ଏମିତି ଅଘନକ ଘଲିଆସିଲ ଯେ ?” ଖାଇବା ଭିତରେ ମୁଁ ପଚାରିଲି ।

Digitized by srujanika@gmail.com

"ସେଠି ଆଉ କିଛିଦିନ ରହିଥିଲେ ମୁଁ ଆଉ ବଞ୍ଚିନଥାନ୍ତି, ସ୍ୟାର୍। ଜାଣନ୍ତି, ମୋର ପିଏଚ୍.ଡି. ଆୱାର୍ଡ଼ ହେବା ପରେ ମୋତେ କୌଣସି ପାଶ୍ଚାତ୍ୟ ଦେଶରେ ଆସାଇଲମ ପାଇଁ ଦରଖାସ୍ତ କରିବାକୁ ପଡ଼ିବ। ଭାରତରେ ସବୁଦିନ ପାଇଁ ରହିଯିବାକୁ ଚେଷ୍ଟା କରୁଥିଲି। ବମ୍ବେରେ ଯୋଉ ତିନିଦିନ ରହିଲି, ସେଥିପାଇଁ ପଚରାଉଚରା କଲି। କିନ୍ତୁ ଏକାଦିକ୍ରମେ ବାରବର୍ଷ ଭାରତରେ ନ ରହିଲେ ଏଠାକାର ନାଗରିକତ୍ୱ ପାଇଁ ଆବେଦନ କରିପାରିବିନି। ବିନା ରୋଜଗାରରେ ବାରବର୍ଷ କେମିତି ରହିବି ଏଠି ?"

"ତମେ ଆସାଇଲମ ଆବେଦନ କରିବ ଯେ, ଇରାକରେ ତମ ପରିବାର ?"

"ପରିବାର ବର୍ତ୍ତମାନ ପାଇଁ ଏକରକମ ବ୍ୟବସ୍ଥିତ। କିନ୍ତୁ ମୁଁ ଫେରିଗଲେ ମୋତେ ବନ୍ଧୁକ ଧରି ଯୁଦ୍ଧକ୍ଷେତ୍ରକୁ ଯିବାକୁ ପଡ଼ିବ। ଷାଠିଏ ବର୍ଷରୁ କମ୍ ଓ ବନ୍ଧୁକ ଉଠେଇ ପାରୁଥିବା ସବୁଲୋକଙ୍କୁ ଧର୍ମଯୁଦ୍ଧ ପାଇଁ ଆହ୍ୱାନ ଆସିସାରିଛି। ସେଥିପାଇଁ ଫତ୍‌ୱା ବି ଜାରି ହେଇସାରିଛି। ଆପଣ ଯଦି ଯୁଦ୍ଧକୁ ନ ଯିବେ, ତେବେ କେହି ଯଦି ଏକଥା ପଦାରେ ପକେଇଦେଲା, ତେବେ ଆପଣ ମଲେ। ଯଦି ଯୁଦ୍ଧକୁ ଗଲେ ତେବେ ବି ମଲେ। କାରଣ ଲଢ଼ିବା ପୂର୍ବରୁ ମାତ୍ର ପନ୍ଦରଦିନର ଟ୍ରେନିଂ ଦିଆଯାଉଛି ଆପଣଙ୍କୁ। ଗୋଟେ ରକ୍ତମୁଖା ସୈନ୍ୟବାହିନୀ ଆଗରେ ବିଭିନ୍ନ ବୃତ୍ତିରୁ ଟଣାହେଇ ଆସିଥିବା ଅର୍ଦ୍ଧଶିକ୍ଷିତ ଅନଭିଜ୍ଞ ଯୋଦ୍ଧା କ'ଣ କରିପାରିବେ ? ବହୁତ ଯୁବକ ଏହିଭଳି ଲଢ଼ିବାକୁ ଯାଇ ମଲେଣି ଅବା ଖଣ୍ଡିଆଖାବରା ହେଇ ଫେରିଲେଣି। ମୁଁ ପିଏଚ୍.ଡି. ସାରିନି, ଅଳ୍ପ କିଛି କାମ ବାକିଅଛି, ଏଇ ଆଳରେ ଅନୁମତି ପାଇ ଆସିଛି। ଯଦି ଫେରିଯାଏ ହାତରେ ଖଣ୍ଡିଆ ବନ୍ଧୁକ ଧରି ମୋତେ ବି ଗୁଳିମାଡ଼ ଖାଇବାକୁ ହେବ।"

"ଆଉ ତମର ଭାଇ ଭଉଣୀ ?"

"ବଡ଼ଭାଇ ରକ୍ଷା ପାଇଯାଇଛି, କାରଣ ବୁଢ଼ାବାପାମା'ଙ୍କ ଦାୟିତ୍ୱ ତା'ଉପରେ। ଘରର ମୁରବି ଓ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହିସାବରେ ତାକୁ ରିହାତି ମିଳିଛି। ଦି'ଜଣଯାକ ଭିଣେଇ ତ ଏଇ ହଣାକଟାରେ ଆଗରୁ ଅଛନ୍ତି। ଜଣେ ଆର୍ମିରେ କମାଣ୍ଡର ଆଉ ଆରଜଣକ ପୁଲିସରେ। ତେବେ ବଡ଼ଭାଇର ଗତିବିଧି ଉପରେ ସରକାରଙ୍କ କଡ଼ା ନଜର।"

Digitized by srujanika@gmail.com

କାହିଁକି ?" ମୁଁ ପଚାରିଲି ।

"ଦେଖନ୍ତୁ ସ୍ୟାର୍‌ର । ଆଜିର ପରିସ୍ଥିତିରେ ଆମେ ଏକପ୍ରକାର ତ୍ରିଶଙ୍କୁ । ଆମ ବାପା ସୁନ୍ନି ମୁସଲମାନ ଆଉ ମା' ହେଲେ ସିଆ । ତାଙ୍କ ସମୟ ବେଳକୁ ଏଇଟା ଏମିତି କିଛି ଗୋଟେ ବଡ଼କଥା ନଥିଲା । ପରିବର୍ତ୍ତିତ ପରିସ୍ଥିତିରେ ଆମେ ଉଭୟଙ୍କ ସନ୍ଦେହର ପାତ୍ର । ଯଦି ଏଠୁ ଫେରିଯାଇ ମୁଁ ଯୁଦ୍ଧରେ ଯୋଗ ନଦେଉଛି, ତେବେ ଯେକେହି ମୋତେ ସୁନ୍ନି ସମର୍ଥକ ଓ ଇରାକ ସରକାରଙ୍କ ବିରୋଧୀ ହିସାବରେ ଚିତ୍ରଣ କରିଦେଇପାରେ । ଆପଣ ଜାଣନ୍ତି ତ ଭିତରେ ଭିତରେ ସରକାରଙ୍କ ସଫେଇ କାର୍ଯ୍ୟକ୍ରମ ବି ଚାଲିଛି । ପୁଲିସ ପୋଷାକପିନ୍ଧା ଲୋକ ଅକସ୍ମାତ୍ ପହଞ୍ଚିଯାଉଛନ୍ତି ଘରଆଗରେ ଆଉ ଥାନାକୁ ଡାକି ନଉଛନ୍ତି । ଯିଏ ଗଲା, ସିଏ ଆଉ ଫେରୁନାହିଁ । ଯଦି ସରକାରଙ୍କ ପାଖରେ କେହି ଫେରାଦ ହେଲା, ତେବେ ଜବାବ ମିଳୁଛି, ଯୋଉମାନେ ପୁଲିସପୋଷାକ ପିନ୍ଧି ଯାଇଥିଲେ, ସେମାନେ ସରକାରୀ ଲୋକ ନୁହଁନ୍ତି । ଅଜଣା ଆତତାୟୀ । ସରକାରଙ୍କୁ ବଦନାମ କରିବା ପାଇଁ ସେମାନେ ଏଭଳି କାମ କରୁଛନ୍ତି । ସେମାନଙ୍କ ପାଖରେ ନିଜକୁ ସମର୍ପି ନ ଦେଇ ନାଗରିକମାନେ ସେମାନଙ୍କ ବିରୋଧରେ ଅସ୍ତ୍ର ଉଠେଇପାରନ୍ତି । କିନ୍ତୁ ଯଦି କେହି ଅସ୍ତ୍ର ଚଳେଇଲା, ତେବେ ତୁରନ୍ତ ବୋମା ପକେଇ ସେ ଲୋକର ଘରକୁ ଧ୍ୱଂସ କରିଦିଆଯାଉଛି । କାରଣ ଦିଆଯାଉଛି ଯେ ସେମାନେ ଦେଶଦ୍ରୋହୀ, ନିଜ ଦେଶର ପୁଲିସ ସେନାକର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି । ଏଣୁ ମାଇଲେ ଗୋହତ୍ୟା, ତେଣୁ ମାଇଲେ ବ୍ରହ୍ମହତ୍ୟା । ଏଇଭଳି ତ୍ରିଶଙ୍କୁ ସ୍ଥିତି ସେଠାକାର ସୁନ୍ନି ମୁସଲମାନମାନଙ୍କର । ଆଉ ଆମ ଭଳି ପରିବାର, ଯୋଉଠି ସୁନ୍ନି, ସିଆ ଏକାଠି ରହୁଛନ୍ତି, ସେମାନଙ୍କ ଅବସ୍ଥା ନ କହିଲେ ଭଲ ।

ଯା' ଭିତରେ ମୋ ଖାଇବା ମୋଟାମୋଟି ସରିଯାଇଥିଲା । ପାଖରେ ଥିବା ୱାସ୍ ବେସିନରେ ମୁଁ ମୁହଁ ଧୋଇନେଲି ଟିକେ । ଶେର୍ ଖାଁ ଉଠିଗଲା ଚା' ତିଆରି କରିବାକୁ । ଚା'ପତି ଛଡ଼ା ଅନ୍ୟ କିଛି ଗୁଳ୍ମ ବ୍ୟବହାର କରି ହର୍ବାଲ ଟି ବନେଇବ ବୋଲି କହିଲା । "ଦେଖନ୍ତୁ ସ୍ୟାର୍‌ର, ଏଇ ହର୍ବ । ବାସ୍ନା ବାରନ୍ତୁ । ଆପଣଙ୍କୁ ଭଲଲାଗିବ ତ ଏଇ ଇରାକୀ ହର୍ବାଲ ଟି ?" ତା'ହାତରୁ ସେଇ ଗୁଳ୍ମ ନେଇ ବାସ୍ନା ବାରିବାକୁ ଚେଷ୍ଟା କଲି । ଶୁଣ୍ଠିକୁ ଭାଙ୍ଗିଦେଲେ ଯେମିତି ବାସ୍ନା ହୁଏ, ପାଖାପାଖି ସେଇଭଳି । କହିଲି, "ହଁ, ଗୋଟେ ନୂଆ ସ୍ୱାଦ ଅନୁଭବ କରାଯାଉ । ଅସୁବିଧା କ'ଣ ? ଅବଶ୍ୟ ଯଦି, ତମେ ସେଥିରେ ସାପବିଷ କି ନିଶାଔଷଧ ପକଉ ନଥାଅ ।"

Digitized by srujanika@gmail.com

"ସ୍ୟାର୍‌ର୍, ମୁଁ ଜାଣେ ଆପଣ ନିଶା ଔଷଧ ବ୍ୟବହାର କରନ୍ତିନି । ଆପଣ ଭାରି ଧାର୍ମିକ ଲୋକ ।" କହିଲା ଶେର୍ ଖାଁ ।

"ଆରେ ଆମ ଧର୍ମରେ ବଡ଼ବଡ଼ ଦେବତା କିଛିକିଛି ନିଶା ସେବନ କରନ୍ତିରେ । ତା'ଛଡ଼ା ଧର୍ମକୁ ବି ମାର୍କ୍ସ ଅଫିମ କହିଥିଲା ନା । ଧର୍ମ କ'ଣ କମ୍ ନିଶା କି ?"

ଦୁଇଟି ବଡ଼ବଡ଼ ମଗ୍‌ରେ ଚ' ପରଷି ଦେଲା ଶେର୍‌ଖାଁ । ଟିକିଏ ଚାଖିଦେଲି । ଥଣ୍ଡାଜର ହେଲେ ବୋଉ ଯୋଉ କ୍ୱାଥ୍ ତିଆରି କରି ପିଇବାକୁ ଦିଏ, ପାଖାପାଖି ସେଇଭଳି ସ୍ୱାଦ । ତେବେ ଢେର ହାଲ୍‌କା । ଶେର୍ ଖାଁ ତା' ଦୁଃସାହସପୂର୍ଣ୍ଣ ଯାତ୍ରାର ବିବରଣୀ ଦବାକୁ ଆରମ୍ଭ କଲା...

"ଯୋଉଦିନ ବାଗଦାଦରେ ପହଞ୍ଚିଲି ଏଆରପୋର୍ଟରେ, ଦେଖିଲି ସବୁ ଶୁନ୍‌ଶାନ୍ । ସେତେବେଳକୁ ଆରମ୍ଭ ହେଇସାରିଥାଏ ଗୃହଯୁଦ୍ଧ । ଏଆରପୋର୍ଟରୁ ମୋ ଘର ପ୍ରାୟ ପଚିଶ କିଲୋମିଟର । ଟାକ୍ସି ଚଳାଚଳ ପ୍ରାୟ ବନ୍ଦ । ବହୁ କଷ୍ଟରେ ଗୋଟେ ଟାକ୍ସିବାଲାକୁ ରାଜି କରେଇଲି ଯିବାକୁ ଯେ ସିଏ କହିଲା, ଦୁଇଶହ ଡଲାର ନବ । ସାଧାରଣ ଭଡ଼ାର ପ୍ରାୟ ଦଶଗୁଣ । ଏତେ ପଇସା ନଥିଲା ମୋ ପାଖରେ । ତାକୁ କହିଲି, ଘର ଦୁଆରମୁହଁରେ ଛାଡ଼ିଦବୁ ତ ଘରୁ ପଇସା ଆଣିଦେବି । ଭାଗ୍ୟକୁ ହଁ କହିଲା । ରାସ୍ତାରେ ଗଲାବେଳେ ଦେଖିଲି, ସିଏ ସିଧାବାଟରେ ନ ନେଇ ସହର ବାହାରେ ବାହାରେ ଗୋଟେ ଲମ୍ବା ରାସ୍ତାରେ ଗାଡ଼ି ଚଳେଇଲା । ମୁଁ ତାକୁ ପଚାରିବାରୁ କହିଲା, "ଆପଣ କିଛି ଜାଣିନାହାଁନ୍ତି କି, ବର୍ତ୍ତମାନ ସହର ଭିତରେ ଭାରି ବିପଦ । ଆପଣ ବହୁତଦିନ ପରେ ଫେରୁଛନ୍ତି ତ ! ଭାଇଭାଇ ଭିତରେ ହଣାହଣି । କିଏ କାହାପଟେ ଜାଣିବା ମୁସ୍କିଲ ।"

ରାସ୍ତାରେ ଗଲାବେଳେ, ତା'ର ରାଜନୀତିକ ସମର୍ଥନ କାହା ପ୍ରତି, ତାହା ଜାଣିବାକୁ ଯେତେ ଚେଷ୍ଟାକଲି, ସଫଳ ହେଲିନି । ସିଏ ଓଲଟା ପ୍ରଥମେ ମୋର କାହା ପ୍ରତି ସମର୍ଥନ, ସେକଥା ଜାଣିବାକୁ ଚେଷ୍ଟାକଲା । ମୋର ତ ସେମିତି କିଛି ରାଜନୀତିକ ନିଷ୍ଠା ନାହିଁ, ତା'ଠୁ ଆହୁରି କମ୍ ଧର୍ମନିଷ୍ଠା । ତେଣୁ ଅଯଥାରେ କାହିଁକି ବିପଦ ମୁଣ୍ଡେଇଥାଆନ୍ତି ! କୌଣସିମତେ ତା' ପ୍ରଶ୍ନକୁ ବାଆଁରେଇ ଦେଲି । ମଣିଷ ମଣିଷ ଭିତରେ ସନ୍ଦେହ କେତେ ବଢ଼ିଯାଇଛି, ସେଇ ଟାକ୍ସିବାଲା ସହ କଥାବାର୍ତ୍ତା ତା'ର ଉଦାହରଣ ।

Digitized by srujanika@gmail.com

"ଯା'ହେଉ, ପ୍ରାୟ ଦୁଇଗୁଣ ଅଧିକ ରାସ୍ତା ଅତିକ୍ରମ କରି ଆମେ ଘରେ ପହଞ୍ଚିଲୁ। ବିରାଟ ଗୋଟେ ନର୍କକୁଣ୍ଡ ଭିତରେ ଯେମିତି ଇଞ୍ଚେ ନିର୍ଭୟ ଆଶ୍ରୟ। ପରିବାର ଲୋକେ ତିନିବର୍ଷ ପରେ ଦେଖି ଢେର ଖୁସିହେଲେ। କିନ୍ତୁ ସେ ଖୁସି ଲାଗିଲା କ୍ଷଣିକ। ତିନିଚାରିଦିନ ପରେ ଖବର ମିଳିଲା, ଇରାକର ଦ୍ୱିତୀୟ ବୃହତ୍ତମ ସହର ମୋସଲ୍ ବିଦ୍ରୋହୀଙ୍କ କବ୍‌ଜାକୁ ଚାଲିଯାଇଛି। ମୋସଲ୍‌ର ପତନ ଖୁବ୍ ଗୁରୁତ୍ୱପୂର୍ଣ୍ଣ, କାରଣ ସେଇଟା ପୃଥିବୀର ବଡ଼ ତେଲଖଣି ପେଣ୍ଠ। ସେଇଠୁ ଇରାକର ଅର୍ଥନୀତିକୁ ନିୟନ୍ତ୍ରଣ କରିହେବ। ସବୁଠୁ ଜଘନ୍ୟ କଥା ହେଲା ସରକାରୀ ସୈନ୍ୟବାହିନୀରୁ ଦଳଦଳ ସୈନ୍ୟ ଛାଡ଼ି ପଳଉଛନ୍ତି। ଅସ୍ତ୍ରଶସ୍ତ୍ର ଧରି ବିଦ୍ରୋହୀଙ୍କ ମୁକାବିଲା କରିବେ କ'ଣ, ବିନା ପ୍ରତିରୋଧରେ ଘାଟିଗୁଡ଼ିକ ଛାଡ଼ିଦେଉଛନ୍ତି। ବିଦ୍ରୋହୀଙ୍କ ଦଳରେ ଯାଇ ଯୋଗ ଦଉନଥିବେ ବୋଲି କିଏ କହିବ? ଏଭଳି ପରିସ୍ଥିତିରେ ସାଧାରଣ ଲୋକ କ'ଣ କରିବେ?"

"କିନ୍ତୁ ପରିସ୍ଥିତି ଅଣାୟତ୍ତ ହବା ପୂର୍ବରୁ ଆମେରିକା କିଛି ନା କିଛି କରିବ। ବର୍ତ୍ତମାନର ଇରାକୀ ସରକାର ତ ଆମେରିକା ସମର୍ଥନରେ ଗଢ଼ାହେଇଥିଲା ନା।" ମୁଁ ପଚାରିଲି।

"ଆପଣ ଫୋନ୍‌ରେ ବି ଏକଥା କହୁଥିଲେ। ତା'ର ଜବାବ ମୁଁ ଦେଇନଥିଲି। କାରଣ କିଏ ଜାଣେ, ମୋର ଫୋନ୍ ଟ୍ୟାପିଙ୍ଗ୍ ହେଉଥାଇପାରେ। ସ୍ୟାର୍‌ର୍, ସବୁ ଗଣ୍ଡଗୋଳର ଜନନୀ ତ ଆମେରିକା। ଭିଏତ୍‌ନାମ କୁହନ୍ତୁ, ଆଫଗାନିସ୍ଥାନ କୁହନ୍ତୁ ଇରାକ ଇରାନ କୁହନ୍ତୁ, ଆମେରିକା ଯୁଆଡ଼େ ଯୁଆଡ଼େ ଯିବ, କଳିମଞ୍ଜି ପୋତିଦେଇଆସିବ। ମୋସଲ୍ ବିଦ୍ରୋହୀଙ୍କ କବ୍‌ଜାକୁ ଆସିଯିବା ପରେ ସେଇ ତଥାକଥିତ ଖଲିଫା ଆବୁ ବକ୍ର ଅଲ୍ ବାଗ୍‌ଦାଦୀ ଟିଭିରେ ବାହାରି କ'ଣ କହିଲା ଦେଖିଲେନି? କହିଲା, ଆମେ ଏବେ ଏ ସମଗ୍ର ଅଞ୍ଚଳ କବ୍‌ଜା କରିବୁ। ତା'ପରେ ୱାଂଶିଟନ୍‌ରେ ଭେଟାଭେଟି।"

"ସବୁ ପକ୍ଷ ଜାଣନ୍ତି, ଇଏ କ୍ଷମତା ଓ ତେଲ ଅର୍ଥନୀତିକୁ କବ୍‌ଜା କରିବା ପାଇଁ ଲଢ଼େଇ। କିନ୍ତୁ ସାଧାରଣ ଲୋକଙ୍କୁ ନିଜନିଜ ଭିତରେ ଲଢ଼ିବା ପାଇଁ କେବଳ ଧର୍ମ ହିଁ ପ୍ରେରଣା ଦେଇପାରେନା। ନଇଲେ କୋଉ ସୁନ୍ନି ବା ସିଆ ବା କୁର୍ଦ୍ଦୀର କ'ଣ ଯାଉଛି ଯେ ସିଏ ନିଜ ଭାଇ ଉପରେ ଗୁଳି ଚଳେଇବ? ଧର୍ମର ଅହଂକୁ ଜାଗରିତ କରି

Digitized by srujanika@gmail.com

ସବୁପକ୍ଷର ବୃଦ୍ଧଗୋଷ୍ଠୀ ଯୁବକମାନଙ୍କୁ ମରଣମୁହଁକୁ ଠେଲିଦଉଛନ୍ତି । ମୁଁ ଯଦି ପିଏଚ୍.ଡି ପରୀକ୍ଷାର ଆଳ ଦେଖେଇ ଖସି ଆସିନଥାନ୍ତି, ତେବେ କୋଉ ପକ୍ଷରୁ ହେଲେ ବି ଯାଇ ଲଢ଼ିବାକୁ ପଡ଼ିଥା'ନ୍ତା । ମୁଁ ଇରାକର ନାଗରିକ, ମୋ ବାପା ସୁନ୍ନି, ମାଆ ସିଆ । ସରକାରୀ ପକ୍ଷ ସିଆ, ବିଦ୍ରୋହୀ ସୁନ୍ନି । କିଏ ଇରାନରୁ ସମର୍ଥନ ପାଉଛି ତ କିଏ ସାଉଦିଆରବରୁ । ସବା ଉପରେ ଥାଇ ଆମେରିକା-ଗୋବର୍ଦ୍ଧନ ନାଟ ଦେଖୁଛି, ଯୋଉ ନାଟ ବହୁବର୍ଷ ପୂର୍ବରୁ ସଦ୍ଦାମକୁ ତଡ଼ିବା ନାଁରେ ଆମେରିକା ଆରମ୍ଭ କରିଥିଲା । ମୁଁ କୋଉ ପକ୍ଷରୁ ଲଢ଼ିବା ଉଚିତ ହୁଅନ୍ତା ? କାହାର ବିଜୟ ହବ, କାହାର ପରାଜୟ ? ଆପଣ ଯୋଉ ଭଗବତ୍ ଗୀତା କଥା ସବୁବେଳେ କୁହନ୍ତି, ସେଥିରେ ବି ଯା'ର ଉତ୍ତର ମିଳିବନି । ହୁଏତ କୃଷ୍ଣଙ୍କୁ ଆଉଥରେ ଗୀତା ବ୍ୟାଖ୍ୟା କରିବାକୁ ପଡ଼ିବ । ସେ ଗୀତାର ଉପସଂହାରରେ ଥିବ ସମଗ୍ର ମଣିଷପଣିଆର ପରାଜୟ । ଯିଏ ଜିତୁ ବା ହାରୁ, ମନୁଷ୍ୟତ୍ୱ ନିଶ୍ଚୟ ହାରିଯିବ ।"

ଶେର୍ ଖାଁ କିଛି ସମୟ ନୀରବ ହୋଇଗଲା । ତା'ର ମାନସିକ ଅସ୍ଥିରତା ମୁଁ ଲକ୍ଷ୍ୟ କରିପାରୁଥିଲି । ତା' ଦ୍ୱନ୍ଦ୍ୱ ସହ ଏକାତ୍ମ ହେଇପାରୁନଥିଲି କିନ୍ତୁ । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସୁରକ୍ଷିତ ଗଡ଼ ଭିତରେ ଥାଇ ଇଂରାଜୀ ସାହିତ୍ୟର ତାତ୍ତ୍ୱିକ ଓ ନାନ୍ଦନିକ ବ୍ୟାଖ୍ୟା କରି ପେଟ ପୋଷୁଥିବା ମୋ ଭଳି ଜଣେ ଅଧ୍ୟାପକ ପାଇଁ ଏ ଅନୁଭବ ସବୁ ନିହାତି ଅପହଞ୍ଚ । ଧର୍ମକୁ ନେଇ, ଜାତିକୁ ନେଇ, ମଣିଷ ଏତେ ଉଦ୍‌ବେଳିତ ହୋଇପାରେ, ସେକଥା ଆମ ଭଳି ବୁଦ୍ଧିଭୋଗୀ ମଣିଷ କୁଆଡୁ ବୁଝିପାରିବ ? ବେଳେବେଳେ ଅବଶ୍ୟ ସମ୍ବାଦପତ୍ରରୁ ମୁଜାଫରନଗର କି ମନୋହରପୁରର କାହାଣୀ ନଜରକୁ ଆସେ । କିନ୍ତୁ ଆମେ ରାଜନୀତିକ ଦଳ କିମ୍ବା ଚରମପନ୍ଥୀମାନଙ୍କୁ ଗାଳିଦେଇ ମନର ଓରିମାନା ମେଣ୍ଟାଉ । ହୁଏତ ଆମମାନଙ୍କ ଜୀବନରେ ବେଳେବେଳେ ଶେର୍‌ଖାଁ ଭଳି ମୁହୂର୍ତ୍ତ ଆସିଯାଏ, କିନ୍ତୁ ମାନସିକ ପ୍ରସ୍ତୁତି ଅଭାବରେ ଆମେ ସେ ମୁହୂର୍ତ୍ତଗୁଡ଼ିକର ମୁକାବିଲା ଠିକ୍ ଭାବରେ କରିପାରୁନୁ, ଯେମିତି ଆଜି ମୁଁ ବସିଛି ଶେର୍‌ଖାଁ ଆଗରେ ଚ଼' କପ୍‌କୁ ଜାବୁଡ଼ି ଧରି କିଂକର୍ତ୍ତବ୍ୟମୂଢ଼ ଅବସ୍ଥାରେ ।

ଚ଼' ପିଆ ସରିଥିଲା । ରାତି ବଢୁଥିଲା । ମୁଁ ଯିବାକୁ ବାହାରିଲି । ଶେର୍‌ଖାଁକୁ ଆଶ୍ୱସ୍ତ କରିବାକୁ କହିଲି, "ଟାଇଗର କିଛି ନା କିଛି ସମାଧାନ ବାହାରିଯିବ । ମଣିଷର ଜୀବନ ପାଇଁ ଆକାଂକ୍ଷା ମୃତ୍ୟୁର ଏ ସାମୟିକ ତାଣ୍ଡବଲୀଳାକୁ ଅଚିରେ ପରାହତ

Digitized by srujanika@gmail.com

କରିବ । ଏ ମୋର ଦୃଢ଼ ବିଶ୍ୱାସ । ଦେଖ, ତୁମେ ଏଠୁ ଗଲାବେଳେ ମୁଁ କ'ଣ କହିଥିଲି ? ତୁମେ ନିଶ୍ଚୟ ଫେରିବ ଆଉ ନିଶ୍ଚୟ ପିଏଚ୍.ଡି. ଭାଇଭା ଦବ । ଏଠୁ ଡିଗ୍ରୀ ନେଇ ଯିବ । ମୋ କଥା ସତ ହେଲା ନା ନାହିଁ ?"

"ହଁ ସ୍ୟାର୍‌ର୍ । ସତ ଯେ, ଆପଣ ଯୋଉ ଶେର୍‌ଖାଁକୁ ଏଠି ଦେଖୁଛନ୍ତି, ତା' କେବଳ ଶେର୍‌ଖାଁ ଶରୀର । ମୋ ଆତ୍ମା କିନ୍ତୁ ଯାଇ ବାଗଦାଦରେ । ଯେତିକି ଯେତିକି ଦିନ ବିତୁଛି, ମୋ ପରିବାରର ଅବସ୍ଥା କ'ଣ ଥିବ, ସେ ବିଷୟରେ ଚିନ୍ତା ଘାରୁଛି ।" କାନ୍ଦକାନ୍ଦ ଦିଶିଲା ଶେର୍‌ଖାଁ ।

ବିଷୟ ବଦଳେଇ ଦବାକୁ କହିଲି, "ଆଚ୍ଛା ତମେ ବାଗଦାଦ ଛାଡ଼ିବା ବେଳକୁ ତମ ପୁତୁରା ରହିମ ତ ଢେର କାନ୍ଦିଥିବ । ତମକୁ ଖୁବ୍ ଭଲପାଏ ପରା ?"

"ସ୍ୟାର୍‌ର, ରହିମ ଯୋଗୁଁ ମୁଁ ଆଜି ଏଠି । ନଇଲେ ନିଜ ପରିବାରର ଏଭଳି ସଂକଟରେ ମୁଁ କ'ଣ ସେମାନଙ୍କୁ ଛାଡ଼ିଦେଇ ଏକୁଟିଆ ନିଜ ଜୀବନ ନେଇ ପଳେଇ ଆସି ପାରିଥା'ନ୍ତି ? ଆସିଥିଲେ ବି ମୋର ବିବେକ, ମୋର ଅନ୍ତରାତ୍ମା ମୋତେ କ'ଣ କ୍ଷମା କରିଥା'ନ୍ତା ନା ମୁହୂର୍ତ୍ତେ ଶାନ୍ତିରେ ରହିବାକୁ ଦେଇଥା'ନ୍ତା ? ସେଇ ରହିମ ମୋତେ ଏକରକମ ବାଧ୍ୟ କରି ଭାରତ ପଠେଇଦେଲା । ନ'ବର୍ଷର ପିଲା । କ'ଣ କହିଲା ଜାଣନ୍ତି ? କହିଲା, ଘର ଯଦି ଏଠି ରୁହ ଆମକୁ ଭଲ ଲାଗୁଛି । ହେଲେ, ସେମାନେ କ'ଣ ତମକୁ ରଖେଇଦେବେ ? କେବେ ନା କେବେ ହାଣମୁହଁକୁ ପଠେଇଦେବେ । ତା' ଅପେକ୍ଷା ତମେ ଯଦି ଭାରତ କି ଅନ୍ୟ କୁଆଡ଼େ ଚାଲିଯିବ, ତେବେ ଆମେ ଜାଣିବୁ, ତମେ ସୁରକ୍ଷିତ ଅଛ । ତମ ସ୍ୱର ତ ଅନ୍ତତଃ ଫୋନ୍‌ରେ ଶୁଣିପାରିବୁ । ସେତିକିରେ ଆମର ଖୁସି ।" ଶେର୍ ଖାଁ ସେତିକିରେ ସତକୁସତ କାନ୍ଦି ପକେଇଲା ।

ମୁଁ ତା' କାନ୍ଧରେ ହାତରଖି କିଛି ସମୟ ନୀରବରେ ଛିଡ଼ାହେଲି । ତା'ର କୋହ ବିତିଯିବାକୁ ସମୟ ଦେଲି । ତା'ପରେ କହିଲି, "ଆଚ୍ଛା ଟାଇଗର, ମୁଁ ଏବେ ଯାଏ । କାଲି ଗୋଟେ କ୍ଲାସ ନବାକୁ ଅଛି ଇତିହାସ ବିଭାଗରେ । ସେଠାକାର ରିସର୍ଚ୍ଚ ସ୍କଲାରମାନଙ୍କୁ ରିସର୍ଚ୍ଚ ମେଥଡଲଜି ସଂପର୍କରେ ଲେକ୍‌ଚର ଦେବି । ଏବେ ଦି'ଘଣ୍ଟା ଖଣ୍ଡେ ପ୍ରସ୍ତୁତିରେ ଲାଗିଯିବ ।"

Digitized by srujanika@gmail.com

"ସ୍ୟାରର୍, ସ୍ୟାରର୍ ! ଆରେ ମୁଁ ପୂରା ଭୁଲିଯାଇଥିଲି । ରହିମ ଆପଣଙ୍କ ପାଇଁ ଗୋଟେ ଖଜୁରି କ୍ୟାଣ୍ଡିଢ଼ବା ପଠେଇଛି ।"

ଶେର୍ ଖାଁ ତା' ବ୍ରିଫ୍‌କେଶ୍ ଖୋଲି କ୍ୟାଣ୍ଡିଡବାଟି ବାହାରକଲା । ତା'ରି ଭିତରେ ମୁଁ ଲକ୍ଷ୍ୟକଲି, ଅନ୍ୟାନ୍ୟ ସାମଗ୍ରୀ ସହିତ ପ୍ୟାକ୍‌କରା ଦୁଇବୋତଲ ସିଭାସ୍ ରିଗଲ୍ । ଦାମିକା ହୁଇସ୍କି । ପଚାରିଲି, "ଶେରଖାଁ ତମର କ'ଣ ହୁଇସ୍କିଫୁଇସ୍କି ଚଳେ କି ?"

"ହଁ ସାର୍ ।" ଲାଜଲାଜ ହେଇ କହିଲା ଶେରଖାଁ । "ଆପଣ ବ୍ରାହ୍ମଣ ତ, ତେଣୁ ମୁଁ ଯାଚିଲିନି । ଆପଣ ଗୋଟେ ପେଗ୍ ନେବେ କି ? ଖୁବ୍ ଭିଣ୍ଟେଜ କଲେକ୍ସନ ସ୍ୟାର୍‌ର ।"

"ଆରେ ବ୍ରାହ୍ମଣ ତ ସର୍ବଗିଳା । ତା' ଜଠର ତ ଜଠର ନୁହେଁ, ଯଜ୍ଞକୁଣ୍ଡ । ପେଟରେ ଯାହା ପଡ଼ିବ, ଭସ୍ମ କରିଦେବେ । କିନ୍ତୁ ତମେ ପରା ମୁସଲମାନ । ଇସଲାମରେ ତ ସୁରାପାନକୁ ବାରଣ କରାଯାଇଛି ।"

"ଧର୍ମାନ୍ଧତା ଓ ଧର୍ମକୁ ଢାଲ କ୍ଷମତା ଓ ଅହଂକାରର ଯୋଉ ତାଣ୍ଡବ ପୃଥିବୀସାରା ଚାଲିଛି, ତା' ବାହାରେ ମୁଁ ଏଇ ଛୋଟିଆ ଆଶ୍ରୟଟିଏ ଖୋଜିପାଇଛି, ମୋ ହ୍ୱିସ୍କି ବୋତଲ ଭିତରେ । ଏମିତି କେତେକେତେ ପରିସ୍ଥିତି ଅଛି, ଯୋଉଠି ମଣିଷ ତଥାକଥିତ ନକାରାତ୍ମକତା ଭିତରୁ ସକାରାତ୍ମକ ସମ୍ଭାବନା ଖୋଜିବାକୁ ବାଧହୁଏ । ମୋ ପରିସ୍ଥିତି ଦେଖନ୍ତୁ । ନିଜ ପରିବାର ଲୋକମାନଙ୍କୁ ସଂକଟମୟ ପରିସ୍ଥିତିରେ ଛାଡ଼ି ଚାଲିଆସିବାଟା ଗ୍ରାହ୍ୟ ନୁହେଁ ଆଦୌ । କିନ୍ତୁ ମୋ ଜୀବନ ପାଇଁ ସେଇଟା ଗୋଟେ ସକାରାତ୍ମକ ପଦକ୍ଷେପ । ମୋର ଚାକିରିବାକିରି ନାହିଁ, ବୟସ ଆସି ଚାଳିଶ ଛୁଇଁଲାଣି, କିନ୍ତୁ ମୋର ନିକଟତମ ଲୋକଙ୍କ ନଜରରେ ସେଇଟା ମୋ ପାଇଁ ଗୋଟେ ବଡ଼ ଆଶୀର୍ବାଦ । ସେଇମିତି ଅନେକ ଦିନ ଆଗରୁ ମୋର ବାହାସାହା ହେଇ ଘରସଂସାର କରିବା ଉଚିତ ଥିଲା । ତା'ଯେ ମୁଁ କରିପାରିନି, ଏଇଟା ଗୋଟେ ଅଭିଶପ୍ତ ଜୀବନ ଭଳି ମନେହୁଅନ୍ତା । ହାତରେ ରାନ୍ଧି ଖାଉଛି । ଏକାନ୍ତ ଜୀବନ ବଞ୍ଚୁଛି, ପୁଣି ଜନ୍ମମାଟିଠୁ ଏତେ ଦୂରରେ । କିନ୍ତୁ ଏଇ ଅବସ୍ଥା ଯୋଗୁଁ ମୁଁ ମୁକ୍ତି ପାଇପାରିଛି ମରଣର ଗହ୍ୱରରୁ, ନାନା ଆଶଙ୍କା ଓ ଅଶାନ୍ତିର ସମ୍ଭାବ୍ୟ ଆବର୍ତ୍ତରୁ । କିନ୍ତୁ ମୁଁ ଆଲ୍‌କହଲ ପିଉଥିବା କଥା ଇଣ୍ଟରନାସ୍‌ନାଲ ହଷ୍ଟେଲର ଅନ୍ୟ ମୁସଲିମ କଲିଗମାନଙ୍କ କାନରେ ଯେମିତି ନ ପଡ଼େ ସ୍ୟାରର୍ । ସେମାନେ ଏକଥା ଚାରିଆଡ଼େ ପ୍ରଘଟ କରିଦେବେ ଆଉ ମୁଁ ବଡ଼ ଅସୁବିଧାରେ

Digitized by srujanika@gmail.com

ପଡ଼ିଯିବି । ଏକ୍‌ରେ ମୁଁ ସେମାନଙ୍କ ସାଙ୍ଗେ ମିଶି ଧାର୍ମିକ ଅନୁଷ୍ଠାନରେ ଭାଗ ନିଏନା ବୋଲି ମୋତେ ସେମାନେ କାଫେର୍ ବୋଲି ଭାବୁଛନ୍ତି । ତା'ଛଡ଼ା ସେମାନଙ୍କ ହିପୋକ୍ରିସି ମୁଁ ସହିପାରେନା । ମୁଁ କେତେଜଣଙ୍କୁ ଜାଣେ, ସେମାନେ ଲୁଚିଛପି ଏସବୁ କରନ୍ତି, ଅଥଚ ଯଦି କେହି ଧରାପଡ଼ିଗଲା ତାକୁ ନିନ୍ଦିତ କରିବାର ସୁଯୋଗ ଛାଡ଼ିବେନି ।"

"ଶେର୍ ଖାଁ, ତମେ ଖୁବ୍ ଇଣ୍ଟରେଷ୍ଟିଂ ଚରିତ୍ର । ଭାବୁଛି, ତମ ଜୀବନର ଅନୁଭବକୁ ନେଇ ଗଳ୍ପଟିଏ ଲେଖିବି । ତୁମର ଆପତ୍ତି ନାହିଁ ତ ?"

ଶେର୍ ଖାଁ ଡରିଗଲା ରୀତିମତ "ସ୍ୟାର୍‌ର୍, ମୋ ପରିଚୟ କିନ୍ତୁ ଖୋଲିଦେବେନି । ମୁଁ ଆପଣଙ୍କୁ ଯାହାଯାହା କହିଲି, ଏକଥା ଯଦି ପ୍ରଘଟ ହେଇଯାଏ, ତେବେ ମୋ ଜୀବନ ପ୍ରତି ବିପଦ ଆସିପାରେ ।"

"ଆରେ ତମେ ସେଥିପାଇଁ ବ୍ୟସ୍ତ ହୁଅନାହିଁ । ତମେ ନିଜେ ସାହିତ୍ୟର ଛାତ୍ର । ତମେ କ'ଣ ଜାଣିନ, ସାହିତ୍ୟିକ ଜୀବନାନୁଭୂତିକୁ ସାହିତ୍ୟରେ ରୂପାନ୍ତରିତ କଲାବେଳେ କି କି ପୁଟ ଦେଇଦିଏ ? ମୁଁ ଯଦି ସତକୁସତ ତମ ନାଁ ନେଇ ଗଳ୍ପ ଲେଖେ, କେହି ସେଥିରୁ ତମକୁ ଚିହ୍ନଟ କରିପାରିବେନି । ସତ କହିବୁନି, ଅଥଚ 'ସତ୍ୟଦର୍ଶନ' ଓ ବର୍ଣ୍ଣନ ଆମ ସାହିତ୍ୟର ମୂଳମନ୍ତ୍ର– ଏକଥା ଡିଣ୍ଡିମ ପିଟି ପାରୁଥିବୁ, ସେଥିପାଇଁ ସାହିତ୍ୟିକ କେତେକେତେ ଫିସାଦ ଫାନ୍ଦିଛି, ସେକଥା କ'ଣ ତମେ ଜାଣନା ? ସେଇଥିପାଇଁ ତ ଏତେଏତେ ସାହିତ୍ୟତତ୍ତ୍ୱ, ନାନ୍ଦନିକ ଶୃଙ୍ଖଳା ନାଁରେ, କଳାତ୍ମକ ଏକତା ନାଁରେ, ପ୍ରୋବାବିଲିଟି, ଭେରିସିମିଲିଚିଉଡ୍ ନାଁରେ, ମ୍ୟାଜିକ ରିଅଲିଜିମ ନାଁରେ । ଏତେ ଫିଂ ଢ଼ର ମୂଳଲକ୍ଷ୍ୟ ଦେଇ । ଆମେ ଦେଖେଇ ଦବାକୁ ଚାହୁଁ ଯେ ଆମେ ପଲିଟିକାଲି କରେକ୍ଟ । ରାଜନୀତିକ କ୍ଷମତାର ବିଷଦୃଷ୍ଟି ନ ପଡୁ ଆମ ଉପରେ । ତମେ ଆଜି ଯାହାଯାହା କହିଲ, ସେସବୁ ଯଦି ସତକୁସତ ମୁଁ ଲେଖିଦେବି, ତେବେ ମୁଁ ଏଠି, ନା ପ୍ରଫେସର ହେଇ ରହିପାରିବି ନା ସାହିତ୍ୟିକ ବୋଲି ମୁକୁଟ ପିନ୍ଧି ବୁଲିପାରିବି ? ତୁମେ କ'ଣ ଭାବୁଛ, ମୋସଲ୍ କେବଳ ଇରାକରେ ? ବାଗଦାଦଠୁ ଚାରିଶହ ନବେ କିଲୋମିଟର ଦୂରରେ ଅଛି ମୋସଲ୍ । ଆମ ଘଡ଼ା ପୂରିବାପାଇଁ ଅପେକ୍ଷା କରି ରହିଛି ।

"ଅତଏବ ବଡ଼ମଣିଷଙ୍କ ଧର୍ମ, ରାଜନୀତି, ଅର୍ଥନୀତି, ଅହଂକାର, ଯୁଦ୍ଧକୌଶଳ, ହୁଙ୍କାର, ରେରେକାର ଓ ଆହ୍ୱାନ, ଏସବୁ ମୋ ସୃଜନଶୀଳତାର ପ୍ରେରଣା ନୁହେଁ ଆଦୌ । ଏସବୁ କୋଳାହଳଠୁ ଦୂରରେ ମୋତେ ଯାହା ଆକର୍ଷିତ କରିଛି, ତା' ହେଲା

Digitized by srujanika@gmail.com

ନ'ବର୍ଷ ବୟସର ପିଲା ରହିମର ମନୋବୃତ୍ତି, ଯିଏ ତା' ଘର ପ୍ରତି ମୋହଗ୍ରସ୍ତ ସ୍ୱାର୍ଥାନ୍ଧ ଭଲପାଇବାର ଊର୍ଦ୍ଧ୍ୱକୁ ଉଠି ଘରର ଦୀର୍ଘଜୀବନ କାମନା କରୁଛି । ସେଇ ମୋ ପାଇଁ ଅସଲି ଇସଲାମ, ସଚ୍ଚା ନମାଜ । ଗୋଟେ ଛୋଟପିଲା ଏତକ ଭାବିପାରୁଛି, ଏଇଟା ଆମ ଭବିଷ୍ୟତ ପୃଥିବୀ ସଂପର୍କରେ ବଡ଼ ଆଶାର କଥା । ଏଇ ଆଶାର ବାଣୀ ମୋ ଗଳ୍ପର ସାମ୍ଭାବ୍ୟ ପାଠକମାନଙ୍କୁ ମୁଁ ବାଣ୍ଟିଦେବାକୁ ଚାହେ ।"

ମୋ କଥାରେ ଶେରଖାଁ ଆଶ୍ୱସ୍ତ ଅନୁଭବ କଲା କି ନା, ମୋର ଜାଣିବାର ଉପାୟ ନଥିଲା । କାରଣ ଆମେ ଘରୁ ବାହାରି ରାସ୍ତାରେ ପାଦଦେବା ମାତ୍ରେ ଆରମ୍ଭ ହେଇଗଲା ବନାରସର ପ୍ରସିଦ୍ଧ ପାୱାର୍‌କଟ୍ । ରାସ୍ତାର ଆଲୋକମାଳା ଲିଭିଯିବାରୁ ଶେରଖାଁର ମୁହଁର ଅଭିବ୍ୟକ୍ତି ଲକ୍ଷ୍ୟ କରିପାରିଲିନି ମୁଁ । ତା'ଠୁ ବିଦାୟ ନେଇ ମୁଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଆଡ଼େ ଆଗେଇଲି ।

Digitized by srujanika@gmail.com

ଜଣେ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ଜୀବନରେ ଗୋଟିଏ ଦିନ

ସବୁକଥାକୁ ଗହୀରେଇ ଭାବିବା ଅଭ୍ୟାସଟି ତାଙ୍କୁ ଅନେକ ହନ୍ତସନ୍ତ କଲାଣି, ଅଥଚ ସେ ଛାଡ଼ି ପାରୁନାହାଁନ୍ତି । ଏତେ ଦିନର ଅଭ୍ୟାସ, କ'ଣ ଏତେ ସହଜରେ ଛାଡ଼ିହବ ? ଛାଡ଼ିଦବା ଉଚିତ ହେଇଥା'ନ୍ତା କି ? କିଏ ଜାଣେ, ହୁଏତ ଏଇ ଅଭ୍ୟାସଟି ଯୋଗୁଁ ସିଏ ଆଜି ନିଜ ନିର୍ବାଚିତ ପ୍ରଫେସନରେ ଏତିକି ପ୍ରତିଷ୍ଠା ପାଇପାରିଛନ୍ତି । ଏଇ ପ୍ରଫେସନ ତାଙ୍କର ଭବିତବ୍ୟ ଥିଲା ବୋଲି ପିଲାଦିନରୁ ପ୍ରତିଟି ଘଟଣା ପଛରେ ଥିବା ଗଭୀରତାକୁ ଯିବାର ଏଇ ଅଭ୍ୟାସଟି ବିଧି ତାଙ୍କ ନିକଟରେ ଖଞ୍ଜିଦେଇ ନଥିଲା ତ ?

ବହୁଦିନ ତଳେ ପ୍ରଫେସର ଆଲ୍‌ତାବ ହୁସେନଙ୍କ କ୍ଲାସରେ ସିଏ ପାଇଥିଲେ ଗୁରୁମନ୍ତ୍ର । "ଅନ୍ୟ ସବୁ ବିଦ୍ୟା ପୃଥିବୀ ପୃଷ୍ଠରେ, ପ୍ରତ୍ନତତ୍ତ୍ୱବିତ୍‌ର ବିଦ୍ୟା ଥାଏ ଅନ୍ତରାଳରେ । ଏଥିପାଇଁ ପୃଥିବୀ ପୃଷ୍ଠରୁ ଆହୁରି ତଳକୁ, ଗହୀରତା ଭିତରକୁ ଯିବାକୁ ପଡ଼େ । ଖାଲି ବୁଦ୍ଧି ନୁହେଁ, ବୁଦ୍ଧି ସହିତ ଦରକାର ବୀରତା ।"

ଭାରି ମଜାଳିଆ, ହାସ୍ୟରସ ପ୍ରିୟ ଥିଲେ ଆଲ୍‌ତାବ ହୁସେନ ସାର୍ । ଅତି ଫମ୍ପାକଥାକୁ ଖୁବ୍ ଗମ୍ଭୀର ଭାବରେ ତ ଗମ୍ଭୀର ବିଷୟକୁ ଖୁବ୍ ହାଲ୍‌କା ଢଙ୍ଗରେ କହିବା ତାଙ୍କର ଅଭ୍ୟାସ ଥିଲା । ଦିନେଦିନେ ଖୁବ୍ ଗମ୍ଭୀର ଭାବେ କ୍ଲାସରୁମ୍‌କୁ ପଶିଆସି ଲେକ୍‌ଚର ଆରମ୍ଭ କରିବେ, 'ଗ୍ରେଲିମାଗ୍ନି ଡ୍ରାଙ୍କ୍ ଗ୍ରମ୍ପାଗ୍ନି ଆଣ୍ଡ ଓ୍ୱେଣ୍ଟ ଫର୍ କାମ୍ପାଗ୍ନି' । ପିଲାମାନଙ୍କୁ ବୁଝିବାପାଇଁ ଲାଗିଯିବ ଅଧମିନିଟ । ପୂରା କ୍ଲାସଟା ଠୋଠୋ ହେଇ ହସିବା ଆରମ୍ଭ କଲାବେଳକୁ ସାର୍ ନିଜ ବିଷୟବସ୍ତୁ ଆରମ୍ଭ କରିଦେଇଥିବେ । ମୁହଁରେ କୌଣସି ଭାବାନ୍ତର ନଥିବ । ପିଲାମାନଙ୍କ ହସର କୌଣସି ପ୍ରଭାବ ନ ଥିବ ତାଙ୍କ ଚେହେରାରେ । ସତେ ଯେମିତି ନିଜର ଦୈନନ୍ଦିନ ରୁଟିନ କାମ କରୁଛନ୍ତି । ତାଙ୍କର ଏଇ ନାଟକୀୟତାବିହୀନ ନାଟକ ତାଙ୍କୁ ଜଣେ ଖୁବ୍ ଲୋକପ୍ରିୟ ଶିକ୍ଷକ କରେଇ ପାରିଥିଲା ।

ଏଇମିତି ଦିନେ କ୍ଲାସ ଆରମ୍ଭ କରି ସାର୍ କହିଲେ, "ପିଲେ, ଅଗାଥା କ୍ରିଷ୍ଟିଙ୍କ ନାଁ ଶୁଣିଛ ? ତାଙ୍କର ସ୍ୱାମୀ ଥିଲେ ଜଣେ ପ୍ରତ୍ନତତ୍ତ୍ୱବିତ୍ । ଅଗାଥା କ୍ରିଷ୍ଟି ଯେତିକି ପ୍ରସିଦ୍ଧ

Digitized by srujanika@gmail.com

ଥିଲେ ନିଜ ଜୀବଦ୍ଦଶାରେ, ତାଙ୍କ ସ୍ୱାମୀ ସେତିକି ରହିଥିଲେ ଲୋକଲୋଚନର ଅନ୍ତରାଳରେ । ହୁଏତ ତାଙ୍କ ସ୍ୱାମୀଙ୍କୁ ଆମେ ଜାଣିନଥାନ୍ତୁ ଆଦୌ ଯଦି ସିଏ ଅଗାଥା କ୍ରିଷ୍ଟିଙ୍କୁ ବାହାହେଇ ନଥା'ନ୍ତେ । ଅଗାଥା କ୍ରିଷ୍ଟିଙ୍କ ଗୋଟିଏ ମନ୍ତବ୍ୟ ତାଙ୍କ ସ୍ୱାମୀଙ୍କୁ ଯତ୍‌ସାମାନ୍ୟ ପରିଚିତି ଆଣିଦେଇଥିଲା । ସିଏ କହିଲେ, "ଜଣେ ସ୍ତ୍ରୀଲୋକ ପାଇଁ ପ୍ରତ୍ନତତ୍ତ୍ୱବିତ୍‌ଟିଏ ହିଁ ସବୁଠାରୁ ଭଲ ସ୍ୱାମୀ ହେଇପାରେ । କାରଣ ସ୍ତ୍ରୀ ଯେତିକି ପୁରୁଣା ହଉଥିବ, ପ୍ରତ୍ନତତ୍ତ୍ୱ..ତ୍‌ର ତା ପ୍ରତି ଆଗ୍ରହ ସେତିକି ଅଧିକ ହଉଥିବ ।"

"ଦେଖ ପିଲାଏ, ଏ ଲାଇନକୁ .. ଆସିବାକୁ ହେଲେ ଖାଲି ପୁରୁଣା ଜିନିଷ ପ୍ରତି ଆଗ୍ରହ ଥି.. ହବନି । ବର୍ଷବର୍ଷ ଧରି ଏପରିକି ସାରା ଜୀବଦ୍ଦଶାରେ ବି ତମକୁ ରହିବାକୁ ପଡ଼ିପାରେ ଲୋକଲୋଚନର ଅନ୍ତରାଳରେ । କେବଳ ଜଣେ ବୀର ପାଖରେ ଜ୍ଞାନ ପାଇଁ ଏଭଳି ପାଗଳପଣ ରହିପାରେ । କୌଣସି ପ୍ରତିଷ୍ଠା ନ ଥିବ, ଲୋକ ସମର୍ଥନ ନ ଥିବ, ତମେ କି କାମ କରୁଛ, କାଇଁକି କରୁଛ ଅଧିକାଂଶ ଲୋକ ବୁଝିପାରୁନଥିବେ, ସମାଜ ତରଫରୁ କୌଣସି ସାହାଯ୍ୟ ସହଯୋଗ ମିଳୁନଥିବ, ଅଥଚ ତମେ ଜ୍ଞାନର ସନ୍ଧାନରେ ଲାଗିଥିବ, ଏମିତି କେତେଜଣ ଅଛନ୍ତି ଏ କ୍ଲାସରେ ?"

କେହି ହାତ ନ ଟେକିବାର୍ ..ବ୍ କୁଣ୍ଠିତ ଭାବରେ ହାତ ଟେକିଥିଲେ ନରହରି । କ୍ଲାସର ସମସ୍ତେ ତାଳିମା.. ତାଙ୍କୁ ଉତ୍ସାହିତ କରିଥିଲେ । ସେଇଦିନ ଭବିଷ୍ୟତ ଜୀବନ ପାଇଁ ତାଙ୍କର ମୂଳଦୁଆ ପଡ଼ିଥିଲା । ସିଏ ଛାତ୍ରଛାତ୍ରୀବତ୍ସଳ ଆଲ୍‌ତାବ୍ ହୁସେନ ସାର୍‌ଙ୍କର ସବୁଠାରୁ ପ୍ରିୟ ଛାତ୍ର ହେଇଯାଇଥିଲେ ।

"ବାକି ..ମମାନେ ଯୋଦ୍ଧାମାନେ ତ୍ୱରିତ-ପ୍ରତିଷ୍ଠା ଆଗ୍ରହୀ, ଯୋଗଦେଇପାର ରାଜନୀତିରେ, ଅବା ଲେଖିପାର ଗଳ୍ପ, କବିତା; ସାମ୍ବାଦିକତା କରିପାର; ମନୋରଞ୍ଜନ ଇଣ୍ଡଷ୍ଟ୍ରି ମଧ୍ୟ ଖୋଲା ଯୋଦ୍ଧାମାନଙ୍କର ଆକର୍ଷଣୀୟ ଚେହେରା ଅଛି । କିନ୍ତୁ ମନେରଖ ଏକ ଅସାଧାରଣ ଅନୁଭୂତି ପାଇଁ ଏକ ଅସାଧାରଣ ବ୍ୟକ୍ତିତ୍ୱ ଦରକାର ।"

ନରହରି ପିଲାବେଳୁ ନିଜକୁ ଏକ ଅସାଧାରଣ ବ୍ୟକ୍ତି ବୋଲି ଭାବିଆସିଥିଲେ । କିନ୍ତୁ ବିଡ଼ମ୍ବନାର କଥା, ସିଏ ଯେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ, ଏକଥା ତାଙ୍କ ଛଡ଼ା ଆଉ କେହି ଜାଣିନଥିଲେ । ମାନେ ହୁସେନ ସାର୍ ଦେଖେଇଥିବା ରାସ୍ତାରେ ଆଗକୁଆଗ ବଢ଼ି ସିଏ ଜ୍ଞାନ ଜଗତରେ ଏକ ଚମତ୍କାର ପାଗଳପଣ ଜାହିର କରିସାରିଥିଲେ, ଅଥଚ

Digitized by srujanika@gmail.com

ତାଙ୍କର ପ୍ରତିଷ୍ଠା ସୀମାବଦ୍ଧ ଥିଲା ଏକ ନିର୍ଦ୍ଦିଷ୍ଟ ବିଶେଷଜ୍ଞଗୋଷ୍ଠୀଙ୍କ ଆକଳନରେ । ଆଉ ସେଇ ବିଶେଷଜ୍ଞଗୋଷ୍ଠୀଙ୍କର ସଂଖ୍ୟା ଏତେ କମ୍ ଥିଲା ଯେ, ସେମାନଙ୍କର ତାଙ୍କ ପ୍ରତି ସୃଷ୍ଟି ହେଉଥିବା ସମ୍ମାନବୋଧକୁ ତଥାକଥିତ ମୂଲ୍ୟବୋଧ ଅନୁଯାୟୀ ଯଶ ବା ପ୍ରତିଷ୍ଠା ବୋଲି କୁହାଯାଇପାରନ୍ତାନି । ନିଜ ଜ୍ଞାନସାଧନାରୁ ସିଏ ନିଜେ ଖୁବ୍ ଆତ୍ମପ୍ରସାଦ ପାଉଥିଲେ, ଅଥଚ ସେ ଜ୍ଞାନର ଉପଯୋଗିତା କ'ଣ ସେ ବିଷୟରେ ସାଧାରଣ ଜନତା କାହିଁକି ମୁଣ୍ଡ ଖେଳାନ୍ତା ?

ଉଦାହରଣସ୍ୱରୂପ, ଏଇ ନିକଟରେ ତାଙ୍କ ନେତୃତ୍ୱରେ ରାଜଘାଟ ଅଞ୍ଚଳରେ ଖନନ କାର୍ଯ୍ୟ ଚାଲିଛି । ତାଙ୍କର ଦୃଢ଼ ବିଶ୍ୱାସ କାଶୀ ଜନପଦ ସମ୍ପର୍କରେ ବହୁ ଅମୂଲ୍ୟ ତଥ୍ୟ ତାଙ୍କ ଗବେଷଣାରୁ ଉପଲବ୍ଧ ହେବ । ୧୯୪୦ ମସିହାରୁ ଏ ଯାବତ୍ ଏ ଜନପଦ ବିଷୟରେ ଯେତିକି ସତ୍ୟ ଉପଲବ୍ଧ ହେଉଛି, ତାଙ୍କ ଗବେଷଣା ଆହୁରି ଗହୀରକୁ ଆହୁରି ଆଗକୁ ଯିବ । କାଶୀ ରେଲ୍‌ୱେ ଷ୍ଟେସନ ନିର୍ମାଣ କାଳରେ ୧୯୪୦ ମସିହାରେ ଖୁବ୍ ଆକସ୍ମିକ ଭାବରେ ରାଜଘାଟ ଅଞ୍ଚଳରେ ଏହି ଅତି ପ୍ରାଚୀନ ଜନବସତି ସମ୍ପର୍କର ସୁରାକ୍ ମିଳିଯାଇଥିଲା । ତା'ପରେ ଶ୍ରୀ କ୍ରିଷ୍ଣଦେବ, ବ୍ରିଟିଶ ସରକାରଙ୍କ ଅଧୀନସ୍ଥ ଆର୍କିଓଲଜିକାଲ୍ ସର୍ଭେ ଅବ୍ ଇଣ୍ଡିଆ ଓ ସ୍ୱାଧୀନତା ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଏ.କେ. ନାରାୟଣଙ୍କ ତତ୍ତ୍ୱାବଧାନରେ ହେଉଥିବା ଖନନମାନ ଯେଉଁ ତଥ୍ୟମାନ ପଦାକୁ ଆଣିଥିଲା ସେଗୁଡ଼ିକ କାଶୀ ଜନପଦ ସମ୍ପର୍କରେ ସବିଶେଷ ବିବରଣୀ ନ ଥିଲା । ନରହରିଙ୍କର ବିଶ୍ୱାସ, ତାଙ୍କ ଖନନରୁ ଉପଲବ୍ଧ ତଥ୍ୟ ଏ ଅଞ୍ଚଳର ଜନବସତିର ଐତିହାସିକତାକୁ ଠିକ୍‌ରୂପେ ପ୍ରମାଣିତ କରିପାରିବ । ଅଥର୍ବବେଦରେ ବାରଣାସୀ ସମ୍ପର୍କରେ ଯେଉଁ ବିବରଣୀମାନ ଦିଆଯାଇଛି ତାକୁ ପୁଷ୍ଟ କରିବ ।

କିନ୍ତୁ ଏଥିରେ କାହାର କ'ଣ ଲାଭ ହବ ? ରାଜନେତାଙ୍କ ପାଇଁ ଇଏ କି ପ୍ରକାର ଭୋଟ୍‌ବ୍ୟାଙ୍କ ହେଇପାରିବ ? ପୁଞ୍ଜିପତିଙ୍କ ପାଇଁ ସିଏ ଖୋଳିଥିବା ଗାତଗୁଡ଼ିକ କି ପ୍ରକାର ଖଣି ହେବ ଯେ, ସେମାନେ ପାଇବେ ମୁନାଫା ? କେଇଖଣ୍ଡ ଭଙ୍ଗା ଖପରା, କାଚ ମାଳି, ଭଙ୍ଗା ଚୁଡ଼ି, ତମ୍ବାର ଅଚଳ ମୁଦ୍ରା, ହାତୀଦାନ୍ତର ଭଙ୍ଗା ପାନିଆ, ଟେରାକୋଟା ଚକି ଆଉ ପେଣ୍ଡୁଗୁଡ଼ିକୁ ଏଠାକୁ ଆସୁଥିବା ତୀର୍ଥଯାତ୍ରୀ ବି ଦର୍ଶନୀୟ ବସ୍ତୁ ବୋଲି ମନେକରିବେନି । ଶିକ୍ଷକଙ୍କ ବାଧ୍ୟବାଧକତାରେ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକର

Digitized by srujanika@gmail.com

ଛାତ୍ରଛାତ୍ରୀ ମଝିରେ ମଝିରେ ବୁଲିଆସୁଥିବେ ଯେ, ହେଲେ ସେମାନଙ୍କର ମନ ଯାଇ ଥିବ ସଦ୍ୟତମ କମ୍ପ୍ୟୁଟର ଗେମ୍‌ରେ ।

ତେବେ ତାଙ୍କର ଏ ଜ୍ଞାନସାଧନା କ'ଣ ମୂଲ୍ୟହୀନ ? ଜ୍ଞାନ ଓ ସାଧନାର ପରାକାଷ୍ଠା କ'ଣ ସାମାଜିକ ସ୍ୱୀକୃତି ଉପରେ ନିର୍ଭରଶୀଳ ? ନା ଜ୍ଞାନ ନିଜେ ନିଜର ପରିମାପକ ? ସାମାଜିକ ସ୍ୱୀକୃତି ତ ଦୂରର କଥା, ସିଏ ନିଜର ଛାତ୍ର ଓ ସହକର୍ମୀ ମହଲରେ ମଧ୍ୟ ଜଣେ ପାଗଳା ପ୍ରଫେସର ହିସାବରେ ପରିଗଣିତ ଥିଲେ । ଏପରିକି ନିଜ ସ୍ତ୍ରୀ ସୀମା ବି ତାଙ୍କୁ ଡାକୁଥିଲେ 'ଅଚଳ ଟଙ୍କା' ।

"ରବିବାରଟାରେ ସକାଳୁ ସକାଳୁ କୁଆଡ଼େ ବାହାରି ପଡ଼ିଲ ଶୁଣେ ।" ଗର୍ଜି ଉଠିଲେ ସୀମା । ସେତେବେଳକୁ ପଢ଼ାଘରେ ଥିବା ମିଡ୍‌ସେଫ୍‌ରୁ ଛୁରୀଟି ବାହାରକରି ନିଜ କମ୍ପ୍ୟୁଟର ବ୍ୟାଗ ଭିତରେ ରଖୁଥିଲେ ନରହରି । ଛୁରୀଟି କାଢ଼ିବା କ୍ଷଣି ସୀମା ଜାଣିଗଲେ ଏବେ ବାହାରିଯିବେ ସିଏ, ଆସିବେ କେତେବେଳକୁ ଠିକଣା ନ ଥିବ । ନୂଆନୂଆ ବାହାଘର ପରେ ନିଜେ ନରହରି ତାଙ୍କୁ ବୁଝେଇ ଦେଇଥିଲେ ଘରେ ତମେ ଯେମିତି ସ୍ତ୍ରୀ, ଫିଲ୍‌ଡ୍‌ରେ ଜଣେ ପ୍ରତ୍ନତତ୍ତ୍ୱବିତ୍‌ପାଇଁ knife is the wife (ନାଇଫ୍ ଇଜ୍ ଦ ୱାଇଫ୍) । ଖୋଳିକି ବାହାର କରିଥିବା ଜିନିଷଗୁଡ଼ିକରୁ ମାଟି ଛଡ଼େଇବା, ଭଲକରି ଗହୀରେଇ ଦେଖିବା, ବୁଝିବାପାଇଁ ଛୁରୀଟେ ଖୁବ୍ ଉପଯୋଗୀ ଉପକରଣ । "ଯାଉଛି ସାଇଟ୍ ଆଡ଼େ ।" ନିସ୍ପୃହ କଣ୍ଠରେ ଜବାବ ଦେଲେ ନରହରି । ଦୀର୍ଘ ଅଠେଇଶ ବର୍ଷର ବୈବାହିକ ଜୀବନର ସ୍ତ୍ରୀଙ୍କ ଏଭଳି ବ୍ୟବହାର ସହ ଏମିତି ପରିଚିତ ହେଇଯାଇଥିଲେ ଯେ, ଏହା ତାଙ୍କୁ ଆଦୌ ପ୍ରଭାବିତ କରୁନଥିଲା । ପ୍ରଥମେ ପ୍ରଥମେ ସ୍ତ୍ରୀଙ୍କର ଏପରି କର୍କଶ ବ୍ୟବହାରକୁ ବଦଳେଇବାକୁ ସିଏ ଯେ ଚେଷ୍ଟା କରିନଥିଲେ ସେକଥା ନୁହେଁ; କିନ୍ତୁ ପରେ, ଜୀବନ ସମ୍ପର୍କରେ ତାଙ୍କର ଅବବୋଧ ଯେତେବେଳେ ସାନ୍ଦ୍ର ହେଲା ସିଏ ଚେଷ୍ଟା କରିବା ଛାଡ଼ିଦେଲେ । ସେ ସାନ୍ଦ୍ରତର ଅବବୋଧଟି ଥିଲା ଯେ, ଜୀବନ ବଞ୍ଚୁଥିବା ବେଳେ ଉପୁଜୁଥିବା ସବୁ ସମସ୍ୟାର ସମାଧାନ ନ ଥାଏ । ବରଂ ସମସ୍ୟା ସହିତ ବଞ୍ଚିରହିବା ଜୀବନ ବଞ୍ଚିବାର ଅନ୍ୟତମ କଳା । ଆଉ ଏଇ କଳାତ୍ମକ ଜୀବନ ବଞ୍ଚିବାରେ ତାଙ୍କୁ ଖୁବ୍ ସାହାଯ୍ୟ କରିଥିଲା ତାଙ୍କ ଝିଅ ସୁନନ୍ଦା । ଅନେକ ସମୟରେ ମା'ର କ୍ରୋଧ ଆଉ କର୍କଶତା ବିରୋଧରେ ଢାଲ ଭଳି ସିଏ ରକ୍ଷା କରୁଥିଲା ତାଙ୍କୁ ଓ ତାଙ୍କର ଜ୍ଞାନସାଧନାକୁ । କାରଣ ନରହରିଙ୍କର ଗବେଷଣା ହିଁ ଥିଲା ସୀମାଙ୍କର ପ୍ରଧାନ

Digitized by srujanika@gmail.com

ଶତ୍ରୁ ଆଉ ତାଙ୍କର ଅଧିକାଂଶ ଦୁଃଖର ହେତୁ । ସୁନନ୍ଦା ବାହାହେଇ ଚାଲିଯିବା ପରେ ଏକାଏକା ସାମ୍ନା କରିବାକୁ ପଡୁଛି ତାଙ୍କୁ ବେଳକୁ ବେଳ ବଢ଼ିଚାଲିଥିବା ସ୍ତ୍ରୀ-ପ୍ରକୋପ । ହାୟ, ସିଏ ହେଲେ ଅଗାଥା କ୍ରିଷ୍ଟିଙ୍କର ସ୍ୱାମୀଭଳି ହେଇପାରନ୍ତେ ! "କୁଆଡ଼େ ଯିବା ଦରକାର ନାହିଁ । ସେ ବାଥ୍‌ରୁମ୍, ବେସିନ ପାନଛେପ ପକେଇ କି ଅସନା କଲଣି ? ତା ଭିତରେ ଘୁଷୁରି ବି ପଶିବନି ।"

"ତମେ ତା ଭିତରେ ପଶିବା ଦରକାର ନାହିଁ । ଘରେ ଆଉରି ଦି'ଟା ବାଥ୍‌ରୁମ ଅଛି ।" ଏତକ ଅଚାନକ ତାଙ୍କ ମୁହଁରୁ ଖସିଗଲା । ଭାଗ୍ୟକୁ ସୀମା ଏହାର ଗୂଢ଼ ଅର୍ଥ ଖୋଜିନାହାଁନ୍ତି, ନଇଲେ ଲଙ୍କାକାଣ୍ଡ ହେଇଥା'ନ୍ତା ।

"କେବେ ତ ସଫାହବ ! କିଏ ସଫାକରିବ ? ଆର ସପ୍ତାହରେ ଝିଅଜୋଇଁ ଆସିବାର ଅଛି । ଦେଖିଲେ କ'ଣ ଭାବିବେ ?"

"ଝିଅଜୋଇଁଙ୍କର ଢେର ବୁଦ୍ଧିଶୁଦ୍ଧି ଅଛି । ବାଥ୍‌ରୁମ ଆଉ ମନ୍ଦିର ଭିତରେ ଫରକ କ'ଣ ସେମାନେ ଜାଣିଥିବେ ।" ସୀମାଙ୍କୁ ଅଧିକ ଚିଢ଼େଇବାକୁ କହିଲେ ନରହରି ।

ବାଥ୍‌ରୁମର ସୌନ୍ଦର୍ଯ୍ୟ ପାଇଁ ସୀମାଙ୍କ ବ୍ୟସ୍ତତାର ଅସଲ କାରଣ ଏବେ ବୁଝୁଥିଲେ ନରହରି । ପାନଖିଆ ଛାଡ଼ି, ଘୁଷୁରିର ଅସନା ଜୀବନରୁ ଉର୍ଦ୍ଧ୍ୱକୁ ଉଠି ନରହରି ଜଣେ ସଭ୍ୟ ମଣିଷ ଭାବରେ ବଞ୍ଚନ୍ତୁ, ଏଇଟା ଅସଲ ଉଦ୍ଦେଶ୍ୟ ନ ଥିଲା । ଅସଲରେ ନରହରିଙ୍କର କୁତ୍ସିତ ବାଥ୍‌ରୁମଟି ସୀମାଙ୍କ ଆଳସ୍ୟ ଓ ନିପାରିଲାପଣର ସାକ୍ଷୀ ଭାବରେ ଝିଅଜୋଇଁଙ୍କ ସାମ୍ନାରେ ଉଭା ହେଇଯିବାର ସମ୍ଭାବନା ଥିଲା । ଜଣେ ଆଡ଼ବାଗିଆ ଜ୍ଞାନ-ପାଗଳ ମଣିଷ ହିସାବରେ ତାଙ୍କର ଏମିତି ଅପଖ୍ୟାତି ଥିଲା ଯେ, ସେଥିରେ ତାଙ୍କର ଅନେକ ଛୋଟବଡ଼ ବେଢଙ୍ଗୀ କାରନାମା ଲୁଚିଯାଉଥିଲା । ତାଙ୍କ ଆଖପାଖର ଲୋକେ ସେସବୁ କଥାକୁ ଆଉ ଧରୁନଥିଲେ । ଏଇ ଯେମିତି ଥରେ ସୀମା ତାଙ୍କୁ ଭାତ ବସେଇବାକୁ କହିବାରୁ ସିଏ ପ୍ରେସରକୁକରରେ ପାଣି ନଦେଇ ଚାଉଳ ତକ ରଖି ଚୁଲି ଉପରେ ବସେଇଦେବେ । କପ୍‌ବୋର୍ଡ଼ ଭିତରୁ ଦୁଇଟା ଅଲଗାଅଲଗା ରଙ୍ଗର ମୋଜା ବାହାରକରି ଗୋଡ଼ରେ ପିନ୍ଧି ପଳେଇବେ ଡିପାର୍ଟମେଣ୍ଟ । ଏ ସବୁ ପାରିବାରିକ ତଥ୍ୟ ହୁଏତ ଲୋକଲୋଚନର ଅନ୍ତରାଳରେ ରହିଯାଇ ପାରିଥାଆନ୍ତା । କିନ୍ତୁ ସମସ୍ତଙ୍କ ଆଗରେ

Digitized by srujanika@gmail.com

ନରହରିଙ୍କର ଅବିଗୁଣଗୁଡ଼ିକୁ ଖୁବ୍ ଛୁଙ୍କଦେଇ ପରିବେଷଣ କରୁଥିଲେ ନିଜେ ସୀମା । ନିଜର ଦୁର୍ଭାଗ୍ୟର ଦଲିଲ ହିସାବରେ । ଏଭଳିଆ ଅମଣିଷଟାକୁ ସ୍ୱାମୀ ଭାବରେ ଚଳେଇବା କି ଯେ ସାଧନାର କଥା, ତାହା ବିଜ୍ଞାପିତ କରି ନିଜର ଆତ୍ମ-ପରିଚିତିକୁ ପୁଷ୍ଟ କରୁଥିଲେ ସୀମା । କିନ୍ତୁ ଝିଅଜୋଇଁ ଆସିଲେ ଭାବିବେ ବାପା ତ ପାଗଳ ଲୋକ, ହେଲେ ମା'ବି ଘରର ଠିକ୍ ଦେଖାଶୁଣା କରିପାରୁନାହାଁନ୍ତି ।

"ସେ ଛଲାଖି କଥାବାର୍ତ୍ତାଗୁଡ଼ାକ ଶୁଣିଲେ ମୋ ହାଡ଼ରେ ନିଆଁ ଚରିଯାଉଛି । ତମେ ଆଜି ସୁଦ୍ଧା ବାଥ୍ରୁମକୁ ପରିଷ୍କାର କର ।" ସୀମାଙ୍କର ଗର୍ଜନ ଏଥର ଘରର ପରିସୀମା ଡେଇଁ ଆଖପାଖ କ୍ୱାର୍ଟର୍ସ ଆଡ଼େ ପ୍ରସରିବାକୁ ଲାଗିଲା । ଭାଗ୍ୟକୁ ତାଙ୍କ ବ୍ଲକ୍‌ରେ ରହୁଥିବା ସବୁ ପ୍ରଫେସର ଓ ତାଙ୍କ ସ୍ତ୍ରୀମାନେ ଖୁବ୍ ଭଲ ମଣିଷ । ଏକ୍‌ରେ ଓଡ଼ିଆ ବୁଝିପାରିନ୍ତିନି । ଦୁଇରେ ଏମାନଙ୍କ କଥାବାର୍ତ୍ତା ଓ ବ୍ୟକ୍ତିକ ଜୀବନରେ ମୁଣ୍ଡ ଖେଳାନ୍ତିନି ।

"ଆଉ ଯଦି ନିଜେ ଏତକ ସଫା କରିପାରୁନ ତାହେଲେ ଲୋକ ପଠାଅ କିଏ ଆସି ସଫା କରିଦେବ । ଧୋବଧାଉଳି ହେଇ ବାହାରିପଡ଼ିଲେ, କ'ଣ ନା ଗାତ ଖୋଳିବେ । ହେଲେ ସେଇ ସରକାର ବାବା ଭଳିଆ କୋଉଠି ଖୋଳନ୍ତ କି, ସୁନାରୁପା ମେଞ୍ଚାଏ ବାହାରନ୍ତା । ମାସମାସ ମାଟି ଖୋଳି ଘରକୁ ବୋହିଆଣୁଛ କ'ଣ ନା ଅନାବନା ଖପରା, କାଚଗୁଳି ।"

ଚିତ୍କାରର ଯୋଉ ଉଚ୍ଚତାକୁ ସୀମା ପହଞ୍ଚି ସାରିଥିଲେ, ସନ୍ଧି କରିବା ବ୍ୟତୀତ ଆଉ କୌଣସି ଉପାୟ ନ ଥିଲା ନରହରିଙ୍କ ପକ୍ଷରେ ।

"ଓହୋ ଏମିତି ଚିଲ୍ଲାଅନି ତ ସକାଳୁସକାଳୁ । ଏଠି ଭଦ୍ରଲୋକସବୁ ରହୁଛନ୍ତି । କଥା ଖରାପ ହବ । ମୁଁ ସନ୍ତୋଷକୁ ପଠେଇଦଉଛି । ସିଏ ଆସି ସଫା କରିଦବ ।" ତରବରରେ ଏତକ କହିଦେଇ ଜାଗା ଛାଡ଼ିଲେ ନରହରି କୌଣସିମତେ ।

ସନ୍ତୋଷ ଡିପାର୍ଟମେଣ୍ଟର ମେହେନ୍ତର । ତାକୁ ଘରେ ପୂରେଇବାକୁ ସହଜରେ ରାଜି ହୁଅନ୍ତିନି ସୀମା । କାରଣ ସିଏ କାମକୁ ବାହାରିବା ପୂର୍ବରୁ ସକାଳୁସକାଳୁ ପେଟେ ଦେଶୀମାଲ୍ ଠୁଙ୍କି ଦେଇଥାଏ । ଅନ୍ୟ କୋଉଠି ଖୁଣ ନାହିଁ । କଥାବାର୍ତ୍ତା ଭାରି ଭଦ୍ର, ମାର୍ଜିତ । କାମ ବି ବାଛିହବନି । ହେଲେ ପାଏ ବାଟରୁ ଏମିତି ଦୁର୍ଗନ୍ଧ ହଉଥିବ ଯେ

Digitized by srujanika@gmail.com

ପେଟରୁ ଭାତ ବାହାରିଯିବ । ଥରେ ଅଧେ ତାଙ୍କ କ୍ୱାର୍ଟର୍ସରେ ସିଏ ଆସି ସଫାସଫି କରିଥିଲା । ହେଲେ ତାର ଏଇ ଅବିଗୁଣ ଯୋଗୁଁ ସୀମା ତାକୁ ଡାକୁନଥିଲେ ଆଉ । ଖୁବ୍ କଷ୍ଟ ସହି ବାଥ୍‌ରୁମଗୁଡ଼ା ନିଜେ ସଫା କରୁଥିଲେ । ଘରର ଯାବତୀୟ ଅନ୍ୟାନ୍ୟ କାମ ପାଇଁ ନରହରି ଠିକା ପୂଜାରୀ, କାମତୁଣୀ ଯୋଗାଡ଼ି ଦେଇଥିଲେ । ଆଭିଜାତ୍ୟ ଦେଖେଇବାକୁ ନୁହେଁ, ବରଂ ସୀମାଙ୍କ ଭୟରେ । କ'ଣ ଯଦି ମୁଡ଼ ବିଗିଡ଼ିଯିବ, ତେବେ ଖୁଣ୍ଟ ଭଳି ବସିରହିବେ ଦିନସାରା ଟିଭି ସାମ୍ନାରେ । ଖାଇବା ପିଇବା, ରୋଷେଇବାସ ସବୁ ବନ୍ଦ । ନରହରି ଦିନେଦିନେ ଡିପାର୍ଟମେଣ୍ଟରୁ ଫେରିବା ବେଳକୁ କିଛି ନ ଥିବ ଖାଇବାକୁ । ରେଜେଇ ଘୋଡ଼େଇହେଇ ସୀମା ଶୋଇଥିବେ । ନରହରି ଇଣ୍ଟରଲକ୍‌ର ଚାବି ଖୋଲି କେତେବେଳେ ଘରକୁ ଆସିଛନ୍ତି, କ'ଣ କରୁଛନ୍ତି ସେଥିପ୍ରତି କୌଣସି ଧ୍ୟାନ ନ ଥିବ । ବେଳେବେଳେ ଏ ଶୟନ ଅଭିସାର ଚାଲିବ ବାରଘଣ୍ଟା, ଅଠରଘଣ୍ଟା । ଝିଅ ସୁନନ୍ଦା ବାହାହେଇ ଚାଲିଗଲା ପରେ ଏଭଳି ଦୌରାତ୍ମ୍ୟ ବଢ଼ିଯାଇଛି ତାଙ୍କର ।

ନରହରିବାବୁ ଅନେକ ଥର ଭାବିଛନ୍ତି ଡାକ୍ତର ପରାମର୍ଶ କରିବା କଥା । ହୁଏତ କୌଣସି ମାନସିକ ଅବସାଦ ଭିତରେ ଭିତରେ ଥାଇପାରେ । ହୁଏତ ଏକମାତ୍ର ସନ୍ତାନ ଅଲଗା ହେଇଯିବା ପରେ ସେ ବିଚ୍ଛେଦ ସହ ସାଲିସ କରିପାରୁନାହାଁନ୍ତି । ଅବା ମଝି ବୟସରେ ସବୁ ସ୍ତ୍ରୀଲୋକ ଭୋଗୁଥିବା ମାନସିକ ଅସନ୍ତୁଳନର ଲକ୍ଷଣ ଇଏ । ହଟିଯିବ ବଳେବଳେ । ହୁଏତ ନିଜ ଗବେଷଣାରେ ଅତ୍ୟଧିକ ସଂପୃକ୍ତି ଯୋଗୁଁ ସିଏ ସମୟ ଦେଇପାରିନାହାଁନ୍ତି ସ୍ତ୍ରୀଙ୍କୁ । ବର୍ଷବର୍ଷର ପୁଞ୍ଜିଭୂତ କ୍ଷୋଭ ବିଭିନ୍ନ ବାଟରେ ପରିପ୍ରକାଶ ହଉନି ତ ? ସୀମା ସଚେତନ ଭାବରେ ତାଙ୍କ ଉପରେ ପ୍ରତିଶୋଧ ନଉଛନ୍ତି କି ?

ଭାରାକ୍ରାନ୍ତ ମନ ନେଇ ବାଟ ଚାଲୁଥିଲେ ନରହରି । ଅଳ୍ପ ଦୂରରେ ଡିପାର୍ଟମେଣ୍ଟ । ଦରୁଆନକୁ କହିଦେଲେ ସିଏ ସନ୍ତୋଷକୁ ପଠେଇଦବ ଘରକୁ । ବାଥ୍‌ରୁମ ପରିଷ୍କାର କରିବାକୁ । ରାକେଶ ସେଇଠି ଭେଟିବ ତାଙ୍କୁ । ରାକେଶ ଯାଦବ । ମ୍ୟୁଜିଓଲଜିରେ ପିଏଚ୍.ଡି. କରୁଛି । ଖୋଦେଇ କାମ କରୁଥିବା ଦିନ ମଜୁରିଆଙ୍କୁ ତଦାରଖ କରିବା ଓ ସାଇଟ୍‌ରୁ ଗବେଷଣା ଉପଯୋଗୀ ବସ୍ତୁ ସଂଗ୍ରହ କରି ଅଲଗାଅଲଗା ସଜାଡ଼ି ରଖିବାପାଇଁ ତାଙ୍କର କିଛି ସ୍ୱେଚ୍ଛାସେବୀ ଛାତ୍ର ଦରକାର ହଉଥିଲେ । ରାକେଶ ଓ ତା'ର ଚାରିଜଣ ସାଙ୍ଗ ଏ କାମ ପାଇଁ ଭଲିଣ୍ଟିଅର କରିଥିଲେ । କ୍ୟାମ୍ପସ ଭିତରୁ ରାଜଘାଟ ପ୍ରାୟ ବାର

Digitized by srujanika@gmail.com

କିଲୋମିଟର । ରାସ୍ତା ପ୍ରବଳ ଭିଡ଼ । କାର୍ ନେଇ ଯିବା ସହଜ ନୁହେଁ । ଏବେ ବ୍ଲଡ଼ ପ୍ରେସର ବାହାରିଥିବା ଯୋଗୁଁ ସିଏ ଚଳେଇ ପାରୁନାହାଁନ୍ତି କୌଣସି ଦୁଇଚକିଆ ଯାନ । ଏଇ ରାକେଶ ତାଙ୍କୁ ନେଇଯାଏ ସାଇଟ୍‌କୁ ତା ମଟର ସାଇକେଲରେ । ଯୋଉଦିନ ତାଙ୍କର ଯିବାର ଥାଏ । ପ୍ରଥମ ଦୁଇମାସ ପ୍ରାୟ ଦୈନିକ ଯାଉଥିଲେ ନରହରି । ଏବେ ପିଲାମାନେ କାମ ବୁଝିଗଲେଣି । ସ୍ୱାଧୀନ ଭାବରେ କାମ ଆଗେଇ ନଉଛନ୍ତି । ନରହରି ମଝିରେ ମଝିରେ ଯାଆନ୍ତି । ରବିବାର ଥିବାରୁ ଆଜି ବାହାରିଥିଲେ ।

ନରହରି ଡିପାର୍ଟମେଣ୍ଟ ଦରୁଆନ ପାଖରୁ ଫେରୁଛନ୍ତି, ପହଞ୍ଚିଗଲା ରାକେଶ । ତାଙ୍କୁ ଦେଖୁଦେଖୁ ପ୍ରାୟ ଚିତ୍କାର କଲାଭଳି କହିଲା, "ସାର୍, ଜାଣିଛନ୍ତି, କାଲି ଗୁପ୍ତା ଗୋଟେ ସୁନା ପାତିଆ ପାଇଲା ସାଇଟ୍‌ରୁ । ଆଜି ହୁଏତ ଆହୁରି ବାହାରିପାରେ ।" "ରାକେଶ, ତମ ଗାଁରେ କେବେ ନିଆଁ ଲାଗିଛି ?" ଗମ୍ଭୀର ଭାବରେ ପଚାରିଲେ ନରହରି । ରାକେଶର ଉତ୍ତରକୁ ଅପେକ୍ଷା ନକରି କହିଚାଲିଲେ, "ଯେତେବେଳେ କୋଉଠି ନିଆଁ ଲାଗେ, ଘରଲୋକେ ଘରର ସବୁଠାରୁ ମୂଲ୍ୟବାନ ଜିନିଷକୁ ଗୁଡ଼େଇପୁଡ଼େଇ ପ୍ରଥମେ ବାହାର କରିଆଣନ୍ତି ପଦାକୁ । ସାଧନର ଅଭାବ ହଉ ବା ପ୍ରାକୃତିକ ଦୁର୍ବିପାକ ହଉ, ଯେତେବେଳେ ଜନଗୋଷ୍ଠୀଟିଏ ନିଜର ବସତି ଛାଡ଼ି ଚାଲିଯାଏ, ଠିକ୍ ସେଇମିତି ନିଜର ମୂଲ୍ୟବାନ ସମ୍ପତ୍ତିଗୁଡ଼ିକୁ ସାଥିରେ ନେଇଯାଏ । ତେଣୁ ଖୋଦେଇ ବେଳେ ଆମେ ଯାହା ପାଉ ତାହା ସେ ଜନଗୋଷ୍ଠୀର ମୋଟାମୋଟି ବର୍ଜ୍ୟବସ୍ତୁ । ସେଇ ପରିତ୍ୟକ୍ତ ଜିନିଷଗୁଡ଼ିକରୁ ଆମେ ନିର୍ମାଣ କରୁ ଇତିହାସର ଆଲେଖ୍ୟ । ମନେରଖ, ସଂସାର ପାଇଁ ଯାହା ମୂଲ୍ୟବାନ୍, ଜଣେ ପ୍ରତ୍ନତତ୍ତ୍ୱବିତ୍ ପାଇଁ ମୂଲ୍ୟବାନ୍ । ପ୍ରକାରାନ୍ତରେ ସଂସାର ପାଇଁ ଯାହା ମୂଲ୍ୟବାନ୍ ପ୍ରତ୍ନତତ୍ତ୍ୱବିତ୍ ପାଇଁ ତାହା ହୁଏତ ମୂଲ୍ୟହୀନ ହେଇପାରେ ।"

ରାକେଶର ଉତ୍ସାହରେ ସତେ ଯେମିତି ଭଟ୍ଟା ପଡ଼ିଗଲା । ତା'ର ଫୁଟୁକାପୁଟୁକା ଗୋରା ଗାଲ ଦିଇଟା ଦେଖାଗଲା ଈଷତ୍ ଲାଲ । ଚବିଶ ପଚିଶ ବର୍ଷର ଯୁବକ, କିନ୍ତୁ ଶାରୀରିକ ଶ୍ରମ ଅଭାବରୁ କି କ'ଣ ପେଟ ବାହାରିପଡ଼ିଛି ପଚାଶବର୍ଷର ମଧ୍ୟବୟସ୍କ ଭଳି । ଭାରି ସ୍ନେହୀ ଓ ପରୋପକାରୀ । ଗଲାବର୍ଷ ନରହରି ହସ୍‌ପିଟାଲରେ ଆଡ଼ମିଟ୍ ଥିଲେ ଚାରିପାଞ୍ଚଦିନ । ରାତିଦିନ ଲାଗିପଡ଼ି ସେବା କରିଥିଲା । ତାଙ୍କ ଡିପାର୍ଟମେଣ୍ଟର ପିଲା ନୁହଁ, ଅଥଚ ଏକ ଆକସ୍ମିକ ପରିଚୟରୁ ଖୁବ୍ ନିଜର ହେଇଯାଇଛି ତାଙ୍କର ।

Digitized by srujanika@gmail.com

ଗୋଟେ ସେମିନାରରେ ଭଲ ପେପରଟେ ପଢ଼ିଥିଲା । ନରହରି ପରେ ଖୁବ୍ ପ୍ରଶଂସା କରିଥିଲେ ସେ ପେପରକୁ । କାରଣ ତାଙ୍କ ଜାଣିବାରେ ଭାରତବର୍ଷରେ ଶିଶୁମାନଙ୍କ ପାଇଁ ଥିବା ସଂଗ୍ରହାଳୟ ସଂପର୍କରେ ସେଇଟି ଥିଲା ସବୁଠାରୁ ଉପାଦେୟ ତଥ୍ୟାଶ୍ରିତ ନିବନ୍ଧ । ଜଣେ ସିନିଅର ପ୍ରଫେସରଙ୍କ ଉଚ୍ଛ୍ୱସିତ ପ୍ରଶଂସା ଯୋଗୁଁ ରାକେଶର ମନୋବଳ ଖୁବ୍ ବଢ଼ିଯାଇଥିଲା । ସେଇଦିନଠୁ ସିଏ ତାଙ୍କର ଭକ୍ତ ପାଲଟିଯାଇଥିଲା ।

"ଚାଲ, ଯିବା ।" ମଟର ସାଇକେଲର ପଛସିଟ୍‌ରେ ବସି ନରହରି ନିର୍ଦ୍ଦେଶ ଦେଲେ । ରାକେଶ ଗାଡ଼ି ଆଗକୁ ଗଡ଼େଇଲା । ପିଲାଟାର ମନ ମାରିଦେଇଥିବା ଯୋଗୁଁ ନରହରି ସାମାନ୍ୟ ଅନୁତପ୍ତ ଅନୁଭବ କରୁଥାଆନ୍ତି ।

ଗାଡ଼ି ଚଲଉଚଲଉ ରାକେଶ ପଚାରିଲା, "ସାର୍, ତା' ହେଲେ ପ୍ରାଚୀନ ଇତିହାସର ଅଧିକାଂଶ ଭାଗ କ'ଣ କଳ୍ପନା ?"

ଦିନ ମାତ୍ର ଦଶଟା ହେଇଛି । ତଥାପି ଖରାର ପ୍ରକୋପ ବେଶ୍ ହେଲାଣି । ଭାଗ୍ୟକୁ ରାସ୍ତାରେ ଆଜି ବେଶି ଲୋକଭିଡ଼ ନାହିଁ । ରାସ୍ତାରେ ଗଲାବେଳେ ନରହରି କଥାବାର୍ତ୍ତା କରିବାକୁ କୁଣ୍ଠା କରନ୍ତି । କିନ୍ତୁ ଦେଖା ହଉହଉ ରାକେଶର କଥା କାଟିଦେଇଥିବାରୁ ସେମିତିଆ ଭୁଲ୍ ଆଉ କରିବାକୁ ଚାହିଁଲେନି ନରହରି । "ଲେଖିକା ଅମୃତା ପ୍ରିତମ୍‌ଙ୍କ ନାଁ ଶୁଣିଛ ରାକେଶ ? ସିଏ ଏକଦା କହିଥିଲେ, ଇତିହାସ ଲେଖାହବା ଆଗରୁ ମଣିଷର ଦେହ ଉପରେ ତାହା ଘଟିସାରିଥାଏ । ଯିଏ ଲେଖେ ସିଏ ଅନୁଭବ କରେନା, ଯିଏ ଅନୁଭବ କରେ ସିଏ ଲେଖିପାରେନା ।" ଟିକେ ଦମ୍ ନେଇ ପୁଣି କହିଲେ, "ମୁଁ ଭାବୁଛି, ଅମୃତା ଇତିହାସ ବିଷୟରେ ଯାହା କହିଥିଲେ, ସେଇକଥା ଆତ୍ମଜୀବନୀ ସଂପର୍କରେ ବି କହିହବ । ଆତ୍ମଜୀବନୀ ଜଣେ ବ୍ୟକ୍ତିର ଇତିହାସ ହେଲେ ବି ଅନୁଭବ କରୁଥିବା ବ୍ୟକ୍ତି ଓ ବର୍ଣ୍ଣନା କରୁଥିବା ସଚେତନତା ଦୁଇଟି ଅଲଗାଅଲଗା ବ୍ୟକ୍ତିତ୍ୱ । ଅନୁଭବ ଓ ବର୍ଣ୍ଣନା ମଝିରେ ହିଁ କୋଉଠି ଅବସ୍ଥାନ କରୁଥାଏ ସତ୍ୟ । ଯାହାକୁ ଠାବ କରିବା କାଠିକର ପାଠ । ବୋଧହୁଏ ଅସମ୍ଭବ । ତା'ବୋଲି ସତ୍ୟକୁ ଠାବ କରିବାର ଆକାଂକ୍ଷା ଓ ଉଦ୍ୟମ ଆମେ ଛାଡ଼ିଦବାନି । ଏଇ ଆକାଂକ୍ଷା ଓ ଉଦ୍ୟମ ହିଁ ଆମକୁ ମଣିଷର ପରିଚିତି ଦେଇଛି । ପାରଦ ଭଳି ସିଏ ଆମ ହାତମୁଠାରୁ ଖସିଯାଉଥିବ, ଆମେ ମହାବିକ୍ରମରେ ପୁଣି ତାକୁ ଖୋଜି ବାହାରୁଥିବୁ । ବଂଶପରେ

Digitized by srujanika@gmail.com

ବଂଶ, ଶତାବ୍ଦୀ ପରେ ଶତାବ୍ଦୀ । ଆଉ ଆମେ ପ୍ରତ୍ନତତ୍ତ୍ୱବିତ୍‌ମାନେ ସବୁଠୁ ଗହୀରକୁ ଯାଇ ଖୋଜିବୁ । ସେଇଥିପାଇଁ ସଂସାର ଆଖିରେ ଆମେ ସବୁଠାରୁ ସୃଷ୍ଟିଛଡ଼ା ମଣିଷ । ବୁଝିଲ ରାକେଶ, ସୌନ୍ଦର୍ଯ୍ୟ, ଆନନ୍ଦ ଆଦି ସବୁ ଅସଲ ମୂଲ୍ୟବାନ୍ ଜିନିଷ ଭଳି ସତ୍ୟ ବି ଦୁଷ୍କର । ପ୍ଲେଟୋଙ୍କୁ ଯେତେବେଳେ ପଚରାଗଲା ସୌନ୍ଦର୍ଯ୍ୟ ବିଷୟରେ, ଅତି ସଂକ୍ଷେପରେ ସିଏ କେବଳ କହିପାରିଲେ "Beauty is difficult" । ସୌନ୍ଦର୍ଯ୍ୟ ଅତି ଦୁଷ୍କର । ସତ୍ୟ ସଂପର୍କରେ ମଧ୍ୟ ଠିକ୍ ଏଇଆ କୁହାଯାଇପାରେ ।"

ଏଭଳି ଦାର୍ଶନିକ ପ୍ରବଚନ ପାଇଁ ରାକେଶ ହୁଏତ ପ୍ରସ୍ତୁତ ନ ଥିଲା । ସିଏ କେମିତି ରେସ୍‌ପଣ୍ଡ କରିବ ଜାଣିନପାରି ଚୁପ୍ ରହିଲା । ସେମାନେ ରାମନଗର ପାଖାପାଖି ପହଞ୍ଚି ସାରିଥା'ନ୍ତି । ରାଜଘାଟ ଗଲାବେଳେ ସେମାନେ ପ୍ରାୟ ଏଇ ଅପେକ୍ଷାକୃତ ବୁଲାଣି ରାସ୍ତାଦେଇ ଯାଆନ୍ତି । ବାଟ ଟିକେ ଅଧିକ ପଡ଼େ ଅବଶ୍ୟ; କିନ୍ତୁ ରାସ୍ତା ଫାଙ୍କା ଥାଏ ।

"ରାକେଶ ଗାଡ଼ି ରଖ । ଆଜି ଏଠି ଲସି ପିଇବା । ରାମନଗରର ଲସିର ନାଁ ଏତେ, ଅଥଚ ବଡ଼ ଆଶ୍ଚର୍ଯ୍ୟର କଥା, ଆମେ ଏଠି ଲସି ପିଇବା କଥା କେବେ ବି ଭାବିନେ ।"

ରାକେଶ ଲସି ଦୋକାନଟିଏ ପାଖରେ ଗାଡ଼ି ରଖିଲା ସିନା, କିନ୍ତୁ ମନେମନେ ଖୁବ୍ ଆଶ୍ଚର୍ଯ୍ୟ ହେଇଥିଲା । ସିଏ ନରହରିଙ୍କୁ ନିଜ କାମରେ ମତଲବ ରଖିଥିବା ମଣିଷଟେ ଭାବରେ ଜାଣିଥିଲା । ଏପରିକି ଥଟ୍ଟା ପରିହାସ କରିବା, ସହକର୍ମୀମାନଙ୍କ ସହ ଗ୍ଲ'ପିଇ ଖୁସିଗପ କରିବା ଦେଖିନଥିଲା । ପ୍ରାୟ ବର୍ଷକର ସମ୍ପର୍କ ଭିତରେ ସିଏ ସାର୍‌ଙ୍କୁ ଖୁବ୍ ନିକଟରୁ ଦେଖିବାର ସୁଯୋଗ ପାଇଥିଲା । ପାଠପଢ଼ା ଓ ଗବେଷଣା ଛଡ଼ା ଅନ୍ୟ କୌଣସି ବିଷୟରେ କଥାବର୍ତ୍ତା ବି କରୁନଥିଲେ ସେ ।

ରାମନଗର ଦୁର୍ଗ ଆଖପାଖରେ ଯାତ୍ରୀ ଭିଡ଼ ଥିଲା ଅବଶ୍ୟ । କିନ୍ତୁ ଲସି ଦୋକାନଗୁଡ଼ିକ ଥିଲା ଅପେକ୍ଷାକୃତ ଫାଙ୍କା । ତଥାପି ଦୋକାନୀମାନେ ଖୁବ୍ ଆଶାୟୀ ଭାବରେ ଗରାଖଙ୍କୁ ଅପେକ୍ଷା କରିଥା'ନ୍ତି । ଦୋକାନ ଆଗରେ ପଡ଼ିଥିବା ଗୋଟିଏ ବେଞ୍ଚରେ ବସିପଡ଼ି ନରହରି ଦୁଇଟା ବଡ଼ ସରାର ଲସି ବରାଦ କଲେ । ଦହିହଣ୍ଡାଗୁଡ଼ିକର ଉପରିପଟେ ଉଡ଼ିବୁଲୁଥିବା ମହୁମାଛିମାନେ ବେଳେବେଳେ ଉଡ଼ିଆସୁଥା'ନ୍ତି ପାଖକୁ ।

Digitized by srujanika@gmail.com

ଲସି ଟିକିଏ ଶୋଷିନେଇ ନରହରି ଆରମ୍ଭ କଲେ, "ଚେକଭଙ୍କ ସେଇ କାହାଣୀ ପଢ଼ିଛ ରାକେଶ ? ନିଜ ଦୁଃଖ କାହାଣୀ କାହା ସହ ବାଣ୍ଟି ପାରିଲାନି ବୋଲି ଶେଷରେ ନିଜର ଘୋଡ଼ାକୁ ଦୁଃଖ ଶୁଣେଇଲା ।"

"ହଁ ସାର୍, ପଢ଼ିଛି । ଦ' ମିଜେରି ।" (The Misery)

"ଆଚ୍ଛା ରାକେଶ, ଯଦି ଭବିଷ୍ୟତରେ ତମକୁ ମୋ ଜୀବନୀ ଲେଖିବାକୁ ପଡ଼େ, ତା'ହେଲେ ତମେ କ'ଣ ଲେଖିବ ମୋ ବିଷୟରେ ? ମନେକର, ମଲାପରେ ମୋ ଗବେଷଣାର ମୂଲ୍ୟ ଭବିଷ୍ୟତର ପୃଥିବୀ ଜାଣିବ ଆଉ ମୋ ଜୀବନ ବିଷୟରେ ଛୋଟବଡ଼ ଘଟଣାକୁ ଏକତ୍ର କରି ମୁଁ କେମିତି ମଣିଷ ଜାଣିବାକୁ ଚେଷ୍ଟା କରିବ, ଆଉ ଦରକାର ହବ ଜୀବନୀଟିଏ, ସେମାନେ ତମକୁ ଖୋଜିବେ । କାରଣ ଅତି ଅଳ୍ପ ଦିନର ଦେଖାଶୁଣା ଭିତରେ ତମେ ଯେତିକି ମୋତେ ଜାଣିବାକୁ ସୁଯୋଗ ପାଇଛ, ପ୍ରାୟ ଆଉ କେହି ମୋତେ ଏତେ ନିକଟରୁ ଜାଣିନାହାଁନ୍ତି ।"

ରାକେଶ ବଲବଲ ହେଇ ନରହରିଙ୍କର ମୁହଁକୁ ଚାହିଁରହିଲା । କୋରଡ଼ିଆ ଆଖି ଦୁଇଟି ପ୍ରଜ୍ଞାରେ ଝଲସୁଛନ୍ତି । ଅଧାଖୋଲା ପାଟି ଭିତରୁ ପାନସିଠା ଲାଗି ପ୍ରାୟ କଳା ପଡ଼ିଆସିଥିବା ଦାନ୍ତ । ମୁହଁ ତୁଳନାରେ ଖୁବ୍ ବଡ଼ବଡ଼ କାନ ଦିଓଟି । କାନର ଉପରି ଭାଗରେ କେତୋଟି ଲମ୍ବାଲମ୍ବା ବାଳ । ମୁଣ୍ଡରେ କଞ୍ଚାପାଚିଲା କିଛି ବାଳ । ମଝିଭାଗଟା ଚନ୍ଦା ହେଇଆସିଲାଣି । ମୋଟାମୋଟା ନିଶ ଦି'ପଟ କିନ୍ତୁ ପୂରା ପାଚିଯାଇଛି । ଡାହାଣପଟ ହନୁହାଡ଼ ଉପରେ ଗୋଟେ ଭାତୁଡ଼ି, ଲମ୍ବା ନାକ; କିନ୍ତୁ ମଝିରୁ ଗୋଟେ ପଟକୁ ବାଙ୍କିଯାଇଛି ସାମାନ୍ୟ । ଚେହେରାର ପ୍ରତିଟି ଅଂଶ ଟିକେ ବେଖାପ, ଅସାଧାରଣ । କୁହାଯାଉ କୁତ୍ସିତ । କିନ୍ତୁ ସବୁଯାକ ମିଶେଇ ଦେଖିଲେ ଏକ କରୁଣାମୟ ଗାମ୍ଭୀର୍ଯ୍ୟର ଭାବ, ଯାହା ତୁମକୁ ମୁହୂର୍ତ୍ତକରେ ଆପଣାର କରିନେଇପାରେ ।

ରାକେଶକୁ ଲାଗିଲା ସିଏ ସାର୍‌ଙ୍କୁ ନୂଆକରି ଆବିଷ୍କାର କରୁଛି । ସବୁଦିନିଆ ଗତାନୁଗତିକ ହେଇଯାଇଥିବା ଚେହେରା ତାକୁ ପ୍ରଥମ କରି ରହସ୍ୟମୟ ଲାଗିଲା । ତା'ର ଆଶ୍ଚର୍ଯ୍ୟ-ବିସ୍ଫାରିତ ଆଖି ଦୁଇଟିକୁ ଦେଖି ନରହରି ଖେଳଉଥା'ନ୍ତି ସ୍ମିତଟିଏ ଯାହା ସେ ରହସ୍ୟମୟତାକୁ ବହୁଗୁଣିତ କରୁଥାଏ ।

Digitized by srujanika@gmail.com

ଭାବୁଛି କି ଲସି ପିଇ ସାର୍‌ଙ୍କୁ ନିଶା ହେଇଗଲା ? ଲସିରେ ଭାଙ୍ଗ ମିଶେଇ ପିଇଲେ କି ବାର୍‌ରେ ବସି ଗୁଡ଼େ ମଦ ପିଇବାପରେ ଏମିତି ସ୍ୱୀକାରୋକ୍ତି ସବୁ ବାହାରିଥାଏ । "ତମେ ତ ଜାଣ ସେସବୁର ଭକ୍ତ ନୁହେଁ ମୁଁ । କିନ୍ତୁ ସିଏ ମଦ୍ୟପ ହଉ, କି ଚେକଭଙ୍କ କାହାଣୀର କଚୁଆନ ହଉ ବା ମୋ ଭଳି ଜଣେ ପ୍ରତ୍ନତତ୍ତ୍ୱବିତ୍ ହଉ, ନିଜକୁ ଅଭିବ୍ୟକ୍ତ କରିବା ପ୍ରତ୍ୟେକ ମଣିଷର ସ୍ୱଧର୍ମ । ଅଭିବ୍ୟକ୍ତିର ତରିକା ହୁଏତ ଅଲଗାଅଲଗା ହେଇପାରେ । ତା ଛଡ଼ା ପ୍ରତ୍ୟେକଟି ଅଭିବ୍ୟକ୍ତି ମାଧ୍ୟମରେ ଆମେ ଯେତିକି ନିଜକୁ ଚିହ୍ନଉ ସେତିକି ନୂଆ ରହସ୍ୟମୟତାରେ ନିଜକୁ ଢାଙ୍କିଦଉ । ମଦପିଇ ସମ୍ରାଟ ଭଳି ବାହାସ୍ଫୋଟ ମାରୁଥିବା ବ୍ୟକ୍ତି ଭିତରେ ଲୁଚିକି ବସିଥାଏ ନମନୀୟ ଭୀରୁଟିଏ । ଜ୍ଞାନ ପାଗଳ ଗବେଷକ ପଛରେ ହୁଏତ ଥାଇପାରେ ସମସ୍ୟାକୁ ସାମ୍ନା କରିପାରୁନଥିବା ଜଣେ ପଳାତକ । ସଂସାର ଏମିତି ଏକ କ୍ଷେତ୍ର ଯୋଉଠି ମୂଲ୍ୟବାନ ଓ ମୂଲ୍ୟହୀନ, ସୌନ୍ଦର୍ଯ୍ୟ ଓ କୁତ୍ସିତତା, ସତ୍ୟ ଓ ଅସତ୍ୟ, ଅନୁରାଗ ଓ ବୈରାଗ୍ୟ ଏକାଠି ଛନ୍ଦାଛନ୍ଦି ହେଇ ଥାଆନ୍ତି । ସମୟ ଓ ପରିସ୍ଥିତି ଅନୁସାରେ ସେଗୁଡ଼ିକର ସଂଜ୍ଞା ବଦଳିବଦଳି ଯାଉଥାଏ । କିଛିଦିନ ତଳେ ପଢୁଥିଲି ଉମ୍ବର୍ଟୋ ଇକୋଙ୍କ ଖଣ୍ଡେ ବହି "ଅନ୍ ବିଉଟି" (On Beauty) । ଠାଏ ଲେଖିଛନ୍ତି, ସୌନ୍ଦର୍ଯ୍ୟ ସମ୍ପର୍କରେ ଆମର ଅବଧାରଣାଟି କେତେ ନିର୍ଭରଶୀଳ କୁତ୍ସିତତା ଉପରେ । ଆଉ ପ୍ରତ୍ୟେକଟି ସଂସ୍କୃତିରେ କେମିତି ସୁନ୍ଦରତା ସହ ଫେଣ୍ଟି ହେଇ ରହିଛି କୁତ୍ସିତତା ସଂପର୍କରେ ଅବଧାରଣା । ସେଇ ବହିରେ ଦେଖିଥିଲି ନେପ୍‌ଲସ ମ୍ୟୁଜିଅମ୍‌ରେ ସ୍ଥାନିତ ଲକ୍ଷ୍ମୀ ଠାକୁରାଣୀଙ୍କ ମୂର୍ତ୍ତିର ଫଟୋ । ମ୍ୟୁଜିଓ ଆର୍କିଓଲଜିକା ନାଜନାଲ୍‌ର ସେଇ ମୂର୍ତ୍ତିଟି ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ହାତୀଦାନ୍ତ ତିଆରି କାରୁକାର୍ଯ୍ୟ । ଭାରତୀୟ ସୌନ୍ଦର୍ଯ୍ୟ-କଳ୍ପନାର ସେଇ ଭାସ୍କର୍ଯ୍ୟଟି ପମ୍ପେ ନଗରୀର ଧ୍ୱଂସାବଶେଷରୁ ସଂଗୃହୀତ ହେଇଥିଲା । ତାକୁ ଦେଖି ମୋର ମନେହେଇଥିଲା, ଭିସୁଭିଅସ୍‌ର ଲାଭାତଳେ ସମାଧି ନେଇଥିବା ପମ୍ପେ ନଗରୀର ତଦାନୀନ୍ତନ ଭାରତବର୍ଷ ସହ ଘନିଷ୍ଠ ସମ୍ପର୍କ ଥିଲା । ପରେ ଭାବିଲି, ସଂପର୍କ ହୁଏତ ଥିଲା, କିନ୍ତୁ ଘନିଷ୍ଠତା ନ ଥିଲା । ଥିଲେ, କେଉଁଠୁ ନା କେଉଁଠୁ ମା'ଲକ୍ଷ୍ମୀଙ୍କ ଭାସ୍କର୍ଯ୍ୟ ସହିତ ଧୂମାବତୀଙ୍କର ଭାସ୍କର୍ଯ୍ୟ ମଧ୍ୟ ମିଳିଥା'ନ୍ତା ।"

ରାକେଶ ଲସି ପିଇସାରି ମାଟି ସରାଟିକୁ ପାଖରେ ରଖାହେଇଥିବା ବାଉଁଶ ଝୁଡ଼ି ଭିତରୁ ଫୋପାଡ଼ି ଦେଲା । ନରହରିଙ୍କ ପିଆ ସରିନଥାଏ । ପଚାରିଲେ, "ଆଉ ଲସି ପିଇବ ?"

Digitized by srujanika@gmail.com

"ନା ସାର୍, ଏ ପେଟ ଦେଖୁଛନ୍ତି ? ଦିନକୁ ଦିନ ବଢ଼ିଚାଲିଛି । ଖାଇବା ପୂରା କମେଇଦେଲିଣି । କିଛି ଲାଭ ହଉନି । ଭାବୁଛି ସକାଳୁ ଦୌଡ଼ାଦୌଡ଼ି କରିବି ।"

ନରହରିଙ୍କ ଠଉ ପଇସା ନେଇ ରାକେଶ ପେମେଣ୍ଟ କଲା, କହିଲା, "ସାର୍ ଏବେ ଯିବା । ଆପଣଙ୍କୁ ସାଇଟ୍‌ରେ ଛାଡ଼ିଦେଇ ମୁଁ ସେଇପଟେ ଗାଁକୁ ଯିବି ଆଜି । ସେଠୁ ମାତ୍ର ତିରିଶ କିଲୋମିଟର । ଭାବୁଛି ପହଞ୍ଚିଯିବି ଦୁଇଟା ବେଳକୁ, ଲଞ୍ଚଟାଇମ ଆଗରୁ । ଗୁପ୍ତା ଆପଣଙ୍କୁ ଛାଡ଼ିଦବ କ୍ୟାମ୍ପସକୁ ଫେରିବାବେଳେ ।"

"କିନ୍ତୁ ମୂଳ ପ୍ରଶ୍ନ ତ ଚର୍ଚ୍ଚା କଲେନି ଆମେ ।" କହିଲେ ନରହରି । "ଯଦି କେବେ ମୋର ଜୀବନୀ ଲେଖିବ, ମୋ ବିଷୟରେ କି ପ୍ରକାର ସତ୍ୟକୁ ରଖିବ ପୃଷ୍ଠଭୂମିରେ ? କି ପ୍ରକାରର ଦୃଷ୍ଟିକୋଣ ହବ ତମର ? ରାଜନୀତିଆ ବା ସାମ୍ବାଦିକର ତାତ୍କାଳିକ ଆଖି ନେଇ ମୋତେ ଦେଖିଛ ଏଯାଏ ନା ଦେହର ମାଟି ତଳକୁ ଗଲଣି ? ପାଇଲଣି କିଛି କିଛି ଅଞ୍ଜନ, ପ୍ରତ୍ନତାତ୍ତ୍ୱିକର ? ସେ ଅଞ୍ଜନ ନ ଥିଲେ ମାଟି ତଳେ ଦେଖିବ ଖାଲି ନର୍ଦ୍ଦମାର ଛାଞ୍ଚ ଓ ପାଇଖାନା ଟାଙ୍କିର ରିଙ୍ଗ୍‌ୱେଲ । ଆମ ଖୋଦେଇର ଟ୍ରେଞ୍ଚ ଭିତରେ ଯାହା ଆମେ ଦେଖିବାକୁ ପାଉଛୁ ସାତହଜାର ବର୍ଷ ତଳର ରାଜଘାଟ ବସତିର ଅବଶେଷ ହିସାବରେ । ଆଜିଠୁ ସାତହଜାର ବର୍ଷ ତଳେ ବର୍ଜ୍ୟବସ୍ତୁର ସେଇ ଛାଞ୍ଚଗୁଡ଼ିକ ଥିଲା ଘୃଣା ଉଦ୍ରେକକାରୀ, ଆଜି ତାହା ଆମ ପାଇଁ ଚରମ ଆସ୍ପୃହାର ବସ୍ତୁ । ଆଜିଠୁ ସାତହଜାର ବର୍ଷପରେ ମୋର ଦାମି ସେଡ଼ାନ୍ କାର୍, ବ୍ୟାଙ୍କ ବାଲାନ୍ସ, ଗୋଟେ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟର ପ୍ରଫେସରସିପ୍, ବିଦେଶଗସ୍ତ, ପେପରପଢ଼ା, ଜର୍ଣ୍ଣାଲ, ବହି ପ୍ରକାଶନ, ଭଲ ଶିକ୍ଷକ ହିସାବରେ ଛାତ୍ର ମହଲରେ ଥିବା ସୁନାମ ଏସବୁର କ'ଣ ମୂଲ୍ୟ ଥିବ ? ଠିକ୍ ସେଇଭଳି ମୂଲ୍ୟହୀନ ହେଇସାରିଥିବ ଆମର ମୁଖାଗୁଡ଼ିକ । ଯାହାକୁ ପିନ୍ଧି ଆମେ ଆମର ବିଚ୍ଛିନତାବୋଧ, ନିଃସଙ୍ଗତା ଓ ଭଲପାଇବାପାଇଁ ଅକ୍ଷମତାଗୁଡ଼ିକୁ, ଆମର ସାମଗ୍ରିକ ନିଷ୍ଫଳତାକୁ ଘୋଡ଼େଇଧରି ବୁଲୁଛୁ । ମୁଁ କହୁନି ମୁଁ ସେ ଅଞ୍ଜନ ପାଇଯାଇଛି । କିନ୍ତୁ ମୋର ଇଣ୍ଟୁଇସନ କହୁଛି ସେ ଅଞ୍ଜନ ଜଣେ ହାସଲ କରିପାରିବ । ଯାହା ପାରିଥିଲା ଉପନିଷଦ୍‌ର ଋଷି । କହିଥିଲା, "ସୁକୃତ୍" । ଅର୍ଥାତ୍ ଈଶ୍ୱର ସୃଷ୍ଟି କରିବା ପରେ ନିଜ କୃତିରେ ମୁଗ୍‌ଧ ହେଇ ନିଜକୁ ସାବାସି ଦେଇଥିଲେ । ଯେଉଁ ସୃଷ୍ଟିକୁ ନିଜେ ଈଶ୍ୱର ସାର୍ଟିଫିକେଟ ଦେଇସାରିଛନ୍ତି, ସେଠି ସବୁ ସୁନ୍ଦର ସବୁ ଆନନ୍ଦମୟ ।

Digitized by srujanika@gmail.com

ଆବର୍ଜନାମୟ ପାଇଖାନାଠୁ ଆରମ୍ଭ କରି କର୍କଶଭାଷିଣୀ ମୁଖରା ସ୍ତ୍ରୀର ଅଭିସମ୍ପାତ ପର୍ଯ୍ୟନ୍ତ । ଦୁଃଖ ଓ କୁତ୍ସିତତା କେବଳ ଆମର ବୁଦ୍ଧିର ଅପରିପକ୍ୱତା, ମାୟାଗ୍ରସ୍ତ ଚେତନାର ଛାଇ ।”

ଟିକିଏ ଦମ୍ ନେଲେ ନରହରି । କିଂକର୍ତ୍ତବ୍ୟବିମୂଢ଼ ଭାବରେ ବସିଥାଏ ରାକେଶ ତାଙ୍କ ମୁହଁକୁ ଅନେଇ । କିଛି ସମୟ ନୀରବତା ପରେ ନରହରି ପଚାରିଲେ, “କ'ଣ ବୁଝିପାରିଲ ?”

“ହଁ ସାର୍ । କ'ଣ ମାଡ଼ାମ ଆଜି କିଛି କହିଲେ କି ?” ରାକେଶ ସୀମାଙ୍କର କର୍କଶ ବ୍ୟବହାର ସମ୍ପର୍କରେ ଅଳ୍ପବହୁତ ପରିଚିତ ଥିଲା । ରାକେଶର ପ୍ରଶ୍ନ ଶୁଣି ପ୍ରଥମକରି ଖୁବ୍ ଜୋରରେ ହସିଉଠିଲେ ନରହରି । କହିଲେ, “ହଁ, ମାଡ଼ାମ ଆଜି ରାଗୁଥିଲେ । ମୁଁ ପାନଛେପ ଏଠିସେଠି ପକେଇ ବାଥ୍‌ରୁମଟା ଗନ୍ଧିଆ କରିପକାଏ ତ ! ମାଡ଼ାମ ଯଦି ଜାଣନ୍ତେ ଆମେ ସାରାଦିନ ସାତହଜାର ବର୍ଷ ତଳର ପାଇଖାନା ମଳରୁ ସତ୍ୟ ଉଣ୍ଡି ବୁଲୁଛୁ ତେବେ କେବେଠୁ ଡାଇଭର୍ସ କରି ଚାଲିଯାଆନ୍ତେଣି ।” ପରିବେଶକୁ ହାଲ୍‌କା କରିଦେଇ କହିଲେ ନରହରି ।

“ସାର୍, ପାଇଖାନା କଥାରୁ ମନେପଡ଼ିଲା । ଦୁଇନମ୍ବର ଟ୍ରେଞ୍ଚରୁ ମୁଁ କାଲି ପାଇଲି ଗୋଟେ ବିଚିତ୍ର ପଥର ।” ନିଜ ମଟର ସାଇକେଲ ଡିକିରୁ ପଥରଟି ବାହାର କଲା ରାକେଶ ।

ପଥରଟି ଦେଖୁଦେଖୁ ଆନନ୍ଦରେ ଚିତ୍କାର କରିଉଠିଲେ ନରହରି । “ଆରେ ଏଇଟା କପ୍ରୋଲାଇଟ୍ (coprolite) ହେଇପାରେ । କପ୍ରୋଲାଇଟ୍ ଜାଣିଛ ? ମଳର ଜୀବାଶ୍ମ । ଆକୃତିରୁ ଜଣାପଡୁଛି ହୁଏତ ମଣିଷର ମଳ । କପ୍ରୋଲାଇଟ୍ ସହଜରେ ମିଳେନାଇଁ; ତା'ଠୁ ଆଉରି ବିରଳ ହେଲା ମଣିଷ ମଳର କପ୍ରୋଲାଇଟ୍ । ଯଦି ଲାବରଟେରି ପରୀକ୍ଷାରେ ସିଦ୍ଧ ହେଇଯିବ, ତେବେ ଖୁବ୍ ସହଜରେ ସେ ବସତିର ଖାଦ୍ୟ ସଂସ୍କୃତିଠୁ ଆରମ୍ଭ କରି ଅନେକ ତଥ୍ୟ ମିଳିଯିବ ।”

ପ୍ରଥମକରି ସେଦିନ ଖୁବ୍ ଉତ୍‌ଫୁଲ୍ଲିତ ଦେଖାଗଲେ ନରହରି । କହିଲେ, “ଚାଲ ଫେରିଯିବା । ଆଜି ସାଇଟ୍ ଯିବା କ୍ୟାନସେଲ୍ । ତୁମେ ଏଇଟିକୁ ଏ.ଏସ୍.ଆଇ.ର

Digitized by srujanika@gmail.com

ଯୋଉ ଅଧିକାରୀ ଆସନ୍ତି ମଝିରେ ମଝିରେ ତାଙ୍କୁ ଲାବରଟେରି ଟେଷ୍ଟ ପାଇଁ ଦେଇଦିଅ । ମୋତେ ଘରେ ଛାଡ଼ିଦେଇ ତୁମେ ଚାଲିଯାଅ ଗାଁକୁ ।"

ଫେରିବାବେଳେ ରାସ୍ତାରେ ନରହରିବାବୁ ମନେମନେ ଭାବୁଥିଲେ ସଂସାର ଭିତରେ ହାର୍ମୋନି ଖୋଜି ବାହାରିଥିବା ମଣିଷର ନିର୍ଯାତିତ ଆତ୍ମିକ । ଘରର ସଂକୀର୍ଣ୍ଣ ସ୍ୱାର୍ଥପରତା, ସୀମିତତାକୁ ସାମ୍ନା କରିପାରୁ ନଥିବା ମଣିଷ କ'ଣ ହାତ ବଢ଼ାଏ ଅସୀମତା ଆଡ଼କୁ ? ସୀମାର ଘର ଓ ଅସୀମର ବାହାର କ'ଣ ଗୋଟିଏ ବ୍ୟକ୍ତିର ଦୁଇଟି ପରିଚୟ ?

ଘର ସାମ୍ନାରେ ମଟର ସାଇକେଲରୁ ଓହ୍ଲେଇଲେ ନରହରି । ରାକେଶ ବିଦାୟ ନେଇ ଚାଲିଯିବା ପରେ ସିଏ ଘରହତା ଭିତରେ ପଶିଲେ । ବ୍ୟାଗରୁ ଇଣ୍ଟରଲକ୍‌ର ଚାବି ବାହାର କରି ଦୁଆର ଖୋଲିଲେ । ରୋଷେଇଘରେ ରାନ୍ଧୁଥିଲା ରୀତା । ଦିନ ଏଗାରଟାରୁ ଗୋଟାଏ ଭିତରେ ଦୁଇଓଳି ପାଇଁ ରୋଷେଇକରି ଫ୍ରିଜ୍‌ରେ ରଖିଦେଇଯାଏ ସବୁଦିନ । ରୋଷେଇଘର, ଡାଇନିଂହଲ୍, ବାରଣ୍ଡା ଅତିକ୍ରମ କରି ନରହରି ମାଷ୍ଟର ବେଡ଼ରୁମ୍ ଆଡ଼େ ଆଗେଇଗଲେ । ଆଟାଚ୍‌ଡ଼ ବାଥ୍‌ରୁମର ସଦ୍ୟ ଗାଧୋଇସାରି ଡ୍ରେସିଂ ଟେବୁଲ ଦର୍ପଣ ସାମ୍ନାରେ ପ୍ରସାଧନରେ ବ୍ୟସ୍ତ ଥା'ନ୍ତି ସୀମା ଠିଆଠିଆ । ତାଙ୍କ କମ୍ପ୍ୟୁଟର ବ୍ୟାଗ ତଳେ ଥୋଇଦେଇ ସିଏ ଅଗତ୍ୟା ସୀମାଙ୍କୁ କୁଣ୍ଢେଇ ପକେଇଲେ ।

"ଆରେ ଇଏ କ'ଣ ? ତମର ମୁଣ୍ଡଫୁଣ୍ଡ ଖରାପ ହେଇଗଲାଣି କି ? ସେପଟେ ରୀତା ରୋଷେଇ କରୁଛି । ଯଦି ଆସିଯିବ ?" ରୀତିମତ ଆଶ୍ଚର୍ଯ୍ୟ ଓ ବିରକ୍ତ ହେଇ ଚାପା କଣ୍ଠରେ କହିଲେ ସୀମା ।

ନରହରି କିନ୍ତୁ ନଛୋଡ଼ବନ୍ଧା । କହିଲେ, "ତମେ ପମ୍ପେ ନଗରୀର ଇତିହାସ ଜାଣିଛ ସୀମା । ପମ୍ପେଇ ଭିସୁଭିଅସ୍ ଆଗ୍ନେୟଗିରିର ତରଳ ଜ୍ୱଳନ୍ତ ଲାଭା ମୁହୂର୍ତ୍ତକରେ ଧ୍ୱଂସ କରିଦେଲା ଗୋଟେ ଉନ୍ନତ ସଭ୍ୟତା ।"

"ହେତ୍ ମତେ ଛାଡ଼ କହୁଛି । ଏ ବୁଢ଼ା ବୟସରେ ତମର ଏ କି ପ୍ରକାର ପାଗଳାମି ବାହାରିଲାଣି ।" ତାଙ୍କ ଦୃଢ଼ ବାହୁବନ୍ଧନରୁ ଖସିଯିବାକୁ ଚେଷ୍ଟା କରୁକରୁ କହିଲେ ସୀମା ।

"ଯଦି ଆଇଏସ୍‌ଆଇଏସ୍ କି ଅନ୍ୟ କୋଉ ରାଷ୍ଟ୍ର ହଠାତ୍ ଆରମ୍ଭ କରିଦିଏ ନ୍ୟୁକ୍ଲିଅର ଯୁଦ୍ଧ, ଅବା ଆସେ ଅଚାନକ ଭୂମିକମ୍ପ, କି ବିରାଟ ଗୋଟାଏ ଉଲ୍‌କା ମାଡ଼

Digitized by srujanika@gmail.com

ହେଇଯାଏ ଆମ ବି.ଏଚ୍.ୟୁ. କ୍ୟାମ୍ପସରେ । ଜୀବନ କେତେ କ୍ଷଣଭଙ୍ଗୁର ସତରେ ! ଗୋଟାଏ ମୁହୂର୍ତ୍ତରେ ଆମେ ଧ୍ୱଂସ ପାଇଯାଇପାରୁ । ଆଉ ଏହା ଘଟିପାରେ ଯେ କୌଣସି ମୁହୂର୍ତ୍ତରେ । ତା'ପରେ ଆମେ ଅପେକ୍ଷା କରି ରହିବା ଜୀବାଶ୍ମ ହେବା ପର୍ଯ୍ୟନ୍ତ । ସାତହଜାର ବର୍ଷ ପରର ଐତିହାସିକ ଯଦି ଆମର ଏ ଯୁଗନ୍ଦ୍ୱ ମିଥୁନ ମୂର୍ତ୍ତି ଦେଖିବ ତେବେ ଏ ସଭ୍ୟତାର ଦାମ୍ପତ୍ୟ ପ୍ରେମ ସମ୍ପର୍କରେ କେତେ ଚମତ୍କାର ବର୍ଣ୍ଣନା ନ ଦବ ସତରେ !"

ସୀମା ଏଥର ଖାଲି ବଲବଲ ଅନେଇ ରହିଥିଲେ ନରହରିଙ୍କ ମୁହଁକୁ ! ତାଙ୍କ ମୁହଁରୁ ଭାଷା ବାହାରୁନଥିଲା ।

Digitized by srujanika@gmail.com

ଉପନୟନ

ସିକ୍ୟୁରିଟି ଏରିଆ ଅତିକ୍ରମ କରିବାବେଳକୁ ଡେଲ୍‌ଟା ଏଆରଲାଇନ୍‌ସର ପରିଚାରିକା କାର୍ଡ଼ଟିଏ ବଢ଼େଇଦେଲେ ମୋ ହାତକୁ । ପ୍ଲେନ୍ ଛାଡ଼ିବାକୁ ଆଉରି ଦୁଇଘଣ୍ଟା ବାକି । କାର୍ଡ଼ଟି ଦେଖେଇଲେ ଏଆରପୋର୍ଟରେ ପସରା ମେଲିଥିବା ଗୋଟିଏ ପଞ୍ଚତାରକା ହୋଟେଲର ଲାଉଞ୍ଜରେ ଅପେକ୍ଷା କରିହବ ସେତକ ସମୟ । ଖାଲି ଅପେକ୍ଷା ନୁହେଁ, କମ୍ପ୍ଲିମେଣ୍ଟାରି ଡ୍ରିଙ୍କ୍‌ସ ଅଛି ତା ସାଙ୍ଗରେ । ମୁଁ ଚେଆରଟିଏରେ ବସି ପଡ଼ିଛି କି ନାହିଁ ଓ୍ୱେଟର ଗୋଟିଏ ମେନୁ କାର୍ଡ଼ ବଢ଼େଇଦେଲା ମୋ ହାତକୁ । ହଡ଼ବଡ଼େଇ ଯାଇ କହିଲି "ଓ୍ୱାନ୍ ଆପ୍ଲ ଜୁସ୍ ପ୍ଲିଜ୍" । ଓ୍ୱେଟର ଟିକେ ଆଶ୍ଚର୍ଯ୍ୟ ହେଇ ଅନେଇଲା । ତା'ପରେ ଚାଲିଗଲା । ପାଖ ଟେବୁଲରୁ ଭଦ୍ରବ୍ୟକ୍ତି ଜଣକ ମୋତେ ଚାହିଁ ରହିଥିଲେ ନିବିଷ୍ଟ ଚିତ୍ତରେ । ହାତରେ ପାନପାତ୍ର । ବୋଧହୁଏ ହୁଇସ୍କି ପିଉଥିଲେ । ଚେହେରାରେ ବାରିହେଇଯିବା ଭଳି ଖାନ୍‌ଦାନି । ପିନ୍ଧିଥିଲେ ଖୁବ୍ ଦାମିକା ଲାଗୁଥିବା ଗୋଟେ ନୀଳ ସୁଟ୍ । ଚଷମାଟିରେ ସୁନାର ଫ୍ରେମ । ଗୋରା ତକତକ ପୁଟୁକାପୁଟୁକା ଗାଲ । ଈଷତ୍ ଲାଲ ଦିଶୁଥିଲା । ବୋଧହୁଏ ସେତେବେଳକୁ ଦୁଇତିନି ପେଗ୍ ସ୍କଚ୍ ହୁଇସ୍କି ପିଇସାରିଥିଲେ । ମଧ୍ୟବୟସ୍କର ଅଭିଭାବକସୁଲଭ ଢଙ୍ଗରେ ହଠାତ୍ ପଚାରିଦେଲେ, "ହେଲୋ ୟଙ୍ଗମ୍ୟାନ, ହ୍ୱେଆର ଟୁ ?"

ମୁଁ ଆଉରି ହଡ଼ବଡ଼େଇଗଲି । କହିଲି "ନ୍ୟୁ ୟର୍କ" । ସିଏ ହସିଲେ ମୁରୁକିମୁରୁକି । ସେତେବେଳେ ଯାଇ ମୁଁ ସଚେତନ ହେଲି ଯେ, ସିଏ ଆଉରି କିଛି ଅଧିକ ଜାଣିବାକୁ ଚାହୁଁଛନ୍ତି । କାରଣ ଡେଲ୍‌ଟାର ସେଇ ଫ୍ଲାଇଟଟି ନ୍ୟୁୟର୍କ ହିଁ ଯାଉଥିଲା ।

"ନ୍ୟୁୟର୍କରୁ ଦୁଇଦିନ ପରେ ଯିବି କଲମ୍ବସ । ଓହାଇଓ ଷ୍ଟେଟ ୟୁନିଭର୍ସିଟିରେ ଗବେଷଣା କରିବାପାଇଁ ମୋତେ ଫୁଲ୍‌ବ୍ରାଇଟ ଛାତ୍ରବୃତ୍ତି ମିଳିଛି ।" ମୁଁ ସଫେଇ ଦେଲି । "ଲକି ୟଙ୍ଗମ୍ୟାନ । ଓ୍ୱଣ୍ଡରଫୁଲ୍ ।" ନିଶା ଅଧିକ ହେଇଗଲେ ମଣିଷ ଯେମିତି ହଠାତ ବଦାନ୍ୟ ଓ ଫୁଲାଫାଙ୍କିଆ ଢଙ୍ଗରେ କଥାବାର୍ତ୍ତା କରେ ସେଇମିତି ଥିଲା ତାଙ୍କ ସ୍ୱର । ଆପାତତଃ ମୋତେ ପ୍ରଶଂସା କରୁଥିଲେ, କିନ୍ତୁ ସେ ଭିତରେ ଥିଲା ଗୋଟେ ଦୟା ଦେଖେଇବାର ଭାବ । ଚାକରାଣୀର ପୁଅ ଓ କ୍ଲାସ ପରୀକ୍ଷାରେ ଫାଷ୍ଟ ହବାର

Digitized by srujanika@gmail.com

ଶୁଣିଲେ ଆମେ ଯେମିତି କହୁ । "ଲକି" ? ମୋର ପ୍ରଶ୍ନରେ ଥିବା ବିରକ୍ତିକୁ ସିଏ ଠଉରେଇଲେ କି ନା ଜାଣିହେଲାନି । ଏକ ପ୍ରଗଲ୍‌ଭ ଉଦାମତାରେ ସିଏ କହି ଚାଲିଲେ, "ୟେସ୍ । ୟୁ ଆର୍ ଏ ଲକି ୟଙ୍ଗମ୍ୟାନ । ଜାଣ ଭାରତର ଶହେ କୋଟି ଲୋକଙ୍କ ଭିତରୁ ନବେ ଭାଗ ତମ ଭଳି ସୁଯୋଗଟିଏ ପାଇବାକୁ ନିଜ ଆତ୍ମାକୁ ବନ୍ଧା ପକେଇ ଦେଇପାରିବେ । ସେଠି ପହଞ୍ଚିଲେ ତମେ ଜାଣିପାରିବ ମୋ କଥାର ଅର୍ଥ । ଆଶା ତମେ ଏ ସୁଯୋଗର ସଦ୍‌ବ୍ୟବହାର କରିବ । ତମ ଜୀବନ ଜାଣ ବଦଳିଗଲା ଆଜିଠାରୁ ।"

ବିରକ୍ତିରେ ମୋତେ ଆପ୍‌ଲ ଜୁସ୍ ପିତା ଲାଗିବାକୁ ଆରମ୍ଭ କରିଥିଲା । ମନେମନେ କହିଲି ହଁ ବଦଳିଯିବ ନିଶ୍ଚୟ । ଯେମିତି ବଦଳି ଯାଇଛି ତମର । ମାଗଣାରେ ହୁଇସ୍କି ପିଇବାକୁ ମିଳୁଛି ବୋଲି ଏଆରଲାଇନ୍‌ସର ଲାଉଞ୍ଜରେ ଆସି ପହଞ୍ଚିଯାଇଛ ଚାରି ଘଣ୍ଟା ଆଗରୁ । ଘରେ ତମର ଏଇଭଳି ଗଣ୍ଡାଗଣ୍ଡା ବୋତଲ ପଡ଼ିଥିବ । ଅଥଚ ତମର ପିପାସା ଓ ବୈକଲ୍ୟକୁ ତମେ ଅତିକ୍ରମ କରିପାରିନାହଁ ବାରମ୍ବାର ଆମେରିକା ଯାଇସାରିଲା ପରେ ବି ।

ଲାଗୁଥିଲା ଭାଗ୍ୟବନ୍ତ ବହୁଥର ଆମେରିକା ଯାଇଥିବେ । ସତକୁସତ ଭାଗ୍ୟବାନ ନ ହେଲେ ସେ ସମୟରେ ବାରମ୍ବାର ଆମେରିକା ଯାଉଥିବା ଲୋକେ ଖୁବ୍ ବେଶି ନ ଥିଲେ । ଗ୍ଲୋବାଲାଇଜେସନ ଓ କମ୍ପ୍ୟୁଟର କୁଲି ଚାଲାଣ ଦାନା ବାନ୍ଧିନଥାଏ ସେ ଯାଏ । ଯୋଉ ପ୍ରତିବନ୍ଧକମାନ ଅତିକ୍ରମ କରି ମୁଁ ଆଜି ଡେଲ୍‌ଟା ଏଆରଲାଇନ୍‌ସର ପଞ୍ଚତାରକା ଲାଉଞ୍ଜରେ ଆପ୍‌ଲଜୁସ୍ ଗ୍ଲାସ ସାମ୍ନାରେ ବସିଛି, ଜଣେ ଭୁକ୍ତଭୋଗୀ ନ ହେଲେ ସେକଥା ବୁଝିପାରିବ ନାହିଁ ।

ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଅଧାପନା କରୁଥିବା ଜଣେ ଯୁବକ ଆମେରିକା ଯିବାକୁ ସ୍ୱପ୍ନ ଦେଖିବା ଆରମ୍ଭ କରିବା ମାତ୍ରେ ବିରୋଧାଭାସ ଦାନା ବାନ୍ଧିଯାଏ ତା ବିରୋଧରେ । ପ୍ରଥମ ବିରୋଧ ଆସେ ନିଜ ପାଖ ଲୋକଙ୍କ ପାଖରୁ । ମହାବିଦ୍ୟାଳୟର ଯୋଉ ସହକର୍ମୀମାନେ ନିଜ ପତ୍ନୀମାନଙ୍କ ଭୟରେ ତମ ବ୍ୟାଚେଲର ଆପାର୍ଟମେଣ୍ଟରେ ମଦ ଓ ଜୁଆର ଆଡ୍ଡା ଜମେଇଥିବେ ପ୍ରଥମ ବିରୋଧ ଆସିବ ସେଇମାନଙ୍କ ପାଖରୁ । ଥରେ ରାଗିକି ମୁଁ ସେ ଆସର ଭାଙ୍ଗିଦେଇଥିଲି । କହିଥିଲି ମୋ ଘରଟା ଆପଣମାନଙ୍କ କ୍ଲବ ନୁହଁ । ପ୍ଲିଜ୍ ଗେଟ୍ ଆଉଟ୍ । ଆଗରେ ମୋର ଫୁଲ୍‌ବ୍ରାଇଟ ଇଣ୍ଟରଭିଉ । ମୋତେ ସେଥିପାଇଁ ପ୍ରସ୍ତୁତି କରିବାକୁ ପଡ଼ିବ । ରାଗରେ କହିଦେଲି ସିନା, ତା'ର ପ୍ରତିକ୍ରିୟା

Digitized by srujanika@gmail.com

ସମ୍ଭାଳିବା କାଠିକର ପାଠ ହେଇଗଲା । ଏଥର ମୁଁ ଯୁଆଡ଼େ ଗଲି, କଲେଜ ଭିତରେ କି ବଜାରରେ ସହକର୍ମୀମାନେ ଥଟ୍ଟା କରିବାକୁ ଲାଗିଲେ । "କ'ଣ ଭାଇ ଭିସା ହେଇଗଲା ?" "ଫୁଲ୍‌ବ୍ରାଇଟ ନା ହାଫ୍ ବ୍ରାଇଟ ?" "ଭାଇ ଆମେ କ'ଣ ଶୁଣିଲୁ ତମେ ଏଡ଼୍‌ସ ଆମଦାନୀ କରିବାକୁ ଯାଉଛ ?" "ଆମେରିକା ଯାଅ ବା ମଙ୍ଗଳ ଗ୍ରହକୁ ଯାଅ, ଫେରିବ ଏଇ ଗାଁକୁ ନା ମଙ୍ଗଳଗ୍ରହରେ ରହିଯିବ ?" ଏହିଭଳି ଥଟ୍ଟାମଜାକୁ ନୀରବରେ ସହି ହୁଅନ୍ତା । କିନ୍ତୁ ସହକର୍ମୀମାନେ ସେତିକିରେ ଅଟକି ଯାଇନଥିଲେ । ବୃତ୍ତିପାଇଁ ଆବେଦନ ଫର୍ମ ପ୍ରିନ୍ସପାଲ ଯେମିତି ଫର୍‌ୱାଡ଼ ନ କରନ୍ତି ସେଥିପାଇଁ ବି ଚକ୍ରାନ୍ତ କରିବାକୁ ଭୁଲିନଥିଲେ । ଡି.ପି.ଆଇ. ଅଫିସରେ ମୋର ଜଣେ ପିଇସା ନିକଟରେ ରିଟାୟାର କରୁଥିବା ପ୍ରିନ୍ସପାଲଙ୍କ ପେନ୍‌ସନ ପେପରରେ ଗଡ଼ବଡ଼ କରିବେ ବୋଲି ଧମକାଇବାରୁ ପ୍ରିନ୍ସପାଲ ବାଧ ହେଇ ମୋର ଦରଖାସ୍ତ ଫର୍‌ୱାଡ଼ କରିଥିଲେ ।

ପରବର୍ତ୍ତୀ ପର୍ଯ୍ୟାୟ ଥିଲା ବୃତ୍ତିଲାଭ ପାଇଁ ତିନିସ୍ତରୀୟ ଚୟନପରୀକ୍ଷା । ଗୋଟିଏ ରିଜିଅନାଲ ଇଣ୍ଟରଭିଉ କଲିକତାରେ, ତାପରେ ଦିଲ୍ଲୀରେ ଜାତୀୟ ସ୍ତରୀୟ । ସବାଶେଷରେ ସାରା ଭାରତରୁ ମାତ୍ର ଚାରିଜଣ ବଛାହେଲେ ଆମେରିକା ଯିବାକୁ । ତା'ପୁଣି ଟଏଫ୍‌ଲ ପରୀକ୍ଷାରେ କୃତକାର୍ଯ୍ୟ ହବାକୁ ପଡ଼ିବ । ଏସବୁ ବିଦେଶୀ ପ୍ରତିବନ୍ଧକ ଅତିକ୍ରମ କଲାପରେ ମୁଁ ଭାବିଥିଲି ଯାହାହଉ ଆମେରିକାର କୌଣସି ବିଶ୍ୱବିଦ୍ୟାଳୟରେ ଗବେଷଣା କରିବାର ସ୍ୱପ୍ନ ମୋର ସାର୍ଥକ ହେଲା । ଜାଣି ନଥିଲି ସବୁଠୁ ବଡ଼ ପ୍ରତିବନ୍ଧକ ମୋତେ ଅପେକ୍ଷା କରିଛି ମୋ ଦେଶରେ, ମୋ ନିଜ ରାଜ୍ୟରେ । ପ୍ରିନ୍ସପାଲ ଯେହେତୁ ମୋର ଆବେଦନ ସୁପାରିଶ କରିସାରିଥିଲେ ଆଗରୁ ତେଣୁ ଷ୍ଟଡ଼ି ଲିଭ୍ ପାଇଁ ସୁପାରିଶ କରିବାକୁ ସିଏ ଏକରକମ ବାଧ ହେଲେ । ପିଇସାଙ୍କ ପ୍ରଭାବରୁ ଡିପିଆଇ ଅଫିସରୁ ଛୁଟି ଦରଖାସ୍ତ ମଞ୍ଜୁର କରେଇନବାରେ ବିଶେଷ କଷ୍ଟ ହେଲାନି । କିନ୍ତୁ ଦରଖାସ୍ତଟି ରାଜ୍ୟ ସଚିବାଳୟର ଫାଇଲଗଦା ଭିତରେ ସତ୍ତା ହରେଇଦେଲା ଦୀର୍ଘଦିନ ।

ସଚିବାଳୟର ଫାଇଲ ମୁଭ୍‌ମେଣ୍ଟ ଜଣେ ପ୍ରବୀଣ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ଅଙ୍ଗଚାଳନାଠାରୁ ଆହୁରି ଜଟିଳ । ଜଣେ ସରକାରୀ କର୍ମଚାରୀ ବିଦେଶ ଯାଉଛି ମାନେ ତା'ର ଛୁଟି ଦରଖାସ୍ତ ଭିନ୍ନ ଭିନ୍ନ ପାଞ୍ଚ ଛଅଟି ବିଭାଗରୁ ମଞ୍ଜୁରି ପାଇବା ଆବଶ୍ୟକ । ମୁଁ ଶିକ୍ଷା ବିଭାଗର କର୍ମଚାରୀ ହେଇଥିବାରୁ ସେଇଟି ପ୍ରଥମେ ଶିକ୍ଷା ବିଭାଗର ଆବଶ୍ୟକୀୟ ନିୟମାବଳୀ-ସିଦ୍ଧ ହେବା ଦରକାର । ସେଇ ନିୟମକାନୁନ ନିର୍ଦ୍ଧାରଣ କରିବେ ସବୁଠାରୁ ତଳିଆ ଜଣେ କିରାଣି, ଡିଲିଙ୍ଗ ଆସିଷ୍ଟାଣ୍ଟ । ସବୁଠାରୁ ତଳେ ଥିଲେ କ'ଣ ହବ ତାଙ୍କରି ନୋଟିଂ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବିନା ନୋଟ୍‌ରେ

Digitized by srujanika@gmail.com

ସେ ନୋଟିଂ ତମ ଋହିଦା ଅନୁକୂଳ ହେଇନପାରେ । ତା ଛଡ଼ା ଫାଇଲ ବି ହଜିଯାଇପାରେ ବା ଲୁଚିଯାଇପାରେ ଯାହାଫଳରେ ନିଷ୍ପତ୍ତି ନେବା ବେଳକୁ ଗଡ଼ିଯାଇଥିବ ଠିକଣା ସମୟ । ଯେମିତି ଛପିଯାଇଥିଲା ମୋ ଆବେଦନ ସମ୍ବଳିତ ଫାଇଲ । ଜଣେ ଅଧ୍ୟାପକର ନୀତିନିଷ୍ଠତା ଦେଖାଇ ଯଦି ମୁଁ ଘରେ ବସିରହିଥା'ନ୍ତି ତେବେ ଫୁଲ୍‌ବ୍ରାଇଟ ଛାତ୍ରବୃତ୍ତି ମୂଲ୍ୟହୀନ ହେଇପଡ଼ିଥା'ନ୍ତା । ଭାଗ୍ୟକୁ ଜୀବନ ସଂପର୍କରେ ଅଧିକ ଅଭିଜ୍ଞତାସମ୍ପନ୍ନ ମୋ ସାନଭାଇ ସେ ଫାଇଲକୁ ଅର୍ଥ ବିନିମୟରେ ଉଦ୍ଧାର କରି ଠିକଣା ପାହିଆରେ ଚଲେଇଦେଲା । ମାସେ କଲେଜରୁ ଛୁଟି ନେଇ ଶିକ୍ଷା ବିଭାଗରୁ ଅର୍ଥ ବିଭାଗ, ଅର୍ଥ ବିଭାଗରୁ ସାଧାରଣ ପ୍ରଶାସନ ବିଭାଗ, ସାଧାରଣ ପ୍ରଶାସନରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଏମିତି ପ୍ରତିଟି ସେଣାରେ ପାଣି ଉଠେଇ ମଞ୍ଜୁରି ପାଇବା ବେଳକୁ ହାତରେ ମାତ୍ର ହପ୍ତାଏ ସମୟ ବାକି । ବେଳେବେଳେ ଅବସ୍ଥା ଏମିତି ହେଇଥିଲା ଯେ, ଆମ ଘରେ ଖିଆପିଆ ବନ୍ଦ ହେଇଯାଏ । ଡେଲ୍‌ଟା ଏଆରଲାଇନ୍ସର ଦି'ମାସ ତଳୁ ଆସି ପହଞ୍ଚିଥିବା ଟିକେଟକୁ ଆଶାୟୀ ଆଖିରେ ଦେଖିଦେଖି ଭୋକ ମାରିବାକୁ ପଡ଼ିଥିଲା ।

ସାମ୍ନାରେ ବସିଥିବା ଭଦ୍ରବ୍ୟକ୍ତି ଜଣକ ପ୍ରଗଲ୍‌ଭ ହେଇ ଅଯାଚିତ ଉପଦେଶ ଦେଇଋଲିଥା'ନ୍ତି ମୋତେ । ଆମେରିକାରେ ଥିବାବେଳେ ମୋତେ କ'ଣ କରିବାକୁ ହେବ, କି କି ଜିନିଷ କରିବା ଉଚିତ ନୁହେଁ । ଲାଗୁଥିଲା ଯେମିତି ସିଏ ଗୋଟେ ଓରିଏଣ୍ଟେସନ ପ୍ରୋଗ୍ରାମରେ ଭାଷଣ ଦଉଛନ୍ତି, ଯେମିତି ପ୍ରୋଗ୍ରାମଟିଏ ହାଇଦ୍ରାବାଦରେ ଆମ ଋରିଜଣଙ୍କ ପାଇଁ ଆୟୋଜିତ ହୋଇଥିଲା ଫୁଲବ୍ରାଇଟ ସିଲେକ୍‌ସନ ପରେ ସେଠାକାର ଆମେରିକାନ ଷ୍ଟଡ଼ିଜ ରିସର୍ଚ୍ଚ ସେଣ୍ଟରରେ ।

ଭଦ୍ରବ୍ୟକ୍ତିଙ୍କ ଅଯାଚିତ ସହୃଦୟତାକୁ ଭିନ୍ନ ଏକ ପରିସ୍ଥିତିରେ ମୁଁ ହୁଏତ ସ୍ୱାଗତ କରିଥା'ନ୍ତି । ଯେମିତି କରିଥିଲି ଆଗରୁ ଫୁଲ୍‌ବ୍ରାଇଟ ପାଇ ଆମେରିକାରୁ ଫେରିଥିବା ଜଣେ ବନ୍ଧୁଙ୍କ ଉପଦେଶ ଓ ସାହଚର୍ଯ୍ୟ । ସେ ବନ୍ଧୁ ଜଣକ ଏମିତି ଦୂରଦର୍ଶୀ ଓ ହିସାବୀ ଯେ, ପ୍ରତିଦିନ କେତେଥର ନିଃଶ୍ୱାସ ନିଅନ୍ତି ତା'ର ମଧ୍ୟ ସଂଖ୍ୟା ଲେଖିରଖନ୍ତି ଟିପା ଖାତାରେ । କୋଉଦିନ କମ୍‌ବେଶି ହେଲେ ତୁରନ୍ତ ଡାକ୍ତରକୁ ଦେଖାକରି ଶରୀର ଚେକ୍‌ଅପ୍ କରେଇନିଅନ୍ତି । ସିଏ ଆମେରିକା ଯିବାପୂର୍ବରୁ ଦୁଇଟି ବଡ଼ବଡ଼ ବ୍ୟାଗରେ ବୋଝେଇକରି ଗୋଟେ ବର୍ଷ ପାଇଁ କାଗଜ, କଲମ, କଫି ପ୍ୟାକେଟ, ଆଋର, ରୋଷେଇରେ ବ୍ୟବହାର ହେବାକୁ ଥିବା ମସଲା, ମୋଟ ଉପରେ କହିବାକୁ ଗଲେ ଛୁଞ୍ଚିଠାରୁ ଆରମ୍ଭ କରି ଛତା ପର୍ଯ୍ୟନ୍ତ ନେଇଯାଇଥିଲେ । ତାଙ୍କ ହିସାବରେ ସେଥିପାଇଁ ସିଏ ଅନ୍ୟ ସ୍କଲାରଙ୍କ ଅପେକ୍ଷା ଅଧିକ ଋରିଲକ୍ଷ ଟଙ୍କା ସଞ୍ଚୟ କରିପାରିଥିଲେ ତାଙ୍କ

Digitized by srujanika@gmail.com

ସୀମିତ ବୃତ୍ତିଟଙ୍କାରୁ । ଅନ୍ୟମାନେ ନିୟମିତ ଘରକରଣା ଜିନିଷ ଯେତେବେଳେ ଡଲାରରେ କିଣୁଥିଲେ ସେଇ ଜିନିଷ ଖୁବ୍ କମ୍ ଦାମରେ ସିଏ ଭାରତରୁ ନେଇପାରିଥିଲେ । ଯେତେବେଳେ ସିଏ ଶୁଣିଲେ ମୁଁ ଫୁଲ୍‌ବ୍ରାଇଟ ପାଇଛି ତାଙ୍କ ଜିନିଷ ଲିଷ୍ଟ ଓ ବର୍ଷକର ସମ୍ଭାବ୍ୟ ଖର୍ଚ୍ଚର ତାଲିକା ନିଜ ଆଡୁ ଆଗ୍ରହ ପ୍ରକାଶ କରି ଦେଇଯାଇଥିଲେ ।

ଜଣେ ନିମ୍ନ ମଧ୍ୟବିତ୍ତ ଓଡ଼ିଶାର ଅଧ୍ୟାପକ କି କି ତିକ୍ତମଧୁର ଅନୁଭୂତି ଭିତର ଦେଇ ଏ ଜାଗାରେ ଆଜି ଆସି ପହଞ୍ଚିପାରିଛି ସେକଥା ଭଦ୍ରବ୍ୟକ୍ତି କ'ଣ ବୁଝିବେ ? ଗୋଟିଏ ଶବ୍ଦରେ ଖୁବ୍ ସରଳ ଭାବରେ ସିଏ ବୁଝିଗଲେ ମୋ ଅବସ୍ଥା । କ'ଣ ନା "ଲକି ୟଙ୍ଗମ୍ୟାନ" । ଯେମିତି ମୋର ଲଟେରି ଉଠିଛି । ମୋର ବିରକ୍ତି ଧୀରେଧୀରେ କ୍ରୋଧରେ ରୂପାନ୍ତରିତ ହେଉଥାଏ । ତାଙ୍କ ସ୍କଚ୍ ହୁଇସ୍କି ବୋଳା ଉପଦେଶାମୃତ ମୋ କାନରେ ଆଉ ପଶୁନଥାଏ । ମୋର ମନେପଡ଼ିଯାଉଥାଏ ସହକର୍ମୀବନ୍ଧୁମାନେ ହଠାତ୍ କେମିତି ମୋତେ ଏକଘରିକିଆ କରିପକେଇଥିଲେ । ବାପ ସମାନ ପ୍ରିନ୍ସପାଲ କେମିତି ଶତ୍ରୁସୈନ୍ୟଙ୍କ ସେନାଧ୍ୟକ୍ଷ ଭଳି ବ୍ୟବହାର କରିବାକୁ ଆରମ୍ଭ କଲେ । ସକାଳ ଦଶରୁ ଟିଫିନ କେରିଅରରେ ମେଞ୍ଚେ ଗଜାମୁଗ, କେତୋଟି ସପେଟା, ପୁଞ୍ଜେ ଖଜୁରୀ ଓ କାଜୁବାଦାମ ଧରି ମୁଁ ସେକ୍ରେଟେରିଏଟ ଗେଟ୍‌ରେ ପହଞ୍ଚିଯାଏ । ଜଣେ ସିନିଅର ଆଇ.ଏ.ଏସ୍. କବିଙ୍କ ଅନୁଗ୍ରହରୁ ସେକ୍ରେଟେରିଏଟର ସେଇ ଅଭେଦ୍ୟ ଦୁର୍ଗକୁ ପଶେ । କେମିତି ସକାଳ ପହରୁ ତାଙ୍କର ଅନାବନା ଅବୋଧ କବିତା ଶୁଣିବାକୁ ପଡ଼େ ଅନୁଗ୍ରହର ପାଉଣା ହିସାବରେ । କେମିତି ଫାଇଲକୁ ଦିନଦିନ ସପ୍ତାହସପ୍ତାହ ମାସମାସ ପିଛା କରିବାକୁ ପଡ଼େ, ଡିଲିଙ୍ଗ ଆସିଷ୍ଟାଣ୍ଟରୁ ସେକ୍‌ସନ ଅଫିସର, ସେକ୍‌ସନ ଅଫିସରରୁ ଅଣ୍ଡର ସେକ୍ରେଟାରୀ, ଅଣ୍ଡରରୁ ଡେପୁଟି, ଡେପୁଟିରୁ ପ୍ରିନ୍ସପାଲ ସେକ୍ରେଟାରି ପୁଣି ତା'ପରେ ପଶ୍ଚାତ୍‌ଗମନ ଠିକ୍ ସେଇ କ୍ରମରେ । ତା'ପରେ ବିଭାଗ ବଦଳି । ପୁଣି ନୂଆ ବିଭାଗରେ ସେଇ ଅବସ୍ଥା । କୋଉଠି ଗାନ୍ଧୀମୁଣ୍ଡ କାରବାର କରି, କୋଉଠି ବାପରେ ଧନରେ କହି, କୋଉଠି ମୁହଁରେ ପାଲିସକରା ହସ ମାଖି, କୋଉଠି ଧୈର୍ଯ୍ୟର ପରୀକ୍ଷା ତ କୋଉଠି ତତ୍ପରତାର ପ୍ରମାଣ । ମଝିରେ ମଝିରେ ଗୋଇନ୍ଦାଗିରି ବି କରିବାକୁ ପଡ଼ିବ । କୋଉଠି ଗାନ୍ଧୀମୁଣ୍ଡ ଚଳିବ, କୋଉଠି କୁକୁର ମାଲିକକୁ ପେଟ ଦେଖେଇ ଦୈନ୍ୟ ପ୍ରକାଶ କଲାଭଳି ଅନୁନୟ କରିବାକୁ ପଡ଼ିବ । ଯଦି ତଥାକଥିତ ସଚ୍ଚୋଟ କର୍ମଚାରୀ ପାଖରେ ଗାନ୍ଧୀମୁଣ୍ଡ କଥା ଉଠେଇଲ ତେବେ ଝଡ଼ ସୃଷ୍ଟି ହେଇଯାଇପାରେ । ପୁଣି ତମର ବ୍ୟବହାର ଓ ବ୍ୟକ୍ତିତ୍ୱ କିରାଣି ମହଲରେ ଯେମିତି,

Digitized by srujanika@gmail.com

ବଡ଼ବଡ଼ିଆ ଆଇଏଏସ୍ ଅଫିସରଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଲଗା ହବା ଦରକାର । କିରାଣିଙ୍କ ପାଖରେ ନିଜର ଅଜ୍ଞତା ଦେଖାଇବା ଯେମିତି ବିପଦପୂର୍ଣ୍ଣ, ଆଇଏଏସ୍‌ଙ୍କ ଆଗରେ ନିଜର ଜ୍ଞାନ ଓ ପାରିବାପଣିଆର ସାମାନ୍ୟ ପ୍ରମାଣ ତା'ଠାରୁ ଆହୁରି ମାରାତ୍ମକ ।

ନିଜର ବିଦ୍‌ବତ୍ତା ଦେଖେଇ ମୁଁ ସେମିତି ଥରେ ହଟହଟାରେ ପଡ଼ିଯାଇଥିଲି ଚିଫ୍ ସେକ୍ରେଟାରି ସ୍ତରୀୟ ଜଣେ ଅଧିକାରୀଙ୍କ ପାଖରେ । ସିଏ ପଚାରିଲେ ଏ ଫୁଲ୍‌ବ୍ରାଇଟ ଜିନିଷ କ'ଣ ? ମୁଁ ପ୍ରଥମେ ଭାବିଲି ଥଟ୍ଟା କରୁଛନ୍ତି । ତା'ପରେ ସନେଟର୍ ଫୁଲ୍‌ବ୍ରାଇଟଙ୍କ ବିଶ୍ୱଭ୍ରାତୃତ୍ୱ ଆଦର୍ଶଠାରୁ ଭାଷଣ ଦେବା ଯେମିତି ଆରମ୍ଭ କରିଛି, ସିଏ ବିରକ୍ତ ହେଇ ମୋତେ କହିଲେ, ସଂକ୍ଷେପରେ କୁହନ୍ତୁ ଆପଣ ପଢ଼ିବାକୁ ଗଲେ, ରାଜ୍ୟର କ'ଣ ଲାଭ ହବ । ମୁଁ ସଂକ୍ଷେପରେ କହିଲି, ଆଜ୍ଞା, ସରକାର ବିନା ପରିଶ୍ରମରେ କିଛି ଫରେନ କରେନ୍ସି ରୋଜଗାର କରିପାରିବେ । କାରଣ ମୁଁ ଯାହା ପଇସା ପାଇବି, ଅଳ୍ପ କିଛି ଖର୍ଚ୍ଚ କରି ମୁଁ ସବୁଯାକ ମୋ ବୋଉ ପାଖକୁ ପଠେଇଦେବି । ତାଙ୍କ ପାଖରେ ବସିଥିବା ତାଙ୍କର କିଛି ବଡିପେଲା ଚମଚା ମୋ କଥା ଶୁଣି ହସିଦେଲେ । ହାକିମ ଗମ୍ଭୀର ହେଇଯାଇ ମୋତେ ସେଠୁ ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ନିଜର ନିଷ୍ପତ୍ତି, ଆପ୍ରୁଭଡ୍ ଲେଖିସାରି ଛୋଟ ଦସ୍ତଖତଟେ ଦେବାପାଇଁ ପନ୍ଦର ଦିନ ନେଇଗଲେ ।

ଆଉ ଗୋଟେ ଅତିତିକ୍ତ ଅନୁଭବ ହେଇଥିଲା ଜଣେ କିରାଣି ପାଖରେ । ଜେନେରାଲ ଆଡ୍‌ମିନିଷ୍ଟ୍ରେସନ ବିଭାଗର ଜଣେ ସେକ୍ସନ ଅଫିସର । ସାମ, ଦାନ, ଦଣ୍ଡ, ଭେଦ କୌଣସିଟି ଗଦ ତାକୁ କାଟୁ କରିନଥିଲା । ତା'ର ମଇଳା ଧୋତି ଆଉ ପୋରିହଁ ପଞ୍ଜାବି ତା'ର ବଡ଼ ପରିବାର ଓ ସଚ୍ଚୋଟତାର କାହାଣୀ ବର୍ଣ୍ଣନା କରୁଥିଲା ନିରବରେ । ସାନଭାଇ ଶୁଣିଥିଲା, କିଏ ଥରେ ତାକୁ ପଇସା ଯାଚିଥିଲା ଯେ ଲୋକଟା ରାଗିକି ଚପଲ ଉଠେଇଥିଲା ପିଟିବାକୁ । ବିଚରା ଖୋର୍ଦ୍ଧାରୁ ଡି.ଏମ୍.ୟୁ.ରେ ସବୁଦିନ ଆସି ପହଞ୍ଚୁଥିଲା ସେକ୍ରେଟେରିଏଟରେ । ଠିକ୍ ଦଶଟା ବେଳକୁ ନିଜ ସିଟ୍‌ରେ ବସିରହୁଥିଲା ସଞ୍ଜ ପାଞ୍ଚଟାଯାକେ । କେବେ ଉଠିକି ଚା' ପିଇବା ପାଇଁ ଯିବା ବା ଛୁଟିରେ ରହିବା ଆମେ ଲକ୍ଷ୍ୟ କରିନଥିଲୁ । ଫାଇଲଗୁଡ଼ିକ ମନଦେଇ ଘଣ୍ଟାଘଣ୍ଟା ପଢୁଥିଲା । କିନ୍ତୁ ଦିନଦିନ ଧରି କୌଣସି ନିଷ୍ପତ୍ତି ଦଉନଥିଲା । ଦୀର୍ଘ ପନ୍ଦରଦିନ ଫାଇଲ ତା' ପାଖରେ ପଡ଼ିରହିବା ପରେ ସାନଭାଇ ତାକୁ ପଚାରିଲା "ଆଜ୍ଞା, କେତେଦିନ ଆମେ ଏମିତି ଆପଣଙ୍କ ପାଖକୁ ଦଉଡୁଥିବୁ ?" ଲୋକଟା ଗମ୍ଭୀର ହେଇ ଜବାବ ଦେଲା, "ଏଇଟା ମୁଁ ଷ୍ଟଡ଼ି କରୁଛି । ଆଜିକାଲି ଭାରତରୁ ଖୁବ୍ ବ୍ରେନ୍‌ଡ୍ରେନ୍ ହେଇଯାଉଛି ତ, ତେଣୁ ଭଲଭାବେ ଷ୍ଟଡ଼ି ନକରି ମୁଁ ଫାଇଲ ଆଗକୁ ବଢ଼େଇପାରିବିନି ।"

Digitized by srujanika@gmail.com

ଲୋକଟାର ଉତ୍ତରରେ ମୋତେ ଏତେ ଅସହାୟତା ଭିତରେ ବି ଖୁବ୍ ଜୋରରେ ହସି ଉଠିବାକୁ ଇଚ୍ଛା ହଉଥିଲା । ମୁଁ କୌଣସିମତେ ହସ ରୋକିନେଲି । ସାନଭାଇ ସେ ଲୋକଟାକୁ ଶୁଣେଇଶୁଣେଇ ମୋତେ କହିଲା, "ଭାଇ ଚାଲ । ତିନିଦିନ ଭିତରେ ଯଦି ଫାଇଲ ସେକ୍ରେଟାରିଙ୍କ ପାଖକୁ ଯାଇ ନଥିବ ତେବେ ମୋଟର ସାଇକେଲ ଚଢ଼େଇଦେବି ଷ୍ଟେସନ ପାଖରେ ଯେ ବ୍ରେକ୍ ଯାଇ ପଡ଼ିଥିବ ଟ୍ରେନ୍‌ରେ ।"

ଫେରିବା ରାସ୍ତାରେ ସାନଭାଇକୁ ମୁଁ ବୁଝେଇଥିଲି ଏମିତି କହିବା ଉଚିତ ନ ଥିଲା ଜଣେ ବୟସ୍କ ଲୋକକୁ । କିଏ ଜାଣେ ସତକୁସତ ଖୁବ୍ ଆଦର୍ଶବାଦ ସହିତ ଲୋକଟି ଆରମ୍ଭ କରିଥିବ ଜୀବନ । ବହିରେ ଲେଖାଥିବା ଭଲମନ୍ଦର ବିଚାର ସହ ଜୀବନ ବଞ୍ଚିବାକୁ ଚେଷ୍ଟାକରିଥିବ । କିନ୍ତୁ ଜୀବନ ତାକୁ ଖୁବ୍ ଶୀଘ୍ର ଶିଖେଇଦେଇଥିବ ଯେ ବହିର ଭଲ-ମନ୍ଦ କେବଳ ନିଜ ଜୀବନକୁ ନିୟନ୍ତ୍ରଣ କରିବାପାଇଁ । ଅନ୍ୟମାନଙ୍କ ଜୀବନ ନିୟନ୍ତ୍ରଣ କରିବାକୁ ଚେଷ୍ଟାକଲେ ବାରମ୍ବାର ଦେଖିବାକୁ ହବ ବିଫଳତାର ମୁହଁ । ନୀତିକୁ ସାର୍ବଜନୀନ ଜୀବନରେ ପାଳିବାର ତା' ନିଷ୍ଠାକୁ କ୍ଷମତାଶାଳୀ, ପଇସାବାଲା ଲୋକ ବାରମ୍ବାର ଦଳିଚକଟି ଦେଇଥିବେ । ତେଣୁ ଯତ୍‌କିଞ୍ଚିତ୍ ବାକି ରହିଯାଇଥିବା ନିଷ୍ଠା ସିଏ ଆପାତତଃ କ୍ଷମତାହୀନ ଦିଶୁଥିବା ଲୋକଙ୍କ ଉପରେ ପ୍ରୟୋଗ କରୁଛି, ଯେମିତି ଖଣ୍ଡିଆମଣ୍ଡିଆ ହେଇଯାଇଥିବା କୁକୁରଟିଏକୁ ଦଳେ ଅନ୍ୟ କୁକୁର ଆକ୍ରମଣ କରନ୍ତି ଏକାଠି ।

"ଦେଖ ୟଙ୍ଗମ୍ୟାନ, ସେଠକାର ଲୋକମାନେ ଖୁବ୍ ଭଦ୍ର । ସେମାନଙ୍କର ଭଦ୍ରାମିକୁ ଖୁବ୍ ଗୋଟେ ଅନ୍ତରଙ୍ଗ ବନ୍ଧୁତା ବୋଲି ଭୁଲ୍ କରି ନ ବସ ଯେମିତି । ବିଶେଷ କରି ମହିଳାମାନଙ୍କ ସହିତ । ମହିଳାମାନଙ୍କ ଭଲପଣିଆ ଓ ବନ୍ଧୁତାକୁ ଅନ୍ତରଙ୍ଗ ନିମନ୍ତ୍ରଣ ମନେକରି ଆମ ଦେଶୀମାନେ ଖୁବ୍ ହଟହଟାରେ ପଡ଼ିଛନ୍ତି ବେଳେବେଳେ ।" ମୋର ସ୍ମୃତିଚାରଣକୁ ବ୍ୟାହତ କରି ଭଦ୍ରବ୍ୟକ୍ତି ମୋତେ ପୁଣି ଉପଦେଶାମୃତ ଶୁଣାଇବାକୁ ଲାଗିଥିଲେ । କିନ୍ତୁ ତାଙ୍କର ଏଇ ଶେଷ ମନ୍ତବ୍ୟଟି ଯେମିତି ମୋ ଦେହରେ ନିଆଁ ଲଗେଇଦେଲା ।

"ଦେଶୀଲୋକେ ବେଶି ହଟହଟାରେ ପଡୁନଥିବେ ହୁଏତ । ମଦ୍ୟପ, ଲମ୍ପଟ ଶ୍ରେଣୀୟ ଲୋକେ ହଟହଟା ହଉଥାଇପାରନ୍ତି । ସେମାନେ ଏଠିଥିଲେ ବି ହଟହଟା ହଉଥାଆନ୍ତେ ।" ମୁଁ ଥଣ୍ଡାଗଳାରେ ଜବାବ ଦେଲି, ଖୁବ୍ ନିର୍ଲିପ୍ତ ଭାବରେ । କିନ୍ତୁ ସେତିକିରେ ଭଦ୍ରବ୍ୟକ୍ତିଙ୍କର ଗରମ ନିଶା ଉତୁରିଗଲା ବୋଧହୁଏ । ତାଙ୍କର ଉଦ୍ଦାମ ପ୍ରଗଳ୍‌ଭତା, ଅଭିଭାବକୀୟ ମୁରବିପଣିଆ କୁଆଡ଼େ ହଜିଗଲା । ମୋତେ କିନ୍ତୁ କୌଣସି

Digitized by srujanika@gmail.com

ପ୍ରକାର ଅନୁଶୋଚନା ହେଉନଥାଏ । ବିଗତ ଏକଘଣ୍ଟା ଧରି ଲୋକଟା ମୋର ବ୍ୟକ୍ତିତ୍ୱ, ମୋର ପାରିବାପଣିଆ ପ୍ରତି ହେୟଜ୍ଞାନ କରି ଚାଲିଛି । ତାକୁ ହୁଏତ ଲାଗୁଛି କେବଳ ତା'ରି ସାମାଜିକ ସ୍ତରରୁ ଆସିଥିବା ମଣିଷମାନେ ଆମେରିକା ଯିବାକୁ ବା ଏ ପୃଥିବୀରେ ଯାହା କିଛି ଭୋଗ୍ୟ ଅଛି ତାକୁ ଭୋଗକରିବାକୁ ହକ୍‌ଦାର । ବାକିମାନଙ୍କ ଭିତରୁ ଯିଏ ସେତିକି ମୁହଁ ବଢ଼େଇଲା ସିଏ ହୁଏତ 'ଲକି' ହେଇଥିବ । ହେଇଥିବ ପରମ୍ପରା ସଂସ୍କୃତିବିହୀନ ଯୋଗାଡ଼ିଆ, ଅପ୍‌ଷ୍ଟାର୍ଟ ।

ଭାଗ୍ୟକୁ ଠିକ୍ ସେତିକିବେଳକୁ ଏଆରଲାଇନ୍ସ ପ୍ରଥମ ଶ୍ରେଣୀ ଯାତ୍ରୀଙ୍କୁ ବୋର୍ଡ଼ିଂ କରିବାପାଇଁ ଆହ୍ୱାନ ଦେଲା । ଭଦ୍ରବ୍ୟକ୍ତି ନିଜ ହାଣ୍ଡବ୍ୟାଗ ଉଠାଇ ତରତର ହେଇ ଚାଲିଗଲେ । ଗଲାବେଳକୁ ଭଦ୍ରତାସୂଚକ ବିଦାୟ ନେବାକୁ ଉଚିତ ମନେକଲେନି । ମୁଁ ବି ତାଙ୍କୁ କୌଣସି ପ୍ରକାର ଅଭିବାଦନ କରିବାକୁ ଜରୁରୀ ମନେକଲିନି । ତାଙ୍କ ଉପସ୍ଥିତିରୁ ମୁକୁଳି ଯାଇଥିବାରୁ ମୁଁ ଭଗବାନଙ୍କୁ ମନେମନେ ଧନ୍ୟବାଦ ଦେଲି ।

ଯଥା ସମୟରେ ଇକନମି ଶ୍ରେଣୀର ଯାତ୍ରୀଙ୍କ ପାଇଁ ଆନାଉନ୍ସମେଣ୍ଟ ହେଲା । ଲମ୍ବା ଧାଡ଼ିରେ ଯାଇ ମୋର ନିର୍ଦ୍ଧାରିତ ସିଟ୍ ପାଖକୁ ଗଲି । ମୋ ସିଟ୍ ପାଖରେ ଝରକାକୁ ଲାଗି ସିଟ୍‌ଟିକୁ ସେତେବେଳକୁ ଅଧିକାର କରିସାରିଥିଲେ ଜଣେ ମହିଳା ଯାତ୍ରୀ । ନିକଟରୁ ମନେହେଲା ଜଣେ ଯୁବତୀ । ଖୁବ୍ ସୁନ୍ଦରୀ ଓ ଆଧୁନିକା ମନେହେଉଥିଲେ । ଏକ ଅବ୍ୟକ୍ତ ଆନନ୍ଦ ନିକଟ ଅତୀତର ତିକ୍ତ ଅନୁଭୂତିକୁ ଗୋଟିଏ ମୁହୂର୍ତ୍ତରେ ନିର୍ବାପିତ କରିଦେଲା ଯେମିତି । ଯାତ୍ରାଟି ବୋରିଂ ହେବନାହିଁ ନିଶ୍ଚୟ । ଯାହାହେଉ ଶେଷରେ ଆମେରିକା ଯେଉଁ ମୁକ୍ତିର ସମ୍ଭାବନା ମୋତେ ଦେଖେଇଥିଲା ତାହା ଉଡ଼ାଜାହାଜର ଅଭ୍ୟନ୍ତରରୁ ହିଁ ଆରମ୍ଭ ହେଇଗଲା । ତଥାପି ନିଜର ଉତ୍ସାହ ଓ ଆନନ୍ଦକୁ ନିୟନ୍ତ୍ରଣ କରି ନିଜ ସିଟ୍‌ରେ ବସିରହିଲି ଚୁପଚାପ । ଲାଉଞ୍ଜରେ ବସିଥିବାବେଳେ ଭଦ୍ରବ୍ୟକ୍ତିଙ୍କର ସତର୍କବାଣୀ ତଥାପି ମନେରହିଥିଲା । ମୁଁ ଜାଣିଥିଲି ଉଡ଼ାଜାହାଜରେ ସାମାନ୍ୟ ଅସତର୍କତାର ପରିଣାମ ଖୁବ୍ ଭୟଙ୍କର ହେଇପାରେ । ଯଥାସମ୍ଭବ ଶରୀରକୁ ଯୁବତୀଙ୍କଠାରୁ ନିରାପଦ ଦୂରତ୍ୱରେ ରଖି ମନେମନେ ହନୁମାନ ଚାଳିଶା ପଢୁଥାଏ ।

ହନୁମାନ ଚାଳିଶା ପଢ଼ିବା ଭିତରେ ବିମାନଟି ଧୀରେଧୀରେ ରନ୍‌ୱେ ଆଡ଼କୁ ଗତିକଲା । କିଛି ସମୟ ପରେ ଦ୍ରୁତଗତିରେ ଦୌଡ଼ିଯାଇ ଉଠିଗଲା ଆକାଶକୁ । ଆକାଶରେ ଭିଣା ତୁଳା ଭଳି ମେଘ । ଗୋଟିଏ ନୂଆ ସକାଳର ସୂର୍ଯ୍ୟ ଉଦୟ ହେବାର ସମ୍ଭାବନାର ସ୍ୱର୍ଣ୍ଣିମ ସ୍ୱାକ୍ଷର ଚରିପଟର ଆକାଶରେ । ମୋର ପ୍ରଥମ ପ୍ରବାସ ଆରମ୍ଭ ହେଲା । ତନୁ ମନରେ ଅନେକ ପୁଲକ । ଅନାବନା ଚିନ୍ତାରାଜି ପରସ୍ପର ସହ ପ୍ରତିଯୋଗିତା

Digitized by srujanika@gmail.com

ଆରମ୍ଭ କରିଦେଇଥା'ନ୍ତି ମୋର ଚେତନାକୁ ଅଧିକାର କରିବାକୁ । ଭାବୁଥିଲି ସଙ୍କଟମୋଚନ ହନୁମାନ ଏମିତି ଆକାଶରେ ଉଡ଼ିଥିବେ ସୀତାଙ୍କୁ ଠାବକରି ଅବା ବିଶଲ୍ୟକରଣୀ ସନ୍ଧାନରେ । ଭାବୁଭାବୁ କେତେବେଳେ ନିଦ ଲାଗିଯାଇଚି ଜାଣିପାରିଲିନି ।

ସାମାନ୍ୟ ଗହଳିଚହଳିରେ ଯେତେବେଳେ ନିଦ ଭାଙ୍ଗିଲା, ଲକ୍ଷ୍ୟକଲି ସୂର୍ଯ୍ୟଙ୍କ ତୀବ୍ର ଆଲୋକ ଆଖପାଖ ଝରକାରୁ ପଶି ଆସି ଆଲୋକିତ କରିଦେଇଛି ବିମାନର ଅଭ୍ୟନ୍ତର । ପାଖ ସିଟ୍‌ର ଯୁବତୀ ଜଣକ ଝରକାର ପରଦା ଟାଣିଦେଇଥିବାରୁ ଅପେକ୍ଷାକୃତ ଅନ୍ଧାରିଆ ରହିଛି ଆମ ସିଟ୍‌ଟି । ଦୁଇଜଣ ପରିଚାରିକା ଠିକ୍ ସେତିକିବେଳକୁ ଠେଲାଗାଡ଼ିଟିଏ ଧରି ପହଞ୍ଚିଲେ ଆମ ସିଟ୍ ପାଖରେ । ପଚାରିଲେ, "ଡ୍ରିଙ୍କ୍‌ସରେ କ'ଣ ନେବାକୁ ଚାହାନ୍ତି ?"

ଯୁବତୀ ଜଣକ ଉତ୍ତର ଦେଲେ, "ହ୍ୱାଇଟ ୱାଇନ" ।

ହ୍ୱାଇଟ ୱାଇନର ଦୁଇଟି ଛୋଟଛୋଟ ବୋତଲ, ଗୋଟିଏ କାଗଜ ରୁମାଲ ଓ ପ୍ରେଟ୍‌ଜେଲ ଲେଖାଥିବା ଗୋଟିଏ ମୁଣି ଓ ଚିନାବାଦାମର ଦୁଇଟି ପ୍ୟାକେଟ ତାଙ୍କ ଟେବୁଲ ଉପରେ ଥୋଇସାରି ଯେତେବେଳେ ମୋତେ ପଚାରିଲେ, ମୁଁ କିଛି ଚିନ୍ତାକରିବା ପୂର୍ବରୁ କହିଦେଲି, "ରେଡ୍ ୱାଇନ ।"

ମୋ ଟେବୁଲରେ ବି ଥୁଆଗଲା ରେଡ୍ ୱାଇନର ଦୁଇଟି ବୋତଲ, ବାଦାମ, ପ୍ରେଟ୍‌ଜେଲ ପୁଡ଼ିଆ ଓ ପ୍ଲାଷ୍ଟିକର ଗ୍ଲାସ । ରେଡ୍ ୱାଇନ କହିଦେଲି ସିନା, ସେ ଦେବଭୋଗ୍ୟ ଦ୍ରବ୍ୟ କେମିତି ସେବନ କରାଯାଏ ତ ଜାଣିନି । କଣେଇ କଣେଇ ଲକ୍ଷ୍ୟକଲି ତରୁଣୀ କେମିତି ତାଙ୍କର ଆଙ୍ଗୁଠି ବ୍ୟବହାର କରି ଶିଶି ଖୋଲି ଗିଲାସରେ ପାଉଁଶିଆ ଦିଶୁଥିବା ସେଇ ପାନୀୟକୁ ଢାଳିଲେ । ସବୁଜ ନେଲ୍‌ପଲିସ ଲଗା ତାଙ୍କ ନଖରେ ବିଭିନ୍ନ ଆକୃତିର ଖଣ୍ଡେଖଣ୍ଡେ ପ୍ରେଟ୍‌ଜେଲ ଉଠେଇ ପାଟିକୁ ନବା ସହିତ ଧୀରେଧୀରେ ୱାଇନ ପିଇଲେ । ସନ୍ତର୍ପଣରେ ତାଙ୍କୁ ଅନୁକରଣ କରି ମୁଁ ବି ନିଜର ଲାଲରଙ୍ଗର ପାନୀୟ ପିଇବାକୁ ଲାଗିଲି । ପାଟିକୁ ବିସ୍ୱାଦ ଲାଗୁଥିଲେ ବି ସହଯାତ୍ରିଣୀଙ୍କ ନିକଟରେ ଛୋଟ ହେଇଯିବାର ଭୟରେ ସବୁଯାକ ସଢ଼ାଳିଆ ପାଣି ପିଇଗଲି ଧୀରେଧୀରେ ।

ପ୍ରଥମ ବୋତଲ ପିଇସାରିବା ବେଳକୁ ଦେହ, ମନରେ ଗୋଟାଏ ଫୁର୍ତ୍ତିଭାବ ଖେଳିଯାଇଥାଏ । ହାତଗୋଡ଼ ଝିମ୍‌ଝିମ୍ ଲାଗୁଥାଏ । ଉଲ୍ଲାସର ଗୋଟାଏ ସ୍ରୋତ ନାଭିଚକ୍ରରୁ ବାହାରି ସମୁଦ୍ରର ଲହଡ଼ି ଭଳି ସହସ୍ରାରର ପଦ୍ମକୋରକକୁ ସିକ୍ତ କରିଦଉଥାଏ

Digitized by srujanika@gmail.com

ତୁହାକୁତୁହା । ଦ୍ୱିତୀୟ ବୋତଲ ଶେଷକରିବା ବେଳକୁ ମୋ ମନର ଭୟ, ସମ୍ଭ୍ରମ କିଛି ମାତ୍ରାରେ ହଟିଯାଇଥାଏ । ତା ସ୍ଥାନ ନେଇଥାଏ ଏକ ବେପରୁଆ ଆତ୍ମବିଶ୍ୱାସ । ବିମାନ ଝରିପଟର ସମଗ୍ର ନଭମଣ୍ଡଳ ମୋ ପିଲାଦିନର ଚିହ୍ନା ଖେଳପଡ଼ିଆ ଭଳି ଲାଗୁଥାଏ । ଆତ୍ମବିଶ୍ୱାସର ଗୋଟିଏ ଶକ୍ତିଶାଳୀ ମୁହୂର୍ତ୍ତରେ ପାଖରେ ବସିଥିବା ତରୁଣୀଙ୍କୁ ଅକସ୍ମାତ୍ ପଚାରିଦେଲି, "ମାଡ଼ାମ, ହ୍ୱେଆର ଟୁ ?"

"ମୁଁ ଯିବି ହ୍ୟୁଷ୍ଟନ, ଟେକ୍ସାସ" ସ୍ମିତ ଖେଳାଇ କହିଲେ ସୁନ୍ଦରୀ । "ଫ୍ରାଙ୍କ୍‌ଫର୍ଟରେ ମୋତେ ଏ ଫ୍ଲାଇଟ ବଦଳେଇ ଆଉ ଗୋଟେ ଫ୍ଲାଇଟ ଧରିବାକୁ ହବ । "ଆଉ ଆପଣ ?" "ମୁଁ ଯାଉଛି ନ୍ୟୁୟର୍କ । ସେଠି ଦୁଇଦିନ ଜଣେ ବନ୍ଧୁଙ୍କ ପାଖରେ ରହି କଲମ୍ବସ ଯିବି, ଓହାଇଓ ।"

"ଆପଣ କ'ଣ ଷ୍ଟୁଡେଣ୍ଟ ?"

"ମୁଁ ଜଣେ ଫୁଲ୍‌ବ୍ରାଇଟ ସ୍କଲାର । ଗବେଷଣା କରିବାକୁ ଯାଉଛି । ଆପଣ ସେଠିକାର ନାଗରିକ ନା ଭାରତୀୟ ଛାତ୍ର ?"

"ମୁଁ ଛାତ୍ର । ଭାରତୀୟ କି ନା କେଜାଣି ?" ନିଜ ହାସ୍ୟରସରେ ଖିଲ୍‌ଖିଲ୍ ହେଇ ହସି ଉଠିଲେ ସେ । ସତରେ ମନଖୋଲି ହସିପାରୁଥିବା ସୁନ୍ଦରୀ ଯୁବତୀଟିଏ ମୋ ପାଇଁ ଗୋଟେ ବିରଳ ଦର୍ଶନ ।

"ଆପଣ ବି କ'ଣ ବୃତ୍ତି ପାଇ ଗବେଷଣା କରୁଛନ୍ତି ?"

"ନା, ମୁଁ ମ୍ୟାନେଜ୍‌ମେଣ୍ଟ ପଢୁଛି । ଏମ୍.ବି.ଏ । ମ୍ୟାନେଜ୍‌ମେଣ୍ଟ ପଢ଼ିବା ପାଇଁ ଛାତ୍ରବୃତ୍ତି କ୍ୱଚିତ୍ ମିଳେ । ମୁଁ ପୂରାପୂରି ସେଲ୍ଫ ଫାଇନାନ୍ସଡ୍ । ମାନେ ମୋ ପ୍ୟାରେଣ୍ଟ୍ସ ମୋ ପାଇଁ ଫଣ୍ଡିଂ କରୁଛନ୍ତି । ଅଣ୍ଡରଗ୍ରାଜୁଏଟ୍ ବେଲୁ ।"

"ଅଣ୍ଡରଗ୍ରାଜୁଏଟ୍ କୋର୍ସ ବି ଆମେରିକାରେ କରିଛନ୍ତି ? ୟୁ ଆର୍ ଏ ଲକି ଗାର୍ଲ" । ମୁଁ କହିଲି ।

"ଲକି ?" ଏକ ତୀବ୍ର କଟାକ୍ଷରେ ସେ ମୋତେ ପଚାରିଲେ । ଉତ୍ତରକୁ ଅପେକ୍ଷା ନ କରି ଏଆରଲାଇନ୍ସ ଯୋଗାଇଦେଇଥିବା ପତଳା କମ୍ବଳରେ ମୁହଁକୁ ଘୋଡ଼େଇ ସିଏ ଲୋଟିପଡ଼ିଲେ ନିଜ ସିଟ୍‌ରେ ।

Digitized by srujanika@gmail.com

କାଉନ୍‌ସେଲିଂ

ଯା ଭିତରେ ବହୁବର୍ଷ ବିତି ଯାଇଥିଲା ପିଇସାଙ୍କ ଘରକୁ ଯାଇନଥିଲି । ସେମିତି କିଛି ଖାସ୍ କାରଣ ନ ଥିଲା ନ ଯିବାର । ଏମିତି । ଦୂର ଜାଗାରେ ଚାକିରି । ଘରକୁ ଆସିଲେ ପିଲାଦିନର ସାଙ୍ଗମାନଙ୍କୁ ଖୋଜିବାରେ ଯାଉଥିଲା ଅଧିକାଂଶ ସମୟ । ତା'ଛଡ଼ା ଘରର ଅନାବନା କାମ ତ ରହିଛି । ଛୁଟି କେତେବେଳେ ସରିଯାଇ ଫେରିବାଦିନ ପହଞ୍ଚିଯାଏ ଜଣାପଡ଼େନି । ଏ ତ ଗଲା ଚେତନ ଅବସ୍ଥାର କଥା । ଅବଚେତନରେ ଅଧିକ କାରଣ ଥାଇପାରେ ସେଠିକୁ ନ ଯିବାର, ଯେଉଁଗୁଡ଼ିକ ସହ ସଚେତନ ଭାବରେ ସାମ୍ନା କରିବାକୁ ମୁଁ ଚାହୁଁନଥିଲି ହୁଏତ । ଆକର୍ଷଣ ତ ଥିଲା ଢେର । ଯା'ହେଲେ ବି ମୋର କୈଶୋରର ସିଂହଭାଗ କଟିଥିଲା ପିଇସାଙ୍କ ପ୍ରାସାଦୋପମ ଘର ଆଉ ତା' ଚାରିପଟ ବିସ୍ତୃତ ବଗିଚାରେ । ସହରର କେନ୍ଦ୍ରରେ ଅବସ୍ଥିତ ସେଇ ଘରଟିର ଗୋଟିଏ ଖାନ୍‌ଦାନି ଆଭିଜାତ୍ୟ ଥିଲା । ସୁଦୃଶ୍ୟ ଘରର ଶୋଭାକୁ ବହୁଗୁଣିତ କରୁଥାଏ ଉଚ୍ଚା ଧଳା ପ୍ରାଚୀର ଘେରା ବିରାଟ ଗୋଟେ ବଗିଚା ଯେଉଁଥିରେ ଏତେ ପ୍ରକାରର ଫୁଲଫଳ ଗଛ ଥିଲା ଯେ, ସବୁ ଋତୁରେ କିଛି ନା କିଛି ଭୋଗ୍ୟବସ୍ତୁ ସେଇ ବଗିଚାର ଉଦାରତାରୁ ହିଁ ମିଳିଯାଇପାରନ୍ତା । ରବିବାର ଓ ଅନ୍ୟ ଛୁଟିଦିନମାନଙ୍କର ଆମେ ସମବୟସ୍କ ଭାଇଭଉଣୀମାନେ ରୁଣ୍ଡ ହେଇଯାଉଥିଲୁ ସେଇଠି । ଫଳ ଖିଆଯାଉଥିଲା । ଫୁଲ ଗୁନ୍ଥାଯାଉଥିଲା । ଗଛରେ ଡାଳମାଙ୍କୁଡ଼ି ଖେଳ ହେଉଥିଲା । ସେଠୁ ମନ ଭରିଗଲେ ବିରାଟ ସେଇ ପ୍ରାସାଦର ବିଭିନ୍ନ ଅଳିନ୍ଦ ନିଳୟରେ ଛୁପାଛୁପି ଖେଳ ହଉଥିଲା । ଖାଇବାବେଳ ହେଲେ ପିଇସୀ ସବୁ ପିଲାଙ୍କୁ ଏକାଠି ବସେଇ ପରଷି ଦଉଥିଲା ମଟନ୍ ବିରିଆନି ଓ କଚମ୍ବର । ଓଃ ପିଇସୀ ହାତରନ୍ଧା ମଟନ୍ ବିରିଆନି ଯିଏ ଥରେ ଖାଇଥିବ, ସିଏ ସବୁ ରବିବାରକୁ ଚାତକଭଳି ଅପେକ୍ଷା କରିରହିବ । ନିଜର ପିଲାଛୁଆ ନଥିଲେ ବୋଲି କି'କଅଣ, ପିଇସୀ ଥିଲା ନିହାତି ପିଲାରଙ୍କୁଣା । ସମସ୍ତଙ୍କୁ ଏକାଠି ବସେଇ ଖୋଇବାରେ ତାକୁ ଯେମିତି କୋଟିନିଧି ମିଳିଯାଉଥିଲା ।

ମୋ ପାଇଁ କିନ୍ତୁ ପିଇସୀ ଘରର ସବୁଠୁ ବଡ଼ ଆକର୍ଷଣ ଥିଲା ତା ଘରର ଲାଇବ୍ରେରୀ । ପିଇସାଙ୍କ ବାପା ବ୍ରିଟିଶ ସରକାରଙ୍କ ଅଧୀନରେ ଚାକିରି କରୁଥିଲେ ସତ, ହେଲେ ଓଡ଼ିଆ ଜାତୀୟତାବାଦୀ ନେତୃମଣ୍ଡଳୀ ଓ ସାହିତ୍ୟ-ସାଧକମାନଙ୍କ ସହ

Digitized by srujanika@gmail.com

ତାଙ୍କର ଘନିଷ୍ଠ ସାମାଜିକ ସମ୍ପର୍କ ରହିଥିଲା । ନିଜର ସାହିତ୍ୟିକ ରୁଚିବୋଧ ବି ରହିଥିଲା । ସେକାଳର ସାମ୍ଭ୍ରାନ୍ତ୍ୟ କେତେକାଂଶରେ ସାହିତ୍ୟିକ ରୁଚିବୋଧ ଉପରେ ନିର୍ଭରଶୀଳ ଥିଲା । ପିଇସାଙ୍କ ବାପା ନିଜେ ବି କିଛିକିଛି ଲେଖୁଥିଲେ । ପଢୁଥିଲେ କିନ୍ତୁ ବହୁତ ବେଶି । ଘରେ ଥିଲା ବିଭିନ୍ନ ଭାଷା ସାହିତ୍ୟର ବହି ସମ୍ବଳିତ ବିରାଟ ଲାଇବ୍ରେରୀ । ବିରିଆନି ଖାଇ ଅନ୍ୟ ପିଲାମାନେ ଯେଝାଘରକୁ ଚାଲିଯିବା ପରେ ମୁଁ ସେଇ ଲାଇବ୍ରେରୀରେ ବସି ରହୁଥିଲି ଘଣ୍ଟାଘଣ୍ଟା । ମୋ ଭବିଷ୍ୟତ ଜୀବନର ସାହିତ୍ୟ-ପ୍ରୀତି ଓ ସାହିତ୍ୟ-କୈନ୍ଦ୍ରିକ ଜୀବିକାର ମୂଳଦୁଆ ପଡ଼ିଥିଲା ସେଇ ଲାଇବ୍ରେରୀରେ ।

ଆଦ୍ୟ ଯୌବନରେ ଭିନ୍ନ ଏକ କାରଣରୁ ମୋତେ ପିଇସାଙ୍କ ଘରକୁ ଯିବାକୁ ପଡୁଥିଲା ବାରମ୍ବାର । ପିଇସା ଥିଲେ ଜଣାଶୁଣା ମନରୋଗ ଚିକିତ୍ସକ । କାରଣ ନିର୍ଦ୍ଦିଷ୍ଟ କରିପାରିବିନି କିନ୍ତୁ କଲେଜରେ ପଢ଼ିବା ସମୟରେ ମୁଁ କିଛିଦିନ ଅବସାଦଗ୍ରସ୍ତ ହେଇପଡ଼ିଥିଲି । ଅବସାଦ ଏତେ ଗଭୀର ଓ ଦୀର୍ଘସ୍ଥାୟୀ ଥିଲା ଯେ ନିଜ ଉଦ୍ୟମରେ ସେଥିରୁ ମୁଁ ମୁକୁଳି ପାରୁନଥିଲି । ସାହିତ୍ୟରେ ପ୍ରତିଫଳିତ ଜୀବନ ଓ ନିତିଦିନିଆ ଜୀବନଚର୍ଯ୍ୟା ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ହୁଏତ ସେ ସମୟରେ ମୁଁ ଆକଳନ କରିପାରିନଥିଲି । ପୃଥିବୀର ଅନେକ ମହାନ୍ ସାହିତ୍ୟକୃତି ପଢ଼ିବା ସମୟରେ ସେଗୁଡ଼ିକର ସ୍ରଷ୍ଟାମାନଙ୍କ ବିଶୃଙ୍ଖଳିତ ଜୀବନଚର୍ଯ୍ୟା ସମ୍ପର୍କରେ ମୁଁ ଜାଣିବାକୁ ପାଇଥିଲି । କିଛିକିଛି ସେମାନଙ୍କୁ ଅନୁକରଣ କରି ମୋ ଜୀବନରେ ଅନେକଗୁଡ଼ିଏ ବିଶୃଙ୍ଖଳାକୁ ସ୍ଥାନ ଦେଇଥିଲି । କିନ୍ତୁ ବିଶୃଙ୍ଖଳାଗୁଡ଼ିକୁ ଅତିକ୍ରମ କରି ଜୀବନ ବଞ୍ଚିବା ଓ ସାହିତ୍ୟ ସାଧନା କରିବା ପାଇଁ ଆବଶ୍ୟକ ପୌରୁଷ ହୁଏତ ମୋର ନ ଥିଲା । ନୀଳକଣ୍ଠ ତ ସମସ୍ତେ ହୋଇପାରନ୍ତେନି ! ଅନେକଦିନ ପର୍ଯ୍ୟନ୍ତ ନିଜର ବିଷାଦବୋଧକୁ ରୋମାଣ୍ଟିକ ଭାବପ୍ରବଣତାରେ ମୁଁ ଉପଭୋଗ କରୁଥିଲି କିଛି ଉନବିଂଶ ଶତାବ୍ଦୀର ଇଂରେଜୀ କବିଙ୍କ ଭଳି । କିନ୍ତୁ ଏକ ନିମ୍ନ ମଧ୍ୟବିତ୍ତ ଓଡ଼ିଆ ପରିବାରର ସ୍ୱପ୍ନକୁ ସରକାରୀ ଚାକିରି ମାଧ୍ୟମରେ ସାକାର କରିବାକୁ ତତ୍ପର ଜଣେ ଯୁବକ ପାଇଁ ତାହା ଏକ ଅପହଞ୍ଚ ବିଳାସ ଥିଲା । ଲକ୍ଷ୍ୟହୀନ ଏକ ଜୀବନ ବଞ୍ଚିବାର ମୋର କୌଣସି ଅସୁବିଧା ନ ଥିଲା । କିନ୍ତୁ ପରିବାରର ଅନ୍ୟ ସଦସ୍ୟମାନଙ୍କ ପାଇଁ ତାହା ଖୁବ୍ ଚିନ୍ତାର ବିଷୟ ହେଇପଡ଼ିଥିଲା । ତା ଛଡ଼ା ମୁଁ ଅଯଥାରେ ବେଳେବେଳେ ଖୁବ୍ ହିଂସ୍ର ହେଇପଡୁଥିଲି । ବିନା କାରଣରେ ଖୁବ୍ ଜୋରରେ ରାଗିଯାଉଥିଲି । ବୋଉର ବାଧ୍ୟବାଧକତାରେ ବେଶ୍ କିଛିଦିନ ପିଇସାଙ୍କ ଚିକିତ୍ସାରେ ରହିବାକୁ ପଡ଼ିଥିଲା । ଚିକିତ୍ସା ବୋଇଲେ ପିଇସାଙ୍କ ସହ ଦୀର୍ଘ ସମୟଧରି କଥାବାର୍ତ୍ତା । ସବୁ ରୋଗୀ ତାଙ୍କ କ୍ଲିନିକ୍‌ରୁ ଚାଲିଯିବା ପରେ ମୁଁ ନିୟମିତ ପହଞ୍ଚୁଥିଲି

Digitized by srujanika@gmail.com

ତାଙ୍କ ଘରେ । ପିଇସା ତାଙ୍କ ଚିରାଚରିତ ଦାଗହୀନ ଧୋବ ଫରଫର ଧଳା ସଫାରି ସୁଟ୍ ପିନ୍ଧି ବସିରହୁଥିଲେ ତାଙ୍କ ରିଭଲ୍‌ଭିଂ ଚେଆରରେ । ଯାହା ଉପରେ ବସି ସିଏ ସକାଳ ଆଠରୁ ଦିନ ବାରଟା ଯାଏ ରୋଗୀ ଚିକିତ୍ସା କରୁଥିଲେ । ଠିକ୍ ବାରଟାରୁ ଗୋଟାଏ ପର୍ଯ୍ୟନ୍ତ ମୁଁ ତାଙ୍କଠାରୁ ସାମାନ୍ୟ ଦୂରତାରେ କୋଠରିର ଆଉ ଗୋଟିଏ କୋଣରେ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ଚେଆରରେ ବସୁଥିଲି । ଦୂରତା କାରଣରୁ ଆମମାନଙ୍କୁ ଟିକେ ଉଚ୍ଚ ସ୍ୱରରେ କଥାବାର୍ତ୍ତା କରିବାକୁ ପଡୁଥିଲା । ତଥାପି ମୋତେ ଆଦୌ କ୍ଲାନ୍ତ ଲାଗୁନଥିଲା । ସେ ସମୟରେ ମୋତେ ଆଦୌ ସେଇ ଘଣ୍ଟାକର ବାର୍ତ୍ତାଳାପ ମୋ ଜୀବନର ସବୁଠାରୁ ମହାର୍ଘ ମୁହୂର୍ତ୍ତମାନ । ଏପରିକି ଗୋଟାଏ ବେଳେ ଦିବାଭୋଜନ ସମୟରେ ପିଇସୀ ରାନ୍ଧିଥିବା ଭଳିକିଭଳି ମହାର୍ଘ ଖାଦ୍ୟଦ୍ରବ୍ୟ ମୋତେ ପାଣିଚିଆ ଲାଗୁଥିଲା ତା ତୁଳନାରେ ।

ପରେ ଜାଣିଲି ସେଇ ଘଣ୍ଟିକିଆ କଥାବାର୍ତ୍ତାକୁ ମନସ୍ତତ୍ତ୍ୱବିତ୍‌ମାନେ କୁହନ୍ତି କାଉନ୍‌ସେଲିଂ । କିନ୍ତୁ ଆମ କଥାବାର୍ତ୍ତାର ବିଷୟବସ୍ତୁରୁ କେହି ବାହାର ଲୋକ ଠଉରେଇ ପାରନ୍ତାନି ତାହା କୌଣସି ପ୍ରକାରର ରୋଗ ଚିକିତ୍ସା । କଥାବାର୍ତ୍ତାର ବିଷୟବସ୍ତୁ ଥିଲା ପୂରାପୂରି ଲଗାମହୀନ, ବେପରୁଆ । ତା ଭିତରେ ବିଭିନ୍ନ ଶାସ୍ତ୍ର, ଧର୍ମ, ଦର୍ଶନ, ସାହିତ୍ୟ ସମସମୟର ବୈଜ୍ଞାନିକ ଗବେଷଣା, ରାଜନୀତି, ସମାଜତତ୍ତ୍ୱ । ମୋଟାମୋଟି ଯାହା ସବୁ ଅନାବନା ବହି ପଢ଼ିଥିଲି ଗପୁଥିଲି ସେ ବିଷୟରେ । ପିଇସା ଶୁଣୁଥିଲେ ମନରୋଗ ସମ୍ପର୍କିତ ନୂଆନୂଆ ତଥ୍ୟ କେବେକେବେ ବୁଝେଇ ଦଉଥିଲେ । ତାଙ୍କ ସହିତ କଥାବାର୍ତ୍ତା ବେଳେ ମୁଁ ଏତେ ନିଃସଙ୍କୋଚ ହେଇଯାଉଥିଲି ଯେ ମୋର କେତୋଟି ଅଶ୍ଳୀଳ ସମ୍ପର୍କ ବିଷୟରେ ତାଙ୍କୁ କହିପକେଇଥିଲି । ତିନିଚାରିମାସର ଏଇ କାଉନ୍‌ସେଲିଂ ଭିତରେ ପିଇସା ମୋର ହୃଦ୍‌ବୋଧ କରେଇ ଦେଇପାରିଥିଲେ ଯେ ମୁଁ ଉପଭୋଗ କରୁଥିବା ଏଇ ମାନସିକ ବିଷାଦ ଏକପ୍ରକାରର ବିଳାସ । ଏଭଳି ବିଳାସ ପାଇଁ ମୋ ଜୀବନରେ କୌଣସି ପ୍ରକାରର ଆର୍ଥିକ ବା ନୈତିକ ସମର୍ଥନ ମିଳିବ ନାଇଁ । କାବ୍ୟିକ ଏକ କଳ୍ପଲୋକୀୟ ମାୟାରୁ ଓହରାଇ ଆଣି ଦୈନନ୍ଦିନ ଜୀବନର ନିତ୍ୟନୈମିତ୍ତିକତାରେ ସାହସର ସହ ପାଦ ଥାପିବାରେ ଯେଉଁ ବୀରତ୍ୱ ଦରକାର ତା'ର ଅଧିକାଂଶ ଭାଗ ମୁଁ ପିଇସାଙ୍କ ସହ କଥାବାର୍ତ୍ତା କରିବାପରେ ଆହରଣ କରିଥିଲି । ଜୀବନରେ ନାଟକୀୟ ଉନ୍ମାଦନା ଖୋଜିବା ଅପେକ୍ଷା ଗତାନୁଗତିକତାକୁ ନାଟକୀୟ ଢଙ୍ଗରେ ଗ୍ରହଣ କରିବାପାଇଁ ଯେଉଁ ଅନ୍ତର୍ଦୃଷ୍ଟି ଦରକାର ସେଥିପାଇଁ ପିଇସା ମୋତେ ଚକ୍ଷୁଷ୍ମାନ କରିଥିଲେ ।

Digitized by srujanika@gmail.com

ପରବର୍ତ୍ତୀ କାଳରେ ଯେତେବେଳେ ମୁଁ ସେ ସମୟରେ ମୋର ମନଃସ୍ଥିତି ବିଷୟରେ ଚିନ୍ତାକରିଛି, ନିଜପ୍ରତି ଖୁବ୍ ଅନୁକମ୍ପାଗ୍ରସ୍ତ ହେଇପଡ଼ିଛି । ସତରେ କେତେ ପିଲାଳିଆ ଥିଲା ମୋର ଚିନ୍ତାଶକ୍ତି ! କେତେ ଉପରଠାଉରିଆ ଥିଲା ମୋର ଜୀବନବୋଧ ! ବହିରୁ ଆହରିତ ମୋର ଯେତେସବୁ ଜ୍ଞାନ କେତେ ଅପରିପକ୍ୱ ଥିଲା ସତରେ ! ଅଥଚ କେଇଖଣ୍ଡ ବହି ପଢ଼ି ବିଦ୍‌ବତ୍ତା ହବାର ଅହଙ୍କାର ମୁଁ ଠୁଳ କରିରଖିଥିଲି ଏତେ ଦିନ ! ପରବର୍ତ୍ତୀ ସମୟର ଲଜ୍ଜାବୋଧ କେତେକାଂଶରେ ମୋତେ ପିଇସାଙ୍କଠୁ ଦୂରକୁ ନେଇଯାଇଥିଲା । ପିଇସାଙ୍କ ଘରକୁ ଗଲେ ଅତୀତର ସେଇ ଚପଳ ଅହଙ୍କାରଗ୍ରସ୍ତ ଦିନଗୁଡ଼ିକ କାଳେ ମୋତେ ସାମ୍ନା କରିବସିବେ ସେଇଥିପାଇଁ ବୋଧହୁଏ ମୋ ଅବଚେତନ ମୋତେ ବାରଣ କରୁଥିଲା । ପିଇସା ଓ ତାଙ୍କ ଘରର ପରିବେଶ ମୁଁ ଯେ ଏକଦା ଜଣେ ମନରୋଗୀ ଥିଲି ଏକଥାକୁ ରେଖାଙ୍କିତ କରିଦେବ ସେଇଥିପାଇଁ ମୋର ଅବଚେତନ ମନ ମୋର କୃତଜ୍ଞତାବୋଧକୁ ମଧ୍ୟ ନିର୍ବାପିତ କରିଦେଇଥିଲା ।

ବୋଉ ଯେତେବେଳେ ମୋତେ ପିଇସାଙ୍କ ଦେହ ଖରାପ ବୋଲି କହିଲା ମୋର ସୁପ୍ତ କୃତଜ୍ଞତାବୋଧ ଜାଗରିତ ହେଇଗଲା । ଯା'ହେଲେ ବି ମୁଁ ଆଜି ଯୋଉଠି ପହଞ୍ଚିପାରିଛି ସେଥିପାଇଁ ପିଇସାଙ୍କ ସେଇ କାଉନ୍‌ସେଲିଂ ସେସିନ୍‌ଗୁଡ଼ିକ ଯେ ଖୁବ୍ ବେଶି ପରିମାଣରେ ଦାୟୀ ସେକଥା ସଚେତନ ମନରେ ବୁଝିପାରୁଥିଲି । ଅନେକ ଦିନ ପରେ ଯେତେବେଳେ ପିଇସାଙ୍କ ଘରେ ପହଞ୍ଚିଲି ମୋର ଏକପ୍ରକାର ସ୍ୱପ୍ନଭଙ୍ଗ ବା ମୋହଭଙ୍ଗ ଘଟିଲା । ଅବଶ୍ୟ ମୋର ସେ ମାନସିକ ସ୍ଥିତିକୁ ସ୍ୱପ୍ନଭଙ୍ଗ ବା ମୋହଭଙ୍ଗ ବୋଲି କହିହୁଅନ୍ତାନି । କାରଣ ତାଙ୍କ ଘର ସମ୍ପର୍କରେ ମୋର ନା କୌଣସି ସ୍ୱପ୍ନ ବା ମୋହ ଥିଲା । ସେ ଘରର ସତ୍ତା ମୋ ପାଇଁ ଏତେ ବସ୍ତୁନିଷ୍ଠ ଥିଲା ଯେ ତା ସହିତ ସ୍ୱପ୍ନ ବା ମୋହର ଆଦୌ ସମ୍ପର୍କ ନ ଥିଲା । ବୋଧହୁଏ ଅତୀତ ଓ ବର୍ତ୍ତମାନ ଭିତରେ ଥିବା ଦୃଷ୍ଟିକୋଣର ଭିନ୍ନତା ସେଇ ଗୋଟିଏ ବସ୍ତୁକୁ ଚେତନାରେ ଭିନ୍ନଭିନ୍ନ ଢଙ୍ଗରେ ଉପସ୍ଥାପିତ କରିଥାଏ । ଯେମିତି ରବୀନ୍ଦ୍ରନାଥଙ୍କ କ୍ଷେତ୍ରରେ ହେଇଥିଲା । ପାହାଡ଼ର ଚଟାଣରେ ଉଠିଥିବା ଗଛଟିଏକୁ ପିଲାବେଳେ ଦେଖି କବି ଗଛଟିର ରସଗ୍ରାହୀତାକୁ ପ୍ରଶଂସା କରିଥିଲେ । ନିହାତି ଶୁଷ୍କ ପରିବେଶରେ ରସ ଆସ୍ୱାଦନ କରି ଏକାଏକା ବଞ୍ଚିରହିବାର ସାହସକୁ ସିଏ ମନେମନେ ଧନ୍ୟବାଦ ଦେଇଥିଲେ । ବହୁବର୍ଷପରେ ଯେତେବେଳେ ସିଏ ସେଇ ଗଛଟିକୁ ଆଉ ଥରେ ଦେଖିଲେ ତାଙ୍କର ମନେହେଲା ଯତ୍‌ସାମାନ୍ୟ ରସକୁ ଲୁଣ୍ଠନ କରି ସେଇଟି ଏକାଏକା ବଞ୍ଚିରହିଛି ଅନ୍ୟ କାହାକୁ ପ୍ରଶ୍ରୟ ନ ଦେଇ ।

Digitized by srujanika@gmail.com

ପିଲାବେଳର ଦୃଷ୍ଟିକୋଣରୁ ଯେଉଁ ଧଳା ପାଚେରିଟି ମୋ ପାଇଁ ଆଭିଜାତ୍ୟର ପ୍ରତୀକ ଥିଲା, ସେଇଟି ମୋତେ ଖୁବ୍ ରଙ୍ଗହୀନ ପାଣିଚିଆ ଦିଶୁଥିଲା । ପିଇସାଙ୍କ ଘର ଚାରିପାଖର ଦଳଗାଡ଼ିଆ ଓ ଘାସପଡ଼ିଆ ଉପରେ ଏବେ ଗଢ଼ିଉଠିଥିବା ସୁଉଚ୍ଚ ଆଧୁନିକ ଅଟ୍ଟାଳିକାଗୁଡ଼ିକ ପିଇସାଙ୍କ ଘରକୁ ଖର୍ବ କରିପକେଇଥିଲେ । ଫାଟକ ଖୋଲି ଭିତରକୁ ଆସିଲା ପରେ ଠିକ୍ ସେଇ ଅବସ୍ଥା । କାଠଫ୍ରେମ ଓ ଲୁହାରଡ଼ ସମ୍ବଳିତ ଝରକାଗୁଡ଼ିକ ଦିଶୁଥିଲା ନିହାତି ପୁରୁଣାକାଳିଆ । ପାଚେରିର ସିଂହଭାଗକୁ ଆବୋରି ରହିଥିବା ଅଙ୍ଗୁରଲତା ଶୁଖିଲା କାଠି ଭଳି ଦିଶୁଥିଲା । ନିଜ ବ୍ୟାପ୍ତି ଓ ବିବିଧତାରେ ଅନନ୍ତ ମନେହେଉଥିବା ବଗିଚାଟି ଗୋଟେ ଛୋଟ ସମ୍ଭ୍ରମହୀନ ବାରିଆଡ଼ ବୋଲି ମନେହେଉଥିଲା । ବୟସ ବା ସମୟ ଦୃଷ୍ଟିକୋଣକୁ କେତେ ସଂକୀର୍ଣ୍ଣ ଓ ଚମକରହିତ କରିଦିଏ ସତରେ ! ଅଥବା ଘର ଓ ବଗିଚା ସବୁକାଳେ ଏମିତି ଥିଲା । ମୋର ନଷ୍ଟାଲ୍‌ଜିଆ ଓ ପିଲାଦିନ ପ୍ରତି ଭାବପ୍ରବଣତା ଏଥିରେ ପରୀକାହାଣୀୟ ପୁଟ ଦେଇଥିଲା । ବୟସ୍କର ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଅସଲ ସତ୍ୟକୁ ପଦାକୁ ଆଣିଛି ।

"ବାବୁଙ୍କୁ ଖୋଜୁଛନ୍ତି ? ବାବୁ କ୍ଲିନିକ୍‌ରେ ।" ହଠାତ୍ କାହାର ସ୍ୱରରେ ଚମକିପଡ଼ି ସଚେତନ ହେଲି ଯେ ମୁଁ ଦୀର୍ଘ ସମୟଧରି ବଗିଚାର ବୃକ୍ଷରାଜିକୁ ନିବିଷ୍ଟ ଚିତ୍ତରେ ଚାହିଁରହିଥିଲି । ଦେଖିଲି ଧଳା କସ୍ତାଶାଢ଼ି ପରିହିତା ପ୍ରୌଢ଼ା ଜଣେ ମୋତେ କ୍ଲିନିକ୍ ଆଡ଼କୁ ଦିଗ ନିର୍ଦ୍ଦେଶ କରୁଥିଲା । ବେଶଭୂଷାରୁ ଲାଗୁଥିଲା ପିଇସୀ ଘରର କେହି ଠିକା କାମତୁଣୀ । ମୁଁ କିନ୍ତୁ ତାକୁ ସେଠି ଆଗରୁ କେବେ ଦେଖିନଥିଲି । ବୋଧହୁଏ ଭାବିଛି ମୁଁ କୌଣସି ରୋଗୀ କିମ୍ବା ରୋଗୀର ଆତ୍ମୀୟ, ଚିକିତ୍ସା ସମ୍ପର୍କରେ ପରାମର୍ଶ କରିବାକୁ ଆସିଛି । ଘରର ସମୁଦାୟ ନକ୍ସା ତ ମୋ ମାନସପଟରେ ହାତ ପାପୁଲିରେ ଥିଲା । ମୋତେ ଆଉ ରାସ୍ତା ଦେଖେଇବାର କ'ଣ ଆବଶ୍ୟକତା ? ପିଇସାଙ୍କ ପରାମର୍ଶ କକ୍ଷକୁ ଯିବାକୁ ହେଲେ ଅତିକ୍ରମ କରିବାକୁ ହେବ ବିରାଟ ଗୋଟିଏ ଅପେକ୍ଷାଗୃହ । ସେକାଳେ ଅପେକ୍ଷାଗୃହଟି ରୋଗୀ ଓ ସେମାନଙ୍କର ସମ୍ପର୍କୀୟମାନଙ୍କ ଉପସ୍ଥିତିରେ ଗହଗହ ଡାକୁଥିଲା । ଏବେ ଶ୍ମଶାନର ନୀରବତା । ଦି'ପଟର କାନ୍ଥକୁ ଲାଗି ପଡ଼ିଥିବା ଲମ୍ବାଲମ୍ବା କାଠ ବେଞ୍ଚଗୁଡ଼ିକ ଦିଶୁଥିଲେ ନିର୍ଲିପ୍ତ । ଝରକାରେ ଲାଗିଥିବା ନାଲିଆ ପରଦାଗୁଡ଼ିକ ମନେହେଉଥିଲେ ଯତ୍ନରହିତ । ସମଗ୍ର ପରିବେଶରେ ଓହଳି ରହିଥିଲା ଏକ ଅବର୍ଣ୍ଣନୀୟ କାନ୍ଦୁରାକାନ୍ଦୁରା ଭାବ ।

Digitized by srujanika@gmail.com

ପିଇସାଙ୍କ ପରାମର୍ଶ କୋଠରିର ଦରଜାରେ ମୃଦୁ ଆଘାତ ଦେଲି । ଭିତରୁ ଶୁଣାଗଲା ପିଇସାଙ୍କ ଗମ୍ଭୀର ଆହ୍ୱାନ "ଭିତରକୁ ଆସ ।" କବାଟ ଠେଲି ଭିତରକୁ ଗଲି । ପିଇସା ତାଙ୍କ ଚିରାଚରିତ ଧଳା ସଫାରି ସୁଟ୍ ପିନ୍ଧି ବସିରହିଥିଲେ ରିଭଲ୍‌ଭିଂ ଚେଆରରେ । ଆଗରେ ମାହୋଗାନି ଟେବୁଲ । ଝରକାଗୁଡ଼ିକରେ ଓହଳିଥିବା ମୋଟା ପରଦା ସୂର୍ଯ୍ୟାଲୋକର ବାଟ ଯଥାସମ୍ଭବ ବନ୍ଦ ରଖିଥାନ୍ତି । ଈଷତ୍ ଅନ୍ଧାରୁଆ ସେଇ ପରିବେଶକୁ ସାମାନ୍ୟ ରହସ୍ୟମୟ କରି ତୋଳିଥାଏ ଟେବୁଲ ଉପରେ ଥୁଆ ଲ୍ୟାମ୍ପ୍‌ଟି । ଲ୍ୟାମ୍ପ୍‌ର ଆଲୋକରେ ପିଇସାଙ୍କ ଗୋରା ତକତକ ଚେହେରାଟି ମନେହେଉଥାଏ ରକ୍ତହୀନ । ଶୁଆର ନାକଭଳି ପିଇସାଙ୍କ ନାକଟି ତାଙ୍କ ମୁହଁର ଅନ୍ୟାନ୍ୟ ଅଂଶକୁ ଗୌଣ କରିଦଉଥାଏ । "ଆରେ, ପାର୍ଥ । ବସ ବସ ।" ସେଇ ରୋଗୀମାନଙ୍କ ପାଇଁ ଉଦ୍ଦିଷ୍ଟ ଚେଆରଟି ପ୍ରତି ହାତ ବଢ଼େଇଦେଲେ ପିଇସା । ଅଗତ୍ୟା ମୁଁ ସେଇଠି ବସିପଡ଼ିଲି ଯଦିଓ ମୋ ବିଚାରରେ ମୁଁ ଖୁବ୍ ସୁସ୍ଥ ଥିଲି ମାନସିକ ଦୃଷ୍ଟିକୋଣରୁ । ମୋ ଚେଆର ପଛରେ ଥିବା ଗ୍ଲାସ୍‌କେସ୍‌ରେ ସଜାହେଇ ରହିଥିବା ବହିଗୁଡ଼ିକ ଉପରେ ଆଖି ବୁଲେଇନେଲି । ସମୁଦାୟ କୋଠରିଟି ଥିଲା ପୂର୍ବଭଳି ଅପରିବର୍ତ୍ତିତ । ସମୟର ପ୍ରବାହ ଯେମିତି ସେଇ କୋଠରିର ପରିବେଶରେ କୌଣସି ପରିବର୍ତ୍ତନ ଆଣିପାରିନଥିଲା । କେବଳ ପୂର୍ବପଟ କାନ୍ଥରେ ନୂଆ ଦୁଆରଟିଏ ଖଞ୍ଜାଯାଇ ପିଇସୀର ଶୋଇବାଘରକୁ ରାସ୍ତାଟିଏ ଯୋଡ଼ା ହେଇଥିଲା ।

ପିଇସା କ୍ଲାନ୍ତ ଦିଶୁଥିଲେ । ଛୋଟଛୋଟ ଆଖିଗୁଡ଼ିକ ଅଧା ବୁଜି ହେଇଯାଇଥିଲେ । ବୟସର ପ୍ରଭାବରେ ଚର୍ମ ଦିଶୁଥିଲା ଶ୍ଳଥ । ମାଂସପେଶୀଗୁଡ଼ିକର ଓଜନ ସେଇ ଶ୍ଳଥ ଚର୍ମ ବୋହି ନ ପାରୁଥିବାରୁ ସେଗୁଡ଼ିକ ଓହଳି ଆସିଥିଲେ । କିନ୍ତୁ ମୋତେ ସେସବୁ ଖୁବ୍ ସ୍ୱାଭାବିକ ଲାଗୁଥିଲା । ବୟସ ବଢ଼ିବା ସାଙ୍ଗେସାଙ୍ଗେ ଦେହର ଏପରି ପରିବର୍ତ୍ତନରେ ଖୁବ୍ ଗୋଟେ ଆଶ୍ଚର୍ଯ୍ୟ ଲାଗନ୍ତାନି । ବୋଉର ଉଦ୍‌ବେଗକୁ ସମର୍ଥନ କଲାଭଳି କୌଣସି ଶାରୀରିକ ବିଲକ୍ଷଣ ମୁଁ ପିଇସାଙ୍କଠି ଲକ୍ଷ୍ୟ କରିପାରୁନଥିଲି ।

"ପାର୍ଥ, ତମେ ଭାଗବତ ପଢ଼ିଛ, ଭାଗବତ ?" ପିଇସାଙ୍କ ପ୍ରଶ୍ନରେ ମୁଁ କିଛି ଅସ୍ୱାଭାବିକତା ଲକ୍ଷ୍ୟ କରିପାରୁଥିଲି । ଏତେ ଦିନ ପରେ ଦେଖା । ଭଲମନ୍ଦ ପଚରାଉଚରା ନାହିଁ, ମୋତେ ରୋଗୀର କାଉନ୍‌ସେଲିଂ ଚେଆର ଉପରେ ବସେଇଦେଇ ବିନା ଉପକ୍ରମଣିକାରେ ପଚାରୁଛନ୍ତି ଭାଗବତ କଥା । ମୋ ଭିତରେ କୌଣସି ମାନସିକ ରୋଗ ଲକ୍ଷ୍ୟକରି ମୋର ଚିକିତ୍ସା ଆରମ୍ଭ କରିଦେଲେଣି ନା କ'ଣ ?

Digitized by srujanika@gmail.com

ତଥାପି କହିଲି, "ହଁ, ଆଜ୍ଞା । ଅକାଳେ ସକାଳେ ପଢ଼ିଛି ନିଶ୍ଚୟ । କିନ୍ତୁ ମନେରଖିବା ଭଳି ଗହୀରେଇ ପଢ଼ିନାଇଁ ।"

"ମୋର ମନେହୁଏ ଜଗନ୍ନାଥ ଦାସଙ୍କ ଭାଗବତକୁ କାବ୍ୟିକ ପରାକାଷ୍ଠାର ଚରମ ଦୃଷ୍ଟାନ୍ତ ହିସାବରେ ନିଆଯାଇପାରେ । ଏତେ ବିରାଟ ଗ୍ରନ୍ଥ ଅଥଚ ତା'ର ନିର୍ଯ୍ୟାସକୁ କବି ମାତ୍ର ନଅଟି ଅକ୍ଷରରେ ପ୍ରକାଶ କରିଦେଇପାରିଛନ୍ତି 'କୃଷ୍ଣଚରିତ ଭାଗବତ । କହଇ ଦାସ ଜଗନ୍ନାଥ' । ବାସ୍ତବରେ ଭାଗବତ ଆଉ କଅଣ ? କେବଳ କୃଷ୍ଣଚରିତ ତ । ଯେତେ ଯାହା କୁହାହେଲେ ବି ବୁଲିବୁଲି ଆସି ପରମପୁରୁଷ କୃଷ୍ଣଙ୍କ ସାଂସାରିକ ଲୀଳାଖେଳାର ବର୍ଣ୍ଣନା । କି ସହଜ ସାବଲୀଳତା ! ଉଚ୍ଚମାନର ସାହିତ୍ୟର ସତ୍ୟ ଅଭିବ୍ୟକ୍ତି ଏଇଭଳି ସାବଲୀଳ । ଜୀବନର ନାନା ଜଟିଳତାକୁ ସାହିତ୍ୟିକ ମୁକାବିଲା କରିବ ସତ୍ୟ କିନ୍ତୁ ନିଜର ସତ୍ୟ ଉପଲବ୍ଧିକୁ ପରିପ୍ରକାଶ କରିଦେଇପାରୁଥିବ ଖୁବ୍ ସହଜ ସରଳ ଢଙ୍ଗରେ । ତା' ହିଁ ହେବ ତା'ର ଲୋକସଂଗ୍ରହର ମାଧ୍ୟମ, ଲୋକଶିକ୍ଷାର ପରାକାଷ୍ଠା । ସେଇଥିପାଇଁ ହୁଏତ ସିଗ୍‌ମଣ୍ଡ ଫ୍ରଏଡ୍, କାର୍ଲ ଗୁଷ୍ଟେଭ ୟୁଙ୍ଗ ପ୍ରଭୃତି ମହାନ୍ ମନସ୍ତାତ୍ତ୍ୱିକଗଣ ନିଜର ସତ୍ୟଦର୍ଶନର ସମାନ୍ତରାଳ ଅନୁଭୂତି ପାଇଁ ବାରମ୍ବାର ସାହିତ୍ୟକୁ ଫେରିଥିଲେ । ସେଇଠୁ ବାଛିଥିଲେ ଉଦାହରଣ ।

"ତମେ ତ ସାହିତ୍ୟର ଅଧ୍ୟାପକ । ତମେ ଏକଥା ମୋଠୁ ବେଶି ବୁଝିପାରୁଥିବ । ମୋର ବି ଖୁବ୍ ଇଚ୍ଛାଥିଲା ତମ ଭଳି ଗୋଟେ କ୍ୟାରିଅର । ମୁଁ ବି ତମ ଭଳି କିଛିଦିନ ଗୋଟେ ବୋହେମିଆନ ଜୀବନ ବଞ୍ଚିବାକୁ ଚେଷ୍ଟାକରିଥିଲି । ଆଲେନ ଗିନ୍ସବର୍ଗଙ୍କ ଆଦର୍ଶରେ ପ୍ରଭାବିତ ହେଇ ତାଙ୍କ ସହ ଚାଲିଯାଇଥିଲି କଟକରୁ କଲିକତା, ବନାରସ । ଆମେରିକୀୟ ହିପୀ ତରୁଣୀମାନଙ୍କ ସହ ବିତେଇଥିଲି ଅନେକ ଦିନ । ମନର ଅନୁଭୂତି ସମ୍ପ୍ରସାରଣ କରିବା ପାଇଁ ନିଜକୁ ସାଇକେଡେଲିକ ଡ୍ରଗର ପ୍ରୟୋଗଶାଳା କରିଥିଲି । ଜାଣ, କଟକର ସମ୍ଭ୍ରାନ୍ତ ମହଲରେ ଡ୍ରଗ ସେବନ ଫ୍ୟାଶନ ମୁଁ ହିଁ ପ୍ରଚଳନ କରିଥିଲି । ପରେ ଅନୁଭବ କଲି ଚେତନାର ଉଚ୍ଚତର ସୋପାନରେ ପହଞ୍ଚିବା ପାଇଁ ସେମିତି କିଛି ସର୍ଟ୍‌କଟ୍ ରାସ୍ତା ନାଇଁ । କିଛି ବର୍ଷ ଉତ୍ତାରୁ ନିଜେ ଗିନ୍ସବର୍ଗଙ୍କ ବ୍ୟବହାର ମୋର ଅବଧାରଣାକୁ ଆଉରି ସବଳ କଲା । ଯେଉଁ ସମାଜର ରୂଢ଼ିବାଦୀ ଚିନ୍ତାଧାରାକୁ ସିଏ ବିପ୍ଳବାତ୍ମକ ଆହ୍ୱାନ ଦେଇଥିଲେ ସେଇ ସମାଜଠୁ ସ୍ୱୀକୃତି ହାସଲ ପାଇଁ ତାଙ୍କର ବ୍ୟଗ୍ରତା, ବ୍ୟକ୍ତିକ ପ୍ରତିଷ୍ଠା ପାଇଁ ତାଙ୍କର ନାନା ପ୍ରକାରର ସାଲିସ ଦେଖି ତାଙ୍କର ଅନୁଗାମୀମାନେ କ'ଣ ଭାବିଥିବେ କେଜାଣି ?

Digitized by srujanika@gmail.com

ଭାଗ୍ୟକୁ ସେତେବେଳକୁ ମୁଁ ଏକ ନୂଆ ରାସ୍ତା ଧରିଲିଣି । ଭାବିଲି, ମଣିଷ ମନର ବିବିଧତା ସାହିତ୍ୟ ବର୍ଣ୍ଣନା କରେ ସିନା, ହେଲେ ତା'ର ହିଂସା, ଦ୍ୱେଷ, କ୍ରୋଧ, ଲୋଭ ଇତ୍ୟାଦିକୁ ବୁଝି ତା'ର ନିଦାନ ପାଇଁ ଏକ ବୈଜ୍ଞାନିକ ଅଭିଧା ଦରକାର । ମନରୋଗର ଦୃଷ୍ଟିକୋଣ ସେଇ ଅଭିଧା ଦେଇପାରିବ ବୋଲି ମୁଁ କ୍ରମେକ୍ରମେ ବିଶ୍ୱାସ କଲି । ମନରୋଗର ଦୃଷ୍ଟିକୋଣ ମଣିଷର ଚିନ୍ତା ଓ କାର୍ଯ୍ୟକୁ ଏକ କାର୍ଯ୍ୟକାରଣ ସମ୍ପର୍କରେ ବାନ୍ଧିବାକୁ ଚେଷ୍ଟାକରେ । ସେଇ ବିଶ୍ୱାସକୁ ଉପଯୋଗ କରି ଶତକଡ଼ା ଶହେ ନ ହେଲେ ବି ଅନେକ ରୋଗୀଙ୍କୁ ସେମାନଙ୍କ ବିଲକ୍ଷଣ ନିଦାନ କରି ଜୀବନର ମୁଖ୍ୟ ଧାରାରେ ସାମିଲ କରେଇପାରିଛି । ସେଇଥିପାଇଁ ତ ଆଜି ମୋର ଏ ସଫଳତା ।"

ପିଇସା ଟିକେ ବିରତି ନେଲେ । ଟେବୁଲ ଉପରୁ ହାତକାଢ଼ି ଚେଆର ଉପରେ ଆଉଜି ପଡ଼ିଲେ । ହାତରେ ରୁମାଲଟିଏ ନେଇ କପାଳଟା ପୋଛି ପକେଇଲେ । ରୁମ୍ ଭିତରେ ଏତେଟା ଗରମ ନଥିଲା । ତଥାପି ପଚାରିଲି "ପିଇସା ଫ୍ୟାନ୍‌ଟା ଅନ୍ କରିଦେବି ?" ସେଇମିତି ଆଖିବୁଜି ପିଇସା ଜବାବ ଦେଲେ, "ନା, ନା, ତୁମେ ବସିରୁହ । ମୋ ଜୀବନକାହାଣୀ ଶୁଣି ତମେ ବୋର୍ ହଉନ ତ ?" "ନା,ନା, ଇଣ୍ଟରେଷ୍ଟିଂ । ଚଳଚ୍ଚିତ୍ରର ସ୍କ୍ରିପ୍ଟ ଭଳି ଆପଣଙ୍କ ଜୀବନ କାହାଣୀ । ମୁଁ ତ ରୀତିମତ ଅବାକ୍ ହେଇଯାଇଛି ।" ଅବଶ୍ୟ ଗୋଟେ ଭିନ୍ନ କାରଣରୁ ମୁଁ ଆଶ୍ଚର୍ଯ୍ୟ ହେଉଥିଲି । ପିଇସା ଏମିତି ପ୍ରଗଲ୍‌ଭ ଭାବରେ ଗପିବା ମୁଁ କେବେ ଲକ୍ଷ୍ୟ କରିନଥିଲି ଏଯାବତ୍ । ସ୍ୱଭାବତଃ ଗମ୍ଭୀର । ଦେଖିଲେ କେବଳ ମୁରୁକିମୁରୁକି ହସିଦେବେ । ପ୍ରାୟ ସବୁବେଳେ ପାଟିରେ ଥିବ ପାନବାହାର ଓ ବାବା ଜର୍ଦ୍ଦା । ପିତଳର ଗୋଟିଏ ପିକଦାନୀ ପାଖରେ ରଖିଥିବେ । ଛେପ ପକଉଥିବେ ମଝିରେମଝିରେ । ଗୋଟେ ଅଧେ ପ୍ରଶ୍ନ ମଝିରେ ମଝିରେ ପଚାରିଦଉଥିବେ । ମୁଁ ଅନର୍ଗଳ ଗପିଚାଲିଥିବି ବାହାପିଆ ଭଳି । ସିଏ ଶୁଣୁଥିବେ ନିବିଷ୍ଟ ଚିତ୍ତରେ । ଘଣ୍ଟାଏ ପରେ ମୋ ମୁଣ୍ଡର ବୋଝ ହାଲୁକା ହେଇଯାଇଥିବ । ଏବେ ଲାଗୁଥିଲା ଯେମିତି ଆମର ଭୂମିକା ଅଦଳବଦଳ ହେଇଯାଇଛି । ମୁଁ ଶୁଣିବାକୁ ବି କଥାଗୁଡ଼ିକର କୂଳକିନାରା ପାଉନଥିଲି । କିନ୍ତୁ ଏଇଟା ସତ ଯେ ତାଙ୍କ ଜୀବନକାଳରେ ଜଣେ ମନରୋଗ ବିଶେଷଜ୍ଞ ଭାବରେ ସିଏ ଖୁବ୍ ସଫଳତା ପାଇଥିଲେ । ତା'ର ଅନ୍ୟତମ ଜୀବନ୍ତ ଉଦାହରଣ ଥିଲି ମୁଁ ନିଜେ । ବିଷାଦର ନାଟକୀୟ ହଟଚମଟରୁ ଓହରି ଆସି ମୁଖ୍ୟଧାରା ଜୀବନର ଦୈନନ୍ଦିନ ଗଡ୍‌ଡ଼ାଳିକା ପ୍ରବାହରେ ବଞ୍ଚିରହିଛି ।

Digitized by srujanika@gmail.com

"ଦେଖ, ତମେ ସାହିତ୍ୟର ଛାତ୍ର ହେଇନଥିଲେ ତମକୁ ଏତେ ସବୁ କଥା କହିନଥା'ନ୍ତି । ଜୀବନକୁ ବୁଝିବାକୁ ସାହିତ୍ୟ ଏତେ ପ୍ରସାରିତ କ୍ଷେତ୍ର ଯୋଗେଇଦିଏ ଯାହା ହୁଏତ ଅନ୍ୟ କୌଣସି ଜ୍ଞାନରେ ମିଳନ୍ତା ନାଇଁ । ମନ ଭିତରେ ବୁଜିହେଇ ରହିଥିବା ଆଖିଗୁଡ଼ିକୁ ଖୋଲିଦେଇ ଅସୀମତା ଆଡ଼କୁ ବାଟ କଢ଼େଇନିଏ । ଅପରପକ୍ଷରେ ହେତୁବାଦୀ ହିସାବକିତାବ ମାକ୍ସ ୱେବର କହିଲା ଭଳି ମଣିଷର ଚିନ୍ତାକୁ ଲୁହା ପଞ୍ଜୁରିରେ ବନ୍ଦୀ କରିଦିଏ । ମାକ୍ସ ୱେବର ତ ପଢ଼ିଥିବ ନିଶ୍ଚେ ।"

ମୋ ଉତ୍ତରକୁ ଅପେକ୍ଷା ନକରି ପିଇସା କହିଚାଲିଲେ, "ମୁଁ ତାଙ୍କର ସେଇ ପ୍ରସିଦ୍ଧ ପୁସ୍ତକ The Protestant Ethic and the Spirit of Capitalism କଥା କହୁଛି । ଯୋଉଥିରେ ସିଏ ଏଇ Iron Cage କଥା କହିଥିଲେ । ଏନ୍‌ଲାଇଟେନ୍‌ମେଣ୍ଟ ପରବର୍ତ୍ତୀ ୟୁରୋପୀୟ ଜ୍ଞାନଶୃଙ୍ଖଳାରେ ହେତୁବାଦୀ ବିଚାରକୁ ନେଇ ମଣିଷର ଦମ୍ଭ ଓ ଅହଙ୍କାରକୁ ଲକ୍ଷ୍ୟକରି । ଏକଥା ସତ ଯେ ସେଇ ଦମ୍ଭର ମୂଳଦୁଆରେ ଆମେ ଯୋଉ ବିଜ୍ଞାନ ଠିଆ କରେଇଛୁ ସିଏ ଆମର ଜୀବନକୁ ମୁଲାଏମ କରିଦେଇଛି, ଆମର ଛୋଟଛୋଟ ଜିଜ୍ଞାସାର ସମାଧାନ କରିଦଉଛି, ସମସ୍ୟାର କାରଣ ଠାବ କରିଦଉଛି ଆଉ ସେଇ କାରଣଗୁଡ଼ିକୁ ଆୟତ୍ତ କରି ଆମେ ସମସ୍ୟା ଉପରେ ବିଜୟ ପାଇଗଲୁ ବୋଲି ଭାବିନଉଛୁ । ପର କ୍ଷଣରେ ଆଉରି ନୂଆନୂଆ ସମସ୍ୟା ସମାଧାନର କବର ଉପରେ ଜନ୍ମନଉଛି । ଏବେ ମୁଁ ଭାବୁଛି ସମସ୍ୟା ସମାଧାନ ନୁହେଁ, ସମସ୍ୟା ଭିତରେ ବଞ୍ଚିରହିବାର କଳା ଆମେ ଶିଖିବା ବେଶି ଦରକାର । କାରଣ ଅସଲରେ ସବୁ ସମସ୍ୟାର ସମାଧାନ ନ ଥାଏ । ସେଇ କଳା ଆମେ ଶିଖିପାରିବା ଯଦି ଆମେ ଆମ ବିଚାର ପ୍ରକ୍ରିୟାକୁ ନିରନ୍ତର ପ୍ରସାରିତ କରିଚାଲିବା । ସେଇ ପରିବେଶ ସାହିତ୍ୟ ଆମକୁ ଯୋଗେଇ ଦେଇପାରିବ । ଆମକୁ ନୂଆନୂଆ ସମ୍ଭାବନା ଓ ସମସ୍ୟାର ଆହ୍ୱାନ ଦେଇଦେଇ । ଛୋଟ ଗୋଟେ ଉଦାହରଣ ଦଉଛି ମିଡ୍‌ଲମାର୍ଚ୍ଚ ଉପନ୍ୟାସରୁ । ନାୟିକା ଡରୋଥିଆ ଅତୀବ ସୁନ୍ଦରୀ, ସ୍ୱାସ୍ଥ୍ୟବତୀ, ନବଯୌବନା, ଥିଲାବାଲା ପରିବାର, ସମ୍ଭ୍ରାନ୍ତ, ସଂସ୍କୃତିସମ୍ପନ୍ନା । ତା'ର ପାଣିଗ୍ରହଣ କରିବାକୁ ସୁନ୍ଦର, ସମ୍ଭ୍ରାନ୍ତ, ଉଦାରଚେତା, ଗୁଣବନ୍ତ ଓ ଧନୀ ସ୍ୱାସ୍ଥ୍ୟବାନ ଯୁବକ ଜେମ୍‌ସ ଅନେଇ ବସିଛନ୍ତି । ଅଥଚ ତାଙ୍କୁ ପ୍ରତ୍ୟାଖ୍ୟାନ କରି ନିଜର ସ୍ୱାମୀ ଭାବରେ ଡରୋଥିଆ ବାଛିଛି ପ୍ରୌଢ଼ କସାବନଙ୍କୁ ଯିଏ ଦେଖିବାକୁ ଅତ୍ୟନ୍ତ କଦାକାର ତଥା ଯୌନଶକ୍ତିହୀନ । । ଡରୋଥିଆ କେବଳ ବାହାହେଇନି କସାବନ ଅଧାବୟସରେ ମରିଯିବା ପର୍ଯ୍ୟନ୍ତ ସେ ବିବାହ ଓ ସମ୍ପର୍କ ଯେମିତି ମର୍ଯ୍ୟାଦାବନ୍ତ ରହୁ ସେଥିପାଇଁ ପ୍ରାଣପଣେ ଚେଷ୍ଟାକରିଛି । ଡରୋଥିଆର ନିଷ୍ପତ୍ତି ମୋତେ ଏଇଥିପାଇଁ

Digitized by srujanika@gmail.com

ଚମତ୍କୃତ କରେ ଯେ,ଏହା ମଣିଷର ହେତୁବାଦୀ ବିଚାରଧାରାର ସମସ୍ତ ସମ୍ଭାବନାର ଊର୍ଦ୍ଧ୍ୱରେ । ଅଥଚ ଉପନ୍ୟାସଟି ଯୋଉ ସମୟରେ ଲେଖାଯାଇଥିଲା ସେତେବେଳେ ଇଉରୋପରେ ଚାଲିଥିଲା ହେତୁବାଦର ନିରଙ୍କୁଶ ଜୟଯାତ୍ରା । ବିଦୁଷୀ ଔପନ୍ୟାସିକା ଜର୍ଜ ଏଲିଅଟ ମଧ୍ୟ ନିଜ ବ୍ୟକ୍ତିକ ଜୀବନରେ ଏଇଭଳି ଅସଙ୍ଗତ ନିଷ୍ପତ୍ତିଟିଏ ନେଇଥିଲେ । ଜଣେ ବିବାହିତ ବ୍ୟକ୍ତିଙ୍କ ରକ୍ଷିତା ଭାବରେ ରହିଥିଲେ ଦୀର୍ଘକାଳ ଯେଉଁ ସମୟରେ ଲିଭ୍-ଇନ୍-ରିଲେସନ୍‌ସିପ ଲୋକାଚାରର ଭିତରକୁ ଆସିନଥିଲା । ବିଜ୍ଞାନ, ହେତୁବାଦ ବା ଜ୍ୟୋତିଷଶାସ୍ତ୍ରର ସମସ୍ତ ଭବିଷ୍ୟତବାଣୀକୁ ଅତିକ୍ରମ କରିଯାଇପାରେ ମଣିଷର ମନ । ତମେ ପିଲାବେଳେ ହଠାତ୍ ଅକାରଣରେ ହିଂସ୍ର ହେଇପଡୁଥିଲ, ତମର ମନେଅଛି କି ନା କେଜାଣି । ମୋର ସୀମିତ ବିଦ୍ୟାବୁଦ୍ଧି ପ୍ରୟୋଗ କରି ହଉ କି କାକତାଳୀୟ ନ୍ୟାୟରେ ହଉ ସେ ବିଲକ୍ଷଣ ଆଉ ନାହିଁ । କିନ୍ତୁ ତାହାର ହଠାତ୍ ପୁନରାବୃତ୍ତି ନ ହବ କିଏ କହିପାରିବ ? ଯେମିତି ସମ୍ବାଦପତ୍ରର ପୃଷ୍ଠାରେ ଅନେକ ସମୟରେ ଦେଖିବାକୁ ମିଳୁଛି ଆଜିକାଲି । ଏପରିକି ଆମେରିକା ଭଳି ସଭ୍ୟ, ଉନ୍ନତ, ସମ୍ପନ୍ନ ସମାଜରେ । ସବୁକିଛି ଠିକ୍‌ଠାକ୍ ଥିବ, ହଠାତ୍ ବ୍ୟକ୍ତିଟିଏ ନିଷ୍ପତ୍ତି ନବ ଆଉ ଷ୍ଟେନ୍‌ଗନ୍‌ରେ ନିରପରାଧ ଶିଶୁମାନଙ୍କୁ ଗୁଳିମାରି ହତ୍ୟା କରିଦବ ସେମାନଙ୍କ ସ୍କୁଲ୍‌ରେ ପଶି । ମନରୋଗ ଚିକିତ୍ସକ ପରେ ଯାଇ ଉଣ୍ଡାଳିବ ତତ୍ତ୍ୱ ସେଭଳି ଘଟଣାକୁ ବୁଝିବାପାଇଁ । କିନ୍ତୁ କେବଳ ସାହିତ୍ୟ ଆଗରୁ ବର୍ଣ୍ଣନା କରିପାରେ ସେମିତି ଏକ ସମ୍ଭାବନା । ଧର, ଆମେ ଦି'ଜଣ ଭଦ୍ରଲୋକ ଭଳି ବସି ଅତି ଗମ୍ଭୀର ଆଲୋଚନା କରୁଛୁ । ହଠାତ୍ ମୁଁ ଉଠି ଏ ପେପରୱେଟ୍‌ଟି ଛାଟିଦେବି ଜୋରରେ ତମ ଉପରକୁ ।"

ଏତକ କହୁକହୁ ପିଇସା ସତକୁସତ ପେପରୱେଟ୍‌ଟି ଟେବୁଲ ଉପରୁ ଉଠେଇ ଛାଟିଦେଲେ ମୋ ଆଡ଼କୁ ଲକ୍ଷ୍ୟକରି । ମୋ ଭାଗ୍ୟ ଭଲ ଠିକଣା ସମୟରେ ମୁଁ ଆଡ଼େଇ ଯାଇପାରିଲି ସେ ଆକ୍ରମଣରୁ । ପେପରୱେଟ୍‌ଟି ତୀବ୍ର ଗତିରେ ଯାଇ ବାଜିଲା ମୋ ପଛରେ ଥିବା କାଚର ମିଟ୍‌ସେଫ୍‌ରେ ଯୋଉଠି କିଛି ବହି ସଜଡ଼ାହେଇ ରହିଥିଲା । ପ୍ରଚଣ୍ଡ ଶବ୍ଦକରି କାଚଗୁଡ଼ା ଭାଙ୍ଗିଗଲା । ସେ ଶବ୍ଦଶୁଣି କୋଉଠି ଥିଲା କେଜାଣି ଦଉଡ଼ି ଆସିଲା ପିଇସୀ ।

"କ'ଣ ହେଲା, କ'ଣ ହେଲା" କହିଲା ସିନା, ହେଲେ ମୁହୂର୍ତ୍ତକ ଭିତରେ ପରିସ୍ଥିତିକୁ ବୁଝିନେଇ ନିୟନ୍ତ୍ରଣ କରିନେଲା । ପିଇସାଙ୍କୁ କହିଲା, "ତମେ ଭିତରକୁ ଚାଲ ତ । ଆଜି ସକାଳୁ ଔଷଧ ଖାଇନ କି ?"

Digitized by srujanika@gmail.com

ପିଇସାଙ୍କୁ ବେଡ଼୍‌ରୁମ୍‌ରେ ଛାଡ଼ିଦେଇ ମୋ ପାଖକୁ ଫେରଆସିଲା ଗୋଟେ ମିନିଟରେ । କହିଲା, "ପାର୍ଥ, କେତେବେଳୁ ଆସିଲୁଣି ? ମୋତେ ଖବର ଦେଇନୁ । ଜାଣିଛୁ ନା, ଆଜିକାଲି ହଠାତ୍ ହିଂସ୍ର ହେଇପଡୁଛନ୍ତି ବିନା କାରଣରେ । ମୋତେ ଛାଡ଼ିଦେଲେ ଆଉ କାହା କଥା ଶୁଣୁନାହାଁନ୍ତି । ତାଙ୍କର ଜଣେ ଷ୍ଟୁଡେଣ୍ଟ । ତା'ରି ଚିକିତ୍ସାରେ ଅଛନ୍ତି । ଖୁବ୍ ଭଲ ଡାକ୍ତର । କହୁଛନ୍ତି ଭଲ ହେଇଯିବ ଖୁବ୍ ଶୀଘ୍ର । ତେବେ ନିୟମିତ ଔଷଧ ନ ଖାଇଲେ ଅକସ୍ମାତ୍ ରାଗିଯାଇପାରନ୍ତି । ଆଉ ପ୍ରାକ୍ଟିସ କରିବେ କ'ଣ ? ଆସିଲା ବେଳେ ଦେଖିନଥିବୁ କି ? ପେସେଣ୍ଟମାନଙ୍କୁ ମୁଁ ମନାକରି ଦେଇଛି ଆସିବାକୁ । ତୁ ଆଜି ଯା । ଆଉ ଦିନେ ଆସିବୁ ମୋତେ ଆଗରୁ ଫୋନ୍ କରି । ମୁଁ ପିଇସାଙ୍କ ମୁଡ୍ ଦେଖି ତତେ ଡାକିବି । ଏତେ ଦିନ ପରେ ଦେଖା । ଭଲମନ୍ଦ ଟିକେ ଗପିଥା'ନ୍ତେ । ଛାଡ଼, ମୁଁ ପୂଜା ଅଧାକରି ଆସିଲି ପରା ଶବ୍ଦଶୁଣି । ଚାଲ ତତେ ମୁଁ ଗେଟ୍ ପାଖରେ ଛାଡ଼ିଦଉଛି ।"

ମୁଁ କହିଲି "ଆରେ ନା, ନା, ମୁଁ ଚାଲିଯିବି । ତୁ ଆଗ ଯାଇ ପିଇସାଙ୍କୁ ଔଷଧ ହେରିକା ଦେ ।" ଏତକ କହିବା ବେଳେ ବି ମୋ ପାଟି ଖନିମାରି ଯାଉଥାଏ । ସେ ପର୍ଯ୍ୟନ୍ତ ଘଟଣାର ସକ୍‌ରୁ ମୁଁ ମୁକୁଳି ପାରିନଥାଏ । ଛାତି ଧଡ଼ପଡ଼ ହେଉଥାଏ ଖୁବ୍ ଜୋରରେ । ସମ୍ଭାବ୍ୟ ଆଘାତ ଯେତେ ନୁହେଁ ପିଇସାଙ୍କ ବ୍ୟବହାରର ଆକସ୍ମିକତା ଓ ଅଯୌକ୍ତିକତା ମୋତେ ଦୋହଲେଇ ଦେଇଥାଏ ।

"ଚାଲ୍‌ଚାଲ୍ । କଥାଟେ କହିବି ।" ପିଇସୀ ମୋ ହାତଧରି ଏକରକମ ଠେଲିନେଲା ମୁଖ୍ୟଫାଟକ ଆଡ଼କୁ । ଗଲାବେଳେ ଫୁସ୍‌ଫୁସ୍ କରି କହିଲା, "ଜାଣୁ, ନରହରି ମ, ସେଇ ଯା'ଙ୍କ ବନ୍ଧୁ ବାନ୍ଧବରେ ସାନଭାଇର ପୁଅ । ବାଟେରା ହେଇ ବୁଲୁଥିଲା । ତାକୁ ଆଣି ଘରେ ରଖିଲେ । ମୁଁ ପୁଅ ଭଳି ପାଳିଥିଲି । ପାଠ ସିନା ପଢ଼ିଲାନି । ଭଲ ବୋଲହାକ କରୁଥିଲା । ଯାଙ୍କ ବ୍ୟାଙ୍କ, ଅଫିସ କାମ ସବୁ କରୁଥିଲା । କ'ଣ ମନ ହେଲା କେଜାଣି କୋଉ ସୁରାକରେ ଦସ୍ତଖତ ନେଇ ଟଙ୍କାପଇସା ସବୁ ନେଇଯାଇଛି । ଏବେ ଜିଗର ଲଗେଇଛି, ଜମିବାଡ଼ିରୁ ଅଧା ଭାଗ ନବ । ତା ଅଦଉତି ଏମିତି ଯେ, ନା କୋଳରେ ପୂରେଇ ହଉଛି ନା ଫୋପାଡ଼ି ହଉଛି । ତା'ରି କାଣ୍ଡକାରଖାନାରୁ ଯା'ଙ୍କର ଏ ବେମାରି ବାହାରିଛି । ତୁ ଆଉଦିନେ ସୁବିଧା ଦେଖି ଆ କି ନିରୋଳାରେ ଢେର କଥା କହିବି ।"

Digitized by srujanika@gmail.com

ପିଇସୀକୁ ପ୍ରଣାମ କରି ଫେରିଲି । ବୁଝିପାରିଲି ପିଇସାଙ୍କ ଅସୁସ୍ଥତା ପାଇଁ ପିଇସୀ ସହଜ କାର୍ଯ୍ୟ-କାରଣ ସମ୍ପର୍କରେ ପାଇଯାଇଛି । ସିଏ ଆଶ୍ୱସ୍ତ ଯେ ଭଲ ଡାକ୍ତର ସ୍ୱାମୀଙ୍କ ଚିକିତ୍ସା କରୁଛନ୍ତି । ତେଣୁ ସିଏ ଶୀଘ୍ର ଭଲ ହେଇଯିବେ । ସେ ଶୀଘ୍ରତା କେବେ ତା ନିର୍ଦ୍ଦିଷ୍ଟ କରି କହିହବନି । ଫେରିବାବେଳେ ମନେମନେ ଭାବୁଥିଲି ପିଇସା ଠିକ୍ କଥା କହୁଥିଲେ । ଯୋଉ ଘଟଣାଟି ଏବେ ଘଟିଲା ତା'ର ପୂର୍ବାପର କାର୍ଯ୍ୟକାରଣ ଖୋଜିହବ ନାଇଁ । କେବଳ ତାକୁ ବର୍ଣ୍ଣନା କରିହବ । ବର୍ଣ୍ଣନା କରୁକରୁ ହୁଏତ ସମ୍ବୋଧିର କେଉଁ ଏକ ମୁହୂର୍ତ୍ତରେ ଘଟଣାଟିକୁ ତା'ର କାର୍ଯ୍ୟ-କରଣ ସଙ୍ଗତିର ଊର୍ଦ୍ଧ୍ୱରେ ଉଠି ବୁଝିହେବ । ଯେମିତି ବେଳେବେଳେ ବୁଝିଛନ୍ତି ଜର୍ଜ ଏଲିଅଟ୍ ସାହିତ୍ୟକୃତିରେ ବର୍ଣ୍ଣନା କରୁକରୁ । ନିଜ ଚରିତ୍ରମାନଙ୍କ ବିଷୟରେ ସିଏ କହିଛନ୍ତି Destiny stands by sarcastic with our dramatis personale folded in her hand । ନିୟତି ମୋର ଚରିତ୍ରମାନଙ୍କୁ ନିଜ ହାତପାପୁଲିରେ ଧରିରଖି ଏକ ତୀବ୍ର କଟାକ୍ଷରେ ଚାହିଁରହିଛି । ମୁଁ ଭାବୁଥିଲି, ଠିକ୍ ସେଇକଥା ପିଇସା ଓ ମୋ ବିଷୟରେ କୁହାଯାଇପାରନ୍ତା ।

Digitized by srujanika@gmail.com

ଶେଷ ସଂଳାପ

'ସାହିତ୍ୟିକ ଆମ ସମାଜର ଏକ ଅବାଞ୍ଛିତ ଚରିତ୍ର'- ଏହି ଯୁକ୍ତିକୁ ଆପଣ ଯଦି ସ୍ୱୀକାର / ଅସ୍ୱୀକାର କରିବେ- ତେବେ କାହିଁକି ?

ବୋଧହୁଏ ପ୍ଲେଟୋଙ୍କ ମନ୍ତବ୍ୟରେ ପ୍ରଭାବିତ ଆପଣଙ୍କ ପ୍ରଶ୍ନ । ତାଙ୍କର କଳ୍ପିତ ଆଦର୍ଶ ରାଷ୍ଟ୍ରରୁ ସାହିତ୍ୟିକକୁ ନିର୍ବାସନ ଦେବାକୁ ଚାହିଁଥିଲେ ପ୍ଲେଟୋ । ସେ ସମୟର ରାଜନୀତିକ ପରିସ୍ଥିତି ଯାହା ଥିଲା ସେ ଦୃଷ୍ଟିରୁ ହୁଏତ ତାଙ୍କ ମନ୍ତବ୍ୟରେ କିଛି ଯୌକ୍ତିକତା ଥିଲା । ତା'ଛଡ଼ା ପ୍ଲେଟୋ ଏକ ପାବଚ୍ଛୀକୃତ ସମାଜରେ ବାସ କରୁଥିଲେ । ତାର ବିଧି ବ୍ୟବସ୍ଥା, ଉଚ୍ଚନୀଚ ଭେଦଭାବ ବଜାୟ ରହୁ ବୋଲି ସିଏ ଚାହୁଁଥିବେ । ସମାଜ ଯେତିକି ଯେତିକି ରକ୍ଷଣଶୀଳତାରୁ ମୁକ୍ତହୋଇ ଏକ ଗଣତାନ୍ତ୍ରିକ ଆଦର୍ଶ ଆଡ଼କୁ ଗତି କରୁଛି, ସେଠି ସାହିତ୍ୟିକର ଭୂମିକା ଗୌଣ ହେବା ପରିବର୍ତ୍ତେ ବରଂ ଅଧିକରୁ ଅଧିକ ଜରୁରୀ ହୋଇପଡୁଛି । କାରଣ ସାହିତ୍ୟ ଏମିତି ଏକ ଚର୍ଚ୍ଚା-ପରମ୍ପରା ଯେଉଁଠି ନିତ୍ୟ ନୂତନ ସମ୍ଭାବନାଗୁଡ଼ିକର ପରୀକ୍ଷା ନିରୀକ୍ଷା ହୋଇପାରେ, ସ୍ଥିତାବସ୍ଥାକୁ ପ୍ରଶ୍ନ କରାଯାଇପାରେ ଓ କ୍ଷମତା-ସ୍ୱାର୍ଥଗୁଡ଼ିକ ବିପଜ୍ଜନକ ସ୍ଥିତି ଉଦ୍ରେକ କରିବା ପୂର୍ବରୁ ସେଗୁଡ଼ିକୁ ଆହ୍ୱାନ ଦିଆଯାଇପାରେ । ସଚ୍ଚା ସାହିତ୍ୟର ଏହି ପ୍ରଶ୍ନ ଓ ଆହ୍ୱାନଗୁଡ଼ିକ ସମାଜ ଓ ରାଜନୀତିକୁ ଗଣତାନ୍ତ୍ରିକ ଆଦର୍ଶ ଆଡ଼କୁ ଅଧିକ ଗତିଶୀଳ କରାଇପାରେ ।

ଲେଖାଲେଖି ନକରିଥିଲେ ଆପଣ ଆଉ କ'ଣ କରିପାରିଥାନ୍ତେ ?

ଏବେ ବି ମୁଁ କେବଳ ଲେଖାଲେଖି କରୁନାହିଁ । ଆହୁରି ଅନେକ ସାମାଜିକ କାର୍ଯ୍ୟ କରୁଛି । କିଛି କାମ ଅର୍ଥ ପ୍ରତିବଦଳରେ ଆଉ କିଛି ସ୍ୱେଚ୍ଛାକୃତ ଭାବରେ ଶ୍ରମଦାନ କରି । ଲେଖାଲେଖି କରୁନଥିଲେ ନିର୍ବାଚନ-ରାଜନୀତିରେ ସଂପୃକ୍ତ ହୋଇଥାନ୍ତି ହୁଏତ ।

ଜଣେ ପାଠକ ଆପଣଙ୍କ ଲେଖାକୁ ସ୍ପଷ୍ଟ ଭାବରେ ନିନ୍ଦା କଲେ ଆପଣଙ୍କର ପ୍ରତିକ୍ରିୟା କ'ଣ ହେବ ?

Digitized by srujanika@gmail.com

ଭଲ ଲାଗିବ । ପ୍ରଶଂସାର ବିପରୀତ ନିନ୍ଦା ନୁହେଁ । ପ୍ରଶଂସାର ବିପରୀତ ଅବହେଳା । ଏଇଥିପାଇଁ ଭଲ ଲାଗିବ ଯେ, ଅନ୍ତତଃ ଜଣେ ପାଠକ ମୋର ଲେଖାକୁ କଷ୍ଟକରି ପଢ଼ିଛି । ଅବଶ୍ୟ ଅଧିକାଂଶ ନିନ୍ଦୁକ ଉପରଠାଉରିଆ ନିନ୍ଦା କରିଥାନ୍ତି, କିଛି ପଢ଼ାପଢ଼ି ନକରି । ସାହିତ୍ୟକୁ ଭଲ ପାଉଥିବା ଲୋକ ଧୀରେଧୀରେ ଅବହେଳାତ୍ମକ ମନୋଭାବ ଓ ନିନ୍ଦୁକପଣିଆରୁ ମୁକ୍ତଲାଭ କରି ଶ୍ରଦ୍ଧା ଓ ସହାନୁଭୂତିଶୀଳ ହୋଇଯାଏ । ମୁଁ ଧୈର୍ଯ୍ୟର ସହ ସେ ସମୟକୁ ଅପେକ୍ଷା କରିବି । ସ୍ୱାଗତ କରିବି ।

ଲେଖକସତ୍ତା ଓ ବ୍ୟକ୍ତିସତ୍ତା କ'ଣ ସତରେ ଅଲଗା ! ଆପଣଙ୍କ ନିଜସ୍ୱ ଅନୁଭବ କ'ଣ ?

ଲେଖକ ଲେଖିବା ବେଳେ ଯେଉଁ ଆଦର୍ଶର ଅବତାରଣା କରିବାକୁ ଚେଷ୍ଟାକରେ ବ୍ୟକ୍ତି ହୁଏତ ତାହା ନିଜ ଜୀବନରେ ସର୍ବତୋଭାବରେ ବଞ୍ଚିପାରେ ନାହିଁ । କିନ୍ତୁ ବ୍ୟକ୍ତି ନିଜର ଲେଖକୀୟ ଆଦର୍ଶକୁ ଜୀବନରେ ରୂପାୟିତ କରିବାକୁ ସର୍ବତୋଭାବରେ ଉଦ୍ୟମ କରୁଥିବା ଆବଶ୍ୟକ । ନହେଲେ ସାହିତ୍ୟ ଉପଯୁକ୍ତ ପ୍ରେରଣା ଦେଇପାରିବ ନାହିଁ ।

ଭୋକୀର ଭୋକ ପାଇଁ ଖାଦ୍ୟ ଯୋଗାଡ଼ ନକରି, ଦୁଃଖୀର ଦୁଃଖ ନିରାକରଣର ଉଦ୍ୟମ ନକରି– ଭୋକ, ଦୁଃଖକୁ ସାହିତ୍ୟର ଆଧାର ରୂପେ ଗ୍ରହଣ କରିବା କେତେଦୂର ଯଥାର୍ଥ ?

ସମସ୍ତେ ସବୁପ୍ରକାର କାମ କରିବା ଉଚିତ ବା କରିପାରିବେ, ଏଭଳି ଆଶା କରିବା ଅଶ୍ଳୀଳତା । ସରକାର ତାଙ୍କ କାମ କରୁଛନ୍ତି, ସାହିତ୍ୟିକ ତା କାମ ଶୃଙ୍ଖଳାର ସହ କରୁ । ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ସମାଜର ବିଭିନ୍ନ ଦାୟିତ୍ୱରେ ଥିବା ମଣିଷ ସେମାନଙ୍କର କର୍ତ୍ତବ୍ୟ ସୂଚ୍ରରୁପେ ପାଳନ କରନ୍ତୁ ଏହା ଆମେ ଆଶା କରିପାରିବା । ସାହିତ୍ୟିକ ପଡ଼ିକାର୍ଡ଼ ଧରି ଘର ଘର ବୁଲି ଚାଉଳ, ଡାଲି ବାଣ୍ଟିବ– ଯେମିତି ଏବେ ଗାଁ ଗହଳିର ଶିକ୍ଷକମାନଙ୍କୁ କରିବାକୁ ବାଧ କରାଯାଉଛି– ଏହା ତାର ଜୀବନ ଓ କର୍ମକୁ କେଉଁ ଭାବରେ ଗୁଦ୍ଧିମନ୍ତ କରିବ ? ଜଣେ ସାହିତ୍ୟିକ ବୋଲି ସେ ଯେ ବ୍ୟକ୍ତି ଭାବରେ କାହାର ଦୁଃଖ ନିରାକରଣ କରୁନଥିବ ବା ଜଣେ ହେଲେ ଲୋକର ଭୋକ ପାଇଁ ଖାଦ୍ୟ ଯୋଗାଡ଼ କରୁନଥିବ ଏକଥା ଭାବିବା ବୋକାମି । ଜଣେ ସାହିତ୍ୟିକ ତା ବ୍ୟକ୍ତିକ ସ୍ତରରେ କିଛି କିଛି ଦୁଃଖ ଓ କିଛି କିଛି ଭୋକ ଦୂରୀକରଣ ପାଇଁ ଚେଷ୍ଟା କରୁଥିବ । ସାହିତ୍ୟିକ ଭଗବାନ ନୁହେଁ ଯେ ଭୋକ ଓ ଦୁଃଖକୁ ସାମଗ୍ରିକ ଭାବରେ ଧ୍ୱଂସ କରିଦେଇପାରିବ । ତା'ଛଡ଼ା କେବଳ ଭୋକ ଓ ଦୁଃଖ ସାହିତ୍ୟର

Digitized by srujanika@gmail.com

ଆଧାର ନୁହେଁ। ମୂଳ ଆଧାର ତ ଆଦୌ ନୁହେଁ। ସାହିତ୍ୟର ମୂଳକଥା ହେଲା ରିଭିଲେସନ ! ସତ୍ୟଦର୍ଶନ । ଭୋକ ଓ ଦୁଃଖ ସଂପର୍କରେ ଦୃଷ୍ଟିକୋଣର ନବୀକରଣ, ଜୀବନର ଅନ୍ୟାନ୍ୟ ଅନେକ ବିଷୟବସ୍ତୁ ସଂପର୍କରେ ଦୃଷ୍ଟିକୋଣର ନବୀକରଣ । ସାଧାରଣ ଚେତନା ଆବିଷ୍କାର କରିନଥିବା ଦିଗ୍‌ବଳୟରେ ଏକ ଦୁଃସାହସିକ ଯାତ୍ରା ପାଇଁ ସାହିତ୍ୟିକ ମଣିଷକୁ ଉଦ୍‌ବୁଦ୍ଧ କରାଏ । ତାହା ଭୋକ, ଦୁଃଖର ଦିଗ୍‌ବଳୟ ହୋଇପାରେ, ଚିଦାନନ୍ଦର ଦିଗ୍‌ବଳୟ ହୋଇପାରେ ।

ପାଠକ ପଢୁନାହାଁନ୍ତି, ପ୍ରକାଶକ ବିନା ପଇସାରେ ବହି ଛାପୁନାହାଁନ୍ତି, ଲେଖକ ସଂଖ୍ୟା କିନ୍ତୁ ପ୍ରବଳ- ବହି ସଂଖ୍ୟା ବି ପ୍ରଚୁର ! କାରଣ କ'ଣ ?

ଯିଏ ପଢୁନାହିଁ, ତାର କ୍ଷତି ହେଉଛି । ସାହିତ୍ୟ ଓ ସଂସ୍କୃତିସଂପନ୍ନ ଜୀବନ ସମସ୍ତଙ୍କୁ ଆରାଏ ନାହିଁ । ମାସ୍‌ଲୋ ମଣିଷର ବିଭିନ୍ନ ପ୍ରକାର ଆବଶ୍ୟକତା ବା ଅନୁଭବ ବିଷୟରେ କହିଥିଲେ । ଅଧିକାଂଶ ମଣିଷ ଇତର ଆବଶ୍ୟକତାରୁ ଆନନ୍ଦ ଗୋଟାଇବାରେ ନିମଜ୍ଜିତ । ସେମାନେ ଅବଶ୍ୟ ସେଥିରୁ ମୁକ୍ତି ଖୋଜିବେ । ସାହିତ୍ୟିକ ଧୈର୍ଯ୍ୟର ସହ ଅପେକ୍ଷା କରିବ । ସିଏ ତା ଆପଣା କାମ ବିବେକାନୁମୋଦିତ ଢ଼ଙ୍ଗରେ କରିଯିବ । ମୋର ଅଧିକାଂଶ ବହି ଫ୍ରେଣ୍ଡସ୍ ପବ୍ଲିଶର୍ସ ଛାପିଛନ୍ତି । ମୋତେ କୌଣସି ପବ୍ଲିସର୍ସଙ୍କୁ ବହି ଛାପିବା ପାଇଁ ପଇସା ଦେବାକୁ ପଡ଼ିନାହିଁ । କେବଳ ମୋର ଇଂରାଜୀ ବହି ଛାପିବାକୁ ସଂପୃକ୍ତ ପ୍ରକାଶକ ୟୁଜିସିଠାରୁ ଅନୁଦାନ ପାଇଥିଲେ । ତେଣୁ ଏ ସଂପର୍କରେ ମୋର କିଛି ଅଭିଜ୍ଞତା ନାହିଁ । ଲେଖକମାନେ ସବୁଠାରୁ ଭଲ ପାଠକ । ଲେଖକ ପ୍ରବଳ ହେଲେ, ବହି ପ୍ରଚୁର ହେଲେ ଆମେ ଖୁସି ହେବା କଥା । ଜଣାଯିବ ଯେ, ଲୋକେ ବାର୍ ବା ବେଶ୍ୟାଳୟ ନଯାଇ ତାଙ୍କର ଅବସର ସମୟରେ ସରସ୍ୱତୀଙ୍କ ଆରାଧନା କରୁଛନ୍ତି ।

ଓଡ଼ିଆ ସାହିତ୍ୟରେ ବିନା ପଦପଦବୀରେ ସାହିତ୍ୟିକ ପ୍ରତିଷ୍ଠା ମିଳିପାରିବା ଅସମ୍ଭବ ବୋଲି ଆପଣ ଭାବୁଛନ୍ତି କି ?

ଏଇଟା ଠିକ୍ ପୂର୍ବ ପ୍ରଶ୍ନ ଭଳି । ପୁରସ୍କାର ସାହିତ୍ୟର ଶାସ୍ତ୍ର ମାନ୍ୟତା ବଢ଼ାଏ ଏହା ସତ । ପଦପଦବୀ ମଧ୍ୟ ସାହିତ୍ୟର ଗରିମା ବଢ଼ାଇବାରେ ସାହାଯ୍ୟ କରେ । ତେବେ ବିନା ପଦପଦବୀରେ ପ୍ରତିଷ୍ଠା ମିଳିବା ଅସମ୍ଭବ ନୁହେଁ । ଦୁଇଟି ଉଦାହରଣ ଦେବି । ଗିରି ଦଣ୍ଡସେନା ଯିଏ ସେମିତି କିଛି ପଦପଦବୀ ଧରିନଥିଲେ ମଧ୍ୟ ଜଣେ ଗାଳ୍ପିକ ହିସାବରେ ପ୍ରତିଷ୍ଠା ପାଇଛନ୍ତି । ସେମିତି ବିଜୟ ପ୍ରଧାନ । ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ

Digitized by srujanika@gmail.com

ଓ ବୃତ୍ତିରେ ପୋଲିସ କନଷ୍ଟେବଳ । କିନ୍ତୁ ସଚ୍ଚା ପାଠକମାନେ ତାଙ୍କ ପ୍ରତିଭାକୁ ସ୍ୱୀକାର କରୁଛନ୍ତି । ଘଟଣାକ୍ରମେ ଉଭୟେ ପଶ୍ଚିମ ଓଡ଼ିଶାର ଲୋକ ବା ସେଠି ଅବସ୍ଥାନ କରୁଛନ୍ତି ।

ସୃଜନଶୀଳ ସାହିତ୍ୟର ଆଲୋଚନା ପାଇଁ ଆମ ସାହିତ୍ୟର ପରିସ୍ଥିତି ଓ ପରିବେଶ ପୂରାପୂରି ନଷ୍ଟ ହୋଇଯାଇଛି ବୋଲି କେହି କେହି କୁହନ୍ତି– ଆପଣଙ୍କ ମତ କ'ଣ ?

ସେମିତି ଗୋଟେ ଆଦର୍ଶ ପରିସ୍ଥିତି ଓ ପରିବେଶଟିଏ ଥାଏ ବୋଲି ମୋର ଧାରଣା ନାହିଁ । ସାହିତ୍ୟ କର୍ମ ଏକ ସ୍ୱେଚ୍ଛାକୃତ ସେବା । ଏଠି ବାଧ୍ୟବାଧକତା ବା ଲାଞ୍ଚ ଉପଢ଼ୌକନ ନାହିଁ । ପରିସ୍ଥିତି ପରିବେଶ ନଷ୍ଟ ହୋଇଯାଇଛି ବୋଲି ଯଦି ଆପଣ ଭାବୁଛନ୍ତି, ତେବେ ସାହିତ୍ୟିକମାନେ ତାକୁ ସଜାଡ଼ି ଦିଅନ୍ତୁ । ଜୀବନର ଅଧିକାଂଶ ସତ୍ୟ ଘୋର ନୈରାଶ୍ୟ ଓ ବାଲ୍ୟ ଆଶାବାଦର ନାଟକୀୟତାର ମଝିଆମଝି ଏକ ଧୂସରତା । ତେଣୁ ଜଣେ ସତ୍ୟସନ୍ଧ ସାହିତ୍ୟିକ ଭାବରେ ମୁଁ ଏଭଳି ଚରମ ପ୍ରତିକ୍ରିୟା ପ୍ରତି ଉଦାର ହୋଇପାରୁନାହିଁ । କ୍ଷମା ଦେବେ ।

Digitized by srujanika@gmail.com

‘ଦର୍ପଣ’ ଶ୍ରୀ [illegible] ପଟ୍ଟନାୟକଙ୍କ ସପ୍ତମ ଗଳ୍ପ ସଂକଳନ। ଉଭୟ ପ୍ରବନ୍ଧ ଓ ଗଳ୍ପରଚନାରେ ଶ୍ରୀ ପଟ୍ଟନାୟକ ଆଗରୁ ଯେଉଁ ସୂକ୍ଷ୍ମ ଅବବୋଧ ଓ ଶୈଳୀଗତ ସୌଷ୍ଠବର ପରିଚୟ ଦେଇଛନ୍ତି ତାହାର ଏକ ଅଭିନବ ଉତ୍ତରଣ ଏ ସଂକଳନରେ ସନ୍ନିବେଶିତ କ୍ଷୁଦ୍ରଗଳ୍ପଗୁଡ଼ିକରେ ପରିଦୃଷ୍ଟ ହୁଏ। ଏହି ଦୃଷ୍ଟିରୁ ଏ ସଂକଳନଟି ଆକାଂକ୍ଷିତ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ହାସଲ କରିବ ବୋଲି ଆମର ଦୃଢ଼ ବିଶ୍ୱାସ।

—ପ୍ରକାଶକ

ISBN 81-7401-933-2
9788174019332

ପ୍ରେଣ୍ଡସ୍ ପବ୍ଲିଶର୍ସ

Digitized by srujanika@gmail.com